# ଅପ୍ରେଲ୍ ୨୦୨୧



Photo by Dr. Ranjit Kumar Sahu, USA

**ISSN NO – 2582-208X**

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଉତ୍କଳ ଦିବସର ଶୁଭ ଅବସରରେ ଆପଣମାନଙ୍କୁ ହାର୍ଦ୍ଦିକ ଶୁଭକାମନା। "ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପୀ ଗରିୟସି"। ଜନ୍ମଭୂମି ପାଇଁ ଯାହାର ମମତା ନାହିଁ, ସେ ଆଗକୁ ବଢିବା ନରର୍ଥକ। ଯେଉଁଠାରେ ଆମେ ଜନ୍ମ, ଯାହାର ମାଟି, ପାଣି, ପବନ ଆଉ ସମାଜରେ ଆମେ ବଢିଛୁ, ତାକୁ କେବେହେଁ ଭୁଲିବା କଥା ନୁହେଁ। ଆଜିର ସମାଜରେ ନଜ ନଜର ପେଟ ପୋଷିବା ପାଇଁ ଅନେକ ଲୋକେ ଓଡିଶା ବାହାରକୁ ଗୁଲିଯାଉଛନ୍ତି। ଏପରିକ ବିଶ୍ୱର ଏମିତି ଦେଶ ନାହିଁ, ଯେଉଁଠାରେ ଆମ ଓଡିଆମାନେ ନାହାଁନ୍ତି। କନ୍ତୁ ବାହାରେ ଥାଇ ମଧ୍ୟ ଆମେମାନେ ଓଡିଶାକୁ ଭୁଲିନାହେଁ। ବରଂ ଓଡିଶାରେ ରହି ଯେତିକ ସାମାଜିକ ହେଉଥିଲେ, ତାହାଠାରୁ ଅଧିକ ସାମାଜିକ ଗତିବିଧି ବା କାର୍ଯ୍ୟକ୍ରମରେ ଅଧିକ ସାମିଲ ହେଉଛନ୍ତି ଆଜିର ଓଡିଆମାନେ। ଏବେ ଆମେ ଓଡିଶା ବାହାରେ ବା ବିଦେଶରେ ଯେଉଁ ବି ସ୍ଥାନକୁ ଗଲେ ଦେଖିପାରିବା ସେହି ସ୍ଥାନରେ ନଶ୍ଚିତ ଏକ ଓଡିଆ ସଂଗଠନ ସକ୍ରିୟ ଥିବା ଏବଂ ଅନେକ ପ୍ରକାରର କାର୍ଯ୍ୟକ୍ରମ ମଧ୍ୟ କରୁଥିବାର। ଅନେକ ସ୍ଥାନରେ ଜଗନ୍ନାଥ ମନ୍ଦିର, ଯାହା ହେଉଛି ଓଡିଶାର ଗର୍ବ, ନଶ୍ଚିତ ଦେଖିବାକୁ ମିଳେ। ଆଉ ଦେଖି ଅନେକ ଆନନ୍ଦ ଲାଗେ ମଧ୍ୟ। ଓଡିଶା ସରକାର ମଧ୍ୟ ଓଡିଶା ବାହାରେ ଏବଂ ବିଦେଶରେ ଥିବା ଏହି ସଂସ୍ଥାମାନଙ୍କୁ ସେମାନଙ୍କ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବିଭିନ୍ନ ସାଂସ୍କୃତିକ ଗୋଷ୍ଠୀ ମାନଙ୍କୁ ମଧ୍ୟ ବିନା ମୂଲ୍ୟରେ ଯୋଗାଇ ଦେଇଥାନ୍ତି। ଏହା ନଶ୍ଚିତ ସ୍ୱାଗତଯୋଗ୍ୟ, ଏଥିରେ ସନ୍ଦେହ ନାହିଁ।

ଆଗରୁ ଓଡିଶାକୁ ଲୋକେ ଜାଣିନଥିଲେ କାରଣ କାଁ ଭାଁ କଛିଟା ବିଜ୍ଞାପନ ଦେଖିବାକୁ ମିଳୁଥିଲା । ମାତ୍ର ଆଜିକାଲି ଏହା ଅନେକ ଚ୍ୟାନେଲ ମାଧ୍ୟମରେ ଦେଖିବାକୁ ମିଳୁଛି । ଅନେକ ରାଜ୍ୟର ବିମାନ ବନ୍ଦରରେ ମଧ୍ୟ ଏହାକୁ ସଠିକ୍ ଯାଗାରେ ଦେଖିବାକୁ ମିଳୁଛି । ଏହାଦ୍ୱାରା ଅନେକ ଲୋକେ ଓଡିଶା ପ୍ରତି ନଜର ମନ ବଦଳେଇଲେଣି ଆଉ ଅନେକ ସେମାନଙ୍କ ସୂଚୀରେ ଓଡିଶାର ଅନେକ ଦର୍ଶନୀୟ ସ୍ଥାନକୁ ବୁଲିବାପାଇଁ ରଖିଲେଣି । ନିକଟରେ ଓଡିଶାରେ ହୋଇଥିବା ଇକୋ ଟୁରିଜିମ୍ ଓଡିଶା ବାହାରର ଅନେକଙ୍କୁ ବେଶ ଆକର୍ଷଣ କରିପାରିଛି । ଆଉ ଓଡିଶା ଭିତରେ ମଧ୍ୟ ଲୋକଙ୍କର ସୁଅ ଛୁଟୁଛି ଏହି ସ୍ଥଳମାନଙ୍କ ନିକଟକୁ । ଏହିପରି ଅନେକ ସ୍ଥାନ ରହିଛି ଯେଉଁଠିକି ଏପର୍ଯ୍ୟନ୍ତ ସରକାରଙ୍କର ଦୃଷ୍ଟି ପଡିନାହିଁ ଆଉ ସେହି ସ୍ଥାନରେ ଭରି ରହିଛି ପ୍ରକୃତିର ସମ୍ଭାର ।

ସେ ଯାହା ହେଉ, ଏଥିପ୍ରତି କେବଳ ସରକାରଙ୍କୁ ନୁହେଁ, ଆମ ସମସ୍ତଙ୍କୁ ଧ୍ୟାନ ଦେବାକୁ ପଡିବ ଓଡିଶାକୁ ଏକ ମୁଖ୍ୟ ଟୁରିଜିମ୍ ରାଜ୍ୟରେ ପରିଣତ କରିବାପାଇଁ । ଓଡିଶା ବାହାରେ ଯେଉଁମାନେ ରହୁଛନ୍ତି ସେମାନଙ୍କର ଅବଦାନ ଅନେକ ରହିଛି ଏଥିପ୍ରତି ଆଉ ରହିଥିବ ମଧ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ।

ଜୟ ଓଡିଶା, ଜୟ ଓଡିଆ ।

ଅରବିନ୍ଦ ମିଶ୍ର



# ଭିତର ପୃଷ୍ଠାରେ....


| | | |
|---|---|---|
| ଗାନ୍ଧିଜୀଙ୍କ ପ୍ରଥମ ଓଡିଶା ଗସ୍ତ | ଗୁରୁକଲ୍ୟାଣ ମହାପାତ୍ର | ୧୨ |
| ଉତ୍କଳ ଜନନୀ | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୧୬ |
| ସାବାସ୍ ଓଡିଶା | ଡ. ପ୍ରସନ୍ନ କୁମାର ବଳ | ୧୭ |
| ମୋ ଓଡିଶା | ସନାତନ ମହାକୁଡ | ୧୯ |
| କ ହେବ ଶୁଆ ପୋଷିଲେ | ଡକ୍ଟର ବିଜ୍ଞାନୀ ଦାସ | ୨୧ |
| ମାଧବୀ କୁଞ୍ଜେ ବସନ୍ତୋତ୍ସବ | ଡ. ଶକୁନ୍ତଳା ଗୁପ୍ତା | ୩୨ |
| ମୋ ମାଟିର ସେ ଭିନ୍ନ ଆକାଶ | ବିକାଶ କୁମାର ମଲିକ | ୩୪ |
| ଇସ୍ତାହାର ପାଇଁ ପିଠି | ଡ.ବୀଣାପାଣି ଦେବତା | ୩୬ |
| ମାନଲେ ଠାକୁର | ବିନୋଦିନୀ ଦାଶ | ୩୭ |
| ସ୍ୱୟଂ ସିଦ୍ଧା | ଅଳକା ମହାନ୍ତି | ୩୯ |
| ଆମେ ଓଡ଼ିଶା ବିନ୍ଧାଣି ସାଜିବା | ଝିଲିମିଲି ସାହୁ | ୪୨ |
| ଲାଭ କ୍ଷତିର ତର୍ଜମା | ଭାସ୍କର ଚନ୍ଦ୍ର ଖଣ୍ଡା | ୪୪ |
| ପୁଅ ଜନମ ବାଙ୍ଗାଲୋରକୁ | ଶଶଧର ମହାପାତ୍ର | ୪୬ |
| ଆମ ପରମ୍ପରାରେ ଅଗ୍ନି ଉତ୍ସବ | ଦାଶରଥି ଶତପଥୀ | ୫୧ |
| ମୋ ଓଡିଶା | ସରିତା ସିଂ | ୫୪ |
| ଜୀବନ | ସଂଯୁକ୍ତା ସାହୁ | ୫୬ |
| ଫଗୁଣ ଆସିଛି | ସନ୍ଧ୍ୟାରାଣୀ ଦାଶ | ୫୮ |
| ଭିଷ୍ମ ପ୍ରତିଜ୍ଞାର ଅନ୍ତ | ଶାନ୍ତିଲତା ମିଶ୍ର | ୬୦ |
| ଖାଣ୍ଟି ଓଡିଆ | ଡ. ଜ୍ଞାନେଶ୍ୱର ମିଶ୍ର | ୬୮ |
| ମୋ ସଂସ୍କୃତି | ନନ୍ଦିନୀ ରାଉତ | ୬୯ |

| | | |
|---|---|---|
| ମା | ରଶ୍ମୀବାଳା ଶତପଥୀ | ୭୧ |
| ବିଜୟାନନ୍ଦ ପଟ୍ଟନାୟକ | ବରଦା ପ୍ରସନ୍ନ ଦାସ | ୭୩ |
| ଆମ ଉତ୍କଳ | ସତ୍ୟବ୍ରତ ନାୟକ | ୭୮ |
| ତୃପ୍ତି | ଜିତୁରାମ ସାହୁ | ୮୦ |
| ମାଟିଲଗ୍ନା | ସରୋଜ ଲକ୍ଷ୍ମୀ ମହାନ୍ତି | ୮୨ |
| ମୋର ପ୍ରିୟ ଶିଶୁ ମନ୍ଦିର | ସଞ୍ଜୟ କୁମାର ନାଏକ | ୮୫ |
| ପରିବେଶ | ତ୍ରିପତି ପ୍ରଧାନ | ୮୭ |
| ଅସାଧାରଣ ସୁନ୍ଦରବନ | ଅଶୋକ ବିଶ୍ୱାଳ | ୮୯ |
| ଆମେ ଶକ୍ତିସ୍ୱରୂପିଣୀ | ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ | ୯୯ |
| ସମୟ | ବୈଦ୍ୟନାଥ ପଣ୍ଡା | ୧୦୦ |
| ଇଚ୍ଛା ପୂର୍ତ୍ତି | ଆରତୀ ସାହୁ (ଆଶା) | ୧୦୨ |
| କପଟୀ ମଣିଷ | ନବ କୁମାର ଦାସ | ୧୦୬ |
| ପହିଲି ଫଗୁଣ | ରୋହିତ ସେଠୀ | ୧୦୮ |
| ବନ୍ଦେ ଉତ୍କଳ ଜନନୀ | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୧୦୯ |
| ତୁମେ ଗଲା ପରେ | ରାମ ଚନ୍ଦ୍ର ପ୍ରଧାନ | ୧୧୨ |
| ପ୍ରେମର ଗଙ୍ଗା | ରାଜକିଶୋର ସାଇଁ | ୧୧୪ |
| ଅଭିନେତ୍ରୀ | ସତ୍ୟନାରାୟଣ ମିଶ୍ର | ୧୧୬ |
| ମୋ ଗାଁ | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୧୧୯ |
| ଅନ୍ତହୀନ ଅପେକ୍ଷା | ପ୍ରିୟଦର୍ଶିନୀ ମହାନ୍ତି | ୧୨୧ |
| ଭାବ ର ଠାକୁରଶ୍ରୀ ଜଗନ୍ନାଥ @ ବନ୍ଧୁମହାନ୍ତି | ସୁଷମା ପରିଜା | ୧୨୨ |
| କହିବି ଗୋଟାଏ କର | ଶିଶିର କୁମାର ପଣ୍ଡା | ୧୨୮ |
| ହେ ହରି | ସୁଶୀଲ କୁମାର ମହାପାତ୍ର | ୧୨୯ |

| | | |
|---|---|---|
| ସାଧୁ ଯେ ମଳୟ ପବନ | ଡ. ଅର୍ଜୁନ ଚରଣ ବାରିକ୍ | ୧୩୧ |
| ବିରହ | ଅଲେଖ ମେହେର | ୧୩୪ |
| ବସନ୍ତ ଆସିଛି | ନିରଞ୍ଜନ ସାହୁ | ୧୩୫ |
| ମମତା ର ଦୁଇ ବୁନ୍ଦା ଅଶ୍ରୁ | ଅମ୍ବିକା ସ୍ୱାଇଁ | ୧୩୬ |
| ଆଖି ଖୋଲିଲେ | ପ୍ରଶାନ୍ତ କୁମାର ନାଥ | ୧୩୮ |
| ଦାମନଯୋଡିର ଶୀତ ଗୀତ | ବିଜୟ କୁମାର ଜେନା | ୧୪୦ |
| ମୋ ପରିବାର | ବାସନ୍ତୀ ଲତା ଜେନା | ୧୪୪ |
| ପ୍ରଭୁକୃପା | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୪୮ |
| କଲେଜ ବନ୍ଧୁତା | ଯଶୋବନ୍ତ ନାୟକ | ୧୪୯ |
| ଉତ୍ତର ଦେବୁ ପଠାଇ | ନରେନ୍ଦ୍ର ପ୍ରସାଦ ବେହେରା | ୧୫୧ |
| ମାମୁଁଘର | ଆଶୁତୋଷ ମେହେର | ୧୫୩ |
| ବିଶ୍ୱ ମହିଳା ଦିବସ | ଦୀନବନ୍ଧୁ ପୋଇ | ୧୫୬ |
| ଶ୍ମଶାନ ବୈରାଗ୍ୟ | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୧୫୮ |
| ଇଂରେଜଙ୍କ ଦୃଷ୍ଟିରେ ସିପାହୀ ବିଦ୍ରୋହ: ଚର୍ବିଲଗା ଗୁଳିର କାହାଣୀ | ପ୍ରିୟବ୍ରତ ପାତ୍ର | ୧୬୦ |
| ଅଛ ତୁମେ ଈଶ୍ୱର | ତପନ କୁମାର ସାହୁ | ୧୬୮ |
| ଇତିହାସ ଗାଏ କୀରତି ଯାର | ଶେଷଦେବ ପଣ୍ଡା | ୧୭୦ |
| ଦୁଇଟି ଆଲେଖ୍ୟ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୭୨ |
| ନିରୀହ ପକ୍ଷୀଟେ ମୁଁ | ମିତ୍ରଭାନୁ ବିଶ୍ୱାଳ | ୧୭୫ |
| ପାରୁନ ଜମା ଛାଡି | ଅଜୟ କୁମାର ବେହେରା | ୧୭୭ |
| ରାଧା ଘଣ୍ଟି | ଦିନବନ୍ଧୁ ବେଜ | ୧୭୯ |
| କେବେ ତୁମେ ଫେରିବ | ଦିନେଶ ମେହେର | ୧୮୨ |
| ଆଗୋ ନୀଳନୟନା | ବିଜୟ କୁମାର ସାହୁ | ୧୮୪ |
| କରୋନା କାଳେ କାଳଆ | କୀର୍ତ୍ତି ଦେବୀ | ୧୮୬ |

| | | |
|---|---|---|
| ବାଟ | ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀ | ୧୮୯ |
| ତୁମେ ଗଳ୍ପପରେ | ଅନାମ ଚରଣ ସାହୁ | ୧୯୧ |
| ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷ | କୌସ୍ତୁଭ ଜାଲ | ୧୯୨ |
| କୁହୁଡ଼ି | ପ୍ରବୋଧ କୁମାର ହୋତା | ୧୯୫ |
| କଳକୁ ପଗ୍ଭର | ନୂତନ କୁମାର ବେହେରା | ୧୯୭ |
| ଅଚହ୍ନା ବନ୍ଧନ | ଜୟଲକ୍ଷ୍ମୀ ସେଠୀ | ୨୦୦ |
| ସିଏ ସବୁ କେନ୍ଦ୍ର ବିନ୍ଦୁ | ପ୍ରଣତି ମହାପାତ୍ର | ୨୦୬ |
| ରେ ସ୍ୱପ୍ନ | ନେପାଳ କୁମାର ବେହେରା | ୨୦୭ |
| ସର୍ତ୍ତ | ତପସ୍ୱିନୀ ଷଢଙ୍ଗୀ | ୨୦୮ |
| ତୁମର ହାତଲେଖା ଚଠି | ପ୍ରଦୀପ୍ତ କୁମାର ସାହୁ | ୨୧୦ |
| ଇଂରାଜୀ ଛୁଆ | ରୁଦ୍ର ନାରାୟଣ ଦାଶ | ୨୧୩ |
| ଏତ ସ୍ୱାର୍ଥପର ସଂସାର | ଶଶୀକାନ୍ତ ମେହେର | ୨୧୫ |
| ଆମ ପରିବେଶ | ସମ୍ବିତ ଦାଶ | ୨୧୬ |
| ଆଉ ଟିକେ ବଞ୍ଚିଯିବି | ସସ୍ମିତା ପଟ୍ଟନାୟକ | ୨୧୮ |
| ପରିବେଶ ସୁରକ୍ଷା | ଶ୍ୟାମସୁନ୍ଦର କୁମ୍ଭାର | ୨୧୯ |
| ଧନ | ପ୍ରହଲ୍ଲାଦ ପ୍ରଧାନ | ୨୨୩ |
| କସ୍ତୁରଙ୍ଗ | ଝରଣା ବାରିକ | ୨୨୪ |
| ମାଟି | ଭଗିରଥୀ ଯାନୀ | ୨୨୬ |
| ମାଗିବି ବା କଣ ପ୍ରଭୁ ହେ ତୁମକୁ ! | ପ୍ରତିମା ମେହେର | ୨୨୮ |
| ଏଇ ମୋ ଓଡିଶା ପ୍ରଦେଶ | ଦୀପ୍ତିମୟୀ ସାହୁ | ୨୩୦ |
| ଓଢ଼ଣୀ ବୁଢ଼ୀ | ସରୋଜ କୁମାର ଜେନା | ୨୩୨ |
| କପାଳ ଲିଖନ | ଡକ୍ଟର ମନୋରଞ୍ଜନ ବିଷୋୟୀ | ୨୩୫ |
| ଉତ୍କଳ ଦିବସ | ପ୍ରାଧାପିକା ଜ୍ୟୋତ୍ସ୍ନା ରାୟ | ୨୩୬ |
| ଥୁଣ୍ଟା ବୃକ୍ଷ | ସୁଲୋଚନା ବେହେରା | ୨୩୯ |

| | | |
|---|---|---|
| କେବେ ସେ ସମୟ | ବିଶ୍ୱ ରଞ୍ଜନ ମହାନ୍ତି | ୨୪୧ |
| ସପନ ରାଣୀ | ସରୋଜ କୁମାର ସାହୁ | ୨୪୨ |
| ମାଗୁଣି ରଖ ସ୍ମୃତି | ଧରିତ୍ରୀ ଦାସ | ୨୪୪ |
| ନାରୀ | ନଲେଶ କୁମାର ଭୋଇ | ୨୪୬ |
| ମଣିଷ ପ୍ରକୃତି | ସଙ୍ଗୀତା ମହାନ୍ତି | ୨୪୮ |
| ଛୋଟ ମୋର ନାଆଟି | ପ୍ରଫେସର ଅନତା ପଣ୍ଡା | ୨୪୯ |
| ଅଭୁଲା ସ୍ୱପ୍ନ | ଚୈତନ୍ୟ ବାଗ | ୨୫୫ |
| ପ୍ରେମର ଜୀବନ୍ୟାସ | ସିଦ୍ଧେଶ୍ୱର ତ୍ରିପାଠୀ | ୨୫୬ |
| ମାଫିଆ | ଅଜିତ ପାଢି | ୨୫୭ |
| ସ୍ୱତନ୍ତ୍ର ଓଡିଶା | ପଙ୍କଜିନୀ ଭୋଇ | ୨୬୦ |
| ଅନନ୍ତ ଚରନ୍ତନ ସାସ୍ୱତ ପ୍ରେମ | ପ୍ରଦୀପ କୁମାର ଜିଲିକାର୍ | ୨୬୩ |
| ଗୃହବନ୍ଦୀ | ଖଗେଶ୍ୱର ବାଗ | ୨୬୫ |
| ସାଧନାରତ ପ୍ରେମିକା | ସୋନାଲି ମିଶ୍ର | ୨୬୯ |
| ସ୍ନେହୀ ମା | ଶିତିକଣ୍ଠ ଗାଇଗାରିଆ | ୨୭୧ |
| ଆମ ଓଡିଶା | କେଶରୀ ପ୍ରସାଦ ମହାନ୍ତି | ୨୭୩ |
| ଲେନ ମାଡାମଙ୍କ ଫୁଲଗଛ | ଜନ୍ମଜୟ ନାୟକ | ୨୭୫ |
| ଶିବଶକ୍ତି | ଅମରନାଥ ବାରିକ | ୨୭୮ |
| କରୋନା ଭଗବତ | ଶମ୍ଭୁନାଥ ଦାସ | ୨୮୦ |
| ମହୁଲ ଫୁଲର ଚୋକେଇ | ଦୁଷ୍ମନ୍ତ ବେହେରା | ୨୮୧ |
| ଝିଅର ବେଦନା | ରୁବ୍ଲିନ୍ ସାହୁ | ୨୮୫ |
| ମୁଇଁ ତ ଗରିବ ଛାତ୍ର | ମହେଶ୍ୱର ସାହୁ | ୨୮୬ |
| ପ୍ରୀତି ଅନୁପମ | ରଞ୍ଜନ କୁମାର ପ୍ରଧାନ | ୨୯୧ |
| ଓଁ ଶ୍ରୀ କପିଳେଶ୍ୱର ମହାଦେବ | ରତନ ରଞ୍ଜନ ବେହେରା | ୨୯୨ |
| ଗାଆଁ ଗୀତ | ଜଗନ୍ନାଥ ପ୍ରଧାନ | ୨୯୫ |

| | | |
|---|---|---|
| ଜନ୍ମଭୂମିର ମୋହ | ଲକ୍ଷ୍ମୀ ଆଗ୍ରୱର୍ଯ୍ୟ | ୨୯୬ |
| ଓଁକାର | ଭକ୍ତବନ୍ଧୁ ବିଶ୍ୱାଳ | ୨୯୮ |
| ମୋର ସାଙ୍ଗ ସଜଆ ଓରଫ ସନ୍ନ୍ୟାସୀବାବା | ବାଲ୍ମୀକ ନାୟକ | ୨୯୯ |
| ବନ୍ଧନ | ଅନଙ୍ଗ ମଞ୍ଜରୀ | ୩୧୨ |
| ରମ୍ୟ ରଚନା-ରାଜନୀତି ମୈଦାନରେ କୁନୁ, ହାପୁ, ମୋନୁ | ସମରେନ୍ଦ୍ର ବଳଆରସିଂହ | ୩୧୪ |
| କବିତା | ଜଗନ୍ନାଥ ରଥ | ୩୨୩ |
| ମହାଭାରତ କଥା | ନରେନ୍ଦ୍ର ପ୍ରସାଦ ବେହେରା | ୩୨୪ |
| ବିଚିତ୍ର ଏ ଦୁନିଆ | ସେବକାନ୍ତ ନନ୍ଦ | ୩୨୮ |
| ନାଟକ–ମୁକ୍ତିର ମୃତ୍ୟୁ | ସୂର୍ଯ୍ୟକାନ୍ତ ମଲିକ | ୩୩୦ |
| ସମୁଦ୍ରେ ସବୁଜିମା | ବନାଲୀ ଦାଶ | ୩୩୨ |
| ଛବିରାଣୀର ପ୍ରତିଛବି | ଛବିରାଣୀ ପତି | ୩୩୩ |
| ପ୍ରେମର ମାନେ କଅଣ? | ଅନନ୍ତ କୁମାର | ୩୩୬ |
| ପ୍ରେମ ଫଗୁଣର ଫୁଲବନ | ଅଭିମନ୍ୟୁ ବେହେରା | ୩୩୮ |
| ଜୀବନର ଚଠି | ରାଧାରାଣୀ ରାଉଳ | ୩୪୩ |
| ଚଢେଇ | ମେନନ୍ ସାହୁ | ୩୪୪ |
| ନୀରବିତ ପ୍ରେମ | ରୋଜାଲିନ୍ ମିଶ୍ର | ୩୪୮ |
| ଆମେ ଦୁହେଁ | ପ୍ରମୋଦ ବେହେରା | ୩୪୯ |
| ଏକ ଅପୂର୍ଣ୍ଣ ପ୍ରେମ କାହାଣୀ | ତ୍ରିଲୋଚନ ସାହୁ(ମୁନା) | ୩୫୦ |
| ଭାବନା | ସତ୍ୟରଞ୍ଜନ ଘିଓ୍ୱାଲ୍ | ୩୫୫ |
| ହିପ୍ ହିପ୍ ହୁରେ | ରଞ୍ଜନ କୁମାର ବ୍ରହ୍ମା | ୩୫୬ |

# ଆଞ୍ଚଳିକ


| | | |
|---|---|---|
| ପଥର୍ | ସନୟ ଭୂଷଣ ମେହେର (ମିନ କଂସ) | ୩୫୮ |
| ମାଆଁର୍ ପନତ୍ | ବାଙ୍କାବିହାରି ମହାକୁର | ୩୬୦ |
| ଆମର ହକଁ | ଏମ୍. ବିଜୟ କୁମାର | ୩୬୩ |


# ଶିଶୁ ବିଭାଗ


| | | |
|---|---|---|
| ଖଜୁରୀ ଗଛର କ ଗୁଣ ଗାଇବି | ଡ଼ଃ ରଞ୍ଜିତ କୁମାର ସାହୁ | ୩୬୬ |
| ବିଲୁଆର ବାହାଘର | ପ୍ରକାଶ କୁମାର ଗୁନ୍ଦ | ୩୬୯ |
| କୁନୀର ବିଚନ୍ଧ ପ୍ରଶ୍ନ ଓ ସୌରଭବାବୁଙ୍କୁ ସରଳ ଉତ୍ତର | ଶକୁନ୍ତଳା ପରିଡ଼ା | ୩୭୧ |
| ଗାଁ ଜୀବନ ଓ ପ୍ରକୃତି | ନୀଳମାଧବ ସାହୁ | ୩୭୩ |
| ସାହିଲ ଆମ ସୁନା ପିଲ୍ | ଆଲୋକ କୁମାର ପଣ୍ଡା | ୩୭୭ |
| ଚନ୍ଦ୍ର | ରିୟାନ୍ସ ପଣ୍ଡା | ୩୭୯ |
| ମାର୍ଚ୍ଚ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୮୦ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୩୮୧ |

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**

ଯୋଗାଯୋଗ

Whatsapp:+ 91 9594993733

# ଗାନ୍ଧିଜୀଙ୍କ ପ୍ରଥମ ଓଡିଶା ଗସ୍ତ



ଗୁରୁକଲ୍ୟାଣ ମହାପାତ୍ର

୧୯୨୧ ମାର୍ଚ୍ଚ ୨୨ ତାରିଖ ସକାଳେ ପୁରୀ ଏକ୍ସପ୍ରେସ ଟ୍ରେନରେ ଗାନ୍ଧିଜୀ ପ୍ରଥମେ ଓଡିଶା ଗସ୍ତରେ ଆସିଥିଲେ । ଗାନ୍ଧିଜୀ ଆସୁଛନ୍ତି ବୋଲି ଜାଣି ରାତି ଅଧରେ ଭଦ୍ରକ ରେଳ ଷ୍ଟେସନରେ ଗାନ୍ଧିଜୀଙ୍କୁ ଦେଖିବା ପାଇଁ ବହୁତ ଲୋକଙ୍କର ସମାଗମ ହୋଇଥିଲା । ତେଣୁ ସେମାନଙ୍କୁ ଗାନ୍ଧିଜୀ ପ୍ରତିଶୃତି ଦେଇଥିଲେ ଭଦ୍ରକ ଆସିବା ଲାଗି ।

ଗାନ୍ଧିଜୀ କଟକ ରେଳ ଷ୍ଟେସନରେ ପହଞ୍ଚିଥିଲେ, ସେହି ୧୯୨୧ ମାର୍ଚ୍ଚ ୨୩ ତାରିଖ ସକାଳେ । ସୌଭାଗ୍ୟବଶତଃ ସେ ଦିନଟି ଥିଲା ଦୋଳ ପୂର୍ଣ୍ଣିମା । ଗାନ୍ଧିଜୀଙ୍କ ପ୍ରଥମ ଓଡିଶା ଗସ୍ତ ସଂପର୍କରେ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ ହରେକୃଷ୍ଣ ମହତାବ ଲେଖିଥିଲେ, "ସାଧାରଣତଃ ଲୋକେ ହୋଲି ଖେଳରେ ଏହି ଦିନ ମାତିଥାନ୍ତି । କିନ୍ତୁ ଏଥର ହେଲା ଆଉ ଏକ ପ୍ରକାରର ହୋଲି ଖେଳ । ଆନନ୍ଦ ଉତ୍ସବ ଚାରିଆଡେ ।"

ସେଦିନ କଟକ ରେଳ ଷ୍ଟେସନରେ ପ୍ରାୟ ଦଶ ହଜାର ପୁରୁଷ ଓ ମହିଳା ରୁଣ୍ଡ ହୋଇ ଏକ ଶୋଭାଯାତ୍ରା ରେ ଗାନ୍ଧିଜୀଙ୍କୁ ସ୍ୱରାଜ ଆଶ୍ରମ ଯାଏଁ ପାଛୋଟି ନେଇଥିଲେ । ଶୋଭାଯାତ୍ରାରେ ୭୨ଟି କୀର୍ତ୍ତନମଣ୍ଡଳୀ କୀର୍ତ୍ତନ କରୁଥାନ୍ତି । ପ୍ରାୟ ୩୦୦ ସ୍ୱେଚ୍ଛାସେବୀ ଶାନ୍ତିରକ୍ଷା ଦାୟିତ୍ୱରେ ରହିଥିଲେ । ଏକ ସୁସଜ୍ଜିତ ମୋଟରଗାଡିରେ ଶୋଭାଯାତ୍ରାର ମଝିସ୍ଥାନରେ ଗାନ୍ଧିଜୀ ରହିଥାନ୍ତି । ଗାନ୍ଧିଜୀ ଯାଉଥିବା ରାସ୍ତା ଦୁଇପଟେ ଘରଗୁଡିକ ପତ୍ର, ପୁଷ୍ପ ଓ ପତାକାରେ ସଜା ଯାଇଥିଲା । "ମହାତ୍ମା ଗାନ୍ଧିଜୀ ଙ୍କ ଜୟ" ଧ୍ୱନିରେ ଗାନ୍ଧିଜୀ ଯାଉଥିବା ବାଟଟି ମୁଖରିତ ହୋଇଯାଉଥିଲା । ସେଦିନ ସନ୍ଧ୍ୟାରେ କାଠଯୋଡି ନଦୀ ପଠା ଉପରେ ପ୍ରାୟ ପଚାଶ ହଜାର ଲୋକଙ୍କର ଏକ ବିରାଟ ସଭାରେ ଗାନ୍ଧିଜୀ ଉଦବୋଧନ ଦେଇଥିଲେ ।

ଗାନ୍ଧିଜୀଙ୍କ ପ୍ରଥମ ଓଡିଶା ଗସ୍ତର ସେ ସ୍ମୃତି ଥିଲା ବେଶ ଆନନ୍ଦଦାୟକ ବୋଲି ପୁରୁଣା କାଳଆ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ କହୁଥିଲେ ।

ଗାନ୍ଧିଜୀ ପ୍ରାୟ ଆଠ ଥର ଓଡିଶା ଗସ୍ତରେ ଆସିଥିଲେ ବୋଲି କୁହାଯାଇଥାଏ । ମାତ୍ର ଥରେ ସେ ଓଡିଶା ବାଟ ଦେଇ ଟ୍ରେନରେ ଗସ୍ତ କରୁଥିବାବେଳେ ଲୋକେ ତାଙ୍କୁ ରେଳଷ୍ଟେସନ ମାନଙ୍କରେ ଅଟକାଇ ସମ୍ବର୍ଦ୍ଧନା ଦେଇଥିଲେ । ତେଣୁ ସେହି ଗସ୍ତକୁ ମିଶାଇଲେ ଗାନ୍ଧିଜୀ ଓଡିଶାକୁ ଆଠଥର ଗସ୍ତ କରିଛନ୍ତି ବୋଲି କୁହାଯାଇପାରିବ ।

ସେ ଯାହାହେଉ, ଗାନ୍ଧିଜୀଙ୍କ ପ୍ରଥମ ଓଡିଶା ଗସ୍ତ ଦିବସଟି ଥିଲା ଦୋଳପୂର୍ଣ୍ଣିମା ଦିନ । ଦୋଳ ପୂର୍ଣ୍ଣିମାରେ ଶ୍ରୀ ଚୈତନ୍ୟ ମହାପ୍ରଭୁ ମଧ ଗାନ୍ଧିଜୀଙ୍କ ଓଡିଶା ଗସ୍ତର ୪୧୧ ବର୍ଷ ପୂର୍ବେ ଓଡିଶା ଗସ୍ତରେ ପଶ୍ଚିମ ବଙ୍ଗରେ ଆସିଥିଲେ । ତେଣୁ ଉଭୟ ଐତିହାସିକ ଓ ଆଧାତ୍ମିକ ଦୃଷ୍ଟିରୁ ଗାନ୍ଧିଜୀଙ୍କର ଏହି ପ୍ରଥମ ଗସ୍ତ ଥିଲା ଗୁରୁତ୍ୱପୂର୍ଣ୍ଣ ।

୧୯୨୦ ମସିହାରେ ପୁରୀ ଜିଲ୍ଲାରେ ଉତ୍କଟ ଦୁର୍ଭିକ୍ଷ ଅନୁଭୂତ ହୋଇଥିଲା । ସମଗ୍ର ଭାରତର ଦୃଷ୍ଟି ତେଣୁ ଓଡିଶା ଉପରେ କେନ୍ଦ୍ରୀଭୂତ ଥିଲା । ତେଣୁ ଗାନ୍ଧିଜୀ ପୁରୀ ଆସି ଏହି ଦୁର୍ଭିକ୍ଷକୁ ସ୍ୱଚକ୍ଷୁରେ ଦେଖିବାକୁ ଚାହୁଁଥିଲେ । ସେଥିପାଇଁ ସେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନିକଟକୁ ପୂର୍ବରୁ ଚିଠି ମଧ ଲେଖିଥିଲେ, ଟେଲିଗ୍ରାମ ଯୋଗେ – "୨୪ ତାରିଖରେ ଆପଣଙ୍କ ପାଖରେ ପହଞ୍ଚିବି ବୋଲି ଆଶା କରୁଛି – ଓଡିଶା ପାଇଁ ମୁଁ ପାଞ୍ଚଦିନ ସମୟ ଦେଇପାରିବି ।

ଗାନ୍ଧିଜୀଙ୍କ ପ୍ରଥମ ଓଡିଶା ଗସ୍ତ ବେଳେ ତାଙ୍କ ସହ ପତ୍ନୀ କସ୍ତୁରବା ମଧ ଆସିଥିଲେ । ୧୯୨୪ ତାରିଖ ସକାଳେ ସେ କଟକର କଦମରସୁଲଠାରେ ମୁସଲମାନ ସଂପ୍ରଦାୟର ଏକ ସଭାରେ ଯୋଗ ଦେଇଥିଲେ । ସେଦିନ ଗାନ୍ଧିଜୀ ବିନୋଦବିହାରୀ ଠାରେ ମହିଳାମାନଙ୍କ ଗୋଟିଏ ସଭାରେ ଓ ପରେ ଛାତ୍ର, ବୁଦ୍ଧିଜୀବୀମାନଙ୍କର ଦୁଇଗୋଟି ସଭାରେ ଉଦ୍ବୋଧନ ଦେଇଥିଲେ । ଏହାପରେ ସେହି ସନ୍ଧ୍ୟାରେ ସେ କାଠଯୋଡି ନଦୀର ଶଯ୍ୟାରେ ବାଲି ଉପରେ ଏକ ବିରାଟ ସାଧାରଣ ସଭାରେ ଯୋଗ ଦେଇଥିଲେ । ପଣ୍ଡିତ ଗୋପବନ୍ଧୁ ଦାସ ଗାନ୍ଧିଜୀଙ୍କ ହିନ୍ଦୀ ଭାଷଣର ଓଡିଆ ରୂପାନ୍ତର କରି ଲୋକଙ୍କୁ ଶୁଣାଇ ଥିଲେ । ସେହି ସଭାରେ

ମଧ୍ୟ "ତିଳକ ସ୍ୱରାଜ୍ୟ ପାଣ୍ଠି" ଲାଗି ୧୬୦ ଟଙ୍କା ସଂଗୃହୀତ ହୋଇଥିଲା, ଯେଉଁଠି ପ୍ରାୟ ୫୦ ହଜାର ଲୋକଙ୍କ ସମାଗମ ହୋଇଥିଲା ।

ସେଦିନ ରାତି ୧୧ଟା ୪୫ ମିନଟରେ ଗାନ୍ଧିଜୀ ପୂର୍ବ ପ୍ରତିଶୃତି ଅନୁଯାୟୀ ପୁରୀ-ହାଓଡା ପାସେଞ୍ଜର ଟ୍ରେନ୍ ରେ ଭଦ୍ରକଠାରେ ପହଞ୍ଚି ରାତ୍ରୀଯାପନ କରିଥିଲେ । ଦିନକ ପରେ ସେ ପୁଣି ଭଦ୍ରକରୁ ସତ୍ୟବାଦୀ, ପୁରୀ, ବ୍ରହ୍ମପୁର ଯାଇ ସେଠାରୁ ବେଜୱାଡା ଯାତ୍ରା କରିଥିଲେ । ଗୋପବନ୍ଧୁଙ୍କ ଅନୁରୋଧକ୍ରମେ ଗାନ୍ଧିଜୀ ସତ୍ୟବାଦୀସ୍ଥିତ ବକୁଳ ବନ ବିଦ୍ୟାଳୟ ପରିଦର୍ଶନ କରି ସେଠାରେ ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କୁ ଉଦ୍ବୋଧନ ଦେଇଥିଲେ ଏବଂ ଗୋପବନ୍ଧୁଙ୍କଠାରୁ ଜାଣି ଓ ଶୁଣି ଗାନ୍ଧିଜୀ ସେହି ବିଦ୍ୟାଳୟରେ ଶିକ୍ଷାର ମାନ ଓ ଶୃଙ୍ଖଳା ପଦ୍ଧତି ଅନୁଧ୍ୟାନ କରି ଆନନ୍ଦ ପ୍ରକାଶ କରିଥିଲେ ।

ଗାନ୍ଧିଜୀଙ୍କ ପ୍ରଥମ ଓଡିଶା ଗସ୍ତର ବିବରଣୀରୁ ଜଣାଯାଇଥାଏ ଯେ ୧୯୨୧ ମସିହା ମାର୍ଚ୍ଚ ୨୬ ତାରିଖ ସନ୍ଧ୍ୟା ୫ଟା ୨୦ ମିନଟରେ ସେ ପୁରୀ ଅଭିମୁଖେ ଯାତ୍ରା କରିଥିଲେ । ଗୋପବନ୍ଧୁଙ୍କ ସହିତ ସେ ଯେତେବେଳେ ପୁରୀ ରେଳଷ୍ଟେସନରେ ପହଞ୍ଚିଲେ, ସେତେବେଳେ ତାଙ୍କୁ ଏପରି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଗଲା ଯେ ସେ ଅଭିଭୂତ ହୋଇପଡିଲେ । ପୁରୀ ଇତିହାସରେ ମଧ୍ୟ ଏପରି ସମ୍ବର୍ଦ୍ଧନା ଉତ୍ସବ ଅଭୁତପୂର୍ବ ଥିଲା । ଷ୍ଟେସନ ପ୍ଲାଟଫର୍ମ ତ ଭରପୂର ଥିଲା, ପ୍ଲାଟଫର୍ମ ବାହାରେ ପ୍ରାୟ ୨୦,୦୦୦ ମହିଳା ଓ ପୁରୁଷ ଗାନ୍ଧିଜୀଙ୍କ ଦର୍ଶନ ପାଇଁ ଉତ୍କଣ୍ଠାର ସହିତ ଅପେକ୍ଷା କରିଥିଲେ । କେବଳ ପୁରୀ ସହରରୁ ନୁହେଁ, ଆଖପାଖ ଓ ଦୂର ଗ୍ରାମାଞ୍ଚଳର ହଜାର ହଜାର ଲୋକ ଗାଲି ଗାଲି ଗାନ୍ଧିଜୀଙ୍କ ଦର୍ଶନ ପାଇଁ ରୁଣ୍ଡ ହୋଇଥିଲେ । ଗାନ୍ଧିଜୀ ଯେଉଁ ରାସ୍ତା ଦେଇ ଆସିବେ, ସେ ରାସ୍ତା ଫୁଲରେ ସଜା ହୋଇଥାଏ । ପୁରୀ ରାଜା ଗାନ୍ଧିଜୀ ଙ୍କୁ ଭେଟିବାକୁ ରାସ୍ତା ଉପରକୁ ଆସୁଛନ୍ତି ବୋଲି ଜାଣିବା ପରେ ସେହିର ରାସ୍ତାରେ ମଧ୍ୟ ଲୋକଙ୍କର ଭିଡ ବଢିଲା । ପୁରୀ ରଜା ଆସୁଥିବାରୁ ଗାନ୍ଧିଜୀ ମଧ୍ୟ ତାଙ୍କୁ ରାସ୍ତା ମଝିରେ ୧୫ ମିନଟ ଯାଏଁ ଅପେକ୍ଷା କରି ରହିଲେ । ମାତ୍ର ଏତେ ଭିଡ ଠେଲି ପୁରୀ ରଜା ଆଗକୁ ଯାଇପାରିଲେ ନାହିଁ । ଭିଡ ଅତିକ୍ରମ କରି ସେ ଗାନ୍ଧିଜୀଙ୍କୁ ଭେଟିବା ଏକପ୍ରକାର ଅସମ୍ଭବ ଥିଲା । ତେଣୁ ଗାନ୍ଧିଜୀଙ୍କ ପାଇଁ ରଜା ଆଣିଥିବା ଫୁଲମାଳଟିକୁ ପଠାଇ ଦେଇ ପରମ ଆତ୍ମ ସନ୍ତୋଷ ଲାଭ କରିଥିଲେ ।

ପୁରୀରେ ପହଞ୍ଚି ବିଭିନ୍ନ ବର୍ଗର ଲୋକଙ୍କ ସହ ଗାନ୍ଧିଜୀ ଦୁର୍ଭିକ୍ଷ ସଂକ୍ରାନ୍ତରେ ଆଲୋଚନା କରିଥିଲେ । ତହିଁ ପରଦିନ କେତେକ ଦୁର୍ଭିକ୍ଷ କବଳିତ ଅଞ୍ଚଳକୁ ଗାନ୍ଧିଜୀ ମଧ୍ୟ ପରିଦର୍ଶନ କରିଥିଲେ । ଦୁର୍ଭିକ୍ଷ ପ୍ରପୀଡିତଙ୍କ ପାଇଁ ସରକାରୀ ସାହାଯ୍ୟ ଯଥେଷ୍ଟ ନଥିଲା ବୋଲି ଗାନ୍ଧିଜୀ ଅନୁଭବ କରିଥିଲେ । ଦୁର୍ଭିକ୍ଷ ବିପନ୍ନ ଲୋକେ ମଧ୍ୟ ହତାଶ ହୋଇପଡିଥିଲେ । ମାତ୍ର ଗାନ୍ଧିଜୀଙ୍କ ଉପସ୍ଥିତି ଓ ଆଶ୍ୱାସନା ସେମାନଙ୍କ ମନରେ ଆଶାର ସଂଚ୍ଚର କରିଥିଲା । ଏହାପରେ ଗାନ୍ଧିଜୀ ମୌନବ୍ରତ ପାଳନ କରିଥିଲେ ।

୧୯୨୧ ମାର୍ଚ୍ଚ ୨୯ ରେ ଗୋପବନ୍ଧୁଙ୍କ ସହ ସେ ବ୍ରହ୍ମପୁର ଅଭିମୁଖେ ଯାତ୍ରା କରିଥିଲେ । ସେଠାରେ ଓଡିଆମାନେ ତାଙ୍କୁ ବିପୁଳ ସଂଖ୍ୟାରେ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସାଧାରଣ ସଭାମାନ ମଧ୍ୟ ହୋଇଥିଲା । ମାତ୍ର ବ୍ରହ୍ମପୁର ସମେତ ଗଂଜାମ ଜିଲ୍ଲା ସେତେବେଳେ ଓଡିଶା ମଧ୍ୟରେ ନରହି ମାନ୍ଦ୍ରାଜ (ଏବର ତାମିଲନାଡୁ) ଅଧୀନରେ ରହିଥିଲା । ବ୍ରହ୍ମପୁର ଓ ଗଞ୍ଜାମରେ ଥିବା ଓଡିଆମାନଙ୍କ ଦୁରବସ୍ଥା ସଂପର୍କରେ ଗାନ୍ଧିଜୀ ତାଙ୍କର ପ୍ରଥମ ଓଡିଶାଗସ୍ତ ସମୟରେ ଅନୁଧ୍ୟାନ କରିଥିଲେ ।

ଭୁବନେଶ୍ୱର

# ଉତ୍କଳ ଜନନୀ



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

ଯାହାର କୋଳରେ ହୋଇଛୁ ଜନମ
ବଢ଼ିଲୁ ଯା ପାଣି ପବନେ
ସେହି ମାଟି ଆମ ଜନମ ମାଟି
ଉତ୍କଳ ଜନନୀ ତାହାର ନାଁଟି

ଏହି ଉତ୍କଳ ମାଟିର ମହତ
ରଖିବୁ ବୋଲି କରିଛୁ ପଣ
ତା ସେବାରେ ଆମେ ନ ହୋଇ ବିମୁଖ
ରଖିବୁ ତାହାର ସଦା ସମ୍ମାନ

କେତେ ବୀରପୁତ୍ର ହେଲେ ଜନମ,
ଜନନୀ ପାଇଁକି କରିଲେ କର୍ମ
ଗଢ଼ିଲେ ସମସ୍ତେ କେତେ ଅନୁଷ୍ଠାନ
ସ୍ୱତନ୍ତ୍ର ଉତ୍କଳ ପାଇଁ କଲେ ଆନ୍ଦୋଳନ

କଳା ସଂସ୍କୃତି ରେ ପୁରିତ [illegible]
"ଉତ୍କଳ" ନାମରେ ନାମିତ ସିଏ
ଏହି ଉତ୍କଳର ଆମ୍ଭେ ସନ୍ତାନ ।
ସଦା ସର୍ବଦା ରଖିବୁ ତାହାର ମାନ ।

ମଠସାହି, ତୁଳସିପୁର

# ସାବାସ୍ ଓଡିଶା



ଡ. ପ୍ରସନ୍ନ କୁମାର ବଳ

ଓଡିଶା ଗୋଟିଏ ଉପକୂଳ ରାଜ୍ୟ ଏଇ ଭାରତ ବର୍ଷରେ,
ଜଗା ଓ ବଳଆ ଆରାଧ୍ୟ ଦେବତା ସବୁଠୁ ଥାଏ ଶୀର୍ଷରେ ।୧।
ପ୍ରାକୃତିକ ଶୋଭା ଭରପୂର ପ୍ରାୟ ପ୍ରତି ପ୍ରତିଟି ଯାଗାରେ,
ପୂରବ ପଶ୍ଚିମ ଉତ୍ତର ଦକ୍ଷିଣ ଯେଉଁ ଯାଗା ମନେକରେ ।୨।
ଜଗା ପାଇଁ ପରା ପୂରୀ ତ ପ୍ରସିଦ୍ଧ ସାରା ଜଗତରେ ଆହା,
ମନ୍ଦିର ମାଳନୀ ଭୁବନେଶ୍ୱର ର ସଙ୍ଗେ ସରି କଏ ପରା ।୩।
ନନ୍ଦନ କାନନ ଆହା କ ସୁନ୍ଦର ପକ୍ଷୀ, ପଶୁ ଭରା ଯାଗା,
ଯାକୁ ଦେଖିବାକୁ ଶହ ଶହ ଲୋକ କ ଭିଡ଼ କରନ୍ତି ଆହା ।୪।
ଶିମିଳିପାଳର ଅଭୟାରଣ୍ୟ ତ ଖଇରୀ ପାଇଁ ପ୍ରସିଦ୍ଧ,
ହନୁମାନ ପ୍ରୀୟ ଗନ୍ଧମାର୍ଦ୍ଦନ ତ ଏହିଠାରେ ଅବସ୍ଥିତ ।୫।
ମହାନଦୀ, ବୈତରଣୀ ପରି ନଦୀ ଏହିଠାରେ ପ୍ରବାହିତ,
ଚଲିକା ହ୍ରଦର ମନଲୋଭା ଶୋଭା କରେ ମନ ବିମୋହୀତ ।୬।
ସାଢେ ଚାରୀ କୋଟି ଓଡିଆ ଏଠାରେ କରନ୍ତି ତ ବସବାସ,
ନିଜେ ନିଜେ ଗର୍ବ କରଇ ସମସ୍ତେ ଜଗାଙ୍କର ସିଏ ଦାସ ।୭।
ପ୍ରତ୍ୟେକ ଯାଗାର ମହତ୍ତ୍ୱ ରହିଛି, ଅନେକ ଜିନଷ ଲାଗି,
ବାରୀପଦା ମୁଢୀ, ଢେଙ୍କାନାଳ ବରା, କଟକ ଦହିବରା ଆଳୁଦମ୍ ଲାଗି ।୮।
ଭୁବନେଶ୍ୱରର ଖଇକୋରା ପୁଣି କରେ ମନ ବିମୋହୀତ,
ଭଦ୍ରଖର ପାଳ ଲଡୁର ସୁଆଦ ନେଇ ସବୁ ଆନନ୍ଦୀତ ।୯।
ସାଲେପୁର ରସଗୋଲାର ସୁଆଦ କରଇ ମନ ବିଭୋର,
ପାହାଳର ମିଠା ସାଥି ଦିଏ ତାର ନ କରି ବାଛ ବିଚାର ।୧୦।
ବାରିପଦା ମା ଅମ୍ବିକା ପୀଠରେ କେତେ ଭିଡ଼ ସତେ ହୁଏ,
ତାଙ୍କ ସେହି ଦଳା ଖିଚୁଡିର ସ୍ୱାଦ କେବେ କଏ ଭୁଲି ପାରେ ।୧୧।

କେନ୍ଦୁଝର ମା ତାରିଣୀଙ୍କ ପୀଠ କରେ ସର୍ବଦା ଆହ୍ୱାନ,
ରାସ୍ତା କଡେ ମା ଥାଇ ସବୁବେଳେ ଦିଅନ୍ତି ହିଁ ଦରଶନ ।୧୨ ।
କାକଟପୁରର ଝଙ୍କଟ ବାସିନୀ ସ୍ନେହ ମୟୀ ସିଏ ମାଆ,
ହୁଏତ ଜୀବନ ଧନ୍ୟ ସତେ ମା ତୁହି ସମସ୍ତଙ୍କ ସାହା ।୧୩ ।
ଯାଜପୁରର ସେ ବିରଜା ମନ୍ଦୀର ସମସ୍ତଙ୍କର ତ ସାହା,
ଯେତେ ଦୁଃଖ ଥିଲେ ଶରଣ ପଶିଲେ ଠାକୁର କରନ୍ତି ଆହା ।୧୪ ।
ପ୍ରକୃତିର ପରା ଏକ ଅବଦାନ ଓଡିଶା ରୂପରେ ସତେ,
ପ୍ରତ୍ୟେକ କ୍ଷେତ୍ରରେ ଦେଶରେ ଆଗୁଆ ରୋଲ ମଡେଲର ରୂପେ ।୧୫ ।
ସାଗର କୂଳରେ ଥିବାରୁ ଓଡିଶା କେତେ ଯେ ବିପତ୍ତି ଆସେ,
ମହା ବାତ୍ୟାଠାରୁ, ହୁଡ୍ ହୁଡ୍ ପୁଣି ଫନୀ ଏଠାରେ ବି ପହଞ୍ଚେ ।୧୬ ।
ପ୍ରତ୍ୟେକ ବିପତ୍ତି ଆସିବା ପୂର୍ବରୁ ରାଜ୍ୟ ତତପର ହୁଏ,
ପ୍ରକୃତୀର ସେହି ବିଭୀଷିକାକୁ ହିଁ ସହଜେ ପାରେଇ ଯାଏ ।୧୭ ।
ଲୋକେ ଥଇଥାନ କରିବା ଦିଗରେ ଓଡିଶା କେତେ ଆଗୁଆ,
ଓଡିଶାର ପୁଣି କେତେ ନାମ କରେ ବିଶ୍ୱ ଦରବାରେ ପରା ।୧୮ ।
କହନ୍ତି ସମସ୍ତେ ଓଡିଶାର କାଳେ ବହୁ ଦୂରଦୃଷ୍ଟି ଅଛି,
ଆଜି ଯାହା ସିଏ ଚନ୍ତାତ କରଇ କାଲିକରେ ପ୍ରତିବେଶୀ ।୧୯ ।
କରୋନା ତ ଏକ ବିପର୍ଯ୍ୟୟ ରୂପ ନେଇ ଆସିଅଛି ଏବେ,
ଓଡିଶା ଏହାକୁ ମୁକାବିଲା ପାଇଁ ଅଣ୍ଟା ଭିଡିଅଛି ସତେ ।୨୦ ।
ଏହା ତ ଗୋଟିଏ ମହାମାରୀ ରୂପେ ବ୍ୟାପି ଚାଲିଅଛି ବିଶ୍ୱେ,
ଭାରତର ପ୍ରତି ପ୍ରଦେଶରେ ଏହା ଉଗ୍ରରୂପ ନିଏ ସତେ ।୨୧ ।
ଓଡିଶାର କିନ୍ତୁ ଜନଶକ୍ତୀ ଏତେ ତାକୁ ହିଁ କରେ ପ୍ରହାର,
ସାଢେ ଚାରିକୋଟି ଓଡିଆଙ୍କୁ ନିଷ୍ଟେ କରିବ ହିଁ ସେ ଜୁହାର ।୨୨ ।
ଏଥିପାଇଁ ଆମେ ମାନସିକ ସ୍ତରେ ହେବାରେ ଭାଇ ପ୍ରସ୍ତୁତ,
କରୋନା ତାହାର ରାସ୍ତା ବୁଲାଇବା ପାଇଁ ସତେ ହେବ ବାଧ ।୨୩ ।
ଜଗା ତ ଯାହାର ଆରାଧ୍ୟ ଦେବତା, କିଏ ତା କରିବ କଣ?
ପାଷାଣ ଠାକୁରେ ସବୁ ଦେଖୁଛନ୍ତି ନିଷ୍ଟେ ଛାଡିବେ ତ ବାଣ ।୨୪ ।

ଉପ ମହାପ୍ରବନ୍ଧକ, ପଞ୍ଜାବ ନେସନାଲ୍ ବ୍ୟାଙ୍କ, କୋଲକତା

# ମୋ ଓଡିଶା



ସନାତନ ମହାକୁଡ

ସାଢେ ଚାରିକୋଟି ଓଡିଆ ମୂଳକ
ନାମ ଓଡିଶା ପ୍ରଦେଶ
ଜଗତର ନାଥ ଜଗନ୍ନାଥ ପ୍ରଭୁ
ଅଟନ୍ତି ତାହାର ଈଶ । (୧)

ରାଇଜବାସୀଙ୍କ ଭାଷା ଯେ ଓଡିଆ
କଳା ସଂସ୍କୃତି ରେ ଭରା
ଓଡିଶୀର ନୃତ୍ୟ ଓଡିଆ ସଙ୍ଗୀତ
ପ୍ରସିଦ୍ଧ ଜଗତ ସାରା । (୨)

କଳଙ୍ଗ ବୀରଙ୍କ ରକତରେ ଗଢା
ଏଇ ରାଇଜ ଉତ୍କଳ
ଗୁମ୍ଫା ମନ୍ଦିରରେ ସୁସଜ୍ଜିତ ଅଟେ
ଉତ୍କଳ କଳା କୌଶଳ । (୩)

ଓଡିଆ ସହିଦ ତ୍ୟାଗର ମନ୍ତ୍ର
ଲିପିବଦ୍ଧ ଇତିହାସେ
ସାଧବ ପୁଅର ବାଣିଜ୍ୟ ସଂପର୍କ
ସୁପ୍ରସିଦ୍ଧ ସାରା ବିଶ୍ୱ । (୪)

ପଞ୍ଚସଖା ମଧୁ ଗୋପବନ୍ଧୁ ଆଦି
ମହାପୁରୁଷଙ୍କ କଥା

ଶିଖାଇଛି ଯାହା କାଳ କାଟିବାକୁ
ସଦା ଉଚ୍ଚକରି ମଥା । (୫)

ପ୍ରକୃତି ଦେଇଛି ନଦୀ ପରବତ
ଖଣିଜ ଜଙ୍ଗଲ କ୍ଷେତ
ଦୁର୍ବିପାକ ସହି ଭାଙ୍ଗିଯାଇ ନାହିଁ
କେଏ ଓଡିଆ ପୁଅ ତ ! (୬)

ଦେଶ ବିଦେଶରେ ଓଡିଆଙ୍କ ଆଜି
ରହିଛି ବହୁ ଆଦର
ଶିଳ୍ପ ସାହିତ୍ୟ କଳା କାରିଗର
ସବୁଥିରେ ପାରିବାର । (୭)

ରାସ୍ତା ଘାଟ ଆଉ କୋଠାବାଡି ଲାଗି
ଗଛ ସଂଖ୍ୟା ଗଲା କମି
ଜନସଂଖ୍ୟା ବଡ ସମସ୍ୟା ହେଲାଣି
ହଜିଯାଏ ଗୃଷ ଜମି । (୮)

ନାହାଁନ୍ତି ଶିକ୍ଷକ ଯେତେ ଆବଶ୍ୟକ
ପଢୁଛନ୍ତି ପିଲେ ପାଠ
ଡାକ୍ତରଖାନାରେ ଡାକ୍ତର ନାହିଁ
ଗଢୁଅଛି ଖାଲି ଖଟ । (୯)

ଆଜି ବି ଓଡିଆ ଦାଦନ ଖଟନ୍ତି
ଯାଇ ସୁରାଟ କାଶ୍ମୀର
ଶିକ୍ଷା ସ୍ୱାସ୍ଥ୍ୟ କଥା ବୁଝିବା ପାଇଁକି
ନାହିଁ ସମୟ କାହାର । (୧୦)

ବେରୁଆଁବାରୀ, ନୟାଗଡ, ଓଡିଶା

# କ ହେବ ଶୁଆ ପୋଷିଲେ



ଡକ୍ଟର ବିଜ୍ଞାନୀ ଦାସ

ଯେତେବେଳେ ବାହାର ପୂର୍ଣ୍ଣ, ସେତେବେଳେ ଘର ଶୂନ୍ୟ । ଯେତେବେଳେ ବାହାର ଶୂନ୍ୟ, ସେତେବେଳେ ଘର ପୂର୍ଣ୍ଣ ।

ଏମିତି ଏକ ବାକ୍ୟ କହି, ସଦାନନ୍ଦ ବିଶାଖାଙ୍କୁ ଚାହିଁଲେ । ହୁଏତ କିଛି ପ୍ରଶଂସା ଶୁଣିବାକୁ ଚାହୁଁଥିଲେ ସିଏ ବିଶାଖାଙ୍କ ଠାରୁ । ବିଶାଖା କିନ୍ତୁ ଅନ୍ୟ ଚିନ୍ତାରେ ବ୍ୟସ୍ତ ଥିଲେ । ଦିନେ ନା ଦିନେ ତ ଏ କରୋନା ନଷ୍ଟହୋଇ ଯିବ । ପ୍ରେସିଡେଣ୍ଟ ବାଇଡେନ୍‌ଙ୍କ ଘୋଷଣା ଅନୁଯାୟୀ ସମସ୍ତେ ୨୦୨୧ ମେ ମାସ ସୁଦ୍ଧା ଟୀକା ପାଇଯିବେ । ତାହେଲେ ତ ମନ, ଟୁନ ନ୍ୟୁୟର୍କ ଫେରିଯିବେ ? ପୁଣି କେବେ ଘରକୁ ଆସିବେ କିଏ ଜାଣେ ? କାହିଁକି କେଜାଣି ଏକ ଦ୍ୱିବିଧ ଚିନ୍ତନ ମଧ୍ୟରେ ବିଶାଖାଙ୍କର ଆଖିରୁ ଲୁହ ଦୁଇଟୋପା ଖସି ପଡିଲା । ପିଲା ଦୁଇଟି ଏ କରୋନା ପାଇଁ ଆସି ଘରେ ଅଛନ୍ତି । ସେମାନେ ଘରେ ନ ରହିଲେ, ଘର ପୁଣି ଶୂନ୍ୟ ହୋଇଯିବ ।

ମନେ ପଡିଯାଉଥିଲା ସେ ନମାଇଁ ହରିଚନ୍ଦନଙ୍କର "କ ହେବ ଶୁଆ ପୋଷିଲେ" ଭଜନଟି । "ଘରକୁ ସୁନ୍ଦର ଦିଶେ ବାଳକ ଥିଲେ । ବାଳକ ଥିଲେ କ ହେବ, ବିଦ୍ୟା ଶିକ୍ଷା ନ କରିଲେ"। ପିଲାମାନଙ୍କ ବିନା ଘରର ସୁନ୍ଦରତା କଣ ଥାଏ? ପିଲା ଦଉଡୁଥିବେ, ଏପଟସେପଟ ହେଉଥିବେ, ଚଲୋଉଥିବେ, ହସୁଥିବେ । ତେବେ ଯାଇ ଘର ସୁନ୍ଦର ଦିଶେ। ପିଲାମାନଙ୍କ ବିନା ସେ ଘର ଫାଙ୍କା ପଡି ଯାଇଥିଲା । ହେଲେ ପିଲାମାନଙ୍କ ଆଗମନରେ ପୁଣି ହସିଉଠିଲା ।

ଏ ଘର କଣା ହୋଇଥିଲା ୨୦୦୬ ମସିହାରେ । ସେମାନଙ୍କର ପୁରୁଣା ଘରଟି ଛୋଟ ପଡିଗଲା । ପିଲା ତିନଟି, ବାପା, ମା ଦୁଇଜଣ । ସମସ୍ତଙ୍କର କେତେକେତେ ସଉକ ।

ଝିଅ ସିତାର ବଜେଇବ, ଝିଅ ଓଡିଶୀ ନାଚ ଶିଖିବ । ଝିଅ ସ୍କୁଲ୍ ଡ୍ରାମାରେ ମିଶିବ, ଝିଅ ବିଭିନ୍ନ ବିଷୟର ଏପି କୋର୍ସ ନେବ । ବାପା, ମା ଦୁହିଁଙ୍କର ବି ଆହୁରି ମେଞ୍ଚାଏ ସଉକ । ବାପା ତବଲା ଶିଖିବେ, ମା ହାର୍ମୋନିୟମ୍ ଶିଖିବ । ବାପା କୀର୍ତ୍ତନ କରିବେ, ମା ଓଡିଶା ସୋସାଇଟିରେ ବିଭିନ୍ନ ପୋଜିସନ୍ ରେ ରହି ସ୍ୱେଚ୍ଛାସେବୀ କାମ କରିବ । ଏମିତି ସମସ୍ତଙ୍କର ସଉକକୁ ନେଇ ଠିକ୍ ଭାବେ ସବୁ କାଗଜପତ୍ର, ଆସବାବ ପତ୍ର ରଖି ହେଉନଥିଲା । ସିତାର କେଉଁଠି ରହିବ ? ନାଚ ଅଭ୍ୟାସ କେଉଁଠି ହେବ ? ତବଲା କେଉଁଠି ରହିବ ? ଠାକୁର କେଉଁଠି ରହିବେ ? ପୁଣି ସାଙ୍ଗସାଥୀ, ଅତିଥି କିଏ ଘରକୁ ଆସିଲେ, ଦିଲ୍ଲୀରୁ ଦୌଲତାବାଦ କାମ ଚାଲୁଥିଲା । ମାନେ ଏଠୁ ସେଠିକି, ସେଠୁ ଏଠିକି, ୟା ଉପରେ ତାକୁ ଗଦା, ତା ଉପରେ ୟାକୁ ଗଦା, ଏମିତି ଅନେକ ବିଶୃଙ୍ଖଳା । ତା ଭିତରେ ଅନେକ ଜିନିଷ ଏପଟସେପଟ ହୋଇଯାଏ । କେତେବେଳେ କିଛି ଖୋଜିଲେ ମିଳେନି । ସମସ୍ତେ ଇଚ୍ଛା କଲେ, ଏବେ ନୂଆ ଘରଟିଏ ଦରକାର । ଯେଉଁଠି ଜାଗା ଅନେକ ଥିବ । କୋଠରି ଅନେକ ଥିବ । ସମସ୍ତଙ୍କର ନିଜନିଜର ବାଥ୍ରୁମ୍ ନିଜ କୋଠରି ସହିତ ସଂଯୁକ୍ତ ହୋଇ ରହିଥିବ, ନାଚ ପାଇଁ ପ୍ରଶସ୍ତ ଜାଗା ଥିବ । ଠାକୁରଙ୍କ ପାଇଁ ସ୍ୱତନ୍ତ୍ର କୋଠରି ଥିବ । ଏମିତି ସବୁ ଅନେକ ତାଲିକା ହେଲା । ସେତେବେଳେ ଘର ଦାମ୍ ବଢୁଥିଲା । ବିଶେଷତଃ ଭଲ ସ୍କୁଲ୍ ଥିବା ଅଞ୍ଚଳ ମାନଙ୍କରେ । ଯେତେବେଳେ ଏମିତି ୨୦-୨୫ଟି ନୂଆ, ପୁରୁଣା ଘର ଦେଖିଦେଖି ମନକୁ ନ ପାଇଲା, ଶେଷରେ ସଦାନନ୍ଦ ଜାଗା କିଣି ନିଜେ ଘର ତିଆରି କରାଇବାକୁ ନିଷ୍ପତ୍ତି ନେଲେ । ସେଥିରେ ଖର୍ଚ୍ଚ ଟିକେ ହ୍ରାସ ହେବ, ହେଲେ କାମ ଓ ଦାୟିତ୍ୱ ଅନେକ । ସେ ଦାୟିତ୍ୱ ନେବାପାଇଁ ବି ସିଏ ମନ ସ୍ଥିର କଲେ । ସବୁ ହାଉସିଙ୍ଗ୍ ପ୍ରଦର୍ଶନୀ ଓ ଶୋ ଦେଖିବାକୁ ଗଲେ । ସେଠି ଅନ୍ୟାନ୍ୟ ସମାନ ବିଚାରଧାରାର ବ୍ୟକ୍ତି ମାନଙ୍କୁ ମଧ୍ୟ ଭେଟିଲେ । ତେବେ ଜଣେ ଗୁଜୁରାଟୀ ବ୍ୟକ୍ତି ଆକାର ପଟେଲ୍ଙ୍କ ସହିତ ତାଙ୍କର ବନ୍ଧୁତା ବଢିଗଲା ।

ଆକାର ପଟେଲ୍ କ୍ଲାର୍କସ୍ଭିଲ୍ ରେ ଗୋଟିଏ ଜାଗା କିଣିଥିଲେ । ସେ ଜାଗାଟିରେ ଘରଟିଏ ତିଆରି କରିବାକୁ ଚାହୁଁଥିଲେ। ସିଏ ସଦାନନ୍ଦଙ୍କ ପୂର୍ବରୁ ଅନେକ ହୋମ୍ୱାର୍କ କରିସାରିଥିଲେ । ସେସବୁ ବହୁତ କାମରେ ଆସିଲା । ୨୦୦୬ ମସିହା ଜୁନ୍ ମାସ ବେଳକୁ ଘର ପ୍ରସ୍ତୁତ ହୋଇଗଲା । ସବା ବଡ ଝିଅ ବନି ସେତେବେଳକୁ କଲେଜ ଗଲାଣି । ହେଲେ ଘର ତିଆରି ପାଇଁ ସମୟ ଦେଇ ନ ପାରିଥିବାରୁ କେତେ ଗୁଡିଏ ଜିନିଷ ବିଶାଖାଙ୍କର ମନକୁ ପାଇନଥିଲା । ତା ପରକୁ ସାନ ଝିଅଟି ସବୁବେଳେ କାନ୍ଦିଲା । ପୁରୁଣା ଜାଗାରେ

ପଡିଶାରେ ତାର ଅନେକ ସାଙ୍ଗସାଥୀ ଥିଲେ । ସିଏ ଯାଉଥିବା ସ୍କୁଲ୍ ରେ ମଧ୍ୟ ଅନେକ ସାଙ୍ଗସାଥୀ ଥିଲେ । ସମସ୍ତଙ୍କୁ ଛାଡି ଏ ନୂଆ ସହରଟିରେ ନୂଆ ପରିବେଶରେ ପୁଣି ନୂଆ ସାଙ୍ଗସାଥୀ ଗଢିବା ସିଏ ଗ୍ରହଣ କରିପାରିଲାନି । ସବୁବେଳେ କାନ୍ଦିଲା, ଚଡିଲା ଓ ବଦମିଜାଜୀଭାବ ଦେଖେଇଲା । କିଛିଦିନ ପରେ ସ୍କୁଲ୍ ଖୋଲିବା ପରେ ଧୀରେଧୀରେ ସେସବୁ କମିଲା ଓ ବର୍ଷଟିଏ ଭିତରେ ତାର ଅନେକ ସାଙ୍ଗସାଥୀ ହୋଇଗଲେ ।

ନୂଆ ଘରଟି ଅନେକ କାମରେ ଆସିଲା । ଏ ଭିତରେ ପରିବାରର ଅନେକ ପୁତୁରା, ଝିଆରୀ ଆମେରିକା ଆସିଥିଲେ ଓ

ସେ ଘରେ ପାରିବାରିକ ମିଳନୀ ହେବାରେ ଲାଗିଲା । ବନ୍ଧୁବାନ୍ଧବଙ୍କ ଚର୍ଚ୍ଚା ପାଇଁ ଆଉ ଦିଲ୍ଲୀରୁ ଦୌଲତାବାଦ ପ୍ରକ୍ରିୟାର ପୁନରାବୃତ୍ତି ହେଲାନି । ସବୁ ଉପକରଣ ନିଜନିଜ ସ୍ଥାନରେ ରହିଲେ । ଏମିତ କିଛି ବର୍ଷ ଚାଲିଲା । ତଳେ ବେସମେଣ୍ଟର ଗୋଟିଏ ଛୋଟ ଧରଣର ମଞ୍ଚ ବି ତିଆରି କରାଗଲା । ସପ୍ତାହ ଶେଷରେ କିଛି ନା କିଛି କାର୍ଯ୍ୟକ୍ରମ ହେଉଥିଲା । ପିଲାମାନେ କେବେକେବେ ନିଜ ସାଙ୍ଗସାଥୀମାନଙ୍କ ସହିତ ମିଶି କାର୍ଯ୍ୟକ୍ରମ କରୁଥିଲେ ତ ସଦାନନ୍ଦ ଓ ବିଶାଖା ନିଜ ସାଙ୍ଗସାଥୀଙ୍କୁ ଡାକି କାର୍ଯ୍ୟକ୍ରମ କରୁଥିଲେ । ମୋଟ ଉପରେ ଘରଟି ମୁଖରିତ ହୋଇ ଉଠୁଥିଲା ।

ତାପରେ ଦୁଇ ଝିଅ କଲେଜ ଚାଲିଗଲେ । କାର୍ଯ୍ୟକ୍ରମର ମାତ୍ରା କମିଗଲା । ବାପା, ମା ଅନେକ ସଉକ ଭିତରେ ମଜ୍ଜି ରହିଗଲେ । ଘରେ କେବଳ ଖାଇବା ଓ ଶୋଇବା ସମୟ ବ୍ୟତୀତ ତାଙ୍କର ଅନେକ ସମୟ ବାହାରେ କଟୁଥିଲା । ଧୀରେଧୀରେ ଓଡିଆଙ୍କ ସଂଖ୍ୟା ସେ ଅଞ୍ଚଳରେ ବଢୁଥିଲା । ପ୍ରତି ସପ୍ତାହ ଶେଷରେ କିଛିନା କିଛି କାର୍ଯ୍ୟକ୍ରମ ରହୁଥିଲା ।

ପିଲାମାଙ୍କର କଲେଜ ଯିବା ପରଠାରୁ ଘରଟି ଅଧିକ ସମୟ ଶୂନ୍ୟ ହିଁ ରହୁଥିଲା । ସପ୍ତାହର ପାଞ୍ଚ ଦିନ, ସଦାନନ୍ଦ ଓ ବିଶାଖା ସକାଳେ କାମକୁ ଯାଉଥିଲେ ଓ ସନ୍ଧ୍ୟାରେ ଫେରୁଥିଲେ । ସପ୍ତାହ ଶେଷର ଦୁଇଦିନ, କେବେ ଦୋକାନ ବଜାର କରୁଥିଲେ ତ କେବେ କାହାର ପାର୍ଟିରେ ଯୋଗଦେବା ପାଇଁ ଚାଲିଯାଉଥିଲେ । କେବେ ତବଲା ଶିଖିବାକୁ ସଦାନନ୍ଦ

ଯାଉଥିଲେ ତ କେବେ ବ୍ୟାୟାମ ଶିଖିବାକୁ ବିଶାଖା ଯାଉଥିଲେ । ଘରଟି ସେମିତି ରହିଥିଲା, ଅନେକ ସମୟ ଏକୁଟିଆ ।

ଏ କରୋନା ଯେତେବେଳେ ମହାମାରୀ ଭାବେ ଘୋଷିତ ହେଲା, ଓ ସମସ୍ତେ ନିଜନିଜ ଘର ଭିତରେ ରହିବାକୁ ଓ ବାହାରକୁ ନ ବାହାରିବାକୁ ନିର୍ଦ୍ଦେଶ ଆସିଲା, ସେତେବେଳେ ଉଭୟ ସଦାନନ୍ଦ ଓ ବିଶାଖା ବିବ୍ରତ ହୋଇଗଲେ । "ବାହାରକୁ ଯାଇପାରିବାନି ! ତେବେ ଘର ଭିତରେ କଣ କରିବା ? ସବୁବେଳେ ଘରେ କେମିତି ବସି ରହିବା ?" - ବିଶାଖାଙ୍କର ପାଟିରୁ ବାହାରିଗଲା ।

ହେଲେ ଗୋଟିଏ ସପ୍ତାହ ରହିବା ପରେ ଭଲ ବି ଲାଗିଲା । ଏବେ ଆଉ ଟ୍ରାଫିକ୍ ରେ ପଡି ହନ୍ତସନ୍ତ ହେବାର ଝଞ୍ଝଟ ନାହିଁ । ଅପରାହ୍ନରେ ସୋଫା ଉପରେ ବସି ପତି, ପତ୍ନୀ ଗୃହା ପିଇବାର ଗୋଟିଏ ରୁଟିନ୍ ଆରମ୍ଭ କରିଦେଲେ । ହେଲେ ପନ୍ଦର ଦିନର ଯେଉଁ ଲକ୍‌ଡାଉନ୍ ହୋଇଥିଲା, ଏବେ ସେ ସମୟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବଢିଗଲା । ଆମେରିକାର ସବୁ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ଅଣାୟତ ଭାବେ ବଢିବାକୁ ଲାଗିଲେ । ନିୟୁର୍କ ରାଜ୍ୟରେ ଅବସ୍ଥା ଅସମ୍ଭାଳ ହୋଇଗଲା । ଏହି ସମୟରେ ଝିଅ ଦୁଇଜଣ ନିୟୁର୍କରୁ ଆସି ଘରେ ରହିଲେ । ପ୍ରଥମ ଚଉଦ ଦିନ ବେସମେଣ୍ଟରେ ସଙ୍ଗରୋଧରେ ରହିଲେ । ତାପରେ ନିଜନିଜ ରୁମ୍‌କୁ ଆସିଲେ । ଘରେ ଗହଳ ଲାଗିଗଲା । ପିଲାମାନଙ୍କ ପାଇଁ ସେମାନଙ୍କ ପସନ୍ଦ ମୁତାବକ ଖାଦ୍ୟ ପ୍ରସ୍ତୁତି କରିବାରେ ଆଗ୍ରହ ଲାଗିଗଲା ବିଶାଖାଙ୍କର । ୟୁଟିଉବ୍‌ରୁ ଦେଖି ନୂଆନୂଆ ଡିସ୍ ମାନଙ୍କର ପରୀକ୍ଷଣ ଆରମ୍ଭ ହେଲା ଓ ସମସ୍ତେ ପାରିବାରିକ ଜୀବନ ଉପଭୋଗ କରୁଥିଲେ ।

ଘର ଏବେ ହସୁଥିଲା । କିଛିଦିନ ଧରି ବିକ୍ଷିପ୍ତ ହୋଇ ପଡି ରହିଥିବା ଆସବାବପତ୍ର ପୁଣି ଥରେ ସେମାନଙ୍କ ମାଲିକାଣୀ ମାନଙ୍କର ହାତର ସ୍ପର୍ଶ ଲାଭ କଲେ, ସେମାନଙ୍କ ଖାଉନ୍ଦାଣୀ ମାନଙ୍କର ଧ୍ୟାନ ଆକର୍ଷଣ କଲେ । ଏବେ ଘରର ସବୁ କୋଠରି, ସବୁ କୋଣ, ଅନୁକୋଣ ମୁଖରିତ ହୋଇଉଠିଲା । ବଡ ଝିଅ ମୁନି ବେସମେଣ୍ଟଟିକୁ ସଂପୂର୍ଣ୍ଣ ରୂପେ ଅଧିକାର କଲା ତା ଟିଚିଙ୍ଗ୍ କାମ ପାଇଁ । ଟୁନି ଅଧିକାର କଲା ସନ୍‌ରୁମ୍‌କୁ ତା ଅଫିସ୍ କାମ ପାଇଁ । ସଦାନନ୍ଦ ଡାଇନିଙ୍ଗ୍ ରୁମ୍‌ର ବଡ ଟେବୁଲ୍‌ଟିକୁ ନିଜ କାର୍ଯ୍ୟକ୍ଷେତ୍ର ରୂପେ ବାଛିଲେ । ବିଶାଖା ରଖିଲା ଅଫିସ୍ ରୁମ୍‌ଟିକୁ ।

ନିଜ ଅଫିସ୍‌କୁ ଆରାମଦାୟକ କରିବା ପାଇଁ ସାନ ଝିଅ ସରଞ୍ଜାମ ସବୁ ଅନ୍‌ଲାଇନ୍ ରେ ମଗେଇବାକୁ ଲାଗିଲା । ଏବେ ସନ୍‌ରୁ ରେ ଗୋଟିଏ ଅଫିସ୍ ଡେସ୍କ ପଡିଲା । ଯେତେବେଳେ ଜୁନ୍ ମାସ ଆସିଲା, ସନ୍‌ରୁମ୍ ରେ ସୂର୍ଯ୍ୟାଲୋକର ପ୍ରକୋପ ବଢିଲା । ସେଥିପାଇଁ

ସନ୍‌ରୁମ୍‌ର ଝରକା ସବୁକୁ ବନ୍ଦ କରେଇ ଛାଇ କରେଇବାକୁ ପରଦା ବି ଅନ୍‌ଲାଇନ ରେ ଅର୍ଡର କର୍‌ଗଲା । ଏହା ବ୍ୟତୀତ ତାର କଫି ପିଇବାର ସରଞ୍ଜାମ ସମସ୍ତ ବି ଆସିଲା । ସଦାନନ୍ଦ ଓ ବିଶାଖା କଫି ପିଅନ୍ତିନି । ସେ ସାନ ଝିଅଟି ହିଁ ପିଏ । କିଛିଦିନ ପରେ ତାର ଦରକାର ପଡିଲା ବ୍ୟାୟାମ କରିବା ପାଇଁ ଯନ୍ତ୍ରଟିଏ । ସେମାନଙ୍କର ଯେଉଁ ବାୟାମ ବାଇକ୍ ଥିଲା, ସେଇଟା ତାର ପସନ୍ଦ ହେଲାନି । ଏମିତି ଦେଖୁଦେଖୁ ସନ୍‌ରୁମ୍ ରେ ଗୋଟିଏ ଅଲ୍-ଇନ୍-ଓ୍ୱାନ୍ ଅଫିସ୍ ସେଟ୍ ହୋଇଗଲା ।

ପ୍ରତିଦିନ ସକାଳେ ସମସ୍ତେ ପ୍ରାତଃଭୋଜନ ସାରି ନିଜନିଜ ଅଫିସ୍ କାମ ନିମନ୍ତେ ଉଦ୍ଦିଷ୍ଟ ସ୍ଥାନମାନଙ୍କୁ ଯାଉଥିଲେ ଓ ଅନ୍ୟକୁ "ମୁଁ ଏବେ ମୋ କାମକୁ ଯାଉଛି । ଯଦି ମୋ ରୁମ୍‌ର କବାଟ ବନ୍ଦ ଅଛି, ତେବେ କେହି ସେ କବାଟ ଖୋଲି ମତେ ଡିଷ୍ଟର୍ବ କରିବନି । ଯଦି କବାଟ ଖୋଲା ଥାଏ, ତେବେ ଦରକାର ଥିଲେ, ଅନ୍ୟମାନେ ରୁମ୍‌କୁ ଆସିପାରିବେ ।"

ଏମିତି ସମସ୍ତେ ଶୃଙ୍ଖଳା ରକ୍ଷାକରି ନିଜନିଜର ବ୍ୟବସାୟିକ କାମ କରୁଥିଲେ ଓ ଅନ୍ୟାନ୍ୟ ସଉକ ସମ୍ବନ୍ଧୀୟ କାର୍ଯ୍ୟକଳାପ ମଧ୍ୟ କରୁଥିଲେ । ଯଥା ସାନଝିଅ ଜଣେ ଅଟିଷ୍ଟିକ୍ ପିଲାକୁ ସ୍ୱେଚ୍ଛାସେବୀ ଭାବେ ପ୍ରତି ମଙ୍ଗଳବାର ଓ ଗୁରୁବାର ଦିନ ଅଧଘଣ୍ଟାଏ ଲେଖାଏଁ ନୃତ୍ୟ ଶିଖାଉଥିଲା । ଘର ପୂର୍ଣ୍ଣ ଦିଶୁଥିଲା । ହେଲେ ରାସ୍ତାକୁ ବାହାରିଗଲେ ସବୁ ଖାଁ ଖାଁ । ଯେମିତି ହଠାତ୍ ସମୟ ରଥର ଚକାଟି କେଉଁ କାଦୁଅ, ପଙ୍କରେ ଲାଖିଗଲା, ଆଉ ବାହାରିପାରୁନି ।

ପ୍ରତିଦିନ ଟୁନିର ଆବଶ୍ୟକତା ବଢୁଥିଲା ଓ ସିଏ ଅନ୍‌ଲାଇନ୍ ରେ କିଛିନା କିଛି ମଗାଉଥିଲା। ସଦାନନ୍ଦ ବେଳେବେଳେ କହିଦେଉଥିଲେ, "କେତେ ଦିନର କଥା । ଏ କରୋନା ତ ପୁଣି ଗ୍ଲଲିଯିବ । ତମେମାନେ ନିୟୁର୍କ ଫେରିଯିବ । ଏତେ ଜିନିଷ କାହିଁକି ମଗୋଉଛୁ । ଏସବୁର ପୁଣି କଣ ହେବ ?"

ହେଲେ ଆଜିକାଲିର ପିଲା କୌଣସି ସମୟରେ ବି ସେମାନଙ୍କର ରୁଚ ସହିତ ଆପୋଷ ବୁଝାମଣା କରିପାରିବେନି । ସେମାନଙ୍କର ଆରାମ ପାଇଁ ଯାହା ଆବଶ୍ୟକ, ସେସବୁ ଦରକାର । ମନେମନେ ବେଳେବେଳେ ହସନ୍ତି ବିଶାଖା । "ଆରାମ" ଶବ୍ଦ ଓ "ମୋର ଦରକାର" ଶବ୍ଦ ସହିତ କେବେ ବି ପରିଚିତ ନଥିଲେ ସିଏ ଛୋଟବେଳୁ ।

ମନେ ପଡି ଯାଉଥିଲା ବିଶାଖଙ୍କାର ନଜ ବାପଘର କଥା । ଘର ବୋଲି କଣ, ଗୁଞ୍ଜିଗାଞ୍ଜି ହୋଇ ପାଞ୍ଚଟି ସାନସାନ ବଖରା । ସେ ବଖରାରୁ ଗୋଟିଏ ବଖରା ସାନ ଖୁଡିର । ସେ ବଖରାର ଗୋଟିଏ ଭାଗ ହାଣ୍ଡିଶାଳ । ସେ ବଖରାରେ ଖିଆପିଆ ମଧ୍ୟ ହୁଏ । ତେବେ ସାନ ଖୁଡିର, ଦାଦାଙ୍କର ଓ ସେମାନଙ୍କ ପିଲାମାନଙ୍କର ସମସ୍ତ ଲୁଗାପଟା, ବାଗପତ୍ର ସେ ବଖରାରେ ଥାଏ । ଆଉ ଗୋଟିଏ ବଖରା ସାନବୋଉର । ସେ ବଖରାଟି ସଜ୍ଜିତ ହୋଇ ସବୁବେଳେ ଥାଏ ଓ ପରିଷ୍କାର, ପରିଚ୍ଛନ ଥାଏ । ସାନବୋଉର କଛି ପିଲାପିଲି ନଥିଲେ । କୁଣିଆ, ମଇତ୍ର ଘରକୁ ଆସିଲେ, ସେ ବଖରାରେ ବସନ୍ତି, ଶୁଅନ୍ତି । ତାଙ୍କୁ ଜଳଖିଆ ସେ ବଖରାରେ ଦିଆହୁଏ । ଆଉ ଗୋଟିଏ ବଖରା ବଡବୋଉର । ସେଠି ବି ଗୋଟିଏ ଖଟ ପଡିଥାଏ । ହେଲେ ସେ ବଖରାର ଅନ୍ୟ ଏକ ଭାଗ ଭଣ୍ଡାର ଘର ଭାବେ ବ୍ୟବହୃତ ହେଉଥାଏ । ବଡବୋଉର ବଖରାକୁ ଲାଗି ଗୋଟିଏ ଛୋଟ ଆଟୁଘର ଥାଏ । ସେ ବଖରାଟି ବିଶାଖାଙ୍କର ବାପାବୋଉଙ୍କ ବଖରା । ଆଉ ଗୋଟିଏ ବଖରା ଦାଣ୍ଡ ଘର । କଏ ବାହାର ଲୋକ ଆସିଲେ, ସେଇ ଘରେ ବସନ୍ତି । ଜେଜେମା ସେ ଘରେ ଶୁଏ । ସେ ଘରେ ରହୁଥିଲେ ତେଇଶି ଜଣ ଲୋକ । ବଡବାପା, ବଡବୋଉ ଓ ତାଙ୍କର ସାତଟି ସନ୍ତାନ । ଦାଦା, ଖୁଡୀ ଓ ତାଙ୍କର ପାଞ୍ଚଟି ସନ୍ତାନ । ବିଶାଖାଙ୍କର ବାପା, ବୋଉ, ସିଏ ନଜେ ଓ ତାଙ୍କ ସାନ ଭାଇ । ସାନ ବୋଉ ଓ ସାନ ବାପା । ତାପରେ ଥିଲା ଜେଜେମା । ଘରର ଅଧିକାଂଶ ଲୋକ, ଆ, ତା ଘରେ ଶୁଅନ୍ତି । ଏମିତି ସବୁ ଗାଁରେ ଚାଲେ । ବିଶାଖା ତା ଧରମ ପିଉସୀ ଶାନ୍ତି ଦେଇ ଘରେ ହିଁ ଶୁଏ । ଜେଜେମା ଶାନ୍ତି ଦେଇକୁ ଧରମ ଝିଅ କରିଥିଲା । ଶାନ୍ତି ଦେଇ ଘରେ ଅଳ୍ପ ଲୋକ । ଘର ଅତି ବଡ ନହେଲେ ବି, ତଳେ ମଶିଣା କ ସପଟିଏ ପକେଇ ଶୋଇପଡିବା କଥା ତ ।

ଏମିତି ଥିଲା ଘର ଗାଁରେ । ସବୁବେଳେ ଗହଳଚହଳ, ମଣିଷ ଖୁନ୍ଦାଖୁନ୍ଦି । ଯେତେ ରୋଷେଇ ହେଲେ ବି ଭଲକରି ତରକାରୀ କେବେ ବି ଭାଗରେ ପଡେନ । ଗୋପନୀୟତା କ ଏକାନ୍ତ ପରିବେଶ କେବେ ବି ମିଳେନ । ସେତେବେଳେ ବିଶାଖା ମନେମନେ ସ୍ୱପ୍ନ ଦେଖୁଥିଲେ ଏକ ଛୋଟ ପରିବାର, ସୁଖୀ ପରିବାର । ଭଲ ହେଲା ଯେ ବୋଉ ତାଙ୍କୁ ଓ ତାଙ୍କ ଭାଇକୁ ମାମୁଘର ପଠେଇଦେଲା ପଢିବା ପାଇଁ । କାରଣ ସେ ଘରେ ରହି ପଢାପଢି କରିବା ଜମା ବି ସମ୍ଭବ ନଥିଲା । ସେଇଥି ପାଇଁ ବୋଧହୁଏ, ବଡବାପାଙ୍କ ପିଲାମାନେ କେହି ଉଚ୍ଚଶିକ୍ଷିତ ହୋଇ ପାରିଲେନ । ମାମୁ ଘରେ ଏତେ ଗହଳ ନଥିଲା । ସେମାନଙ୍କର ଦୁଇଟି ସନ୍ତାନ, ଅଜା, ଆଇ, ମାମୁ, ମାଇଁ । ସେଇଥିପାଇଁ ବିଶାଖା ବୋଉ ପ୍ରତି କୃତଜ୍ଞତା

ଜ୍ଞାପନ କରନ୍ତି । ନହେଲେ ଗ୍ରଧା ଦେଇ ଭଳ ସିଏ ଆଜି କେଉଁ ପଲ୍ଲୀର ଅବଗୁଣ୍ଠନମତୀ ବୋହୂଟିଏ ହୋଇରହିଯାଇଥାନ୍ତେ । ଏବେ ଅବଶ୍ୟ ଗାଁରେ ସମସ୍ତେ ଅଲଗା ଅଲଗା ଘର କଲେଣି ।

ତେଣୁ ଗୋଟିଏ ବଡ ଘର, ଖୋଲା ଘରର ସ୍ୱପ୍ନ ସବୁବେଳେ ବିଶାଖାଙ୍କର ମନରେ ଥିଲା । ସେ ସ୍ୱପ୍ନ ପୂରଣ ହୋଇଥିଲା ଏ ଦେଶରେ । ଦୁଇ ବର୍ଷ ତଳେ ପିଲାମାନେ କହୁଥିଲେ, "ଏଡେ ବଡ ଘର ଭିତରେ ତମେ ଜମା ଦୁଇଜଣ ରହୁଛ । ଘର ବିକ ସହର ମଝିରେ ଗୋଟିଏ କଣ୍ଡୋମିନୟମ୍ କଣି ରହୁନ । ତାହେଲେ ରକ୍ଷଣାବେକ୍ଷଣ ପାଇଁ ଚନ୍ତା ନଥିବ । ଆମେମାନେ ତ ଏଠି ରହିବୁନ । ଆମ ନଜ ଘର କଣି ରହିବୁ । ଦି ଜଣଙ୍କ ପାଇଁ ଏଡେ ବଡ ଘର ରଖି କଣ କରିବ ?"

ବିଶାଖା ଓ ସଦାନନ୍ଦ ବି ବେଳେବେଳେ ସେମିତି ଭାବୁଥିଲେ । ହୁଏତ ଆଉ କଛି ବର୍ଷ ପରେ ଏ ଘରର ଯତ୍ନ ନେବାକୁ ସେମାନଙ୍କର ସାମର୍ଥ୍ୟ ନଥିବ । ତାପରେ ଟିକସ ବି ଅନେକ ପଡୁଛି । ଛୋଟ ଘରେ ଟିକସ କମ୍ । ତଥାପି ଏ ଘର ବଦଳେଇବା କଥା ଭାବିବା ବେଳକୁ ମୁଣ୍ଡର ଅଧିକ ଟେନ୍‌ସନ୍ ଆସିଯାଉଥିଲା । କଣ କମ୍ ଜିନଷ ଖୁନ୍ଦି ହେଇଚ ଏ ଘରେ । ଏବେବି ପୁରୁଣା ଘରର କଛି ପ୍ୟାକ୍ ତଥାପି ଖୋଲା ନହୋଇ ରହିଯାଇଛି । ପୁଣି ଏ ଘରେ ଯାହା ସବୁ ନୂଆ କଣାଯାଇଛି, ତାକୁ ପ୍ୟାକ୍ କରିବ କଏ ?

ହେଲେ ଯେବେ କରୋନା ଆସିଲା, ପିଲାମାନଙ୍କୁ ସଙ୍ଗରୋଧରେ ରହିବାକୁ ପଡିଲା, ସେତେବେଳେ ମନେହେଲା ଏ ଘରଟିର ସଦୁପଯୋଗ ହୋଇପାରିଛି । ଏ ଘରେ ପରସ୍ପର ମଧ୍ୟରେ ଦୂରତା ରକ୍ଷା କରି ରହିବାରେ କଛି ଅସୁବିଧା ନାହିଁ । ଛ ଫୁଟ୍ କଣ, କୋଡିଏ ଫୁଟ୍ ଦୂରତା ରକ୍ଷା କରି ବି ଲୋକ ଉପର, ମଝି ଓ ତଳ ମହଲାରେ ରହିପାରିବେ ।

ସାନ ଝିଅ ଥରେ ସେମିତି ପଗ୍ଚରିଦେଲା, "ତମେ କଣ ଇଚ୍ଛା କରୁଛ, ଆମେ ସବୁବେଳେ ଏମିତି ତମ ପାଖରେ ରହୁଁ ।"

ଏ ପ୍ରଶ୍ନର ସଠିକ୍ ଉତ୍ତର ବିଶାଖାଙ୍କ ପାଖରେ ନଥିଲା । ପିଲାମାନେ ବଡ ହେଲେ ନଜନଜର ସଂସାର ଗଢିବେ, ନଜନଜର ଘର କରିବେ । ସବୁବେଳେ କଣ ବାପା, ମା' ପାଖରେ ରହିବେ ? ସେଇଟା କଣ ବାପା, ମା' ହୋଇ ସେମାନେ ଗ୍ରହିଁ ପାରିବେ ? ତଥାପି ମା' ମନ ତ । ଇଚ୍ଛା ରହୁଥିଲା ପିଲାଙ୍କୁ ପାଖରେ ଦେଖିବା ପାଇଁ, ସେମାନଙ୍କ ସହିତ

ହସଖୁସିରେ ସମୟ ବିତେଇବା ପାଇଁ, ସେମାନଙ୍କ ପାଇଁ ଭଲଭଲ ଗ୍ରନ୍ଥି ଖୁଆଇବା ପାଇଁ । ମନପସନ୍ଦ ଖାଦ୍ୟ ଖାଉଥିବା ସମୟରେ ଯେଉଁ ପରିତୃପ୍ତିର ଛିଟା ପିଲ୍ମାନଙ୍କ ମୁହଁରେ ପ୍ରତିଫଳିତ ହୁଏ, ତାକୁ ଦେଖି ଯେଉଁ ଖୁସି ମିଳେ, ତାହା ସବୁ ମା' ମାନେ ନିଶ୍ଚୟ ଅନୁଭବ କରିଥିବେ ।

ବେଳେବେଳେ ଯୁକ୍ତିତର୍କ ବି ହୁଏ । ଅଭ୍ୟାସ ଅନୁଯାୟୀ, ବିଶାଖା ଓ ସଦାନନ୍ଦ ବେଳେବେଳେ ଭୁଲିଯାନ୍ତି ଯେ ପିଲ୍ମାନେ ପ୍ରାପ୍ତବୟସ୍କ ହୋଇଗଲେଣି । ଟିକେ କିଛି ଭୁଲ୍ ଦେଖିଲେ ବ୍ରେକ ଦିଅନ୍ତି । "ଏମିତିକା ଟିଭି ସିରିୟଲ୍ ଦେଖୁଛୁ କଣ ? ବେକାରିଆ କଥା । ଖାଲି ଲଙ୍ଗଳାମୁକୁଳା ହେଇ ସେ ଝିଅଗୁଡା ବୁଲୁଛନ୍ତି ।"

ଝିଅ କହେ, "ତମେ କୋଉ ଦେଶରେ ରହୁଚ, ଜାଣି ପାରୁଛ ତ ମାମା ? ଇଏ ହେଲା ଆମେରିକା । ହଁ, ଏ ଦେଶ କଥା ଛାଡ, ତମେ ଆଜିକାଲିର ବଲିଉଡ୍ ମୁଭି ଦେଖୁଚ ପରା। ସେଠି କଣ ଲଙ୍ଗଳାମୁକୁଳା ହୋଉନାହାନ୍ତି ?"

ବିଶାଖା ଚୁପ୍ ପଡିଯାଆନ୍ତି ।

ବେଳେବେଳେ ସ୍ନେହର ବିଶେଷ ମୁହୂର୍ତ୍ତ ବି ଆସେ । ଯେମିତି ମଦର୍ସ୍ ଡେ, ଫାଦର୍ସ୍ ଡେ, ସେମାନଙ୍କର ବିବାହ ବାର୍ଷିକୀ, ଟୁନର ଜନ୍ମଦିନ, ମୁନର ଜନ୍ମଦିନ । ସେତେବେଳେ ବଡ ଝିଅ ବନ ମଧ୍ୟ ତା' ସ୍ୱାମୀ ସହିତ ଆସି ଯୋଗ ଦିଏ । ଏମିତି ଦେଖୁଦେଖୁ ମାସମାସ ବିତିଗଲା ସେ ଘରେ । ଯେମିତି ପୂର୍ଣ୍ଣତା ଛାଇଯାଉଥିଲା । ବୈକୁଣ୍ଠ ସମାନ ଆହା ଅଟେ ସେହି ଘର; ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର । ସେ ସମୟରେ ସଦାନନ୍ଦ ଓ ବିଶାଖାଙ୍କର ଘରଟି ବୈକୁଣ୍ଠ ପାଲଟି ଯାଇଥିଲା ।

ନୂଆବର୍ଷ ଆସିଲା । ଯୁକ୍ତରାଷ୍ଟ୍ର ଆମେରିକାରେ ରାଜନୈତିକ ପରିବର୍ତ୍ତନ ବି ଆସିଲା । ପ୍ରେସିଡେଣ୍ଟ ବାଇଡେନ୍‌ଙ୍କର ପଣ। ଏ କରୋନାକୁ ସାବାଡ୍ କରିବାକୁ ପଡିବ । ସ୍କୁଲ୍, କଲେଜ୍ ଖୋଲିବାକୁ ପଡିବ । ଦୋକାନ, ବଜାର, ଭୋଜନାଳୟ, ଚର୍ଚ୍ଚ ସବୁକୁ ପୁଣି ସେମିତି ଜୀବନ୍ତ କରିବାକୁ ପଡିବ । ତାଙ୍କ ପଣ ସାଙ୍ଗକୁ ଟୀକା ପ୍ରସ୍ତୁତ କରୁଥିବା କଂପାନୀ ମାନଙ୍କ ପାଖରୁ ଶୁଭ ଖବର ବି ପହଞ୍ଚିଲା । ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଟୀକା କରୋନା ଭୂତାଣୁକୁ ରୋକିବାରେ ସକ୍ଷମ ଅଟେ । ଚାଲିଲା ଟୀକା କରଣର ପର୍ବ । ମନର ସ୍କୁଲରୁ ଖବର ଆସିଲା, ସେମାନେ ଏବେ ସ୍କୁଲ୍ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି । ସେଥିପାଇଁ ସବୁ

ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କୁ ଟୀକା ନେବାପାଇଁ ଆପଏଣ୍ଟମେଣ୍ଟ୍ ନେବାକୁ ପଡିବ । ତା' ସ୍କୁଲ୍ ତରଫରୁ ତାକୁ ଗୋଟିଏ ଆପଏଣ୍ଟମେଣ୍ଟ୍ ସମୟ ନିର୍ଦ୍ଧାରଣ କରିବାକୁ ଚିଠି ଆସିଲା । ସେଥିରେ ସିଏ ଜାନୁୟାରୀ କୋଡିଏ ତାରିଖକୁ ଆପଏଣ୍ଟମେଣ୍ଟ୍ ରଖିଲା । ଏବେ ତାକୁ ଘର ଛାଡିବାକୁ ପଡିବ । ଟୁନି ବି ଜିଦ୍ ଧରିଲା, ଯଦି ମୁନି ଘରେ ନରହେ, ସିଏ ବି ନିୟୁର୍କ ଫେରିଯିବ ।

"ତୁ କାହିଁକି ଫେରିଯିବୁ ? ତୋର ତ ଜୁନ୍ ୨୦୨୧ ପର୍ଯ୍ୟନ୍ତ ଘରୁ ରହି କାମ କରିବାକୁ ଅନୁମତି ଅଛି ନା !" - ସଦାନନ୍ଦ ପଚାରିଲେ ।

"ମତେ ଏକା ଭଲ ଲାଗିବନି ।" - ଟୁନି କହିଲା ।

"ତତେ ନିଜ ଘରେ ଭଲ ଲାଗିବନି । ଆଉ ତୋ ଆପାର୍ଟମେଣ୍ଟରେ ସେ ରୁମ୍ ମେଟ୍ ସହିତ ଏକାଏକା କଟେଇବାକୁ ଭଲଲାଗିବ ?"

ମୁନି ଜାନୁୟାରୀ ୧୯ ତାରିଖରେ ଫେରିଯିବା ପାଇଁ ପ୍ରସ୍ତୁତି କରୁଥିଲା । ପ୍ରାୟ ତିରିଶି ରକମର ଖେଳ ସିଏ ସଂଗ୍ରହ କରିଥିଲା । ଅନେକ ତାକୁ କ୍ରିଷ୍ଟମାସ୍ ପାଇଁ ଉପହାର ଭାବେ ମିଳିଥିଲା । ସେ ଖେଳ ସବୁ ଦୁଇ ଭଉଣୀ ଫ୍ୟାମିଲି ରୁମ୍ ରେ ଗଦା କରି ରଖିଥିଲେ । ବିଶାଖା କହିଲେ, "ଏ ଖେଳ ସରଞ୍ଜାମ ସବୁ ନେଇଯିବୁ । ଏଠି ରହି କଣ ହେବ ?"

"ଏସବୁ ନେଇ ମୁଁ କୋଉଠି ରଖିବି । ମୋ ଆପାର୍ଟମେଣ୍ଟ୍ ରେ ତ ଏତେ ଜାଗା ନାହିଁ ।"

ମୁନିର ଉତ୍ତରରେ ରାଗିଲେ ବିଶାଖା । "ତାହେଲେ ଏତେ ଖେଳ ସବୁ କିଣୁଥିଲୁ କାହିଁକି ? ଏବେ ଏଠି ସେମିତି ପଡି ରହିବ ।"

"ତମେ ତ ଏତେ ବଡ ଘର ରଖିଚ, କୋଉଠି ରଖିଦେବ । ଆମେ ଯେବେ ପୁଣି ଘରକୁ ଆସିବୁ, ବ୍ୟବହାର କରିବୁ ।"

"ଏ ଘରକୁ ତ ବିକିଦେବାକୁ କହୁଚ । ପୁଣି ହଜାର ଜିନିଷ କିଣୁଛ । ଏ ଘର ବିକିଲେ, ସେସବୁ ଜିନିଷ ରହିବ କେଉଁଠି?" - ସଦାନନ୍ଦ ପଚାରିଲେ ।

ଝିଅ ମାନଙ୍କ ପାଖରେ ଉତ୍ତର ନଥିଲା । ତେବେ ମୁନିର ଜାନୁୟାରୀ ୨୦ ତାରିଖର ଆପଏଣ୍ଟମେଣ୍ଟ୍ କ୍ୟାନ୍‌ସଲ୍ ହୋଇଗଲା । ସେମାନଙ୍କର ଟୀକା ସରିଯାଇଥିଲା । ଏବେ ତାର

ଦ୍ୱିତୀୟ ଥର ପାଇଁ ଆପଏଣ୍ଟମେଣ୍ଟ ରଖିଲା ଜାନୁୟାରୀ ୨୮ ତାରିଖ ପାଇଁ । ସିଏ ୨୭ ତାରିଖରେ ଫେରିଗଲା । କିନ୍ତୁ କଣ ଭାବିକି କେଜାଣି ଟୁନ ଘରେ ରହିଲା ।

ଫେବୃୟାରୀ ୧୪ ତାରିଖ । ରବିବାର, ଭାଲେଣ୍ଟାଇନସ୍ ଡେ । ଟୁନ ତାର ସମସ୍ତ ସାଙ୍ଗସାଥୀଙ୍କୁ ଡାକି ଭାଲେଣ୍ଟାଇନସ୍ ଡେର ଶୁଭେଚ୍ଛା ଜଣାଉଥିଲା । ରାତିବେଳକୁ ହଠାତ୍ କହିଲା, "ମୁଁ କାଲି ନୟୁର୍କ ଫେରିଯିବି ।"

"କଣ ବାପରାଣ ଢିଙ୍କି ଗିଳ ଭଳି କଥା କହୁଚୁ । ହଠାତ୍ ଏମିତି ଚନ୍ତା କାହିଁକି ତୋ ମୁଣ୍ଡକୁ ଆସିଲା ?" – ବିଶାଖା ପଚାରିଲେ ।

"ମୋ ରୁମ୍ ମେଟ୍ କାଲି ଆମ ଆପାର୍ଟମେଣ୍ଟକୁ ଫେରିଯିବାକୁ ଚାହୁଁଚ । ସିଏ ବି ମତେ ତା' ସହିତ ନେଇଯିବ । ମତେ କିଏ ଯଦି ବେଲ୍ ଏୟାର୍ ପାଖରେ ଛାଡିଦେବ, ତାହେଲେ ସିଏ ମତେ ସେଠାରୁ ପିକ୍ଅପ୍ କରି ନେଇଯିବ ।"

ଟୁନର ଜିଦ୍ ଅଟଳ । ସିଏ ଯେଉଁ କଥାଟି ମନରେ ଭାବିଥିବ, କରିକି ହିଁ ରହିବ । ଶେଷରେ ସଦାନନ୍ଦ ରାଜିହେଲେ ତାକୁ ନେଇ ବେଲ୍ ଏୟାର୍ ରେ ଛାଡିବେ ।

ବିଶାଖା ପଚାରିଲେ, "ଆଉ ତୋ ଡେସ୍କ, ତୋ ଲାପ୍‌ଟପ୍ ଷ୍ଟାଣ୍ଡ, ତୋ କଫି ମେକର୍ ଏସବୁ ନେଇକି ଯିବୁ ନା ନାହିଁ ।"

"ମୋ ଆପାର୍ଟମେଣେଟ୍‌ର ସେସବୁ ଅଛି ।" - ଟୁନ କହିଲା ।

"ତେବେ ଆମେ ଏସବୁ କଣ କରିବୁ ? କୋଉଠି ରଖିବୁ ?"

"ରଖିବାକୁ କଣ ଜାଗା ନାହିଁ ? ଏତେ ବଡ ଘର ପଡିଛି । ସେସବୁ ଯେଉଁଠି ଅଛି, ସେଇଠି ଥାଉ । ଏବେ ତ ଘରକୁ କେଉଁ ଅତିଥିଙ୍କର ଯିବାଆସିବା ହେବନ । ଯାହା ଯେଉଁଠି ଅଛି, ସେମିତି ପଡିଥାଉ ।" - ଟୁନ ଏମିତି ଜବାବ ଦେଇଦେଲା । ତାପରେ ଫେବୃୟାରୀ ୧୫ ତାରିଖ ଦିନ ସିଏ ତା' ନୟୁର୍କ ଆପାର୍ଟମେଣ୍ଟକୁ ଫେରିଗଲା ।

ଏବେ ଘର ପୁଣିଥରେ ଶୂନ୍ୟ ।

ସଦାନନ୍ଦ ଓ ବିଶାଖା ଯଦିଓ ସପ୍ତାହର ସାତଦିନ କାଳ ଘରେ ହିଁ ରହୁଛନ୍ତି ଓ ଘରଟି ସେମାନଙ୍କର ଉପସ୍ଥିତିରେ ନିଜକୁ ଧନ୍ୟ ମନେ କରୁଛି, ତେବେ "ଘରକୁ ସୁନ୍ଦର ଦିଶେ ବାଳକ (ବାଳକା) ଥିଲେ" । ପିଲ୍ମାନଙ୍କ ଅନୁପସ୍ଥିତିରେ ବେଳେବେଳେ ଜୀବନ ଶୂନ୍ୟ ଲାଗୁଛି ।

ମାର୍ଚ୍ଚ ୧୪ ତାରିଖ, ରବିବାର । ବାହାରେ ପୂର୍ବ ଖରାଦିନ ଭଳ ଖରା ପଡିଛି । ତାପମାତ୍ରା ବି ୭୦ ଡିଗ୍ରୀ ଫାରେନ୍‌ହାଇଟ୍ । ସେଦିନ ଡେ ଲାଇଟ୍ ସେଭିଙ୍ଗ୍ ସମୟ । ସଦାନନ୍ଦ ଯେଉଁ ସମୟରେ ପ୍ରତିଦିନ ଉଠନ୍ତି, ସେ ସମୟରେ ଉଠି ଯାଇଥିଲେ । ବିଶାଖା ଉଠିବା ମାତ୍ରେ ଜଣେଇଲେ, "ଜାଣିଚ, ଟୁନ ଟେକ୍‌ସ୍‌ଟ୍ ପଠେଇଛି, ତା ସ୍ପ୍ରିଙ୍ଗବ୍ରେକ୍ ଆରମ୍ଭ ହୋଇଗଲାଣି । ସିଏ ମାର୍ଚ୍ଚ ୧୭ ତାରିଖରେ ଘରକୁ ଆସିବ, ସପ୍ତାହଟିଏ ରହିବ ।"

କେଜାଣି କେଉଁଠୁ ପୁଣି ପ୍ରେରଣା ଜାଗ୍ରତ ହେଲା । ବିଶାଖା ଓ ସଦାନନ୍ଦ ଉଭୟ ଯେମିତି ହଠାତ୍ ଶକ୍ତିଶାଳୀ ହୋଇଉଠିଲେ । ସଦାନନ୍ଦ କହିଲେ, "ମୁଁ ଆଜି ଗ୍ରୋସୋରି ଦୋକାନ ଯିବି, ଟୁନ ପାଇଁ ବ୍ରକୋଲି ଧରି ଆସିବି । ତୁ ତା' ରୁମ୍ ଟିକେ ସଫା କରିଦେ । ନହେଲେ ସିଏ ଆସିଲେ ପାଟିତୁଣ୍ଡ କରିବ ।"

ରଦରେ଼୍ଫାର୍ଡ ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ମାଧବୀ କୁଞ୍ଜେ ବସନ୍ତୋତ୍ସବ



ଡ. ଶକୁନ୍ତଳା ଗୁପ୍ତା

ମଳୟ-ମରୁତେ ପଲ୍ଲବ-ଦୋହଦେ ପର୍ଣ୍ଣେ ପର୍ଣ୍ଣେ ବାସ ରସେ
ମଧୂପର ମୃଦୁ ମରମର ତାଳେ ଚଇତାଳ କର୍ଣ୍ଣେ ଭାଷେ
ମଧୁ-ଚଷକ ବସନ୍ତୀ ର ତାନ, ମାଧବୀ ବଲ୍ଲରୀ ପାଶେ
ମୁକୁଳ ଗଢ଼ାଏ ବସନ୍ତ-ବନ୍ଧୁ ଆଗୋ,
କୁଟ୍ମଳତ-ଆମ୍ର ହସେ। ।୧।

ନବପଲ୍ଲବ ଆଗତେ ପୂରିତ ଚୈତ୍ରରଥ ମନ-ଉପବନ
ନଳନୀ ନଳୟେ ତୁଙ୍ଗେ ତରଙ୍ଗିତ କଲରବ ଖଗସ୍ୱନ
ନଦୀ-କୂଳ-ବନ୍ଧୁ ଖେଳନ୍ତି, କୁମୁଦିନୀ ସଙ୍ଗେ ମଥି ସଂହନନ
ନକ୍ଷେପିଲ୍ ବୃହଦ୍ଭାନୁ-ଶର ମଦନ ଆଗୋ,
ଜାଳ ଚଉେ ହୁତାଶନ। ।୨।

ପ୍ରଣୟ ନର୍ଝର ବହଇ ପ୍ରଖର ଚଳ ଚଞ୍ଚୁ -କ୍ରୀଡ଼ ଚନ୍ଦ୍ରଚଳେ
ପୀତବସନେ ନବ ଅନୁରାଗେ କୁଞ୍ଜ ପୁଞ୍ଜେ ହଳଦୀବସନ୍ତ ଦୋଳେ
ପରାଗ- ସ୍ନିଗ୍ଧା ମଦନଉତ୍ସବେ, ପୁଷ୍ପଗନ୍ଧ ମଞ୍ଜୁଳ ରଙ୍ଗଫୁଲେ
ପରାଣ- ମୁଗ୍ଧା ପୀତବାସ ବେଶ ଆଗୋ,
ଭୃଙ୍ଗ-ନାଗର ବ୍ରଜନାଗରୀ ମେଳେ। ।୩।

ଲତା-ଝୁଲଣ ତୁଲେ ଝୁମ୍ପା ଝୁମ୍ପା କୁସୁମ-ଲୋଟଣୀ-ବେଣୀ
ଲଳତା ବାନ୍ଧବି ମଣ୍ଡଳେ ଝୁଲନ୍ତି ନାଥ-ସଂଗେ-ଜଗତ୍ ପଙ୍କଜନୟନୀ
ଲତିକା ପର୍ଯ୍ୟ ଜଡ଼ାଇ ଅଙ୍କେ, ରଞ୍ଜାଇ ମଧୁର ଆଳାପ ବାଣୀ
ଲବଣୀ ସୃକ୍କଣୀ ଆଣ୍ଟି ନଟପଟୁ ଆଗୋ,

ବରଳ-ସମାନ ଦଂଶଇ ବରବରନୀ। ।୪।

---------------------------------------

**କଛି ଶବ୍ଦାର୍ଥ ଭାଷାକୋଷ ରୁ:**

ବସନ୍ତୋତ୍ସବ — ବସନ୍ତ ମହୋତ୍ସବ, ବସନ୍ତଯାତ୍ରା, ଅନ୍ୟରୂପ ସଂ. ବି. (ମ. ପ. ଲୋ; ବସନ୍ତକାଳୀନ ଉତ୍ସବ) ପୂର୍ବେ ମାଘ ଶୁକ୍ଳପଞ୍ଚମୀର ପର ଦିନ କାମଦେବ ଓ ବସନ୍ତର ପୂଜା କରାଯାଉଥିବା ଉତ୍ସବ; ମଦନୋତ୍ସବ
ଆମ୍ର— ଆମ୍ବଫଳ
କୁଟ୍ମଳତ— ଅର୍ଦ୍ଧ ପ୍ରସ୍ଫୁଟିତ,ପ୍ରଫୁଲ୍ଲ
ପଲ୍ଳ ଦୋହଦ,ବସନ୍ତ-ବନ୍ଧୁ— ଆମ୍ବ ଗଛ
ବସନ୍ତୀ— କୋକଳ; କୋଇଲି
ଚୈତ୍ରରଥ - କୁବେରଙ୍କ ଉଦ୍ୟାନ (ଚୈତ୍ରରଥ :ବଡିବ ଚଇତ୍ରରଥୁଁ ଏମନ୍ତ ଭବନା। ଭଞ୍ଜ. ବୈଦେହୀଶିଳାସ।)
କ୍ରୀଡ଼ - ମଉଜ, ଖେଳ
ବୃହଦ୍ଭାନୁ-ଶର - ଅଗ୍ନି ଶର
ନଦୀ-କୂଳ-ବନ୍ଧୁ - ପକ୍ଷୀ ବିଶେଷ
ସଂହନନ - ଶରୀର
ଭୃଙ୍ଗ- ଭ୍ରମର (ଉ—ବିଭ୍ରାଜିତ ଭୃଙ୍ଗ ଭୃଙ୍ଗ ଭୃଙ୍ଗ କରେ କେଳ, ବନୀ ବନୀ ବନତା କ ପୁଷ୍ପହାସେ ଝଳ। ଭଞ୍ଜ. ବୈଦେହୀଶବିଳାସ।)
ପୀତ ବାସ— ଶ୍ରୀକୃଷ୍ଣ
ଜଗତ୍ - ରାଧା, ଗୋପୀ
ସୃକ୍କଣୀ— ଦୁଇ ଓଷ୍ଠର ପ୍ରାନ୍ତ ଭାଗ
ବରବରନୀ (ବରବର୍ଣ୍ଣିନୀ)— ସୁନ୍ଦରୀ
ବରଳ— ବିରୁଡ଼ି

ରାଉରକେଲା

# ମୋ ମାଟିର ସେ ଭିନ୍ନ ଆକାଶ



ବିକାଶ କୁମାର ମଲିକ

ଉଡ଼ି ଆସିଲିଣି ଅନେକ ଦିନଠାରୁ,
ମାଟି କଥା ମନେପଡେ, ଲାଗେ ଅବସୋସ,
ଭିଡ ଭିତରେ ବି ଦିଶିଯାଏ ସେ ମାଟି ଉପର ଆକାଶ,
ଭିନ୍ନ ଜଣାପଡେ ରାସ୍ତାକଡର ସେ କଅଁଳିଆ ଘାସ,
ଆଖିଆଗେ ଭାସେ, ବାଦଲସବୁ, ଗାଁ ବରଗଛ,
ଦୂର ତାଳଗଛ, ଉଡ଼ା ଛପରର ନୁଆଁଣିଆ ବାଉଁଶ,
ରକ୍ତାଭ ସୂର୍ଯ୍ୟାସ୍ତ, ଓଢଣୀ କରି ଛାଇକରେ,
ଠାକୁରାଣୀ ବେଲଗଛ, ମୋ ମାଟିର ସେ ଭିନ୍ନ ଆକାଶ!

ତା ପାଣିପବନରେ ବଢିଉଠିଲା, ଗଢିଉଠିଲା,
ମୋ ଶରୀର, ଦିନଗୁଡା ଯୋଡି ହୋଇଗଲା,
ମା ପଣତରେ ଆଁର ପାଟିରେ ମାଟିଖାଇ,
ସଂଘର୍ଷ ଶିଖିଲା, ଛାଟ ଖାଇବାଟାକୁ ଜାଣିଲା,
ଶବ୍ଦମାନଙ୍କର ପରିଚୟ ପାଇ ଶିହରୀତ ହେଲା,
ଜହ୍ନସହ କଥାହେଲା, ବର୍ଷାରେ ଭିଜିଲା,
କାଲିର ଅତୀତ ବି କେବେକେବେ,
ସ୍ୱପ୍ନହୋ ଇଭାସିଗଲା, ବର୍ତମାନ ଅସ୍ୱୀକାର କଲା,
ବିତିଥିବା କାଲି, ପାହାନ୍ତିର ଝାଳ ପରି ବହି ଯାଇଥିଲା,
କାହିଁକି କେଜାଣି ସେହିଦିନ ବଖାଣିଲେ
ମନେପଡେ ମା କୋଳ ଗାଁଦାଣ୍ଡ, ବାପାମାଡ଼,
ଜେଜେଗପ, ବୁଢିମା' ପାନଖିଆ, ଟୁଙ୍ଗି ଭାଗବତ,
ହାତଥରି ଡାକେ କାଶତଣ୍ଡୀ, ଦୂରପର୍ବତ, ସୁନୀଳ ସୁନ୍ଦର,
ଭାରି ଭିନ୍ନଅଟେ , ମୋ ମାଟିର ସେ ଭିନ୍ନ ଆକାଶ!

ହଜାରେ ଦୁଃଖରେ ବିତାକୋଳରେ, ଛୁଆପରି ଶୋଇପଡେ,
ଅତୀତ ସମସ୍ତଂକ ପରି ଛୁପାଇରଖେ,
ପ୍ରଥମ ସମ୍ପର୍କ, ପ୍ରଥମ ଅନୁଭବ, ପ୍ରଥମ ଆବେଗ, ପ୍ରଥମ ଆଶା,
ପ୍ରଥମ ଅପେକ୍ଷା, ପ୍ରଥମ ଗ୍ଗଗରୁଷା,
କେବେଠୁ ଆସିଲିଣି ଛାଡ଼ି,
ସାଥିହୋଇ ଗ୍ଲିଥିବା ହାତଧର ଗ୍ସ୍ତା,
ଏବେବି ମନ ଡହଳବିକଳ ହୁଏ,
ମନେମନେ କାନ୍ଦେ ସେ ମାଟିର ସ୍ପର୍ଶ,
ସୁନୀଳ ସୁନ୍ଦର, ଭରି ଭିନ୍ନଥିଲା,
ମୋ ମାଟିର ସେ ଭିନ୍ନ ଆକାଶ!

ମା ମାଟି ପାଖେଥିଲେ, ଲୁହ ସବୁ ବାଷ୍ପ ହୋଇଯାଏ,
ବର୍ଷ ସବୁ କ୍ଷଣହୋଇ ବିତିଯାଏ,
ନଥାଏ ଆଶଂକା କ ଅବଶୋଷ,
ସତରେ କେତେ ଭି ମୋ ମାଟିର ସେ ଭିନ୍ନଆକାଶ!
ଧୁମ ଖଗ୍ରେ ଛାଇକରେ,
ମୋ ମାଟି ଗଛର ସବୁଜିମା,
ନଦୀତଟରେ ଧୁମ ଖଗ୍ବେଳେ, ଜାମୁ କୋଳରେ,
ମୋ ସମୁଦ୍ର ତଟରେ, ମୋ ସାଇକେଲ ଚକରେ,
ସମୟ ଗଡିଗଲାଣି, ଅନେକ ଦିନରୁ ମୁ ଉଡ଼ି ଆସିଲିଣି,
ଅନେକ ଦୂରକୁ, ତଥାପି,
ସବୁଠି ଅଜଣାରେ ମନ ଖୋଜୁନଥାଏ କ
ସେହିସବୁ ଅପାସୋଗ୍ ପାଦଚହ୍ନ ହାତ ଆଉଁସାକୁ,
ସେହି ଆଜିର କାଲିକୁ, ସେହି ଚହ୍ନାମାଟି ସେହି ଭିନ୍ନ ଆକାଶକୁ!

ଉପ ନର୍ଦେଶକ,
ଅର୍ଥ ମନ୍ତ୍ରାଳୟ, ଭରତ ସରକାର, ନୂଆଦିଲ୍ଲୀ

# ଇସ୍ତାହାର ପାଇଁ ପିଠି

ହିନ୍ଦୀ କବି -ଅଭିଜ୍ଞାତ
ଅନୁବାଦ-ଡ.ବୀଣାପାଣି ଦେବତା


ଡ.ବୀଣାପାଣି ଦେବତା

ଯେଉଁମାନଙ୍କର ପେଟ ଖାଲି
ବ୍ୟବହାର ହୁଏ ତାଙ୍କ ପିଠି
ଇସ୍ତାହାର ପାଇଁ ।
ଅସଲରେ ରହିବାକୁ ହୁଏ ସାବଧାନ
ଜଣାନାହିଁ କାହାର ପିଠି
ତା ପିଠି ପଛରେ
ଅନ୍ୟର ଲାଭ ପାଇଁ
ହେଇଯିବ ବ୍ୟବହାର ।
ଏମିତି ଖେଳ ଆମେ ଖେଳୁଥିଲୁ ଛୋଟବେଳେ
ଯେଉଁଥିରେ ଚୁପଚାପ ରଖିଦିଆ ହେଉଥିଲା ଗୋବୁକ
ସେଇ ଖେଳ ବାସ୍ତବ ଜୀବନରେ ବି ଚାଲୁ ରହିଛି ।
ଯେବେ ଲୋକେ ମୁହଁରେ ପାଉଁଶ ଲଗେଇ ପାରନ୍ତିନ ତ
ତୁମର ଆଖିରେ ଧୂଳି ଦେଇ
ପିଠିରେ ଲଗେଇଦିଅନ୍ତି ଧୂଳି ।

(ପ୍ରଖ୍ୟାତ ହିନ୍ଦୀ କବି ଅଭିଜ୍ଞାତଙ୍କର ୨୦୧୯ରେ ପ୍ରକାଶିତ କବିତା ସଂକଳନ- କଛି ଦୁଃଖ କଛି ନୀରବତାରୁ)

୧, ସତ୍ୟ ଡକ୍ଟର ରୋଡ, କୋଲକାତା, ୭୦୦୦୨୩

# ମାନିଲେ ଠାକୁର

ବିନୋଦିନୀ ଦାଶ

ମାନିଲେ ଠାକୁର ନହେଲେ ପଥର
ଏତ ଆମ ଲୋକ କଥା,
ସେହି ପଥରକୁ ଭକ୍ତିରେ ପୂଜିଲେ
ଦୂର ହୁଏ ହୃଦୁ ବ୍ୟଥା,
ହେଜ୍ଞାନ କରୁଥିଲେ,
ଜୀବନରୁ ଦୁଃଖ ଦୂର ନ ହୋଇଣ
ମାଡ଼ି ବସେ ସଦାକାଳେ,
ଅପଯଶ ମିଳେ ମହୀତଳେ ।

ପିତାମାତା, ଗୁରୁ, ଗୁରୁଜନେ ଯଦି
ଭକ୍ତିଭାବେ ସେବୁଥିବ,
ଠାକୁର ପ୍ରାୟ ଆଶୀର୍ବାଦ ଢାଳବେ
ଲଭୁଥିବ ସବୁ ଶୁଭ,
ସୁଖକୁ ଅନଭବ
କରି ଜୀଇଁଥିବ ଜୀବ ଥିବାଯାଏ
ଯଶକୀର୍ତ୍ତି ମିଳୁଥିବ,
ଜନ୍ମ, କର୍ମ ସାର୍ଥକ ହୋଇବ ।

କେବଳ ବିବେକବନ୍ତ ଯେ ଠାକୁର
ପଥରରେ ସମଭାବ
ରଖି ଦେଖୁଥାଏ ତା' ଦିବ୍ୟ ଦୃଷ୍ଟିରେ
ଏକ ହିଁ ବ୍ରହ୍ମ ସ୍ୱରୂପ,
ଧନ୍ୟ ତା'ର ଜୀବନ,
ଚଲାପଥେ ଯତି ପୁଷ୍ପ ବରଷଇ
କରେ ସୁଧାମୃତ ପାନ,
ସେତ ଲଭେ କୋଟି ଯୁଗ ପୂଣ୍ୟ ।

କୁରୁଆଁ, ମୁଗପାଳ, ଯାଜପୁର

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ସ୍ୱୟଂ ସିଦ୍ଧା



ଅଳକା ମହାନ୍ତି

ଆଜି ରାଜ୍ୟ ରେ ସର୍ବ ବୃହତ ବିଜ୍ଞାନ ମେଳାରେ ମୋତେ ଅତିଥି କରି ଆମନ୍ତ୍ରଣ କରାଯାଇଛି, ଯଦିଓ ମୁଁ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷିକା। ଅନେକ ଅତିଥି ଙ୍କ ସମାବେଶରେ ମୁଖ୍ୟ ଅତିଥି ଭାବେ ସଭା ରେ ବସିଥିବା ପ୍ରୌଢା ଜଣଙ୍କୁ ଦେଖି ମୋର ଏକ ଛାତ୍ରୀ କଥା ମନେ ପଡିଗଲା । ସତେ ଯେମିତି ମୁଖ୍ୟ ଅତିଥି ଆସନରେ ମୋର ସେଇ ସୁନ୍ଦର କିଶୋରୀ ଛାତ୍ରୀଟି ବସିଛି ଆଉ ସୁନ୍ଦର ଲାଳିତ୍ୟ ଭରା କଣ୍ଠରେ ସମସ୍ତଙ୍କ ମନ ମୁଗ୍ଧ କରୁଛି । ତାକୁ ଦେଖୁ ଦେଖୁ ମୁଁ **40** ବର୍ଷ ତଳକୁ ଚାଲି ଯାଇଥିଲି ଆଉ ଦେଖୁଥିଲି ଗୋଟେ ଅଭୁଲା ଚଳଚ୍ଚିତ୍ର ।

ଅଳ୍ପ ବୟସ ରେ ସେ ତା ମାତା କୁ ହରାଇ ଥିଲେ ମଧ୍ୟ ବିଜୟୀ ରତ୍ନ ହାସିଲ କରିଥିଲା ଆମ ବିଦ୍ୟାଳୟର ପ୍ରଥମ ବିଦ୍ୟାର୍ଥୀ ଭାବରେ। କେତେ ସମୟରେ ସେ **12/13** ବୟସ ରେ ନିଜ ହାତରେ ନିଜ ଡ୍ରେସ୍ ତିଆରି କରି ପିନ୍ଧିବା ମୁଁ ଦେଖିଛି ଆଉ ମୁଁ ମୋ ପିଲା ମାନଙ୍କ ପାଇଁ ସବୁ ଯୋଗାଇ ଦେବା ବେଳେ ତାର ଉଦାହରଣ ଦେଉଥିବା କଥା ମନେ ପଡେ ।

କ୍ଲାସ ରେ ପ୍ରଥମ ହେବା, ଖାଲି ପାଠ ନୁହେଁ, ଖେଳ କୁଦ, ଡ୍ରାମା, ନାଚ ଗୀତ, ସବୁଥିରେ ଆଗରେ ଠିଆ ହୋଇ ଥିବା କିଶୋରୀ କୁ ଦେଖି ମନରୁ ଆପେ ଆପେ ଆଶୀର୍ବାଦ ଝରି ଆସୁଥିଲା ।

ମନ ରେ ସ୍ୱାଭିମାନ ରଖି ସେ ଆମଠାରୁ ସବୁ ପାଠ ଆଦାୟ କରି ନେଉଥିଲା । ରୋଜଗାରକ୍ଷମ ପିତା ତାକୁ ଅଲଗା ଟ୍ୟୁସନ୍ ଦେଇ ପାରି ନଥିଲେ। କିନ୍ତୁ ସେ କୌଣସି ବାଧା କୁ ଉପେକ୍ଷା କରି ଆଗକୁ ଏକ ଅଗ୍ରଗାମୀ ଝରଣା ପରି ବୋହି ଚାଲୁଥିଲା । ଶେଷକୁ

ମୁଁ ତାକୁ ତାର କାର୍ଯ୍ୟ କଳାପ କୁ ଲକ୍ଷ୍ୟ କରି ଅଲ୍ ରାଉଣ୍ଡର ଟ୍ରଫି ପ୍ରଦାନ କରିଥିଲି ଠିକ୍ ତାର ମାଟ୍ରିକ ପରୀକ୍ଷା ପୂର୍ବରୁ ।

ତାପରେ ସେ ଗ୍ରାମ ଛାଡି ସହରକୁ ଗଲା, କେତେ ପଢିଲା, କେବେ ବିବାହ କଲା ଜାଣିପାରି ନଥିଲି । କନ୍ତୁ ଆମ ସ୍କୁଲ ମ୍ୟାଗାଜିନ ପାଇଁ ତାର କବିତା ସେ ପଠାଇବାକୁ ଭୁଲି ନଥିଲା। ବିବାହ ପରେ ତାର ଠିକଣା କେହି ଗ୍ରାମବାସୀ ଜାଣି ନଥିଲେ । ତାର ପରିବାର ବି କେହି ନଥିଲେ କଛି ଖବର ଦେବାକୁ । ହେଲେ ସେ ମୋ ମନରେ ରାଜତ୍ୱ କରୁଥିଲା ।

ଆଜି ମୁଁ ୭୨ ବର୍ଷର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ । ହେଲେ ତାର ପିଲା ଦିନ କଥା ଏବେ ବି ସତେଜ ହୋଇ ମନେ ପଡିଯାଉଛି । ସେ ଗୋଟେ ଅବିନାଶୀ ଚହ୍ନ ହୋଇ ମୋର ହୃଦୟ ରେ ବାସ କରୁଛି ।

ମିଟିଂ ସାରିବା ଆଗରୁ ମୋତେ ମାଇକ ମିଳଲା ମୋର ମନୋଗତ ବ୍ୟକ୍ତ କରିବାକୁ । ତାପରେ ସମସ୍ତେ ସାଇନସ୍ ପ୍ରୋଜେକ୍ଟ ସବୁ ର ମୂଲ୍ୟାୟନ ପାଇଁ ବାହାରିଲେ । ସେ ଅନୁଭବୀ, ତେଜସ୍ୱୀ ମହିଳା ଜଣକ ମୋ ପାଖକୁ ଧାଇଁ ଧାଇଁ ଆସି,

--"ବଡ ଗୁରୁମା, ପ୍ରଣାମ । ମୋତେ ଚହ୍ନି ପାରୁ ନାହାନ୍ତି ବୋଧହୁଏ । କେମିତି ଚହ୍ନିବେ । ଆପଣ ଶହ ଶହ ପିଲା ପଢ଼ାଉଛନ୍ତି । ମୋ ପାଇଁ ଆପଣ ଏକା । ସେଥିପାଇଁ ମୁଁ କେମିତି ଭୁଲିବି ମୋର ବଡ ଗୁରୁମା ଙ୍କୁ । ଏଇ DAV ସ୍କୁଲ ରେ ମୁଁ Principal ଅଛି । ଯେତେବେଳ ମୋ କ୍ୟାବିନ୍ ରେ ବସେ ଆପଣଙ୍କ କଥା ବହୁତ୍ ମନେ ପଡିଯାଏ। ଆପଣଙ୍କ ଆଶୀର୍ବାଦ ରୁ ଆଜି ମୁଁ Ph.D କରି.. Principal ଅଛି ।

ସେ ତା ନା କହିବା ଆଗରୁ ମୁଁ ତାକୁ ଆଲିଙ୍ଗନ କରି କହିଲି, -- ତୁ ସ୍ୱୟଂସିଦ୍ଧା ନା??

ସେ କାନ୍ଦି ପକାଇଲେ ଆଉ କହିଲା, -- ଆପଣ ମୋତେ ମନେ ରଖିଛନ୍ତି..???

--ମୁଁ କହିଲି, ମନେ ରଖା ଯାଏ ନାହିଁ.. ମନେ ରହି ଯାଆନ୍ତି.. ତୁ ସେ ଆତ୍ମନିର୍ଭର ଶୀଳା.. ସ୍ୱୟଂସିଦ୍ଧା..

ପ୍ରମାଣ କରିଦେଲୁ.. ବାଧା କୁ ବାଧା ନାହିଁ, ତାକୁ ପ୍ରେରଣା ବୋଲି ଭାବିଲେ ଆଗକୁ ବଢିବ.. ତୁ ତୋ ନାମକୁ ସିଦ୍ଧ କରିଛୁ...ସ୍ୱୟଂ ସିଦ୍ଧା..ଈଶ୍ୱର ତୋତେ ସେମିତି ଆଶୀର୍ବାଦ କରୁଥାନ୍ତୁ ।

ଭାବିଲି, ମନରେ ନିଷ୍ଠା ଥିଲେ, ଉମଙ୍ଗ ଥିଲେ, ଉତ୍ସାହ ଥିଲେ କେହି ଈଶ୍ୱର କେବେ ହାତ ଛାଡିବେନି.. ତୋ ପାଇଁ ଆମେ ଗର୍ବିତ ଝିଅ ।

ନଭୀ ମୁମ୍ବାଇ, ମହାରାଷ୍ଟ୍ର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଆମେ ଓଡ଼ିଶା ବିନ୍ଧାଣି ସାଜିବା



ଝିଲିମିଲି ସାହୁ

ଅପ୍ରେଲ ପହିଲ୍ ଗୌରବ ଦିବସ
ଉତ୍କଳୀୟଙ୍କ ବିଶ୍ୱାସର ଉତ୍ସ
ଇତିହାସ ଆମ ସଂସ୍କୃତି ସଂପନ୍ନ
ଥିଲେ କର୍ମବୀର ପୂର୍ବ-ସୂରୀଗଣ ।।

ଓଡ଼ିଆ ଶିଳ୍ପୀର କଳାକାରିଗରୀ
ଅବା ସାଧବ ପୁଅର ନୌ- ବାଣିଜ୍ୟ
ଶ୍ରୀ ଜଗନ୍ନାଥଙ୍କ ସର୍ବଧର୍ମ ଭାବ
ବିସ୍ଫୁରିତ କଲା ଖ୍ୟାତି ସର୍ବତ୍ର ।।

ଆମ ସବୁଜ-ବନାନୀ, ନଦୀ, ସାଗର
ଖଣି, ବେଳାଭୂମି,ବନ, ମନ୍ଦିର
ସମଗ୍ର ବିଶ୍ୱକୁ କରେ ଚମତ୍କୃତ
ତାରକସି, ହସ୍ତତନ୍ତ, ଓଡ଼ିଶୀ ନୃତ୍ୟ ।।

ଗୋପବନ୍ଧୁ, ବିଦ୍ୟାଧର, ମଧୁସୁଦନ
ମହାରାଜା କୃଷ୍ଣଚନ୍ଦ୍ର, ଶ୍ରୀ ରାମଭଞ୍ଜ
କବି ଗଙ୍ଗାଧର, ଶ୍ରୀ ରାଧାନାଥ
ନଆର ବ୍ୟକ୍ତିତ୍ୱ, ଅନନ୍ୟ ତ୍ୟାଗ ।।

ନୀଳକଣ୍ଠ ଦାସ, ହରିହର ଆଚାର୍ଯ୍ୟେ
ଫକୀରମୋହନ, ଶ୍ରୀ ମଧୁସୂଦନଙ୍କେ
ଶ୍ରୀ ଗୌରିଶଙ୍କର, ନାରାୟଣ ଦେବ
ଥିଲେ ଦ୍ରଷ୍ଟା, ଜାତୀୟତାର ଅକ୍ଷୟ ସ୍ରୋତ ।।

ଘେନ ଶ୍ରଦ୍ଧାଞ୍ଜଳି ହେ ପୂଣ୍ୟ ଆତ୍ମାଗଣ
ଚିର ବନ୍ଦନୀୟ ତୁମେ ସ୍ମରଣୀୟ......
ତୁମ୍ଭ ଜୀବନ ଚର୍ଯ୍ୟା ଆମପାଇଁ ଅଟେ ପ୍ରେରଣା
ତବ ପରିଚୟେ ଗର୍ବିତ ହୁଏ ପ୍ରତି ଓଡ଼ିଆ ।।

ଆମ ଯୋଗ୍ୟ, ଶିକ୍ଷିତ ଓଡ଼ିଆ -ପୁଅ
ପ୍ରତି ମହଲେ ସାଁଉଟେ ସିଦ୍ଧି, କୃତିତ୍ୱ
ହେଉ ଶକ୍ତିଶାଳୀ କଳିଙ୍ଗବାସୀଙ୍କ ଆତ୍ମପରିଚତି
ଆଣୁ ରାଜ୍ୟପାଇଁ ..ଅଜସ୍ର ସୌଭାଗ୍ୟ, କୀର୍ତ୍ତି

ଚାଲ.. 'ଓଡ଼ିଶା-ଦିବସେ' ଆତ୍ମସମୀକ୍ଷା କରିବା
ଦେଇ ଭାଗିଦାରୀ ଅଙ୍ଗୀକାର ବଦ୍ଧ ହୋଇବା
ସ୍ନେହ, ସୌହାର୍ଦ୍ଦ୍ୟରେ ନୂଆ ବିକାଶ ଦିଶାରେ
ଏକ ବିକଶିତ ରାଜ୍ୟ ଗଢ଼ିବା ଆମେ ଓଡ଼ିଶା ବିନ୍ଧାଣି ସାଜିବା..!!!!!

ଶିକ୍ଷୟିତ୍ରୀ, ନୟାଗଡ଼

# ଲାଭ କ୍ଷତିର ତର୍ଜମା



ଭାସ୍କର ଚନ୍ଦ୍ର ଖଣ୍ଡା

ଜିଇଛି ଜୀବନ ଯୁଦ୍ଧରେ ମଣିଷ
ଗ୍ଳାନିଛି ଅନବରତ
ପଡି ଉଠି ସିଏ ବଢୁଛି ଆଗକୁ
ରଖି ଜାରି ତା ପ୍ରୟାସ    ।୧।

କମାଉଛି କେତେ ପାପ ପୂଣ୍ୟ ସିଏ
କରେନା ବାଛ ବିଗ୍ଚାର
ଯାଉଛି ସେ ଭୁଲି ଏ ରଂଗ ମଞ୍ଚରେ
ଅସଲ ଉଦ୍ଦେଶ୍ୟ ତା'ର   ।୨।

ଆସିଛି କାହିଁକ ?
ଯିବ କେଉଁଠାକୁ  ?
କରିବ ବା କସ ସିଏ ?
କଳ୍ପନାର ସେଇ ଦୁନଆ ଭିତରେ
ପୂର୍ଣ୍ଣଗର୍ଭା ନଦୀ ଭଉଁରୀ ମଝିରେ
ଦେଉଛିକ ସିଏ ଆତ୍ମାହୁତି ତା'ର ?
ହଗ୍‌ଇ ବସିବ ନଜ ସତ୍ତା ଯା'ର   ।୩।

ଅଦିନଆ ଝଡ ନେଉଛି ତା ଜନ୍ମ
ପାରିବକ ସିଏ କରି କଗ୍‌ୟତ ?
ରୁଦ୍ର ତାଣ୍ଡବ ରୂପ ପ୍ରକୃତିର

ବାଛିନେବ ବାଟ ସେଇ ଗ୍ଲାସିୟର
ସାଜିବ ଦର୍ଶକ ଦେଖି ରୂପ ତା'ର ।୪।

ଯିବ ଗ୍ଲୁଲି ଦିନେ
ସାଜି ହୋଇ ଯାତ୍ରୀ
ଘାରିବ ଜୀବନେ ସେଇ କାଳଗ୍ରନ୍ଥି
ଦେଖିବନ୍ତ ଦିନେ ସକାଳ ସୂରୁଜ
ଲୋଭଗ୍ରସ୍ତ ସେଇ ଆଶାର ମୂରୁଜ
ଅରଜୁଛି କେତେ ପାପ ପୁଣ୍ୟ ନତି
କରୁ ମୂଲ୍ୟାୟନ ସେଇ ଲାଭ କ୍ଷତି
ସ୍ଥିର ଚତ୍ତେ କରି ହିସାବ ତାହାର
ଜୀବନ ସଂଗ୍ରାମେ ହେଉ ଅଗ୍ରସର ।୫।

ରୋଡ୍ ନମ୍ବର ୩,
ଜଗନ୍ନାଥ ନଗର, ଭୁବନେଶ୍ୱର

# ପୁଅ ଜନମ ବାଙ୍ଗାଲୋର୍‌କୁ



ଶଶଧର ମହାପାତ୍ର

ଯେଉଁ ବାପ, ମା'ଙ୍କ ଜୀବନ କଟିଲା
ଦିନ ରାତି ଖଟି ଖଟି
ଉପାସ, ଭୋକରେ ନିଜେ ରହି ଦିହେଁ
ସୁଖ ଦେଉଥିଲେ ବାଣ୍ଟି
ଭାବିଥିଲେ ଦିନେ ପୁଅ ବଡ ହେଲେ
ସମ୍ଭାଳିବ ଘର ଦ୍ୱାର
ଚାକିରି ପାଇଲେ ଭାଗ୍ୟ ବଦଳିବ
ହସି ଉଠିବ ସଂସାର
ଝିଅଟିକୁ ବା' ଦେବେ ଆନନ୍ଦରେ
ଯୋଗ୍ୟ ପାତ୍ରଟିଏ ଖୋଜି
ଯାନ ଯଉତୁକ ହେବନାହିଁ ଊଣା
ବର ଘର ହେବେ ରାଜି
ପୁଅକୁ କରିଲେ ଆଇ.ଟି. ଇଞ୍ଜିନିୟର
ସବୁ ଜମିବାଡି ବିକି
ଭାବିଲେ ଜୀବନ କଟିବ ଖୁସିରେ
ଯେତେ ଦିନ ଅଛି ବାକି
ପୁଅଟି ତାଙ୍କର ଚାକିରି କରିବ
ନିଜ ରାଜ୍ୟ ଓଡିଶାରେ
ବାପା, ମା'ଙ୍କର ମନର କଳ୍ପନା

ରହିଗଲା କଳ୍ପନାରେ
ଆଶା, ସମ୍ଭାବନା ମଉଳ ଯେ ଗଲା
ଗ୍ରାଜୁଏଟ ହେଲାପରେ
ଓଡିଶା ମାଟିକୁ ଗୁଡ୍‌ବାୟ କରି
ପହଞ୍ଚିଲା ବାଙ୍ଗାଲୋରରେ
ସଂଘର୍ଷ କରୁଛି ବିଚରା ପୁଅଟି
ଛାଡିଯାଇ ଭିଟାମାଟି
ଚାକରୀ ନପାଇ ଫେରିବନି ଘର
ବେକ ଯାଉ ବରଂ କଟି
ତିନି ସାଙ୍ଗ ମିଶି, ନିଜ ହାତେ ରାନ୍ଧି
ରହୁଛନ୍ତି ଭଡା ଘରେ
ରହିବା, ଖାଇବା ବହୁତ ମହଙ୍ଗା
ବାଙ୍ଗାଲୋର ସହରରେ
ରୋଷେୟା ଆସୁନି କରୋନା ଭୟରେ
ତଥାପି ନେଉଛି ମୂଲ
ନାକରେ କାନରେ ପଶିଲାଣି ପାଣି
କରୋନା ବିଛେଇ ଜାଲ
ଚାକରୀ ଖୋଜିବା, ଚାକରୀ ପାଇବା
ନୁହଁଇ ସହଜ କାମ
ତିନି ବର୍ଷ ହେଲା ଚାକରୀ ଖୋଜୁଛି
ବାବୁ, ଆମ ପ୍ରିୟତମ
ବାପ, ମା'ଙ୍କର ମନ ହାଇଁପାଇଁ
ପୁଅ ମାଡୁନାହିଁ ଘର
ଆସିବ ଆସିବ କହି ଭଠୁଅଛି
ତା' କଥା ପାଣିରେ ଗାର
ଝିଅ ବା' ହେଲା ବିନା ଯୌତୁକରେ
ପାଖ ଗାଁ'ର ପୁଅ ଦେଖି

ପ୍ରେମ ବା' ଘର ମନ୍ଦିରରେ ହେଲା
ପୂଜାରୀ ରହିଲେ ସାକ୍ଷୀ
ବିନା ଖର୍ଚ୍ଚରେ, ବରଣ ମାଳାଟେ
ଲମ୍ବିଗଲା ଗଳାଟିରେ
ସାହି, ପଡିଶା, ସବୁ ସାଙ୍ଗ ସାଥି,
ବାପା, ମା' ରହିଲେ ଦୂରେ
ଅଭାବରେ ହୁଏ ସ୍ୱଭାବର ନଷ୍ଟ
ଏ' କଥା ସଭିଙ୍କୁ ଜଣା
ଦୁଃଖ, ଯାତନାକୁ ଯିଏ ବୁହେ କାନ୍ଧେ
ସିଏ ବୁଝେ ତା' ବେଦନା

--------------------

ସବୁ ଗାଇଜରେ ଇଣ୍ଡଷ୍ଟ୍ରୀ ହେଉଛି
ଓଡିଶାରେ କଛି ନାହିଁ
ଏମ୍.ଓ.ୟୁ. ସାଇନ୍ ହେଉଛି କେବଳ
ଜନତା ଜାଣିବାପାଇଁ
ପ୍ରଗତି ପଥରେ ଓଡିଶା ଧାଇଁଛି
ତୁ  ବାଇଦରେ ଭାଇ
କଥାରେ ଗରମ, କାମରେ ନରମ
ଆମ ଓଡିଶା ଭୂଇଁ
ଧର୍ମଶାୟୀ ଆଜି ବିପକ୍ଷ ପାର୍ଟିତ
ଶୁଣିବାକୁ କେହି ନାହିଁ
ସୁଶାସନ ନାଁ ରେ କୁଶାସନ ଚାଲେ
ଦୁଃଶାସନ ଅଛି ଚାହିଁ
ପାଞ୍ଚ ଟଙ୍କାରେ ଭାତ, ଡାଲମା
ଖାଇ ସମସ୍ତେ ଖୁସି
ଦିବା ନିଶିରେ ଅନେକ ସପନ
ଦେଖନ୍ତି ଓଡିଶାବାସୀ

ଭାତ, ଡାଲମା ଖାଉଥାନ୍ତା ପୁଅ
କେତେ ଆନନ୍ଦରେ ବସି
ପାଖରେ ଥାଆନ୍ତା, ଘରକୁ ଫେରନ୍ତା
ବାପାକୁ ଦେଖନ୍ତା ଆସି
ବାପା ଗ୍ଭହିଁଥିଲା ପୁଅ ଜନ୍ମ କରି
ମୁଖାଗ୍ନି ଦେବ ଦିନେ
ଯେବେ ଉପରୁ ଆସିଲା ଡାକରା
ଖୋଜେ ପୁଅ ମନେ ମନେ
ଗାଁ ଲୋକେ ନେଲେ କାନ୍ଧରେ ବସେଇ
ବୁଢାଟିକୁ ଶମଶାନ
ବୁଢା ଗ୍ଭଲିଗଲା, ବୁଢୀ ରହିଗଲା
ସହିବାକୁ ଏ' ଦହନ
ଏଥର ବନ୍ୟାରେ ପଡିଗଲା କାନ୍ଥ,
ଉଡିଗଲା ଘର ଛାତ
ଦେହରେ ଆଘାତ, ମନରେ ଆଘାତ,
କରିଦେଲା ହନ୍ତସନ୍ତ
ମିଳଥି ଛି ଗ୍ଭଉଳ ଓ ଚୂଡା
ରିଲିଫ୍ ମାଧ୍ୟମରେ
କେବେ ମିଳବ ଇନ୍ଦିରା ଆବାସ
ବୁଢୀ ଅଛି ଅପେକ୍ଷାରେ
ସତୁରୀ ବର୍ଷର ବୃଦ୍ଧା ମୁଣ୍ଡ ଗୁଞ୍ଜେ
ପଡିଶାଙ୍କ ଗ୍ଭଳଆରେ
ଯେଉଁ ପୁଅପାଇଁ ସବୁ ତେଜିଥିଲା
ତା' ପାଇଁ ଝୁରି ମରେ
ଯେଉଁ ପୁଅ ଜନ୍ମେ ଓଡିଶା ଗ୍ଭଇଜେ
ତା' ଭାଗ୍ୟ ଖରାପ ଜାଣ
ତା' କୁଠଳୀରେ ଲେଖା ଯାଇଅଛି

ଭୋଗିବାକୁ ଏ' କଷଣ
ଝିଅଟିର ଜନମ ଶାଶୁଘରକୁ ଲୋ
ପୁଅ ଜନମ ବାଙ୍ଗାଲୋରକୁ
ପେଟ ପୋଷିବାକୁ ଯାଅ ଅନ୍ୟ ରାଜ୍ୟ
ଯେଉଁଠି ଚାକରୀ ମିଳେ ତୁମକୁ ।

(ମୋ'ର ଜଣେ ଭଣଜା ଯିଏକ ଜଣେ ଆଇ.ଟି. ଇଞ୍ଜିନୟର/ମ୍ୟାନେଜର, ଏହି ବିଷୟ ବସ୍ତୁକୁ ନେଇ କବିତାଟିଏ ଲେଖିବାକୁ ଗତ ସପ୍ତାହରେ କହିଥିଲା । ସିଏ ନିଜେ ବାଙ୍ଗାଲୋରରେ ବହୁତ ବର୍ଷ ଚାକରୀ କରିବା ପରେ ଏବେ ମୁମ୍ବାଇରେ ଅଛି । କ'ଣ ଲେଖାଯାଇ ପାରେ ସେ' କଥା ଭାବି ଭାବି ଏଇଠି ମୁଁ ପହଞ୍ଚିଛି । ଏ' ଏକ ବାସ୍ତବବାଦୀ କବିତା । ଆଶା, କବିତାଟି ସମସ୍ତଙ୍କ ମନକୁ ଛୁଇଁବ ।)

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ଆମ ପରମ୍ପରାରେ ଅଗ୍ନି ଉତ୍ସବ

ଦାଶରଥି ଶତପଥୀ

ଭାରତୀୟ ପରମ୍ପରାରେ ଏକ ଦେବତାଭାବେ ଅଗ୍ନି ସର୍ବତ୍ର ପୂଜିତ । ଏହି ଦେବତାଙ୍କ ପୂଜା ଅର୍ଥାତ ଅଗ୍ନିଉତ୍ସବ ମାଘ ମାସ ପୂର୍ଣ୍ଣିମା ଦିନ ଅନୁଷ୍ଠିତ ହୋଇଥାଏ । ପାରମ୍ପରିକ ରୀତିରେ ଯାହାର ଯଥେଷ୍ଟ ବିଶେଷତ୍ୱ ରହିଛି ଆମ ସମାଜରେ ଅଗ୍ନି ବିଷୟକ ଏକ ପର୍ବ ଭାବେ । ଋକ୍ ବେଦର ପ୍ରଥମ ମନ୍ତ୍ର ଅଗ୍ନିଙ୍କ ଲାଗି ସ୍ଥାନିତ କରାଯାଇଛି । ବୈଦିକ ଯୁଗର ସମସ୍ତ ମାନବ ଅଗ୍ନିଙ୍କ ପ୍ରତି ନିଷ୍ଠାୟ କୃତ୍ୟ କୃତ୍ୟ । ସେଥିଲାଗି ବେଦର ପ୍ରାରମ୍ଭ ମନ୍ତ୍ର ଅଗ୍ନି ଦେବତାଙ୍କ ଗୁଣଗାନକୁ ଆଧାର କରାଯାଇ ରଚନା କରାଯାଇଛି ।

ଓଁ ଅଗ୍ନିମିଳେ ପୁରୋହିତଂ ଯଜ୍ଞସ୍ୟ ଦେବମୃତ୍ୱିଜମ୍
ହୋତାରଂ ରତ୍ନଧାତମ୍ । ....(ଋକ୍ ୧/୧/୧)

ସବୁ ଦୃଷ୍ଟିରୁ ଅଗ୍ନିର ଉପଯୋଗିତାକୁ ଲକ୍ଷ୍ୟକରି ବୈଦିକ ଋଷିଗଣ ଅଗ୍ନିଙ୍କୁ ଉପାସ୍ୟ ଦେବ ଭାବେ ଗ୍ରହଣ କରିଥିଲେ । ଅଥର୍ବ ବେଦରେ ସବୁ ଦେବତାଙ୍କ ସ୍ୱରୂପହିଁ ଅଗ୍ନି ଦେବତା ବୋଲି କୁହାଯାଇଛି । "ଅଗ୍ନି ସର୍ବଦେବତାଃ" (ଅଥର୍ବ ୨/୩) । ଏପରିଭାବେ ଏକ ଶହରୁ ଅଧିକ ସୂକ୍ତ ଅଗ୍ନିଙ୍କ ଲାଗି ବେଦରେ ବର୍ଣ୍ଣନା କରାଯାଇଛି । ଅଗ୍ନିଙ୍କୁ ପବିତ୍ର ଓ ଶାନ୍ତିର ଦେବତାଭାବେ ବର୍ଣ୍ଣନା କରାଯାଇ ପ୍ରତ୍ୟେକଙ୍କ ଗୃହର ଅତିଥି ବା ଗୃହର ପ୍ରଭୁଭାବେ ବିଗ୍ରହ କରାଯାଇଥାଏ ଯାହାଫଳରେ ପ୍ରତ୍ୟେକ ମହତ୍ତ୍ୱ କାର୍ଯ୍ୟପାଇଁ ଅଗ୍ନିଙ୍କୁ ସାକ୍ଷ୍ୟଭାବେ ଗ୍ରହଣ କରି କାର୍ଯ୍ୟ କରାଯାଇଥାଏ । ଅଗ୍ନିପୂଜା ଆଜକୁ କେତେ ବର୍ଷ ହେବ ପାଳନ କରାଯାଉଅଛି ତାହା ଐତିହାସିକମାନେ ନିରୂପଣ କରିବା କଷ୍ଟକର ବ୍ୟାପର ହୋଇପଡିଛି । କେବଳ ଭାରତ ବର୍ଷରେ ଅଗ୍ନିଦେବତା ଉପାସିତ ନୁହଁନ୍ତି, ସେ ସମଗ୍ର ବିଶ୍ୱରେ ପୂଜିତ ଓ ସମ୍ମାନିତ ମଧ୍ୟ । ଗ୍ରିକ୍ ଇତିହାସରୁ ଜଣାପଡେ ଗ୍ରୀକ୍ ଓ ରୋମ ଆଦି ଦେଶରେ ଅଗ୍ନି ଦେବତା ପୂଜିତ ହେବା ବହୁ ପ୍ରମାଣ ରହିଛି । ପ୍ୟାରିସରେ ଅଗ୍ନି ପୂଜକଙ୍କୁ ସମ୍ମାନ ପ୍ରଦାନ କରାଯାଇଥାଏ ଏବଂ

କର୍ମ କାଣ୍ଡରେ ଅଗ୍ନିକୁ ମୁଖରେ ଫୁଙ୍କିବାକୁ ମନା କରାଯାଇଛି କାରଣ ତାଙ୍କୁ ଦେବତାଭାବେ ପୂଜିତ କରାଯାଇଥାଏ । ପୁରାଣ ତଥା ପ୍ରାଚୀନ ସାହିତ୍ୟରେ ଅଗ୍ନିଦେବଙ୍କ ପରୋପକାରିତା, ସତ୍ୟ, ନ୍ୟାୟ, ଶାନ୍ତି ପ୍ରଦାନ କରିବା ସହିତ ଶାନ୍ତି, ଶକ୍ତି, ପବିତ୍ରାର ବହୁ ନିଦର୍ଶନ ଦେଖିବାକୁ ମିଳଥାଏ । ଅଗ୍ନିହିଁ ସତ୍ୟର ପରୀକ୍ଷକ ଦେବତାଭାବେ ପ୍ରଥମେ ପରିଗଣିତ ।

ସତ୍ୟ ଯୁଗରେ ହିରଣ୍ୟକଶ୍ୟପୁ, ତାଙ୍କ ପୁତ୍ର ପ୍ରହଲ୍ଲାଦଙ୍କୁ ଜାଳ ପୋଡି ମାରିଦେବା ପାଇଁ ଅଗ୍ନିଙ୍କ ଠାରୁ ଆଶୀର୍ବାଦ ପାଇଥିବା ହୋଲିକାଙ୍କ କୋଳରେ ବସି ଅଗ୍ନି ମଧ୍ୟକୁ ପ୍ରବେଶ କରାଇଥିଲେ । ଅନ୍ୟାୟ, ଅଧର୍ମ ଓ ମନ୍ଦ ଉଦ୍ଦେଶ୍ୟରେ ମନ ନିବେଶ କରିଥିବା ହୋଲିକାର ଗୁଣରେ ଅଗ୍ନିଦେବ ବିତୃଷ୍ଣ ହୋଇ ହୋଲିକାକୁ ଅଗ୍ନିରେ ଦହନ କରି ପ୍ରହଲ୍ଲାଦକୁ ରକ୍ଷା କରି ଧର୍ମ ସ୍ଥାପନ କରିଥିଲେ । ତେଣୁ ଅଗ୍ନିଦେବ ଶାଶ୍ୱତ, ସତ୍ୟ, ଧର୍ମ ଓ ଶାନ୍ତିର ପ୍ରତୀକ । ତ୍ରେତୟା ଯୁଗରେ ଲଙ୍କା ଅଧିପତି ରାବଣଙ୍କୁ ନିଧନ କରି ପ୍ରଭୁ ରାମଚନ୍ଦ୍ର ମା ସୀତାଙ୍କୁ ଉଦ୍ଧାର କରିବା ପରେ ମା ସୀତାଙ୍କୁ ଅଗ୍ନି ପରୀକ୍ଷା ଦେବାକୁ ପଡିଥିଲା। ସୀତା ନିଷ୍ପାପ ଓ ପବିତ୍ରତାର ପ୍ରତୀକ ବୋଲି ପରୀକ୍ଷକ ଅଗ୍ନିଦେବ ପ୍ରଭୁ ରାମଚନ୍ଦ୍ରଙ୍କୁ କହିଥିଲେ । ଅଧର୍ମ, ଅନ୍ୟାୟ, ଅତ୍ୟାଚାର ଓ ଅସତ୍ୟକୁ ଦୂର କରି ଧର୍ମ ପ୍ରତିଷ୍ଠା ପାଇଁ ଯଜ୍ଞକୁଣ୍ଡରୁ ମା ଯାଜ୍ଞସେନୀଙ୍କ ଉତ୍ପତ୍ତି ପ୍ରସଙ୍ଗ ମହାଭାରତରେ ବିଶଦଭାବେ ବର୍ଣ୍ଣନା କରାଯାଇଛି । ପ୍ରାଣୀର ବର୍ହିଦେଶରେ ଓ ଆଭ୍ୟନ୍ତରରେ ଅଗ୍ନି ସର୍ବଦା ପ୍ରତିଷ୍ଠିତ । ଅଗ୍ନି ବିନା ସୃଷ୍ଟିରେ ଜୀବଜଗତ ଓ ଜୀବନ ତିଷ୍ଠି ରହିବା ଅସମ୍ଭବ ଏହା ଚିରନ୍ତନ ସତ୍ୟ । ତେଣୁ ଅନେକ ପୁରାଣ ଶାସ୍ତ୍ରରେ ଯଜ୍ଞ, ଅଗ୍ନିର ପ୍ରଭାବ କିପରି ଚିରନ୍ତନ ଓ ଶାଶ୍ୱତ ତାହା ଉଲ୍ଲେଖ କରାଯାଇଛି । ପୂର୍ଣ୍ଣ ଓ ପବିତ୍ରତାର ଦିବସ ମାଘ ପୂର୍ଣ୍ଣିମା ପ୍ରତ୍ୟେକ ଗାଁ ଗଣ୍ଡା, ସହର, ବଜାର ତଥା ଦେବାଳୟରେ ମଧ୍ୟ ଅଗ୍ନିଦେବତାଙ୍କ ଉଦ୍ଦେଶ୍ୟରେ ପବିତ୍ରତା ସହକାରେ ପୂଜା କରାଯାଇଥାଏ । ଗାଁ ଗଣ୍ଡାରେ ଏହି ଉଦ୍ଦେଶ୍ୟରେ କୁଟା, କାଠି, ନଡା ଆଦି ଗଦା କରିଥାନ୍ତି ତାପୂର୍ବରୁ ସ୍ଥାନଟିକୁ ଲିପା ପୋଛା ଓ ଚିତା ଲାଗି ଆସ୍ଥାନ କରିଥାନ୍ତି । ଭୋଗ ନୈବେଦ୍ୟ ଅର୍ପଣ କରାଯିବା ସହ ଭକ୍ତି ସହକାରେ ସଂକୀର୍ତ୍ତନର ମାହୋଲ ସୃଷ୍ଟି କରାଯାଇ କାଠି କୁଟା ଗଦାରେ ଅଗ୍ନି ସଂଯୋଗ କରାଯାଇଥାଏ । ଗଦାଟି ଲାଲ ମିଶ୍ରିତ ହଳଦିଆ(ସୁବର୍ଣ୍ଣ) ରଂଗରେ ଜଳଉଠେ । ଯେଉଁ ଦିଗକୁ ଅଗି ନିଆଁ ଟଳିଲା ସେହି ଦିଗକୁ ଭଲ ଫସଲ ହୋଇଛି ବୋଲି ବିଶ୍ୱାସ କରାଯାଏ । ଗାଁର ଲୋକମାନେ ଏଥିରେ ଆଳୁ, ବାଇଗଣ, ଫଳମୂଳ ପକାନ୍ତି । ତାହା ପୋଡି ହେଲେ, ଏହାକୁ ସଂଗ୍ରହ କରି ଭୋଗ ଆଣି

ଘରେ ପାଇଥାନ୍ତି ଏବଂ ଅଗି ପାଉଁଶ ଘରେ ରଖିବା ସହ ଅମାରରେ ପକାଇଥାନ୍ତି । ତା ପରଦିନ ଭକ୍ତି ସହକାରେ ସଫା ସୁତରା କରାଯାଇଥାଏ । ଏ ହେଲା ଗାଁ ପରିମଳ ବ୍ୟବସ୍ଥା ସାଙ୍ଗକୁ ଅସମୟରେ ବୃଷ୍ଟି ଲାଗି ବାୟୁମଣ୍ଡଳରେ ଗ୍ରୁପ ସୃଷ୍ଟି କରି ବର୍ଷାକରି ଗ୍ରୁଷ କରିବା କୃଷକର ଆଭିମୁଖ୍ୟ ତଥା ଅଗ୍ନିଭୟ ଲାଗି ଅଗ୍ନିଦେବଙ୍କୁ ଶାନ୍ତି କରିବା ଉଦ୍ଦେଶ୍ୟରେ ଏହି ପରିପାଳନ ହିଁ ଏହାର  ବାସ୍ତବ ଆଭିମୁଖ୍ୟ । ତେଣୁ ଅଗ୍ନି ଦେବତାଙ୍କୁ ସୃଷ୍ଟିସ୍ଥିତି ଲୟର କର୍ତ୍ତା ଭାବେ ବନ୍ଦନା କରାଯାଇଥାଏ ।

ଦାଶରଥି ଶତପଥୀ, ଭା.ପ୍ର.ସେ.
ସଚିବ, ଓଡିଶା ବିଧାନସଭା

ବେଦାନ୍ତୀର ଆଗାମୀ ସଂଖ୍ୟା  ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କିମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ମୋ ଓଡିଶା



ସରିତା ସିଂ

ସତରେ କେଡ଼େ ସୁନ୍ଦର ଏ ଓଡ଼ିଶା ମାଟି ମୋର
ଭେଜାଲ ମହାମାରି ରେ ଆଜି ଖଣ୍ଡ-ବିଖଣ୍ଡିତ ଶରୀର ତା'ର ।

ଲୋକ ସଂଖ୍ୟା ଏଠି ଚାରି କୋଟି
ଖଟିକଆ ମୂଲିଆ ଏକ ଟଙ୍କିଆ ଚାଉଳରେ ପେଟ ପୋସନ୍ତି।

ଅତି ସୁନ୍ଦର ଥିଲା ମାଟି, ପାଣି, ପବନ ତା'ର
ଶିଳ୍ପାଞ୍ଚଳ ଆବର୍ଜନା ରେ ଆଜି ରୁଗ୍ଣ ଶରୀର ।

ପାଲା, ଦାସ କାଠିଆ, ଭାଗବତ ଟୁଙ୍ଗି ଏଠି ଲୋପ ପାଉଛି
ଅଧୁନକତା ନା'ରେ ଅଶ୍ଳୀଳ ସମାଜ ଏଠି ଆସର ମେଲିଛି ।

ମୁଁ ଓଡ଼ିଆ, ମୋ ଭାଷା ଓଡ଼ିଆ କହି ଗର୍ବ କରୁଛି
ଜନ୍ମ ହେଲେ ପିଲା ଏଠି ମମି - ଡାଡି ଶିଖୁଛି ।

ବେଶ - ପୋଷାକ କଥା କହିଲେ ନ ଶରେ
ଓଡ଼ିଶା ମାଟିକୁ ପୁଣି ବିଦେଶୀ ଫେରେ ।

କଳା ସଂସ୍କୃତି କୁ ନେଇ ବସୁଛି ବଜାର
ନଜ ମାଟିରେ ନାହିଁ ତା'ର ଆଦର ।

ସରକାରି ଶିକ୍ଷା ଅନୁଷ୍ଠାନକୁ ଲୋକେ କରନ୍ତି ଦୂରୁ ଜୁହାର
ଘରୋଇ ଶିକ୍ଷା ଅନୁଷ୍ଠାନରୁ ଛା   - ଛାତ୍ରି ବାହାରନ୍ତି ହୋଇ ବେକାର ।

ଶିକ୍ଷା ବ୍ୟବସ୍ଥା ନା'ରେ ଏଠି ହେଉଛି ବ୍ୟାପାର
ଗୁଣୀ ଛାତ୍ର - ଛାତ୍ରି ମାନଙ୍କ ଉପରେ ପଡୁଛି ପ୍ରହାର ।

ଖଣ୍ଡି ଭଡ଼ା ଦେଲା ସମ ମୁଖ୍ୟମନ୍ତ୍ରୀ ଆମ ଓଡ଼ିଆ କୁହନ୍ତି
ଓଡ଼ିଆଙ୍କ ଉଦ୍ଧାରର ଜିମା ବୋହିଛନ୍ତି।

ସ୍ୱାସ୍ଥ୍ୟଗତ ସମସ୍ୟା ଯେ କ କହିବି ଆଉ
ଥରେ ଡାକ୍ତର ପାଖକୁ ଗଲେ ସୁସ୍ଥ ହୋଇ ନ ଫେରିବ ଆଉ।

ସୁଧ ମୂଳ ସହିତରେ ରୋଗ ବଢୁଥିବ
ବଞ୍ଚିଥିବା ଯାଏ ଡାକ୍ତର ଙ୍କୁ ଟଙ୍କା ଗଣୁଥିବ।

ଦ୍ରଉପଦୀ ବସ୍ତ୍ର ହରଣ ରେ ହୋଇଥିଲା ମହାଭାରତ
ଏଠି ବସ୍ତ୍ର ହରଣ ହେଲେ ସବୁ କରନ୍ତି ମୌନବ୍ରତ।

କେତେ କଷ୍ଟ ସହି ବାପା - ମାଁ ପିଲାକୁ ମଣିଷ କରନ୍ତି
ଉଚ୍ଚ ପଦପୀ ପାଇ ସେହି ପିଲା ବୃଦ୍ଧାଶ୍ରମ ଗଢୁଛନ୍ତି।

ସବୁ ଜାଣି - ଶୁଣି ଆଜି ଓଡ଼ିଶା ନୀରବ
ସତେ ଜେମିତି ଗୃହିଁ ରହିଛି କେହି ତ ଆସିବ ।

କଏ କହେ ଦିନେ ଆସିବ କଳକୀ ଅବତାର ନେଇ ମୋ କାଳଆ ଠାକୁର
ନଷ୍ଟୟ କରିବ ମୋ ଓଡ଼ିଶାର ପୁନରୁଦ୍ଧାର ।

lisarita81@gmail.com

# ଜୀବନ

ସଂଯୁକ୍ତା ସାହୁ

ଜୀବନ ଏକ ଲୋଭ ମୋହ ମାୟା
ବନ୍ଧା ପଡିଛି କାୟା ଆଉ ଛାୟା ।
କେତେ ସ୍ୱପ୍ନ ପୁଣି କେତେ ସ୍ମୃତି
କାହାପାଇଁ ମନ ତଳର ମିଠା ତାତି ।
କେବେ ପୁଣି ଅସର୍ ସୁଖର ଝରଣା
କେବେ ହିଂସା, ସ୍ନେହଁ ପୁଣି ଘୃଣା ।
ମୋହ ତ ଆଜୀବନ ବାନ୍ଧି ରଖିଛି
କେବେ ଜିତୁଛି କେବେ ହାରୁଛି ।
ଅନ୍ତହୀନ ସୁନ୍ଦରତାର ଯେତେ ବାସ୍ନା
କେବେ ଋତି ପାହିଯାଏ ଜଣା ପଡେନା ।
ଜୀବନର ଭାଗ୍ୟ ସହ, ଭୋଗ, ସହ
ମାନ, ଅଭିମାନ, ସମ୍ମୋହନ, କୋହ ।
ଆଶା ବାଟ କଢାଏ କଛି କଛି ସ୍ୱପ୍ନକୁ
କେବେ ପୁଣି ଦେଖାଏ ବିଫଳତାକୁ ।
ଏତେ ଦୁଃଖ ଯେତେ ପାଇଲ୍ ପରେ
ଏ ମଣିଷ ଉଡାଇଦିଏ ଫୁତ୍କାରରେ ।
କେବେ ମନ ସାତ ସାଗର ଲଙ୍ଘିପାରେ
କେବେ ମନ ସାଥି ପାଇଁ ଘର କରେ ।
କେବେ କୋହ ଗୁପିଥାଏ ହୃଦୟରେ
କେବେ ଜିଇଁଥାଉ ଥାଉ ବାରମ୍ବାର ମରେ ।
ଅପେକ୍ଷା କରେ ବର୍ଷ ବର୍ଷ, ମାସ ମାସ
ବୁଝେନା ଭାଗ୍ୟର ବିଡମ୍ବନା ନା ଉପହାସ

ଜୀବନର ଏମିତି ସବୁ ଖେଳର ସାରାଂଶ
ସହଜ କ ଖୋଲିବାକୁ ସମୟର ଫାଶ ।
ଏ ସଂସାର ମାୟାର ଇନ୍ଦ୍ରଜାଲ ଘେରିଥାଏ
ଏ ଭବ ସାଗରୁ ମୁକ୍ତି ଏତେ ସହଜ ନୁହେଁ ।

ଗ୍ରହାମା, ଜଗତସିଂହପୁର

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଫଗୁଣ ଆସିଛି...



ସନ୍ଧ୍ୟାରାଣୀ ଦାଶ

ଗୋଲାପ ପାଖୁଡାରେ
ପ୍ରୀତିର ପଳାଶରେ
କାନ୍ତିମୟ କୃଷ୍ଣଚୂଡ଼ାରେ
ଲାଲ୍ ରଙ୍ଗକୁ ରଙ୍ଗେଇ
ଆସିଛି ଯେ ଫଗୁଣ
ପ୍ରେମର ରଙ୍ଗକୁ ନେଇ...

ପ୍ରୀତିର ବନ୍ୟା ନେଇ
ପୂର୍ଣ୍ଣମୀର ଗନ୍ଧ ନେଇ
ହୋଲିର ରଙ୍ଗ ମାଖି
ଆସିଛି ପ୍ରକୃତି ନବବଧୂଟିଏ ହୋଇ
ଫଗୁଣର ରଙ୍ଗ ନେଇ...

କୋଇଲିର କୁହୁତାନେ
ଆମ୍ବ ବଉଳର ବାସ ନେଇ
କୁରେଇ ଫୁଲର ଅପୂର୍ବ ସମ୍ଭାରରେ
ହୋଇ ସଜେଇ
ଆସିଛି ଫଗୁଣ
ପ୍ରେମର ରଙ୍ଗ ନେଇ...

ରାତ୍ରିର ଅଭିସାରିକା ସାଜି
ରୁଣୁଝୁଣୁ ପାଉଁଜିର ଛନ୍ଦେ
ବେପଥୁ ରାଗିଣୀର ଗାନେ
ଓଠରେ ଖିଲି ଖିଲି ହସ
ସତରେ ଆସିଛି ଫଗୁଣ
କୁହୁକନୀ ମାୟାର ତାନେ...

ପ୍ରିୟାର ରେଶମୀ ପଣତ ତଳେ
ପ୍ରେମର ଝଙ୍କାର ସାଥେ
ଲାଗୁଛି ପ୍ରୀତିର ସମ୍ଭାର ନେଇ
ସତରେ ଫଗୁଣ ଆସିଛି
ସଦ୍ୟ ମଲ୍ଲୀ ଫୁଟା ପଥେ....

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଭିଷ୍ମ ପ୍ରତିଜ୍ଞାର ଅନ୍ତ



ଶାନ୍ତିଲତା ମିଶ୍ର

ସନ୍ଧ୍ୟାର ଟ୍ରେନ୍ ଟା ଷ୍ଟେସନରେ "ସତୀଶ୍" ପହଞ୍ଚିବାର ଦଶ ମିନଟ ପୂର୍ବରୁ ଛାଡି ଦେଇଥିଲା। ତା ସହରକୁ ଯିବା ପାଇଁ ମାତ୍ର ଦୁଇଟି ଟ୍ରେନ୍ ସକାଳେ ଗୋଟାଏ ସନ୍ଧ୍ୟାରେ ଗୋଟାଏ । ଏବେ ଆଉ କଣ କରାଯାଇ ପାରେ । ଚାରିଦିନ ଅଫିସ ଛୁଟିରେ ତାର ଆଉ କୁଆଡେ ଯିବାର ନଥିଲା ତେଣୁ "ବିଜନ"ର ଦେହ ଖରାପ ଶୁଣି ଆସିଥିଲା ତାକୁ ଦେଖା କରିବାକୁ । ବିଜନର ପଡୋଶୀ ତାକୁ ଆଣି ସାଇକଲରେ ଷ୍ଟେସନରେ ଛାଡିଦେଇ ଯାଇଥିଲେ । ରାତି ହୋଇ ଗଲାଣି ଏତେବେଳେ ଆଉଥରେ ବିଜନ ଘରକୁ ଫେରି ଯିବାର କିଛି ମାନେ ନାହିଁ । ଗଲେ ବି ଚାଲି ଚାଲି ଏତେବାଟ ଯିବାକୁ ପଡିବ । ଗାଡି ରିକ୍ସା ଏଠି ବିଶେଷ ମିଳେ ନାହିଁ ସହଜରେ । ପୁଣି କାଲି ସକାଳେ କାହାକୁ ହଇରାଣ କରିବ ଆଣି ଷ୍ଟେସନରେ ଛାଡି ଦେଇ ଯିବାକୁ । ନା ତା ପାଇଁ ଅନେକ ଲୋକଙ୍କୁ ହଇରାଣ କରିବାଟା ଠିକ୍ ହବନି । ସେ ବରଂ ରାତିକ ଏଇ ଷ୍ଟେସନରେ ରହିଯିବ ।

ଷ୍ଟେସନ ମାଷ୍ଟରଙ୍କ ଠାରୁ ସେ ସବୁ ବୁଝି ନେଇଥିଲା ଏଇଟା ଥିଲା ସେଦିନ ରାତିର ଶେଷ ଟ୍ରେନ୍ । ଆଉ ଟ୍ରେନ୍ ଆସିବାର ନାହିଁ କି ଯାତ୍ରୀ କେହି ଷ୍ଟେସନକୁ ଆସିବେନି ସକାଳ ନହେଲା ଯାଏ । କିଛି ଏକ୍ସପ୍ରେସ୍ ଟ୍ରେନ କେବଳ ଏଇ ବାଟ ଦେଇ ଯିବେ । କିନ୍ତୁ ଏଠାରେ ରହିବେନି । ତେଣୁ ସେ ଷ୍ଟେସନରେ ରହିଯିବା ପାଇଁ ନିର୍ଣ୍ଣୟ ନେଇ ନିରୋଳା ଯାଗରେ ଏକ ବେଞ୍ଚରେ ନିଜର ଜିନିଷ ଗୋଟାଏ ବ୍ୟାଗ ରଖି ଆରାମରେ ଗୋଡ ହାତ ଲମ୍ବେଇ ବସିଗଲା।

ଷ୍ଟେସନରେ ସେ ଏକାକି । କେହି କୁଆଡେ ନାହାଁନ୍ତି । ଷ୍ଟେସନ ମାଷ୍ଟର ବାବୁ ତାଙ୍କ ଅଫିସ ଭିତରେରହି ଆରାମ କରୁଛନ୍ତି । କିଛି ଟ୍ରେନକୁ ପତାକା ହଲାଇବା ବ୍ୟତିତ ତାଙ୍କର ରାତି ପାଇଁ କିଛି କାମ ନାହିଁ । ଚାରିଆଡ ଆଖି ବୁଲେଇ ବୁଲେଇ ହଠାତ୍ ଅପର ପାର୍ଶ୍ୱରେ କିଏ

ଜଣେ ଗୃଦର ଘୋଡେଇ ହୋଇ ବସିଥିବାର ଦେଖିଲା । ତାରି ପରି କେହି ଜଣେ ବୋଧେ ଟ୍ରେନ ଧରି ପାରିନ ।

ଅନ୍ଧାରକୁ ମଶାକୁ ସିମେଣ୍ଟ ବେଞ୍ଚରେ କୋଉଠୁ ବା ନିଦ ଆସିବ । ମୋବାଇଲ ଧରି କିଛି ଗେମ୍ ଖେଳ ବସିଲା ସତୀଶ୍ । କିନ୍ତୁ ଗୋଟିଏ କଥା ସେ ଲକ୍ଷ କଲା ଯେତେବେଳେ ବାହାରେ ଟ୍ରେନ୍ ଶବ୍ଦ ଶୁଭୁଥାଏ ଅନ୍ୟ ଯାତ୍ରିଟି ବାହାରକୁ ଉଠିକି ଯାଉଥାଏ । ପୁଣି ଫେରି ଆସୁଥାଏ । ତିନଥର ଏପରି କଲାପରେ ସତୀଶର ଟିକେ କୌତୁହଳ ବଢିଲା । ଏହାର କାରଣ କଣ ହେଇପାରେ । ତା ପର ଟ୍ରେନ୍ ଶବ୍ଦ ଶୁଣି ସେ ବି କିଛି ବ୍ୟବଧାନରେ ତାକୁ ଅନୁସରଣ କରି ବାକୁ ଲାଗିଲା । ଦେଖିଲା ଷ୍ଟେସନ ଲାଇଟରେ ଜଣେ ଝିଅ ଓଭର ବ୍ରିଜ ଉପରକୁ ଯାଉଛି ଟ୍ରେନ୍ ଚାଲିଗଲା ପରେ ଫେରି ଆସୁଛି । ଆଶ୍ଚର୍ଯ୍ୟ ।

ତା ଜୀବନର ଏକ ତିକ୍ତ ଅନୁଭୁତି ଯୋଗୁ ସେ ଭିଷ୍ମ ପ୍ରତିଜ୍ଞା ଟାଏ କରି ଦେଇଛି କିଛି ବର୍ଷ ଆଗରୁ ଯେ, କୌଣସି ଝିଅ ମାନଙ୍କ ବିଷୟରେ ସେ ମୁଣ୍ଡ ଖେଳାଇବ ନାହିଁ କି ସେମାନଙ୍କ ସହିତ କଥାବାର୍ତା କରିବ ନାହିଁ, ସେମାନଙ୍କୁ ବିବାହ କରିବା ତ ବହୁ ଦୂରର କଥା । ବୋଉର ଦେହ ଖରାପ ବେଳେ ଯେତେବେଳେ ସେ ଆସି ଘରେ ରହି ତାର ସେବାରେ ବ୍ୟସ୍ତ ରହି "ସମୀରା' ପାଖକୁ ଚିଠି ଦବାକୁ ବି ବେଳ ପାଇଲାନ ସମୀରା ରାଗ ଅଭିମାନରେ ଅନ୍ୟକୁ ବିବାହ କରିନେଲା ।

ହଁ ସେ ମାନୁଛି ସମୀରା ସାତ ଆଠ ଥର ତାକୁ ଚିଠି ଦେଇଥିଲା । ସେ ବୋଉ ସ୍ୱାସ୍ଥ୍ୟର ସଙ୍କଟାପର୍ଣ୍ଣ ଅବସ୍ଥାକୁ ଦେଖି ମାନସିକ ସ୍ତରରେ ଭାଙ୍ଗି ପଡିଥିଲା । ସେ ସ୍ୱପ୍ନରେ ବି ଭାବି ନଥିଲା ବୋଉ ତାକୁ ଏତେ ଶିଘ୍ର ଏ ସଂସାରରେ ଏକୁଟିଆ ଅସହାୟ ଭାବେ ଛାଡି ଚାଲିଯିବ ବୋଲି । ସେଇ ହେଳାରେ ସମୀରା ଚିଠିର ଉତ୍ତର ଦେଇ ପାରି ନଥିଲା । ଭାବିଥିଲା ଦେଖା କରି ସବୁ କହି ଥାନ୍ତା । ତାର ସାଙ୍ଗ ପ୍ରଭୁ ସମୀରା କଥା ଜଣେଇଥିଲା । ତାକୁ ସେଦିନ ଦୁଃଖ ବହୁତ ଲାଗିଥିଲା ତା ପରେ ପରେ ରାଗ ବି ମାଡିଥିଲା । ଏପରି କଣ କେହି କେବେ କରେ ।

ସେ ଯାହାବି ହେଉ ମାମୁଁ ତା ପାଇଁ ବୋଉର ଇଛା ଅନୁସାରେ ଗୋଟିଏ ଝିଅ ଖୋଜା ଖୋଜି କରିବାରେ ଲଗିଗଲେ । ବୋଉ ଏବେ ମୃତ୍ୟୁ ଶଯ୍ୟାରେ ତାର ଶେଷ ଇଛା ପୁଅର ବିବାହ । ବୋଉର ଖୁସି ପାଇଁ ଅନଚ୍ଛା ସତ୍ୱେ ସେ ଯେ କୌଣସି ପ୍ରସ୍ତାବରେ ରାଜି ହୋଇଯିବ ବୋଲି ଭାବିନେଲା । ସମୀରର ଏପରି ମନ ପରିବର୍ତ୍ତନରେ ସେ ମର୍ମାହତ, ଅପମାନତ । ଏପଟେ ବୋଉ ସେପଟେ ସମୀର୍ ଦୁଇଜଣ ତାକୁ ଦୁଇ ପ୍ରକାର ଦୁଃଖର ନଆଁ ଭିତରକୁ ଠେଲି ଦେଇଛନ୍ତି । ଆତ୍ମରକ୍ଷା ପାଇଁ ତାର କଛି ବାଟ ନାହିଁ ।

ତେଣୁ ମାମୁଁ ଯେତେବେଳେ ବିବାହର ଆୟୋଜନରେ ଲାଗିଗଲେ ସେ କଛି ବାରଣ କଲା ନାହିଁ। ଏ ବିବାହରେ ଜଣେ ତ ଖୁସି ହେବ, ଜଣେ ତ ଶାନ୍ତି ପାଇବ । ସେ ସାରା ଜୀବନ ଜଳଲେ ଜଳବ ପଛେ । କନ୍ତୁ ବାହାଘରର ଚାରିଦିନ ପୂର୍ବରୁ ଝିଅ ଘର ଖବର ପାଇଲେ ଯେ ସତୀଶର ଏକ ବାନ୍ଧବୀ ଅଛି । ବାହାଘର ସେମାନେ ଭାଙ୍ଗିଦେଲେ । ଯେତେ ସତୀଶ କହିଥିଲା ସେ ଝିଅ ଅନ୍ୟକୁ ବିବାହ କରିସାରିଲାଣି ତା କଥାକୁ କେହି ବିଶ୍ୱାସ କରିବାକୁ ରାଜି ନଥିଲେ । ସେମାନେ ଭାବିନେଲେ ଯେ ସେ ମିଛ କହୁଛି । ବୋଉ ପାଇଁ ଏଠି ଗୋଟେ ଝିଅକୁ ବାହା ହୋଇ ଯିବ ସୁନା ପୁଅ ହେବା ପାଇଁ, ତା ପରେ ଆଉ ଝିଅକୁ ବିବାହ କରି ମଜଲିଶ୍ କରିବ । ସେମାନଙ୍କର ଏପରି ବିଚାରର ଧାରା ଶୁଣି ସତୀଶ ଆହୁରି ରାଗିଗଲା ।

ଏ ଘଟଣାର ଦଶ ଦିନ ପରେ ବୋଉ ଚାଲିଗଲା । ମାମୁଁ ଆଉ ଏକ ଝିଅର ବ୍ୟବସ୍ଥା କରିବାକୁ କହିଥିଲେ କନ୍ତୁ ମନ ତାର ଏତେ ମାତ୍ରାରେ ଭାଙ୍ଗି ଯାଇଥିଲା ଯେ ସେ କୋଉ ଝିଅର ମୁହଁ ଦେଖିବାକୁ ବି ଇଛା କରୁ ନଥିଲା ସେତେବେଳେ । ବୋଉ ଚାଲିଗଲା ଯିଏ କ ତାକୁ ବହୁ କଷ୍ଟରେ ପାଳ ପୋଷି ମଣିଷ କରିଥିଲା । ତାର ଶେଷ ଇଚ୍ଛାତ ସେ ପୂରଣ କରି ପାରିଲାନ । ଯିଏ ଦେଖିଥିଲେ ଖୁସି ହୋଇଥାନ୍ତା । ସେ ତ ନାହିଁ କାହା ପାଇଁ ସେ ବିବାହ କରିବ । ଆଉ ତ ଆଉ ସେ ଏକ ଭିଷ୍ମ ପ୍ରତୀଜ୍ଞା ଟାଏ ବି କରି ନେଲା ମନେ ମନେ ସେ ଆଉ କେବେ ବିବାହ କରିବ ନାହିଁ କ କୌଣସି ଝିଅ ବିଷୟରେ ମୁ   ଖେଳାଇବ ନାହିଁ ।

କନ୍ତୁ ଆଜିର ଏ ଘଟଣା ବଡ ରହସ୍ୟପୂର୍ଣ୍ଣ ଲାଗୁଛି । ଦୁଇ ତିନ ଥର ଝିଅକୁ ଏପରି ବାହାରେ ଯାଇ ଫେରି ଆସୁଥିବାର ଦେଖି ଆଶ୍ଚର୍ଯ୍ୟ ହେଲା କନ୍ତୁ ଝିଅ ଟି ଅତି ବେଶୀରେ କୋଡିଏ ପାଖା ପାଖି ଲାଗୁଛି । ତାର ଯାହା ଅନୁମାନ । ତାକୁ ଡର କପରି ଲାଗୁନାହିଁ । ଏ

ଅନ୍ଧାର ରାତିରେ ଏକୁଟିଆ । କଣ ଏହାର ରହସ୍ୟ । କିଛି ଭୂତ ପ୍ରେତ ଆତ୍ମାର କାରସାଦି ତ ନୁହେଁ । ବୋଉ ଠୁ ପିଲାବେଳେ ଅନେକ ଭୂତ ଗପ ସେ ଶୁଣିଛି । ସେମାନେ ଏମିତି ରାତି ଅଧରେ ସୁନ୍ଦରୀ ଝିଅ ବେଶରେ ଆସି ଲୋକମାନଙ୍କୁ ଭୁଲେଇ ନେଇ ଯାଆନ୍ତି । ଅନ୍ୟ ଲୋକ ମାନେ ସକାଳୁ ଉଠି ଦେଖନ୍ତି କଏ ବିଲରେ ତ କଏ ପଡିଆର ଅଚେତ ବା ମରି କରି ପଡିଥାଆନ୍ତି । ଦୁଇ ତିନ ଥର ଦେଖି ସାରିଲା ପରେ ତାର କୌତୁହଳ ବଢିଗଲା ଝିଅଟି ବିଷୟରେ ଅଧିକ ଜାଣିବାକୁ । ଅନୁମାନ କରି ଜାଣି ପାରିଲା ଝିଅଟି ହୁଏତ ଗାଡି ତଳକୁ ଡେଇଁ ଆତ୍ମହତ୍ୟା କରିବାକୁ ଚେଷ୍ଟା କରୁଛି କିନ୍ତୁ ସାହାସ କରି ପାରୁନ ବା ଅନ୍ୟ ସେହିପରି କିଛି ।

ଆଶ୍ଚର୍ଯ୍ୟର ଏଥର ସୀମା ଛୁଇଁଲା । ପର ଟ୍ରେନ ଟି ଆସିଲା ବେଳକୁ ଝିଅଟି ଯାଇ ଓଭର ବ୍ରିଜ ଉପରୁ ତଳକୁ ଡେଇଁ ବାକୁ ଚେଷ୍ଟା କରୁଛି ନା ଏଥର ବି ସାହାସ କରି ପାରିନ ଷ୍ଟେସନ ଭିତରକୁ ଫେରି ଆସିଲା ପରେ ସତୀଶ ଝିଅଟିର ପାଖକୁ ଯାଇ ପଚାରିଲା କଣ ତାର ଉଦ୍ଦେଶ୍ୟ କାହିଁ ସେ ଏପରି କରୁଛି । ଝିଅଟି ପ୍ରଥମେ କିଛି ଉତ୍ତର ଦେଲାନ, ତା ପରେ କହିଲା ମୁଁ ପୁରୁଷ ମାନଙ୍କୁ ଘୃଣା କରେ । ତମେ ଏଠୁ ଯାଅ ବିରକ୍ତ କରାଅନ । ସତୀଶ କିନ୍ତୁ ଗଲାନ ସେଇଠି ପାଖରେ ବସି ରହିଲା । ତାର ଜାଣିବା ପାଇଁ କୌତୁହଳ ବଢିବାରେ ଲାଗିଛି । ରହସ୍ୟମୟୀ ନାରୀ ପରି ଲାଗୁଛି । ସେ ଯେ ପ୍ରକୃତରେ ଜଣେ ମାନବ ଗୋଷ୍ଠିର ସେ ବିଷୟରେ ତାର ସନ୍ଦେହ ବଢି ଚାଲିଲା । କିଛି ସମୟ ପରେ ଝିଅଟି କଥା ଆରମ୍ଭ କଲା, କହିଲା ତଥାପି ତମେ ଯେତେବେଳେ ପଚାରିଲଣି ସତ କଥାଟା କହିଦେବା ଦରକାର। କାରଣ କାଲି ସକାଳକୁ ମୁଁ ଏ ସଂସାରରେ ନଥିବି । ମୁଁ ଆତ୍ମହତ୍ୟା କରିବି ମାନେ କରିବି, କାରଣ ବର୍ତ୍ତମାନ ମୋ ପାଖରେ ଆଉ କିଛି ଅନ୍ୟ ରାସ୍ତା ନାହିଁ ।

ସତୀଶର ଅନୁରୋଧ କ୍ରମେ ସେ ସବୁ କହିଥିଲା । ଘର ଲୋକଙ୍କ ଇଚ୍ଛା ବିରୁଦ୍ଧରେ ସେ "ଉଦୟ' କୁ ଭଲ ପାଉଥିଲା । ତାର ବାପ ନାହାଁନ୍ତି କିନ୍ତୁ ଦୁଇଟା ଗୁଣ୍ଡା ଭାଇ ଓ ଜଣେ ବହୁତ ରୁକ୍ଷ କକେଇ ଅଛନ୍ତି ଯିଏ କି ସବୁବେଳେ ହଣାମରାର ଭାଷା କୁହନ୍ତି । ତେଣୁ ସେ ଆଉ ଉଦୟ ଘର ଛାଡି ଚାଲିଯିବାର ଯୋଜନା କରିଥିଲେ । ପୂର୍ବ ଯୋଜନା ଅନୁସାରେ ଆଜି ସେ ଘରୁ ବହୁତ କଷ୍ଟରେ ସମସ୍ତଙ୍କ ଆଖି ଆଢୁଆଳରେ ଆସି ଷ୍ଟେସନରେ ତା ପାଇଁ ଅପେକ୍ଷା କରି ବସିଛି କିନ୍ତୁ ଉଦୟର ଏଯାଏ ଦେଖା ନାହିଁ । ରାତି ଆସି ଦୁଇଟା ହେଲାଣି । ସନ୍ଧ୍ୟା ଛରୁ ଆସି ଅପେକ୍ଷା କରିଛି ।

ଘର ଲୋକ ତ ଏତେବେଳକୁ ଜାଣି ସାରିବେଣି ତାର ଘର ଛାଡିବା କଥା । ତାକୁ ଖୋଜାଖୋଜି ଆରମ୍ଭ କରି ଦେବେଣି । ସକାଳକୁ ଅପେକ୍ଷା କରିଥିବେ । ତାକୁ ପାଇଲା ମାତ୍ରେ ଆଗ ଛାଣିବେ ତା ପରେ କଥା ବାର୍ତ୍ତା କରିବେ । ତେଣୁ ସକାଳ ହେବା ପୂର୍ବରୁ ସେ ଯଦି ମରିଯାଏ ତେବେ ଏ ସମସ୍ୟାରୁ ତାକୁ ମୁକ୍ତି ମିଳିଯିବ । କିନ୍ତୁ ମୁଁ ସତ କହୁଛି ମରିବାଟା ଭାରି କଷ୍ଟ । ପୁଣି ଆତ୍ମହତ୍ୟା କରିବା ଆହୁରି କଷ୍ଟ । ଯେତେ ଚେଷ୍ଟା କରୁଛି ଓଭର ବ୍ରିଜରୁ ଏ ଗାଡି ଆଗକୁ ଡେଇଁ ଯିବି କିନ୍ତୁ ଜମା ସାହାସ ପାଉନି । ଗାଡିକୁ ଦେଖିଲା ମାତ୍ରେ ଡର ଲାଗୁଛି । ଛାତି ଥରୁଛି । ମୁଠ ଘୁରେଇ ଦଉଛି ।

-"ତମେ ମରିବାକୁ କାହିଁ ଚାହୁଁଚ । ଘରକୁ ଫେରିଯାଅ ହୁଏତ ତୁମକୁ ଦେଖିଲେ ସେମାନେ ଖୁସି ହୋଇ ଯିବେ । ତୁମକୁ କ୍ଷମା ବି କରିଦେଇ ପାରନ୍ତି" ।

-"ନା ନା, ଆରେ ବାପରେ ତୁମେ ସେମାନଙ୍କୁ ଜାଣିନ । ସେମାନେ କେବଳ ହଣାମାରିରେ ସମସ୍ୟା ସମାଧାନ କରନ୍ତି । କଥାବାର୍ତ୍ତା ଦ୍ଵାରା ନୁହେଁ । ନଚେତ ମୁଁ ଏକା ଏକା ଘରୁ ଏପରି ଲୁଚ ଲୁଚ ଆସିବାର ଦୁଃସାହାସ କରି ନଥାନ୍ତି । ସବୁ ଚେଷ୍ଟା ଏବେ ନଷ୍ଟ ହେବାକୁ ଯାଉଛି। ମୁଁ ଉଦୟକୁ କେବେବି କ୍ଷମା କରିବିନି । ତା ସହିତ ସବୁ ସଂପର୍କ ଆଜି ଠାରୁ ଛିର୍ଣ୍ଣ । ସେ ମୋ ବିଶ୍ଵାସରେ ବିଷ ଦେଇଛି । ତାର ମୃତ୍ୟୁରେ ବି ଏ ଆଖିରୁ ଟିକେ ବି ଲୁହ ଝରିବନି ଅବଶୋଷ ହେବନି । ମୁଁ ଏବେ କୋଉ କୂଳକୁ ହୋଇ ପାରିଲିନି । ମୃତ୍ୟୁ ବ୍ୟତୀତ ମୋ ପାଖରେ ଆଉ କୌଣସି ରାସ୍ତା ବର୍ତ୍ତମାନ ନାହିଁ" ।

"ତମେ ଏପରି କାହିଁ ଭାବୁଛ । ସେ ହୁଏତ କିଛି ଅସୁବିଧାର ସମ୍ମୁଖୀନ ହୋଇ ପାରିଥାଏ ବା କିଛି ଦୁର୍ଘଟଣା ଗ୍ରସ୍ତ । ତଥାପି ମୁଁ କହୁଛି ତୁମେ ଆତ୍ମହତ୍ୟା ଚିନ୍ତା ଛାଡିଦେଇ, ଅନ୍ୟ ସହରକୁ କୁଆଡେ ଚାଲିଯାଅ । ଯଦି ଘରକୁ ଫେରି ନଯିବାକୁ ଚାହୁଁଚ । ତଥାପି ମୋ ମତରେ ତମେ ଘରକୁ ଫେରି ଯାଇ ସେମାନଙ୍କୁ କ୍ଷମା ପ୍ରାର୍ଥନା କଲେ ସେମାନେ ନିଶ୍ଚୟ କ୍ଷମା କରିଦେବେ । ତୁମକୁ ନପାଇ ସେମାନେ ବହୁ ବ୍ୟତିବ୍ୟସ୍ତରେ ଥିବେ । ବରଂ ତୁମକୁ ଦେଖିଲେ ରାଗ ପରିବର୍ତ୍ତେ ଖୁସି ହେବେ" ।

"ସେମାନେ କେତେ ଖୁସି ହେବେ ମତେ ବେଶ୍ ଜଣା । ମତେ ଅନ୍ୟ ସହର ବିଷୟରେ ଜଣାନାହିଁ । ନଚେତ ମୁଁ ସେଠିକି ଗ୍ଲଲିଯାନ୍ତି । କିନ୍ତୁ ଏବେ କୋଉଠିକି ଯିବି ।"

"ତୁମେ ଯଦି ମୋ ସହରକୁ ଯାଇ ତୁମର ଭାଗ୍ୟ ପରୀକ୍ଷା କରିବାକୁ ଗ୍ଲହିଁବ ତେବେ ଚେଷ୍ଟା କରିପାର ।"

"କିନ୍ତୁ ମୁଁ ଆଉ କୋଉ ପୁରୁଷକୁ ବିଶ୍ୱାସ କରି ପାରୁନ । ତଥାପି ତମେ ଜଣେ ଭଲ ଲୋକ ପରି ଲାଗୁଛ କାରଣ ତମେ ମୋର କିଛି କ୍ଷତି ଏଯାଏ ନକରି ମତେ ସାହାଯ୍ୟ କରିବାକୁ ଚେଷ୍ଟା କରୁଛ । ଭାବୁଛି ସମସ୍ତେ ଏ ସଂସାରରେ ଖରାପ ଲୋକ ନୁହଁନ୍ତି ।"

"ମୋର ପ୍ରକୃତରେ ମରିବାକୁ ଇଛା ନାହିଁ, ବଞ୍ଚିବାକୁ ଇଛା । କିନ୍ତୁ କେମିତି ଏକା ଏକା ବଞ୍ଚିବି ମତେ ଜଣା ନାହିଁ । ମତେ ଯଦି କିଛି ଦିନ ତମେ ସାହାଯ୍ୟ କରି ପାରନ୍ତ ତେବେ ହୁଏତ ମୁଁ ବଞ୍ଚନ୍ତି "।

"ମୁଁ ସାହାଯ୍ୟ କରିବାକୁ ଚେଷ୍ଟା କରିପାରେ । ଏମିତି ସବୁ ଜାଣି ଶୁଣି କାହାକୁ ମରିବାକୁ ତ ଦିଆଯାଇ ନପାରେ । ଜୀବନ ନବାଟା ସହଜ ହୋଇପାରେ କିନ୍ତୁ କାହାକୁ ଜୀବନ ଦେବାଟା ଏତେ ସହଜ ନୁହେଁ ।"

"ମୁଁ ବି କିଛି ବର୍ଷ ତଳେ ଶପଥ କରିଥିଲି ଝିଅ ମାନଙ୍କୁ ଘୃଣା ଦୃଷ୍ଟିରେ ଦେଖିବି ସେମାନଙ୍କ କଥାରେ ମୁଣ୍ଡ ଖେଳେଇବି ନାହିଁ । ତାର ଅତୀତର ସବୁ କାହାଣୀ କହି ସାରିଲା ପରେ ସତୀଶ କହିଥିଲା ମୁଁ ତୁମକୁ ଅଳ୍ପ ସାହାଯ୍ୟ କରିବି ବେଶୀ କିଛି ଆଶା ରଖିବନ ମୋ ଠାରୁ। ତମକୁ ସକାଳ ଟ୍ରେନ୍ ରେ ମୋ ସହରକୁ ନେଇ ଏକ ଛୋଟିଆ ଗ୍ଲକରୀ ଟିଏ ଯୋଗେଇଦେଲା ପର୍ଯ୍ୟନ୍ତ ମୋର ଛୋଟିଆ ଭଡା ଘରେ ତୁମକୁ ରହିବାକୁ ଯାଗାଦେବି । ତାପରେ ତୁମେ ମୋ ଜୀବନର ଏକ ଇତିହାସ ପୃଷ୍ଠା ହୋଇ ରହିବ । କେବେ ମୋ ସହିତ ଦେଖା କରିବାକୁ ବି ଭୁଲରେ ଚେଷ୍ଟା କରିବନ ।

ସବୁ କଥାକୁ ଚୁପଗୁପ ମାନନେଲା "ରାଣୀ" । କାଲି ସକାଳ କଥା ଭାବି ତା ଦେହ ଶିହରି ଉଠୁଛି । ମରିବାକୁ ତାର ଜମା ଇଛା ନାହିଁ । ସେ ଜାଣିଛି କାଲି ସକାଳୁ ଲୋକ ପଠେଇ ହେଉ ବା ନଜେ ଆସି ତା ଭାଇ ମାନେ ତାକୁ ଯେମିତି ସେମିତି ହେଉ ଖୋଜି ନେବେ । ସତୀଶ ର କଥା ତାକୁ ବିଶ୍ୱାସନୀୟ ଲାଗିଲା । ପ୍ରଥମେ ଏ ନର୍କରୁ ଉଦ୍ଧାର ପାଇଗଲା ପରେ ଦେଖାଯିବ ପର କଥା ।

ଗୋଟିଏ ଥିବା ଶୋଇବା ଘରଟିକୁ ସତୀଶ ରାଣୀକୁ ଦେଇ ନଜେ ବସିବା ଘରଟିରେ ଶୋଇବା ବସିବା ସବୁ କଲା । ତା ପର ଦିନଠୁ ସେ ଖବର କାଗଜ ଆଣି ଚାକରୀ ଖୋଜିବା କାମରେ ଦୁହେଁ ଲାଗିଗଲେ । ଦି ସପ୍ତାହ ପରେ ରାଣୀକୁ ଜଣଙ୍କର ଜାଆଁଳା ଛୁଆଙ୍କ ଦେଖାରଖା କାମଟିଏ ମିଳଗଲା । ତାଙ୍କ ଘରେ ରହିବା ଖାଇବା ବ୍ୟତୀତ କଛି ହାତ ଖର୍ଚ୍ଚ ବି ମିଳବ । ରାଣୀ ଯେତିକ ଖୁସି ସତୀଶ ବି । ଆସନ୍ତା ସୋମବାର ଠାରୁ କାମରେ ଯୋଗ ଦେବାର ଥିଲା ରାଣୀର କନ୍ତୁ ଶନବାର ରାତି ଅଧରୁ ସତୀଶକୁ ଭିଷଣ ଜର ଆସିଗଲା । ଶେଯରୁ ଉଠିବା ସମ୍ଭବ ପର ନଥିଲା । ଆଉ ତ ଆଉ ମଝିରେ ମଝିରେ ସେ ବେହୋସ ବି କଛି ସମୟ ପାଇଁ ହୋଇ ଯାଉଥାଏ । ସତୀଶର ପଡୋଶୀଙ୍କ ସହାୟତାରେ ରାଣୀ ସତୀଶକୁ ନେଇ ହସ୍ପିଟାଲରେ ଭର୍ତ୍ତି କରି ତାର ସେବାରେ ଲାଗିଗଲା ।

ଚାକରୀରେ ଯୋଗ ଦେବା ତା ପକ୍ଷେ ସମ୍ଭବ ହେଲା ନାହିଁ । ହଉ ଏଥରକ ନହେଲା ନାହିଁ ପୁଣି ଥରେ ଚେଷ୍ଟା କରିବ । ଆଗ ଜୀବନ । ତା ଜୀବନ ଥରେ ସତୀଶ ଯୋଗୁ ବଞ୍ଚି ଯାଇଥିଲା । ଏବେ ତା ସାହାଯ୍ୟ ଯୋଗୁ ସତୀଶର । ହସ୍ପିଟାଲରେ ଦୁଇ ଦିନ ରହି ଘରକୁ ଫେରିଲା ପରେ ବି ସତୀଶର ଦୁର୍ବଳତା ଯାଇ ନଥାଏ । ମୁଣ୍ଡ ବୁଲେଇ ଦେଉଥାଏ । ଠିଆ ହୋଇ ରହିବା ସମ୍ଭବପର ହୋଇପାରୁ ନଥାଏ । ତାର ସାହାଯ୍ୟ ନହାତି ଦରକାର ଏବେ । ଖିଆପିଆ ଔଷଧ ଆଣିବା ସବୁ ରାଣୀ କରିଥିଲା । ସପ୍ତାହକ ପରେ ସତୀଶକୁ ଟିକେ ଭଲ ଲାଗିବାରୁ ରାଣୀ କହିଥିଲା "ମୋ ଚାକରୀ ଚାଲିଗଲା କନ୍ତୁ ମୋ ମନରେ ଦୁଃଖ ନାହିଁ ଚାକରୀ ଗଲେ ଚାକୀରି ମିଳବ କନ୍ତୁ ତୁମକୁ ଏପରି ଅବସ୍ଥାରେ ଛାଡି ଯିବାକୁ ମନ ହେଲା ନାହିଁ" ।

ମୁଁ ତୁମକୁ କଥା ଦେଇଥିଲି ସୋମବାର ଠାରୁ ମୋ ମୁଁହ ତୁମକୁ କେବେବି ଦେଖେଇବିନ । କଥା ରକ୍ଷା କରି ନପାରି ଥିବାରୁ ଭିଷଣ ଭାବେ ଦୁଃଖିତ । ହସିଥିଲା ସତୀଶ । କହିଲା

"ତୁମକୁ ମୁଁ ଏକ ଚାକରୀ ଦେବାକୁ ଭାବୁଛି । ତମେ ଯଦି ଗ୍ରହଣ କରିବ ତେବେ ମୁଁ ବହୁତ ଖୁସି ହେବି ।'

- "ହଁ କୁହନ୍ତୁ ନା ମୁଁ ସବୁ କାମ କରିବା ପାଇଁ ପ୍ରସ୍ତୁତ ରୋଷେଇ ବାସଠୁ ଆରମ୍ଭ କରି ଘର ଝାଡୁ ପୋଛା, ବଜାର ସଉଦା, କୁହନ୍ତୁ ।'

"ମୋ ସ୍ତ୍ରୀ ପଦ ଟା ଖାଲି ପଡିଛି ଅନେକ ଦିନରୁ ପୁରଣ କରି ପାରିଲେ ଖୁସି ହେବି '। ପ୍ରଥମେ ରାଣୀ ବୁଝି ପାରିଲାନ ଠିକ୍ ରେ ସତୀଶର ଇଙ୍ଗିତିକ ଏ ପ୍ରକାର କଥାବାର୍ତ୍ତାରୁ । ତା ପରେ କଛି ସମୟ ପରେ ବୁଝିପାରି କହିଥିଲା:

- "ତମେତ ଝିଅ ମାନଙ୍କ ମୁହଁ ନଚାହିଁବାକୁ ଭିଷ୍ମ ପ୍ରତିଜ୍ଞା କରିଥିଲ, ସେ ପ୍ରତିଜ୍ଞା କେମିତି ଭାଙ୍ଗିବ' ।

-"ହେ ମୁଁ କଣ ସେମିତିକା ନା ସେ ଯୁଗର ଭିଷ୍ମ ଯେ ଥରେ ପ୍ରତିଜ୍ଞା କରିଦେଲି ବୋଲି ଜୀବନସାରା ଜାବୁଡି ଧରି ବସିବି' ।

ବିବାହଟା ବହୁ ସଧାରଣ ଭାବେ ସଂପର୍ଣ୍ଣ ହୋଇଥିଲେ ବି ଜୀବନ ଯାତ୍ରା ଟା ରାଜକୀୟ ଠାଣିରେ ବିତିଥିଲା ।

ରଚେଷ୍ଟର, ମିନେସୋଟା,
ଯୁକ୍ତରାଷ୍ଟ୍ର ଆମେରିକା

# ଖାଣ୍ଟି ଓଡିଆ



ଡ. ଜ୍ଞାନେଶ୍ୱର ମିଶ୍ର

ଉଡ୍ର, କଳଙ୍ଗ, ଉତ୍କଳ ବର୍ତ୍ତମାନ ଓଡିଶା ଆମର
ଏସବୁ ନାମ ଅତୀତ ଯୁଗର ଏକା ଭୂଖଣ୍ଡର
ଏହି ଭୂଖଣ୍ଡରେ ଖାଲି ଜନ୍ମ ହେଲେ କେହି ଓଡିଆ ହୁଏନା
ଓଡିଆ ଲେଖିବା ପଢିବା କହିବା ଜାଣିଲେ
ତାକୁ ଓଡିଆ କୁହନା
ତା ହେଲେ ଓଡିଆ କଏ?
ଆମ ସଂସ୍କୃତି ଓ ପରମ୍ପରା ଯିଏ ଜାଣିବ
ଆମ ଧର୍ମ, ରୀତି ନୀତି ନିଷ୍ଠା ସହ
ଜୀବନରେ ପ୍ରୟୋଗ କରୁଥିବ
ଶେଷରେ "ଓଡିଆ ଆତ୍ମା" ବିରାଜମାନ
ଯାର ହୃଦୟରେ
ସିଏ ଖାଣ୍ଟି ଓଡିଆ, ଦ୍ୱିଧା ନାହିଁ କହିବାରେ ॥

କୋଲକତା

# ମୋ ସଂସ୍କୃତି



ନନ୍ଦିନୀ ରାଉତ

ସଂସ୍କୃ ତି ରେ ଭରା ମୋ ଦେଶ ଭାରତ
ରହିଅଛି କେଉଁ କାଳୁ
ବେଦ ର ଓଁକାର ଯେବେଠୁଁ ଶୁଭିଛି
ମୋ ସଂସ୍କୃ ତି ସେହି ବେଳୁ.. 1

ସତ୍ୟ, ତ୍ରେତା ଆଉ ଦ୍ୱାପର ଯୁଗରେ
ସତ୍ୟ ଶାନ୍ତି ଦୟା କ୍ଷମା
ଗୁରୁ ବ୍ରହ୍ମା, ବିଷ୍ଣୁ ପୁଣି ମହେଶ୍ୱର
ଆଉ କ ଦେବା ଉପମା..... 2

ପିତା ମାତା ଥିଲେ ଜୀବନ୍ତ ଠାକୁର
ଜ୍ଞାନ ପୂଜା ପାଉଥିଲା
ପୁତ୍ର ସ୍ନେହେ ପିତା ପ୍ରାଣ ତ୍ୟାଗ କରେ
ମୋ ଧର୍ମ ଦେଖାଇ ଦେଲା... 3

ପତିର ଦୁଃଖ ରେ ପତ୍ନୀ ଦୁଃଖୀ ହୋଇ
କଷ୍ଟ କୁ ହସି ସହଇ
ପତି ପ୍ରାଣା ସତୀ ପତି ସ୍ୱାର୍ଥ ପାଇଁ
ନଜେ ଦୁଃଖ ଯାଏ ସହି... 4

ଭାଇ ର ମଙ୍ଗଳ କାମନା ରେ ବ୍ରତୀ
ଶୟନ ଭୋଜନ ତ୍ୟାଗ
ବିଳାସ ବ୍ୟସନ ପଛରେ ପକାଇ
ଭାତୃ ପ୍ରୀତି କଲେ ଆଗ... 5

ପ୍ରଜା ସୁଖ ପାଇଁ ରାଜା ପାଏ ଦଣ୍ଡ
ପତ୍ନୀ କୁ କରଇ ତ୍ୟାଗ
ସଭିଙ୍କ ମଙ୍ଗଳ ସମାଜ ଶିଖାଏ
ତୁଚ୍ଛ କରେ ରାଜ ଭୋଗ... **6**

ଅନ୍ୟାୟ ଅଧର୍ମ ଦୂର ପାଇଁ ଏଠି
ପ୍ରଭୁ ଅବତାର ନିଏ
ପୃଥିବୀ ର ପାପ ଭାର ଦୂର କରି
ନିଜେ ସବୁ ଦୁଃଖ ସହେ... **7**

ସୂର୍ଯ୍ୟ ଚନ୍ଦ୍ର ବୃକ୍ଷ ପୂଜା ପାନ୍ତି ଏଠି
ସଭ୍ୟତା ମୋ ପୂଜା ପାଏ
ବସୁଧା ଅଟଇ ଏକ ପରିବାର
ମୋ ସଂସ୍କୃତି ଶିକ୍ଷା ଦିଏ.. **8**

ସାଗର ଗର୍ଭ ରେ ଯେହ୍ନେ ମିଶେ ନଦୀ
ତେସନେ ଯେ ସର୍ବ ଧର୍ମ
ରାମ କ ରହିମ ନୁଁହନ୍ତି ଅଲଗା
ଏହା ଅଟେ ସାର ମର୍ମ.... **9**

ଗୋଟିଏ ମାଆ ର ପୁଅ ଝିଅ ଆମେ
ବିଶ୍ୱ ଆମ ପରିବାର
ହିଂସା ଦ୍ୱେଷ କ୍ରୋଧ ଦୂର କରି ସର୍ବେ
ଶାନ୍ତି ର ପ୍ରଚାର କର... **10**

ବାଲିପଛା, ଅନୁଗୁଳ

# ମା



ରଶ୍ମୀବାଳା ଶତପଥୀ

ଜନ୍ମର ପବିତ୍ର ଧାର୍‌ରେ ମା
ଗର୍ଭସ୍ଥ ଶିଶୁର ହୃସ୍ପନ୍ଦନରେ ମା।

ଶିଶୁର ପ୍ରଥମ କ୍ରନ୍ଦନରେ ଥାଏ ମା
ପ୍ରଥମ ହସର କାରଣ ସେ ମା।

ପହିଲି ପାଦ ଚଳ୍ପ ସିଖାଏ ଯେ ମା
ପଡିଗଲେ କାନ୍ଦି ଉଠାଏ ସେ ମା।

ବାଲ୍ୟକାଳର ଅବୁଝା ପଣରେ ଥାଏ ମା
ପଣତରେ ଧୂଳ ଝାଡି ଦେଇଥାଏ ମା।

ଶ୍ରଦ୍ଧା ଭଲ ପାଇବାର ପ୍ରତୀକ ଯେ ମା
ବିନମ୍ରତା ସଂସ୍କାରର ପ୍ରତିଛବି ସେ ମା।

ସନ୍ତାନର ପ୍ରଥମ ଲିପିରେ ଥାଏ ମା
ଶିଶୁର ମୁଖନସୃତ ବାଣୀରେ ଥାଏ ମା।

ବାତ୍ସଲ୍ୟ ମମତାର ଗନ୍ତାଘର ତମେ ମା
ଅହେତୁକ ତ୍ୟାଗର ପ୍ରତିବିମ୍ବ ତମେ ମା।

ପୃଥିବୀର ସର୍ବଶ୍ରେଷ୍ଠ ରକ୍ଷାକବଚ ଯେ ମା
ନିଜ ଦୁଃଖ ଭୁଲି ଆନନ୍ଦର ବର୍ଷା କରେ ମା।

ମମତାର କରୁଣାମୟୀ ଧାର୍ ଯେ ମା
କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ସେ ମା।

ମୋ ପାଇଁ ସର୍ବ ଶ୍ରେଷ୍ଠ ତମେ ମା
ଦୁନିଆ ଅଜ୍ଞାନ ସମ ପ୍ରତୀତ
ତୁମ ବିନୁ ମା.........।

ଯାଜପୁର ଟାଉନ୍, ଯାଜପୁର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ
ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ ।
ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com
and editor.vedantimagazine@gmail.com

# ବିଜୟାନନ୍ଦ ପଟ୍ଟନାୟକ



ବରଦା ପ୍ରସନ୍ନ ଦାସ

ବିଜୟାନନ୍ଦ ପଟ୍ଟନାୟକଙ୍କ ୧୯୧୬ ମସିହା ମାର୍ଚ୍ଚ ୫ ତାରିଖରେ ହଜାର ବର୍ଷର ଐତିହ୍ୟ ସମ୍ପର୍ଣ୍ଣ କଟକ ସହର ତୁଳସୀପୁର ଆନନ୍ଦଭବନ ରେ ଜନ୍ମଗ୍ରହଣ କରିଥିଲେ । ପିତା ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କର ଥିଲେ ନଅ ଭାଇ, ନଅ ଭଉଣୀ । ସେ ଗଂଜାମ ଜିଲ୍ଲାର ଅଧିବାସୀ ହୋଇଥିଲେ ହେଁ କଟକରେ ଉପଜିଲ୍ଲା ନ୍ୟାୟଧୀସ ଥିବାରୁ ସେ କଟକରେ ରହୁଥିଲେ। ତାଙ୍କ ଜ୍ୟେଷ୍ଠ ପୁତ୍ର ଶ୍ରୀ ଶ୍ରଦ୍ଧାନନ୍ଦ ପରବର୍ତ୍ତୀ ସମୟରେ ଜର୍ଜ ପଟ୍ଟନାୟକ ନାମରେ ଜଣେ ସଫଳ ଦନ୍ତ ଚକିତ୍ସକ ଭାବରେ କଟକରେ ପ୍ରତିଷ୍ଠିତ। ତାଙ୍କ ଅଲିଅଳ ଝିଅ - ମୁକୁତି ପଟ୍ଟନାୟକ ବିବାହ ପରେ ଶ୍ରୀମତୀ ମୁକୁତି ମହାପାତ୍ର ଭାବରେ ଓଡ଼ିଶାରେ ବେଶ ପରିଚତ । ତୃତୀୟ ସଂତାନ ଶ୍ରୀ ବିଜୟାନନ୍ଦ ପଟ୍ଟନାୟକ ଯିଏକ ପରବର୍ତ୍ତୀ ଶ୍ରୀ ବିଜୁ ପଟ୍ଟନାୟକ ନାମରେ ସମଗ୍ର ବିଶ୍ୱରେ ପରିଚିତ। ତାଙ୍କର ଚତୁର୍ଥ ସଂତାନ ହେଉଛନ୍ତି ଶ୍ରୀ ଦୟାନନ୍ଦ ପଟ୍ଟନାୟକ । ସାଧାରଣତଃ ସେ ସିଜୁ ପଟ୍ଟନାୟକ ନାମରେ ପରିଚତ । ବିମାନ ବାହିନରେ ଯୋଗଦେଇ କର୍କଟ ରୋଗରେ ପୀଡିତ ଯୋଗୁଁ ଅକାଳରେ ମୃତ୍ୟୁ ବରଣ କରିଥିଲେ । ୧୯୨୩ ମସିହାର କଥା ମୁନ୍ସିଫ୍ ଲକ୍ଷ୍ମୀ ନାରାୟଣ ପରିବାରରେ ଶୋକର ଛାୟା । ମାତ୍ର ୮ ବର୍ଷର ଶିଶୁପୁତ୍ର ବିଜୟା ନନ୍ଦ ଅସୁସ୍ଥ ଅତିଦାରୁଣ ରୋଗରେ ପୀଡିତ । କର୍ତ୍ତବ୍ୟ ନଷ୍ଠ ଜଣେ ଗୋରା ସର୍ଜନ ଡ଼.ପିବ୍‌ଲେସ୍ ଅପରେସନ କରି ତାଙ୍କୁ ଭଲ କରିଥିଲେ। ଉଡ଼ାଜାହାଜ ଶିକ୍ଷା ସମୟରେ ଗୋଟିଏ ଉଡ଼ାଜାହାଜ ଆକାଶରେ ଭାଙ୍ଗି ଖଣ୍ଡଖଣ୍ଡ ହୋଇଯାଇଥିଲେ ସୁଦ୍ଧା ଅତି ଆଶ୍ଚର୍ଯ୍ୟ ଜନକଭାବେ ନଜେ ରକ୍ଷା ପାଇଯାଇଥିଲେ ସେ । ମିଶନ ପ୍ରାଥମିକ ବିଦ୍ୟାଳୟ କଟକରୁ ଶିକ୍ଷା ସମାପ୍ତ ପରେ ସେ ମିଶନ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଅଧୟନ କଲେ । ପ୍ରଧାନ ଶିକ୍ଷକ ପ୍ରବିଣ ଶିକ୍ଷାବିତ ମିଶନ ପ୍ରାଥମିକ ବିଦ୍ୟାଳୟ କଟକରୁ ଶିକ୍ଷା ସମାପ୍ତ ପରେ ସେ ମିଶନ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଅଧୟନ କଲେ । ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଓଜେ ମିଲ୍‌ନ ଶିକ୍ଷାବିତ ଅନୁଭବ କଲେ ବିଜୁ କୁସ୍ତି କସରତ, ସ୍କାଉଟ, କ୍ରୀଡା, ସନ୍ତରଣ, ବିଭିନ୍ନ ପ୍ରତିଯୋଗିତା ସଫଳତା ପାଇଁ ବିଜୁ ହିଁ

ବିଜୟର ଅନ୍ୟ ନାମ । ପରେ ମିସନ ସ୍କୁଲ ରୁ ରେଭେନସା କଲେଜେଟ୍ ସ୍କୁଲକୁ ସ୍ଥାନାନ୍ତରିତ ହୋଇଥିଲେ। ଆଇଏସି ଓ ପରେ ବିଏସି ପରୀକ୍ଷା ସମୟରେ ଉଡାଜାହାଜ ଶିକ୍ଷାରେ ଖୁବ କୃତିତ୍ୱ ଅର୍ଜନ କଲେ । ୧୯୪୭ ରେ ପଣ୍ଡିତ ନେହେରୁଙ୍କ ପରାମର୍ଶକ୍ରମେ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସହିତ ଯୋଗ ସୂତ୍ର ରକ୍ଷା କରିଥିଲେ ।

ପ୍ରଥମକରି ରାଜନତୀ, କଟକ ସହରରୁ ରାଜ୍ୟ ବିଧାନସଭାକୁ ନର୍ବାଚତ ହୋଇଥିଲେ । ନୂଆ ଦିଲ୍ଲୀ ଠାରେ ୧୯୪୭ ମସିହାରେ ଏସିଆନ କନଫରେନ୍ସ ଚାଲିଥାଏ । ପଣ୍ଡିତ ନେହେରୁ ଓ ଅନ୍ୟ ଭାରତୀୟ ନେତା ମାନେ ଅନ୍ୟ ଦେଶର ନେତାମାନଙ୍କୁ ସେମାନଙ୍କ ଦେଶର ସମସ୍ୟା ଓ ଭଲମନ୍ଦ ପଚାରି ବୁଝୁଥାନ୍ତି। ଏହି ସମୟରେ ଜଣେ ଇଣ୍ଡୋନେସିଆ ପ୍ରତିନିଧି ଡଚ୍ ମାନଙ୍କ କବଳରୁ ସୁଲତାନ ସାହାରିୟର ଙ୍କୁ ଉଦ୍ଧାର କରିବାକୁ ଅନୁରୋଧ କଲେ । ନେହେରୁ ଏହି ପରିସ୍ଥିତିରେ ବିଜୁଙ୍କ ସାହାଯ୍ୟ ମାଗିଥିଲେ । ବିନା ଦ୍ୱିଧାରେ ବିଜୁ ବିମାନ ଯୋଗେ ଆରମ୍ଭକଲେ ଇଣ୍ଡୋନେସିଆ ଅଭିଯାନ। ସାଙ୍ଗରେ ଏକମାତ୍ର ସହଯାତ୍ରୀ, ପତ୍ନୀ ଜ୍ଞାନ ପଟ୍ଟନାୟକ । ସେତେବେଳେ ଇଣ୍ଡୋନେସିଆ ଡଚ୍ ମାନଙ୍କ କବଳରେ ଥାଏ । ରାଷ୍ଟ୍ରପତି ଡ.ସୁକର୍ଣ୍ଣଙ୍କର ନେତୃତ୍ୱରେ ଇଣ୍ଡୋନେସିଆ ବାସୀ କ୍ଷମତା ହାସଲ ପାଇଁ ଚେଷ୍ଟା କରୁଥାନ୍ତି । କିନ୍ତୁ ଯୋଗା ଯୋଗ ଅଭାବରୁ ଡ.ସୁକର୍ଣ୍ଣଙ୍କର ସରକାର ଅନ୍ତର୍ଜାତିୟ ସହଯୋଗ ହୋଇପାରୁ ନଥାଏ କି ବିପ୍ଳବ ଜୋରଦାର ହୋଇପାରୁ ନଥାଏ । ବିଜୁ ଇଣ୍ଡୋନେସିଆରେ ପହଞ୍ଚି ଡ.ସୁକର୍ଣ୍ଣଙ୍କ ସହ ଦେଖା କଲେ । ବିଜୁଙ୍କ ସହ ଭାରତ ଆସିବାକୁ ଅମଙ୍ଗ ହେଲେ, କାରଣ ସେତେବେଳେ ତାଙ୍କସ୍ତ୍ରୀ ଥିଲେ ଆସନ୍ନପ୍ରସବା । ବିଜୁ ପହଞ୍ଚିବାର ଅଳ୍ପ ସମୟ ପରେ ଝିଅଟିଏ ଜନ୍ମ ହେଲା । ପରିବେଶ ପରିସ୍ଥିତିକୁ ଲକ୍ଷ୍ୟ କରି ବିଜୁ ଝିଅର ନାମ ଦେଲେ ମେଘାବତୀ ସୁକର୍ଣ୍ଣ ପୂତ୍ରୀ। ବର୍ତ୍ତମାନ ସେ ଇଣ୍ଡୋନେସିଆର ରାଜନତୀ କ୍ଷେତ୍ରରେ ସୁ-ପ୍ରତିଷ୍ଠିତା । କଟକ ବାଲିଯାତ୍ରା ଉତ୍ସବରୁ ପ୍ରଥମେ କଳଙ୍ଗର ଇତିହାସ ବିଜୁବାବୁ ତାଙ୍କ ବାପାଙ୍କ ଠାରୁ ଜାଣିଥିଲେ । ଅତୀତର ଓଡିଆ ସାଧବମାନେ ବେପାର ବଣିଜ କରିବାକୁ ବୋଇତରେ ଜାଭା, ସମୁଦ୍ରା, ବାଲି ଓ ବୋର୍ଣ୍ଣିଓ ଆଦି ଦ୍ୱୀପକୁ ଯାଉଥିଲେ । ସେତେବେଳେ ବିଜୁ ପ୍ରଥମେ ବାଲୀଦ୍ୱୀପ ବିଷୟରେ ଧାରଣା କରିଥିଲେ । ବିଜୁ ଡଚ୍ ମାନଙ୍କର ଅବରୁଧ ଭଙ୍ଗକରି ବିମାନ ଚଳାଇ ସୁଲତାନ ସାହାରିୟାଙ୍କୁ ଉଦ୍ଧାରକରି ସୁଙ୍ଗାପୁର ଅଭିମୁଖେ ଯାତ୍ରା କଲେ । ପୁଣି ଡ.ମହମ୍ମଦ ହଟ୍ଟାଙ୍କୁ ଉଦ୍ଧାର କରି ଭାରତ ଅଭିମୁଖେ ଯାତ୍ରା ଆରମ୍ଭ କଲେ। ସୁଲତାନ ସାହାରିୟାର ଓ ଡ.ହଟ୍ଟାଙ୍କୁ ରେଙ୍ଗୁନ

ବାଟେ କଲିକତା ଆଣିଲେ ଓ ସେଠାରୁ ଦିଲ୍ଲୀରେ ବିମାନ ଓହ୍ଲାଇଲେ । ସାହାରିୟା ଓ ହଟ୍ଟାଙ୍କ ସହ ନେହେରୁଙ୍କ ଆଲୋଚନା ହେଲା । ସାହାରିୟା ଓ ହଟ୍ଟା ସେତେବେଳେ ଇଣ୍ଡୋନେସିଆର ପ୍ରଧାନମନ୍ତ୍ରୀ ଓ ଉପରଷ୍ଟ୍ରପତି ଥାନ୍ତି । ଇଣ୍ଡୋନେସିଆ ସ୍ୱାଧୀନ ହେବାପରେ ବିଜୁବାବୁଙ୍କୁ ଭୂମିପୁତ୍ର ଉପାଧିରେ ଭୂଷିତ କରାଯାଇଥିଲା । ରାଷ୍ଟ୍ରପତି ସୁକର୍ଣ୍ଣ ଇଣ୍ଡୋନେସିଆରେ ବିଜୁ ବାବୁଙ୍କୁ ଏକ ତୈଳ ଖଣି ଶିଳ୍ପ ପ୍ରତିଷ୍ଠା ପାଇଁ ସୁଯୋଗ, ୫ଶହ ବର୍ଗ ପରିମିତ ଜଙ୍ଗଲ ଡଚ୍ ମାନଙ୍କ ପରିତ୍ୟକ୍ତ ଏକ ବିଶାଳ ପ୍ରସାଦ ଉପହାର ଭାବେ ଦେଇଥିଲେ । ବିଜୁ ପତ୍ନୀ ଜ୍ଞାନଦେବୀ ଅନୁରୋଧରେ ବିଜୁ ଏହି ବିଶାଳ ଉପହାରକୁ ନମ୍ରତାର ସହ ଫେରାଇ ଦେଇଥିଲେ । ଏହା ତାଙ୍କ ମହାନୁଭବତା ଓ ବିଶାଳ ହୃଦୟର ପରିଚୟ ଦିଏ । ୧୯୩୯ ମସିହାରେ ବିଜୁବାବୁଙ୍କର ବିବାହ ହୋଇଥିଲା ଜ୍ଞାନ ଦେବୀଙ୍କ ସହିତ । କାଶ୍ମୀରର ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଜ୍ଞାନଦେବୀ । ତାଙ୍କର ଭିଣଇ ସେତେବେଳେ ଇଣ୍ଡିଆନ ନେସନାଲ ଏୟାରୱେଜରେ ବିଜୁବାବୁଙ୍କ ସହ ଚାକିରି କରୁଥିଲେ । ଏହି ସୁଯୋଗରେ ଜ୍ଞାନଦେବୀଙ୍କ ସହ ବିଜୁବାବୁଙ୍କର ପରିଚୟ । ସେହି ପରିଚୟ କ୍ରମଶଃ ଘନିଷ୍ଠରୁ ଘନିଷ୍ଠତର ହୋଇଥିଲା । ପରିଶେଷରେ ଦୁହେଁ ବିବାହ ସୂତ୍ରରେ ଆବଦ୍ଧ ହେବାକୁ ସ୍ଥିର କଲେ । ଜ୍ଞାନଦେବୀଙ୍କ ପରିବାର ଅତି ଧନୀ ଥିଲେ । ସେମାନଙ୍କର ଏମ ଏନ୍ ରାଧାକ୍ରୀଷ୍ଣ ଆଣ୍ଡକୋ ଲିମିଟେଡ୍ କମ୍ପାନୀ ଭାରତରେ ଏକ ବିଶିଷ୍ଟ ବ୍ୟବସାୟୀ ସଂସ୍ଥାଥିଲା। ପତ୍ୟୁତ୍ପନ୍ନମତ, ନିର୍ଭିକ ଓ ଉଦ୍ଦାମ ତାରୁଣ୍ୟରେ ଚଳଚଞ୍ଚଳ ବିଜୁବାବୁଙ୍କ ସହ କାଶ୍ମୀର ଉପତ୍ୟାକାର ଧନବାନ ପିତାଙ୍କର ସୁନ୍ଦରୀ ବୁଦ୍ଧିମତୀ କନ୍ୟାଙ୍କର ମିଳନ ପ୍ରସ୍ତାବରେ କହିବାକୁ ଗଲେ ଓଡିଆ ଭାଷାରେ ରାଜଜୋଟକ । ଯେତେ ଭୟଙ୍କର ପରିସ୍ଥିତି ଆସୁନା କାହିଁକି ସେ ସବୁଥିରେ ସ୍ୱାମୀଙ୍କୁ ଉତ୍ସାହିତ କରୁଥିଲେ । ବିଶେଷ କରି ସ୍ୱାଧୀନତା ସଂଗ୍ରାମରେ ବିଜୁ ବାବୁଙ୍କର ଗୁପ୍ତ ସହଯୋଗକୁ ସେ ଖୁବ୍ ପସନ୍ଦ କରୁଥିଲେ । ଏବଂ କେତେକ କ୍ଷେତ୍ରରେ ନିଜେ ଅଣ୍ଟାଭିଡି ବାହାରି ଆସୁଥିଲେ । ମଣିଷ ଚରିତ୍ର ଅଧ୍ୟୟନରେ ପିତା ଲକ୍ଷ୍ମୀ ନାରାୟଣ ବାବୁ ଖୁବ୍ କୁଶଳୀ ଥିଲେ । ପାରଳାଖେମୁଣ୍ଡିର ସି କାରୁକାର୍ଯ୍ୟ ସମଗ୍ର ବିଶ୍ୱରେ ପରିଚତ । ଲକ୍ଷ୍ମୀ ନାରାୟଣ ବାବୁ ସେଠାରେ ଅବସ୍ଥାନ କରୁଥିବା ସମୟରେ ନିଜର ୩ ପୁଅଙ୍କ ଚରିତ୍ରର ବିଶ୍ଲେଷଣ ପାଇଁ ଏକ ସିମ୍ବଲିକ ସିଙ୍ଘ କାର୍ଯ୍ୟ ଦିନେ ପର୍ମାସୀ ଦେଇ କରାଇଥିଲେ । ଲକ୍ଷ୍ମୀ ନାରାୟଣ ବାବୁଙ୍କ ମୃତ୍ୟୁପରେ ମଧ୍ୟ ସେହି ସିଙ୍ଘ କାର୍ଯ୍ୟଟି ଯତ୍ନରେ ରଖାଯାଇଥିଲା । ୩ ପୁଅଙ୍କ ଚରିତ୍ରର ପରିସ୍ଫୁଟନ ପାଇଁ ଗୋଟଏ ସିଙ୍ଘରେ ୩ଟି ଚଢେଇ ତିଆରି କରିଯାଇଥିଲା । ଗୋଟିଏ ଚଢେଇ ସମ୍ପୂର୍ଣ୍ଣ

ଉପରକୁ ଥଣ୍ଟ ଟେକ ରହିଛି । ଅନ୍ୟଟି ଭୂମିରେ ସମାତରାଳ ଭାବରେ ଥଣ୍ଟକୁ ରଖିଛି ଓ ୩ୟ ଚଢେଇଟି ତଳକୁ ଥଣ୍ଟ ପାରିଛି । ଏହ ୩ ଥଣ୍ଟିଆ ଚଢେଇ ସମ୍ପର୍କରେ ବୁଝାଇବାକୁ ଯାଇ ଜର୍ଜ ବାବୁ କହନ୍ତି ଉପରକୁ ମୁହଁ ଟେକ ରହିଥିବା ଚଢେଇଟି ବିଜୁ ଚରିତ୍ରର ଏକ ସିମ୍ବଲିକ ପ୍ରତିଛବି । ଜୀବନରେ ସେ କେବେ ଛୋଟ କଥା ଚନ୍ତା କରିନାହିଁ । ଏବଂ ମୋର ଦୃଢ ବିଶ୍ୱାସ କରିବ ବି ନାହିଁ । ପିଲାଟି ଦିନରୁ ଟଙ୍କା ପଇସାକୁ ସେ କେବେ ଖାତିର କରିନାହିଁ । ଆମ ଅନ୍ୟ ଦୁଇ ଭାଇଙ୍କ ଅପେକ୍ଷା ସେ ବେଶି ଖର୍ଚ୍ଚ କରିଛି । ପ୍ରଥମ ଚଢେଇ ଭଳ ସେ ସବୁବେଳେ ଉପରକୁ ଚାହିଁଛି ଦୃଢ ଦୃଷ୍ଟି ସମ୍ପର୍ଣ୍ଣ ହୋଇ । ୨ୟ ଚଢେଇଟି କଥା ଭୂମିସହ ସମାନ୍ତରଳ ଭାବରେ ରହିଛି ତାର ଥଣ୍ଟ । ଏଇଟି ହେଉଛି ଜର୍ଜ ବାବୁଙ୍କର ପ୍ରତିଛବି । କଟ୍ ୟୋର କୋର୍ଟ ଆକଡିଙ୍ଗି ଟୁ ୟୋର କଲ୍ଥ (ଯେତିକ ଚୁନାକୁ ସେତିକ ପିଠା) । ବାବା ଯାହା ହାତ ଖର୍ଚ୍ଚ ଦିଅନ୍ତି ତାଠାରୁ ଅଧିକ ଖର୍ଚ୍ଚ କରିବା ଜର୍ଜ ବାବୁଙ୍କ ନୀତି ବିରୋଧି । ୩ୟ ଚଢେଇ କଥା ଅନ୍ୟ ଚଢେଇଙ୍କ ଠାରୁ ସ୍ୱତନ୍ତ୍ର ତଳକୁ ଥଣ୍ଟକରି ନିରବରେ ଛିଡା ହୋଇଛି । ତୃତୀୟ ପୁତ୍ର ସିଜୁ ବାବୁଙ୍କ କଥା । ହାତେ ମାପି ଚାଖଣ୍ଡେ ଚାଲିବା ଲୋକ ଇଏ । ମାଆ ଯଦି ସିଜୁବାବୁଙ୍କୁ ୧୦୦ଟଙ୍କା ଦେଇଥାନ୍ତି ତେବେ ବହୁ କଷ୍ଟରେ ୪୦ଟଙ୍କା ଖର୍ଚ୍ଚକରି ଅବଶିଷ୍ଟ ୬୦ଟଙ୍କା ବଳକା ରଖୁଥିଲେ । ନୀରବରେ ବଗଭଳ ଅନ୍ୟର ଉଦ୍ଦେଶ୍ୟରେ ହିଁ ସେ ବସି ରହିଥାନ୍ତି । ସୁଯୋଗ ପଡିଲେ ଶିକାର ଖସି ଯିବାର କୌଣସି ଉପାୟ ନଥାଏ । ଆଉ ଏକ ମାତ୍ର ଝିଅ ଗୀତା ମେହେଟ୍ଟା ଜଣେ ସୁ ଲେଖିକା । ବିଜୁ ବାବୁଙ୍କ ଇଚ୍ଛାଥିଲା ସେ ତାଙ୍କ ଆତ୍ମ ଜୀବନୀ ଲେଖିଥାନ୍ତେ । ମାତ୍ର ତାଙ୍କର ସେ ଆଶା ଅଶାରେ ହିଁ ରହିଗଲା । ତାଙ୍କ ଝିଅ ଗୀତା ମେହେଟ୍ଟା ତାଙ୍କର ପ୍ରକାଶିତ ଇଂରାଜୀ ପୁସ୍ତକ ସ୍ନେକ ଆଣ୍ଡ ଲାଡର୍ସ ବହିରେ ଠାଏ ଠାଏ ତାଙ୍କ ବାପାଙ୍କ ବିଷୟରେ ଅନୁବାଦ କରି ଲେଖିଛନ୍ତି । ବଡପୁଅ ପ୍ରେମ ପଟ୍ଟନାୟକ ଶିଳ୍ପ ଉପରେ ମନୋନିବେଶ କରିଥିବା ବେଳେ ୨ୟ ପୁତ୍ର ନବୀନ ପଟ୍ଟନାୟକ ଆଜି ରାଜନୀତି ଆକାଶରେ ନୂଆ ନୂଆ ଚନ୍ତାଧାରା ପ୍ରକଟ କରି ଚାଲିଛନ୍ତି ଓ ପିତାଙ୍କ ଦ୍ୱାରା ନାମିତ ନବୀନ ନାମକୁ ସାର୍ଥକ କରିଚନ୍ତି । ବାସ୍ତବିକ ଏକତା ସାହିତ୍ୟ ସଂସ୍କୃତି ର ପ୍ରାଣକେନ୍ଦ୍ର ଥିବା କଟକର ଭୂମିଷ୍ଟ ହୋଇ ଭୂମିପୁତ୍ର ଉପାଧିରେ ଭୂଷିତ ହେବା ସଙ୍ଗେ ସଙ୍ଗେ କଳଙ୍ଗର ଉପଯୁକ୍ତ ବରପୁତ୍ର ଭାବେ ବିଶ୍ୱବାସୀଙ୍କ ପାଇଁ ତାଙ୍କର ଅଲିଭା ଦାଗ ଛାଡି ସବୁଦିନ ପାଇଁ ଅମର ହୋଇ ଯାଇଛନ୍ତି । ତାଙ୍କର ପ୍ରତିଟି ଆହ୍ୱାନ ଆଜି ଯୁବ ସମାଜର ଦେୟ ହେଉ ଏତିକ କାମନା । ସେ ପୃଥିବୀ ଏକ ଅନନ୍ୟ ମଣିଷ । ପୁରୀ

ସ୍ୱର୍ଗ ଦ୍ୱାର ଠାରେ ଯାହାଙ୍କ ଅନ୍ତେଷ୍ଟି କ୍ରିୟାରେ ଶବ ଶୋଭା ଯାତ୍ରାରେ ବହୁ ଜନସମାବେଶ ହୋଇଥିଲା । ତାହା ତାଙ୍କର ଲୋକ ପ୍ରିୟତାକୁ ପ୍ରମାଣିତ କରିଥିଲା ।

ସହାୟକ ଗ୍ରନ୍ଥ...

ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ପାଢ଼ୀଙ୍କ ସମ୍ପାଦିତ ପୁସ୍ତକ, ବିଜୁ ମହାନାୟକ, ଅଧ୍ୟାପକ କାଳନ୍ଦୀ ବେହେରାଙ୍କ ଲିଖିତ ପୁସ୍ତକ କଳଙ୍ଗର ବରପୁତ୍ର, ହେ ମହା ଜୀବନ, ପୁସ୍ତକ ସମ୍ପାଦନା-ଅଧ୍ୟାପକ ସଶାଙ୍କ ଚୂଡାମଣି ।

ବରଦା ପ୍ରସନ୍ନ ଦାସ, ସଂଗ୍ରାହକ

ଚଳନ୍ତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଆମ ଉତ୍କଳ



ସତ୍ୟବ୍ରତ ନାୟକ

ଏ ଧରାଧାମ ରେ ଛୋଟ ବଡ କେତେ,
ରହିଛି ଅନେକ ଦେଶ ।
ଆମେ ତ ଗର୍ବିତ ଆମଦେଶ ପାଇଁ,
ଏ ପରା ଭାରତ ବର୍ଷ ॥
ଏ ଭାରତ ଦେଶେ ଏକାଧିକ ରାଜ୍ୟ
ଭିନ୍ନ ଭିନ୍ନ ତାଙ୍କ ଭାଷା ।
ଉତ୍କଳ ଆମର ଅଟେ ଅନ୍ୟତମ,
କାଳିଆ ଆମ ଭରସା ॥
ହିନ୍ଦୁ ମୁସଲିମ ଖ୍ରୀଷ୍ଟିଆନ ଶିଖ,
ସର୍ବେ ହୋଇ ଭାଇଭାଇ ।
ଜାତି ଧର୍ମ ଆଉ ବର୍ଣ୍ଣ ନିର୍ବିଶେଷେ,
ରହନ୍ତି ଏକାଠି ହୋଇ ॥
ଏହି ଉତ୍କଳର ପାଣି ପବନରେ,
ଗଢା ଆମ ରକ୍ତ ମାଂସ ।
ତାର ନଦୀ ନାଳ ପାହାଡ ର ଜଳ,
ଦିଏ ଆମ ମୁଖେ ହାସ ॥
ବାର ମାସେ ଏଠି ତେରଟି ପରବ,
ପାଳନ୍ତି ସଭିଏଁ ମିଶି ।
ଯିଏ ଯେଉଁ ଧର୍ମ ମାନୁ ନା କାହିଁକି,
ସଭିଏଁ ଉତ୍କଳ ବାସୀ ॥
ଗୋପବନ୍ଧୁ ହେଉ ବା ମଧୁସୂଦନ,
ସବୁ ଉତ୍କଳର ଦାନ ।

ସର୍ବେ ନିଜ ନିଜ ଦିବ୍ୟ କର୍ମ ଦ୍ୱାରା,
ରଖିଲେ ଦେଶର ମାନ ॥
ଭିନ୍ନ ମତ ଏଠି ହୋଇପାରେ ଆମ,
ମନ କିନ୍ତୁ ଏକାକାର ।
ଉତ୍କଳୀୟ ବୋଲି ଗର୍ବ କରୁ ହାବି,
ଆମେ ଗୋଟେ ପରିବାର ॥
ଉତ୍କଳ ଅଟଇ ଜନନୀ ଆମର,
ଆମେ ପରା ତା ସନ୍ତାନ ।
ଶ୍ୱାସ ଥିବା ଯାଏ ଚେଷ୍ଟା କରୁଥିବା,
ଶୁଝିବାକୁ ତାର ଋଣ ॥

୪୨/୧, ସୁଲତାନ ଆଲମ ରୋଡ୍,
ଟଲିଗଞ୍ଜ, କୋଲକତା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ତୃପ୍ତି



ଜିତୁରାମ ସାହୁ

ଏ ତୃପ୍ତିର ସୀମା ନାହିଁ
କେତେବେଳେ ଜୁଆର ପରି
ମାଡି ଆସେ ତ
କେତେବେଳେ ଲହରୀ ପରି ।।

ଜୀବନ ନଉକା ମନ୍ଥର
ଗତିରେ ଧୀରେ ଆସି ପହଞ୍ଚେ
କୂଳରେ ଲାଗିଲେ ହୃଦୟକୁ
ଏକ ନୂତନ ଉର୍ଜା ପହଞ୍ଚେ ।।

ସ୍ମୃ ତି ରେ ଭ୍ସି ରହିବା ଅପେକ୍ଷା
ମୁଁ ବାସ୍ତବତାକୁ ବିଶ୍ୱାସ କରେ
କାରଣ ଏହା ଯେ
ମନର ଭ୍ବନାକୁ ଜାଜ୍ୱଲ୍ୟମାନ ରଖେ ।।

ନଜକୁ ପୂର୍ଣ ରୂପରେ ସଂଗ୍ଠରିତ କରି
ଗଢିବାକୁ ହେଲେ ମନର
ଭ୍ବନାକୁ ଦୁରେଇ ଦେଇ
ପାର୍ଶ୍ୱ ପ୍ରତୀକ୍ଷା ଏଡାଇ ଯିବା ଆଗେଇ ।।

ଆସିବ ନିଶ୍ଚୟ ଏ ତୃପ୍ତିର୍ ଲୁଣୀ
ହୃଦୟର କଥା ତୁମ ଜାଣି
ଅପେକ୍ଷାର ଅନ୍ତଃ ଫଳ ଜାଣ
ଅତ୍ୟନ୍ତ ମିଠା ଲାଗେ ବୋଲି ମାନ ।।

ଆସିବ ନିଶ୍ଚୟ ଏ ତୃପ୍ତିର୍ ଲୁଣୀ....
ଆସିବ ନିଶ୍ଚୟ ଏ ତୃପ୍ତିର୍ ଲୁଣୀ....

ଗ୍ରାମ- ଖାସବାହାଲ୍
ବ୍ଲକ- ସଇଁନ୍ତଲା (ବଲାଙ୍ଗୀର)

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢ଼ିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

www.editor.vedantimagazine@gmail.com

# ମାଟିଲଗ୍ନା



ସରୋଜ ଲକ୍ଷ୍ମୀ ମହାନ୍ତି

ଆଜି ମୁଁ କେବଳ ମୋ କଥା କହିବି । ଛାତି ରେ ଗୁପି ରଖିଥିବା ଅକୁହା କଥା ରୁ  କିଛି। ମୁଁ କଳିଙ୍ଗ। ଉତ୍କୃଷ୍ଟ କଳାର ଦେଶ ବୋଲି କେହି କେହି ମୋତେ ଉତ୍କଳ କୁହନ୍ତି। ଅବଶ୍ୟ ଆଜି ମୋ ଦେହରେ କିଛି ରଙ୍ଗ ବୋଳ ସରସ ସୁନ୍ଦର କରିବା ଉଦ୍ଦେଶ୍ୟ ରେ ମୋ ପିଲାମାନେ ମୋତେ ଓଡିଶା କୁହନ୍ତି । ୧୮୩୬ ମସିହା ଏପ୍ରିଲ ୧ ତାରିଖରେ ମୁଁ ଏକ ସ୍ୱତନ୍ତ୍ର ରାଜ୍ୟ ର ମାନ୍ୟତା ପାଇଲି।। ବଙ୍ଗୋପସାଗର କୂଳେକୂଳେ ପାଖାପାଖି ଦେଢଶହ ସ୍କୋୟାର କିଲୋମିଟର ମୋର ଅବସ୍ଥିତି । ମୋର ସ୍ୱତନ୍ତ୍ର ତା ପାଇଁ ଅତୀତ ରେ ମଧୁବାବୁ ପରି ମୋର ପିଲାମାନେ ଅନେକ କଷ୍ଟ ସହିଛନ୍ତି। ଚିର ହାସ୍ୟମୟୀ ଲାସ୍ୟମୟୀ ଏ ଉତ୍କଳ ମାଟି । ପିଲାମାନେ ମୋର ମାଟିଲଗ୍ନା । ପ୍ରକୃତି ଏଠି ଚିର ଯୌବନା। ଋତୁମାନେ ନିଜ ନିଜ ରଙ୍ଗରେ ସଜାନ୍ତି ବର୍ଣ୍ଣାଳୀ। ନିତ୍ୟ ନୃତ୍ୟାଙ୍ଗନା ଏଠି ବସନ୍ତ।

ମୋର କହିଲେ ମୋ ଉଛୁଳା ଛାତିରେ କଣ ବା ନାହିଁ ମୋ ପିଲାଙ୍କ ପାଇଁ। ୩୦ଟି ଜିଲ୍ଲା, ୩୩ ଟି ନଦୀ, ୨୬ ଟି ଭାଷା ୧୫ ଟି ଖଣି ଅନେକ ବେଳାଭୂମି ହ୍ରଦ, ବନ୍ଧ ଏମିତି କେତେ କଣ । ମୋ ପିଲାମାନେ ବିଭିନ୍ନତାରେ ଏକତା ବାନ୍ଧି ଜାଣନ୍ତି। ମୋ ଠାକୁର ଜଗନ୍ନାଥ ସାରା ଜଗତର ନାଥ। ଶ୍ରୀ ମନ୍ଦିର  ପରି କେତେ ମନ୍ଦିର  ମଠ ଐତିହ୍ୟ ସମ୍ପନ୍ନ ମୋ ପରମ୍ପରା। କୋଣାର୍କ  ଧଉଳ ପରି କେତେ ଉତ୍କୃଷ୍ଟ କଳା ର ନିଦର୍ଶନ ମୋ ମାଟି ର ଧରୋହର। ପାଖାପାଖି **6**କୋଟି ମୋ ରାଜ୍ୟର ଜନସଂଖ୍ୟା।  ହସ୍ତ କଳା ଗୁରୁକଳା ପ୍ରାୟ ପଚାଶ ରୁ ଅଧିକ। ନୃତ୍ୟ  କହିଲେ ଓଡଶୀ ମଧ୍ୟ ସ୍ୱତନ୍ତ୍ରତା  ବହନ କରେ।  ମୋ ପିଲାଙ୍କ ମଧୁର ଭାଷା ଓଡିଆ  ଆଉ ବିଭିନ୍ନ ବ୍ୟଞ୍ଜନ  ଓଡିଶା ପରି  କେଉଁଠି ମିଳେନା।  ବିଭିନ୍ନ ପିଠାପଣା ଓଡିଶାର ଏବେ ଦେଶ ବାହାରେ  ଖୁବ୍ ଆଦୃତ। ଯେମିତି ଆମ ଆରିଶା ପିଠା।ପର୍ବ ପର୍ବାଣୀ ଓ ସଂସ୍କାର ସଂସ୍କୃ ତିମହାନତା ର ସ୍ୱାକ୍ଷର ବହନ କରେ।

ତଥାପି ଆଜି ମୋ ପିଲାମାନେ କଛି ଅଣଓଡିଆ ସାଙ୍ଗ ଙ୍କ ସହ ମିଶି ନଜ ମାଟିକୁ ଅବହେଳା କରନ୍ତି। ମନରେ କ୍ଷୋଭ ଆସେ। ମୋ ରାଜ୍ୟ ର ମହାନ ପରମ୍ପରା ଉପରେ ଆଞ୍ଚ ଆସିଲେ, ବ୍ୟସ୍ତ ଲାଗେ। କଛି ପିଲା ଦେଶ ବାହାରକୁ ଗଲେ "ମୁଁ ଓଡିଆ କହିବାକୁ ଲଜ କରନ୍ତି"। ଅନ୍ୟମାନଙ୍କ ତୁଳନା ରେ ଛୋଟ ଭାବନ୍ତି ନଜକୁ। ସେମାନଙ୍କୁ ବୁଝେଇ ଦେବାକୁ ଚାହେଁ ମୋ' ର ମହାନତା। ଅଣ୍ଟାଯାଏ ଖଣିଜ ସମ୍ପଦ, ଜଳ ସମ୍ପଦ ସଙ୍ଗିତ କଳା, ଜ୍ଞାନ ଗରିମା କେଉଁଥିରେ ଆମ ପିଲେ ପଛରେ ନାହାନ୍ତି। ହେଲେ କଛି ଯୁବପିଢି ଅନ୍ଧ ପରି ଆପଣେଇ ଚାଲିଛି ପାଶ୍ଚାତ୍ୟ ର ଉଗ୍ର ଆଧୁନକତା। ପ୍ରେମ ଭକ୍ତି, ଆନ୍ତରିକତା ମଣିଷପଣିଆର ପରି ମୂଲ୍ୟବୋଧ ଧିରେ ଧିରେ ସଜ୍ଞାହୀନ ହେବାକୁ ବସିଲାଣି। ପିତାମାତା ଆଜି ବୋଝ ପାଲଟିଯାଉଛନ୍ତି ନଜ ପିଲାଙ୍କ ପାଇଁ। ନାରୀ ସମ୍ମାନ ଆଜି ବିକ୍ଷିପ୍ତ। ସମାଜ ରେ ଅସୁରକ୍ଷିତ ଆଜି ନାରୀ। ଶାସନ କଳ ର ସ୍ୱାର୍ଥ ସର୍ବସ୍ୱ ଭାବ ଆଜି ପାଇଁ ସମାଜ ରେ ଭ୍ରଷ୍ଟାଚାର ବ୍ୟବହାର ବଢିଚାଲିଛି।

ଦିନେ ମୋ ଦେଶର ସାଧବପୁଅ ଜାଭା, ବାଲି, ବୋର୍ଣ୍ଣିଓ ରେ ବିଭିନ୍ନ ମସଲା ର ବିପଣି ସଜଉ ଥିଲେ । ମୋ ରାଜ୍ୟ ର ବିଭିନ୍ନ ବ୍ୟଞ୍ଜନ ପିଠା, ରସଗୋଲା ପରି ମିଠା, ଥାଉ ଥାଉ ପିଲେ ପିଠା, ଛତୁଆ ଭୁଲି ପିଜା ବର୍ଗର ପାଇଁ ପାଗଳ ହେଲାବଳେ ଭାରି କଷ୍ଟ ଲାଗେ। ଜନ୍ମଦିନ ରେ କ୍ଷୀରି ପିଠା ଭୁଲି କେକ୍ କାଟିଲା ବେଳେ ଲାଗେ ମୋ ପିଲେ ବୋଧହୁଏ ବାହାରେ ଅଛନ୍ତି। ବେଶ ପୋଷାକ ସହିତ ଚଳଣି ବି ବଦଳ ଚାଲିଛି। ମୋ ସୁନ୍ଦର ବେଳାଭୂମି ଛାଡି ସେମାନେ ଛୁଟି କାଟିବାକୁ ଗୋଆ ଯାଆନ୍ତି। ଆମ ପର୍ଯ୍ୟଟନ କୁ ସେତିକ ସରସ ସୁନ୍ଦର କରିବାର ଆବଶ୍ୟକତା ପ୍ରତି ସରକାର ଙ୍କ ଧ୍ୟାନ ଆକର୍ଷିତ କରିବା ଉଚତ ବୋଲି ମୋର ମତ।

ହଁ ଆଜି ପିଲା ମାନଙ୍କୁ ବଦଳବା ଦରକାର। ନାରୀ ମାନେ ବୀରା ଅପରାଜିତା ଶୁକଦେଇ ପରି ହେବା ଦରକାର। ନଜ ସୁରକ୍ଷା ନଜେ କରି ଶିଖିବା ଦରକାର। ନଜ ପୋଷାକ ରେ ସେତିକ ଶାଳନତା ରଖିବା ଦରକାର ଯେତିକ ରେ ଅନ୍ୟର ଆଖି ସେମାନଙ୍କୁ ଦୁର୍ବଳା ଭାବି ଆକୃଷ୍ଟ କରିବ ନାହଁ ।ମୋ ରାଜ୍ୟରେ ପ୍ରାଚୁର୍ଯ୍ୟ ଥାଇ ମଧ୍ୟ ମୋ ପିଲାମାନେ କଲିଜା ଜଳାଇ ଦାଦନ ଖଟନ୍ତି ପେଟ ପାଇଁ।

ଶାସନ କଳ ର ସବୁ ନୀତି ନିୟମ ନାଗ୍ ବାଜି ରେ ସିମିତ। ଆରକ୍ଷଣ ସଂରକ୍ଷଣ ର ବେଢ଼ି ରେ ଘୁରିବୁଲୁଅଛନ୍ତି ମଧ୍ୟବିତ ଏଠି। କର୍ମ ସଂସ୍ଥାନ ର ଅଭାବ ସହିତ ଉପଯୁକ୍ତ ପାରିଶ୍ରମିକ ମିଳୁ ନଥିବାରୁ ମୋର କଛି ପିଲା ଇଚ୍ଛା ନ ଥିଲେ ବି ବିଦେଶକୁ ଆପଣେଇ ନେଉଛନ୍ତି। ବିଦେଶ ରେ ଉଚ୍ଚ ପଦ ପଦବୀରେ ମୋ ପିଲା ମାନେ ଅଧିଷ୍ଠିତ।

ଏସବୁ ସତ୍ତ୍ୱେ ମୋ ପିଲାମାନେ ମାଟିଲଗ୍ନା। ଜନ୍ମ ମାଟିର ସୁରକ୍ଷା ପାଇଁ ଆଜିବି ପ୍ରାଣ ବଳି ଦେବାକୁ ପଛାନ୍ତି ନାହିଁ। ଶୀତ କାକର ଖରା ବର୍ଷା କୁ ଭ୍ରୁକ୍ଷେପ ନକରି ମୋ କୃଷୀପୁଅ ସାରା ରାଜ୍ୟ ର ଗୁଜୁରାଣ ମେଣ୍ଟାଏ। ମୋ ପିଲା ମାନଙ୍କୁ ମୁଁ ପଦେ କହିବି ନିଶ୍ଚୟ। ସମସ୍ତେ ନିଜ ସ୍ୱାର୍ଥ ଭୁଲି ରାଜ୍ୟ ର ପ୍ରଗତି ଓ ଉନ୍ନତି ପାଇଁ ମାଟି ଲଗ୍ନା ହୋଇ ବନ୍ଧୁତ୍ୱ ଓ ଭାତୃତ୍ୱ ବନ୍ଧନ ରେ ବାନ୍ଧି ହୋଇ ରାଜ୍ୟ ର ସମୁହ ସ୍ୱାର୍ଥ ପାଇଁ ଆଗେଇ ଆସିଲେ ଓଡିଶାର ସର୍ବାଙ୍ଗୀନ ଉନ୍ନତି ସାଧିତ ହୋଇପାରିବ। ଏଥିପାଇଁ ଆପଣେଇ ବାକୁ ହେବ ନିର୍ମଳ ପ୍ରେମ ଓ ଭଲପାଇବା। ବୁଣିବାକୁ ହେବ କଳଙ୍ଗ ର ସେଇ ଅତୀତ ମହାନତା ର ମହକ । ଯୁବାପିଢ଼ିଙ୍କୁ ଜାଗ୍ରତ କରିବାକୁ ହେବ ଲେଖନୀ ମୁନରେ। ତେବେ ସିନା ମୁଁ ଗର୍ବରେ ଛାତି ଫୁଲେଇ କହିବି ବିଶ୍ୱଦରବାର ରେ ମୋ ପିଲାମାନେ ମାଟିଲଗ୍ନା ବୋଲି।

**271/3, ଏ.ଭି. ରେସିଡେନ୍ସି,**
**ପୋ-କଟ୍, ଭୁବନେଶ୍ୱର**

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢ଼ିପାରିବ

# ମୋର ପ୍ରିୟ ଶିଶୁ ମନ୍ଦିର



ସଞ୍ଜୟ କୁମାର ନାଏକ

ଯେଉଁଠାରେ ନାହିଁ ଅନାଦର, ପର୍‌ପର
ମିଳମିଶି ଯହିଁ ସର୍ବେ ହୁଅନ୍ତି ଏକାକାର
ସେହି ମୋ ପ୍ରିୟଶିଶୁ ମନ୍ଦିର ।୧ ।

ସଭିଙ୍କ କଣ୍ଠେ ବିଜେ ମା ସରସ୍ୱତୀଙ୍କର
ସଭିଙ୍କ ଓଠରୁ ଝରେ ଅମୃତ ର ଝର
ସେହି ମୋ ପ୍ରିୟ ଶିଶୁ ମନ୍ଦିର ।୨ ।

ଦେବରୂପୀ ଶିଶୁଙ୍କ ବାସସ୍ଥଳୀ ଯାହାର
ଶିଶୁଙ୍କ ଭବିଷ୍ୟତ ନର୍ମାଣର ଯେ ଗନ୍ତାଘର
ସେହି ମୋ ପ୍ରିୟ ଶିଶୁ ମନ୍ଦିର ।୩ ।

ମିଠା ମିଠା କଥା ସମସ୍ତ ଗୁରୁଜୀ ଗୁରୁମାଙ୍କର
ତାଙ୍କ ଆଶିଷେ ଶିଶୁ ହୁଏ ନେତାଜୀ ପରି ବୀର
ସେହି ମୋ ପ୍ରିୟ ଶିଶୁ ମନ୍ଦିର ।୪ ।

ଅଜ୍ଞାନୀ ଓ ମୂର୍ଖକୁ ପଣ୍ଡିତ କରେ ଶିଶୁ ମନ୍ଦିର
ଜ୍ଞାନଦୀପେ ଆଲୋକତ କରି କରେ ଅନ୍ଧାର ଦୂର
ସେହି ମୋ ପ୍ରିୟ ଶିଶୁ ମନ୍ଦିର ।୫ ।

କୁନକୁନ ଶିଶୁ ପୂଜନ୍ତି ଗୁରୁଜୀ ଗୁରୁ ମାଙ୍କ ପୟର
ଗୁରୁଜୀ ଗୁରୁମା ଭୁଜ ଟେକ ଦିଅନ୍ତି ଅଭୟ ବର
ସେହି ମୋ ପ୍ରିୟ ଶିଶୁ ମନ୍ଦିର ।୬।

ଆହା କ ଆଭ୍ ଶିଶୁ ବାଟିକା ପୁଷ୍ପ ବଗିଗ୍ଚର
କୁନ କୁନ ଶିଶୁ ଫୁଲ ତୋଳନ୍ତି ହରଷ ମନର
ସେହି ମୋ ପ୍ରିୟ ଶିଶୁ ମନ୍ଦିର ।୭।

ନାଚ ଗୀତ ନୈତିକ ଓ ଆଧ୍ୟାତ୍ମିକ ଶିକ୍ଷା ନରନ୍ତର
ଶିଶୁ ଶିଖେ ଓ ଜିଣିଥାଏ ତା ଜୀବନ ସମର
ସେହି ମୋ ପ୍ରିୟ ଶିଶୁ ମନ୍ଦିର ।୮।

ଅନ୍ୟାୟ, ଅନୀତି, ଦୂର୍ନିତୀକୁ କରିବାପାଇଁ ଦୂର
ନର୍ମାଣ କରେ ଯେ ନେତାଜୀ, ଗାନ୍ଧିଜୀ ପରି ବୀର
ସେହି ମୋ ପ୍ରିୟ ଶିଶୁ ମନ୍ଦିର ।୯।

ଜୀବନ୍ତ ସାକ୍ଷୀ ଏ ଆମ ସଂସ୍କୃ ତି ଓ ପରମ୍ପର୍‌ର
ବନ୍ଦନା କରେ ତୋତେ ହେ ମୋ ପ୍ରିୟ ଶିଶୁ ମନ୍ଦିର
ବନ୍ଦନା କରେ ତୋତେ ହେ ମୋ ପ୍ରିୟ ଶିଶୁ ମନ୍ଦିର ।୧୦।

ବଡଝାଙ୍କର ପାଲି, ପିପଲ ଡାବର,
ଶିକ୍ଷକ-ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ପାଟଣାଗଡ଼

# ପରିବେଶ



ତ୍ରିପତି ପ୍ରଧାନ

ପରିବେଶ ପାଇଁ କେତେ
କବିତା ହେଉଛି
କଥା ଗାଥା ପ୍ରବନ୍ଧତ
ଅନେକ ରହିଛି  (୧)

ଯୋଜନାତ ତାହାଠାରୁ
ଅଧିକ ବଢ଼ିଛି
ପରିବେଶ ସ୍ୱାସ୍ଥ୍ୟ କାହିଁ
କମିଣ ଯାଉଛି  (୨)

ପକ୍ଷୀ ଜାତି କେତେ ଆମ
କାମ କରୁ ଅଛି
ପରିବେଶ ସଫା କରି
ସୁନ୍ଦର ରଖୁଛି  (୩)

ପୂର୍ବେ ଡାକ ବାଲ୍ କାର୍ଯ୍ୟ
ସେତ ତୁଲାଇଛି
କାନନେ ପଥ ହୁଡେକୁ
ବାଟ ଦେଖାଇଛି  (୪)

ପଶୁଗଣ ଆମପାଇଁ
ସମ୍ପଦ ଜଗିଛି
ତାର ନାଶେ ବନ ଧନ
ଘେରି ହେଉ ଅଛି (୫)

ଯୁଦ୍ଧ କ୍ଷେତ୍ରେ ସାହାର୍ଯ୍ୟ ସେ
କେତେ କରିଅଛି
ପୁରାଣ ପୋଥିରେ ପରା
ରଚିତ ହୋଇଛି (୬)

ଉଦ୍ଭିଦ ଜଗତ ଆମ
ପରାଣ ରଖିଛି
ଖାଦ୍ୟ ଶସ୍ୟ ବାସଗୃହ
ସବୁ ଯୋଗାଇଛି (୮)

ଚେର ମୂଳ ଫୁଲ ଫଳ
ସାଇତି ଧରିଛି
ଶରୀର ଅସୁସ୍ଥେ ତାହା
ଔଷଧ ହେଉଛି (୯)

ମୂର୍ତ୍ତିକାର ସଂରକ୍ଷଣେ
ସୈନିକ ସାଜିଛି
ପଶୁ ପକ୍ଷୀ ସରୀସୃପେ
ଆଶ୍ରିତ କରିଛି (୧୦)

ସଂସ୍କୃ ତଶିକ୍ଷକ, ଚକଟି

# ଅସାଧାରଣ ସୁନ୍ଦରବନ-୭



ଅଶୋକ ବିଶ୍ୱାଳ

ନିର୍ମଳ ଦୌଡିଆସିଲା । ତା'ର ଆଖି ଏକଦମ ଫୁଲିଗଲା । ବାଘଟିଏ ବୋଟର ଏତେ ପାଖରେ । ବାଘ ପାଣିକୁ କୂଳରୁ ଲମ୍ଫ ଦେଇଛି । ଆଉ ପାଣିରେ ବୋଟ ଆଡକୁ ଭାସି ଆସୁଛି ।

ସୁନ୍ଦରବନର ଲୁଣା ଜଙ୍ଗଲର ବାଘ ଏତେ ପାଖରେ? କଥାଟା କିଛି ଭଲ ନୁହେଁ । ବାଘଗୁଡାକ ସାଧାରଣତଃ ମଣିଷ ଥିବା ଅଞ୍ଚଳରୁ ଦୂରରେ ରହନ୍ତି । ମଣିଷକୁ କାଟି ଚାଲି ଯାଆନ୍ତି । ଲୁଚ ଛପି ରହିବା ସେମାନଙ୍କର ସାଧାରଣ ବ୍ୟବହାର । ଏ ବାଘ ଏକଦମ ପାଖରେ କୁଦା ମାରିଥିଲା । ଉଦ୍ଦେଶ୍ୟଟା ଭୟଙ୍କର ଭାବରେ ଖରାପ ନୁହେଁ ତ?

ଦୁଇଜଣ ସମସ୍ତଙ୍କୁ ଡକା ପକାଇଲେ । ଉପର ଡେକରେ ଜୋରରେ ଦୌଡାଦୌଡିର ଶବ୍ଦ ହେଲା । ସମସ୍ତଙ୍କର ଟର୍ଚ୍ଚ ବାଘ ଉପରେ ପଡିଥିଲା । ବିଶାଳ ବାଘଟିଏ ପାଣିରେ ପହଁରୁଛି। କାଦୁଆ ପାଣି ଉପରେ ଏକ ବିରାଟ ମୁଣ୍ଡ ପାଣି କାଟି ଆଗେଇ ଯାଉଛି ।

ଏତେ ଟର୍ଚ୍ଚ ଆଲୁଅ ଦେଖି ବାଘ ନିଜର ଗତି ବଦଳେଇ ଦେଲା । ଖାଲି ତା'ର ମୁଣ୍ଡ ଅଲଗା ଦିଗକୁ ହୋଇଗଲା । ଜଳୁଥିବା ଆଖି ବୁଲିଗଲା ।

ଗୋବିନ୍ଦର ଚେତା ଫେରିଲାଣି । ତା'ର ଟର୍ଚ୍ଚ ଖାଲି ଏପଟ ସେପଟ ପଡୁଥିଲା ।

"ଆରେ ବାଘ । ସବୁ କବାଟ ବନ୍ଦ କରିଦିଅ ।"- ନିର୍ମଳ ଜୋରରେ ପାଟି କରି ଉଠିଲା ।

ବାଘ ଆଖେଇଲାଣି । ଆଜି ନିଶ୍ଚିତ ଭାବେ ଜଣକୁ ଧରିବ ।- ସେ ପେଚା ଭଳି ବୋବାଇଲା। ଅଲକ୍ଷଣାଟା କଣ କହୁଛି । ଗୋବିନ୍ଦ ଚମକି ପଡିଲା । ଘର ଚାଳରେ ପେଚା ବୋବାଇଲେ

ଘରକୁ ବିପଦ ମାଡିଆସେ । ବୋଟରେ ଅଘଟଣ କଥା କହିଲେ ଆପଦ ସତକୁ ସତ ମାଡି ଆସିବ । ଘରେ ହେଉ ବା ବୋଟରେ ହେଉ ଏମିତି ଭେଟଣା କଥା କହିବା ଉଚତ ନୁହେଁ ।

"ଚୁପ କର ଚୁପ କର । ଅଲକ୍ଷଣା କଥା କହନ ।"– ଗୋବିନ୍ଦ ବିଲେଇ ଭଳ ଖିଙ୍କାରି ହେଲା ।

ଆକାଶଟା ଏକଦମ କଳା ଥିଲା । ଜହ୍ନ ଉଇଁ ନଥିଲା । ବିଳମ୍ବ ହେବ । ତା' ଭିତରେ ଡେକ ଉପରେ ହଠାତ୍ ଦୌଡାଦୌଡି ଆଉ ବାଘ ବାଘ ଶବ୍ଦ ଶୁଣି ତଳେ ବସିଥିବା ଅତିଥିମାନେ ଏକଦମ ଡରିଗଲେ । ସେମାନଙ୍କ ଭିତରୁ ସପନବାବୁ ସାହାସ ବାନ୍ଧି ଉପରକୁ ଆସିଲେ । ତାଙ୍କ ପଛରେ ଲାଙ୍ଗୁଡ ଭଳ ଅରିନ୍ଦମ ଆସୁଥିଲେ । ପାଓଲି ଆଉ ଦେବଶ୍ରୀ ତଳେ ଥରୁଥିଲେ । ଅରିନ୍ଦମ ଉପରେ ଏମିତିଆ ଡରୁଆ ଲୋକଙ୍କୁ ଦେଖି ଛାନଆ ହୋଇଗଲେ । ସତେ କଣ ବାଘ ବୋଟ ଉପରକୁ ଆସିଗଲାଣି **?**

ବାଘର ଆକ୍ରମଣ କଣ ଆରମ୍ଭ ହୋଇଗଲା **?**

ବାଘମାନେ ସାଧାରଣତଃ ଏକୁଟିଆ ଆକ୍ରମଣ କରନ୍ତି । କନ୍ତୁ ସୁନ୍ଦରବନର ବାଘ କେଉଁ ନୟମ ମାନେନା ।ଏମାନେ ଯଦି ଦୁଇ ବା ଅଧିକ ସଂଖ୍ୟାରେ ଆକ୍ରମଣ କରି ଦିଅନ୍ତି ତେବେ**?**

ଉପରେ ଡେକରେ ସମସ୍ତେ ରେଲିଙ୍ଗ ଉପରେ ଭର୍‌ଦେଇ ପାଣିକୁ ଅନାଇଥିଲେ । ଟର୍ଚ୍ଚର ଲାଇଟଗୁଡା ସବୁଆଡେ ପଡୁଥିଲା । ପାଣିରେ ଅଳ୍ପ ଢେଉ । ଏ ଭିତରେ ବାଘଟା ପହଁରି ଯାଉଥିଲା । ପ୍ରାୟ ତିନ ମିନଟ ହେବ । ବାଘ ଏତେ ବଡ଼ ନାଳକୁ ଜୋରରେ ପାରି ହୋଇଗଲା । ଏ ନାଳଗୁଡକରେ ଅନେକ କୁମ୍ଭୀର । କନ୍ତୁ ବାଘର କଛି ଡର ଭୟ ନଥିଲା। ସେପଟ କୂଳରେ ପହୁଁଚ କାଦୁଅରେ ଟିକେ ଗ୍ଭଲି ଏକ ଲମ୍ବା ଲମ୍ଫରେ ଜଙ୍ଗଲ ଭିତରକୁ ଗ୍ଭଲିଗଲା । ଦେହରୁ ପାଣି ବି ଝାଡି ହୋଇନାହିଁ । ବୋଟ ଉପରୁ ସମସ୍ତେ ବାଘକୁ ଅନାଇ ରହିଥିଲେ । ଏଡେ ବଡ଼ ବାଘ ସେମାନଙ୍କ ଏତେ ପାଖରେ ଥିଲା **!** ସମସ୍ତଙ୍କ ମନରେ କୋକୁଆ ଭୟ ପଶିଗଲା ।ବାହାରେ ଥଣ୍ଡା ପବନ ଜୋରରେ ବୋହୁଥିଲା । ଗୋବିନ୍ଦ ଦେହରୁ ଝାଳ ବୋହିଗଲା ।

ବାଘତ ଗ୍ଭଲିଗଲା । କିନ୍ତୁ ବୋଟରେ ଉତ୍ତେଜନା ଚରମ ସୀମାରେ ଥିଲା । କିଛି ବିପଦ ଆସିଲେ ଉତ୍ତେଜନା ଏମିତି ମନକୁମନ ଚରମ ସୀମାରେ ପହଁଚ ଯାଏ । ବାଘ । ବାଘ । ସବୁଠି ବାଘ ଯେମିତି ଛପି ରହିଛି । ସମସ୍ତେ ଶିକାର ପଶୁମାନଙ୍କ ଭଳି ଖୁନ୍ଦିହୋଇ ଠିଆ ହୋଇଥିଲେ । ବିପଦ ସମୟରେ ସମସ୍ତେ ଏକାଠି ହୋଇଯାଆନ୍ତି । ପରେ ଆକ୍ରମଣ ହୋଇଗଲେ କଏ କୁଆଡେ ଛନ୍ଦଭଙ୍ଗ ଦେଇ ପଳାନ୍ତି । ସେଇଆ ହେବନ ତ **?**

ଏବେ ଟର୍ଚ୍ଚ ଲାଇଟ ସବୁଆଡେ ପଡୁଥିଲା । ବୋଟ ନଦୀ ମଝିରୁ କୂଳ ଆଡକୁ ଟାଣି ହୋଇଯାଉଥିଲା । ପାଣି ବଢିଲେ ଅଳ୍ପ ଦଉଡି ଥିବା ଲଙ୍ଗର କୂଳ ଆଡକୁ ଏମିତି ଟାଣି ହୋଇଯାଏ । ପାଣି ଧୀରେଧୀରେ ବଢୁଥିଲା ।

"ଆରେ ଆଖି ଜଳୁଛି ।"- ନିର୍ମଳ ଚିତ୍କାର କରି ଉଠିଲା ।

କାହିଁ**?** କାହିଁ**?** କହି ପ୍ରାୟ ଗ୍ଭରିଟା ଟର୍ଚ୍ଚଲାଇଟ ଜଙ୍ଗଲ ଧାରରେ ବୁଲିଗଲା । ବାଘ ବା ଅନ୍ୟ ମାଂସାଶୀ ପ୍ରାଣୀର ଆଖି ଅନ୍ଧାରରେ ଆଲୋକ ପଡିଲେ ବତୀ ଜଳଲା ଭଳି ଦେଖାଯାଏ ।

ତା'ହେଲେ ଆଉ ଏକ ବାଘ କଣ ଏ ବୋଟକୁ ନଜର ରଖିଛି । ବାଘ ଜଙ୍ଗଲରେ ଶିକାର ଉପରେ ଘଣ୍ଟା ଘଣ୍ଟା ଧରି ନଜର ରଖିଥାଏ । ଦେଖାଯାଇଛି ଯେ ସୁନ୍ଦରବନରେ ବାଘ ଦିନ ଦିନ ଧରି ଡଙ୍ଗାର ପିଛା କରିଥାଏ । ଟିକଏ ସୁଯୋଗ ହେଲେ ଖେପା ମାରି ଶିକାରକୁ ଧରିନଏ । ସୁନ୍ଦରବନରେ ଡଙ୍ଗା ଉପରେ ବାଘ ଆକ୍ରମଣର ଅନେକ ଖବର ଅଛି । ଏଇଟା ଗୋଟିଏ ଛୋଟ ହାଉସ ବୋଟ । ତେଣୁ ବାଘ ଏ ବୋଟ ଉପରେ ହାମଲା କରିବ ନାହିଁ ବୋଲି କହି ହେବ ନାହିଁ ।

"ବାଘ ଏ ବୋଟକୁ ଆକ୍ରମଣ କରି ପାରିବ ନାହିଁ । ଚଢିବ କେମିତି**?**"– ଗୋବିନ୍ଦ କହୁଥିଲା । ଗୋବିନ୍ଦ ମନରେ ବୋଟ ଆଉ ତା'ର ମାଲିକ ତାରୁକ ଉପରେ ଅଗାଧ ଭରସା। ସେ ତାରୁକଠାରୁ କଥା କହିବା କଳା କିଛି ଶିଖିଲାଣି । ନିଜ ମନରେ ଡର ଥିଲେ ମଧ୍ୟ ଅତିଥିମାନଙ୍କ ଆଗରେ ନିଜକୁ ଶାନ୍ତ ଦେଖାଇବ । ସେମାନେ ଅଯଥାରେ ଡରିବା କଥା ନୁହେଁ । ଏମାନେ ଯେତେ ଅଧିକ ଦିନ ସୁନ୍ଦରବନରେ ରହିବେ ସେତେ ଅଧିକ ଉପାର୍ଜ୍ଜନ ।

"ମୋତେ କହି ହେବନ । ସୁନ୍ଦରବନର ବାଘର କିଛି ଅସମ୍ଭବ ନୁହେଁ ।"- ନିର୍ମଳ କହିଲା। ଏବେ ନିର୍ମଳର ସ୍ୱର ଥରୁଥିଲା । ନିର୍ମଳ ସବୁ କଥାରେ ଡରେ । ଏଇ ଲୋକେ ଜୋରରେ ପାଟି କରନ୍ତି । ନିଜର ଡର ଲୁଚାଇବା ପାଇଁ ଏମାନଙ୍କ ମୁହଁରେ ଖୁବ ଜୋର ଥାଏ । ଗୋବିନ୍ଦଭାବେ ନିର୍ମଳ କଣ ବୋଟର କର୍ମଚାରୀ ନୁହେଁ ନା କଣ ? ସବୁବେଳେ କଣପାଇଁ ଡର କଥା କହେ ? ମଣିଷର ଗୁଣ । ଯେତେ ଶିଖାଇଲେ ବି ଯିବନାହିଁ ।

"ବାଘ ପହଁରି ଆସିଯିବ ଆଉ ସ୍କୁଟର ଟାୟାରରେ ଗୋଡ ରଖି ଡେକ ଭିତରକୁ ଆସିଯିବ।"- ନିର୍ମଳ କହିଲା

"କଥାଟା ହୋଇପାରେ । ଯଦି ସତରେ ବାଘ ଏମିତି ଚଢିଯାଏ ତେବେ ବଡ଼ ବିପଦ ହେବ। ଏ ସମ୍ଭାବନାକୁ ଆଡେଇ ଦେଇ ହେବନ ।"- ଅରିନ୍ଦମ କହିଲେ । ସେ ବହୁତ ଡରି ଯାଇଥିଲେ । ବାଘ କଣ ସହଜରେ ଚଢି ଯିବ?

ତା'ହେଲେ କଣ ହେବ? ସତରେ କଣ ଜଣେ ବାଘର ଶିକାର ହୋଇଯିବ? ନା ଜଣକ ପରେ ଜଣେ ଏମିତି ବାଘ ସମସ୍ତଙ୍କୁ ଶିକାର କରି ଚାଲିବ ।

ଏବେ ତଳୁ ସମସ୍ତେ ଡେକ ଉପରେ ଏକାଠି ହୋଇଯାଇଥିଲେ । ଉପରେ ଏକ ହାଲୁକା ବଲ୍ବ ଜଳୁଥିଲା । ସେଥିରେ ବହୁତ ଆଲୋକ ନଥିଲା ।ଜଣେ ଜଣଙ୍କୁ ଦେଖିବା ପାଇଁ ଯଥେଷ୍ଟ । ଅଳ୍ପ ଆଲୋକରେ ସମସ୍ତେ ଛାଇ ଭଳି ଲାଗୁଥିଲେ । ବାହାରେ କଳା କଟିକଟି ଅନ୍ଧାର । ଏମିତିଆ ରାତିଗୁଡାକ ବିପଦଜନକ । କିଛି ଜାଣି ହେବ ନାହିଁ । ହଠାତ୍ କିଛି ଉପରୁ ପଡିବ, ଏକ ଆର୍ତ୍ତ ଚିତ୍କାର ଆଉ ସବୁ ଶେଷ । ଶୀତରେ ସମସ୍ତେ ଥରି ଯାଉଥିଲେ।

ଅରିନ୍ଦମଙ୍କର ଟର୍ଚ୍ଚ ଜଙ୍ଗଲ ଉପରେ ଘୁରୁଥିଲା । ସେ ବୋଟର ସବୁଠାରୁ ଶକ୍ତିଶାଳୀ ଟର୍ଚ୍ଚକୁ ନିଜ ପାଖକୁ ନେଇ ଆସିଥିଲେ । ଫୋକସ ଲାଇଟ । ତୀବ୍ର ଆଲୋକର ଧାର ଜଙ୍ଗଲ ଆଡକୁ ବୋହି ଯାଉଥିଲା । ସେଥିରେ ସବୁ କିଛି ସ୍ପଷ୍ଟ ଦିଶୁଥିଲା । ସବୁ ଗଛ, ସବୁ କଣ ଉପରେ ଟର୍ଚ୍ଚ ଲାଇଟ ଖେଳ ଯାଉଥିଲା । ବାଘ କେଉଁ କଣରେ ଛପି ପାରେ । ମଝିରେ କିଛି ଚକ୍ ଚକ୍ କରି ଉଠୁଥିଲା । ସେତେବେଳେ ସେ ସେହି ଯାଗାରେ ଟର୍ଚ୍ଚ ଲାଇଟକୁ ସ୍ଥିର କରିଦେଉଥିଲେ । ପାଖରେ ନିର୍ମଳ ଠିଆ ହୋଇଥିଲା । ଟର୍ଚ୍ଚ ଲାଇଟ ସ୍ଥିର ହେଲାମାତ୍ରେ ସେ ପାଟି କରି ଉଠୁଥିଲା ବାଘ, ବାଘ ।

ଅନ୍ୟ ଲୋକମାନେ ସେମିତି ଯାଗାକୁ ଖୁବ ଧ୍ୟାନରେ ଦେଖୁଥିଲେ । ସେଠି ବାଘ ସତରେ ଅଛି କ? ଜଙ୍ଗଲରେ ପାଣି ବିନ୍ଦୁମାନ ଗଛ ଉପରେ ପଡିଥିଲେ ଚକ୍ ଚକ୍ କରି ଉଠିବ । ଥଣ୍ଡା ଦିନ । କୁହୁଡି ଆରମ୍ଭ ହୋଇ ଗଲାଣି । ଗଛରେ ପାଣି ପଡିଥିବ ।

“ଏମିତିବି ହୋଇପାରେ ସତରେ ବାଘ ସେଠି ଲୁଚିଥିବ ।”- ଅରିନ୍ଦମ କହିଲେ ।

ସପନବାବୁ ବେଶି କହୁ ନଥିଲେ । ସେ ଜଙ୍ଗଲ ଉପରେ ନଜର ନଜର ହଟାଉ ନଥିଲେ । ବୋଟରେ ରାତି କଟାଇ ବାଘ ଆକ୍ରମଣର ମୁକାବିଲା କରିବା ତାଙ୍କ ପାଇଁ ମଧ୍ୟ ପ୍ରଥମ ।

“ବାଘ ନିଶ୍ଚିତ ଭାବରେ ବୋଟ ଉପରେ ନଜର ରଖିଥିବ । ସୁନ୍ଦରବନର ବାଘ ସହଜରେ ଶିକାରର ପିଛା ଛାଡେନା । ବାଘଟା ପାଖରେ ଡେଇଁଛିମାନେ ବୋଟରୁ ଶିକାର ଖୋଜୁଥିବ ।”- ସେ ବରଫଭଳିଆ ଥଣ୍ଡା ସ୍ୱରରେ କହିଲେ । ପାଓଲି ମଧ୍ୟ ଭିତରେ ଥରିଗଲେ । ସପନବାବୁ ସମସ୍ତଙ୍କୁ ସାହାସ ଦେଉଥିବା ବ୍ୟକ୍ତି । ତଥାପି ମଧ୍ୟ ନିଜ ମନ ଭିତରେ ଥିବା ବିଶ୍ଳେଷଣଭରା କଥା କହିଦେଲେ । ଜୀବନମରଣ ସମସ୍ୟା । ସମସ୍ତେ ବୁଝନ୍ତୁ । ଏ ସମୟରେ କିଛି ଛପାଇ ରଖାଯାଇ ପାରେନା । ଦେବଶ୍ରୀଙ୍କ ପାଟି ଫିଟୁନଥିଲା। କଲିକତା ହୋଇଥିଲେ ସେ କେତେ ଆଲୋଚନା ପର୍ଯ୍ୟାଲୋଚନା କରିଥାନ୍ତେ । କିନ୍ତୁ ଏ ଅନ୍ଧାର ରାତିରେ ଆଉ ପାଣି ଭିତରେ ବାଘ ବିଷୟରେ ଆଲୋଚନା କରିବା ପାଇଁ ତାଙ୍କ ପାଖରେ କିଛି ଥିଲା ପରି ମନେ ହେଉନଥିଲା । ସବୁକିଛି ଭାବନା ଦକ୍ଷିଣମେରୁର ବରଫଭଳି ଜମି ଯାଇଥିଲା । ସେ କିଛି କହି ପାରିଲେ ନାହିଁ । ପାଓଲି ମଧ୍ୟ କିଛି କହି ପାରୁ ନଥିଲେ ।

କିନ୍ତୁ ଅରିନ୍ଦମ, ସପନବାବୁ କଥା ଚାଲୁ ରଖିଥିଲେ । ସେମାନେ କଥା ଚାଲୁ ନ ରଖିଲେ ମହିଳାମାନେ ବେଶି ଡରିଯିବେ । ବିପଦ ଅଛି । କିନ୍ତୁ କଥାହେଲେ ମନ ଭିତରେ ଗୋଳେଇ ଘାଣ୍ଟି ହେଉଥିବା ଭୟ ମନକୁ ଘୋଡାଇବାକୁ ସମୟ ପାଇବ ନାହିଁ । ଆଉ କିଛି ସେମାନଙ୍କୁ ଆବୋରି ରଖିବ । ମନଟା ବେଶି ଦବି ଯିବନି । ବହୁତ ଆଲୋଚନା ହେଲା । ତାରୁକ ଆସି ସେମାନଙ୍କ ସାଙ୍ଗରେ ଯୋଗଦେଲା । ଗୋବିନ୍ଦ ଆଉ ନିର୍ମଳ ପାଖରେ ତ ଥିଲେ । ଅଧିକାଂଶଙ୍କର ମତ ବାଘ କେଉଁଠି ପାଖରେ ଛପି ରହିଛି । ସୁବିଧା ଦେଖି ନିଶ୍ଚିତ ଆକ୍ରମଣ କରିବ । ହରିଣ ଶିକାର ତ ଏମିତି । ହରିଣମାନେ ଖୁବ ଚଞ୍ଚଳ । କିନ୍ତୁ

ସେମାନେ ଜାଣି ପାରନ୍ତି ନାହିଁ । ଶିକାର ହୋଇ ଯାଆନ୍ତି । ବାଘ ଅତି ଚ୍ଚଳକ ଜନ୍ତୁ । ରାତିରେ ବାଘ ଭଲଭାବେ ଏମାନଙ୍କୁ ଠଉରାଉଥିବ ।

ଏ ଭିତରେ ପାଣି ବହୁତ ବଢି ଯାଇଥିଲା । ପାଣି ଆହୁରି ବଢିବ । ଜୁଆରରେ ଆହୁରି ଦୁଇଘଣ୍ଟା ଚଢିବ । ପାଣି ବଢିବା ହେତୁ ବୋଟ କୂଳ ଆଡକୁ ମୋଡି ହୋଇ ଯାଉଥିଲା । ବୋଟ କୂଳରେ ଲାଗିବା କଥା ନୁହେଁ । । କିନ୍ତୁ ଲଙ୍ଗରର କିଛି ଭରସା ନାହିଁ । ଛୋଟ ଲଙ୍ଗର ଆଉ କମ ଦଉଡି । ତଳେ ବାନ୍ଧି ଧରି ରଖିବା ପାଇଁ ଶକ୍ତ ଭୂମି ନାହିଁ । ଏମିତି ଅବସ୍ଥାରେ ବୋଟ କୂଳକୁ ଭାସିଯିବନି ବୋଲି କହି ହେବନି ।

"ଯଦି ବୋଟ କୂଳକୁ ଲାଗିଗଲା ତେବେ ବାଘ ଆକ୍ରମଣ ସୁନିଶ୍ଚିତ ।"- ନିର୍ମଳ ପୁଣି ପେଚାଭଳିଆ ବୋବାଇଲା । ଗୋବିନ୍ଦ ଭାବୁଥିଲା ଏ ପେଚାଟା ଚାଳ ଉପରେ କାହିଁକି ବୋବୋଉଛି । ପେଚା ବୋବାଇଲେ ଅଘଟଣ ଘଟିବ ହିଁ ଘଟିବ । ତାରୁକ ମଧ୍ୟ କିଛି କହିଲାନି । ତାରୁକ ମନରେ ମଧ୍ୟ ଜୁଆର ବୋହୁଥିବ । ଏଇଟା ସାଙ୍ଗରେ ରହିଲେ ଦିନଟାରେ ମଣିଷ ଭେଟଣା ହେବ ।

ଏତେ ରାତିରେ ଆଉ କିଛି କରିବାର ଉପାୟ ନାହିଁ । ବୋଟକୁ ହରିଣଭଙ୍ଗା ନଦୀ ଭିତରକୁ ନେଇ ହେବନି । ସେଇଟା ବିଶାଳ ନଦୀ ଆଉ ସେ ଭିତରେ ଏମିତି ବୋଟ କେଉଁଠିକୁ ଭାସି ଯାଇପାରେ । ହରିଣଭଙ୍ଗା ତ ରାଇମଙ୍ଗଳରେ ମିଶିଛି । ଆଉ ତଳେ ହରିଣଭଙ୍ଗାର ସେପଟ କୂଳ ବାଙ୍ଗଲାଦେଶ । ତାହେଲେ ମହରଗରୁ ଯାଇଁ କାନ୍ତାରରେ ପଡିବା ହେବ । ବାଘର ଶିକାର ହେବା ଭଲ, କିନ୍ତୁ ସେପଟକୁ ଯିବା ତା' ଠାରୁ ଅଧିକ ବିପଦଜନକ ।

ତାହେଲେ କଣ କରାଯିବ?

ବହୁତ ବିଚାର ବିମର୍ଷ ଚାଲିଲା । ସପନବାବୁ ଅଭିଜ୍ଞ ବ୍ୟକ୍ତି । ତାଙ୍କର ବାଘ ବିଷୟରେ ଅନେକ ଜ୍ଞାନ । ପ୍ରଥମରେ ସେ ଟିକେ ବିଚଳିତ ଥିଲେ । ବାଘ ପାଖରେ ପଡିଲେ ଯେତେ ସ୍ଥିର ଚିତ୍ତ ବ୍ୟକ୍ତି ବି ଘାବରେଇଯିବ । କିନ୍ତୁ ଏବେ ନିଜକୁ ସମ୍ଭାଳି ନେଲେଣି ।

"ବାଘ ଆକ୍ରମଣର ତ ସମ୍ଭାବନା ଅଛି । ତେଣୁ ସମସ୍ତେ ଜଲଦି ଖାଇ ନିଜ ନିଜର ବିଛଣାକୁ ଚାଲିଯିବେ । କେହି ଦରଓ୍ଵାଜା ଖୋଲିବେ ନାହିଁ । ବାଘ କବାଟ ତାଡି ଭିତରକୁ ଆସି ପାରିବ ନାହିଁ । ଆସିବାକୁ ଚେଷ୍ଟା କଲେ ସମସ୍ତରେ ମିଳି ମିଶି ତା'ର ମୁକାବିଲା

କରିବେ ।”- ସେ ଉପଦେଶ କଣ ପ୍ରାୟ ଆଦେଶ ଦେଉଥିଲେ । ତାଙ୍କ ବନ୍ଧୁମାନେ ମୁଣ୍ଡ ଟୁଙ୍ଗାରୁଥିଲେ । ସେମାନେ ମୋଟା ଜ୍ୟାକେଟ ପିନ୍ଧି ତଥାପି ଥରୁଥିଲେ ।

ସମସ୍ତେ ତଳେ ଶୋଇବେ । ବୋଟର ତଳ ଶୋଇବା ଯାଗା ଶକ୍ତ କାଠରେ ତିଆରି । ଅଣ ଓସାରିଆ ସିଡି । ତେଣୁ ବାଘ ସହଜରେ ଏପଟ ସେପଟ ହୋଇ ପାରିବନି । ବାଘକୁ ସେଇଠୁ ମୁକାବିଲା କରାଯିବ ।

କିନ୍ତୁ ତାରୁକ ? ସେ କୋଉଠି ଶୋଇବ ?

ବୋଟ ଚାଳକ ହୋଇ ତାରୁକ ତଳେ ଶୋଇ ନପାରେ । ଉପରେ ରହି ତା'କୁ ସବୁଆଡକୁ ନଜର ରଖିବାକୁ ପଡିବ । ଏଇଟା ବୋଟର ନିୟମ । ସେ ନିୟମକୁ ତାରୁକ କେବେ ଭାଙ୍ଗିବନି । ଏଇଟା ମଧ୍ୟ ତା'ର ଗୁରୁ ଆଦେଶ ।

ତାରୁକର କୋଠରିଟା ତ ଡେକ ଉପରେ । ସେଠି ସେ ଏକୁଟିଆ ଶୁଏ । କିନ୍ତୁ ରାତିରେ ଝାଡା ପରିସ୍ରା କରିବାକୁ ତାରୁକ ଉଠିପାରେ ।

ଗୋବିନ୍ଦ ତାରୁକ ଆଡକୁ ଅନାଇଲା । ତାରୁକର ଆଖି ପାଣି ଉପରେ ଥିଲା । ତା'ର ଟର୍ଚ୍ଚ ଜଙ୍ଗଲ ଉପରେ ପଡିଥିଲା ।

ଗୋବିନ୍ଦକୁ ଲାଗୁଥିଲା ତାରୁକ ତା' କୋଠରିରେ ରାତିରେ ଶୋଇ ଯାଇଛି । ଆକାଶରେ ଚନ୍ଦ୍ର ଉଇଁଲାଣି । ଆଉ ବିଶାଳ ବାଘ ତାରୁକ କୋଠରି ଆଗରେ ଶୋଇଛି । କେତେବେଳେ ତାରୁକ ବାହାରିବ ତା'ର ଅପେକ୍ଷା କରୁଛି । ସେଇଠୁ ତାରୁକକୁ ଝାମ୍ପିନେବ । ବାଘ କାମୁଡାରେ ତାରୁକର ଜୀବନ କ୍ଷଣିକରେ ଚାଲିଯିବ ।

ଗୋବିନ୍ଦ ଶୀତରେ କମ୍ପି ଯାଉଥିଲା । ଗୋବିନ୍ଦର ତାରୁକ ପ୍ରତି ଆଗାଢ ଭକ୍ତି । ତାରୁକର ପ୍ରଭୁ କିଛି ନହେଉ । ଓଁ ଶ୍ରୀହରି । ଓଁ ଶ୍ରୀହରି । ତାରୁକର ପ୍ରଭୁ କିଛି ନହେଉ । ସେ ମନକୁ ମନେ ଜପୁଥିଲା । ତାରୁକ ପାଖରେ ରହି ସବୁ କଥାରେ ଶ୍ରୀହରି ନାମ ନେବା ଶିଖି ଗଲାଣି । ତା'ର ଏ ଶବ୍ଦ ଉପରେ ପ୍ରଗାଢ ବିଶ୍ୱାସ ଆସି ଗଲାଣି ।

ସପନବାବୁଙ୍କ କଥାରେ ସମସ୍ତେ ରାଜି ହୋଇଗଲେ । ତାରୁକ ତାହେଲେ ରାତିରେ ବାହାରକୁ ଉଠିବ ନାହିଁ ।

"ମୁଁ ବୋଟର ନଜର ରଖିବି । ଯଦି କିଛି ଅସୁବିଧା ହୁଏ ତାହେଲେ ଘଣ୍ଟି ବଜାଇ ସମସ୍ତଙ୍କୁ ଉଠାଇ ଦେବି ।"- ତାରୁକ କହିଲା ।

ଗୋବିନ୍ଦ ଘଣ୍ଟିର ଆଉ ଏକ ଉପକାରିତା ବିଷୟରେ ଜଣିଲା । ଘଣ୍ଟିଟା ବିପଦରେ କାମରେ ଆସେ । ଆଗରୁଏଥିରୁ ଖାଲି ଉପରୁ ନିର୍ଦ୍ଦେଶ ଆସୁଥିଲା । ଇଞ୍ଜିନକୁ ଜୋରରେ ଚଲାଅ, କମ ଚଲାଅ ଇତ୍ୟାଦି ।

ସମସ୍ତେ ଜଲଦି ଖାଇନେଲେ । ଖାଇବାବେଳେ ବେଶି ଗପ ଗୁଲିଲାନାହିଁ । ସପନବାବୁ ବା ଦେବଶ୍ରୀ ଏବଂ ଆଉ ସାଙ୍ଗମାନେ ଆଶ୍ଚର୍ଯ୍ୟଜନକ ଭାବେ ଚୁପଚାପ୍ ଥିଲେ । ଏଇଟା ତାରୁକକୁ ବହୁତ ଆଶ୍ଚର୍ଯ୍ୟ ଲାଗୁଥିଲା । ସେମାନେ ମୋଟେ ଚୁପ ବସନ୍ତିନି । ଦୁନିଆର ସବୁ ବିଷୟ ଉପରେ ନଜର ଚମତ୍କାର ବିଶ୍ଳେଷଣ କରନ୍ତି । ତାରୁକ ହୁଇଲ ପାଖରେ ଥାଇ ସେମାନଙ୍କ କଥା ପ୍ରାୟ ଶୁଣୁଥାଏ । ଏଥିରୁ ଭଲ ଜ୍ଞାନ ଆସେ ।

ସପନବାବୁ ଆଉ ଅନ୍ୟମାନେ ଜଲଦି ତଳକୁ ଫେରି ଆସିଲେ । ସମସ୍ତଙ୍କ ଖଟ ଲାଗି ଲାଗି କରି ପଡିଥିଲା । ବୋଟର ଧାର ପର୍ଯ୍ୟନ୍ତ ଖଟ ଥିଲା । ବୋଟର ତଳ ଅଂଶରେ, ଖଟ ପାଖରେ ଅନେକ ଝରକା ଥିଲା । କାଠର ଝରକା । ସେ ଝରକାମାନଙ୍କୁ ଏକ ଏକ ଖିଲ ଦେଇ ଅଟକା ଯାଇଥିଲା । ଛିଟିକିଣି ନାହିଁ । ଟିକିଏ ଉଠାଇ ଦେଲେ ପଟାଟିଏ ତଳକୁ ଗୁଲି ଯାଉଥିଲା । ତାପରେ ଝରକା ପୁରା ଖୋଲି ଯାଉଥିଲା । ଝରକାରେ କିଛି ରେଲିଙ୍ଗ ନାହିଁ । ସେ ବଡ଼ କଣା ଦେଇ ବାଘ ସହଜରେ ଭିତରକୁ ଆସିଯାଇ ପାରେ । କିନ୍ତୁ ସେଥିପାଇଁ ଝରକା ଖୋଲାଥିବା ଆବଶ୍ୟକ ।

ଅରିନ୍ଦମ ଥରଥର ହୋଇ ଥରିଗଲେ । ତାଙ୍କୁ ବହୁତ ଡର ଲାଗୁଥିଲା । ଏ ବୋଟଗୁଡା ଅତି ବିପଦଜନକ । ଏମିତିଆ ଅବସ୍ଥାରେ ପଡିବାର ଥିଲେ ସେ ମୋଟେ ଆସି ନଥାନ୍ତେ । ବାଘ ବିଷୟରେ ଜାଣିବା ନହେଲା ନାହିଁ । କଲିକତାରେ ଏମିତି ବାଘ ଉପରେ କଥା ହେବା ଭଲ। କିନ୍ତୁ ଘନଘୋର ଅରଣ୍ୟରେ ବାଘ ବିଷୟରେ କଥା ହେବା ତାଙ୍କୁ ମୋଟେ ଭଲ ଲାଗୁ ନଥିଲା । ଏ ପାଣି ଭିତରେ ବାଘ ମୁହଁରେ ପଡି ଜୀବନ ହାରିବାକୁ ତାଙ୍କର ମୋଟେ ଇଚ୍ଛା ନଥିଲା । କିଛି ହିରୋଗିରି କରିବାର ଆବଶ୍ୟକ ନାହିଁ । କେହି କିଛି ବାହାବାହା କରିବେନି। ମରିବାର ଯଦି ଏତେ ଇଚ୍ଛା ତେବେ ଦେଶସୀମାରେ ଯାଇ ଗୁଳି ଖାଅ ।

ସମସ୍ତେ ବୀରତ୍ୱର ପ୍ରଶଂସା କରିବେ । ତାଙ୍କ ଭିତରେ ଗରମ ପାଣିର ଧାର ବୋହୁଥିଲା । ଏତେ ଶୀତରେ ତାଙ୍କ ମୁହଁରୁ ଝାଳ ବାହାରି ଆସିଲା ।

ସେ ତାରୁକର ବଡ଼ ଟର୍ଚ୍ଚକୁ ସାଥିରେ ଧରିଥିଲେ । ଝରକା ଖୋଲି ସେ ଟର୍ଚ୍ଚକୁ ଜଙ୍ଗଲ ଉପରେ ପକାଉଥଲେ । ବାଘ କେଉଁଠି ବି ରହିପାରେ। ବେଳ ଗୁହୁଁ ସାବଧାନ ହେଲେ ବାଘକୁ ସୁଯୋଗ ମିଳବନ । ସେ ମନରେ ସାହାସ ଜୁଟାଇଲେ । ନଜ ହାତକୁ ଟିକଏ ଚୁମୁଟିଲେ । ମନ ଭିତରର ଚରିଆସୁଥିବା ଡରକୁ ଅଟକାଇଦେଲେ ।

ତଳେ ଆଲୁଅକୁ ବନ୍ଦ କରି ଦିଆଗଲା । ସମସ୍ତେ ନଜ ନଜ ବିଛଣାକୁ ଗୁଲିଗଲେ । କାହା ଆଖିକୁ ନଦ ଆସୁ ନଥିଲା । ଅରିନ୍ଦମ ମୋଟେ ଆଖି ବନ୍ଦ କରି ପାରୁ ନଥିଲେ । ଗୋଟିଏ ଝରକାକୁ ଫାଳେ ଖୋଲି ସେ ସବୁ ଆଡକୁ ଅନାଉ ଥିଲେ ।

“ବାଘ ଲୁଚଛି ।”- ସେ ଫୁସୁଫୁସୁ ହେଲେ । ସବୁ ବନ୍ଦ ଆଖିଗୁଡା ତର୍‌ଟି ହୋଇଗଲା । ସମସ୍ତେ ଅଳ୍ପ ଖୋଲ ଝରକା ଦେଇ ଉହୁଙ୍କି ଅନାଉଥିଲେ ।

ଅରିନ୍ଦମଙ୍କ ଟର୍ଚ୍ଚ ଗୋଟାଏ ବୁଦା ଉପରେ ପଡିଥିଲା । ସେଇଠି କଣଟାଏ ଜଳଲା ଭଳଆ ଲାଗୁଥିଲ । ସମସ୍ତେ ନଃଶ୍ୱାସ ବନ୍ଦ କରି ଦେଇଥିଲେ । ବାହାରେ ପାଣି କଳ କଳ ହେଉଥିଲା । ବୋଟ ହଲୁଥିଲା । ପାଣିରେ କଛି ଚପଚପ୍ ଶବ୍ଦ ନାହିଁ । କେହି ବୋଟ ପାଖରେ ପହଁରୁ ନାହିଁ ।

“ଏଇଟା ବାଘ । ମୁଁ ନଶ୍ଚିତ ।”– ଅରିନ୍ଦମ କହିଲେ ।

ସପନବାବୁ କଛି କହି ପାରିଲେ ନାହିଁ । କଛି ଭଲକରି ଜାଣି ହେଉ ନଥିଲା । ଅରିନ୍ଦମଙ୍କର ଟର୍ଚ୍ଚ ଏପଟ ସେପଟ ହେଲା । ପୁଣି ଥରେ ସେଇ ବୁଦା ଉପରେ ପଡିଲା ବେଳକୁ ଆଉ ଜଳୁଥିବା ଆଖି ନଥିଲା ।

“ବାଘ ବୋଧହୁଏ ଛପିଛି ।”- ସପନବାବୁ କହିଲେ । ତାଙ୍କର ଗମ୍ଭୀର ସ୍ୱର ମଧ ଥରୁଥିଲା ।

ଦେବଶ୍ରୀ ନଜକୁ ମୋଟା ଜ୍ୟାକେଟ ଭିତରେ ଶାଙ୍କୁଡି ଦେଲେ । ସତେ ଯେମିତି ଜ୍ୟାକେଟର ଲେଦରକୁ ବାଘର ଦାନ୍ତ କାଟି ପାରିବନ । ପାଓଲି କମ୍ବଳ ଘୋଡାଇହୋଇ ବସିଥିଲେ ।

ଦୁଇ ମହିଳା କିଛି କହୁନଥିଲେ । ସେମାନଙ୍କ ଛାତି ଜୋରରେ ତଥାପି ଧପ୍‌ଧପ୍ କରୁଥିଲା । ବାଘଟା ଯେମିତି ଶରୀର ଭିତରେ ଦୌଡୁଛି । କିନ୍ତୁ ସେମାନଙ୍କ ଆଖି ଅରିନ୍ଦମ କରୁଥିବା ସବୁ କାମ ଉପରେ ନଜର ରଖିଥିଲା ।

ଆଉ କିଛି ଭାବିବାର ନଥିଲା । ସମସ୍ତେ କେମିତି ବଞ୍ଚିବେ ସେ କଥାର ହିସାବ କରିନେଲେ। ପାଖରେ ସେମିତି କିଛି ଅସ୍ତ୍ର ଶସ୍ତ୍ର ନାହିଁ । ଗୋଟିଏ ଲମ୍ବା ଟର୍ଚ୍ଚ । ସେମାନେ କ୍ୟାମେରା, ଫୋନ ଇତ୍ୟାଦି ଧରି ଆସିଛନ୍ତି । ପାଖରେ ଏକ ହାତ ବାଡି । ଛୋଟ ଗୁଲୁ । ତଳେ ଏକ ବଡ଼ ରେଞ୍ଚ । ଇଞ୍ଜିନର ରେଞ୍ଚକୁ ଖଟ ତଳେ ରଖି ଦିଆଯାଇଥିଲା । ଏତିକି ଅସ୍ତ୍ରରେ ବାଘର ସାମନା କରିବା ସମ୍ଭବ ନୁହେଁ । ବାଘ ଯଦି ଭିତରକୁ ଆସିଯାଏ ତାହେଲେ ମୋଟେ ବଞ୍ଚିତ ହେବ ନାହିଁ । ତେଣୁ ସବୁଠାରୁ ବଡ଼ ରକ୍ଷାପ୍ରଣାଳୀ ହେଉଛି ବାଘକୁ ମୋଟେ ପାଖକୁ ଆସିବାକୁ ନଦେବା ।

କ୍ରମଶଃ -

ସେକ୍ଟର-୩, ସଲ୍ଟଲେକ, କଲିକତା

# ଆମେ ଶକ୍ତିସ୍ୱରୂପିଣୀ



ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ

ଆମେ ନରମ ସକାଳ ଫୁଲଟିଏ
ଆମେ ବିପଦରେ ମହା ଦ୍ରୁମଟିଏ
ଆମେ ରୌଦ୍ରତାପରେ ଶୀତଳତା
ଆମେ ଗୃହ ଅଙ୍ଗନର ମାଦକତା ।
ଆମେ ଜୀବନ ନଦୀର ତରୀଟିଏ
ଆମେ ଦେବ ବନ୍ଦିତା ନାରୀଟିଏ ।
ଆମେ ଜୀବନ ସଙ୍ଗ୍ରାମେ କାତ୍ୟାୟିନୀ
ଆମ ବକ୍ଷେ ଅମୃତ ସଞ୍ଜିବନୀ
ଆମେ ଦଶଭୁଜା ମାତା ମହାମାୟା
ଆମେ ବରଦା ଗ୍ୟାନଦା ଅନସୂୟା ।
ଆମେ ଦୁର୍ଗା ଲକ୍ଷ୍ମୀ ସରସ୍ୱତୀ
ଆମେ ଚେତନା ମାୟା ଓ ପ୍ରକୃତି
ଆମେ ଶୈବ୍ୟା ପାନ୍ନା ମଦାଳସା
ଆମେ ସୀତା ସାବିତ୍ରୀ ପ୍ରିୟମ୍ବଦା ।
ଆମେ ମହାମାୟା ଶକ୍ତିସ୍ୱରୂପିଣୀ
ଆମେ ପ୍ରେମର ଶୀତଳ ମନ୍ଦାକିନୀ
ଆମେ ଜୀବନ ସଞ୍ଚାରି ଯୋଗମାୟା
ଆମେ ସୃଷ୍ଟିରେ ଚର ବନ୍ଦନୀୟା ।

ପ୍ଲଟ ନ. ୪୬୧୯/୨୧, ପୋଖରିପ୍ନ ଭିଲେଜ
ପୋ. ଚନ୍ଦ୍ରଶେଖର ପୁର, ଭୁବନେଶ୍ୱର – ୭୫୧୦୧୬

# ସମୟ



ବୈଦ୍ୟନାଥ ପଣ୍ଡା

ସମୟତ ଏକ ଏମିତିକା ନଆଁ
ହେଳା କଲେ ତାକୁ
ଜାଳଦିଏ ସବୁ
ଉଠୁଥାଏ ଖାଲି ଶୋଚନାର ନଆଁ
ସମୟତ ଏକ ଏମିତିକା ନଆଁ ||

ବହିଗ୍ଲୁଥାଏ
ଥିରି ଥିରି ହୋଇ
ଆଗେଇ ଯାଏସେ
ପଛକୁ ନଗ୍ହିଁ
ତାସାଥିରେ ଯିଏ
ଗ୍ଲିଥାଏ ବାଟ
ଇତିହାସ ଲେଖେ ତାହାରି ନାଆଁ
ସମୟତ ଏକ ଏମିତିକା ନଆଁ.. ||

ଭଲରେ ତାହାକୁ
ଚହ୍ନିଛି ଟି ଯିଏ
ଉପହାର କେତେ
ତା ଠାରୁ ସେ ପାଏ
ତାକୁ ପାଇ ଧନ୍ୟ ହୁଏ ଏ ଦୁନଆଁ
ସମୟତ ଏକ ଏମିତିକା ନଆଁ.... ||
ସିଏ ଯେବେ କେବେ

ହୁଏ ହୀନମାନ
ଭାଙ୍ଗିଦିଏ ସବୁ
ଯାକ ଟାଣ ପଣ
ଥାଳଧରି ବୁଲେ ଦେଖେ ଏ ଦୁନିଆଁ
ସମୟ ତ ଏକ ଏମିତିକା ନିଆଁ........ ॥

ତା ପାଖରେ ନାଇଁ
ସଖା ସହୋଦର
ସଭିଏଁ ନଜର
ସଭିଏଁ ବି ପର

ଅବଦଲ ପୁର, ଯାଜପୁର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା - ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ଇଚ୍ଛା ପୂର୍ତ୍ତି



ଆରତୀ ସାହୁ (ଆଶା)

- ଦେ ଦେ ତକଆଟା ଦେ । ଶ୍ୱଶୂରଙ୍କ ଚଢ଼ା ପ୍ରଭାବଶାଳୀ ଆବାଜ,

ନସରପସର ହେଇ ଧାଇଁଲେ ଲତା ନଜର ଅନଭ୍ୟସ୍ତ ସର୍ବଥା ନୂଆ କୁମ୍ଭକନାରୀ ଓଢ଼ଣାଟିକୁ ସମ୍ଭାଳୁ ସମ୍ଭାଳୁ । ତରତରରେ ନଜର ଶୋଇବାଘରୁ ତକଆଟେ ଆଣୁ ଆଣୁ ଆଶୁତୋଷଙ୍କ ହାତ ମୁଠାରେ ଧରା ପଡ଼ି ଯାଏ ତାଙ୍କ ଅଞ୍ଚଳ । ଆଖିରେ ଆଖି ମିଶିଯାଏ, ଲାଜରେ ଜଡ଼ସଡ଼ ହେଇ ଯାଆନ୍ତି ସେ,

ଧେତ୍, କହି ନଜ ଅଞ୍ଚଳକୁ ମୁକ୍ତ କରି ଗ୍ଭଲି ଆସନ୍ତି ତିନ ତିନ ଭରି ଓଜନର ଆମ୍ବକଷିଆ ପାଉଁଜିକୁ ରୁଣୁରୁ ଝୁଣୁରୁ କରି ।

ଶାଶୁଙ୍କ ନଜର ପଡ଼ି ଯାଏ, - ଆଲୋ ତକଆ କଣ ହେବ ?

- ବାପା ମାଗିଲେ ପା । ତଳେ ବସି ଖାଉ ଖାଉ ଅଣ୍ଟା ବିନ୍ଧୁଥିବ କ କଣ ।

- ହୁଣ୍ଡିଟେ କଲୋ, ତାଙ୍କର ଭାଷା ସେମିତି, ବଳେ ବୁଝିଯିବୁ ଯେ କଛି ଦିନ ଗଲେ ।

ରୁଟି ସେକ ଦେବାକୁ ଡେରି ହେବାରୁ ଶ୍ୱଶୂର ଖିଆସି କରି ତକଆ ମାଗିଥିଲେ । ସେ ଏତେ କଥା କାହୁଁ ବୁଝିବେ ଯେ ରୁଟିଟା ଦେବାରେ ବିଳମ୍ବ ହେବାରୁ ଶ୍ୱଶୁରଙ୍କ ଏପରି ରହସ୍ୟପୂର୍ଣ୍ଣ କଥା ।

କୋଇଲା ଚୁହ୍ଲୀରେ ରୁଟି ସେକୁ ସେକୁ ଟିକେ ବିରକ୍ତିଆ ଲାଗିଥିଲା ଷୋଳ ବରଷୀ ନବବଧୂ ଲତାଙ୍କୁ । କିନ୍ତୁ ଭାବି ଭାବି ବହେ ହସିଥିଲେ ଓଢ଼ଣାକୁ ଦାନ୍ତରେ ଚାପି ।

ଗୋଟିଏ ଗୋଟିଏ ରୁଟି ଗରମ ଗରମ ସେକ ଦେବାକୁ ହୁଏ ଶ୍ୱଶୂରଙ୍କୁ । ଦେବାକୁ ଟିକେ ବିଳମ୍ବ ହେଲେ ଏମିତି ଅବାନ୍ତର କଥା ସବୁ କହନ୍ତି ସେ । ପ୍ରଥମେ ବିରକ୍ତ ଲାଗୁଥିଲା । ପରେ ଦେହସୁହା ହେଇଗଲା ।

ମାତ୍ର ଷୋହଳ ବର୍ଷରେ ଲତା ବାହାହେଇ ଆସିଥିଲେ ପଲେ ନଣନ୍ଦ ଦିଅର ଥିବା ଘରକୁ ବୋହୂ ହେଇ । ଆସୁ ଆସୁ ଚୁଲିମୁଣ୍ଡ ସମ୍ଭାଳବାକୁ ପଡ଼ି ଥିଲା । ଯେହେତୁ ଶାଶୁ ଅଧିକାଂଶ ସମୟ ବେମାର ରହୁଥିଲେ ।

ଭଲ ବି ଲାଗୁଥିଲା ତାଙ୍କୁ । ସମ ବୟସୀ ଦିଅର, ଛୋଟ କୁନ କୁନ ଦୁଇ ନଣନ୍ଦ । ବର୍ଷ କେଇଟାରେ ସେ ସମସ୍ତଙ୍କୁ ନଜର କରି ନେଇଥିଲେ । ସେ ନହେଲେ କ୍ଷଣେ ଅଚଳ । ଶାଶୁ ପଙ୍ଗୁ ହେଇଯାଆନ୍ତି ତାଙ୍କ ବିନା, ସେ କେବେ ବାପଘରକୁ ଗଲେ । ନଣନ୍ଦ ଦିଅର ବାହାନା କରି କରି ତାଙ୍କ ପାଖକୁ ଯାଆନ୍ତି । ଖାଦ୍ୟପ୍ରିୟ ଶ୍ୱଶୂର ଘନଘନ ପାଖରେ ଥିବା ତାଙ୍କ ବାପଘରେ ଯାଇ ବସନ୍ତି । ଲତାଙ୍କୁ ଶୀଘ୍ର ପଠାଇବା ବ୍ୟବସ୍ଥା କରିବାକୁ ଅନୁରୋଧ କରନ୍ତି ।

ଶ୍ୱଶୂର ତାଙ୍କର ହାତରନ୍ଧା ଖୁବ୍ ପସନ୍ଦ ତ କରନ୍ତି, ତେବେ ପାନରୁ ଚୂନ ଖସିବାର ନୁହେଁ ।

ସେଦିନ ବେଶି ସୁଆଦିଆ ହେବ ଆଉ ମେଞ୍ଚେ ବିଲାତି ବାଇଗଣ ଥିବାରୁ ଡାଲି ଓ ଅନ୍ୟ ତୁଣ ତରକାରୀରେ ସେ ବିଲାତି ବାଇଗଣ ମିଶେଇ ଦେଇଥିଲେ । ଫ୍ରିଜ ତ ନଥିଲା ନା ସେ ଯୁଗରେ ।

ଶ୍ୱଶୂର ସଙ୍ଗେ ସଙ୍ଗେ ପହଡ଼ି ଯୋଡ଼ି ଥିଲେ ।

- ସିନ୍ଦୁର ମଥାରେ ପିନ୍ଧିବ ବୋଲି କଣ ପାଦରେ ବି ପିନ୍ଧିବ ?

ତରକାରୀ ତାଙ୍କର ପରମ୍ପରାଗତ ହେବା ଦରକାର । ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟ ।

ଖାଦ୍ୟକୁ ପ୍ରଥମେ ଆଖି ଖାଇବ, ଅର୍ଥାତ ବ୍ୟଞ୍ଜନ ଆକର୍ଷଣୀୟ ଦେଖା ଯିବା ଦରକାର । ତାପରେ ନାକ ଖାଇବ, ଅର୍ଥାତ ତାହା ଲୋଭନୀୟ ବାସିବା ଦରକାର । ସର୍ବଶେଷରେ ଜିଭ ଖାଇ, ନିର୍ଣ୍ଣୟ ନେବ ଖାଦ୍ୟ ରୁଚକର ହେଇଛି ଅଥବା ନାହିଁ ।

ସେ ଘରେ ସମସ୍ତେ ସଙ୍ଗେ ସଙ୍ଗେ ସେକା ହେଇଥିବା ଫୁଲା ଫୁଲା ରୁଟି ଖାଆନ୍ତି । ଶ୍ୱଶୁର, ଦେଢ଼ଶୁର, ଶାଶୁ, ନଣନ୍ଦ ଆଉ ମାଆ ଛେଉଣ୍ଡ ଦେଢ଼ଶୁରଙ୍କ ପୁଅ । ବିଗୁରୀ ଲତାଙ୍କୁ ଭାରି ବେଜାର ଲାଗେ କେବେକେବେ । ସମସ୍ତଙ୍କୁ ତ ତୁନଟି ହେଇ ରୁଟି ସେକ ସେକ ଦିଅନ୍ତି । କିନ୍ତୁ ଆଶୁତୋଷଙ୍କୁ ଦେଲା ବେଳକୁ ହାବସି କଗୁଡ଼ି ହୁଅନ୍ତି । ସେହି ନିରୀହ ମଣିଷଟା ଉପରେ ସବୁଠାରୁ ବେଶି ଯୋର ।

ଏମିତି ରୁଟି କରୁ କରୁ, ତାଙ୍କର ବି ଇଚ୍ଛା ହୁଏ । ତାଜା, ସଙ୍ଗେ ସଙ୍ଗେ ଆଞ୍ଚରୁ ବାହାରି ଥିବା ରୁଟି ସେ ବି ଖାଆନ୍ତେ । କିଏ ତାଙ୍କୁ ବି ଏମିତି ସେକ ସେକ ଦିଅନ୍ତାନି ?

ସେହି ସ୍ୱପ୍ନଟି ତାଙ୍କର ସାକାର ରୂପ ନେଇ ପାରେ ନାହିଁ । ଦିଅର ମାନେ ବାହା ହେଇ ଯେ ଯାହାର କର୍ମକ୍ଷେତ୍ରକୁ ଗଲିଲେ ନିଜର ସ୍ତ୍ରୀ ମାନଙ୍କୁ ଧରି । ନଣନ୍ଦ ମାନଙ୍କୁ ସେ କାମ କରେଇ ଦେଇ ନାହାନ୍ତି । ଶାଶୁଘରେ ତ ଖଟିବେ । ବାପଘରେ ଟିକେ ଆୟସ କରନ୍ତୁ ନା।

ତାଙ୍କର ନିଜର ବି ଝିଅ ଦୁଇଟା । ଭଲ ପଢ଼ିଲେ ବୋଲି ଦଶମ ପରଠାରୁ ହୋଷ୍ଟେଲରେ । ତାପରେ ତାଙ୍କର ବାହାରେ ପୋଷ୍ଟିଂ ଆଉ ତାପରେ ତ ଝିଅ ଜନମ ପର ଘରକୁ ।

ରୁଟି ସେକୁ ସେକୁ ତାର ତାଜା ଲୋଭନୀୟ ବାସ୍ନା ଆଘ୍ରାଣ କରି ତାଙ୍କର ମନରେ ସେହି ଇଚ୍ଛାଟା ବାରମ୍ବାର ମୁଣ୍ଡ ଟେକେ ।

ଘରର ସବୁ ସଦସ୍ୟ ମାନଙ୍କୁ ଗରମ ରୁଟି ସେକ ଦେଉ ଦେଉ ସେ କେତେ ବୁଢ଼ୀ ହେଇଗଲେଣି ଏ ଭିତରେ । ସୁନ୍ଦରୀ ପାଖଟା ଧଳା ହେଇଯାଉଛି, ରଙ୍ଗ ଲଗାଇବାର

ଗୋଟେ ସପ୍ତାହ ଯାଉନ । କାଲି ପରି ଲାଗୁଛି । ଅଳତାବୋଳା ପାଦରେ ନଇଁ ନଇଁ ଏ ଘରର ଏରୁଣ୍ଡି ବନ୍ଧ ଡେଇଁ ଥିଲେ ସେ ।

ଆଉ ଆଜି ଆଉ ଜଣେ ନଜର ଅଳତାବୋଳା ପାଦରେ ଏରୁଣ୍ଡି ବନ୍ଧ ଡେଇଁ ଆସୁଛି ଏ ପରିବାରର ଅଭିନ୍ନ ଅଙ୍ଗ ହେଇ । ପୁତୁରା ବୋହୁ ବନାନୀ ।

ପୁତୁରା ଏଇ ଜିଲ୍ଲା ସ୍କୁଲରେ ଶିକ୍ଷକତା କରୁଛି । ଚତୁର୍ଥୀ ବାସି ସେ ରୁଟି ସେକୁଛନ୍ତି ଗେସରେ । କୋଇଲା ଚୁଲି ବିଦାୟ ନେଲାଣି କେବେଠାରୁ । ଘରକୁ ଡାଇନିଂ ଟେବୁଲ ଆସିଲାଣି । କନ୍ତୁ ଶ୍ୱଶୁର ଓ ଦେଢ଼ଶୂର ଓ ଶାଶୁ ସେହି ତଳେ ଚଟେଇରେ ବସି ଖାଇବେ । ବନାନୀ ପରଶି ଗୋଟିଏ ଗୋଟିଏ ଦେଉଛି ଫୁଲା ଫୁଲା ରୁଟି । ସମସ୍ତେ ଖାଇ ସାରିଲେ କେବଳ ବନାନୀ ଓ ଲତାଙ୍କୁ ଛାଡ଼ି ।

ବନାନୀ ହଠାତ କହିଲା, - ମାଆ, ଆପଣ ବସନ୍ତୁ ଖାଇବା ପାଇଁ । ମୁଁ ରୁଟି ସେକ ସେକ ଦେଉଛି ।

ନାହିଁ କରୁ କରୁ ତାଙ୍କୁ ନେଇ ବସେଇଦେଲା । ଥାଳରେ ପ୍ରଥମ ଫୁଲା ରୁଟିଟା ଦେଖି ଲତାଙ୍କ ଆଖିରୁ ଧାର ଧାର ଲୁହ ବୋହି ପଡ଼ିଲା । ନଖାଇ ସେ ଅନେଇ ରହିଲେ ବନାନୀ ଆଡ଼କୁ । ହୃଦୟରେ ତାଙ୍କର ଅଥାହ ଆନନ୍ଦ ଓ ବନାନୀ ପାଇଁ ଅଜସ୍ର ଆଶୀର୍ବାଦ ।

ତାଙ୍କର ଏତେ ଦିନର ଇଚ୍ଛା ଆଜି ବନାନୀ ପୂରଣ କରିଛି ।

ବସନ୍ତ ବିହାର, ନୂଆ ଦିଲ୍ଲୀ

# କପଟୀ ମଣିଷ



ନବ କୁମାର ଦାସ

ଯେତେବେଳେ ଜାଣ ଅନ୍ତର ଭିତରେ
ଇର୍ଷା ଗୁଣ ଆସିଯାଏ
ମନ ସାଜିଯାଇ ନଜର ବଇରୀ
ଛଳନାରେ ସଜ ହୁଏ

ସେଇ ମଣିଷର ହୃଦୟ ବିବେକ
ଶୁନ୍ୟ ଶୂନ୍ୟ ହୋଇଯାଏ
କପଟତା ଗୁଣେ କପଟି ମନଟା
ମିଛ ସତ କହୁଥାଏ

ଜାତ କରିଦିଏ ଅନ୍ତର୍ଦ୍ୱନ୍ଦ ଗୁଣ
ଅଡୁଆରେ ପକଦିଏ
ତାର ପାଇଁ ଜାଣି ଆଉ କେଉଁ ଜନ
ବନ୍ଧୁ ମାରି ଶତ୍ରୁ ହୁଏ

କପଟୀ ମଣିଷ କୁରୁକ୍ଷେତ୍ର ନଆଁ
କୁହୁଳ କୁହୁଳ ମାରେ
ବିନା କାରଣରେ ଯୁଦ୍ଧ କରିଦେଇ
ଭାଇକୁ ଭଗାରୀ କରେ

ବିନା କାରଣରେ ପ୍ରଶଂସା କରିଲେ
ଜାଣିବ ଏହି ସେ ନର
ଯେତେବି ସମ୍ଭବ ତାକୁ ଜାଣିକରି
ହୋଇଯିବ ଯେତେ ଦୂର

ବାଲିଆପାଳ, ବାଲେଶ୍ୱର

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହଯୋଗ ଦିଅନ୍ତୁ ।

# ପହିଲି ଫଗୁଣ



ରୋହିତ ସେଠୀ

କୋକିଳ କାକଳି କୁହୁକୁହୁ କରି
କଲ୍ ନିମନ୍ତ୍ରଣ ସାଦରେ
ପହିଲି ଫଗୁଣ ପାଦ ଥାପେ ଧିରେ
ପୁଲକ ବୁଣି ଏ ଧରାରେ ।୧।
ଦ୍ରୁମରାଜି ଦୃଶ୍ୟ ଶ୍ୟାମଳିମା ବେଶ
ନବ ପଲ୍ଲବିତେ ଶୋଭିତ
ଦକ୍ଷିଣ ଦିଶାରୁ ପ୍ରବାହିତ ହୁଏ
କୋମଳ ମଳୟ ମାରୁତ ।୨।
ମାଦକତା ଭରେ ମଳୟ ସମୀର
ଶିହରଣ ଖେଳେ ଶରୀରେ
ପହିଲି ଫଗୁଣ କରେ ଆନମନା
ପଡ଼ିଯାଏ ତା'ର ପ୍ରେମରେ ।୩।
ଆର୍ଦ୍ର ତନୁ-ମନ, ଏ ପଞ୍ଚ ଇନ୍ଦ୍ରିୟ
ତା' ପ୍ରୀତି ରଙ୍ଗରେ ବିଭୋର
କି ଯାଦୁ କରିଛି ପହିଲି ଫଗୁଣ
ଚିତ୍ତ ସଦା ମମ ଅସ୍ଥିର ।୪।
ନାନାରଙ୍ଗେ ବୋଳିଦିଏ ମୋର ଅଙ୍ଗେ
ହଜେ,ମଜ୍ଜେ,ଭିଜେ ସ୍ୱପ୍ନରେ
କିମିଆ କରିଛି ପହିଲି ଫଗୁଣ
ପାଗଳ ଆଜି ତା' ପ୍ରେମରେ ।

ଶିକ୍ଷକ
ଦୁତୀମେଣ୍ଡି,ଖଜୁରୀପଡ଼ା,କନ୍ଧମାଳ

# ବନ୍ଦେ ଉତ୍କଳ ଜନନୀ



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

"ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରିୟାସୀ" – ଯାହା ଗର୍ଭରୁ ଆମେ ଜନ୍ମ ଓ ଯେଉଁ ମାଟିରେ ଆମେ ଜନ୍ମ ନେଇଛୁ ସେ ସ୍ୱର୍ଗଠାରୁ ମଧ୍ୟ ବଡ ଅଟନ୍ତି ।

ଉତ୍କଳ ବା କଳିଙ୍ଗ (ଯାହାର ଆଧୁନିକ ନାମ ଓଡିଶା) ଆମର ଜନ୍ମମାଟି ଅଟେ । ସେହି ଉତ୍କଳର ଆମେ ସମସ୍ତେ ସନ୍ତାନ ଅଟୁ । ବହୁ ବର୍ଷ ପୂର୍ବେ ଆମର ଜନ୍ମମାଟି ବା ଉତ୍କଳ ପରାଧୀନ ଥିଲା । ମୁସଲମାନ, ମରହଟ୍ଟା, ଇଂରେଜମାନଙ୍କ ଅତ୍ୟାଚାରରୁ ଉତ୍କଳ ତ୍ରାହି ପାଇନଥିଲା, କିନ୍ତୁ ତା କୋଳରେ ଯେଉଁ ସୁଯୋଗ୍ୟ ସନ୍ତାନମାନେ ଜନ୍ମ ନେଇଥିଲେ । ସେମାନେ ଏସବୁ ସହ୍ୟ  ନକରିପାରି ଶତ୍ରୁମାନଙ୍କ ବିରୁଦ୍ଧରେ ଲେଖନୀ ଚାଳନା ସହ ଆନ୍ଦୋଳନ ଆରମ୍ଭ କରିଥିଲେ । ଓଡିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟରେ ପରିଣତ କରିବାକୁ ଆଗେଇ ଆସିଥିଲେ । ଖଲିକୋଟ ରାଜାଙ୍କର ରମ୍ଭା ପ୍ରାସାଦରେ ୧୯୦୨ ମସିହାରେ ଏକ ଉତ୍ସବ ସହ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଉତ୍କଳଗୌରବ ମଧୁସୂଦନଙ୍କ ସହିତ ଓଡିଶାର ବହୁ ନେତୃବୃନ୍ଦମାନେ ଏବଂ ଓଡିଶାର ଗଡଜାତ ରାଜ୍ୟମାନେ ଯୋଗ ଦେଇଥିଲେ । ଏହି ସଭାରେ ଓଡିଶାର ସୀମା ସୁରକ୍ଷା, ଭାଷା ଆନ୍ଦୋଳନ ସହ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସୁରକ୍ଷା, ଭାଷା ଆନ୍ଦୋଳନ ସହ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଆଲୋଚନା ହୋଇଥିଲା ଏବଂ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଆହ୍ୱାନରେ "ଉତ୍କଳ ସମ୍ମିଳନୀ" ଗଠନ ପାଇଁ ସ୍ଥିର କରାଗଲା । ୧୯୦୩ ମସିହା ଡିସେମ୍ବର ୩୦-୩୧ ତାରିଖରେ କଟକର ଇଦଗା ପଡିଆରେ ପ୍ରଥମ ଉତ୍କଳ ସମ୍ମିଳନୀ ସଭା ହୋଇଥିଲା ।

ଏଥିରେ ପୁରୋଧା ହୋଇଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ। ଏହି ସଭାରେ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଆଲୋଚନା କରାଯାଇ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଗଲା।

ଯେଉଁ ବୀରପୁରୁଷମାନଙ୍କ ପ୍ରଚେଷ୍ଟାରେ ଆମ "ଉତ୍କଳ ବା ଓଡିଶା ଏକ ସ୍ୱତନ୍ତ୍ର ରାଜ୍ୟ ରୂପେ ଏପ୍ରିଲ ୧, ୧୯୩୬ ମସିହାରେ ମାନ୍ୟତା ଲାଭ କରିଥିଲା – ସେମାନେ ହେଉଛନ୍ତି ଉତ୍କଳ ଗୌରବ ମଧୁସୂଦନ ଦାସ, ବ୍ୟାସ କବି ଫକୀର ମୋହନ ସେନାପତି, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ସ୍ୱଭାବ କବି ଗଙ୍ଗାଧର ମେହେର, ପଣ୍ଡିତ ନୀଳକଣ୍ଠ ଦାସ ଇତ୍ୟାଦି ଅନ୍ୟତମ। ଆମର ଏ ଜନ୍ମମାଟିକୁ ଏକ ସ୍ୱତନ୍ତ୍ର ରାଜ୍ୟରେ ପରିଣତ କରିବାକୁ ଏମାନଙ୍କୁ ବହୁ ଅବଦାନ ରହିଛି। ଅପ୍ରିଲ ୧, ୧୯୩୬ ମସିହାଠାରୁ ଅପ୍ରିଲ ୧ ତାରିଖକୁ "ଉତ୍କଳ ଦିବସ" ରୂପେ ପାଳନ କରାଯାଉଛି। ୧୯୩୬ ରେ ଓଡିଶା ସ୍ୱତନ୍ତ୍ର ଉତ୍କଳ ଗଠିତ ହେଲାପରେ ଓଡିଶାର ଶାସନ ଆମ ଓଡିଆମାନଙ୍କ ହାତକୁ ଆସିଲା। ୧୯୩୬ ମସିହା ଠାରୁ ୧୯୪୭ ମସିହା ପର୍ଯ୍ୟନ୍ତ ଇଂରେଜମାନେ ଭାରତକୁ ଶାସନ କରି ଆସୁଥିଲେ। ତଥାପି ଓଡିଶାର ତୁଙ୍ଗ ନେତାମାନେ ସ୍ୱାଧୀନ ଭାରତପାଇଁ ଆନ୍ଦୋଳନ କରିବା ସହ ସବୁ କ୍ଷେତ୍ରରେ ଓଡିଶା ନିଜସ୍ୱ ଭାଷା, ସାଂସ୍କୃତି ଓ ରାଜନୈତିକ ପୁନଃ ପ୍ରତିଷ୍ଠା ପାଇଂ ଆନ୍ଦୋଳନ ମଧ୍ୟ ଜାରି ରଖିଥିଲେ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବାର ପ୍ରାୟ ୮୫ ବର୍ଷ ଅତିକ୍ରମ ହେଲାଣି। ଅତୀତର ଉତ୍କଳୀୟମାନଙ୍କର ଆ-ଗଙ୍ଗା-ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ବିରାଟ ସାମ୍ରାଜ୍ୟ ଆଉ ନାହିଁ। ଦକ୍ଷିଣରେ ବିଜୟୱାଡାର ରାଜମହେନ୍ଦ୍ରୀ, ବିଜୟନଗରମ୍, ଶୀକାକୁଲମ୍, ପଶ୍ଚିମ ରେ ବସ୍ତର, ଷେଢେଇକଳା, ଖରସୂଆଁ, ସିଂହଭୂମି ବିସ୍ତୃତ ଖଣି ଅଞ୍ଚଳ, ପଶ୍ଚିମ ବଙ୍ଗର ମେଦିନପୁର ଇତ୍ୟାଦି ଓଡିଆ ବହୁଳ ଅଞ୍ଚଳ ଓଡିଶାରେ ମିଶିପାରିଲା ନାହିଁ। ଏସବୁ ବିଚ୍ଛିନ୍ନାଞ୍ଚଳରେ ଓଡିଆମାନଙ୍କ ଉପରେ ପଡୋଶୀ ଭାଷା ଲଦି ଦିଆଯାଉଛି। ଓଡିଆ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ଥାପନ ପାଇଁ କାଠିକର ପାଠ ହୋଇଯାଉଛି। ପଡୋଶୀ

ରାଜ୍ୟର ଶାସକମାନେ ସେଠାକାର ଓଡିଆମାନଙ୍କର ଉନ୍ନତିପାଇଁ କୌଣସି କାର୍ଯ୍ୟ କରିବା ପାଇଁ ବିତୃଷ୍ଣ ହେଉଛନ୍ତି ।

ଉତ୍କଳ ସମ୍ମିଳନୀ ସେ ଅଞ୍ଚଳର ଓଡିଆମାନଙ୍କର ସାହାଯ୍ୟରେ ପରମ୍ପରା, ସାହିତ୍ୟ, ସଂସ୍କୃତି ନିଜସ୍ୱ ସାମାଜିକ ବ୍ୟବସ୍ଥାର ପୁନଃ ପ୍ରତିଷ୍ଠା ପାଇଁ ଲାଗିପଡିଛନ୍ତି ।

"ଅରି ମରି ନାହିଁ, ଯୁଦ୍ଧ ସରିନାହିଁ", ବର୍ତ୍ତମାନ ଓଡିଶାର ସାଢେ ୪ କୋଟି ଓଡିଆ ଏବଂ ଓଡିଶା ସରକାର ସେ ଅଞ୍ଚଳର ଓଡିଆମାନଙ୍କର ସ୍ୱାର୍ଥ ରକ୍ଷା ପାଇଁ ଜାତି, ଧର୍ମ, ଦଳ ନିର୍ବିଶେଷରେ ଆନ୍ଦୋଳନ କରିବା ଉଚିତ୍ । ତାହାହେଲେ ଆମ୍ଭମାନଙ୍କର ଖଣ୍ଡିତ ବା ଅସମ୍ପୂର୍ଣ୍ଣ ମା ଉତ୍କଳ ଜନନୀ କିଛିଟା ସାନ୍ତ୍ୱନା ପାଇବେ ।

"ବନ୍ଦେ ଉତ୍କଳ ଜନନୀ"

ମଠସାହି, ତୁଳସିପୁର

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ତୁମେ ଗଲ୍ ପରେ



ର୍ମ ଚନ୍ଦ୍ର ପ୍ରଧାନ

ତୁମେ ଗଲ୍ ପରେ ମନ ଉପବନେ
ଉଡୁନାହିଁ ପ୍ରଜାପତି
ତୁମ କଥା ଭ୍ଳ ନଦ ହେଉ ନାହିଁ
ବିରହେ ବଢୁଛି ତାତି ।

ତୁମେ ଗଲ୍ ପରେ ମୋ ଜୀବନ ଲ୍ଗେ
ବେରଙ୍ଗି ଫଗୁଣ ପରି
ଫିକା ଫିକା ଲ୍ଗେ ଏ ଧାର୍ ଶ୍ରାବଣ
ହୃଦୟେ ଶୂନ୍ୟତା ଭରି ।

ତୁମେ ଗଲ୍ ପରେ ମୋ ସୁଖ ନଅର
ହୋଇଗଲ୍ ଛାରଖାର
ଭରସା ବିଶ୍ୱାସ ସବୁ ତୁଟିଗଲ୍
ହାରିଗଲ୍ ପ୍ରେମ ମୋର ।

ତୁମେ ଗଲ୍ ପରେ ଆମ ସମ୍ପର୍କରେ
ପଡିଗଲ୍ ଯବନକା
ଭ୍ବିଲନ ଥରେ କେମିତି ବଞ୍ଚିଛି
ଜୀବନରେ ଏକା ଏକା ।

ତୁମେ ଗଲ୍ ପରେ କାଠ ଗଣ୍ଡି ପରି
ଭସୁଛି ମଝି ନଈରେ
କୂଳ କ କନାର୍ ଜମା ପାଉ ନାହିଁ
ଏ ଅଲୋଡ଼ା ଜୀବନରେ ।

ତୁମେ ଗଲ୍ ପରେ ଯାଯାବର ଭଳ
ଆଜି ଏଠି କାଲି ସେଠି
ମରି କ ବଞ୍ଚିଛି କାନ୍ଦି କ ହସୁଛି
ଅଭିନୟ ରଙ୍ଗ ମାଖି ।

ଶିକ୍ଷକ
ସାନ୍ତର୍ପଲ୍ଲୀ, ଗଞ୍ଜାମ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ପ୍ରେମର ଗଙ୍ଗା



ରାଜକିଶୋର ସାଇଁ

ଏଇ ମୋ ପ୍ରିୟ ଓଡିଶା କେଡେ ମିଠା ମୋର ଭ୍ଷା
ମାତୃଭୂମି ମାତୃଭ୍ଷା ଆଉ ଜନନୀ
ଜୀବନେ ଯା ମୂଳଲକ୍ଷ୍ୟ ଧର୍ମଅର୍ଘ କାମ ମୋକ୍ଷ
ଏ ଚଉବର୍ଗ ଦାୟିନୀ ପର୍ ଏତିନ
ସୁଖ ଦୁଃଖେ ନୋହି ବିମୁଖ
ସେବି ଏ ପିଣ୍ଡେ ପ୍ରାଣ ମୋ ଥିବା ଯାକ ॥

ଏ ଜାତି ଶୁଭ ଚନ୍ତକ ସେବାଖାଗର ପ୍ରତୀକ
ଉତ୍କଳ ଗୌରବ ଆଉ ଉତ୍କଳ ମଣୀ
କୃଷ୍ଣଚନ୍ଦ୍ର ଗଜପତି ଭ୍ଷ୍ୟଯୁଦ୍ଧେ ସେନାପତି
ପାରିବକେ ତାଙ୍କ ଜାତି ପ୍ରୀତି ବଶାଣୀ
ତାଙ୍କବଳୀଦାନ ପ୍ରେରଣା
ମନୁ ଦୂରକରେ ଭ୍ବ ପର ଆପଣା ॥

ସର୍ବଧର୍ମ ପ୍ରୀୟ ପୀଠ ଓଡିଆଙ୍କର ଯେ ଇଷ୍ଟ
ବିଜେ ଏଥି ନୀଳାଚଳେ ଜଗତନାଥ
ସିନ୍ଧୁତଟେ ଏ ମନ୍ଦିର ଶିଳ୍ପକଳାର ସମ୍ଭାର
କମ୍ବଦନ୍ତୀ ଇତିହାସେ ବିଶ୍ୱ ବିଜିତ
ଏ ଦିଅଁ ମହିମା ଅପାର
ଡାକେ ମୁଁ ଫେଡ ପ୍ରଭୁ ଏ ବିପଦ ଘୋର ॥

ଏ ଗାଁଇଜେ ମୋ ଜନମ ତା ପାଣି ଆଉ ପବନ
ବହୁଅଛେ ମୋର ଦେହେ ହୋଇ ରକତ
ହୋଇ ଯିଏ ମୋର ସାହା ଦେଲା ବଞ୍ଚିବାର ରାହା
ତା ଆତ୍ମାକୁ କରିବିନ କେବେ ଆହାତ
ମାଟି ମାଆ ଭାଷା ତ୍ରିରଙ୍ଗା
ପାଇଁ ମୋ ହୃଦୟେ ବହୁ ପ୍ରେମର ଗଙ୍ଗା ॥

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଅଭିନେତ୍ରୀ

ସତ୍ୟନାରାୟଣ ମିଶ୍ର

"ଓଃ ! ନୋ ..ନୋ ..ନୋ , ଏଥର ବି ତମେ ସେଇ ଅଫର୍ କୁ କେନସଲ୍ କରିବାକୁ ବାଧ୍ୟ। ମୁଁ ଆଉ ଗ୍ରହୁଁ ନ ତମେ ଅଭିନୟ କରିବ ଯାତ୍ରା ପାର୍ଟିରେ ।ଏବେ ତମର ଅଭିନେତ୍ରୀ ହେବା ଇଚ୍ଛା ସେତିକି ଥାଉ, ବାସ୍ " ।

ସିଂହ ଭଳି ଗର୍ଜନ କରି ସରୋଜ ଯେତେବେଳେ ସୁମିତ୍ରା କୁ ଏକଥା କହିଛି ସତେ ଯେମିତି ଚଡକ ପଡିଗଲା ସୁମିତ୍ରା ମୁଣ୍ଡରେ । ଖସି ଖସି ଯାଉଥାଏ ତା ପାଦତଳ ମାଟି । ଭାବୁଛି 'ଇଏ କଣ ସେଇ ସରୋଜ ? ଯିଏ କ ବାହା ଘର ପୂର୍ବରୁ ମୋ ସର୍ତ୍ତ ମାନ ମୋ ହାତ ଧରିଥିଲେ । ସେ ଏବେ ମୋ କାଣ୍ଡିସନ୍ କୁ ଭୁଲିଗଲେ କେମିତି ?

ଯାତ୍ରା ଜଗତ ର କୁଇନ ସୁମିତ୍ରା ।ନାମି ନାମି ଯାତ୍ରାପାର୍ଟି ରେ ମୁଖ୍ୟ ନାୟିକା ଭାବେ ରୁଲ୍ କରି ଜଣେ ସୁ ଅଭିନେତ୍ରୀ ଭାବେ ଖ୍ୟାତି ଅର୍ଜନ କରିଛି ସେ ।ହଜାର ହଜାର ଦର୍ଶକ ଙ୍କ ତାଳ ମାଡ଼ ଶୁଣି ଶୁଣି ବଧିର୍ ହେଇଯାଏ ତା କାନ । ହୃଦୟ ଯମୁନା ର ଆବେଗ ଯେମିତି ଜୁଆରିଆ ହେଇଉଠେ । ତା ନିଖୁଣ ଅଭିନୟ ଦର୍ଶକଙ୍କୁ ମନ୍ତ୍ର ମୁଗ୍ଧ କରିଦିଏ । ଦୁଃଖ ସମୟ ର ଦୃଶ୍ୟ ବଳରେ ଅଶ୍ରୁସିକ୍ତ କରି ନିଏ ଦର୍ଶକଙ୍କୁ । ଖବର କାଗଜ ପତ୍ର ପତ୍ରିକା ରେ ନିଶ୍ଚିତ ତା ବିଷୟ ରେ ଦି ଧାଡି ବାହାରିବ ପ୍ରତି ସପ୍ତାହ ରେ। ପ୍ରତି ବର୍ଷ ଭିନ୍ନ ଭିନ୍ନ ଯାତ୍ରା ପାଟି ବଦଳେଇ ମୋଟା ଅଙ୍କ ର କେସ୍ ଡିମଣ୍ଡ କରେ ସୁମିତ୍ରା । ତେବେ କାହିଁକି କେଜାଣି ଗୋଟେ ନିର୍ଦ୍ଦିଷ୍ଟ ଯାତ୍ରା କଣ୍ଠ ଶିଳ୍ପୀ ସରୋଜ କୁ ଭଲ ପାଇ ବସିଲା ସେ । ତା ସୁମଧୁର କଣ୍ଠ ସ୍ୱର ର ଆକର୍ଷଣ ରେ ବିମୋହିତ ହେଇ ପ୍ରେମଜାଲରେ ଛନ୍ଦି ଦେଲା ସରୋଜ କୁ । ସରୋଜ ବି ସୁମିତ୍ରା ର ଅଭିନୟ ରେ ଆକର୍ଷିତ ହେଇଥିଲା ତା ଆଡକୁ ଲୁହା ଚୁମ୍ବକ ଭଳି ।କେଉଁ

ଏକ ଦୁର୍ବଳ ମୁହୂର୍ତ୍ତରେ ଏମାନଙ୍କ ମିଳନ । ତାପରେ ଶୁଭପରିଣୟ ସେଇଠି । ତେବେ ବିବାହ ପୂର୍ବରୁ ସରୋଜ ପାଖରେ ସର୍ତ୍ତ ରଖିଥିଲା ସେ, ଯାତ୍ରାର ଅଭିନେତ୍ରୀ ହେବାକୁ ସରୋଜ ଯେମିତି ତାକୁ ବାରଣ ନ କରେ, ଆଉ ଏବେ ..

ବାହା ହେଲା ପରେ ସେମାନେ ଆସିଛନ୍ତି ସରୋଜ ର ପଲ୍ଲୀଗ୍ରାମ କୁ । ତିନ ମାସ ଯାଇଚ କ ନା ଅଫର ଆସିଲା ଗୋଟିଏ ଫେମସ ଯାତ୍ରା ପାର୍ଟି ରୁ ନୂଆ ନାଟକ ଟେ ରିହରସଲ୍ କରିବା କୁ । ସୁମିତ୍ରା ଯେତେବେଳେ ଏକଥା ଜଣେଇଛି ସରୋଜ କୁ ସିଏ ସିଧା ସିଧା ମନା କରି ଦେଲା । ଅବଶ୍ୟ ଘରେ ତାର ରୋଗିଣୀ ମା ବୁଢ଼ୀ । ସେବା ଯତ୍ନ ଦହାତି ଦରକାର । ଜଣେ ଆଦର୍ଶ ଗୃହିଣୀ ତଥା ବୋହୁ ହିସାବ ରେ ଶାଶୁ ଙ୍କ ସେବା ରେ ଲିପ୍ତ ରହିଲା ସୁମିତ୍ରା। ତାର ଅକ୍ଲାନ୍ତ ସେବା ଯତ୍ନ ସତ୍ତ୍ୱେ ମା ଗ୍ଳଲିଗଲେ ସେ ପରି କ । ପର ବର୍ଷ ପୁଣି ଥରେ ଯାତ୍ରା ଦଳ ର ଅଫର କୁ ପ୍ରତ୍ୟାଖ୍ୟାନ କଲା ସେ ସରୋଜ ଙ୍କ ଅସୁସ୍ଥତା ନେଇ । ଅବଶ୍ୟ ସେ ଜାଣି ନ ଥିଲା ସରୋଜ ଙ୍କ ଏହା ଏକ ମିଛ ବାହାନା । ଔଷଧ ପତ୍ର ଲୁଗ୍ଳଇ ଫିଙ୍ଗୁଥିବା ର ଯେତେବେଳେ ଦଷ୍ଟବିନ୍ ରୁ ଆବିଷ୍କାର କଲା ଖଣ୍ଡ ମଣ୍ଡଳକୁ ପ୍ରଳୟ କରି ପକେଇଲା ସୁମିତ୍ରା। ଏଥର କନ୍ତୁ ତୃତୀୟ ଥର ଅଫର ଆସିଛି, ଏବଂ ସରୋଜ ର ବାରଣ କୁ ବରଦାସ୍ତ କରି ପାରିଲାନ । ଅମାନଆ ଝଡ଼ ଭଳ ଏକ ମୁହାଁ ହେଇ ଗ୍ଳଲିଗଲା ରିହରସଲ୍ ପ୍ରକୋଷ୍ଠକୁ।

ଦୀର୍ଘ ଦିନ ଅତିକ୍ରାନ୍ତ ପରେ ଆଜି ସରୋଜ ର ବାଲ୍ୟ ବନ୍ଧୁ ତାଙ୍କ କ୍ୱାର୍ଟର କୁ ଡାକଛନ୍ତି ସୁମିତ୍ରକୁ, କଣ ଗୋଟେ ଅର୍ଜେଂଟ କାମ ଅଛି ବୋଲି । କଥା ରଖି ସୁମିତ୍ରା ଆସିଛି । ଦେଖିଚ ବନ୍ଧଙ୍କ କ୍ୱାଟର ରେ ସରୋଜ ବି ଅଛନ୍ତି ।

"କେମିତି ଅଛ ସୁମିତ୍ରା ? ସତରେ ତମେ କଣ ମତେ ଭୁଲି ଗଲ ? ଭୁଲିଗଲ ସ୍ୱାମୀ ସ୍ତ୍ରୀ ର ମଧୁର ସମ୍ପର୍କ କୁ । ଘର ସଂସାର ର ମାନେ ଜାଣି ବି ଏଭଏଡ୍ କରି ରହି ଯାଇଛ ମୋ ଠୁ ଅଲଗା ...

କଥାରେ ବାଧା ଦେଇ, ଆଖିରେ ଆଖି ମିଶେଇ ଦୃଢ଼ ସ୍ୱରରେ ସୁମିତ୍ରା କହିଲା " ତମଠୁ ଠକ ଯିବା ପରେ ତମ କୁ ଭୁଲିବା ପାଇଁ ମୁଁ ଚେଷ୍ଟା କରୁଥିଲି, ଚେଷ୍ଟା କରୁଥିଲି ଘୃଣା ବି କରିବାକୁ । ନିଜେ ଖୁସିରେ ବଞ୍ଚିବି ବୋଲି ନୁହଁ । ସେମିତି ବହୁ ଚେଷ୍ଟା ପରେ ଭାବିଲି, ତମକୁ ଭୁଲି କି ଘୃଣା ନ କରି ବି ମୁଁ ଭଲଭାବେ ବଞ୍ଚିବି । ଶିଖିଲି, ତମ ବିନା ବି ମୁଁ ଖୁସି ରହିବି । ମୁଁ ଜାଣେନା, ତମେ କଣ ଭାବୁଥିବ । ହେଲେ, ମୁଁ ବହୁତ ଖୁସି ରେ ଅଛି । ହୁଏତ ତମେ ମତେ ସେତେ ସୁଖ ଦେଇ ପରି ନ ଥାନ୍ତ । ଆସୁଛି"

ଏକା ଥର କେ ଏତେ ଗୁଡ଼େ ବାକ୍ୟ କହି ଝଡ଼ ବେଗରେ ଚାଲିଗଲା ସୁମିତ୍ରା । ହତାମ୍ବର ହତାଶ ନିର୍ବାକ୍ ସରୋଜ ଦେଖୁଥିଲା ଗହଳ ଭିତରେ କ୍ରମଶଃ ହଜି ଯାଉଥିବା ସେଇ ମୁକ୍ତ ବିହଙ୍ଗ ଅଭିନେତ୍ରୀ ଯିବା ବାଟ କୁ ....

ସିଂଧେକେଲା, ବଲାଙ୍ଗୀର

# ମୋ ଗାଁ



ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ସହର ଠାରୁ ଅଳପ ଦୂର (ଖୋର୍ଦ୍ଧା)
ରାଜରାସ୍ତାର ନିକଟରେ
ଅଟଇ ମୋର ଗାଆଁଟି,
ତିନୋଟି ସାହି ଦେଢ଼ଶଃ ଘର
ଚକାପଦା ତା'ର ନାଆଁଟି
ଅଟଇ ମୋର ଗାଆଁଟି ।।

ଗାଆଁରେ ମୋର କେତେ ଠାକୁର
ଯାନିଯାତ୍ରା ରେ କମ୍ପଇ ପୁର
ସବୁଜାତିର ଲୋକ ଥିଲେ ବି
ଅଛି ଆମ ଭାଇଚାରାଟି.....
ଚକାପଦା ତା'ର ନାଆଁଟି
ଅଟଇ ମୋର ଗାଆଁଟି ।।

ଦୋଳ ଯାତରା ଅବା ଦଶରା
ତ୍ରିନାଥ ପାଲା ହୁଏଟି ପରା
କାନ୍ଧରେ କାନ୍ଧ ମିଶାଇ ଚାଲୁ
ସୁଖ ଆସୁ କି ଦୁଃଖଟି ....
ଚକାପଦା ତା'ର ନାଆଁଟି
ଅଟଇ ମୋର ଗାଆଁଟି ।।

ବରଷେ ଥରେ ଅଷ୍ଟପ୍ରହରୀ
ଦଣ୍ଡ ଯାତରେ ନାମ ଆମରି
ଦେବୀ ଆମର ରାମଚଣ୍ଡୀ ମା'
ଦେବତା କପିଳେଶ୍ୱରଟି .....
ଚକାପଦା ତା'ର ନାଆଁଟି
ଅଟଇ ମୋର ଗାଆଁଟି ।।

ଗ୍ରାମେ ଅଛନ୍ତି ଶ୍ରୀ ରଘୁନାଥ
ପାଳୁ ଆନନ୍ଦେ ଶ୍ରୀ ଘୋଷଯାତ
ବିଦ୍ୟାମନ୍ଦିର ଦୁଇଟି ଅଛି
ସାହା ମଙ୍ଗଳା ମାଆ ଟି .....
ଚକାପଦା ତା'ର ନାଆଁଟି
ଅଟଇ ମୋର ଗାଆଁଟି ।।

ପିଲାଙ୍କ ମସ୍ତି ଖେଳା ଖେଳରେ
ଯୁବା ଧାଆନ୍ତି ନିଜ କର୍ମରେ
ବୁଢା ବୁଢ଼ୀଙ୍କ ସକାଳେ ସଞ୍ଜେ
ସାହା ଭାଗବତ ଟୁଙ୍ଗୀ ଟି ...
ଚକାପଦା ତା'ର ନାଆଁଟି
ଅଟଇ ମୋର ଗାଆଁଟି ।।

ଥାଉ ନଥାଉ ପରିଚୟ ତା'
ଆମ ପାଇଁ ସେ ଅଟଇ ମାତା
ଜନମ ଲଭି ତା' କୋଳେ ମୁହିଁ
ଜୀବନ ମୋର ଧନ୍ୟ ଟି....
ଚକାପଦା ତା'ର ନାଆଁଟି ।।
ଅଟଇ ମୋର ଗାଆଁଟି ।।

ଚକାପଦା, ବେଗୁନିଆ, ଖୋର୍ଦ୍ଧା

# ଅନ୍ତହୀନ ଅପେକ୍ଷା



ପ୍ରିୟଦର୍ଶିନୀ ମହାନ୍ତି

କଛି ପାଇବାକୁ ହେଲେ
ବଳଦାନ ଦେବାକୁ ହୁଏ
ବହୁତ କଛି,
ବିନା କଛି ମୂଲ୍ୟରେ
ଦୁନଆଟିଏ ମୁଁ କନ୍ତୁ ପାଇଛି...

ତୁମେ ହୁଏତ ବ୍ୟସ୍ତ ରହିପାର
ତୁମ କମ୍ପୁଟର ଆଉ ଅନଲ୍ଇନ ଦୁନଆରେ,
ମୁଁ କନ୍ତୁ କେବେ ନଜକୁ ହଯାଏ
ପୁଣି କେବେ ଅସ୍ତିତ୍ୱକୁ ଲଭେ
ତୁମ ଖିଆଲରେ,
କାଗଜ,କଲମ ଡାଏରିରେ,
ମୋ ସ୍ମୃତି କୁ ଲିପିବଦ୍ଧ କରିବାରେ

ମୋ ଭାବନାର ଚୌହଦି
ତୁମ ସ୍ମୃତିରେ ଭରପୂର
ମୋ ପ୍ରେମର ପରିଧିରେ
କେବଳ ଛବି ହିଁ ତୁମର....
ଏଇ ତ ଆରମ୍ଭ ହେଲା
ତୁମ ପାଇଁ ଅନ୍ତହୀନ ଅପେକ୍ଷାର...

(ଶିକ୍ଷୟିତ୍ରୀ)
ଖୋର୍ଦ୍ଧା

# ଭାବ ର ଠାକୁରଶ୍ରୀ
# ଜଗନ୍ନାଥ @ ବନ୍ଧୁମହାନ୍ତି



ସୁଷମା ପରିଜା

ନଅଙ୍କ ଦୁର୍ଭିକ୍ଷପର ସମୟର କଥା । ଦୁଃଖକଷ୍ଟରେ ଥାଆନ୍ତି ଓଡିଶାର ରାଜ୍ୟର ଲୋକମାନେ। ଘରେ ଘରେ ଭୋକ ଉପାସରେ ରାଜୁତି। ଦାନା କନା ବିନା ସମସ୍ତେ ହା ହୁତାସରେ ଦିନ କାଟୁ ଥାଆନ୍ତି। ସେଥିରେ ବେଡି ଉପରେ କୋରଡା ଭଳି ପଡିଥାଏ ଗଜପତିଙ୍କ ଖଜଣା ଆଦାୟ ନୋଟିସ୍। ରାଜ କର୍ମଚାରୀମାନେ ଘର ଘର ବୁଲି ଖଜଣା ଆଦାୟ କରୁଥାଆନ୍ତି, ଯିଏ ଖଜଣା ନଦେଇ ପାରିଲା ତା' ଘରେ ପଶି ବାସନ କୁସନ, ଗାଈଗୋରୁ, ଛେଳମେଣ୍ଢା ଯାହା ପାଉ ଥାଆନ୍ତି ଜୋର ଜବରଦସ୍ତି କରି ନେଇ ଯାଉଥାଆନ୍ତି। ଯାଜପୁର ଜିଲ୍ଲାରେ ରହୁଥିଲେ ବନ୍ଧୁମହାନ୍ତି ବୋଲି ଜଣେ ଲୋକ। ଦୁଇଟି ଝିଅ, ଗୋଟିଏ ପୁଅ ଆଉ ସ୍ତ୍ରୀ ମାଳତୀଙ୍କୁ ନେଇ ପାଞ୍ଚ ପ୍ରାଣୀ କୁଟୁମ୍ବ ତାଙ୍କର। ଚାଷ ଜମି ବୋଲି ବାଡି ଗୋଡରେ ଗୋଡେ ନାହିଁ, ଭାଗ ଚାଷକରି ଦୁଃଖେସୁଖେ ଚଳନ୍ତି । ଦୁର୍ଭିକ୍ଷପରେ ଅଧା ଦିନ ଭୋକ ଉପାସରେ ଚଳନ୍ତି, କେବେ କେମିତି ପିଲାମାନଙ୍କ ପାଇଁ କୋଉଠୁ କିଛି ମାଗିଯାଚି ଆଣି ଦିନ କାଟନ୍ତି। ଘୋର ଅଭାବ ଭିତରେ ଥିଲେ ମଧ୍ୟ ଜଗନ୍ନାଥଙ୍କ ପ୍ରତି ତାଙ୍କର ଅଚଳା ଭକ୍ତିଥାଏ। ପ୍ରତିଦିନ ସକାଳୁ ଉଠି ଗାଧୁଆପାଧୁଆ ସାରି ତୁଳସୀ ଆରାଧନା କରି ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆ ଟିଏ ମାରି ବାହାରି ଯାଆନ୍ତି କାମରେ। ରାତିରେ ଶୋଇବା ପୂର୍ବରୁ ଜଗନ୍ନାଥଙ୍କୁ ଦୁଇ ହାତ ଯୋଡି ପ୍ରାର୍ଥନା କରନ୍ତି "ଏ ଦୁଃଖୀ ଜନ୍ମରୁ ଉଦ୍ଧାର କର ହେ ମହାବାହୁ ! ତୁମବିନା ଆଉ କିଏ ଅଛି ମୋର? ତୁମେ ହିଁ ମୋର ଭାଇ, ବନ୍ଧୁ, ସଖା ସହୋଦର..ସବୁ"। ପ୍ରଣାମ କଲାବେଳକୁ ଆଖିରୁ ଧାର ଧାର ଲୁହ ଗଡି ପଡେ। ମାଳତୀ ସବୁ ଦେଖନ୍ତି, ଶୁଣନ୍ତି, ଚୁପ୍ ହୋଇ ରହନ୍ତି।

ଦିନକର କଥା, ସେଦିନ ଗାଆଁ ମନ୍ଦିରରେ ସଞ୍ଜବେଳେ ଭାଗବତ ବୋଲା ହେଉଥାଏ, ସଞ୍ଜବତୀଟିଏ ଧରି ମାଳତୀ ଯାଇଥିଲେ, ଭାଗବତ ବୋଲୁଥିବା ନନା ଜଣକ ଭକ୍ତମାନଙ୍କୁ ବୁଝାଉଥାନ୍ତି କୃଷ୍ଣଭକ୍ତ ସୁଦାମାଙ୍କର କଥା। ସେଠାରେ କିଛିସମୟ ବସି ରହିଲେ ମାଳତୀ,

ଶୁଣିଲେ ମହାପ୍ରଭୁଙ୍କର ବାଲ୍ୟ ବନ୍ଧୁ ସୁଦାମାଙ୍କର କାହାଣୀ। କେମିତି ପତ୍ନୀଙ୍କ କଥା ମାନ ରାଜାଧିରାଜ ଶ୍ରୀକୃଷ୍ଣଙ୍କ ପାଖକୁ ଦ୍ୱାରକା ଛୁଟି ଯାଇଥିଲେ ଦରିଦ୍ର ସୁଦାମା ନିଜର ଦାରିଦ୍ର୍ୟ ଦୂର କରିବାପାଇଁ କିଛି ସାହାଯ୍ୟ ମାଗିବାକୁ, ହେଲେ ଲଜ୍ଜାବଶତଃ କିଛି ନମାଗି ଫେରି ଆସିଥିଲେ। କିନ୍ତୁ ଅନ୍ତର୍ଯ୍ୟାମୀ ପ୍ରଭୁ ତାଙ୍କର ମନର କଥା ବୁଝିପାରି ତାଙ୍କ ଅନୁପସ୍ଥିତିରେ ନିଜେ ଆସି ଧନରତ୍ନ ଦେଇ ତାଙ୍କ ଭଙ୍ଗା କୁଡିଆକୁ ମଣିମୟ ପ୍ରାସାଦରେ ପରିବର୍ତ୍ତନ କରି ତାଙ୍କର ଦାରିଦ୍ର୍ୟ ଦୂର କରିଥିଲେ। କଥାଟି ମନ ଭିତରେ ଗଭୀର ରେଖାପାତ କରିଥିଲା ତାଙ୍କର। ରାତିରେ ଶୋଇବାବେଳକୁ ସେଇ କଥା ଶୁଣାଇଲେ ବନ୍ଧୁ ମହାନ୍ତିଙ୍କୁ। କହିଲେ "ତୁମେ ତ ସବୁବେଳେ ଜଗନ୍ନାଥଙ୍କୁ ଡାକୁଥାଅ,, ଆଉ କୁହଯେ ଜଗନ୍ନାଥ ତୁମର ଭାଇ, ବନ୍ଧୁ, ସଖା, ସହୋଦର, ସବୁ କିଛି ବୋଲି, ଆମ ପିଲାମାନେଏତେ ଦୁଃଖକଷ୍ଟରେ ରହୁଛନ୍ତି, ଆମେ ଦି'ଓଳି ଦି' ମୁଠା ପେଟପୁରା ଖାଦ୍ୟ କି ଭଲ କରି ଖଣ୍ଡିଏ ଲୁଗା ପିନ୍ଧିବାକୁ ପାଉନୁ, ତୁମେ ତୁମ ବନ୍ଧୁଙ୍କୁ କହିଲେ ସେ କ'ଣ ତୁମ ଦୁଃଖ ଦୂରକରି ଦିଅନ୍ତେ ନାହିଁ? ଚହିଁକି ଉଠିଲେ ବନ୍ଧୁ ମହାନ୍ତି। ଛି, ଛି, କି କଥା କହୁଛ ? ମୁଁ ଛାର ଲୋକଟିଏ, ସିଏ ବିଶ୍ୱବ୍ରହ୍ମାଣ୍ଡର ଅଧୀଶ୍ୱର, ମୁଁ ଯାଇ ତାଙ୍କୁ କହିବି ଏଇ କଥା ! ତମେ ପାଗଳୀ ହେଲ କି ମାଳତୀ ? କୋଉଠି ଶ୍ରୀମନ୍ଦିର, କୋଉଠି ସେ ଆଉ କୋଉଠି ମୁଁ? ଏକବାର ଅସମ୍ଭବ କଥା। ଏଇଠି ଥାଇ ପଛେ ମୁଁ ତାଙ୍କୁ ସବୁଦିନେ ଡାକୁଥିବି, ସେ ଅନ୍ତର୍ଯ୍ୟାମୀ, ସବୁ ବୁଝିବେ। ଜିଦ୍ ଧରିଲେ ମାଳତୀ, କହିଲେ, ତିନି ଦିନ ହେଲାଣି, ଘରେ ଚାଉଳ ର ଦାନାଟିଏ ନାହିଁ, ପଡିଶାଘର ନାନୀଠୁ ତୋରାଣି ବେଲାଏ ମାଗି ଆଣି ଦେଇଥିଲି ପିଲାଙ୍କୁ, ଆମେ ଦିହେଁ ଖାଡାପାଡା ଉପାସ। ତେବେବି ତମେ କହୁଛ ଯିବନି ତମ ବନ୍ଧୁଙ୍କ ପାଖକୁ? ତୁମକୁ ମୋ ରାଣ, ତୁମ ପିଲାମାନଙ୍କ ରାଣ, ତୁମେ ଥରେ ତାଙ୍କ ପାଖକୁ ଯାଇ ଆମ ଦୁଃଖ ଜଣାଅ। ନହେଲେ ଚାଲ ମୁଁ ମଧ୍ୟ ପିଲାମାନଙ୍କୁ ଧରି ତୁମ ସାଥିରେ ଯିବି ତୁମ ବନ୍ଧୁଙ୍କ ପାଖକୁ। ତମକୁ କିଛି ମୁହଁ ଖୋଲି କହିବାକୁ ଦରକାର ପଡିବନି, ସେ ଆମକୁ ଦେଖି ସବୁ ବୁଝିଯିବେ। ଅଗତ୍ୟା "ହଉ" ବୋଲି କହିପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇ ଶୋଇ ପଡିଲେ ବନ୍ଧୁ ମହାନ୍ତି।

ପରଦିନ କାଳି ଅନ୍ଧାରରୁ ପିଲାମାନଙ୍କୁ ସାଥିରେ ଧରି ପତି ପତ୍ନୀ ଦୁହେଁ ଯାତ୍ରା ଆରମ୍ଭ କଲେ ଶ୍ରୀକ୍ଷେତ୍ର ଅଭିମୁଖେ। ଯାଜପୁରରୁ ପୁରୁଷୋତ୍ତମ। ବଡ ଦୁରୂହ ଯାତ୍ରା, ନଦୀ, ନାଳ, ବିଲ, ବଣ, ପାହାଡ, ଡଙ୍ଗର ଦେଇ ଖାଲି ପାଦରେ ଚାଲିଥାନ୍ତି ସମସ୍ତେ, ବାଟରେ କୋଉଠି ଗ୍ରାମ ଜନପଦ ପଡିଲେ ମାଗିଯାଚ କିଛି ଖାଉଥାନ୍ତି ନହେଲେ ନାହିଁ, ଖାଲି ପେଟରେ ପାଣି ମୁନ୍ଦିଏ

ପିଇ ରହୁଥାନ୍ତି। ମନରେ ଗୋଟିଏ ଧ୍ୟାନ "ମହାପ୍ରଭୁ ଶ୍ରୀଜଗନ୍ନାଥ"। ଦିନ ସାରା ଚାଲି ଚାଲି ହାଲିଆ ହୋଇ ପଡିଲେ ରାତିରେ ଟିକଏ ବିଶ୍ରାମ ନେଉଥାନ୍ତି କାହା ବାରଣ୍ଡାରେ, ସକାଳୁ ଉଠି ପୁଣି ଚାଲିବା ଆରମ୍ଭହୁଏ। ତିନଦିନ ତିନରାତି ବିତିଗଲା, ଚତୁର୍ଥ ଦିନ ପୁରସ୍ତମରେ ପହଞ୍ଚିଲା ବେଳକୁ ସଞ୍ଜଗଡି ରାତି ହେଲାଣି। ନରେନ୍ଦ୍ର ପୋଖରୀକୁ ଯାଇ ଧୁଆଧୋଇ ହୋଇ ଶ୍ରୀମନ୍ଦିରରେ ପହଞ୍ଚିଲା ବେଳକୁ ମନ୍ଦିରର ପହଡପଡି ସାରିଲାଣି। ସିଂହଦୁଆର ପାଖ ରେ ବଡଦାଣ୍ଡରେ ଟିକଏ ବିଶ୍ରାମ ନେଲା ବେଳକୁ ପଣ୍ଡାଏ ଘଉଡେଇ ଦେଲେ। ବେତବାଡି ଧରି ଗାରି ପାହାର ଦେଇ କହିଲେ "କଏରେ ତୁ? ମେଳେଛ ଟିଏ ଆସି, ପିଲାକବିଲା ଧରି ଡେରା ପକାଇଛୁ ଏଠି ସିଂହଦୁଆର ପାଖରେ, ଭାଗ୍ ଏଠୁ, ନହେଲେ ଛୁଆଁଛୁଇଁ ହୋଇ ଆମ ପଇତା ମାରା ହେବ। ଯା' ସେପଟକୁ, କୋଉଠି ସୁବିଧା ଜାଗା ଦେଖି ଶୋଇବୁ, ସକାଳୁ ଉଠି ଗାଧୁଆପାଧୁଆ କରି ମଙ୍ଗଳ ଆଳତୀ ପରେ ଆସି ଦିଅଁ ଦର୍ଶନ କରିବୁ"। ଏମିତି ହୀନଛାକର କଥାଶୁଣି ଆଖିରେ ଲୁହ ଆସିଗଲା ବନ୍ଧୁ ମହାନ୍ତିଙ୍କର। କାନ୍ଦିକାନ୍ଦି ସିଂହଦ୍ୱାର ଆଗରୁ ଫେରିଲେ, ଭୋକରେ ପେଟ ଆଉଟୁପାଉଟୁ ହେଉଛି, ଆଖିରେ ପଡିଲା ମନ୍ଦିର ରୋଷଶାଳାର ପେଜନଳା। ମନରେ ଭାବିଲେ ଏଇ ପେଜ ନଳାରୁ କିଛି ପେଜ ପିଇ ଆଜି ରାତିଟା କାଟିଦେବା, କାଲି ସକାଳ ହେଲେ ଯାହା ହେବ। ଉପାସିଆ ଦେହ ଟା ଅବଶ ହୋଇ ଆସୁଥାଏ, ପେଜ ନଳାରୁ ଦି' ଚାରିଆଞ୍ଜୁଳା ପେଜ ଆଣି ପିଲାମାନଙ୍କୁ ଦେଲେ, ନିଜେ ଦି' ଆଞ୍ଜୁଳାପେଜ ପିଇଛନ୍ତିକି ନାହିଁ ଆଖିପତା ମାଡି ପଡିଲା ନିଦରେ। ଛିଣ୍ଡା ଗଣ୍ଠିଲିଟି ମୁଣ୍ଡତଳେ ଦେଇ ସେଇ ଦକ୍ଷିଣ ଦୁଆର ପାଖରେ ଭୂମିରେ ଶୋଇ ପଡିଲେ ବନ୍ଧୁ ମହାନ୍ତି।

ରାତିଅଧ ସରିକି ହେବ "ବନ୍ଧୁ! ହୋ ବନ୍ଧୁମାହାନ୍ତି! ହୋ ଯାଜପୁରିଆ ବନ୍ଧୁ ! ଆରେ ଉଠହୋ!" ବୋଲି କାହାର ଡାକ ଶୁଣି ନିଦ ମଳମଳ ହୋଇ ଉଠିବସିଲେ ବନ୍ଧୁମହାନ୍ତି।ଦେଖିଲେ ଆଗରେ ଠିଆ ହୋଇଛନ୍ତି ବୁଢା ବ୍ରାହ୍ମଣ ଜଣେ, ହାତରେ ଧରିଛନ୍ତି ଥାଳଟିଏ, ଥାଳରୁ ଉଠିଆସୁଛି ମହମହ ଗୁଆଘିଅର ବାସନା, କଦଳୀପତ୍ର ଘୋଡା ହୋଇଛି ଥାଳ ଉପରେ। ବନ୍ଧୁ ମହାନ୍ତିଙ୍କୁ ଆବାକାବା ହୋଇ ଚାହିଁଥିବାର ଦେଖି କହିଉଠିଲେ ବ୍ରାହ୍ମଣ ଜଣକ "କି ହୋ ବୁଝି ପାରୁନ ନା କ'ଣ ମ' ? ଆହେ ତୁମ ବନ୍ଧୁ ପ୍ରସାଦ ପଠେଇଛନ୍ତି ମ' ବଡ ଦେଉଳରୁ, ତୁମେ ଏଠି ଭୋକ ଉପାସରେ ଶୋଇଛ, ସେଠାରେ ତାଙ୍କ ପେଟକୁ ଭାତଯାଉନି, ସିଏ ପଠେଇଛନ୍ତି ମୋତେ, ସବୁଗରମ ଅଛି, ଖାଇନିଅ ଶିଘ୍ର ନହେଲେ ଥଣ୍ଡା ହୋଇଯିବ। ପେଟ କୁ ଭୋକ ହେଉଥିଲେ ମଧ୍ୟ ସଙ୍କୋଚରେ ହାତ ବଢାଇ ପାରୁନାହାଁନ୍ତି ସେ, ତେଣେ ତାଙ୍କ ପିଲାମାନେ ମଧ୍ୟ ଭୋକରେ ଶୋଇଛନ୍ତି, ଡରି ଡରି ଥାଳଟି ହାତ

ବଢାଇସେଇ ବ୍ରାହ୍ମଣଙ୍କ ଠାରୁ ନେଲେ ସେ । ପ୍ରବଳ ଭୋକ ହେଉଥିଲା, ତେଣୁ ସମସ୍ତେ ତରବର ହୋଇ ଖାଇସାରି ଥାଳ ଟି ଧୁଆଧୋଇ କରି ଆଣି ବ୍ରାହ୍ମଣ ଗୋସେଇଁଙ୍କୁ ଖୋଜିଲେ ଥାଳଟି ଫେରାଇବା ଲାଗି।

ସେତେବେଳକୁ ଗୋସେଇଁ ସେଠାରେ ନଥିଲେ, ବନ୍ଧୁମହାନ୍ତି ପାଟି କରି ଡାକଲେ "ଗୋସେଇଁ ମାହାପୁରୁ ! ଆପଣଙ୍କ ଥାଳଟି ନଅନ୍ତୁ, ମୋ ବନ୍ଧୁଙ୍କୁ ବହୁତ ବହୁତ ଧନ୍ୟବାଦ ଜଣାଇବେ" । ତାଙ୍କ କଥା ଶୂନ୍ୟରେ ଯାଇ ଶୂନ୍ୟରେ ଫେରି ଆସିଲା, କେହି ନଥିଲେ ଶୁଣିବା ପାଇଁ। ବହୁତ ଡାକ ଡାକ ଶେଷରେ ନିରାଶହୋଇ ଥାଳଟି ନିଜ ଛିଣ୍ଡା ଗଣ୍ଠିଲି ଭିତରେ ପୁରାଇ ମୁଣ୍ଡତଳେ ଦେଇ ଶୋଇ ପଡିଲେ ସେଇଠି। ଭାବିଲେ ସକାଳହେଲେ ବଡ ଦେଉଳକୁ ଯାଇ ଖୋଜିବେ ଗୋସେଇଁ ମାହାପୁରୁଙ୍କୁ ଆଉ ଥାଳଟି ଫେରାଇଦେବେ। ଥକାପଣ ତ ଥିଲା, ସେଥିରେ ଭୁରି ଭୋଜନଟିଏ ପଡିଯିବାରୁ ନିଦ ଘୋଟିଆସିଲା ବନ୍ଧୁମହାନ୍ତିଙ୍କ ଆଖିରେ, ଅଛାଡ ହୋଇ ଶୋଇ ରହିଲେ ସେ।

ପାହାନ୍ତା ପହରରେ ଯଥାରୀତି ମଙ୍ଗଳ ଆରତୀ କରିବାପାଇଁ ସିଂହଦ୍ୱାର ଖୋଲି ବଡ ପଣ୍ଡା ଏବଂ ଅନ୍ୟ ସେବାୟତମାନେ ପଶିଲେ ବଡ ଦେଉଳ ଭିତରକୁ। ରତ୍ନ ସିଂହାସନ ପାଖରେ ପହଞ୍ଚି ବଡପଣ୍ଡା ଚିତ୍କାର କରିଉଠିଲେ "ଠାକୁରଙ୍କ ସୁନାଥାଳ କୁଆଡେ ଗଲା"? କାଲିତ ଦେଉଳରୁ ଗଲାବେଳେ ଏଇଠି ଥିଲା, ଏବେ ନାହିଁ, ଠାକୁରଙ୍କ ମଙ୍ଗଳଆଳତୀ କେମିତି ହେବ? ଗୁରିଆଡେ ହୁରି ପଡିଗଲା, ଠାକୁରଙ୍କ ସୁନାଥାଳ ଦେଉଳ ଭିତରୁ ଚୋରି ହୋଇ ଯାଇଛି। ପଣ୍ଡା ପଢିହାରୀଙ୍କ ଠାରୁ ଆରମ୍ଭକରି ଛତିଶ ନିଯୋଗ ଯାଏଁ ସମସ୍ତେ ଖେଦି ଗଲେ ଚାରିଆଡ। କୁଆଡେ ଗଲା ସୁନାଥାଳ? କିଏ ନେଲା? ବନ୍ଦ ଦେଉଳ ଭିତରୁ କେମିତି ନେଲା? ଏମିତି ବୁଲାବୁଲି କରି ଖୋଜିବା ଭିତରେ କାହାର ଗୋଟିଏ ନଜର ପଡିଲା ପେଜନଳା ପାଖରେ ଶୋଇଥିବା ମେଳେଛା ଲୋକଟି ଉପରେ। ତା' ମୁଣ୍ଡତଳେ ଥିବା ମଇଳା କୋଚଟିଆ ଗଣ୍ଠିଲିଭିତରୁ ସୁନା ଥାଳଟି ଖସି ପଡି ଚକ୍ ଚକ୍ କରୁଥିଲା। "ହେଇରେ ଚୋର" ବୋଲି ଚିଲ୍ଲେଇ ଉଠିଲା ଜଣେ।

ଖେଦି ହୋଇ ଦଉଡିଲେ ସମସ୍ତେ, ସୁନାଥାଳଟି ଦେଖି ନିଦରେ ଘୁଙ୍ଗୁଡି ମାରୁଥିବା ବନ୍ଧୁ ମହାନ୍ତିଙ୍କୁ "ଚୋର..ଚୋର" ଘୋଷାରି ଘୋଷାରି ମାଡମାରି ଲହୁଲୁହାଣ କରିଦେଲେ।

ଘଟଣା କ'ଣ ବୁଝିବାପାଇଁ ଫୁରୁସତ ଦେଲେନ କେହି। "ଠାକୁରଙ୍କ ସୁନାଥାଳ ଗ୍ଭେରେଇଛି ଏଇ ଗ୍ଭେର, ସେଇଟି ଦେଖ ତା' ଗଣ୍ଠିଲି" ବୋଲି କହିଲେ ସମସ୍ତେ।

କାକୁତି ମିନତି ହୋଇ ବନ୍ଧୁ ମହାନ୍ତି ସତ ଘଟଣା ଟି ଯେତେ କହିଲେ ମଧ୍ୟ କେହି ବୁଝିବାକୁ ନାଗ୍‌ଜ। ହସରେ ଟିଟିକାର ମାରି ଉଡେଇ ଦେଲେ ସମସ୍ତେ। ଓଲଟା ଛିଗୁଲେଇଲେ "ଦେଖ ହୋ ମିଛୁଆ ବାହାପିଆକୁ, କହୁଛି କ'ଣ ନା' ମୋ ବଡ ଦେଉଳଆ ବନ୍ଧୁ ପଠାଇଥିଲେ ଗୋସେଇଁଙ୍କୁ ସୁନାଥାଳରେ ଅନ୍ନପ୍ରସାଦ ଦେଇ। ହଇରେ ଆମେ ସଭିଏଁତ ଏଇଠି ଅଛୁ, କହୁନୁ ଆମଭିତରୁ କୋଉ ଗୋସେଇଁ ସିଏ ? "ମାଡ ମାରି ହାତରେ ଅଣ୍ଟାରେ ଦଉଡି ବାନ୍ଧି ଭିଡି ଭିଡି ନେଲେ ମହାଗ୍‌ଜାଙ୍କ ପାଖକୁ। ମାହାଗ୍‌ଜା ସବୁ ଶୁଣିଲେ, ସର୍ବ ସମକ୍ଷରେ ବନ୍ଧୁ ମହାନ୍ତିଙ୍କ ଠାରୁ ଜବତ ହୋଇଥିବା ସୁନାଥାଳ ତାଙ୍କର ଅପଗ୍‌ଧକୁ ସାବ୍ୟସ୍ତ କରୁଥିଲ୍‌, ତେଣୁ ଗ୍ଭେର କୁ ହାଜତରେ ରଖି ଦଶ କୋରଡା ମାଡ ଦେବାଲ୍‌ଗି ଆଦେଶ ଦେଲେ। ଗ୍‌ଜାଙ୍କ ଆଦେଶ ତୁରନ୍ତ ପାଳନ ହେଲ୍‌। ମାଡଖାଇ ହାଜତ ଭିତରେ ଭ୍ଭୋକ ଉପାସରେ ବସି ଆଖିରୁ ଲୁହ ଗଡାଉ ଥାଆନ୍ତି ବନ୍ଧୁ ମହାନ୍ତି। ମନେ ମନେ ଜଗନ୍ନାଥଙ୍କୁ ଗୁହାରି କରୁଥାନ୍ତି "ଜଗବନ୍ଧୁ ହେ ! ତୁମକୁ ବନ୍ଧୁବୋଲି ଭ୍ଭବି ଦୁଃଖ ଜଣାଇବାକୁ ଆସିଥିଲି ଯେ, ଭଲ ବନ୍ଧୁ ପଣିଆ କଲ, ନିର୍ଦ୍ଦୋଷରେଦଣ୍ଡ ଦିଆଇଲ, ହଉ, ଯାହା ତୁମ ଇଚ୍ଛା"।

ତେଣେ ବଡପଣ୍ଡା ମନ୍ଦିରରେ ଆଳତୀ ସାରି ଚଳୁକରି ଭ୍ଭୋଗ ଲଗାଇବା ବେଳକୁ ଆଉ ଚଳୁରେ ଆବିର୍ଭୂତ ହେଲେନାହିଁ ମହାପ୍ରଭୁ ପ୍ରଭୁଙ୍କ ଦର୍ଶନ ନହେଲେ କେମିତି ହେବ ନୈବେଦ୍ୟ? ବଡପଣ୍ଡାଏ ଗୁହାରି କଲେ ବଡ ଠାକୁରଙ୍କୁ, "ଦୋଷାଦୋଷ କ୍ଷମାକରି ଦର୍ଶନ ଦିଅ, ମଣୋହୀ କର" ତଥାପି ଠାକୁରେ ଶୁଣିଲେନ, ଥକହାରି ମାହାଗ୍‌ଜାଙ୍କୁ ଖବର ଦେଲେ ବଡପଣ୍ଡା, ମାହାପୁରୁ ରୁଷିଛନ୍ତି, ଚଳୁରେ ଦର୍ଶନ ଦେଉନାହାଁନ୍ତି, କେମିତି ମହାପ୍ରସାଦ ବାହାରିବ, ଠାକୁରେ ଉପାସ ରହିଲେ ଭକତେ ଉପାସ ରହିବେ ,ଆପଣ ଆସନ୍ତୁ, ମନୁଆଁ ଠାକୁରଙ୍କ ମାନ ଭ୍ଭଙ୍ଗନ୍ତୁ। ମାହାଗ୍‌ଜା ଧାଇଁଲେ ବଡ ଦେଉଳକୁ, ନଉଛାଳ ହେଲେ "କ'ଣ ଅପଗ୍‌ଧ ହେଲ୍‌ ପ୍ରଭୁ! କାହିଁକି ଏ ହଟ, ଆଡ ରୁଷା ? ଅପଗ୍‌ଧ ମାର୍ଜନା କରି ଦର୍ଶନଦିଅ ହେ ମହାବାହୁ ! ଦେଉଳରେ ନୀତି ହେଉ" । ଶୂନ୍ୟବାଣୀ ହେଲ୍‌ "ମୋ ଭକତ ବନ୍ଧୁ ମହାନ୍ତି ଏତେ ଦୂର ରୁ ଗ୍ଭଲିଗ୍ଭଲି ଆସିଥିଲ୍‌ ମୋତେ ଭେଟିବାକୁ, ମୋତେ ତା'ର ଦୁଃଖ ଜଣାଇବାକୁ, ବଡ ଦେଉଳରେ ପହଡ ପଡିଥିଲ୍‌, ସିଂହଦ୍ୱାର ବନ୍ଦଥିଲ୍‌, ଭ୍ଭୋକ ଉପାସରେ ତା'ର ପରିବାରର ପେଟ ଜଳୁଥିଲ୍‌, ଗୋଡହାତ ଚଳୁ ନଥିଲ୍‌, ପେଜନଳାରୁ

ପେଜ ମୁନ୍ଦିଏ ପିଇ ଶୋଇଯାଇଥିଲା ସେଇଠି, ମୁଁ ଦେଉଳରେ କେମିତି ରହି ପାରିଥାନ୍ତି, କେମିତି ଭୂରିଭୋଜନ ପକେଇଥାନ୍ତି କୁହ? ତା' ର ଦୁଃଖସହି ପାରିଲିନ, ତେଣୁ ବଡପଣ୍ଡା ଭୋଗ ଲଗାଇଥିବା ସୁନାଥାଳଟି ମୁଁ ନଜେ ନେଇ ଦେଇଥିଲି ତା'କୁ। ସେ ଖାଇ ସାରିବା ପରେମୋ ପେଟ ଆପେ ଆପେ ପୁରି ଗଲା, ମୋ ମନକୁ ଶାନ୍ତି ମିଳଲା, ହେଲେ ସକାଳୁ ସେବାୟତମାନେ ତା'କୁ ଚୋରବୋଲି ଧରି ନସ୍ତୁକ ମାଡ଼ମାରିଲେ, ତା'କହିବା ସତ କଥା କୁ ମଧ କେହି ଶୁଣିଲେନ । ତୁମେ ମଧ ସତ ଘଟଣା ନବୁଝି ତା'କୁ ଦୋଷୀ ସାବ୍ୟସ୍ତ କଲ, ଦଣ୍ଡ ଦେଲ, ସେଥିପାଇଁ ମୋ ମନରେ ବହୁତ ଦୁଃଖ, ମୋ ମନକୁ ଆଘାତ ଲାଗିଛି, ଯେଉଁଠି ମୋ' ଭକ୍ତକୁ ସମ୍ମାନ ମିଳୁନ, ସେ ବଡ ଦେଉଳରେ ଆଉ ରହିବିନ ମୁଁ, ହେ ରାଜା! ତୁମେ କ'ଣ ଜାଣନାହିଁ ଯେ ମୁଁ ମନ୍ଦିରରେ ନଥାଏ, ମୋ ଭକ୍ତ ହୃଦୟରେ ବାସ କରେ ମୁଁ, ଲୋଡାନାହିଁ ମୋର ତମ ଷାଠିଏ ପଉଟି ଭୋଗ, ତମ ରତ୍ନ ସିଂହାସନ, ତମର ଐଶ୍ୱର୍ଯ୍ୟ, ମୋ ଭକ୍ତହିଁ ମୋର ଶ୍ରେଷ୍ଠ ସମ୍ପଦ, ମୋର ବନ୍ଧୁ, ସଖା, ସୁହୃଦ ସବୁସେଇ। ମୁଁ ତା'ରି ପାଖରେ ଅଛି"।

ଆଶ୍ଚର୍ଯ୍ୟଚକତ ହେଲେ ମହାରାଜା। ଅଜାଣତରେ କେତେବଡ ଭୁଲ ଟିଏ ସେ କରି ପକାଇଛନ୍ତି ବୋଲି ଅନୁତାପ କଲେ। ସବୁ ଘଟଣା ଜଣାଇଲେ ସେବାୟତ ମାନଙ୍କୁ ଆଉ ସମସ୍ତଙ୍କୁ ସାଥୀରେ ଧରିଯାଇ ପହଞ୍ଚିଲେ ବନ୍ଧୁ ମହାନ୍ତିଙ୍କ ପାଖରେ। ତାଙ୍କ ପାଦ ଧରି କ୍ଷମା ପ୍ରାର୍ଥନା କରି ହାଜତରୁ ମୁକାଳ ବଡ ଦେଉଳକୁ ଆଣି ସେବକ ଭାବରେ ପଗଡି ବନ୍ଧାଇଲେ। ହଟିଆ ଠାକୁରଙ୍କ ମାନ ଭାଙ୍ଗିଲା, ଦେଉଳରେ ନୀତିକାନ୍ତି ସମ୍ପୂର୍ଣ୍ଣ ହେଲା। ମହାପ୍ରଭୁ ଙ୍କ ସେବାରେ ନୟୋଜିତ ହୋଇ ବନ୍ଧୁ ମହାନ୍ତି ଖୁବ୍ ଖୁସି ହେଲେ, ପୁରୀରେ ବାସ କରି, ନତି ଠାକୁରଙ୍କ ଦର୍ଶନ କରି ତାଙ୍କ ଜୀବନ ସାର୍ଥକ ହେଲା। ମାଦଳାପାଞ୍ଜିରେ ବନ୍ଧୁମହାନ୍ତିଙ୍କ ଉପାଖ୍ୟାନ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧହୋଇ ରହିଲା କାଳକାଳକୁ।

ଏମିତିକା ଭାବର ଠାକୁର ଆମର ଶ୍ରୀଜଗନ୍ନାଥ। ଜୟ ଜଗନ୍ନାଥ।ଜ ୟ ଜଗନ୍ନାଥ। ଜୟ ଜଗଦୀଶ ହରେ।।

ଶାରଳା ଭବନ,
ପୋତାପୋଖରୀ, ନୂଆବଜାର, କଟକ - ୭୫୩୦୦୪

# କଛିବି ଗୋଟାଏ କର



ଶିଶିର କୁମାର ପଣ୍ଡା

ଏପଟୁ ଆନ୍ଧ୍ର ମାଡ଼ି ମାଡ଼ି ଆସେ
ସେପଟୁ ପଶ୍ଚିମ ବଙ୍ଗ
ଛତିଶଗଡ଼ିଆ ଟାକେଇ ଅଛନ୍ତି
ଭଲ ନାହିଁ ଯାହା ଢଙ୍ଗ ।
ଆମ ବୁଦ୍ଧିଜୀବୀ ଶୋଇ ପଡିଛନ୍ତି
ନିଦ ଓଉଷଧ ଖାଇ
ପ୍ରଶାସନ କଥା କ ଅବା କହିବା
ସବୁତ ଜାଣୁଛ ଭାଇ ।
ଗୋଟେ ପରେ ଗୋଟେ ଗାଆଁକୁ ଆମର
ଦଖଲ କଲେଣି ଆସି
ଆମେବି ନିରବ କହିବାକୁ ଲାଜ
ଯେମିତି ପୋଇଲି ଦାସୀ ।
ଜାଣେନା ପ୍ରଧାନମନ୍ତ୍ରିରୀ ଏସବୁ
ଜାଣୁଛନ୍ତି କବା ନାଇଁ
ଯଦି ନ ଜାଣନ୍ତି ତାଙ୍କୁ ତୁମେମାନେ
ଜଣାଉନ କସ ପାଇଁ ?
କଛିବି ଗୋଟାଏ କର ।
ଆନ ରାଇଜକୁ ଦଖଲ ଆଗରୁ
ମନେ ରହୁ ଟିକେ ଡର ।

କୁଆଁସ, ମେରଦା କାଟିଆ, ଯାଜପୁର

# ହେ ହରି

ସୁଶୀଲ କୁମାର ମହାପାତ୍ର

ସହସ୍ର ନାମରୁ ତୁମର ହେ ହରି
କେଉଁ ନାମ ଧରି ଡାକବି
ପଢ଼ିଛି ପୁରାଣ ଶୁଣିଛି ମୁ ପୁଣି
ତୁମେ ତ ଦୟାଳୁ ହରି
କେଉଁ ନାମେ ଡାକବି ହେ ପ୍ରଭୁ
କହିବକ ଦୟାକରି ।

ଶତ ଯୋଜନରୁ ଗଜ ଡାକଦେଲା
ଶୁଭି ଥିଲା ତୁମ କାନକୁ
ପଶା ଖେଳ ଛାଡି ଚକ୍ର କୁ ପେଷିଣ
ରଖିଥିଲ ପରା ତାହାକୁ ।

ନୁହେଁ ମୁ ସୁଦାମା ନୁହେଁ ମୁ ସୁବଳ
ଭରସି ମୁ ପାରୁନାହିଁ
ଦୟା କ କରିବ ଦୟା ର ସାଗର
ଥଳ କୂଳ ପାଉନାହିଁ ।

ନାହିଁ ମୋର ଭକ୍ତି ନାହିଁ ମୋର ଶକ୍ତି
ପରୀକ୍ଷା ତ ଦେବାପାଇଁ
ଗୋପୀ ଗୋପାଙ୍ଗନା ସହିତରେ ରାଧା
ହାରିଥିଲେ ତୁମ ପାଇଁ ।

ଜାଣିଚ ଜଗତ ଶରଣ ରକ୍ଷକ
ପତିତ ପାବକ ହରି
ଭରଷା ପାଉନ ମୋତେ କ ରଖିବ
ଦୁଃଖ ଶୋକ ସବୁ ହରି ।

ହେ ହରି.......

ପତିତ ପାବନ ତୋ ସଦା ଉଡୁଥାଉ
ଦାସ ପଣେ ବାରେ ଅନା
କଳଙ୍କର ଛାଇ ନ ଲ୍‌ଗୁ ତୋପରେ
ଉଡୁଥାଉ ତୋର ବାନା ।

ପଶିଲି ଶରଣ ତୁମ ଶ୍ରୀପୟର
ଯୋଡି ମୋର ବେକ କର
ପାପ ପୁଣ୍ୟ ସବୁ ତୋର ପାଦତଳ
ମୋତେ ପ୍ରଭୁ ରକ୍ଷା କର ।

ବୀରମହାର୍‌ଜପୁର, ସୁବର୍ଣ୍ଣପୁର

# ସାଧୁ ଯେ ମଳୟ ପବନ



ଡ. ଅର୍ଜୁନ ଚରଣ ବାରିକ୍

ବିଳାସ ବ୍ୟସନ ଭିତରେ ଜୀବନକୁ ଉପଭୋଗ କରିହୁଏ ସତ ମାତ୍ର ଏହା ଅତଃ ସୌନ୍ଦର୍ଯ୍ୟ ପରିପ୍ରକାଶରେ ସହାୟକ ହୋଇନଥାଏ । ଶାଶ୍ୱତ ଶାନ୍ତ, ନୈସର୍ଗିକ ଆନନ୍ଦ, ବୈଭବ କ୍ଷମତ, ପ୍ରତିପତ୍ତି, ଉଚ୍ଚପଦ ପଦବୀରୁ ମିଳନଥାଏ । ଏସବୁ ପ୍ରାପ୍ତିର ମାର୍ଗ ଭିନ୍ନ । ଜଣେ ରାଜା, ମନ୍ତ୍ରୀ ତଥା ପାରିଷଦ ବର୍ଗଙ୍କ ସହ ଗନ୍ଧମାର୍ଦ୍ଦନ ପର୍ବତରେ ବୁଲୁଥିଲେ । ବିଭିନ୍ନ ସ୍ଥାନରେ ସୁଗନ୍ଧିତ ପୁଷ୍ପ ତଥା ଔଷଧୀୟ ବୃକ୍ଷରାଜି ଥିଲା । ଆରଣ୍ୟକ ପରିବେଶରେ ନୈସର୍ଗିକ ଶୋଭା ରାଜିରେ ରାଜା ମୁଗ୍ଧ ହୋଇଯାଇଥିଲେ । ବୁଲୁଥିବା ସମୟରେ ଦେଖିବାକୁ ପାଇଥିଲେ ଶିଳାଖଣ୍ଡ ଉପରେ ଶାଧାରଣତଃ ଜଣେ ତପସ୍ୱୀଙ୍କୁ ଶୀତକାଳରେ ଫୁଙ୍ଗୁଳା ଦେହରେ ବସିଥିବା ସନ୍ୟାସୀଙ୍କୁ ଦେଖି ରାଜାଙ୍କର ଦୟା ହେଲା । ନଅରକୁ ଫେରିଯିବା ପରେ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଗରମ କମ୍ବଳ, କିଛି ସ୍ୱର୍ଣ୍ଣମୁଦ୍ରା ତପସ୍ୱୀଙ୍କୁ ଦେବା ନିମନ୍ତେ । ରାଜାଙ୍କ ନିର୍ଦ୍ଦେଶ ମୁତାବକ ମନ୍ତ୍ରୀ ତାହା ନେଇ ସାଧୁଙ୍କୁ ଭେଟିଥିଲେ । ସାଧୁ କିନ୍ତୁ ଏହା ଗ୍ରହଣ କରିବାକୁ ସ୍ରେକଠୋକ୍ ମନା କରି ଦେଇଥିଲେ । ରାଜା ଭାବିଲେ ବୋଧହୁଏ କମ ସ୍ୱର୍ଣ୍ଣ ମୋହର ହେତୁ ତପସ୍ୱୀ ଏହା ଗ୍ରହଣ କଲେନାହିଁ । ଅଧିକ ସ୍ୱର୍ଣ୍ଣମୋହର ସହ ଭେଟିବାକୁ ମନ୍ତ୍ରୀଙ୍କୁ କହିଥିଲେ । ଏଥର ମଧ୍ୟ ତପସ୍ୱୀ ନାସ୍ତି କରିଥିଲେ ।

ଏଥର ରାଜା ନିଜେ ଏକ ବଡ ଥଳରେ ଅଧିକ କିଛି ସ୍ୱର୍ଣ୍ଣମୋହର ନେଇ ତପସ୍ୱୀ ନିକଟକୁ ଯାଇଥିଲେ । ତପସ୍ୱୀ ଏହା ଦେଖି ନମ୍ର ଭାବରେ କହିଲେ, "ମହାରାଜ", ଆପଣଙ୍କ ଏହି ଉପହାର ମୋତେ କି ସୁଖ ଦେବ? ଏହା ମୋ ପାଇଁ ଅଶେଷ ଦୁଃଖ ଓ ଦୁଷ୍ଚିନ୍ତାର କାରଣ ହେବ । ଜାଣୁଜାଣୁ ମୁଁ କାହିଁକି ଦୁଃଖକୁ ଆମନ୍ତ୍ରଣ କରିବି? ମୋ ମନର ସାମ୍ରାଜ୍ୟ ଆପଣଙ୍କ ଇଲାକାଠାରୁ ଢେର ବଡ । ମୁଁ ନିଜ ସିଦ୍ଧି ପ୍ରଭାବରୁ ଯେକୌଣସି ପର୍ବତରୁ ସୁନାର ପର୍ବତ କରିନେଇ ପାରିବି । ଆପଣଙ୍କ ଠାରୁ ଭିକ୍ଷା କାହିଁକବା ନେବି?

ରାଜା ନିରାଶ ହୋଇ ଫେରିଆସିଲେ । ମନେମନେ ସର୍ବଦା ଭାବିବାକୁ ଲାଗିଲେ । ତପସ୍ୱୀ କହିଥିବା ସୁନାର ପର୍ବତ କଥା ଦିନେ କାହାରିକୁ କିଛି ନଜଣାଇ ଏକାକୀ ସନ୍ୟାସୀଙ୍କ ନିକଟରେ ହାଜର ହୋଇଗଲେ । ତପସ୍ୱୀ ଆସିବାର କାରଣ ପଚାରନ୍ତେ ରାଜା ବିନୀତ ଭାବରେ କହିଲେ:-ମହାଭାଗ ! ଆପଣ ସେଦିନ କହିଥିଲେ ସିଦ୍ଧି ପ୍ରଭାବରେ ପର୍ବତକୁ ମଧ୍ୟ ସୁନା କରିଦେଇ ପାରନ୍ତେ ମୁଁ ଆପଣଙ୍କ ଠାରେ ସାରାଜୀବନ ଋଣୀ ରହନ୍ତି । ତପସ୍ୱୀ ହସିହସି କହିଲେ, ଏତେ ସୁନା ନେଇ କଣ କରିବ? ସେହି ସୁନା ବିକ୍ରିଲବ୍ଧ ଧନରେ ଏକ ବିଶାଳ ସେନା ଗଢିବି, ପଡୋଶୀ ରାଜ୍ୟ ଜୟକରି ଏକ ଛତ୍ରାଧିପତି ସମ୍ରାଟ ହେବି, ରାଜା କହିଥିଲେ ।

ଠିକ୍ ଅଛି, ତୁମ କହିଥିବା ଅନୁଯାୟୀ ମୁଁ ଶିଖରକୁ ସୁନା କରିଦେବି । ହେଲେ ଏକସର୍ତ୍ତରେ । ତୁମକୁ ପ୍ରତ୍ୟକ ଦୁଇମାସ ପର୍ଯ୍ୟନ୍ତ ମୋ ନିକଟକୁ ଆସିବାକୁ ହେବ । ଲୋଭାସକ୍ତ ରାଜା ତତକ୍ଷଣାତ୍ ସର୍ତ୍ତରେ ରାଜୀ ହୋଇଯାଇଥିଲେ । ଦେଖୁଦେଖୁ ସମୟ ଅତିକ୍ରାନ୍ତ ହେଲା । ସର୍ତ୍ତର ଅବଧି ପୁରଣ ହେଲା । ରାଜାଙ୍କୁ ତପସ୍ୱୀ ପ୍ରଶ୍ନ କରିଥିଲେ – ଏବେ କୁହନ୍ତୁ କେଉଁ ଶିଖରକୁ ସୁନା କରିବାକୁ ଚାହାଁନ୍ତି? ରାଜା ପରଦିନ ଜଣାଇବେ ବୋଲି କହି ଚାଲିଯାଇଥିଲେ । ପରଦିନ ତପସ୍ୱୀଙ୍କୁ ଆଶ୍ଚର୍ଯ୍ୟ କରି ଏକ ଅଦ୍ଭୁତ ବେଶରେ ଆସିଥିଲେ । ପରିଧାନ ଥିଲା ଗୈରିକ ବସ୍ତ୍ର, ଲଲାଟରେ ଚତାତିଳକ, ହାତରେ କମଣ୍ଡଳୁ । ତପସ୍ୱୀ ଆଶ୍ଚର୍ଯ୍ୟ ହୋଇ କହିଲେ, ଏ କି ବେଶ? କଣ ସୁନା ଚାହାଁନ୍ତି ନାହିଁ!

ନା ମହାଭାଗ! ମୁଁ ଆପଣଙ୍କ ନିକଟକୁ ଆସିଲାବେଳେ ଚାହିଁଥିଲି ବିଶାଳ ସାମ୍ରାଜ୍ୟର ଅଧୀଶ୍ୱର ହେବାକୁ । ଏବେ ଅନୁଭବ କରୁଛି ସମ୍ରାଜ୍ୟ ଧନ ଦୌଲତ ପ୍ରତିଷ୍ଠା ସବୁ କିଛି ତୁଚ୍ଛ । ଏହା ଆତ୍ମିକ ଶାନ୍ତି ଦେଇ ନପାରେ କେବେ । ଏହା କହି ଏକ ଶିଳାଖଣ୍ଡ ଉପରେ ଧ୍ୟାନମଗ୍ନ ହେବାକୁ ବସି ପଡିଥିଲେ । ସାଧୁ ସଂସର୍ଗରେ ତାଙ୍କର ଆସକ୍ତି ଦୂର ହୋଇ ଯାଇଥିଲା ।

ଦୈନନ୍ଦିନ ଚନ୍ତାକଳ୍ପର ଉପରୋକ୍ତ ଗଳ୍ପଟି ଉଲ୍ଲେଖନୀୟ ସାରତତ୍ତ୍ୱ ବହନ କରେ । ସମୟ କିପରି ରାଜାଙ୍କୁ ଜଣେ ସନ୍ୟାସୀରେ ପରିଣତ କରିଦେଇଛି ତାହାହିଁ ଏଠାରେ ବିଚାର୍ଯ୍ୟ । ତପସ୍ୟାରତ ସନ୍ୟାସୀ ହେଉଛନ୍ତି ଏଠାରେ ଏକ ପରଶମଣି ସ୍ପର୍ଶରେ ଲୁହା ମଧ୍ୟ ସୁନା ପାଲଟିଯାଏ । ଠିକ୍ ସେପରି ସନ୍ନ୍ୟାସୀଙ୍କ ସାନିଧ୍ୟ ଲାଭରୁ ରାଜା ମଧ୍ୟ ସାଂସାରିକ ସୁଖ,

ଲୋଭ, ମୋହ, ମାୟାକୁ ତୁଟାଇ କପରି ନଜେ ଜଣେ ସନ୍ନ୍ୟାସୀ ହୋଇପାରିଛନ୍ତି ତାହା ଅତ୍ୟନ୍ତ ହୃଦୟସ୍ପର୍ଶିତ ଉଲ୍ଲେଖନୀୟ ଅଟେ ।

ଭାଗବତାକାରଙ୍କ ଭାଷାରେ – ସାଧୁ ଯେ ମଳୟପବନ, କାଷ୍ଠକୁ କରଇ ଚନ୍ଦନ ।"

ପୁନଶ୍ଚ, "ଏ ଜୀବ ସାଧୁସଙ୍ଗ, ବିନୁ ଲଭିନପାରେ ମର ତନୁ ।" –ପ୍ରଣିଧାନ୍ୟ ଯୋଗ୍ୟ ।

ଅଧ୍ୟାପକ, ଇଂରାଜୀ ଭାଷା ସାହିତ୍ୟ,
ସା:ପୋ-ମହୁ, ଜି-କେନ୍ଦ୍ରାପଡା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବା ପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ବିରହ



ଅଲେଖ ମେହେର

ବି ଯୋଡି ରହରେ ବିଜନେ ଇକ୍ଷଣେ ବିରତ ନହୁଏ ଲୋତକ,
ବନତା ନୁହଇ ପାଷାଣ ବସ୍ୱର ବିଲକ୍ଷେ ହେଲାକେ ଘାତକ,
ବିଥିର, ବୀଜ ପର୍ଣରେ ଅଙ୍କୁର,
ବିଜ୍ଞାନୀ ଅଧମ ପ୍ରେମ ବିସ ମଧ୍ୟେ ବିଷର ଭରିଲା ଅମ୍ବାର ।
ବସନ୍ତଦୂତର ମଧୁର କାକଳ ମଦାଳସା ସ୍ୱରେ ବାଚଇ,
ବଇଶାଖି ସାଥେ ଅନଳ ଅନଳ ବନ୍ଧୁ ହୋଇ ହିଆ ଦହଇ ।
ବିହିଲା, ବିଧାତା କଷଣ ବିଶେଷ,
ବିନା ଜୀବନରେ ମୀନର ବିକଳ ପର୍ଣରେ କରେ ପ୍ରକାଶ ।
ବିଧୁସାଥେ କୁମୁଦିନୀର ମିଳନେ ଶ୍ରାବଣ ସାଜିଲା ଅଇରୀ
ବ୍ୟୋମମଣ୍ଡଳରେ ବାଜଇ ଅଶନୀ କାମ ତୀର ମାରେ ଟଙ୍କାରୀ ।
ବିଶିଖ, ବିଳପଇ କ୍ଷୁବ୍ଧ ଅନ୍ତର,
ବିହାୟସେ ବିଲୋକଣ ନତମ୍ବିନୀ ବିଳପଇ ଚଉ ମୋହର ।
ବେନରୋଧ ସରସୀରେ ସରସିଜେ ଅଳ ପଡିଥିଲା ବନ୍ଧକ,
ବିସରେ ବିଷକୁ ଭରିଲା ଅଇରି ହୋଇ ପର୍ଣର ଘାତକ ।
ବିଦୀର୍ଣ୍ଣ, ପ୍ରିତି ବନ ଦହେ ହୁତାଶ,
ବାଲୁଅକାଳୁ ଯହା ଗଢିଥିଲେ ବିହି ନମିଷକେ ପାଇ ବରସ ॥

ବି ଯୋଡି ରହରେ- ବିରହ,ବିଜନେ -ନରୋଳାରେ, ଇକ୍ଷଣେ-ଆଖିରେ,ବିରତ-କ୍ଷାନ୍ତ,ବସ୍ୱରେ -ହୃଦୟରେ, ବିଲକ୍ଷେ-ଅନ୍ତରାଳରେ,ବିଥିର-ଅସ୍ଥିର,ବିଜ୍ଞାନୀ-ଅଜ୍ଞାନୀ (ଭଞ୍ଜ ସାହିତ୍ୟ ଆଧାରରେ) ବିସ-ପଦ୍ମନାଡ, ବସନ୍ତଦୂତ- କୋଇଲି, ବାଚଇ-କହଇ, ଅନଳ-ପବନ,ଅନଳ-ନଆଁ,ବିଧୂ-ଚନ୍ଦ୍ର, ବ୍ୟୋମମଣ୍ଡଳରେ -ଆକାଶରେ,ଅଶନୀ-ଘଡଘଡି,ବିଶିଖ- ଶର, ବିଲୋକଣ-ଦେଖିବା ,ବିହାୟସେ-ଆକାଶରେ, ବେନରୋଧ-ଆଡିବନ୍ଧ, ସରସୀରେ -ପୁଷ୍କରିଣୀରେ, ସରସିଜେ-ପଦ୍ମରେ,ଅଳ -ଭ୍ରମର ।

ସୋହେଲା, ବରଗଡ

# ବସନ୍ତ ଆସିଛି

ନିରଞ୍ଜନ ସାହୁ

ବସନ୍ତ ଆସିଛି ବସନ୍ତ ଆସିଛି
ଚଉଦିଗେ ବସେ ହାଟ
ମହା ଆଡମ୍ବରେ ଧରଣୀରେ ବିଜେ
ଋତୁମାନଙ୍କର ରାଟ ॥
ଶୀତ ଛାଡୁଥାଏ ଖରା ମାଡୁଥାଏ
ଦକ୍ଷିଣୁ ମଳୟ ବହେ
ଜଳସ୍ଥଳ ଏବେ କୁସୁମିତ ହୋଇ
ବସନ୍ତ ବର୍ଣ୍ଣନା କହେ
ରସାଳ ଶାଖାରେ ପିକ ସାଜିଅଛି
ଋତୁ ସମ୍ରାଟଙ୍କ ଭାଟ ॥
ନବ ବିଶଳୟେ ପାଦପ ସାଜିଛି
ଅପୂର୍ବ ଶ୍ୟାମଳ ବେଶ
ସପତ ରଙ୍ଗର ଅବିର ଆସିଛି
ବୁଲିବାକୁ ଟିକେ ଦେଶ
ମନରେ ପୁଲକ ସଞ୍ଚରେ ଅନେକ
ସପନ କଢାଏ ବାଟ ॥

ନହଲପ୍ରସାଦ,
ଗନ୍ଧିଆପାଟଣା, ଢେଙ୍କାନାଳ

# ମମତା ର ଦୁଇ ବୁନ୍ଦା ଅଶ୍ରୁ



ଅମ୍ବିକା ସ୍ୱାଇଁ

ଯ୍ଯାରି ଭିତରେ କଛି ବର୍ଷ ବିତି ଗଲ୍ଣି.... ସେତେବେଳେ ଘର ଠାରୁ ଦେଢ଼ କମି ଦୂରରେ ଅବସ୍ଥିତ ଏକ ଛୋଟ ଇଂରେଜୀ ମାଧ୍ୟମ ସ୍କୁଲ ରେ ପିଲ୍ଙ୍କୁ ପାଠ ପଢ଼ାଇବା ପାଇଁ ଯାଉଥିଲି । ସ୍କୁଲ୍ ସାରି ଫେରିବା ବାଟରେ ଦେଖେ ସବୁ ଦିନ ଠିକ୍ ସେହି ସମୟରେ ଗୋଟେ ଦଶ ବାର ବର୍ଷ ର ପିଲ୍ ମୋ ଆଗ ଦେଇ ସାଇକଲ ରେ ଯାଏ....ପଛକୁ ଫେରି ବାର ବାର ଗ୍ହୁଁ ଥାଏ...ଏମିତି ପଛକୁ ଫେରି ଗ୍ହିଁ ବା ତାର ଆଦତ୍ ରେ ପଡ଼ିଗଲ୍ ପରି ମୁଁ ଅନୁଭବ କରେ....କନ୍ତୁ ତାର ଏପରି କଥା କୁ ମୁଁ କେବେ ଜାଣିବା ପାଇଁ ଚେଷ୍ଟା କରି ନଥିଲି..କ କେବେ ସେ କଥା ରେ କଛି ଧ୍ଯାନ ଦେଇ ନଥିଲି ।

ସେମିତି ଦିନେ ଫେରିବା ସମୟ ରେ ଦେଖିଲି ତା ସାଇକଲ କୁ ସ୍ଲୋ କରି ପଛକୁ ଫେରି,ମୋତେ ଗ୍ହିଁ ବଡ଼ ପାଟିରେ ଚକ୍ାର କରି କହିଲ୍...Madam I love you....

ମୁଁ ପଛକୁ ଫେରି ଗ୍ହିଁଲି, ସେ ବୋଧ ହୁଏ ଆଉ କାହାକୁ କହୁଛି ଭ୍ବିଲି କନ୍ତୁ ଦେଖିଲି କେହି ତ ମୋ ପଛରେ ନାହାନ୍ତି ରାସ୍ତାରେ...ସେ ଆଉ କାହାକୁ କହିଲ୍...ମୋତେ ଖୁବ୍ ରାଗ ଲ୍ଗିଲ୍... ତା"ର ଏ ପାଗଳାମୀ ଦେଖି ମନେ ମାନେ ଭ୍ବିଲି ...ଆରେ ଏ କ ବାଳୁଙ୍ଗା ପିଲ୍ ଟା କରେ....!!

ପାଟିରୁ ବାହାରି ପଡ଼ିଲ୍, ଏ ବଦମାସ୍ ଟୋକା ରହ ରହ ... ଗ୍ଲ୍ ତୋ ବାପା ମା" ପାଖକୁ..ଯିବା..ଏହି ସଂସ୍କାର ଶିଖେଇ ଛନ୍ତି ତୋତେ....ମୋ କଥା ତା କାନରେ ପଡ଼ିଛି କ ନାହିଁ ଯୋର୍ ରେ ସାଇକଲ ଛୁଟାଇ ଛୁ ମାରିଲ୍....

ତା"ପର ଠାରୁ ଦେଖିଲି ତା ର କଛି ଦିନ ହେଲା ଆଉ ଦେଖା ନାହିଁ, ଭାବିଲି ବୋଧ ହୁଏ ମୋ ଗାଳ ଶୁଣି ଡରି ଯାଇଛି...କଛି ଦିନ ବିତିଗଲା....

ଦିନେ ହଠାତ୍ ମୋ ସାମ୍ନା ରେ ସାଇକଲ ଅଟକାଇ ଠିଆ ହୋଇ ଗଲା ଏବଂ ମୁଁ କଛି ଭାବିବା ପୂର୍ବରୁ ମୋତେ ଯୋର୍ ରେ କୁଣ୍ଢାଇ ପକାଇ କହିଲା **Happy mother's day maa...** ଆପଣ କଣ ମୋର ମା ହେବେକ**...?** ମୁଁ ଆଶ୍ଚର୍ଯ୍ୟ ହେଲି, କଛି ବୁଝି ପାରିଲିନ **...**ତାକୁ କଛି କହିବା ପୂର୍ବରୁ ପୁଣି କହିଲା ମୋର ମା ନାହିଁ **....**ଆପଣ ପୁରା ମୋର ମା ପରି ଦିଶୁଛନ୍ତି**......** ଆପଣ କଣ ମୋର ମା ହେବେକ**?** ଆଜି ଆମ ସ୍କୁଲ ର ସବୁ ପିଲା **mother's day** ପାଳନ କରୁଛନ୍ତି**....**ତାଙ୍କ ମା ମାନଙ୍କୁ **gift** ଦେଉଛନ୍ତି**|** ଆପଣ କଣ ମୋତେ ପୁଅ ବୋଲି ଗ୍ରହଣ କରିବେ ନ ମା **?** ମୁଁ କଣ ଆପଣଙ୍କୁ ମା ବୋଲି ଡାକ ପାରିବିନ, ଆପଣ କଣ ମୋତେ ସ୍ନେହ କରିବେନ**?**ଏକା ନିଃଶ୍ୱାସ ରେ ଏତେ ଗୁଡ଼ିଏ ପ୍ରଶ୍ନ**....** ଉତ୍ତର ରେ ଏତିକ କହିଲି ହଁ ରେ ଧନ କାହିଁକି ନୁହେଁ**...?**

ଏତିକ କହୁ, କହୁ ତା"ପ୍ୟାଣ୍ଟ ପକେଟ୍ ରୁ ଏକ ଚକୋଲେଟ୍ ବାହାର କରି ମୋ ହାତକୁ ଖୁସି ମନରେ ଧରାଇ ଦେଲା**|** ମୁଁ ଆଉ କଛି ନକହି**..** ତାକୁ ମୋ ମାତୃ ସ୍ନେହ ର ନିବିଡ ପଣରେ ମମତା ମୟୀ ମାଆ ର ପ୍ରେମାସିକ୍ତ କରୁଣ ହୃଦୟରେ କୋଳକୁ ଆଲିଙ୍ଗନ କରି ନେଲି **|** ମୋ**..**ଭାବ ବିହ୍ୱଳତ ପ୍ରେମାପ୍ଲୁତ ନୟନ ରୁ ଆନନ୍ଦ ର ଦୁଇ ବୁନ୍ଦା ମମତା ର ଅଶ୍ରୁ ବହିଗଲା ଚବୁକ ର ଦୁଇ ଧାରେ**|** ମୋର ଅଲକ୍ଷ୍ୟରେ**.!!**

**(**ଏହା ବୋଧ ହୁଏ ସ୍ୱର୍ଗୀୟ ମାତୃପ୍ରେମର ଅନୁଭୂତି **)**

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା

# ଆଖି ଖୋଲିଲେ



ପ୍ରଶାନ୍ତ କୁମାର ନାଥ

ଠକ ଠକ ଠକ... ଠକ!
ଆଖି ଖୋଲିଲେ ଦେଖିଯାଏ
ସବୁଠି ଲାଗିଛି ଠକଙ୍କ ମେଲଣ,
ବୁଝି ବୁଝିବାକୁ ହୁଏ ଯେମିତି
ଏଠି ଅଧରୁ ଅଧିକ
ଠକବାରେ ମାହିର ଜାଣ ।

ଘିଅ ମସଲାଠୁ ଗୃହା ପତି
ସିମେଣ୍ଟ ଖାତରେ ଯୋଡ଼ାଗଲିଛି
ପରକୁ ପରକୁ ଫର୍ଦ୍ଦ,
ଆଜି... ବିଜ୍ଞାନ ବିକାଶ ନାଁରେ
ଠକ ଯେବେ ଠକ ନଜାଣିଲା
କେମିତିକା ସେ ମର୍ଦ୍ଦ!

ବୁଦ୍ଧି ବୁଦ୍ଧିଆଠୁ ପାଠୁଆ ସାଠୁଆ
ଠକଙ୍କ ମେଳଣେ ହୁଏ ଚହ୍ଲା
ମୁରୁଖ କାହୁଁ ଆଇଲା,
ନରିହ ଗାଁଖକୁ ବୋକା
ଯିଏ ଯେମିତି ଯାଡୁ ସିଆଡୁ
ଭେଳକ ମିଶେଇ ଠକଲା ।

ଏଠି ଠକଠକୁଆଙ୍କ ମେଳଣେ ଶ୍ଳୋଗାନ ଶୁଭେ:
ଯୋଉ ପାଣି ଯୁଆଡ଼େ ଗଡୁଛି ଗଡୁ –
ଯେତେ ଘଟଣା ଘଟୁଛି ଘଟୁ,
ହେ ମହାବାହୁ! ସହାୟ ହୁଅ;
ଚବିଶ ଘଣ୍ଟାଟା ଛତିଶ ହେଉ
ଭାଗ କମିଶନେ ଯେମିତି ବାବୁଟା ପଟୁ;
ଲାଭ ଗୋଟାଇବାରେ ସମୟ ଅଣ୍ଟୁ ।

ଗୋବିନ୍ଦପୁର, ଟାଙ୍ଗୀ, କଟକ,

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ଵାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଦାମନଯୋଡିର
# ଶୀତ ଗୀତ



ବିଜୟ କୁମାର ଜେନା

-୩-

ପୁଣି ଆଉଗୋଟେ ବାସ୍ନା ସକାଳ
ସ୍ୱପ୍ନିଳ ରାତି ପରେ,
ରତି ରଞ୍ଜନା କପୋତ କନ୍ୟା
ପ୍ରଭାତୀ ଶୀତକୁ ଡରେ।
ନଦ ଗ୍ଲିଗଲା ନୀଳ ସ୍ୱପ୍ନ ନେଇ
ଜହ୍ନ ରାଇଜକୁ ଉଡ଼ି,
ସୁବାସିତ ଶୀତ ସକାଳ ନୟନେ
ଘାରିଛି ଘନ କୁହୁଡ଼ି।
ଅଅଁଳା ଆଶାରେ କଅଁଳା ଆକାଶ
ଆଉଁସି ଦେଉଛି ଗାଆଁ,
ସାତ ପରସ୍ତର ସାବନୀ ପାହାଡ଼
ଶୀତରେ ଶୁଖିଲା ଛାଆଁ।

ଛାଇସଞ୍ଜ ବେଳେ ଛାଡ଼ି ଆସିଥିଲା
ଛପନ ଭୋଗର ମୋହ,
ପାଣିଖରା ପୋଛେ ପରୀ ପଣତରେ
ଆକାଶ ଆଖିର ଲୁହ।
ସକାଳ ଆଖିରେ ବିଜନ ଭୂମିର
ହେମନ୍ତ ଶିଶିର ଲୁହ,
ସଜାଇଛି ଦେଇ ସବୁଜ ଦେହକୁ
ଫୁଲ ପାଖୁଡ଼ାର ସ୍ନେହ।

ଅବବାହିକା ଏ ଅଳସି ନଈରେ
ସାଉଁଟା ସପନ ଶୋଭି,
ସଞ୍ଜ ଲେପିଦିଏ ପଥର ଫାଙ୍କରେ
ଆଉଟା ଆଶାର ଆଭି ।

ଦିଗନ୍ତ ଧାରରେ ଗୋଲାପୀ ଗାରରେ
ଆକାଶ ଆଙ୍କିଛି ଛବି,
ଶୀତଳ ସଞ୍ଜରେ ପ୍ରିୟ ପରଦେଶୀ
ପଶ୍ଚିମ ଆକାଶେ ରବି ।
ତୁମ ପାହାଡ଼ର ଗଡ଼ାଣି ଉଠାଣି
ପାହାଚ ଉପରୁ ଖସି,
ବତୁର୍ ମାଟିରେ ସାହାଡ଼ା ସୁନ୍ଦରୀ
ମୁହଁକୁ ମାଜୁଛି ବସି ।
ଦୂରରୁ ଦିଶୁଛି ଦରସୁଖା ଘାସ
ଘାଗର୍ ଘୁମର ଉଡ଼େ,
ତେରେଛା ତୀରରେ କରଣ ବିନ୍ଧିଲେ
ଗେରୁଆ ଗାଲକୁ ପୋଡ଼େ ।

ଛାଇ ଆଲୁଅର ଛଇ ଛଟକଆ
ଛୁଆଁଇ ଚମକେ ଖର୍,
ଗ୍ରହୁ ଚଲାପଥେ କମିଆଁ କରିଛି
ପଉଷ ପୀୟୂଷ ଧର୍ ।
ଭୁଲି ଯାଇଥିବା ଭେଦୁଅ ମେଘକୁ
ଭରି ଭଲପାଏ ଭୂଇଁ,
କୁଞ୍ଜ କୁଞ୍ଜ ହେଇ ଉଚ୍ଚ ପରବତ
ଆକାଶକୁ ରହେ ଗ୍ରହିଁ ।
ଫୁଲେଇ ଫୁଲକୁ କଅଁଳା କାକର
ପଉଷ ସକାଳ ଜାଡ଼,

ଚକଣ ଚଟକ ଗୁରୁ ଚନ୍ଦ୍ରହାସୀ
ଏକକୁ ଆରେକ ବଡ଼ ।

-୪-
କାଉଁନ୍ଦା କାଉ ଟା କା କା ହେଇ
ରଖେଇ ଦେଉନ ଜମା,
କେଉଁଠୁ କୁଣିଆ ସକାଳୁ ଆସିବେ
କୁହୁଡ଼ି ଖୋଲିନ ଜାମା ।
ସଜ ସକାଳର ଗୋଲାପୀ ଗୋଲାପୀ
ଗହମ ନଦରେ ଚୁମି,
କୁଆଁରୀ କାକର କୁହୁଡିରେ ଭିଜି
କମିଆ କରିଛି ଭୂମି ।
ଉଡ଼ି ଉଡ଼ି ଗୁଡ଼ି ଭିଡ଼ି ମୋଡ଼ି ହୁଏ
ପତଳା ପବନ ଛାଡ଼ି,
ଗଡ଼ି ଗଡ଼ି ଯାଏ ନଗିଡ଼ା ପାଣିରେ
ବାଲି ଗରଡ଼ାରୁ ଗୋଡ଼ି ।

ଗୋଲାପ ଦେଶର ରାଜକୁମାରୀକୁ
କଉଡ଼ି କାଇଁଚ ଗୁନ୍ଥା,
ବାଉଳା ବଉଳ ପଉଷ ପବନେ
ଖୋଲିଲା ପହିଲି ପେନ୍ଥା ।
ଛାଇ ଲେଉଟାଣି ଛନକା ଛାତିରେ
ରତ ରତ ହୁଏ ବେଳ,
ରାଉଁ ଖରା ସଙ୍ଗେ ସୁଆନ୍ତି ପବନ
କୁହୁଳା ଧୂଆଁରେ ରାଳ ।
କେଉଁଠି କୁହୁଡ଼ି କୁହୁଳ କୁହୁଳ
କାନରେ ଘୋଡ଼ାଏ ଅଣ୍ଟା,
କାହିଁ କେତେଦୂରେ ସାଥିର ସହର

ସକାଳ ଫୋଡୁଛି କଣ୍ଠା।

ଗୁକୁଣ୍ଡା ବଣରେ ଚରି ଚମକୁଛି
ଚକା ଚଅଁର'ର ଫୁଲ,
କେଉଁ କୁଣିଆର କୁଶଳ ପଚ୍ଚରି
ମାଟିକୁ କରୁଛି ଗେଲ।
ଲ୍‌ଜେଇ ଲ୍‌ବଣ୍ୟବତୀର ବାଟରେ
ରଙ୍ଗ ରଙ୍ଗଣୀର ଠାଣି,
ଚେଇଁ ଶୋଇଛନ୍ତି ଗ୍ନନ୍ଦମୁହିଁ ଗ୍ନଖି
ଗୁଉଁକା କାକର ପାଣି।
ବାଡୁଅ ଶୀତର କାକର ଲୁହରେ
କଳା କଜଳର ମଳ,
ପାଣିକୁଆ ଡେଣା ପଖିଆ ପଛରେ
ସାବେରୀ ନାଳର ନେଳ।

ତାରକସି ଗ୍ନତି ତାଗ୍ନରେ ତରକେ
ତରୁଣ ଅନ୍ଧାର ସଞ୍ଜ,
ଚହଲ୍‌ ପାଣିରେ ଚଗଲି ବଗୁଲି
ସାଉଁଟୁଛି ସାରୁମଞ୍ଜ।
ଶୁଣେଇ ଶୁଣେଇ ସାରସ ପକ୍ଷୀଟି
ସଞ୍ଜରେ ଶବଦ କରେ,
ଶୀତୁଆ ଗ୍ନତିରେ ଗାତୁଆ ଶିଆଳ
କାଳ ଅନ୍ଧାରକୁ ଡରେ।
ସେବତୀ ଗ୍ନହିଁଛି ରେବତୀ ତାଗ୍ନକୁ
ଅଖି ଛୁଇଁ ଖାଏ ଗ୍ନଣ,
ଘରେ ନା ମାଘରେ ମଉନା ବତିର
ଶିମିଳୀ ଶିଗ୍ନରେ ପ୍ରାଣ।

ଦାମନଯୋଡି

# ମୋ ପରିବାର



ବାସନ୍ତୀ ଲତା ଜେନା

ପରିବାର ସମାଜର ଏକ ସାମାଜିକ ଅନୁଷ୍ଠାନ । ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ଏହା ପରିବାରର ରକ୍ତଗତ ସମ୍ପର୍କ ବ୍ୟକ୍ତି ମାନଙ୍କ ମଧ୍ୟରେ ନିବିଡ଼ ଘନିଷ୍ଠତା ସୃଷ୍ଟି କରି ଥାଏ । ମାନବ ଶିଶୁ ଜନ୍ମରେ ଖୁବ ଅସହାୟ ଥାଏ । ଶିଶୁଟି ପରିବାରର ପିତା ମାତା ଓ ଅନ୍ୟ ମାନଙ୍କର ସ୍ନେହ, ଶ୍ରଦ୍ଧା ଓ ଯତ୍ନରେ କ୍ରମଶଃ ବଢେ । କଥା କହିବା ଶିଖେ । ନୀତି, ନିୟମ, ଶୃଙ୍ଖଳା ଶିଖେ । ସୁନ୍ଦର ପୁର ଗ୍ରାମରେ କାଶୀନାଥ ନାୟକର ଝାଟି ମାଟିର ନଡା ଛପର ଘର । କୃଷକ ସେ । ପତ୍ନୀ ରାଧିକା । ତାଙ୍କର ଦୁଇଟି ପୁଅ ଓ ଗୋଟିଏ ଝିଅ । ଦୁଃଖେ ସୁଖେ ପରିବାରଟି ଚଳି ଯାଉ ଥିଲା । କାଶି ନାଥକୁ ଦୀର୍ଘ ଦିନ ଧରି କାଶ ହେଉ ଥାଏ । ପତ୍ନୀ ରାଧିକା ବହୁ ଥର କହିଲେଣି ଡାକ୍ତର ଦେଖାଇ ଔଷଧ ଆଣି ଖାଇବାକୁ । କାଶଟା ଦିନକୁ ଦିନ ବଢୁଛି । ହେଳା କରୁଛ କହିଁକି ?

କାଶିନାଥ କହନ୍ତି ! ଥଣ୍ଡାରୁ କାଶ ହେଉଛି ବୋଧେ । ତୁମେ ଟିକେ ଅଦା, ତୁଳସୀ ପତ୍ର, ଗୋଲମରିଚ, ତେଜ ପତ୍ର, ମହୁ ମିଶାଇ କାଢ଼ା କରି ଦିଅ । ୨/୩ ଥର ପିଇ ଦେଲେ ଛାଡି ଯିବ । କାଶିନାଥ ଭାବେ କାହିଁକି ଡାକ୍ତରଖାନା ଯାଇ ଅଯଥା ପଇସା ଖର୍ଚ୍ଚ କରିବି ? ସେଇ ପଇସା ଥିଲେ ମୋ ପିଲାଙ୍କର ପାଠ ପଢା ଖର୍ଚ୍ଚରେ ଲାଗିବ । ଏମିତି ଭାବି ସେ ହେଳା କରି ଦେଲେ । ଅଜଣା ରୋଗ ମାଡି ବସିଲା ତାଙ୍କୁ । ଯେତେବେଳେ ତାଙ୍କର ଅବସ୍ଥା ଖରାପ ହେଲା ସେତେବେଳେ ତାଙ୍କର ପୁଅମାନେ ତାଙ୍କୁ ଡାକ୍ତର ଖାନା ନେଇଗଲେ । ଡାକ୍ତର ରକ୍ତ ପରୀକ୍ଷା କରି କହିଲେ ତାଙ୍କୁ ଟି.ବି. ହୋଇଛି । ଛାତିରେ କଫ ଜମି ଯାଇଛି । ତୁମେ ଆଣିବା ଡେରି କରି ଦେଲ । ହଉ "ମୁଁ ଚେଷ୍ଟା କରୁଛି । ତୁମେ ଭଗବାନଙ୍କୁ ଡାକ, ସବୁ ଠିକ ହୋଇ ଯିବ ।

କାଶିନାଥ ଆଉ ଡାକ୍ତର ଖାନରୁ ଫେରିଲେ ନାହିଁ । ସେ ହେଲେ ଅମର ଧାମର ଯାତ୍ରୀ । ବଡ଼ ପୁଅ ମହେନ୍ଦ୍ର ଓ ସାନ ପୁଅ ଧର୍ମେନ୍ଦ୍ର ବାପାଙ୍କର ଶବ ଘରକୁ ଆଣି କ୍ରିୟା କର୍ମ ସାରି ଦେଲେ । ବଡ଼ ପୁଅ ମହେନ୍ଦ୍ର +୨ ପରେ ପିଅନ ଚାକରୀ ପାଇଁ ଆବେଦନ କରିଥିଲା । ଯାହା ହେଉ ଗୋଟିଏ ଅଫିସରେ ତାଙ୍କୁ ଚାକରୀ ମିଳଗଲା । ମହେନ୍ଦ୍ର ଘରର ଦାୟିତ୍ୱ ନେଲା । ସାନ ଭାଇ ଭଉଣୀଙ୍କୁ ପାଠ ପଢ଼ାଇଲା । ନିଜ ବାପାଙ୍କର କିଛି ଚାଷ ଜମି ଥିଲା । ତାକୁ ଦେଖାଦେଖି କଲା । ଦୁଇ ବର୍ଷ ପରେ ସାନ ଭଉଣୀ ସୁଦୀପ୍ତାକୁ ବିବାହ କରି ଦେଲା। ସାନ ଭାଇ ଧର୍ମେନ୍ଦ୍ରକୁ ଇଞ୍ଜିନିୟରିଂରେ ଆଡମିଶନ କରି ଦେଲା । ସବୁ ବେଳେ ମହେନ୍ଦ୍ର, ଧର୍ମେନ୍ଦ୍ରକୁ କହେ ତୁ ପାଠ ପଢି ଚାକରୀ କଲେ ଆମ ଦୁଃଖ ଯିବ । ଆମ ପରିବାରରେ ହସ ଖୁସି ଭରି ଉଠିବ । ମହେନ୍ଦ୍ର ଓ ଧର୍ମେନ୍ଦ୍ର ମଧ୍ୟରେ ବହୁତ ସ୍ନେହ, ପ୍ରେମ ଥିଲା । ଯେତେବେଳେ ଛୁଟିରେ ଧର୍ମେନ୍ଦ୍ର ଘରକୁ ଆସେ ଦୁଇ ଭାଇ ମିଶି ଖାଆନ୍ତି, ଏକାଠି ବସନ୍ତି, ଏକାଠି ଶୋଅନ୍ତି । ମା ' ରାଧିକା ଦୁଇ ଭାଇଙ୍କର ସ୍ନେହ ଦେଖି ଖୁସି ହୁଅନ୍ତି । ମହେନ୍ଦ୍ର ସେଇ ଗାଁର ପ୍ରତାପ ରାଉତଙ୍କ ଝିଅକୁ ବିବାହ କଲେ । ଧର୍ମେନ୍ଦ୍ର ବହୁତ ଖୁସି ଥିଲା । ବାହାଘର କାମ ସରିଲା ପରେ ଧର୍ମେନ୍ଦ୍ର କଲେଜ ଚାଲି ଗଲା ।

ଏବେ ଧର୍ମେନ୍ଦ୍ରର ତୃତୀୟ ବର୍ଷ । ଆଡମିଶନ ହେବାକୁ ପଡିବ । କଲେଜରୁ ଚିଠି ଆସିଛି ମହେନ୍ଦ୍ର ପାଖକୁ । ବାର୍ଷିକ ୬୦ ହଜାର ଟଙ୍କା ଲାଗିବ । ତାପରେ ହଷ୍ଟେଲ ଖର୍ଚ୍ଚ । ଏତେ ଟଙ୍କା ମହେନ୍ଦ୍ର ପାଖରେ ନାହିଁ । ସେ ଆଣିବ କୁଆଡୁ ? ବହୁ ଚିନ୍ତାରେ ରହିଲା । ରାତିରେ ଶୋଇ ପାରିଲା ନାହିଁ । ଛଟପଟ ହେଲା । ଟଙ୍କା ପାଇଁ କଣ ମୋ ଭାଇର ପାଠ ପଢା ଅଟକି ଯିବ ? ଏମିତି କେତେ କଣ ଭାବିଲା । ମହେନ୍ଦ୍ରର ପତ୍ନୀ ପ୍ରତିମା ତାର ସବୁ ଗହଣା (ଅଳଙ୍କାର କୁ ଗୋଟିଏ ରୁମାଲରେ ରଖି ସକାଳେ ସକାଳେ ମହେନ୍ଦ୍ରକୁ ଦେଲା । ଏକୁ ନେଇଯାଅ । ବିକି ଦେଇ ଧର୍ମେନ୍ଦ୍ର ପାଖକୁ ଟଙ୍କା ପଠାଇ ଦେବ । ଧର୍ମେନ୍ଦ୍ର ବିକିବାକୁ ରାଜି ହେଲେନି । ପ୍ରତିମା ବୁଝାଇଲା । ଧର୍ମେନ୍ଦ୍ର ଚାକରୀ କଲେ ମୋତେ ଗହଣା କଣ କରି ଦେବନି ! ତୁମେ ମନ ଦୁଃଖ କରୁଛ କାହିଁକି ? ନିଅ । ଯାଇ ବିକି ଦିଅ ।

ଅନିଚ୍ଛା ସତ୍ତ୍ୱେ ମହେନ୍ଦ୍ର ପ୍ରତିମାର ଅଳଙ୍କାର ବିକି ଟଙ୍କା ପଠାଇଲା ଧର୍ମେନ୍ଦ୍ର ପାଖକୁ । ଧର୍ମେନ୍ଦ୍ର ପଚାରିଲା, ଭାଇ ! ଏତେ ଟଙ୍କା ଆଣିଲ କେଉଁଠୁ ? ମହେନ୍ଦ୍ର କିଛି କହି ପାରିଲା ନାହିଁ । ଏଣୁ ତେଣୁ କିଛି କହି ଦେଲା । ଧର୍ମେନ୍ଦ୍ର ଜିଦ ଧରିବାରୁ ପ୍ରତିମା କହିଲେ ଏ ଟଙ୍କା

ମୋର ଗହଣା ବିକ୍ରି ଟଙ୍କା । ତୁମେ ଚାକରୀ ପାଇଲେ ସବୁ ଠିକ ହୋଇ ଯିବ ।ଧର୍ମେନ୍ଦ୍ର ମନରେ ଆଘାତ ଲାଗିଲା । ଭାଇ ! ମୋ ପାଇଁ ମୋ ଭାଉଜର ଗହଣା ବିକ ଦେଲ ? ଏ କଥା ମୁଁ କେବେ ଭୁଲି ପାରିବିନ ଭାଉଜ ।ତୁମେ ମୋ ଭାଉଜ ନୁହଁ, ତୁମେ ମୋ ମା ।କାନ୍ଦି ପକାଇଲା ଧର୍ମେନ୍ଦ୍ର ।ଭାଉଜ ପ୍ରତିମା ଶାନ୍ତ୍ୱନା ଦେଇ ଆଖିରୁ ଲୁହ ପୋଛି ଦେଲେ ।

ମହେନ୍ଦ୍ରର ପୁଅଟିଏ ହୋଇଛି । ଅଭାବୀ ପରିବାରରେ ଖୁସିର ଲହରୀ । ଜେଜେମା ରାଧିକାର ପାଦ ତଳେ ଲାଗୁନ । ରାଧିକା, ମହେନ୍ଦ୍ର, ପ୍ରତିମା ଦୁଃଖ କଷ୍ଟେ ଚଳ ଧର୍ମେନ୍ଦ୍ର ପାଖକୁ ଟଙ୍କା ପଠାନ୍ତି ।ଏଥର ଶେଷ ବର୍ଷ ।

ପୁଣି ୬୦ ହଜାର ଟଙ୍କା ଦରକାର ଆଡମିଶନ ପାଇଁ ।ମା ରାଧିକାର ପରାମର୍ଶ ଅନୁଯାଇ ମହେନ୍ଦ୍ର ଗୋଟିଏ ଏକର ଜମି ବିକ ଧର୍ମେନ୍ଦ୍ର ପାଖକୁ ଟଙ୍କା ପଠାଇ ଦେଲା ।ଧର୍ମେନ୍ଦ୍ରର ଅନ୍ତିମ ପରୀକ୍ଷା ନ ସରୁଣୁ କ୍ୟାମ୍ପସରେ ତାକୁ କମ୍ପାନୀ ଜବ ମିଳଗଲା ।ସମସ୍ତେ ଖୁସିରେ ଅଧୀର ହୋଇ ପଡିଲେ ।ଶାଶୁ ବହୁ ମନ୍ଦିର ଯାଇ ଭୋଗ ଲଗାଇଲେ ।ସାହି ପଡିଶାରେ ମିଠା ବାଣ୍ଟିଲେ ।ପ୍ରତିମା କହିଲା, ଆମର ଆଉ ଅଭାବ ଆସିବ ନାହିଁ ।ସମସ୍ତେ ଆମେ ଖୁସିରେ ରହିବା ।କନ୍ତୁ ଏ ସବୁ ବେଶୀ ଦିନ ଗଲା ନାହିଁ ।ଧର୍ମେନ୍ଦ୍ର ମା, ଭାଇ ଓ ଭାଉଜଙ୍କୁ ନ କହି ନୀଳମାକୁ ବିବାହ କଲା ।ସେ ଜଣେ ଏ କ୍ଲାସ କଣ୍ଟ୍ରାକ୍ଟର ଝିଅ ।ଭଲ ପାଇ ବିବାହ କଲା ।ମୁମ୍ବାଇରେ ରହିଲା ।ଘରକୁ କେତେବେଳେ କେମତି ଆସେ । ବାହାରେ ଭଡା ଘରେ ରହିଲା ।ସ୍ତ୍ରୀ କଥାରେ ପଡ଼ି ଧର୍ମେନ୍ଦ୍ର ଜମି କାହିଁକ ବିକଲ ବୋଲି ପ୍ରଶ୍ନ କଲା ।ମୋତେ ଜମି ବିକ୍ରିର ଏକ ଏକ ହିସାବ ଦିଅ ବୋଲି କହିଲା ।ମହେନ୍ଦ୍ରର ପାଦ ତଳୁ ମାଟି ଖସି ଗଲା । କ ଉତ୍ତର ଦେବ ତାର ପ୍ରିୟ ସାନ ଭାଇକୁ । ସବୁତ ସେ ଜାଣିଛି ।ଆଜି ଏ କଥା କାହିଁକ ?

ମଝିରେ ଧର୍ମେନ୍ଦ୍ର ତାର ସ୍ତ୍ରୀକୁ ନେଇ ଘରକୁ ଆସେ । କନ୍ତୁ ନୀଳମା ଏ ମାଟି ଘରେ ରହିବାକୁ ପସନ୍ଦ କରେନ ।ନଜ ବଡ଼ ଯା'କୁ ଚାକରାଣୀ ଭଳ ବ୍ୟବହାର କରନ୍ତି ।ପ୍ରତିମା ସବୁ ସହିନଏ ।ମୋ ପରିବାର ମୋ ଘର, ମୋ ଦେବର କହି ଯେଉଁ ପ୍ରତିମାର ପାଦ ତଳେ ଲାଗୁ ନ ଥିଲା ।ସେ ଆଜି ଅଶ୍ରୁ ଜଳରେ ଭାସୁଛି ।ତା ହୃଦୟଟା ଧର୍ମେନ୍ଦ୍ର ଓ ନୀଳମାର କଡା କଥାରେ ଖଣ୍ଡ ଖଣ୍ଡ ହୋଇ ଯାଇଛି । ଆଜି ଫେବୃଆରୀ ୧୪ ତାରିଖ ।

ଭେଲେନଷ୍ଟାଇନ ଡେ । ପିତୃ ମାତୃ ଦିବସ ପାଳନ । ଯେଉଁ ଦେବର ଦିନେ ମୋତେ ମା କହି ମାତୃ ସ୍ଥାନରେ ବସାଇ ପୂଜା କରୁଥିଲା ସେ ଆଜି ବଦଳୀ ଗଲା କେମିତି ? ଭାବନାରେ ବୁଡିଗଲା ପ୍ରତିମା । ପୁଅ କୁନାର ଡାକରେ ତାର ହୋସ ଫେରିଲା । ଦୁଇ ବର୍ଷର ପୁଅ କୁନା । ତାକୁ ଜ୍ୱର । ପାଖରେ ପଇସା ନାହିଁ ଡାକ୍ତର ଦେଖାଇବାକୁ । ବାଧ୍ୟ ହୋଇ ସେ ଧର୍ମେନ୍ଦ୍ରକୁ ସେ କିଛି ପଇସା ମାଗିଲା । ଧର୍ମେନ୍ଦ୍ର ତାର ଭାଉଜକୁ ୫୦୦/- ଦେଲା । ଆଖିରେ ପଡ଼ି ଗଲା ନୀଳମାର । ସେ ସଙ୍ଗେ ସଙ୍ଗେ ଆସି ପ୍ରତିମା ଠାରୁ ଟଙ୍କା ଛଡାଇ ନେଲା । ଧର୍ମେନ୍ଦ୍ରକୁ ମନ ଇଛା ଗାଳ କଲା । ତୁମେ ଏ ଘରକୁ ଆସୁଛ କାହିଁକି ? ଏଠି କଣ ଅଛି ? ଏ ଭିକାରି ଗୁଡ଼ାଙ୍କୁ ଦାନ କରି କରି ନଜେ ଭିକାରି ହୋଇ ଯିବ । ତେଣୁ ଆଜି ଠାରୁ ଏ ସବୁ ବନ୍ଦ କର । ଏକଥା ଶୁଣି ରେଣୁକା, ମହେନ୍ଦ୍ର, ପ୍ରତିମାର ଚକ୍ଷୁ ଲୋତକରେ ଭରି ଗଲା । ଘର ହୁଏ ସ୍ନେହ, ପ୍ରେମର, ସହଯୋଗ - ସହାନୁଭୂତିର, ଆଦର, ଯତ୍ନ, ସେବାର । ଏହା କଣ ମୋ ପରିବାର ? ଏହା କଣ ମୁଁ ଗୃହିଁଥିଲି । ଅନେକ କଥା ଭାବିବାକୁ ଲାଗିଲା ପ୍ରତିମା । ଆଖିରେ ତାର ଅଜସ୍ର ଅଶ୍ରୁ....... ।

ଶିକ୍ଷୟିତ୍ରୀ
ଗାନ୍ଧୀନଗର, ନବରଙ୍ଗପୁର

# ପ୍ରଭୁକୃପା



ପ୍ରକାଶ ଚନ୍ଦ୍ର ପଣ୍ଡା

ପ୍ରଭୁଙ୍କ କୃପାରୁ ଯାହାତ ପାଇଛ
ସେଇଟା ପ୍ରଭୁଙ୍କ ଇଚ୍ଛା,
ତାଠାରୁ ଅଧିକ ପିପାଶା ଜୀବନେ
ଭାବିବାଟା ସିନା ବୃଥା ।

ନିଜକୁ ଆୟତ ରଖିବା ସହିତ
ସଂସାର ନିୟମ ସାର
କର୍ମଠାରୁ ଆଶା ଅଧିକ
ନିଶ୍ଚୟ ହୁଏ ବିପଦ କାରଣ ।

ବୃଥା ଆଷ୍ଫାଳନ କିବା ପ୍ରୟୋଜନ
ସବୁତ ପ୍ରଭୁଙ୍କ କୃପା
କର୍ମେ ଥାଉ ଧ୍ୟାନ କର୍ମେ ରହୁ ମନ
ସବୁସେ ପ୍ରଭୁଙ୍କ ଇଛା ।

କର୍ମ ଆଉ ଭାଗ୍ୟ, ଭାଗ୍ୟ ଆଉ କର୍ମ
ମୁଦ୍ରାର ଦୁଇଟି ପାର୍ଶ୍ୱ,
ସବୁ ମୂଲ୍ୟବାନ ତୁମ କୃପା ବିନ
ସବୁଠାରୁ କୃପା ଉର୍ଦ୍ଧ ॥

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

# କଲେଜ ବନ୍ଧୁତା



ଯଶୋବନ୍ତ ନାୟକ

ତୁମେ ଥିଲ ଲମ୍ବୋଦର ଛାତ୍ରୀ
ମୁଁ ଥିଲି ସେ କଲେଜ ର ଛାତ୍ର,,
କେବେ କଥା ହୋଇ ନଥିଲି
ମୁଁ ନଥିଲି ତୁମ ପ୍ରିୟ ପାତ୍ର........

ମୁଁ ଅଜଣା ଅଚହ୍ନା ଥିଲି ତୁମର
ସେମିତିବି ଥିଲି ତୁମ ଜୁନିଅର,,,
ମାଟ୍ରିକ ପରୀକ୍ଷା ରେ ଥିଲି ସହୋଦର
ମଧ୍ୟମିକରେ ତୁମେ ହୋଇଗଲ ଜୁନିଅର.....

BKCP ରେ ଯେ କଲି ଆଡମିସନ
Pharmacy ପଢିବାକୁ ହେଲା ମନ
ତିନି ବର୍ଷ କାଟିବ ଏଠି ମୋ ଜୀବନ
ଦେଖୁଛି ରାତିରେ କେତେ ସପନ.....

କେବେ ଦେଖିଥିଲ କୋଉଠି ଥିଲ
ଜାଣେନା ମୁଁ ତାହାର ଉତ୍ତର,,,,
BKCP ଗ୍ରୁପ ରୁ ମୋ ନମ୍ବର ପାଇ
କରିଥିଲ ମୋତେ ପ୍ରଥମ କଲ....

ଦେଖି ନ ଦେଖି ବି ହୋଇଥିଲି ସାଥି
ଗ୍ଭଟିଙ୍ଗ କରୁଥିଲୁ ଦିନ ରାତି,,,,
ତୁମ ସମ୍ପର୍କରେ ଯାଇଛି ମାତି
ମୁଁ ଜାଣେନା କଛି ଜାତି ଅଜାତି.....

ମାନବ ଜୀବନ ପାଣି ଫୋଟକା
ସରି ଯାଏ କେବେ ହୋଇ ହାଏ ଏକା
ବିଶ୍ୱାସ କରି ବିଶ୍ୱାସ ରଖିଛି
ଦେଇ ଦେବ ନାହିଁ କେବେ ଧୋକା....

Online class କରୁଥିଲୁ   କେତେ
ଦୂରେ ରହିବି ପାଖେ ଲାଗୁଥିଲ ସତେ
କେତେ ଗପସପ କରୁଥିଲୁ ସାଥେ
ଭୁଲି ଜିବନାହିଁ କେବେ ମୋତେ....

ଆମେ ସାଙ୍ଗ ସାଥି ହୋଇ ରହି ଥିବା
ଦୁଖେ ସୁଖେ ସାହା ହେବା,,,
ରାଗିଥିଲେ ମନେଇ ଦେବା
କାନ୍ଦୁ ଥିଲେ ହସେଇ ରଖିବା.....

ଆମ ସମ୍ପର୍କ ନୁହେଁ ଦିନେ ଦୁଇ ଦିନର
ସାଥି ହୋଇ ରହିଥିବା ଚର ଦିନର,,
ବନ୍ଧୁତା ଅଟେ  ମନର ବିଶ୍ୱାସର
ସେହିଁ ବନ୍ଧନରେ ବାନ୍ଧି ହୋଇ ହେବା ଅଗ୍ରସର......

ମୋତିଗାଁ, ଚନ୍ଦାହାଣ୍ଡି, ନବରଙ୍ଗପୁର
ଲମ୍ବୋଦର ବିଜ୍ଞାନ ମହାବିଦ୍ୟାଳୟ, ଚଟେଇଗୁଡା
ପୁରୁଣା ଛାତ୍ର

# ଉତ୍ତର ଦେବୁ ପଠାଇ



ନରେନ୍ଦ୍ର ପ୍ରସାଦ ବେହେରା

ଉତ୍ଥାନ ପତନ  ପତନ ଉତ୍ଥାନ
ମୁଦ୍ରାର ଦୁଇଟି ପାର୍ଶ୍ୱ
ବେଳ ନପୁରିଲେ  କେହି କେବେହେଲେ
ପାଇବନ ତା'ର ସ୍ପର୍ଶ  ।୧।

ଆଜି ଯିଏ ରଜା  କାଲିକ ଫକୀର
ନିୟତିର ଏହି ଖେଳ
ଫକୀର ବସୁଛି  ସିଂହାସନେ ପୁଣି
ଦେଖାଉଛି ବାହୁବଳ  ।୨।

ଧନ୍ୟ ମହାପ୍ରଭୁ  କ ତୁମ୍ଭର ଲୀଳା
ଲାଗେ ଭାରି ଆଚମ୍ବିତ
ମନମୋର ଆଜି  ହୁଏ ଆନ୍ଦୋଳିତ
କରିବାକୁ କୋଳାଗ୍ରତ  !୩!

ତୁମ୍ଭେ ପ୍ରଭୁ ସ୍ରଷ୍ଟା  ତୁମ୍ଭେ ପ୍ରଭୁ ଦ୍ରଷ୍ଟା
ନୟନ ଯୁଗଳ ହରି
ପାପ ଓ ପୁଣ୍ୟର  ବିଗ୍ଭର ପାଇଁ କ
ବସିଛ ନକତି ଧରି  ।୪।

କେଉଁ ଅପରାଧ  କଲି ତୁମ୍ଭଠାରେ
ହୋଇଲ ଆଜି ପଥର

ଦିନ ଗୁଲିଗଲା ଚନ୍ଦ୍ର ରହିଗଲା
ଆଖିରୁ ବୋହୁଛି ନୀର ।୫।

ଅଚହ୍ନାକୁ ଦେଇ ପରିଚୟ ମୋର
କଲୁଆଜି ହନ୍ତସନ୍ତ
ଆଜି ମୁଁ ଚହ୍ନୁଛି ତୋତେରେ କାଳଆ
ନୁହଁଇ ତୁ ବଳବନ୍ତ ।୬।

ଦଶମାସ ଯେବେ ମାତା ଗର୍ଭେ ଥିଲି
ଦେଖିନଥିଲି ଦୁନିଆ
ଭୂମିଷ୍ଠ କରିଣ ଆଖିଖୋଲି ଦେଲୁ
ଦେଖି ହେଉଛି ଛାନିଆ ।୭।

କହ ଜଗନ୍ନାଥ କ ପାପ କରିଛି
ଦେଉଅଛୁ ଆଜି ଦଣ୍ଡ
କହିବେନି କେହି ମହାପ୍ରଭୁ ବୋଲି
ସଂସାରେ ତୁ ଜଣେ ଭଣ୍ଡ ।୮।

ନାହିଁ କାହାପ୍ରତି ଦୁର୍ବଳତା ମୋର
ଏକଥା ତୁହି ଜାଣିଛୁ
କହ କେଉଁ ପାଇଁ ମନ୍ଦିରରେ ବସି
ମନେମନେ ହସୁଅଛୁ ।୯।

ଦେଇଥିବା ସ୍ନେହ ମମତା ମୋଠାରୁ
କାହିଁକି ନେଲୁ ଛଡାଇ
କୈଫିୟତ ମାଗେ ତୋତୋରେ କାଳଆ
ଉତ୍ତର ଦେବୁ ପଠାଇ ।୧୦।

ସଂଗ୍ରହକାରୀ--ନରେନ୍ଦ୍ର ପ୍ରସାଦ ବେହେରା,
ଆଳଦା, ଖଇରା, ବାଲେଶ୍ୱର

# ମାମୁଁଘର



ଆଶୁତୋଷ ମେହେର

ରାତି ଦଶ ପାଖାପାଖି ଝିଅ ଟା ବସ୍ ରୁ ଓହ୍ଲାଇଲ୍ । ଥଣ୍ଡା ଠିକେ ବଢିଲ୍ଣି....ଛକ ଟା ପୁରା ଶୁନ ଶାନ୍ । ବରଗଡ ସହର ର ବାହୁଟିକ୍ରା ଛକ....ପୁରୁଣା ରାଜପଥ ରେ।ଜୟପୁରରୁ ଆସୁଥିବା ବସ୍ ଲମ୍ବି ଗଲ୍ଣି ତା ଗନ୍ତବ୍ୟ ଦିଗରେ।ଏକାଏକା ପରିବେଶ, କେହି କୁଆଡେ ନାହାନ୍ତି।ରିକ୍ସା ବାଲ୍ ବି ଦିଶୁନାହାନ୍ତି। ଛାତିରେ ଟିକାଏ ଛନକା ପଶିଲ୍ ଝିଅ ଟା'ର।ହେଲେ କଏ ତ ଦୁଇଜଣ...ପୁରୁଷ ଓ ସ୍ତ୍ରୀ ପରି..ଅନ୍ଧାରିଆ ପୁରୁଣା ବସ୍ ଷ୍ଟପ୍ ରେ ବସିଛନ୍ତି ବେଧେ।

ଟିକଏ ସାହସ ପୁରିଲ୍ ଝିଅ ଟି'ର ମନରେ। ସେମାନଙ୍କ ପାଖରେ ପହଞ୍ଚିଲ୍ ରୁ ପୁରୁଷ ଜଣକ କହିଲ୍....କେନ ଆଡେ ଯିବୁ ବୁଇ। ଇ ଛିନାଛକା ରାଏତ୍ ବେଲ୍...ତୁଇ କେନ୍ତା ଏକଲ୍ ଏକଲ୍ **??**

ହାତରେ ଏଆର୍ ବ୍ୟାଗକୁ ଧରି ଝିଅ କହିଲ୍....କୋରାପୁଟ ଜୟପୁରୁଁ ଆସୁଛେଁ।ହେ ଟାଉନ୍ ଥାନା ଛକ ପାଖେ ମୋର ମାମୁଁ ଘର। ଘଣ୍ଟେ ଅଗରୁ ବରପାଲି ପାଖୁଁ ଖବର ତ ଦେଇଥିଲି ହେଲେ ନେବା କେ ତ କହେ ନେ ଆସିଁ। ବରପାଲି ଡେଗଲ୍ ପରେ ବସ୍ ଖରାପ ହେଲେ ଯେ ଲେଟ ହେଇଗଲ୍। ସେଠାନୁ ମୋବାଇଲ ର ଟ୍ୟାଓ୍ୱାର ଭି ବନ୍ଦ ହେଇଗଲ୍ ଯେ ଏବତକ ନେ ଆଏବାର ଭି। କାଣା କରମି ଯେ ଖବର ଟିକେ ନେଇ ଦେଇ ହେବାର।

...ହଉ ହଉ ଚନ୍ତା ନେ କର। ଆମେ ଭି ଦୁରିଆ ଥୁଁ ଆସୁଥିଲୁ ଯେ ଗାଁ କେ ବସ୍ ଫେଲ ମାରଲୁ। ଏକଲ୍ ଏକଲ୍ ଇନେ ରହେଲେ ଭଲ ନୁହେଁ ସେ। ଭାବୁଥିଲୁଁ ଥାନା କେ ଯାଇ ହେ ବରଣ୍ଡା ନ ଆଏଜ୍ ରାଏତ୍ ଟା କାଟି ଦେଇ ସଖାଲୁ ଗାଁ ଯେ ଯିମୁଁ। ଭଲ ହେଲ୍ ତୁଇ ବି

ଯୁଟିଗଲୁ। ଗ୍ଭଲ ଖଜୁରଟିକ୍ରା, କଚ୍ଛିକଂପାନୀ ଛକ ବାଟୁଁ ଯିମା, ତତେ ତୋର ମାମୁଁ ଘରେ ଛାଡି ଦେଇ ଆମେ ଥାନା ଥିଁ ରହିଯିମୁଁ। ମନେ ମନେ ଖୁସି ହୋଇଗଲ୍ ଝିଅ ଟା ।

ସେ ସ୍ତ୍ରୀ ଲୋ୍କ ସହ ଖଜୁରଟିକ୍ରା ସ୍କୁଲ ଆଗ ର୍ସ୍ତା ଦେଇ ଗ୍ଭଲିବା ଆରମ୍ଭ କଲ୍..କାନ୍ଧରେ ବ୍ୟାଗ କୁ ଝୁଲ୍ଇ। ଦୁଇ ତିନ ପାଦ ପଛେ ପଛେ ସେ ପୁରୁଷ ଜଣକ।

କଚ୍ଛିକଂପାନୀ ଛକ ଦେଖାଗଲ୍ଣି...ଟିକଏ ଆଗକୁ ଜେଲ୍...ଆଗକୁ ଡେଇଁଗଲେ ମେନରୋ୍ଡ୍ ରୁ ବାଁ ପଟରେ ପଡିବ ଟାଉନ୍ ଥାନା। ଖୁସି ହେଉଥିଲ୍ ଝିଅ ଟି ଏ ଦୁଇ ଜଣଙ୍କ ସାଥୀ ପାଇ।

ହଠାତ୍ ଦୁଇ ଜଣ କନଷ୍ଟେବଲ୍ ସିଟି ମାରି ମାରି ଆସୁଥିବା ଦେଖିଲ୍ ଝିଅ ଟି ଷ୍ଟିଟଲାଇଟ୍ ରେ। ଟିକଏ ଶଙ୍କି ଗଲ୍ ସେ ଯେମିତି। ସ୍ତ୍ରୀ ଲୋ୍କ ଟି ଠଉର୍ଇ ନେଲ୍ କହିଲ୍.....ଚନ୍ତା ନେ କର। ସେମାନେ ତାଙ୍କର୍ ଡ୍ୟୁଟି କରୁଛନ୍। ଆମେ ଆମର ବାଟେଁ ଯିମା ନ ।

ପଛରେ ପୁରୁଷକୁ ଦେଖି ଜଣେ କନଷ୍ଟେବଲ କହିଲ୍....କେନ୍ ଆଡେ ଯାଉଛ ତିନ ଝନ ଏତେ ର୍ଏତ୍ ବେଲିଆ।

...ଆଜ୍ଞା,ଆମେ ଦୁଇ ଝନ୍ ବସ୍ ଫେଲ ମାରଲୁ ତ, ର୍ଏତ୍ ଟା ଥାନାର ବରଣ୍ଡା ନ ରହିଯିମୁଁ ସଖାଲ ତକ। ଆର୍ ଇ ବୁଇ କେ ତା'ର ମାମୁଁ ଘର କେ ପହଞ୍ଚେଇ ଦେମୁଁ ହେ ଥାନା ର ଛକ ପାଖେ।

ଆଗକୁ ବଢି ଗଲେ ସେ କନଷ୍ଟେବଲ ଦୁଇ ଜଣ। ଥାନା ପାଖ ହୋଇବସିଲ୍ଣି। ଥାନା ଆଗରେ ଠିଆ ଥାନା ର ବଡବାବୁ ବେଧେ।

.....କଏ ସବୁ ତୁମେ? ଏତେ ର୍ତିରେ କେଉଁ ଆଡେ ଯାଉଛ? କଣ କାମରେ?

**....**ଆଜ୍ଞା**,** ଇ ବୁଇ କେ ତାର ମାମୁଁ ଘରେ ଛାଡିକରି ଆମେ ଦୁହେଁ ଥାନା ବରଣ୍ଡା ନ ଆଏଜ ଗ୍ଏତ ଟା ରହେମୁଁ ମାମୁଁଘର**?** କେଉଁ ଠାରେ ଅଛି ତା'ର ମାମୁଁ ଘର**?** ଏ ଥାନା ଟା ହିଁ ତା ପାଇଁ ପ୍ରକୃତ ମାମୁଁ ଘର।

ଝିଅ ଟି କଛି ବୁଝିବା ପୂର୍ବରୁ ଝିଅ ହାତରୁ ଯୋର କରି ଟାଣି ନେଲେ ବ୍ୟାଗ୍ ଟି କୁ। ସର୍ କରି ଭିଡି ଦେଲେ ଚେନ୍। ବ୍ୟାଗ ଭିତରେ ପରସ୍ତ ପରସ୍ତ କାଗଜର ଗୋଲ ଗୋଲ ବଡବଡ ପୁଡିଆ। ଗୋଟାଏ କୁ ବହାର କରି ଚରି ପକାଇଲେ। ଗଞ୍ଜେଇ ର ତୀବ୍ର ବାସ୍ନାରେ ପୁରି ଉଠିଲ୍ ଜାଗା ଟା ।

ଝିଅ ଟା ଠଉର୍ଇ ନେଲ୍। ସେ ପୋଲିସ୍ ଜାଲରେ ଫଶିଯାଇଛି। ଅନୁଭବ କଲ୍ ସେ ସ୍ତ୍ରୀ ଲୋକ ର ଟାଣ ହାତମୁଠା ତା ହାତକୁ ଗୃପି ଧରିରଖିଛି ଓ ପୁରୁଷ ଟା ଠିଆ ହୋଇଛି ତା ପଛ ପଟେ ଏତେ ଲ୍ଗି କ ଯେ ତାର ଗରମ ନଶ୍ୱାସ ବାଜୁଛି ତା' ଦିହରେ।

ଝିଅ କାନରେ ପଡୁଥିଲ୍ ଥାନାବାବୁଙ୍କ କଥା**....**ତୁମକୁ ଆମ ଡିପାଟମେଣ୍ଟ ଫଲୋ କରୁଛି ଜୟପୁର ରୁ। ତୁମର ମୋବାଇଲ ଆମର ଟ୍ରାକଙ୍ଗ ରେ ଥିଲ୍ ସେବଠୁଁ। ବରପାଲି ପାଖରୁ ତୁମ ମୋବାଇଲ କୁ ଆମେ ସିଜ୍ କରିଦେଲୁ**,** ଯେମିତି ତୁମେ ତୁମର ସହଯୋଗି ମାନଙ୍କ ସହ ଯୋଡି ହୋଇ ପାରିବନ। ବସ୍ ବି ଖର୍ପ ହେବା ଆମ କଥାରେ କଲେ ବସ କର୍ମଗ୍ଋରୀ। ତୁମ ଠୁଁ ଖବର ନ ପାଇ**,** ଲେଟ୍ ହେବାର ଦେଖି ତୁମର ସହଯୋଗି ମାନେ ଚକ୍କର କାଟିଥିଲେ ଛକ ପାଖରେ ଆଉ ଧର୍ ପଡିଲେ ଆମ ହାତରେ ଆଉ ଏବେ ଥାନା ହାଜତରେ।

ଝିଅ ଟା ଜାଣିଲ୍**,** ସେ ପୁରୁଷ ଓ ସ୍ତ୍ରୀ ଲୋକ ଦୁହେଁ ପୋଲିସ ର ଗୁପ୍ତଚର କର୍ମଗ୍ଋରୀ। ବାଘୁଟିକ୍ର ଛକରେ ତାକୁ ହିଁ ଅପେକ୍ଷା ରେ ଥିଲେ ଛଦ୍ମବେଶରେ ଆଉ ପଶାଇକରି ନେଇ ଆସିଲେ ଥାନା ଯାଏଁ।

ମନେ ମନେ ସେ ଝିଅ ଭାବୁଥିଲ୍**....**ଏବେ ମାମୁଁଘରେ ସମୟ କଟିବା ବେଳ ଆରମ୍ଭ ହେଲ୍।

**୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ**
**ଭୁବନେଶ୍ୱର ୭୫୧୦୨୪**

# ବିଶ୍ୱ ମହିଳା ଦିବସ



ଦୀନବନ୍ଧୁ ପୋଇ

ମହିଳା ଦିବସ ପାଳଇ ଏ ବିଶ୍ୱ
ଫୁଲେଇ ଦେଇ ତା ଛାତି
ନାରୀ ମହିୟସୀ ବିଶ୍ୱ ବନ୍ଦନୀୟା
କହି ଗଢୁଅଛି ନୀତି ।୧।

କନ୍ୟା ପିତା ଆଜି ସହୁଛି ଯନ୍ତ୍ରଣା
ଗୁଲୁଥାଏ ମଥାପାତି
ଯେଉଁ ଦୁଲାଳୀ ର ଭାଇଟେ ନଥାଏ
ଇଛାରେ ନ ପାଏ ପତି । 9।

ଭାଇ ନାହିଁ ଯାର ଗୁଲି ପାରେ ନାହିଁ
ଏକାକୀ ସେ ବାଟ ଘାଟ
ପିଛା କରି କରି କାମୁକ ପୁରୁଷ
ଇଜତ ଲୁଟେ ଲମ୍ପଟ ।୩।

ପୁତ୍ର ଟିଏ ଜାତ ପାଇଁ ଏଠି ମାତା
କନ୍ୟା ଜନ୍ମ ଦେଇ ଗୁଲେ
ହେଉ ଯେତେ କଷ୍ଟ ପୁତ୍ର ଆଶାରଖି
ଜନ୍ମ ଦିଏ ଝିଅ ପଲେ ।୪।

ଜୟ ଜୟ କାର କରୁଛି ସମାଜ

କବି କବୟିତ୍ରୀ ଏଠି
କନ୍ୟା ଜନମକୁ ଧିକ୍କାର କରି ସେ
ଦୋଷ ଦିଏ ଦେବୀ ଷଠି । ୫।

କଥା ଓ ଭାଷଣ ଡିଣ୍ଡିମ ପିଟନ୍ତି
ଧନୀରୁ ଗରିବ ଯାଏ
ପ୍ରକୃତ ହୃଦୟ ଫେଡ଼ି କ ଦେଖ ହେ
ସଭିଏଁ ଖୋଜନ୍ତି ପୁଏ ।।୬।

ଆସ ହେ ଜନତା ଗୁଣୀ ଜ୍ଞାନୀ ଜନ
କନ୍ୟାକୁ ସୁରକ୍ଷା ଦେବା
କନ୍ୟା ବିନା ପୁତ୍ର ସୃଷ୍ଟି ଅସମ୍ଭବ
ମାଆ ପରି ସମ୍ମାନ ଦେବା ।୭।

ଗୋରଡାପାଳ, ଢେଙ୍କାନାଳ

# ଶ୍ମଶାନ ବୈରାଗ୍ୟ



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି

ମୁଁ ଯେବେ ଶବ ବାହାକ ସାଜି
ଧାଇଁଯାଏ ଶ୍ମଶାନକୁ,
କୋକେଇରେ ଶବକୁ କାନ୍ଧେଇ;
ଖଇ କଉଡି ବିଞ୍ଚି,
ହରିନାମ ସତ୍ୟହେ!
ରାମ ନାମସତ୍ୟହେ! କହି କହି ।
ଜୁଇରେ ଶୁଆଇଦେଇ
ସଦ୍ୟ-ମୃତ-ଶବଟିକୁ,
ପାପ ପୁଣ୍ୟ କରୁତା ହିସାବ;
ଲୋକଟିର ଆତ୍ମା
ବୈକୁଣ୍ଠକୁ ଗଲା ଅବା ନର୍କରେ ପଡିଲା
ପ୍ରଶ୍ନ କରୁ ପାଇବାକୁ ସଠିକ୍ ଜବାବ ।
ହୁତ୍ ହୁତ୍ ଜଳେ ଜୁଇ, ଧୂମାୟିତ ହୋଇଯାଏ ନଭ,
ବହେ ଯେବେ ପବନର ବେଗ;
ତୁଚ୍ଛ ଲାଗେସଂସାର – ବନ୍ଧନ,
ଧନ, ରତ୍ନ, ସୁଖ ଓ ସମ୍ଭୋଗ,
ଭାବିନଏ କରିବାକୁ ମୋହ, ମାୟା ତ୍ୟାଗ ।

ଆହା – କହି କାନ୍ଦି ଉଠେ
ଶୋକାତୁର ପ୍ରାଣ – ପକ୍ଷୀ ମୋର,

ଦେଖି ତାର ଜଳନ୍ତା ଶରୀର;
ଭାବି ବସେ ମନେ ମନେ
ଶୀଘ୍ର ତେଜି ଭୋଗମୟ ବିଳାସ-ଜୀବନ
ପାଲଟି ଯାଆନ୍ତି ମୁହିଁ ବୁଦ୍ଧ, ଜୀନ, ଅଥବା କବୀତ ।
ମାତ୍ର ଦଣ୍ଡକ ମଧ୍ୟରେ
ପୋଡିଜଳ ଖାର ହୁଏ,
ରକ୍ତ ମାଂସେ ଗଢା ତାର ନଶ୍ୱର ଶରୀର;
ତା ଆତ୍ମା ସଦଗତି ପାଇଁ
କରୁ ଆମେ ନୀରବ ପ୍ରାର୍ଥନା,
ମୋକ୍ଷ ପ୍ରାପ୍ତି ପାଇଁ କରୁଯଥା ଉପଗ୍ଚର ।
ଦୂରେ ଫିଙ୍ଗି ମନୁ ଯେତେ
ହିଂସା, ଦ୍ୱେଷ, କାମ, କ୍ରୋଧ,
ସାଂସାରିକ ମୋହ, ଅନୁର୍ଗଗ;
ସାଧୁଟିଏ ପାଲଟି ଯାଆନ୍ତି
ବିଭୁପଦ ଧାୟୀ ସଦା ଆଚରନ୍ତି ଯୋଗ ।
ବ୍ୟକ୍ତିର ଅନ୍ତେଷ୍ଟି-କ୍ରିୟା
ଶେଷ ହେବା ପରେ
ଶପଥ ମୋ ହଜିଯାଏ-ଘନ ଅନ୍ଧକାରେ;
ଶ୍ମଶାନେ ଜାତ ବୈର୍ଗ୍ୟ
ନଥାଏ ମୋ ଜୀବନ୍ତ-ଶରୀରେ,
ଜଳ ଖାର ହୋଇଯାଏ ଆଉକାର ଜୁଇର ନଆଁରେ

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
ରାଉଲକେଲା, ଓଡିଶା

# ଇଂରେଜଙ୍କ ଦୃଷ୍ଟିରେ ସିପାହୀ ବିଦ୍ରୋହ: ଚର୍ବିଲଗା ଗୁଳିର କାହାଣୀ

ପ୍ରିୟବ୍ରତ ପାତ୍ର

ସିପାହୀ ବିଦ୍ରୋହକୁ ନେଇ ଏ ଯାବତ୍ ତର୍ଜମା ଚାଲିଛି। ପାଶ୍ଚାତ୍ୟ ଇତିହାସବିତ୍ ମାନେ ଏହାକୁ ହାସ୍ୟାସ୍ପଦ, ଗୌଣ ଓ ମୁଷ୍ଟିମେୟ ଶାସକଙ୍କ ଉଦ୍ଦେଶ୍ୟମୂଳକ ପ୍ରଚାରର ପରିଣତି ବୋଲି କହୁଥିଲା ବେଳେ ପ୍ରାଚ୍ୟ ବିଶାରଦମାନେ ଏହାକୁ ଏକ ସର୍ବଭାରତୀୟ ଜାତୀୟ ସ୍ତରର ବିଦ୍ରୋହ ତଥା ଭାରତର ପ୍ରଥମ ସ୍ୱାଧୀନତା-ସଶସ୍ତ୍ର ସଂଗ୍ରାମ ବୋଲି ଦାବି କରିଥାନ୍ତି। ଇଂରେଜଙ୍କ ମତରେ ଏହା ସିପାହୀଙ୍କ ଭିତରେ ସୀମିତ ଥିବାବେଳେ, ଭାରତୀୟମାନେ ଏହାକୁ ପ୍ରଥମ ମୁକ୍ତି ସଂଗ୍ରାମ ବୋଲି ଅଭିହିତ କରିଥାନ୍ତି। ଆଉ କିଛି କହନ୍ତି – ଉପନିବେଶବାଦ ବିରୁଦ୍ଧରେ ଏହାତଥିଲା ଭାରତର ରାଜତନ୍ତ୍ର ଓ ସାମନ୍ତବାଦର ଶେଷ ସଂଗ୍ରାମ – ଏଥିରେ ଦେଶପ୍ରେମ ବା ବ୍ରତର ପୁନଃ ଜାଗରଣର ନାମଗନ୍ଧ ନାହିଁ। ସେ ସମୟରେ ଯୁଦ୍ଧରେ ଭାଗ ନେଇଥିବା ଅନେକ ଇଂରଜଙ୍କ ଡାଏରୀ ତଥା ସରକାରଙ୍କ ପାଖେ ଦାଖଲ କରାଯାଇଥିବା ନଥିପତ୍ରକୁ **Dr. Pope, Mr. Talboys, Wheeler, Henry Beveridge, Sir Hope Grants** ଆଦି ଇଂରଜ ବିସାରଦମାନେ ଉପନ୍ୟାସ ଲେଖିଛନ୍ତି, ଇତିହାସ ଲେଖିଛନ୍ତି। ଏବେ ଚାଲନ୍ତୁ ସେଇ ଇଂରଜମାନଙ୍କ ଦୃଷ୍ଟିକୋଣରୁ ସିପାହୀ ବିଦ୍ରୋହକୁ ଅବଲୋକନ କରିବା।

୧୮୫୭ ପୂର୍ବର କଥା। ଆମେ ଇଂରେଜମାନେ ଏକ ରକମ ସୁଖନିଦ୍ରାରେ ବ୍ୟସ୍ତଥିଲୁ। ଆମ ଇଷ୍ଟଇଣ୍ଡିଆ କମ୍ପାନୀର ଶାସନ ସାଧାରଣ ଜନତାକୁ ଅନେକ ସୁଖ ସୁବିଧା ଯୋଗାଉଥିଲା। କିଛି ସାମନ୍ତ ବା ରାଜା ନୂତନ ନିୟମ ଅନୁଯାୟୀ ପୋଷ୍ୟପୁତ୍ର ଗ୍ରହଣର ସୁଯୋଗ ପାଉନଥିଲେ, କିଛି ଅତ୍ୟାଚାରୀ ଶାସକଙ୍କୁ ଆମେ ସିଂହାସନରୁ ହଟେଇ ଦେଇଥିଲୁ। ତେଣୁ ସେମାନେ ନିଜନିଜ ବ୍ୟକ୍ତିଗତ ସ୍ୱାର୍ଥପାଇଁ ଲୋକଙ୍କୁ ନାନା ଭାବରେ ପଥଭ୍ରାନ୍ତ କରେଇ ଆମ ବିରୁଦ୍ଧରେ ଚକ୍ରାନ୍ତରେ ଲାଗିପଡିଥିଲେ। କେବେ ଆମକୁ ବିଦେଶୀ ବା ଖ୍ରୀଷ୍ଟିଆନ୍ କହି, କେବେ ଦେଶପ୍ରେମର ମିଥ୍ୟା ଇନ୍ଦ୍ରଜାଲ ବୁଣି ବା ସରଳ-ଧାର୍ମିକ ବିଶ୍ୱାସରେ ନିଆଁ

ଲଗେଇ ଆମ ବିରୁଦ୍ଧରେ ଏକଜୁଟ୍ ହେଉଥିଲେ । ଏମିତି ଏକ ଗୁଜବ ଥିଲା ଚର୍ବିଲଗା ଗୁଳିର କାହାଣୀ ।

୧୮୫୭ ଜାନୁଆରୀ ଶେଷବେଳକୁ ନୂଆ ଏନଫିଲଡ୍ ବନ୍ଧୁକର ବ୍ୟବହାର ଆରମ୍ଭ ହୋଇଗଲା । ସେଥିରେ ବ୍ୟବହୃତ କାର୍ଟିଜ୍ ସବୁରେ ଚର୍ବି ଲାଗିଥିଲା ଏବଂ ଗୁଳିସବୁ କିଛି ଗନ୍ ପାଉଡର୍ ସହିତ ଏକ ଛୋଟ ଚମଡା ଥଳିରେ ରହୁଥିଲା । କଲିକତାର ଦମ୍ ଦମ୍ ନିକଟବର୍ତ୍ତି ଅସ୍ତ୍ରାଗାରରେ ଏହି ଚର୍ବି ଓ ଚମଡା ପାଇଁ କାରଖାନା ବସିଥିଲା । ସେଠାରେ କାମ କରୁଥିବା ତଳଆ ଜାତିର କର୍ମଚାରୀମାନେ ଗୋରୁ ଓ ଘୁଷୁରୀଙ୍କ ଚମଡା ଓ ଚର୍ବିରୁ ଆବଶ୍ୟକ ସରଞ୍ଜାମ ପ୍ରସ୍ତୁତ କରୁଥିଲେ । ଜଣେ ଚମାର ଓ ଜଣେ ବ୍ରାହ୍ମଣ ଭିତରେ ସାମାନ୍ୟ ଲୋଟାଏ ପାଣି ପାଇଁ ଥରେ ଝଗଡା ହୋଇଗଲା ଏବଂ ଚମାର ଜଣକ କ୍ରୋଧରେ କହି ପକାଇଲା – ମତେ କାହିଁକି ନୀଚ ଜାତିଆ ଭାବୁଛ? ଏଣିକି ଗୋରୁ ଚମଡା ଦାନ୍ତରେ ଛିଡେଇ ତମର ମଧ୍ୟ ଜାତି ଯିବ । ଏହି ଖବର କାନକୁ କାନ ହୋଇ ଚାରିଆଡେ ମାଡିଗଲା ଏବଂ ସିପାହୀମାନେ ଏହା ବିରୁଦ୍ଧରେ ଏକଜୁଟ୍ ହେଲେ । ସାରାରାତି ନିଆଁହୁଳା ଜାଳି ସଭା ବସୁଥିଲା । ସେଥିରେ ନାନା କପୋଳକଳ୍ପିତ ଖବର ମଧ୍ୟ ଯୋଡି ଦିଆଗଲା । ଏକ ଧାର୍ମିକ ପ୍ରବଣତାରେ ସେମାନେ ସଶସ୍ତ୍ର ବିଦ୍ରୋହ ପାଇଁ ସଂଗଠିତ ହେଉଥିଲେ । ନାନା ସାହେବ ଏହି ସୁଯୋଗ ଅପେକ୍ଷାରେ ରହିଥିଲେ । ସେ ଛଦ୍ମବେଶରେ ବିଭିନ୍ନ ଯାଗା ବୁଲିବୁଲି ସିପାହୀମାନଙ୍କୁ ଉତ୍ତେଜିତ କରୁଥିଲେ । ଉତ୍ତର ଓ ମଧ୍ୟ ଭାରତର ବିଭିନ୍ନ ଗାଁରେ ଅତ୍ୟନ୍ତ ଗୁପ୍ତ ଭାବରେ ଏକ ସମ୍ବାଦ ସଞ୍ଚରି ଯାଉଥିଲା । ଜଣେ ବ୍ୟକ୍ତି ଗହମର ଦୁଇଟି ସେକାରୁଟି ଧରି ନିଶାର୍ଦ୍ଧରେ କୌଣସି ଏକ ଗାଁ ର ମୁଖିଆକୁ ଭେଟୁଥିଲା ଏବଂ ଆଉ ଛଟି ରୁଟି ନେଇ ଆଖପାଖ ଗାଁକୁ କୁ ପଠେଇ ଦେବାକୁ କହୁଥିଲା । ଏହି ରୁଟିରେ ଏକ ବାର୍ତ୍ତାଥିଲା ଯେ ଏକ ବଡ ଧରଣର ବିଦ୍ରୋହ ହେବାକୁ ଯାଉଛି, ହୁସିଆର ରୁହନ୍ତୁ ଓ ସାହାଯ୍ୟ କରନ୍ତୁ । ଆମେ ଇଂରେଜମାନେ ଏହି ସମ୍ବାଦ-ସରବରାହର ଟେର୍ ସୁଦ୍ଧା ପାଇଲୁନାହିଁ ।

ବାରାକପୁର୍ ଠାରେ ମଙ୍ଗଳ ପାଣ୍ଡେ ନାମକ ସିପାହୀ ଜଣେ ଭାଙ୍ଗନଶାରେ, ଚେତନାଶୂନ୍ୟ ହୋଇ ଘୋଡାଚଢି ଆସୁଥିବା ଜଣେ ଇଂରେଜ ଅଫିସରଙ୍କୁ ଗୁଳି ଚଳେଇ ଥିଲେ । ଗୁଳି ଲକ୍ଷ୍ୟଭ୍ରଷ୍ଟ ହେବା ସ୍ୱାଭାବିକ । ଗୁଳି ବାଜିଲା ଯାଇ ଘୋଡା ଦେହରେ । ଫଳରେ ଉଭୟ ଘୋଡା ଓ ଚାଳକ ତଳେ ପଡିଗଲେ । ପାଣ୍ଡେ ନିଶାଗ୍ରସ୍ତ ଅବସ୍ଥାରେ ଖଣ୍ଡା ଦ୍ୱାରା ସେହି

ଅଫିସରଙ୍କୁ ଆକ୍ରମଣ କଲେ । ଜଣେ ମୁସଲମାନ୍ ଅଙ୍ଗରକ୍ଷୀ ତୁରନ୍ତ କାବୁ କରିନେବା ଫଳରେ ପାଣ୍ଡେଙ୍କୁ ବନ୍ଦୀ କର୍‌ଗଲା । କୋର୍ଟ ମାର୍ଶଲ୍ ରେ ପାଣ୍ଡେଙ୍କୁ ଫାସୀ ଓ ୩୪ ଇନଫିନଟ୍ରି ରେଜିମେଣ୍ଟକୁ ସବୁଦିନ ପାଇଁ ବନ୍ଦ କରିଦିଆଗଲା । କାରଣ ନଶାଖୋର ପାଣ୍ଡେଙ୍କ ଆକ୍ରମଣ ବେଳେ ସେହି ରେଜିମେଣ୍ଟର ସିପାହୀମାନେ ନୀରବଦ୍ରଷ୍ଟା ସାଜି ଠିଆ ହୋଇଥିଲେ, ଅଥଚ ସାହାଯ୍ୟ ପାଇଁ ଆସିନଥିଲେ । ବରଂପୁର ରେ ମଧ୍ୟ ସିପାହୀମାନେ କାର୍ଟିଜ୍ ବ୍ୟବହାରକୁ ନାକଚ କରିଦେଲେ । ଅମ୍ବାଲା, ମେରଟ୍, ଲକ୍ଷ୍ନୌ, କାନପୁର, ଝାନସୀ ଆଦିରେ ମଧ୍ୟ ସିପାହୀ ବିଦ୍ରୋହ ବ୍ୟାପିଗଲା । ମେରଟ୍ ଠାରେ ଏହି ପ୍ରତିବାଦ ଭୀଷଣ ରୂପେ ଦେଖାଦେଇଥିଲା ଏବଂ ସିପାହୀମାନେ ନିଜନିଜ ପବିତ୍ର କର୍ତ୍ତବ୍ୟ ଭୁଲି ସିଧା ବନ୍ଦୀଶାଳାକୁ ଆସିଥିଲେ । ବନ୍ଦୀଥିବା ସମସ୍ତ ସିପାହୀଙ୍କୁ ମୁକ୍ତ କରିଦେବା ପରେ ମେରଟ୍ ସହର ଭିତରେ ପଶି ସ୍ତ୍ରୀ, ପୁରୁଷ ଓ ଶିଶୁ ନିର୍ବିଶେଷରେ ସବୁ ଗୋରା ଲୋକଙ୍କୁ ହତ୍ୟା କରିଚାଲିଲେ । ଆମ ଇଂରେଜମାନେ ହାତରେ ବାଇବେଲ୍ ଧରି ଚର୍ଚ୍ଚକୁ ଯାଉଥିବା ବେଳେ ସେମାନେ ଆକ୍ରମଣ କରିଥିଲେ ଏବଂ ଜଘନ୍ୟ ଭାବେ ଗଣହତ୍ୟା କରିଥିଲେ । କେତେଯେ ଖଣ୍ଡିତ ଶରୀର ରାସ୍ତା ଉପରେ ପଡିଲା ତାର ସୀମାନାହିଁ ।

ଭାରତୀୟମାନଙ୍କ ଦିଲ୍ଲୀ ପ୍ରତି ହାର୍ଦ୍ଦିକ ସମ୍ମାନ ଓ ଦୁର୍ବଳତା କାହିଁ କେଉଁ ମହାଭାରତ କାଳରୁ ରହିଆସିଛି । ଦିଲ୍ଲୀ ସିଂହାସନରେ ଯିଏ ବସୁନା କାହିଁକି ସିଂହାସନ ପ୍ରତି ହିନ୍ଦୁଙ୍କ ଅନୁରକ୍ତି ବହୁବାର ପ୍ରମାଣିତ । ମହମ୍ମଦୀୟମାନେ ପୁନଶ୍ଚ ଦିଲ୍ଲୀ ସିଂହାସନରେ ବାହାଦୁରଶାହା ଜାଫର ବସନ୍ତୁ ବୋଲି ଚାହୁଁଥିଲେ, କାରଣ ତାହା ଦ୍ୱାରା ମୁସଲମାନ ଶାସନର ସମସ୍ତ ସୁବିଧା ସୁଯୋଗ ଫେରିପାଇବାର ସମ୍ଭାବନା ରହୁଥିଲା । ତେଣୁ ୮୨ ବର୍ଷୀୟ ବୃଦ୍ଧ ବୟସ୍କ ଓ ଅଥର୍ବ ଜାଫରଙ୍କୁ ଦିଲ୍ଲୀର ବାଦଶାହା ବୋଲି ଗ୍ରହଣ କରି ଉଭୟ ହିନ୍ଦୁ ଓ ମୁସଲମାନ୍ ମାନେ ଆମ ବିରୁଦ୍ଧରେ ଏକାଠି ହେଉଥିଲେ । ଅସଲ କଥା ହେଲା ଆମେ ଦୟାକରି ଜାଫରଙ୍କୁ ଦିଲ୍ଲୀର ରାଜା ବୋଲି ଉପାଧି ଦେଇଥିଲୁ ଏବଂ ଖର୍ଚ୍ଚବାର୍ଚ୍ଚ ପାଇଁ ବର୍ଷକୁ ୨୦୦୦୦ ପାଉଣ୍ଡ ଦେଉଥିଲୁ । ସେ ଭୁଲିଯାଉଥିଲେ ଯେ ପିଲାଦିନେ ତାଙ୍କନାମ ଥିଲା ଆବୁ ଜାଫର୍ ଏବଂ ଅଯୋଗ୍ୟ ବିବେଚିତ ହେବାଯୋଗୁଁ ତାଙ୍କ ପିତା ତାଙ୍କୁ ଉତ୍ତରାଧିକାରୀ ରୂପେ ଘୋଷିତ କରିବାକୁ ଅନିଚ୍ଛୁକ ଥିଲେ । ଆମେ ହିଁ ତାଙ୍କୁ ଜ୍ୟେଷ୍ଠ ପୁତ୍ରର ଅଧିକାର ଭାବେ ରାଜଗାଦିରେ ବସେଇଥିଲୁ ଏବଂ ଦିଲ୍ଲୀ ବାଦଶାହା ବାହାଦୁର ଶାହା ଜାଫର ବୋଲି ସମ୍ବୋଧନ କରିଥିଲୁ । ସେଇ ଅକର୍ମଣ୍ୟ ବୟସରେ ସେ କ୍ଷମତା ଲୋଭି ହୋଇପଡିଲେ ଏବଂ ଦୟା କରିଥିବା

ଇଂରେଜମାନଙ୍କ ପ୍ରତି କୃତଘ୍ନ ସିପାହୀଙ୍କ ପକ୍ଷ ନେଇଥିଲେ । ଜାଫର୍ ଙ୍କ ବଡପୁଅ ମିର୍ଜା ମୋଗଲ ବିଦ୍ରୋହୀ ସିପାହୀଙ୍କ କମାଣ୍ଡର-ଚଫ୍ ହୋଇଗଲେ । ଲାଲକଲ୍ଲାରେ ବନ୍ଦୀ ହୋଇଥିବା କଛି ଇଂରେଜଙ୍କୁ ରକ୍ତମୁଖା ସିପାହୀଙ୍କ ହାତକୁ ଟେକ ଦେବାବେଳେ ବାଦଶାହାଙ୍କ ବକ୍ତବ୍ୟ ଥିଲା-ସାମରୀକ ବାହିନୀ ଯାହା ଖୁସି ତାହା କରୁ । ସିପାହୀମାନେ ଗୀତା ଓ କୋରାନ୍ ଛୁଇଁ ଶପଥ କଲେ ଯେ ବନ୍ଦୀ ଇଂରେଜମାନଙ୍କୁ କଛି କରାଯିବ ନାହିଁ । ପୁରୁଷ ବନ୍ଦୀଙ୍କୁ ଦୃଶ୍ୟପଟରୁ ହଟେଇ ନଆଯିବା ପରେ ସମସ୍ତ ମହିଳା ଓ ଶିଶୁଙ୍କୁ ଗୋଟିଏ ଦଉଡି ଘେର ଭିତରେ ରଖାଗଲା । ପ୍ରାୟ ଦେଢଶ ସିପାହୀ ଖଡଗ ଉତ୍ତୋଳନ କରି ସେମାନଙ୍କୁ ହାଣି ପକେଇଲେ । ଏହି ହତ୍ୟା ପଛରେ ବୃଦ୍ଧ ରାଜାଙ୍କ ନୀରବ ସମର୍ଥନ ଥିଲା । ଏହି ବିଭତ୍ସ ଗଣହତ୍ୟା ବର୍ଣ୍ଣନା କରିବା ପାଇଁ ଜଣେ ମହିଳା ନଜ ଶିଶୁମାନଙ୍କ ସହ ବଞ୍ଚିଯାଇଥିଲେ । ସେମାନଙ୍କ ଜୀବନରକ୍ଷା ଏକ ନାଟକୀୟ ଢଙ୍ଗରେ ହୋଇଥିଲା । ସେମାନେ ଜାଣିଥିବା କଞ୍ଚିତ୍ ଉର୍ଦ୍ଦୁ ଭାଷାରେ କହିଥିଲେ-"ଆମେ କାଶ୍ମୀରୀ । ଆମେ ଖ୍ରୀଷ୍ଟିଆନ୍ ନୋହୁ କ ଇଂରେଜ ନୋହୁ ।" ବାସ୍ ଏତିକ ଉର୍ଦ୍ଦୁ କଥାରେ ସିପାହୀମାନେ ଖୁସି ହୋଇ ତାଙ୍କୁ ଛାଡିଦେଇଥିଲେ । ଯାହାଫଳରେ ପୁରା ପୃଥିବୀ ସେଇ ଭୟାବହ ଘଟଣା ବିଷୟରେ ଜାଣିପାରିଲା ।

ଭାରତରେ ଶିଖ୍ ମାନେ ନୂଆକରି ପୋଷା ମାନଥିଲେ, ସେମାନେ ପାଳତୁ ପରି ଖୁବ୍ ନଷ୍ଠାବାନ୍ ଥିଲେ ଏବଂ ଖୁବ୍ ଦକ୍ଷତାର ସହ ସିପାହୀମାନଙ୍କୁ ଦମନ ଅତ୍ୟାଗ୍ଧର କରିବାରେ ସାହାଯ୍ୟ କରୁଥିଲେ । ମୋଗଲମାନେ ଅତୀତରେ ଶିଖଙ୍କ ଉପରେ ଭୀଷଣ ଅତ୍ୟାଚର କରିଥିଲେ, ଗୁରୁ ଗୋବିନ୍ଦ ସିଂହ ଓ ତେଗ୍ ବାହାଦୂରଙ୍କୁ ହତ୍ୟା କରିଥିଲେ । ବାଦଶାହାଙ୍କ ନୈତୃତ୍ୱରେ ସିପାହୀ ବିଦ୍ରୋହ ସଫଳ ହେଉ ଏବଂ ମୋଗଲ ରାଜତନ୍ତ୍ର ପୁନଶ୍ଚ ଫେରିଆସୁ ଏକଥା ଶିଖ୍ ମାନେ ଆଦୌ ଗ୍ଧହୁଁ ନଥିଲେ । କଟ୍ଟରପନ୍ଥୀ ହିନ୍ଦୁନେତା ନାନାସାହେବ ମଧ୍ୟ ଆନ୍ତରିକ ଭାବେ ବାହାଦୁରଶାହାଙ୍କ ନେତୃତ୍ୱକୁ ପସନ୍ଦ କରୁନଥିଲେ, କନ୍ତୁ ପରିସ୍ଥିତି ସମ୍ଭାଳବା ପାଇଁ ସେପରି ସମର୍ଥନ ଦେବାକୁ ବାଧ ହେଉଥିଲେ ।

## ବର୍ବରତା ଓ ପ୍ରତାରଣାର କାହାଣୀ

ଭାରତର ଅନ୍ୟ ମୂଲକକୁ ଏହି ସିପାହୀ ବିଦ୍ରୋହର ନିଆଁ ବନ୍ୟା ପରି ମାଡି ଚାଲିଥିଲା । ଲକ୍ଷ୍ନୌରେ ଭୟଭୀତ ହୋଇ ଆମ ଲୋକେ ରେସିଡେନ୍ସି ଭିତରେ ଆତ୍ମଗୋପନ କଲେ । ମୁଷ୍ଟିମେୟ ସୈନ୍ୟ, ସରଞ୍ଜାମ ସହ ସେମାନେ ଯେଉଁ ଅସୀମ ସାହାସ ଓ ଧୈର୍ଯ୍ୟର ପରାକାଷ୍ଠା ପ୍ରଦର୍ଶନ କରିଥିଲେ ତାର ତୁଳନା ନାହିଁ । ସ୍କୁଲ ଓ କଲେଜରେ ପଢୁଥିବା ପିଲାମାନେ ମଧ୍ୟ ଶେଷରେ ଯୁଦ୍ଧରେ ଯୋଗ ଦେଇଥିଲେ ଏବଂ ଏହି ଭୟଙ୍କର ସିପାହୀମାନଙ୍କୁ ଦୀର୍ଘ ଛମାସ କାଳ ଅଟକେଇ ରଖିଥିଲେ । ଏଣେ କାନପୁରକୁ ନାନାସାହେବଙ୍କ ଲୋକେ ଅକ୍ତିଆର କରିନେଇଥିଲେ । ଆମ ସମର୍ଥିତ ରାଜା ସିନ୍ଧିଆ, ଗୋଆଲିଅର ଦୁର୍ଗଛାଡି ପଳାୟନ କରିଥିଲେ ଏବଂ ନାନା ସାହେବ ସିଂହାସନାରୁଢ ହୋଇ ନିଜକୁ ପ୍ରସିଦ୍ଧ ମରହଟ୍ଟା ଜାତିର ପେଶୱା ବୋଲି ଘୋଷଣା କଲେ । ଗୋଟିଏ ପରେ ଗୋଟିଏ ଜାଗାରେ ଆମେ ପରାଭୂତ ହୋଇ ଚାଲିଥାଉ, ଲାଗୁଥିଲା । ଯେମିତି ଭାରତ ବର୍ଷରୁ ଆମର ସତ୍ତା ସବୁଦିନ ପାଇଁ ଲୋପ ହୋଇଯିବ । ଭାରତର ବିଭିନ୍ନ ଜାତି ଓ ଧର୍ମାବଲମ୍ବୀ ଭିତରେ ଥିବା ଅବିଶ୍ୱାସ ଓ ସଂଘର୍ଷ ହିଁ ଆମ ପାଖରେ ଏକମାତ୍ର ଅସ୍ତ୍ର ହୋଇ ରହିଥିଲା । ସିପାହୀମାନଙ୍କୁ ଦମନ କରିବାପାଇଁ ନେପାଳର ଗୋର୍ଖା ବାହିନୀ, ପଞ୍ଜାବର ଶିଖ ବାହିନୀ ଆଗଭର ହୋଇଥିଲେ । ତାଛଡା ଭୋପାଳର ବେଗମ୍, ହାଇଦ୍ରାବାଦର ନିଜାମ୍, ନେପାଳ ନରେଶ, ତଥା ଅନେକ ଛୋଟ ବଡ ରାଜା ଆମକୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ । କାନପୁରରେ ନାନାସାହେବଙ୍କ ନେତୃତ୍ୱ ଆମ ପାଇଁ ସବୁଠୁ ବଡ ଚ୍ୟାଲେଞ୍ଜ ଥିଲା । ନାନା ସାହେବ ହେଉଛନ୍ତି ପେଶୱା ବାଜିରାଓଙ୍କ ପୋଷ୍ୟପୁତ୍ର । ନୂତନ ପୋଷ୍ୟପୁତ୍ର ଗ୍ରହଣ ନିୟମାନୁସାରେ ସେ ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ ହେବାକୁ ବାଧ୍ୟ ହୋଇଥିଲେ । ନାନା ନିଜର ଫାଲତୁ ଖର୍ଚ୍ଚ ପାଇଁ ବର୍ଷକୁ ପାଉଥିବା ଆଠଲକ୍ଷ ଟଙ୍କା ପେନସନରେ ଅୟସ ଆରାମ କରି କଟାଉଥିଲେ ଏବଂ ଆମେ ସେସବୁ ବାଜେ ଖର୍ଚ୍ଚ ବନ୍ଦ କରିଦେବାରୁ ଉତକ୍ଷିପ୍ତ ହୋଇ ନିଜର ଦାଉ ସାଧିବା ପାଇଁ ଆମ ବିରୁଦ୍ଧରେ ଷଡଯନ୍ତ୍ରରେ ଲାଗିପଡିଥିଲେ ।

ନାନାସାହେବ ମିଥ୍ୟାବାଦୀ ଓ କାପୁରୁଷ ଥିଲେ, ଯାହାର ଗୋଟିଏ ଉଦାହରଣ ଦିଆଯାଇପାରେ । କାନପୁରରେ ଥିବା ୯୦୦ ଜଣ ଇଂରେଜଙ୍କ ଭିତରୁ ଏକ ତୃତୀୟାଂଶ ମହିଳା ଥିଲେ ଏବଂ ବାକି ସବୁ ପୁରୁଷ ଓ ଶିଶୁ ଥିଲେ । ଚାରିପଟୁ ଆକ୍ରମଣର ଶିକାର

ହୋଇ ଆମ ଲୋକେ କେବଳ ଭଗବାନଙ୍କ ଉପରେ ଭରସା କରି ରହିଥିଲେ ଏବଂ ବଡ ଦୟନୀୟ ଭାବେ ମରୁଥିଲେ । ନାନା ଏକ ପ୍ରସ୍ତାବ ଦେଲେ ଯେ, ପ୍ରତ୍ୟେକ ଇଂରେଜ ଗୋଟିଏ ଗୋଟିଏ ବନ୍ଧୁକ ଓ ୬୦ଟି ଗୋଳ ନେଇ ବୋଟ୍ ଦ୍ୱାରା ଗଙ୍ଗା ନଦୀ ପାରହୋଇ ଚାଲିଯାଆନ୍ତୁ ଏବଂ ବାକି ସମସ୍ତ ଅସ୍ତ୍ର ଓ ଧନ ସମ୍ପତ୍ତି କାନପୁରରେ ଛାଡିଯାଆନ୍ତୁ । ଯେତେବେଳେ ତାଙ୍କ ଶାନ୍ତି ପ୍ରସ୍ତାବରେ ରାଜି ହୋଇ ଆମ ଲୋକେ ବୋଟ୍ ରେ ବସି ଗଙ୍ଗା ଆରପଟକୁ ଯିବାକୁ ଉଦ୍ୟତ ହେଲେ, ସଙ୍ଗେ ସଙ୍ଗେ ବୁଦା ଉହାଡରୁ ଦେଶୀ ବନ୍ଧୁକ ସବୁ ଗର୍ଜି ଉଠିଲା ଏବଂ ଆମ ଲୋକେ ନିରସ୍ତ୍ର ଅବସ୍ଥାରେ ଗଙ୍ଗା ନଦୀରେ ଟଳି ପଡିଲେ । ଯେଉଁମାନେ ଲମ୍ଫ ଦେଇ ନଦୀରେ ପହଁରି ପହଁରି ଜୀବନ ରକ୍ଷା କରିବାକୁ ଚାହିଁଲେ, ଗଙ୍ଗାତୀର ଦୁଇକୂଳରେ ଅଶ୍ୱପିଠିରେ ଧାବମାନ ସିପାହୀମାନେ ସେମାନଙ୍କୁ ଧନୁତୀର ବା ଗୁଳିମାରି ହତ୍ୟା କଲେ । ନାନାଙ୍କର ଏହି ପ୍ରତାରଣାମୂଳକ ଷଡଯନ୍ତ୍ର କାପୁରୁଷତାରେ ପୂର୍ଣ୍ଣତା । ଏଣେ କାନପୁର ସହରରେ ପଣବନ୍ଦୀ ଭାବେ ମହିଳା ଓ ଶିଶୁମାନେ ବନ୍ଦିଶାଳାରେ ରହିଥିଲେ । ସହାୟତା ପାଇଁ ସେଠାରେ ପହଞ୍ଚି ଜଣେ ଇଂରେଜ ଦେଖିଥିଲେ – ଘରସାରା ଖାଲି ରକ୍ତ, ମହିଳା ଓ ଶିଶୁଙ୍କ କଟା ହାତଗୋଡ ଏପଟସେପଟ ପଡିଛି । ମୃତାହତଙ୍କ ସଖ୍ୟା ଦୁଇଶହରୁ ଅଧିକ ଥିଲା । ସିପାହୀ ଜଣେ ଚତ୍କାର କରି କହୁଥିଲେ – ଦେଶରେ ଟୋପିପିନ୍ଧା ଫିରିଙ୍ଗି ଆଉ ରହିବେ ନାହିଁ । ସର୍ବତ୍ର ଏଣିକ ପଗଡିର ରାଜ ଚାଲିବ: ଇଂଲିଶ ଶାସନର ଅନ୍ତ ଘଟିବ ।

ମଧ୍ୟ ଭାରତରେ ଆଉ ଏକ ଶକ୍ତିଶାଳୀ ବିଦ୍ରୋହୀ ଗୋଷ୍ଠୀ ଥିଲେ ରାଣୀ ଲକ୍ଷ୍ମୀବାଇ ଓ ତାନ୍ତିଆ ଟୋପି । ଲକ୍ଷ୍ମୀବାଇ ଥିଲେ ଗରୀବ ବ୍ରାହ୍ମଣ ଝିଅ ଯିଏକ ନିଜର ଉଚ୍ଚାଭିଳାଷ ଓ ସିଂହାସନ ଲୋଭକ୍ରମେ, ବୃଦ୍ଧ ସ୍ୱାମୀଙ୍କ ମୃତ୍ୟୁପରେ ଝାନସୀର ରାଣୀ ହୋଇଥିଲେ । ମାତ୍ର ୧୯ ବର୍ଷ ବୟସରେ ବିଧବା ହେବା ପରେ ସେ ପୋଷ୍ୟପୁତ୍ର ଗ୍ରହଣ କରି ସିଂହାସନକୁ ଜାବୁଡି ଧରିଥିଲେ । ପ୍ରଥମ ପର୍ଯ୍ୟାୟରେ ଝାନସୀର ସୁରକ୍ଷା ଦାୟିତ୍ୱ ଆମ ହାତରେ ଥିଲା ଏବଂ ଷ୍ଟାରଫୋର୍ଟ ଓ ସିଟି ଫୋର୍ଟକୁ ଇଂଲଣ୍ଡର ଅଭେଦ୍ୟ ଦୁର୍ଗ ପରି ଆମେ ଗଢି ତୋଳିଥିଲୁ । ପାଞ୍ଚହଜାର ଇଂରେଜ ସୈନ୍ୟ ସେଠାରେ ମହଜୁଦ୍ ଥିଲେ । ସମସ୍ତ ଆଧୁନିକ ଅସ୍ତ୍ରଶସ୍ତ୍ର ଗୋଳାବାରୁଦ ଆଦି ସେଠାରେ ରଖିଥିଲୁ ଏବଂ ଆବଶ୍ୟକ ସ୍ଥଳେ ସୀପାହୀ ବିଦ୍ରୋହକୁ ଦମନ କରିବା ପାଇଁ ଝାନସୀ ହିଁ ଆମ ପାଇଁ ବଡ ସହାୟକ ରାଜ୍ୟ ଭାବେ ଥିଲା । କିନ୍ତୁ ରାଣୀ ବିଶ୍ୱାସଘାତକତା କଲେ । ହଠାତ୍ କରି ନିଜକୁ ସ୍ୱାଧୀନ ମହାରାଣୀ

ଘୋଷଣା କଲେ ଏବଂ ଆମର ସମସ୍ତ ଅସ୍ତ୍ରଶସ୍ତ୍ରକୁ ଅଧିକାର କରିନେଲେ । ଆମର ଅନେକ ସୈନ୍ୟଙ୍କୁ ବନ୍ଦୀକରି ରଖିଲେ । କ୍ରୁର ସେନାପତି କାଲେ ଖାଁ ଆମ ଲୋକଙ୍କ ହାତସବୁ ପଛକୁ ବାନ୍ଧି ରାଜରାସ୍ତାରେ ଚଲେଇ ଚଲେଇ ନେଲେ ଏବଂ ବଧଭୂମିରେ ଶିରଚ୍ଛେଦନ କଲେ । ବଡ ଭୟଙ୍କର ଥିଲା ସେ ବିଶ୍ୱାସଘାତକତା । ରାଣୀ ସାହସୀ ଥିଲେ, କିନ୍ତୁ ଭୟଙ୍କର ଭାବେ ପ୍ରତିଶୋଧ ପରାୟଣା ଓ ନିଷ୍ଠୁର ଥିଲେ । ଯିଏ ତାଙ୍କର ପ୍ରତିବାଦ କରୁଥିଲା ତାର ଶିର ଚ୍ଛେଦନ କରାଯାଉଥିଲା । ରାଣୀଙ୍କ ପୁତୁରା ଜଣେ ରାଣୀଙ୍କ ଏତାଦୃଶ କାର୍ଯ୍ୟକୁ ବିରୋଧ କରି ଯୁଦ୍ଧରେ ଅବତୀର୍ଣ୍ଣ ହେଲେ ଏବଂ ପରିଣାମ ସ୍ୱରୂପ ବନ୍ଦୀହେଲେ । ସେତିକିରେ ରାଣୀ ସନ୍ତୁଷ୍ଟ ହେଲେନାହିଁ । ଗୋଟିଏ  ବଡ ପିତ୍ତଳ ଥାଳୀରେ ସେଇ ବନ୍ଦୀଙ୍କ କଟାମୁଣ୍ଡ ଅଣାଯାଇ ରାଣୀଙ୍କୁ ପ୍ରଦର୍ଶନ କରାଯିବା ପରେ ଯାଇ ସେ ସନ୍ତୁଷ୍ଟ ହୋଇଥିଲେ । ଚନ୍ଦନ ହଜୁରୀ ନାମକ ଜଣେ ପୁରୀପଣ୍ଡା ଥିଲେ ରାଣୀଙ୍କ ପରାମର୍ଶଦାତା । ବୁଦ୍ଧିରେ ସେ ଶୃଗାଳ ପରି ଥିଲେ ଏବଂ ନିଜେ କରୁଥିବା ସମସ୍ତ କୃତକର୍ମର ସମସ୍ତ ପ୍ରମାଣ ଅତି ଚତୁରତାର ସହ ନଷ୍ଟ କରି ପକାଉଥିଲେ । ନିଜର ପୋଷ୍ୟପୁତ୍ର କୁ ଅତି ଯତ୍ନରେର ଖିବା ବଦଳରେ ନିଜ ସାଥୀରେ ନେଇ ରାଣୀ ବିପଦପୂର୍ଣ୍ଣ ଯୁଦ୍ଧକ୍ଷେତ୍ରକୁ ଆସୁଥିଲେ – ଉଦ୍ଦେଶ୍ୟ ଥିଲା ଯଦି ମୃତ୍ୟୁ ହେବ ଉଭୟଙ୍କ ମୃତ୍ୟୁ ଏକ ସାଥୀରେ ହେବ । ପୋଷ୍ୟପୁତ୍ରର ବ୍ରତଉପନୟନ ପାଇଁ ଆମେ ଯେଉଁ ଲକ୍ଷେ ଟଙ୍କା ଦେଇଥିଲୁ, ସେଥିରେ ସେ ଅସ୍ତ୍ରଶସ୍ତ୍ର କିଣିଥିଲେ ଏବଂ ଆମ ବିରୁଦ୍ଧରେ ଲାଗିପଡିଥିଲେ । ବେକରେ ହୀରାମାଳ, ଅଣ୍ଟାରେ ସୁବର୍ଣ୍ଣ ମେଖଳା, ମୁଣ୍ଡରେ ଗୌରୀକ ରୁମାଲ ଭିଡି, ଶୁଭ୍ରଘୋଟକ ଉପରେ ସେ ସୈନ୍ୟଙ୍କ ଆଗରେ ଉଭାହେଉଥିଲେ ଏବଂ ସମ୍ଭବତଃ ନିଜକୁ ଯୁଦ୍ଧର ଦେବୀ ଆଥିନା ବା ସେଭଳି କିଛି ବୋଲି ଭାବୁଥିଲେ । ସିପାହୀ ବିଦ୍ରୋହର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ମଧ୍ୟ ଭାରତରେ  ସେ ଶାନ୍ତିଭଙ୍ଗ କରୁଥିଲେ ।

ଆମେ ଇଂରେଜମାନେ ଭାରତଭଳି ଏକ ପ୍ରାଚୁର୍ଯ୍ୟଭରା ନିଷ୍କଣ୍ଟକ ଦେଶରେ ରୋମାନସ୍ କରିବାକୁ ଆସୁଥିଲୁ । ବଡବଡ ରାଜାମହାରାଜା, ନବାବ, ନିଜାମ, ବାଦଶାହା ଆଦିଙ୍କ ଉତ୍ତୁଙ୍ଗ ରାଜବାଟୀ, ସେମାନଙ୍କ ବୟସ ଆରାମର ଜୀବନ, ଇଂଲଣ୍ଡର ଖବର କାଗଜରେ ନିତି ବାହାରୁଥିଲା । ଏଠାକୁ ଆସି ହାତୀ ପିଠିରେ ବୁଲିବା, ମନ୍ତ୍ରବଶ ସାପଙ୍କ ନାଚ ଦେଖିବା, ରାଜାଙ୍କ ଅତିଥି ହେବା ଏବଂ ଆଧୁନିକ ଅସ୍ତ୍ରଶସ୍ତ୍ର ଧରି ଏ ଦେଶର ଜରାଜୀର୍ଣ୍ଣ ଯୋଦ୍ଧାମାନଙ୍କୁ ପରାଭୂତ କରିବା -  ଆମ ପାଇଁ ଉପନିବେଶବାଦର ରୋମାନସ ପରି ଥିଲା । ନିଜ ସ୍ୱାମୀର ଚିତାରେ ଜଳଯାଉଥିବା ଜୀଅନ୍ତା ସ୍ତ୍ରୀ ଲୋକଙ୍କୁ ଦେଖିବା, ବାଲ୍ୟ ବିବାହରେ

ଛନ୍ଦି ହୋଇ ପଡୁଥିବା ପିଲାକୁ ଦେଖିବା, ସାରା ଜୀବନ ଲଣ୍ଡିତ ମସ୍ତକ ହୋଇ ତିରସ୍କୃତ ହୋଇ ବଞ୍ଚୁଥିବା ବିଧବା ମାନଙ୍କୁ ଦେଖିବା, ଜାତିବାଦରେ ସନ୍ତୁଳ ହେଉଥିବା ଏକ ତମସାଚ୍ଛନ୍ନ ମହାଦେଶର ସମାଜକୁ ଦେଖିବା, ଠଗମାନଙ୍କ ବିଚନ୍ଧ ହତ୍ୟା କୌଶଳକୁ ଦେଖିବା-ସତରେ ଆମ ମାନଙ୍କ ପାଇଁ ଗୋଟିଏ ସଉକ ଥିଲା । ଆଫଗାନ୍ ଯୁଦ୍ଧ ପରଠୁ ଢେର ଦିନଯାଏ ଆମେ ସୁଖନଦ୍ରାରେ ଥିଲୁ । ହଠାତ୍ କରି ସିପାହୀ ବିଦ୍ରୋହ ଆମକୁ ଚହଲେଇ ଦେଲା । ସେନା, ସିପାହୀ, ରାଜନ୍ୟବର୍ଗଙ୍କ ବିଶ୍ୱାସଘାତକତା, ପ୍ରତାରଣା, ପ୍ରତିଶୋଧ ପରାୟଣା, ନିଷ୍ଠୁରତା ଆମକୁ ହତବମ୍ବ କରିଦେଲା । ଆମକୁ ଲାଗୁଥିଲା ଏହିଠାରୁ ଭାରତବର୍ଷ ଆମ କବଜାରୁ ଖସିଯିବ ଏବଂ ଆମର ସମସ୍ତ ରୋମାନ୍ସର ଅନ୍ତ ଘଟିଯିବ ।

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କିମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଅଛ ତୁମେ ଇଶ୍ୱର



ତପନ କୁମାର ସାହୁ

ପଥରକୁ ଯଦି ଭକ୍ତିରେ ପୂଜିବ
ଅଛ ତୁମେ ସେଠି ଇଶ୍ୱର,
ପୂଜା ଆରାଧନା ସବୁତ ବାହାନା
ଭାବ ଥିଲେ ତୁମେ ସର୍ବତ୍ର ।।

ଶିଶୁ ଓଠେ ହସ ଫୁଲ ଦେହେ ବାସ
ଇନ୍ଦ୍ରଧନୁ ଦେହେ ଗାର
ପ୍ରଜାପତି ଦେହେ ରଙ୍ଗ ବେରଙ୍ଗ
ସାଜିଛ ତୁମେ ଇଶ୍ୱର ।।

ଆଖି ରେ ସାଜିଛ ଦୃଷ୍ଟି ଶକ୍ତି ତୁମେ
ଆଲୋକର ତୁମେ ସମ୍ଭାର,
କୋଇଲି ର କଣ୍ଠେ ତୁମେ ମିଠା ସ୍ୱର
ଲୀଳା ତୁମ ଅଟେ ଅପାର ।।

ମାଟି ଦେହେ ତୁମେ ଅଙ୍କୁରିତ ହୁଅ
କ୍ଷୁଦ୍ର ସବୁଜିମା ହୋଇ,
ଝରଣା ଦେହରେ କଳ କଳ ନାଦ
ଧିରେ ଧିରେ ଯାଅ ବହି ।।

ଜହ୍ନ ଦେହେ ତୁମେ ଶୀତଳର ତାତି
ଫୁଲ ଦେହେ ବାସ କର୍ପୁର,
ଖରା, ବର୍ଷା,ଶୀତ,ମଳୟ,ବସନ୍ତ
ସବୁଠି ରେ ତୁମେ ଈଶ୍ୱର ।।

ଜ୍ଞାନୀ ଦେହେ ଜ୍ଞାନ ମା ହୃଦେ ସ୍ନେହ
ଅଙ୍କା ବଙ୍କା ନଇଁ ଧାର,
ନିଷ୍ଠା, ଉପବାସ ନିର୍ଥକ ପ୍ରୟାସ
ଭାବ ଥିଲେ ତୁମେ ସର୍ବନ୍ନ ।।

ବେଲଗାଁ, ଏମ୍. ରାମପୁର
କଳାହାଣ୍ଡି

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଇତିହାସ ଗାଏ କୀରତି ଯାର



ଶେଷଦେବ ପଣ୍ଡା

ଇତିହାସ ଗାଏ କୀରତି ଯାର
ସେହି ଓଡିଶାରେ ଜନମ ମୋର
ସକଳ ଧର୍ମର ସମନ୍ୱୟ ଯହିଁ
ଅଛି ଏ ଭୂଇଁରେ ସେ ନୀଳାଚଳ ।

ବୀର ନରସିଂହ ସେ ଖାରବେଳ
ଅନଙ୍ଗ ଭୀମ ଓ ଯଯାତି ବୀର
ପୂଣ୍ୟ ଲିଙ୍ଗରାଜ ପୁରୀ ଅର୍କକ୍ଷେତ୍ର
ଖଣ୍ଡଗିରି ବକ୍ଷେ ସ୍ମୃତି ଯାହାର ।

ଶାରଳା ଦାସ ଯେ କବି ଶେଖର
ଅଭିମନ୍ୟୁ ଉପେନ୍ଦ୍ର ବୀରବର
ଫକୀର ମୋହନ କବି ଗଙ୍ଗାଧର
ସାରସ୍ୱତ ସ୍ରଷ୍ଟା ଏଇ ମାଟିର ।

ବିମ୍ବାଧର ବର୍ମା ଶିଳ୍ପୀପ୍ରବର
ମଧୁବାବୁ ଜାତିର କର୍ଣ୍ଣଧାର
ମହୀୟସୀ ନାରୀ ସରଳା ପାର୍ବତୀ
ରମାଦେବୀ ପୂର୍ବସୂରୀ ମୋହର ।

ବାରବରଷର ଶିଶୁ ଧରମା
ଉତ୍କଳ ମାଟିର ବିଶ୍ୱକରମା
କୋଣାରକ କହେ ଆତ୍ମବଳ ଯାର

ଓଡିଆ ଶିଳ୍ପୀର ଗୁଣଗାରିମା ।

ଏଇ ମୂଲକର ବାଜିରାଉତ
ରଖିଗଲା ପରା ଜାତି ମହତ
ଫିରିଙ୍ଗି ଗୁଳରେ ଦେଲା ପ୍ରାଣବଳ
ବୀରଭୂମି ରୂପେ ଉତ୍କଳ ଖ୍ୟାତ ।

ଜନ୍ମ ନେଲେ ଏଠି ସୁବାଷ ବୋଷ
ଆଜାଦ ହିନ୍ଦର ବୀର ପୁରୁଷ
ଦରିଦ୍ରର ବନ୍ଧୁ ଗୋପବନ୍ଧୁ ଆମ
ଜନସେବା କରି ଅର୍ଜିଲେ ଯଶ ।

ଏହି ମାଟିରେ ମୁଁ ହେଲି ଜନମ
ସ୍ୱଦେଶପ୍ରାଣତା ମୋର ଧରମ
ଜନସେବା ହିତେ ଢାଳଦେବି ପ୍ରାଣ
ପୂର୍ବପୁରୁଷଙ୍କ ରଖିବି ମାନ ।

ନିଜ ପର ଭେଦ ରଖିବି ନାହିଁ
ସମସ୍ତେ ମୋହର ଭଉଣୀ ଭାଇ
କାଳିଆ ଠାକୁର ସାହା ଏକା ମୋର
ଏକତାର ନାବ ନେବି ମୁଁ ବାହି ।

ମଣିଷପଣରେ ଗଢା ମୋ' ଦେହ
ପୋଛିଦେବି ପର ଆଖିରୁ ଲୁହ
ଉତ୍କଳମାତାର ସେବା କରିବାରେ
କଟାଇଦେବି ମୋ' ସବୁ ସମୟ ।

"ସୃଷ୍ଟିନୀଡ"
ମୁଦଲସର, ପାଟଣାଗ, ବଲାଙ୍ଗିର

# ଦୁଇଟି ଆଲେଖ୍ୟ



ସୁଧାଂଶୁ ଶେଖର ଦ୍ୱିବେଦୀ

## ।। ମାଠିଆ ମହିମା।।

ସନ୍ଥମାନଙ୍କର ଏକ ସଭା ଚାଲିଥାଏ। କେହି ବ୍ୟକ୍ତି ଦିନେ ମାଠିଆରେ ଗଙ୍ଗାଜଳ ଭରି ସେଠାରେ ରଖିଦେଇଗଲେ। ସନ୍ଥଜନଙ୍କୁ କେବେ ଶୋଷ ହେଲେ ଗଙ୍ଗାଜଳ ପିଇବେ।

ସନ୍ଥଙ୍କ ସଭା ହେଉଥିବା ପରିଧି ବାହାରେ ଜଣେ ବ୍ୟକ୍ତି ଠିଆହୋଇ ମନେ ମନେ କିଛି ଭାବୁଥାଆନ୍ତି। ସେ ବାରମ୍ବାର ଗଙ୍ଗା ଜଳରେ ଭର୍ତ୍ତି ହୋଇଥିବା ମାଠିଆକୁ ଦେଖୁଥାଆନ୍ତି ଓ ବିଭିନ୍ନପ୍ରକାର ପ୍ରଶ୍ନ ନିଜ ଭିତରେ ଭାବି କହୁଥାନ୍ତି, "ବାଃ ଏ ମାଠିଆ କେଡେ ଭାଗ୍ୟ ଶାଳୀ। ତାଭିତରେ କୌଣସି ଗଡ଼ିଆ କି ପୋଖରୀର ଜଳ ନାହିଁ। ତାହା ପୁଣି ଗଙ୍ଗା ଜଳରେ ଭର୍ତ୍ତିହୋଇ ରହିଛି। ସନ୍ଥମାନଙ୍କର ଶୋଷ ମେଣ୍ଟାଇବ। ସନ୍ଥଙ୍କ ସ୍ପର୍ଶରେ ସେମାନଙ୍କ ସେବାରେ ଲାଗିବ।ସତରେ ଏମିତି ଭାଗ୍ୟଶାଳୀ ହେବା କେବେ କେବେ ମିଳଥାଏ।"

ମାଠିଆ ବ୍ୟକ୍ତିଙ୍କ ମନୋଭାବକୁ ପଢ଼ିନେଇ ହଠାତ କୋମଳ ସ୍ୱର ରେ କହିଲା, "ବନ୍ଧୁ! ମୁଁ ତ ମାଟିରେ ନିର୍ମିତ କେତେଦିନରୁ ଶୂନ୍ୟହୋଇ ପଡି ରହିଥିଲି। କିଛି କାମରେ ଲାଗୁନଥିଲି। କେବେବି ଭାବିନଥିଲି ପରମାତ୍ମା ମୋ ସହିତ ନ୍ୟାୟ କରିଛନ୍ତି? ଦିନେ ଜଣେ କୁମ୍ଭାର ଆସି କୁଦାଳରେ ମାଟି ତାଡି ବାହାର କଲା। ସେଇ ମାଟିକୁ ବୁସ୍ତାରେ ଭର୍ତ୍ତିକରି ବଳଦ ପିଠିରେ ଲଦି ନିଜ ଘରକୁ ବହିନେଲା। ଘରେ ଏକ ଖାଲିଆ ସ୍ଥାନରେ ରଖି ମୋ ଉପରେ ପାଣି ଢାଳି ଚକଟିଲା। ତାପରେ କାଦର ପେଣ୍ଡୁଳା କରି କୁମ୍ଭାର ଚକ ଉପରେ ରଖି ଘୁରେଇଲା। ମୋର କଞ୍ଚା ଅବସ୍ଥାକୁ ଥାପି ଥାପି ମାଠିଆର ରୂପ ଦେଲା। କେବଳ ସେତିକି ନୁହେଁ ଖରାରେ

ଶୁଖେଇ ନଆଁରେ ଜଳେଇ ମୋତେ ଶକ୍ତ କଲା। ପୁଣି ତା ହାତ ତିଆରି ମାଠିଆଗୁଡ଼ିକୁ ଶଗଡ଼ରେ ଲଦି ହାଟ ବଜାରରେ ବିକ୍ରି କରିବାକୁ ନେଲା। ଗରାଖମାନେ ମୋ ଦେହରେ ଠୁକର ମାରି ପରଖିଲେ ମୁଁ ଭଲ ନା ଭଙ୍ଗା। ପୁଣି ମୂଲଚାଲ ହେଲା ୩୦-୪୦ ଟଙ୍କାରେ। ମୁଁ ତ କ୍ଷଣକୁ କ୍ଷଣ ଏହାହିଁ ଭାବୁଥିଲି ଈଶ୍ୱରଙ୍କର ସବୁପ୍ରକାର ଅନ୍ୟାୟ କଣ ମୋହରି ଉପରେ କରିବାର ଥିଲା?

ପ୍ରତିଦିନ ଏକ ନୂଆ କଷ୍ଟ ଏକ ନୂଆ ପୀଡା। ମୋ ସହିତ କେବଳ ଅନ୍ୟାୟ ହିଁ ଅନ୍ୟାୟ ହୋଇ ଚାଲିଥିଲା। ବୋଧହୁଏ ଈଶ୍ୱରଙ୍କ ଯୋଜନା କିଛି ଭିନ୍ନପ୍ରକାର ଥିଲା। କେହି ସଜ୍ଜନ ବ୍ୟକ୍ତି ମୋତେ କ୍ରୟ କରିନେଲେ ଏବଂ ଗଙ୍ଗାଜଳ ଭରି ସନ୍ଥଙ୍କ ସେବାରେ ଉପସ୍ଥିତ କରାଇଲେ। ସେତିକିବେଳେ ମୋତେ ଆଭାସ ହେଲା କୁମ୍ଭାରର କୁଦାଳ ଚଟା ମଧ୍ୟ ମୋତେ ଗଢିବା ଲାଗି ତାହାରି କୃପା। ମୋତେ ଗୋଡ଼ରେ ମନ୍ଥିବା, ମୋତେ ନଆଁରେ ଜଳେଇବା ସବୁକିଛି ତାହାରି କୃପା ଥିଲା।"

ପ୍ରକୃତରେ ଆମକୁ ଖରାପ ପରିସ୍ଥିତି ଏତେମାତ୍ରାରେ ବିଚଳିତ କରିଦିଏ ଯେ ଆମେ ପରମାତ୍ମାଙ୍କ ଅସ୍ତିତ୍ୱପ୍ରତି ପ୍ରଶ୍ନ ଉଠେଇବାକୁ ମଧ୍ୟ ବାଧ୍ୟ ହୋଇଯାଉ।ହେଲେ ସେତେବେଳେ ତାଙ୍କର ସେ ଅଦୃଶ୍ୟ ଶକ୍ତି ଆମ ନିକଟରେ ନଥାଏ ତାଙ୍କରି ଲୀଳାକୁ ବୁଝିବାପାଇଁ।

## ।। ମୁଁ ମଣିଷ ହେବି ।।

ପିଲାମାନଙ୍କ ସହିତ କଥାହେବା ଲାଗି ବଡ଼ ଖୁସି ଲାଗେ। ସେମାନଙ୍କ ମୁହଁର ମିଠା ମିଠା କଥା ସେମାନଙ୍କ ଭବିଷ୍ୟତ ସ୍ୱପ୍ନ ଆପାତତଃ ଛଳହୀନ ପରି ଅନୁଭୂତ ହୁଏ। ବହୁବର୍ଷ ତଳେ ମୁଁ ସେତେବେଳେ ଗାଁରେ ଥିଲି। ଏମିତି ଗୋଟେ ଦିନ ମୋ ଆଖପାଖରେ କେତେଜଣ ପିଲା ଏକତ୍ର ଗୋଟିଏ ସ୍ଥାନରେ ବସିଥାଆନ୍ତି। ସେମାନଙ୍କ ଭିତରେ କେତେକେତେ କଥା, ହସ-ମଜାର ଆନନ୍ଦ ସହିତ ଭବିଷ୍ୟତ ଗଢିବାର ସ୍ୱପ୍ନ ବୁଣୁଥାଆନ୍ତି। ସେମାନଙ୍କ ଆଲୋଚନାରେ ଭାଗ ନେବାପାଇଁ ସମ୍ଭବତଃ ମୁଁ ସେଇଠାରେ ବସିପଡ଼ିଲି। ତାଙ୍କ ମଧ୍ୟରେ ଯାହା ଚର୍ଚ୍ଚାର ବିଷୟବସ୍ତୁ ତାହା ମୂଖ୍ୟ ପରିସରକୁ ଆସି ସାରିଥାଏ।ବଡ଼

ହେବାପରେ କଏ କଣ କରିବ ମୁଁ ଜଣ ଜଣ କରି ସମସ୍ତଙ୍କୁ ପଚାରିବାକୁ ଲାଗିଲି। କେହି କହିଲା ମୁଁ ବଡ଼ ଅଫିସର ହେବି ତ ଆଉ କେହି କହିଲା ଡାକ୍ତର, ଇଞ୍ଜିନିୟର, ପ୍ରଫେସର, ବୈଜ୍ଞାନିକ ହେବେ। ସମସ୍ତଙ୍କର ଅଲଗା ଅଲଗା ଅଦୂରଦର୍ଶୀ ଶୋଭିତ ସ୍ୱପ୍ନ। ସେମାନଙ୍କ କଥା କହିବା ଶୈଳୀରେ ମୋତେ ଖୁବ ଆନନ୍ଦ ଅନୁଭୂତ ହେଉଥାଏ। ସେମାନଙ୍କ ଭିତରେ ଚାରି ପାଞ୍ଚ ବର୍ଷର ଜଣେ ପିଲା ଚୁପ ଚାପ ବସି କଛି ଭାବୁଥାଏ। ମୁଁ ତାକୁ ପଚାରିଲି, "ତୁ ବଡ଼ହେଲେ କଣ ହେବୁ?"

ପିଲାଟି ବଡ଼ ଉତ୍ସାହରେ ହଠାତ କହିଲା, "ମୁଁ ବଡ଼ ହେଲେ ମଣିଷ ହେବି।" ତା କଥା ଶୁଣି ଅନ୍ୟ ପିଲାମାନେ ଖିଲି ଖିଲି ହସିଉଠିଲେ। କେହି କେହି କହିଲେ, ଆରେ ତୁ ଏବେବି ମଣିଷ ହୋଇନୁ? ଆଉ କେହି କହିଲା ଏପର୍ଯ୍ୟନ୍ତ ତୁ କଣ ଝିଅ ହୋଇ ରହିଛୁ? ଆଉ କେହି କହିଲା ଇଏ ବଡ଼ହେଲେ ଲମ୍ବା ନିଶବାଲା ମଣିଷ ହେବ। ସମସ୍ତଙ୍କ କଥା ଶୁଣିବାପରେ ବି ସେ ପିଲାଟି ସେଇଭଳି ଚୁପ ହୋଇ ବସିରହିଥାଏ।

ଆଜି ଅନେକ ବର୍ଷ ବିତିଯିବା ପରେ ତା କଥା ମୋର ବେଶ ମନେ ଅଛି। ସେ ପିଲାର ମୁହଁ ଜଳଜଳ ହୋଇ ଏବେବି ମୋ ମାନସ ପଟଳରେ ଉଦ୍ଭାସିତ ହେଉଛି। ବାସ୍ତବ ଜୀବନରେ ସେ ଜଣେ ସମାଜସେବକ ରୂପେ ପରିଚିତ। ନିଜ ଜୀବନକୁ ଉଚିତ ମାର୍ଗରେ ଗଢି ପ୍ରକୃତ ମଣିଷର ପରିଚୟରେ ବ୍ୟବସ୍ଥିତ। ପିଲାଦିନର ତା ସ୍ୱପ୍ନକୁ ବାସ୍ତବରେ ପରିଣତ କରି ନିଜକୁ ମଣିଷ ଭାବେ ଗଢିପାରିଛି।

ସତରେ ଆଜିର ସମାଜରେ ମଣିଷଟିଏ ହେବା ବଡ଼ ମୁସ୍କିଲ।

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା

# ନିରୀହ ପକ୍ଷୀଟେ ମୁଁ

ମିହିରଭାନୁ ବିଶ୍ୱାଳ

ଆକାଶ ବକ୍ଷରେ ଡେଣାଝାଡ଼ି
ଖୁବ ଜୋରରେ ଉଡିବୁଲିଛି
ମୁଁ ମୋର ଗନ୍ତବ୍ୟ ପଥରେ
କେଜାଣେ କୋଉଠି
ମେଞ୍ଚାଏ  ସୁବାସିତ ଫଳର ବାସ୍ନା
ଟାଣିନେବ ନିଜଆଡକୁ
ଆଉ ମଧୁର ଝରଣାର ସୁମଧୁର ଜଳ
ମେଣ୍ଟେଇ ଦବ ଶୋଷିଲ୍ ହୃଦୟକୁ   !

ଖରା ବର୍ଷା ଶୀତ
କେତେଯେ ମୁହୂର୍ତ୍ତ
ସବୁକୁ ନଜରକରି
ଘାସବୁଦାର ଆଶ୍ରୟ ନେଇ
ଦ୍ରୁମ ଡାଳେ  ଗଢ଼ିଦେଇଛି  ସୁଖର ସୌଧ  !

ନା ଅଛି ସ୍ୱପ୍ନ ନା ଅଛି ଆଶା
ତଥାପି ସେ ସ୍ୱପ୍ନକୁ ସାଉଁଟି
ସ୍ୱପ୍ନ ଦେଖିବାର ଅଭିନୟ କରି
ଡେଇଁ ବୁଲିଛି ଏ ଡାଳରୁ ସେ ଡାଳ  !

କେତେବେଳ କୋଉ ମୁହୂର୍ତ୍ତରେ
ବନ୍ଧୁକ ଗୁଳରେ ତ କେତେବେଳେ
ମାଟି ବାଟୁଲି ରେ

ତ କେତେବେଳେ
ହିଂସ୍ର ପ୍ରାଣୀର ପ୍ରକୋପରେ
ଏ ଶରୀର ଛିନ୍ ଭିନ୍ ହୋଇ
ଉଡିଯିବ ପ୍ରାଣବାୟୁ !

ନୀଡ଼ହରା ପକ୍ଷୀଟେ ମୁଁ
ମୋର ବା କଏ ଅଛି
ନଜର ଭାଗ୍ୟକୁ ଆଦରି
ଉଡୁଛି ଉଡୁଥିବି
ଉଡୁଛି ଉଡୁଥିବି !

ବ୍ରାହ୍ମଣ ଡ଼ିହି (ପାଇକମାଲ), ବରଗଡ଼

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ପାରୁନ ଜମା ଛାଡି



ଅଜୟ କୁମାର ବେହେରା

ମଦୁଆ ବୋଲି ଯେତେ କହିଲେ
କଲ୍ଭ ହେବ ଭାଇ
ମଦ ମୁଁ ପିଏ ନିଜ ଇଚ୍ଛାରେ
କାହାକୁ ଡ଼ାକେ ନାହିଁ।୧।

ନିଶାଟା ମୋର ବଦ ଅଭ୍ୟାସ
ପାରୁନ ଜମା ଛାଡ଼ି
ଯେତେ କହିଲେ କଲ୍ଭ ହେବ
ବୋତଲ ଧରେ ଭିଡ଼ି।୨।

ମୁହିଁ ଯେ ପର୍ ମୁରୁଖ ଟିଏ
ଜାଣିନ କଛି ମୁହିଁ
ଗ୍ଳଆ ଘରେ ର୍ତି କଟଇ
ମୁଠାଏ ଦାନା ପାଇଁ।୩।

ଦେଖିନ କେବେ ବାପା ମାଆଙ୍କୁ
ଭିଟିରେ ମୋର ଘର
ମାଟି ସହିତ ମାଟି ମୁଁ ହୋଇ
ଚଳାଏ ପରିବାର।୪।

ଖଟଣି ମୋର ଅଧିକ ହେଲେ
ଟିକଏ ଦିଏ ପିଇ

ଥକାପଣ ମୋ ଦୂରେଇ ଯାଏ
ଶାନ୍ତି ରେ ଯାଏ ଶୋଇ।୫।

ନିଶାଟା ମୋର ନୁହେଁ ଶୋଉକ
ବେଆଡା ହେବା ପାଇଁ
କହିନ କେବେ ଅକଥା ଯେତେ
ଅନ୍ୟକୁ ମୁହିଁ ଗୃହିଁ।୬।

ଆଜିର ଟୋକା ବୁଝୁନ କଛି
ପିଉଛ ବସି ମଦ
ମନରେ ତୁମ ଭାବନା ନାହିଁ
ଆସିବ କେତେ ଖେଦ।୭।

ବାହାନା କରି ଯାଅ କଲେଜ
ପଢିବା ପାଇଁ ପାଠ
ପାଠ ନାଆଁରେ ଦାରୁ ଖଟିରେ
ହୁଏ ତୁମରି ଭେଟ।୮।

ଭାବୁନ ଥରେ ଗୋଟିଏ କଥା
ଆସିବ କେତେ ଦୁଃଖ
ନଥିବ କଛି ଭାବିବା ପାଇଁ
ସରିବ ସବୁ ସୁଖ।୯।

ସୁଖରେ ସବୁ ପାଖରେ ଥିବେ
କହିବେ କେତେ କଥା
ଦୁଃଖ ବେଳରେ ଛାଡ଼ିସେ ଯିବେ
ବୁଝିବେ ନାହିଁ ବ୍ୟଥା।୧୦।

ମୋରଡ଼ା, ମୟୂରଭଞ୍ଜ

# ଗ୍ରଧା ଘଣ୍ଟି

ଦିନବନ୍ଧୁ ବେଜ

ସମୟ ସ୍ରୋତର ପ୍ରବହମାନ ଗତି ଘଟଣାକୁ ଭସାଇ ନେଇଥିଲେବି ବେଳେ ବେଳେ ସଂଯୋଗର ସନ୍ଧିକ୍ଷଣରେ ଦଣ୍ଡାୟମାନ ହୋଇଯାଏ... ଯେପରି ସପନ ବାବୁ ତାଙ୍କ ପୁଅକୁ ଛାତ୍ରାବାସ ଛାଡିବାକୁ ପୁଅର ବିଦ୍ୟାଳୟ ଅଭିମୁଖେ ବାହାରି ପଡ଼ିଲେ ସତ ମାତ୍ର ଯେଉଁ ସଂଯୋଗ ଘଟିଥିଲା ତାହାର ଅବତରଣାରୁ ଅନୁମେୟ । ଅନେକ ଦିନର ଅନ୍ତର ପରେ, ଗୃରିକାନ୍ଥ ଭିତରୁ ପୁଅ ଅମିତ ବାହାରକୁ ବାହାରି ଆସ୍ୱସ୍ତି ଅନୁଭବ କରୁଥିଲା, ମନେମନେ ଠାକୁରଙ୍କୁ ବଡ଼ ଧନ୍ୟବାଦଟିଏ ଜଣାଇ ବାପାଙ୍କ ମୋଟର ସାଇକଲ ପଛପଟେ ଲଥ କରି ବସି ପଡ଼ିଲା । କାନ୍ଧରେ ଥିଲା ଏୟାର ବେଗ ଏବଂ ହାତରେ ସାନଟାଇଜର ଓ ମୁଖ ମଣ୍ଡଳକୁ ଆବୃତ୍ତ କରିଥିଲା ମାସ୍କ, ମାଆ ବାରବାର ତାଗିଦ କରି କହୁଥିଲେ ଦେଖ ଅମିତ ମାସ୍କ ସାନଟାଇଜର ସର୍ବଦା ବ୍ୟବହାର କରୁଥିବୁ ଧନ । ବାପା କହିଲେ ଯିବା ? ଅମିତ କହିଲା ହଁ ବାପା ଗୃଲନ୍ତୁ ।

ଅମିତ ଦଶମ ଶ୍ରେଣୀ ଛାତ୍ର, ଭଲ ପାଠ ପଢ଼େ, ଦୀର୍ଘ ଦିନ ଘରେ ରହି ଅନଲାଇନରେ କ୍ଲାସ କରୁଥିଲା ମାତ୍ର ବିଦ୍ୟାଳୟ ଖୋଲିବାକୁ ଗୃତକ ପରି ଗୃହିଁ ରହିଥିଲା । ବିଦ୍ୟାଳୟ ଖୋଲିବାର ଖବର ଶୁଣି ଟିକେ ଏକସାଇଟେଡ ହୋଇ ଯାଇଥିଲା କ କଣ ମାଆଙ୍କୁ ପ୍ରଣାମ କରିବା କଥା ଭୁଲି ଯାଇଥିଲା । ବାପାଙ୍କୁ କହିଲା ବାପା ଟିକେ ରୁହ, ଗାଡିରୁ ଓଲ୍ଲାର ମାଆଙ୍କୁ ମୁଣ୍ଡିଆ ମାରିଲା ଅମିତ । ଠାକୁରଙ୍କୁ ପୁଣିଥରେ ନମସ୍କାର କଲା । ସତେକ ମା ସରସ୍ୱତୀଙ୍କୁ ସେ ନିବେଦ କରୁଥିଲା ମା ମୋତେ ଏହି ସ୍ୱଳ୍ପ ଅବିଧି ଭିତରେ ଅନେକ କଛି ଦେଇ ଦିଅ ଯେପରି ବୋର୍ଡ଼ ପରିକ୍ଷାରେ ଭଲ ଫଳ ମିଳବ । ବାପାଙ୍କ ଗାଡି ଗଡିଲାଣି । କେତେ ଉଠାଣି ଗଡ଼ାଣି, ପୋଲଶଙ୍କ, ଗଛଗୁଛା ଓ କ୍ଷେତ ମଧ୍ୟରେ ଥିବା ଗ୍ରସ୍ତା ଅତିକ୍ରମ କରି ବାଇକ ସ୍କୁଲ ଗେଟ ପାଖରେ ଲାଗିଲା । ବାପାଙ୍କର ପରିଚୟ ବିଦ୍ୟାଳୟରେ ବହୁତ ଭଲ । ବାପା ଗାଡିଟିକୁ ଗେଟ ବାହାରେ ଷ୍ଟାଣ୍ଡ ମାରି ଭିତରକୁ ପଶିବା ଆରମ୍ଭ କଲେ ଅମିତ ବି ପଛରେ ଅନୁଧାବନ କଲା । ଅଭିଭାବକଙ୍କ ଘୋଷଣାନାମା ଫର୍ମରେ ଦସ୍ତଖତକରି

ପଢ଼ାରେ ଧ୍ୟାନ ଦେବାକୁ କହି ପୁଅ ମୁଣ୍ଡରେ ହାତ ବୁଲାଇ ସେ କହିଲେ ଅମିତ ତୋ ଉପରେ ମୋର ଭରଷା ଅଛି ତୁ ନିଶ୍ଚିତ ପାରିବୁ । ମୋତେ ଖାଲି ଶ୍ରେଷ୍ଠ ତିନିଜଣଙ୍କ ଭିତରେ ତୋର ନାଁ ଦରକାର । ବାସ, ଏତିକି କହି ବିଦ୍ୟାଳୟ ବାହାରକୁ ବାପା ଚାଲି ଆସିଲେ । ଗାଡି ଷ୍ଟାର୍ଟ ମାରୁ ମାରୁ ନଜର ପଡିଲା ବାଉଣ୍ଡରୀକୁ ଲାଗି ପଡ଼ିଥିବା ଏକ ସାଇକେଲ ଘଣ୍ଟିର ଉପର ଅଂଶ ଉପରେ ।

କିଛି ସମୟ ଠିଆ ହୋଇଗଲା ପରେ ଗାଡି ବୁଲାଇ ଘର ଅଭି ମୁଖେ ବାହାରି ପଡିଲେ ସପନ ବାବୁ । ଗାଡିର ଗତିସହ ଦୃତ ଗତିରେ ତାଙ୍କର ଏକ ପିଲାଦିନର କଥା ମନେ ପଡ଼ିଗଲା ।

ବୋଧେ ନୂଆନୂଆ କଲେଜରେ ପଢୁଥିଲେ ସେତେବେଳେ ସପନବାବୁ । ଅଭାବ ଅନଟନ ପରିବାର ଭିତରେ ବାପା ତାଙ୍କର ନୂଆ ସାଇକେଲଟିଏ ତାଙ୍କୁ ଦେଇପାରି ନଥିଲେ । ଅନେକ ଖୋଜା ଖୋଜି ପରେ ବଡ ଭିଣୋଇଙ୍କ ଗାଁରେ ଜଣେ ସାଇକେଲ ବିକ୍ରି କରିବାର ସୂଚନା ମିଳିଲା । ବାପାଙ୍କ ନିର୍ଦ୍ଦେଶକ୍ରମେ ଭିଣୋଇ ସେ ସାଇକେଲକୁ ଚାରିଶହ ଟଙ୍କାରେ କିଣି ଆଣି ଘରେ ପହଞ୍ଚାଇ ଥିଲେ । ସାଇକେଲ ଥିଲା ୨୪ ଇଞ୍ଚିଆ ଏବଂ ସେଥିରେ ଲାଗିଥିଲା ଚକ ଚକ କରୁଥିବା ରାଧାଘଣ୍ଟି । ଚଳବ..ଗୋଡ଼ ଠିକ ଭାବରେ ପାଉ ନଥିଲେ ବି ଚଳାଇ ନେଇଥିଲେ ସପନ ବାବୁ । କଲେଜ ଯିବାକୁ ଅସୁବିଧା ରହିଲା ନାହିଁ । ଅସୁବିଧା ସେଇଠି ହେଲା ଯେତେବେଳେ ସାଇକେଲରୁ ଘଣ୍ଟିଟି ଗାଏବ ହୋଇଗଲା । ସପନ ବାବୁଙ୍କର ମନ ଦୁଃଖ କହିଲେ ନସରେ । ବାପା ବୋଉଙ୍କୁ କହିଲେ ଗାଳି ଖାଇବ । ନ କହିଲେ ରାସ୍ତାରେ ଯାଆସ କରିବା ପାଇଁ ବଡ଼ ସମସ୍ୟା । ହୃଦୟରେ ପାହାଡ଼ ଲଦି କିଛିଦିନ ଚଳଲେ ସପନ ବାବୁ । ହେଲେ ଯେତେବେଳେ ସେହି ରାଧା ଘଣ୍ଟିକୁ ତାଙ୍କ ସାଙ୍ଗ ରତନ ସାଇକେଲ ହେଣ୍ଡଲରେ ଦେଖିଲେ ବିଶ୍ୱାସ କରି ପାରିଲେନ । ଆରେ ମୋ ଘଣ୍ଟିଟି ତୋ ସାଇକେଲରେ କେମିତି ଆସିଲା ରତନ ? ରତନକୁ ସେଦିନ ପଚାରି ଥିଲେ ସପନ ବାବୁ ।

ପ୍ରତି ଉତ୍ତରରେ ବାଁରେଇ ଦେଇଥିଲା ରତନ । ଏଇଟା ନୂଆଘଣ୍ଟି ମୋ'ବାପା କାଲି ଆଣି ଲଗାଇଛନ୍ତି । ପୃଥିବୀର ସବୁଯାକ ଘଣ୍ଟି ତୋର ନାଇଁରେ । ଏମିତି କେତେ କଥା ଯାହା ଜଣେ ସାଙ୍ଗକୁ ତାଜୁବ କରିଥିଲା ସେଦିନ । ସାଙ୍ଗେସଙ୍ଗେ ଆସି ସପନ ବାବୁ ବାପାଙ୍କ

ପାଖରେ ସମସ୍ତ କଥା କହିଲେ । ବାପା କହିଲେ ଛାଡ଼ ସାମାନ୍ୟ ଗୋଟିଏ ଘଣ୍ଟିଟିଏ ପାଇଁ ମୁଁ କପରି ପଗ୍ଚରିବି । ଏ ସବୁ ଭୁଲିଯା ତୋ ପାଇଁ ଆଉ ଗୋଟିଏ ଘଣ୍ଟି ଆଣିଦେବି । ବୋଉ କନ୍ତୁ ନଛୋଡ଼ ବନ୍ଧା କାଲି ଯାଇ ତା ବାପାକୁ କୁହ ପର ଜିନଷ ଗ୍ଚେରି କରିବା ଭଲ ନୁହେଁ, ପିଲାଙ୍କୁ ନ କହିଲେ ଆଗକୁ ବଡ଼ ବଡ଼ ଗ୍ଚେରି କରିବେ ।

ସେଇଠୁ ବାପା ଯାଇ ତା ବାପାଙ୍କୁ ଏକଥା କହିବାରୁ ତାବାପା ମଧ୍ୟ ରତନ ପକ୍ଷ ନେଇ କହିଲେ ଏବଂ ବାପାଙ୍କୁ ତିରସ୍କାର କଲେ । ବାପା ଉତକ୍ଷିପ୍ତ ହୋଇ ଏହାର ବିଗ୍ଚର ପାଇଁ ଗାଁର ଭଦ୍ରଲୋକ ଡକାଇ ଆଣିଲେ । ବିଗ୍ଚର ବସିଲା । ଶେଷରେ ରତନ ନଜର ଭୂଲ ସ୍ୱିକାର କଲା ଏବଂ ସମସ୍ତଙ୍କ ଆଗରେ ଘଣ୍ଟିକୁ ଫେର୍ଚ୍ଚର ଦେଲା । ପୁଣି ଗ୍ଧା ଘଣ୍ଟା ସପନ ବାବୁଙ୍କ ପୁଅ ସାଇକେଲରେ ଶୋଭ୍ ପାଇଥିଲା ।

କେତେ ଦିନ କେତେ ସପ୍ତାହ କେତେ ମାସ କେତେ ବର୍ଷ ଅତିକ୍ରମ ହୋଇ ଯାଇଛି । ସପନ ବାବୁଙ୍କ ପୁଅ ଆଉ କେତେ ଦିନପରେ କଲେଜ ପଢ଼ିବ । ପୁଅକୁ ମଧ୍ୟ ଗୋଟିଏ ରେସିଂ ସାଇକେଲ କଣି ଦେଇଛନ୍ତି ସପନ ବାବୁ । ଅନେକ ଥର ସାଇକେଲର ଲ୍ଗିଥିବା ଘଣ୍ଟାକୁ ଦେଖିଛନ୍ତି ମାତ୍ର ଅତୀତରେ ଏହି କଥା। କେବେ ମନେ ପଡିନଥିଲା, ଆଜି କନ୍ତୁ ପୁଅ ବିଦ୍ୟାଳୟର ଗେଟ ପାଖରେ ପଡ଼ିଥିବା ଏହି ଘଣ୍ଟିର ଉପର ଭ୍ଗକୁ ଦେଖି ଅତିତ ଘଟଣାବଳୀ ସବୁ ରୋମାନ୍ଥନ ହୋଇଗଲା । ସେତେ ବେଳକୁ ସେ ଘର ଗେଟ ପାଖରେ ପହଞ୍ଚି ସାରିଥିଲେ ଏବଂ ସେଇ ବାଟଦେଇ କଛି ଦଶମ ଶ୍ରେଣୀର ବିଦ୍ୟାର୍ଥୀ ଛାତ୍ର ସାଇକେଲ ଚଲାଇ ଘଣ୍ଟିକୁ ଟନ ଟନ କରି ଗ୍ଚଲିଗଲେ । ଯାହା ସପନ ବାବୁଙ୍କ କାନକୁ କଲେଜ ଯିବା ବେଳର ବାପାଙ୍କ ପ୍ରଦତ୍ତ ସାଇକେଲର ଲ୍ଗିଥିବା ଗ୍ଧାଘଣ୍ଟିର ଅବିକଳ ଶବ୍ଦପରି ଶୁଭିଥିଲା ।

କଅଁଳ ବୟସରେ ଗ୍ଚେରି ଚମାରି ପର ଜିନଷକୁ ହାତ ଉଠାଇବା ଆଦି କାର୍ଯ୍ୟରୁ ପିଲାମାନଙ୍କୁ ସବୁ ଅଭିଭାବକ ନବୃତ କରିବା ସହ ତାର ଭୂଲ କାମ କୁ ସମର୍ଥନ ନକରିବା ପାଇଁ ମନେ ମନେ ଠାକୁରଙ୍କୁ ଜଣାଉ ଜଣାଉ ଗୃହରେ ପ୍ରବେଶ କଲେ ସପନ୍ନ ବାବୁ ।

ବାସୁଦେବପୁର
ଭଦ୍ରକ-୭୫୬୧୨୫

# କେବେ ତୁମେ ଫେରିବ



ଦିନେଶ ମେହେର

ଦେଇ କେତେ ପ୍ରତିଶ୍ରୁତି
ଗ୍ଲଲିଗଲ ମତେ ଏକା କରି।
ଆଜିର ପ୍ରତି ମୁହୂର୍ତ୍ତଟି
ଦଉଛି ଛାତିକୁ ମୋର ଚରି।।

ସେଦିନର ଅଭୁଲା ସ୍ମୃତି
ମନରେ ଖେଳେ ଅପୂର୍ବ ଶିହରଣ।
ତୁମକୁ ଏତେ ଖୋଜୁଛି କାଇଁ
ଜାଣେନା ତାହାରି କାରଣ।।

ପ୍ରିୟା ତୁମ ସେଇ ଗାଁ,
ଗ୍ନନ୍ଦିନୀ ଗ୍ଵତିର ସେହି ଜ୍ୟୋସ୍ନା।
ଆଜି ମତେ ଅପରିଚୟ ଲ୍ଵବି
ପଗ୍ଥରେ ମୋହରି ଠିକଣା।।

କରୁଥିଲ କେତେ ଯେ ପ୍ରତାରଣା
ତଥାପି ସହୁଥିଲି ମନକୁ ବୁଝାଇ।
ଆଜିର ଏଇ ବିରହ ଜ୍ଵାଳାରେ
ଜଳୁଛି ପ୍ରତିକ୍ଷଣେ ମୁହିଁ।।

ତୁମ ଆସିବା ବାଟକୁ ଗୁହିଁଛି ବସି
ଫେରିବ ବୋଲି ବନ୍ଧିଛି ଆଶା।
ତୁମ ବିରହରେ ଆଜି ମୋ ଠାରେ,
ଅକାମୀ ହୁଏ ଦୁନିଆ ର ସବୁ ନିଶା।।

ଜୀବନଟା ଅଚଳ ହୋଇଛି
ତୁମ ବିରହ ପାଇଁ।
ରାତି କୁ କରୁଛି କେତେ ଯେ ଗୁହାରୀ
କ୍ଷଣିକ ନିଦ୍ରା ଦେବା ପାଇଁ।।

ତୁମେ ଗଲାପରେ ଆଜି ମୁଁ ଜାଣିଛି
ପ୍ରେମ ଟା ଯନ୍ତ୍ରଣା ଦାଇ।
ଲାଗୁଛି ମତେ ଆଜି ଯେମିତି
ଜଳୁଛି ମୋହର ଜୁଇ।।

ଜାଣିନି କହି ମୁଁ ତୁମରି ବିନା
ଦେଖିନି କାହାରି ଭାବ।
ମନେ ମନେ ଖାଲି ପଗ୍ଭରୁଛି
ପ୍ରିୟା ! କେବେ ତୁମେ ଫେରିବ।।

ଚର୍ଚ୍ଚେଗୁଡ଼ା ମହାବିଦ୍ୟାଳୟ ଚର୍ଚ୍ଚେଗୁଡ଼ା, କଳାହାଣ୍ଡି

# ଆଗୋ ନୀଳନୟନା



ବିଜୟ କୁମାର ସାହୁ

ଆଗୋ ନୀଳନୟନା
ତେରେଛା ଗୃହାଁଣୀ ତୁମ
ମୋତେ କଲ୍ଣି କମିଆ
ସତରେ ତୁମ ବାଙ୍କ ଗୃହାଁଣୀ
ପୁରୁଷ ବହପ ଦେଉଛି ଭଙ୍ଗି
ପାଇବାକୁ ତୁମ ପରସ
ମନ ହେଉଛି ଉଚ୍ଚାଟ
ସୁଢଳ ଶରୀର ତୁମ
ସତରେ କେତେ ମୁଲାୟମ
ପାଇଛି ଯିଏ ଆନନ୍ଦ ତା କେତେ
ସ୍ୱର୍ଗର ପରୀ ତୁମେ
ଆଗୋ ନୀଳନୟନା
ମନୋହାରିଣୀ ମୃଦୁଭଷିଣୀ
ଗଜଗାମିନୀ କ୍ଷୀଣକଟୀ
କୃଷ୍ଣ କବରୀ ଅଭିସାରିଣୀ
ଅଭିସମ୍ପାତ ଦିଅନା
ମେଘ ବାଦଲରେ ଥାଇ
ଆଉ ଲୁଚକାଳି ଖେଳନା
ଓଢଣୀ ତଳେ ଦରେଖି ଅନା
ଚନ୍ଦ୍ରବଦନା
ଝୀନବସ୍ତ୍ର ତଳ ଶରୀର ବିଭ୍

ଯୋଗୀଜନ ମନ ଭୁଲିଦେବ ସିନା
ହାତଥାରି ଡାକ ତୁମେ
ହେଲେ ମୁଁ ପହଞ୍ଚିପାରେନା
କାରଣଟା ଭରି ସହଜ
ତୁମେ ପରୀ ରାଇଜର
ମୁଁ ଏଇ ମାଟି ମାର
ତଥାପି ହେ ମନୋହାରିଣୀ
ତୁମ ବିହୁନେ ମୁଁ କଆଁ
ଏତେ ବ୍ୟାକୁଳତା (ଅଧୀର)
ପାରୁଛ ଯଦି ଓହ୍ଲାଇଆସ
ପ୍ରତିଛବି ପ୍ରତିବିମ୍ବ ଦେଖାଅନା
ଆଗୋ ନୀଳନୟନା

ବିଜିଗୋଳ

# କରୋନା କାଳେ କାଳିଆ



କୀର୍ତ୍ତି ଦେବୀ

ବିଶ୍ୱ ଦରବାରରେ ଓଡିଶା ମାଟି ଓ ତାର ବିର ସନ୍ତାନ ମାନେ ସଦା ବନ୍ଦନୀୟ । ଉତ୍କଳ କହିଲେ ଓଡିଆ ଜାତି, ଭାଷା, ସଂସ୍କୃତି ପରମ୍ପରା, ଐତିହ୍ୟ – ଏସବୁକୁ ବୁଝାଏ । ଏହି ଉତ୍କଳ ଭୂମିର ଅଗଣିତ ସନ୍ତାନ-ସନ୍ତତିମାନେ ନିଜ ନିଜ ଯଶ, କୀର୍ତ୍ତି, ଖ୍ୟାତି ତଥା ସୁନାମ ପାଇଁ ଅମର ହୋଇ ରହିଛନ୍ତି । ଓଡିଶାରେ ରହି ଆମ ଓଡିଆ ଜାତି ତଥା ଦେଶବିଦେଶରେ ଖ୍ୟାତି ଅର୍ଜ୍ଜନ କରିଥିବା ବ୍ୟକ୍ତିଙ୍କ ସଂଖ୍ୟା ଖୁବ୍ କମ । ଉତ୍କଳର ସୁଯୋଗ୍ୟ ସନ୍ତାନ ଉତ୍କଳମଣି ଗୋପବନ୍ଧୁ ଦାସ ଏହାର ଏକ ବଳିଷ୍ଠ ଉଦାହରଣ । ଏହି ମହାନ ବ୍ୟକ୍ତିଙ୍କ କଥା ଶ୍ରବଣ କରିବା ଏବଂ ତାଙ୍କ ବିଷୟରେ କିଛି ପଠନ କରିବା ବେଳେ ଆମର ମଥା ଆପେ ଆପେ ନଇଁଯାଏ ।

ଶ୍ରଦ୍ଧା ଓ ଧୈର୍ଯ୍ୟ ଥିଲେ ମଣିଷ ସବୁ କଠିନ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଛଘୁଞ୍ଚା ଦିଏନାହିଁ । ଏହି ପରିପ୍ରେକ୍ଷୀରେ କହିବାକୁ ଗଲେ ଗୋପବନ୍ଧୁ ଦାସ ସଦା ଅଗ୍ରଗଣ୍ୟ ଓ ଚୀର ନମସ୍ୟ । ଆଜିର ଆଧୁନିକ ସମାଜରେ ଏପରି ମଣିଷଙ୍କ ଜୀବନଶୈଳୀ, ଦେଶ, ଜାତି ପାଇଁ ପ୍ରେମ, ଗରିବ ଓ ଦୁଃଖି ରଙ୍କିଙ୍କର ସାଥି – ଏସବୁ ଆମ ପାଇଁ ପ୍ରେରଣାର ଉତ୍ସ । ଅଧୁନା ସମାଜର ପ୍ରତ୍ୟେକ ବ୍ୟକ୍ତି ଏହି ମହାନ୍ ବ୍ୟକ୍ତିଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଚାଲିଲେ ନିଶ୍ଚୟ ଆମ ରାଜ୍ୟ ତଥା ଦେଶର ଗୌରବ ବଢି ଚାଲିବ । ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । କହିବାକୁ ଗଲେ ଚାଲିଚଳନ, ବେଶ ପୋଷାକ ଏବଂ ଖାଦ୍ୟପେୟ, ସବୁଥିରେ ଅତ୍ୟନ୍ତ ସରଳ ଓ ସହଜ ମାଧ୍ୟମରେ ଗୋପବନ୍ଧୁ ତାଙ୍କ ଜୀବନାଦର୍ଶ ଗଢିଥିଲେ । ବ୍ୟକ୍ତିଗତ ସୁଖକୁ ଜଳାଞ୍ଜଳି ଦେଇ ସମୂହ ସ୍ୱାର୍ଥ ପାଇଁ ତାଙ୍କର ହୃଦୟର ଦ୍ୱାର ସଦାସର୍ବଦା ଉନ୍ମୁକ୍ତ ଥିଲା। କେହି କେବେ ତାଙ୍କ ପାଖରୁ ଖାଲି ହାତରେ ଫେରିନାହିଁ । ଖାଲି ହାତ କହିଲେ ଖାଦ୍ୟ, ବସ୍ତ୍ର, ପାନୀୟ ଅର୍ଥ ଏବଂ ଦେଶ, ଜାତି, ଭାଷା ପାଇଁ ଉଚିତ ପରାମର୍ଶ – ଏସବୁ ଏକତ୍ର ସଠିକ୍ ଭାବରେ ପରିଚାଳନା

କରୁଥିଲେ । ସେ ଓଡିଆ ଭାଷାକୁ ମାତୃଭୂମି ମାଆ ପରି ସମ୍ମାନ କରୁଥିଲେ । ତାଙ୍କର ଗୋଟିଏ ବାର୍ତ୍ତା ଥିଲା, "ମାତୃଭୂମି ଓ ମାତୃଭାଷାର ଉନ୍ନତି ହେଲେ ହେଁ ଦେଶ, ଜାତିର ଉନ୍ନତି ହେବ । ଗରିବ ଦିନ ଦୁଃଖୀ ଲୋକ ଉପାସରେ ରହିବେ ଯଦି ସେ ଦେଶର ମାତୃଭୂମିର ଉନ୍ନତି ହେବା ଅସମ୍ଭବ ।

ସବୁଠାରୁ ବଡ କଥା ହେଉଛି ଗୋପବନ୍ଧୁଙ୍କର ବନ୍ଧୁବତ୍ସଳତା । ସେ ଏବଂ ତାଙ୍କ ସମକାଳୀନ ସମସ୍ତ ବ୍ୟକ୍ତିଙ୍କ ମଧ୍ୟରେ ତାଙ୍କର ଉତ୍ତମ ବୁଝାମଣା ଥିଲା । ଯାହା ଫଳରେ ଛୋଟ ବଡ ସମସ୍ୟାର ସମାଧାନ ହେବା ପାଇଁ ଅଧିକ ସମୟ ଦରକାର ପଡୁନଥିଲା । ତାଙ୍କ ମତରେ ସଂଘବଦ୍ଧ ହୋଇ ଶୃଙ୍ଖଳାର ସହିତ କାର୍ଯ୍ୟ କଲେ ମନୁଷ୍ୟ ନିଶ୍ଚୟ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବ । ଏହା ସୁନିଶ୍ଚିତ । କେବଳ ଧୈର୍ଯ୍ୟର ସହିତ ସମୟକୁ ଅପେକ୍ଷା କରିବାକୁ ପଡିବ ।

ଆଜିର ଆଧୁନିକ ସମାଜରେ ବସବାସ କରୁଥିବା ଲୋକମାନେ ଉପରୋକ୍ତ ସମସ୍ତ ତଥ୍ୟକୁ ଭୁଲିଯାଇ କେବଳ ବ୍ୟକ୍ତିଗତ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ପ୍ରତ୍ୟେକ ବ୍ୟକ୍ତି ଯଦି ନିଜ ନିଜ ଦେଶ, ଜାତି, ଭାଷାର ସର୍ବାଙ୍ଗୀନ ଉନ୍ନତି ଦେଖିବାକୁ ଚାହାଁନ୍ତି, ତାହାହେଲେ, ଗୋପବନ୍ଧୁଙ୍କ ଭଳି ଜୀବନାଦର୍ଶରେ ପରିଚାଳିତ ହେବା ଉଚିତ । ଗୋପବନ୍ଧୁ କର୍ମ କରିବା ଓ ତାକୁ ସୁଚାରୁରୂପେ ପରିଚାଳିତ କରିବାକୁ ଅଧିକ ଗୁରୁତ୍ତ୍ୱ ଦେଉଥିଲେ । କର୍ମର ଜୟଗାନ କରି ସେ କହିଛନ୍ତି:

"କାପୁରୁଷ ପରି ମରିବା ଜଗତେ ନୁହେଁ ନର ପଉରୁଷ
ପରହିତ ସାଧି ମରେ ଯେ ମହୀରେ ସେହି ଏକ ସୁପୁରୁଷ ।
ମାନବ ଜୀବନ ନୁହଇ କେବଳ ବର୍ଷ ମାସ ଦିନ ଦଣ୍ଡ,
କର୍ମେ ଜୀଏଁ ନର; କର୍ମ ଏକା ତାର ଜୀବନର ମାନଦଣ୍ଡ" ।

ସେହି ନିସ୍ୱାର୍ଥ କର୍ମ ହିଁ ତାଙ୍କୁ ଆଜି ଜଣେ ମହାନ ଜନନାୟକ ରୂପେ ପରିଚାଳିତ କରିଛି । ପରିଶେଷରେ ଏତିକି କୁହାଯାଇ ପାରେ ଯେ ସେ ହେଉଛନ୍ତି ମୂଲ୍ୟବାନ ଧାତୁ ଯଥା ରୂପା, ସୁନା, ଚାନ୍ଦି, ମଣିମୁକ୍ତା ଠାରୁ ମଧ୍ୟ ଅଧିକ ମୂଲ୍ୟବାନ ।

ସେଥିପାଇଁ "ଉତ୍କଳମଣି" ଉପାଧିଟି ତାଙ୍କ ପାଇଁ ପ୍ରଜୁଜ୍ୟ । ସେହି ଉତ୍କଳମଣି ଗୋପବନ୍ଧୁ ଦାସ ଆସି ନାହାନ୍ତି ସତ, କନ୍ତୁ ତାଙ୍କର କର୍ମ, ଯଶ, ଖ୍ୟାତି, ସାହାଯ୍ୟ ସାହିତ୍ୟ, ରାଜନୀତି ପାଇଁ ସେ ସର୍ବଦା ଆମ ପାଖରେ ଅମର ହୋଇ ରହିଛନ୍ତି । ବର୍ତ୍ତମାନ ବି ଓଡିଶା, ବା ଓଡିଶା ବାହାରେ ଯେଉଁଠାରେ ବାତ୍ୟା, ବନ୍ୟା, ମରୁଡି ପରିଲକ୍ଷିତ ହୁଏ, ସେଠାରେ ଲୋକମାନେ ଆଜି ବି ତାଙ୍କ ନାମ ସ୍ମରଣ କରନ୍ତି ।

ସିଭିଲ୍ ଟାଉନ୍ ସିପ୍, ରାଉଲକେଲା

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **10** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /

editor.vedantimagazine@gmail.com

ହ୍ୱାଟସଆପ୍ ନଂ-9594993733

# ବାଟ



ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀ

ଦୂର ଦିଗ୍ ବଳୟ ଟପି ଲମ୍ବିଥାଏ
ବାଟ ଲକ୍ଷ୍ୟ ସ୍ଥଳ ଆଡ଼କୁ, ମସୃଣ
ଚକ୍କଣ ଅବା ବନ୍ଧୁର କଠିନ, ପୁଣି
କେବେ କଣ୍ଟକତ ଆଚ୍ଛାଦିତ  ଶତ
କଣ୍ଟାର କର୍କଶ  ଛାଉଣୀରେ
କେବେ ପୁଣି କଏ ପାରି ଦିଏ ଫୁଲର
ଗା ଲିଗ୍ଧ, ବାଟୋଇ କୁ ଗ୍ଲଲିବାକୁ ହୁଏ
ଆରମ୍ଭରୁ ଶେଷ ଯାଏ, ଶେଷରୁ ପୁଣି
ଆରମ୍ଭ ହୁଏ, ବାଟ ତ ଅସରା, ଜନ୍ମ ଜନ୍ମାନ୍ତର।।

ବାଟ ହସେ ଖୋଲା ହସ ମନ ଖୋଲି
ବାଟୋଇ ହସିଲେ, ଖୋଲି ଯାଏ ତା
ହୃଦୟର ରୁଦ୍ଧ ଦ୍ୱାର ଯେବେ ବାଟୋଇର
ସୁନେଲି ସପନ କଆରୀରେ ଆଶାର
ସୁରୁଜ ବୁଣେ ସୁଖର ମୁରୁଜ।।

ବାଟ କାନ୍ଦେ ବାହୁନ ବାହୁନ
ଯେବେ ବାଟୋଇ ଆଖିରୁ ଝରେ
ଲୁହର ଶ୍ରାବଣ, ସପନ ଭଙ୍ଗେ,
ସୁରୁଜ ବୁଡେ, ଘେରିଯାଏ ଘନ
ଅନ୍ଧାରର ଆସ୍ତରଣ ବାଟୋଇ
ଜୀବନ ପରିଧିରେ

ବାଟ ଭିଜେ ବାଟୋଇର ଲୁହର
ବନ୍ୟାରେ।।

ବାଟ! ତା ପାଖରେ ନାହିଁ
ଭେଦଭାବ, ସମଭାବେ ସଭିଙ୍କୁ
ଆପଣେଇ ନଏ, କୋଳେଇ ନଏ,
ତା ଭାଗ୍ୟରେ ତ ଲେଖା ଶତ ଶତ
ପାଦର ଆଘାତ, ଅସୀମ ଧୈର୍ଯ୍ୟ
ର ଗନ୍ତାଘର, ହଉ ରାଜାର ପଟୁଆର
ପାତ୍ର ମନ୍ତ୍ରୀ ପାରିଷଦ ମେଳେ
ଅବା ନତାନ୍ତ ଏକୁଟିଆ ଟଳଟଳ
ପାଦ ଯୋଡିଏ, ହଉ ଘର ଲେଉଟାଣି
ଯାତ୍ରା ଅବା ଶେଷ ଯାତ୍ରା, ସବୁ ଘଟେ
ତାରି ଛାତିରେ, କେବେ ହସେ କେବେ
କାନ୍ଦେ ଲୁହ ଝାରେ,ପର୍ାର୍ଥ ପାଇଁ
ସେ ସମର୍ପିତ, ସେ ବାଟ, ବାଟୋଇ ତା
ଆପଣାର କେହି ଜଣେ।।

ଶିକ୍ଷୟିତ୍ରୀ    କେନ୍ଦ୍ରାପଡ଼ା

# ତୁମେ ଗଲ୍‌ପରେ



ଅନାମ ଚରଣ ସାହୁ

ତୁମେ ଥିଲ ଯେବେ ମଳୟ ସମୀର
ଶିହରଣେ ତନୁ ମନ
ଭୁଲି ଯାଇଥିଲି ଜୀବନ ଯାତନା
ସୁଖେ କଟୁଥିଲ୍ ଦିନ ।
ରଙ୍ଗ ବେରଙ୍ଗର ସୁମନ ସମ୍ଭାର
ନେତ୍ରେ ପ୍ରତିବିମ୍ବ ଦେଖି
କଲମ ମୁନରେ ରୂପ ଆଙ୍କିଥିଲି
ହୃଦୟ କବିତା ଲେଖି ।
ବଢିଥିଲ୍ ମୋର ବଞ୍ଚିବାର ମୋହ
ତୁମେ ସାଥେ ଥିବ ରହି
ଅଗଣାରେ ଥିବ ତୁମରି ବାସନା
ପାଶେ ନଥିଲେବି କେହି ।
ସେ ସପନ ଏବେ ହେଲ୍ ପାଣିଗାର
ତୁମେ ଗଲ ଯେବେ ଛାଡ଼ି
ହୃଦ ଦେଶ ମୋର ଲ୍‌ଗେ ଏବେ ଶୂନ୍ୟ
ତୁମ କଥା ଶୁଣି ପଢି ।
ତୁମେ ଦେଇଥିବା ଛୋଟ ସେହି ଆଶା
ଏବେବି ଭର୍‌ ମୋ ମନେ
ବାଣ୍ଟି ଗ୍ଲୁଥିବି ଅସାର ସଂସାରେ
ରହିଥିବି ଯେତେ ଦିନେ ।

ବିଭୂତିପୁର, କାକଟପୁର, ପୁରୀ

# ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷ



କୌସ୍ତୁଭ ଜାଲ

"ବର୍ଷାଣାଂ ଭାରତଃ ଶ୍ରେଷ୍ଠ " "ଯାହା ନାହିଁ ଭାରତେ ତାହା ନାହିଁ ଜଗତେ " । " ଭାରତ ମାତା "ଏ ମଧୁର ଭାବ୍ ସମ୍ବୋଧନ ଶୁଣି ହୃଦୟ ଦ୍ରବିଭୁତ ହୋଇଯାଏ ଏବଂ ମଥା ଗର୍ବରେ ଫୁଲି ଉଠେ । ଏ ମହାନ୍ ସମ୍ମାନ ର ଅଧିକାର କେବଳ ହିଁ କେବଳ "ଭାରତବର୍ଷ" କୁ ମିଳଛି ସମଗ୍ର ଧରାଧାମରେ । ଏହା ହେଉଛି ସାଧନାର ଭୁଇଁ, ବାକି ସମସ୍ତ ଦେଶ ଭୋଗ ଭୂମି । ଏଠାକାର ମାଟିମାଟି ନୁହେଁ, ଚନ୍ଦନ ଅଟେ । ପାଣି ପାଣି ନୁହେଁ, ଅମୃତ ଅଟେ । ଏଠାକାର ସନ୍ତାନ ସନ୍ତତି, ଦେବତା ଓ ଦେବୀଙ୍କ ସ୍ୱରୁପ ଅଟନ୍ତି ।

ଏହିଭଳି ଶକ୍ତିମୟୀ, ବାତ୍ସଲ୍ୟମୟୀ, କରୁଣାମୟୀ ବୀର ପ୍ରସବିନୀ ଭାରତ ମାତାର କୋଳମଣ୍ଡନ କଲେ ଦୁଇ ଜଣ ସୁଯୋଗ୍ୟ ସନ୍ତାନ । ଯାହାଙ୍କ ଯୋଗୁଁ ସମଗ୍ର ପୃଥିବୀର କୋଣ ଅନୁକୋଣରେ ଭାରତର ଜୟଧ୍ୱନୀ ଝଙ୍କୃତ ହୁଏ । ଜଣେ ଶାସ୍ତ୍ରଜ୍ଞ । ସେ ହେଉଛନ୍ତି ସ୍ୱାମୀ ବିବେକାନନ୍ଦ ଆଉ ଜଣେ ଶସ୍ତ୍ରଜ୍ଞ । ସେ ହେଉଛନ୍ତି ନେତାଜୀ ସୁଭାଷ ଚନ୍ଦ୍ର ବୋଷ । ଏହି କ୍ରାନ୍ତିକାରୀ ପୁରୁଷଦ୍ୱୟ ନଜର ଅସାଧାରଣ ଦକ୍ଷତା ବଳରେ ସମଗ୍ର ବିଶ୍ୱରେ ଜନ ପ୍ରାଣକୁଜିଣି ପାରିଥିଲେ ।

ଭାରତର ସ୍ୱାଧୀନତା ପୂର୍ବରୁ ଇଂରେଜ ମାନଙ୍କୁ କେବଳ ହିଁ କେବଳ ଜଣେ ବ୍ୟକ୍ତି ବିପଦଥିଲେ ଏବଂ ସେ ହେଉଛନ୍ତି କ୍ରାନ୍ତୀକାରୀ ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷ । ଏ କଥା ଜଣେ ବ୍ରିଟିଶ ଉଚ୍ଚ ପଦାଧିକାରୀ 'ଏଟ୍ଲି' ସ୍ୱୀକାର କରିଥିଲେ । ଉନବିଂଶ ଶତାବ୍ଦୀର ସୂର୍ଯ୍ୟ ଅସ୍ତାଚଳକୁ ପ୍ରବେଶ କରିବାକୁ ଆଉ ତିନ ପାଦମାତ୍ର ଥିଲା। ସେତେବେଳେ ସମଗ୍ର ଭାରତରେ ବ୍ରିଟିଶ ହୁକୁମତ୍ ର ପ୍ରବଳ ଅତ୍ୟାଗ୍ରରେ ହାହାକାର ପଡ଼ିଯାଉଥିଲା ।ନା କୌଣସି ଆଜାଦୀର ସ୍ୱର ଗୁଞ୍ଜନ ହେଉ ଥିଲା, ନା କୌଣସି 'ଇନକଲାବ ଜିନ୍ଦାବାଦ' ର ଆହ୍ୱାନ ଶୁଣାଯାଉଥିଲା । ଏଭଳ ଦୁର୍ଦ୍ଦିନରେ ଆମ ଓଡିଶାର କଟକ ଠାରେ ୧୮୯୭ ଜାନୁୟାରୀ ୨୩ ତାରିଖରେ ଜଣେ ବିଚକ୍ଷଣ କାଳଜୟୀ ବାଳକର ଆବିର୍ଭାବ ହେଲା । ନାମ

ଥିଲା ସୁଭାଷ ଚନ୍ଦ୍ର ବୋଷ । ମାତାଙ୍କ ନାମ ପ୍ରଭାବତୀ ଦେବୀ ଓ ପିତା ଜାନକୀ ନାଥ ବୋଷ । ବାଲ୍ୟକାଳରୁ ସେ ରାଷ୍ଟ୍ରପ୍ରେମୀ ଏବଂ ପ୍ରବଳ ସାହସୀ ଥିଲେ । ମାତାପିତାଙ୍କ ଠାରୁ ମଧ୍ୟ ସେ ରାଷ୍ଟ୍ର ପ୍ରେମକୁ ସର୍ବଶ୍ରେଷ୍ଠ ମନେ କରୁଥିଲେ । କୌଣସି ସ୍ଥାନରେ ଇଂରେଜମାନଙ୍କ ଅତ୍ୟାଚାର ଦେଖିଲେ ସେ ସେମାନଙ୍କୁ ସେମାନଙ୍କ ଭାଷାରେ ଜବାବ୍ ଦେଉଥିଲେ ।

ଗାନ୍ଧିଜୀ ଏବଂ ନେତାଜୀଙ୍କ ମଧ୍ୟରେ ଏହି ଫରକ ଥିଲା । ଗାନ୍ଧୀ ଅହିଂସା ବଳରେ ସ୍ୱାଧୀନତା ଆଣିବା ପାଇଁ ସ୍ୱପ୍ନ ଦେଖୁଥିଲେ ଏବଂ ନେତାଜୀ ସାମ, ଦାନ, ଦଣ୍ଡ ଭେଦ ଯେକୌଣସି ଉପାୟରେ ଦେଶକୁ ଆଜାଦୀ ଦେବାର ସ୍ୱପ୍ନ ଦେଖୁଥିଲେ । ସେ ଦେଶର ଶତ୍ରୁକୁ ଶତ୍ରୁ ରୂପେ ଦେଖୁଥିଲେ । ଏହି କାରଣରୁ ଆଇ.ସି.ଏସ୍ ପ୍ରାପ୍ତ ହୋଇ ମଧ୍ୟ ସେହି ପଦବୀରୁ ତ୍ୟାଗପତ୍ର ଦେଇଥିଲେ ଏବଂ ଦେଶକୁ ମୁକ୍ତି କରିବା ପାଇଁ ନିଜକୁ ସମର୍ପଣ କରି ଦେଲେ ଏବଂ ଆରମ୍ଭ କଲେ ରାଜନୈତିକ ଜୀବନ ଜାତୀୟ କଂଗ୍ରେସ ରେ ଯୋଗ ଦେଇ । ୧୯୩୯ ରେ ଜାତୀୟ କଂଗ୍ରେସର ଅଧ୍ୟକ୍ଷ ଭାବେ ନିର୍ବାଚିତ ହେଲେ କିନ୍ତୁ ତାଙ୍କର ଏହି ବିଜୟରେ ମହାତ୍ମା ଗାନ୍ଧୀ ଅସନ୍ତୁଷ୍ଟ ହେଲେ ଏବଂ ଲୋକେ ମଧ୍ୟ ତାଙ୍କୁ ଗାନ୍ଧୀ ବିରୋଧି କହିବାକୁ ଲାଗିବାରୁ ସେ ଅଧ୍ୟକ୍ଷ ପଦରୁ ତ୍ୟାଗପତ୍ର ଦେଇ ନିଜର ମାର୍ଗ ଅଲଗା କରି ମୁକ୍ତି ସଂଗ୍ରାମ ଆରମ୍ଭ କରିଦେଲେ । ଲୋକେ ଆଦରରେ ତାଙ୍କୁ ନେତାଜୀ ରୂପେ ସମ୍ବୋଧନ କରିବାକୁ ଲାଗିଲେ ତାଙ୍କର ଜନପ୍ରିୟତା ଦେଖି ବ୍ରିଟିଶ ସରକାର ତାଙ୍କୁ ନଜର ବନ୍ଦୀ କରି ରଖିଲା । କିନ୍ତୁ କୁଟନୀତିରେ ଚାଣକ୍ୟ ଭଳି ଧୁରନ୍ଧର ନେତାଜୀଇଂରେଜ ମାନଙ୍କ ଆଖିରେ ଧୂଳି ଦେଇ ତାଙ୍କର ଜଣେ ବନ୍ଧୁଙ୍କ ସହାୟତାରେ ଜର୍ମାନୀ କୁ ପଳାଇଗଲେ । ସେଠାରେ ସେ ହିଟଲର୍ ସହିତ ସାକ୍ଷାତ କରି ଭାରତୀୟ ସୈନ୍ୟ କୁ ମୁକ୍ତ କରି ଜାପାନ କୁ ଚାଲି ଆସିଲେ । ସେଠାରେ ବନ୍ଦୀ ଥିବା ସୈନ୍ୟମାନଙ୍କୁ ମୁକ୍ତ କରି ଜାପାନ ସରକାର ଙ୍କ ସହାୟତାରେ ୧୯୪୩ ରେ ରାଜବିହାରୀ ବୋଷଙ୍କ ସହ ମିଶି ଆଜାଦ ହିନ୍ଦ ଫୌଜ ଗଠନ କଲେ ।ସେଠାରେ ସେ "ଚଲୋ ଦିଲ୍ଲୀ" ସ୍ଲୋଗାନ ଦେଇଥିଲେ । "ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି "ଏହି କ୍ରାନ୍ତିକାରୀ ସ୍ୱର ସମସ୍ତଙ୍କୁ ଦେଶ ପ୍ରେମରେ ଉଦବୁଦ୍ଧ କରିଥିଲା । ଏହାର ପରିଣାମ ସ୍ୱରୂପ ସମସ୍ତେ ମାତୃଭୂମିକୁ ମୁକ୍ତି କରିବା ପାଇଁ ପ୍ରତିଜ୍ଞା କରି ଭାରତ ଅଭିମୁଖେ ଅଗ୍ରସର ହେଲେ । ତାଙ୍କର ପରାକ୍ରମ ନିକଟରେ ଇଂରେଜ

ମାନେ ଧରାଶାୟୀ ହୋଇ ପଡ଼ିଲେ ଏବଂ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପାଇଁ ବିଗ୍ରହ କରିବାକୁ ଲାଗିଲେ ।

ସୁବାଷ ବୋଷଙ୍କ ନେତୃତ୍ୱରେ କୋହିମା ଠାରେ ସ୍ୱାଧୀନତାର ଜାତୀୟ ପତାକା ଉତ୍ତୋଳନ କରିଥିଲେ । କିନ୍ତୁ ଦୁଃଖର କଥା ଏହି ଅବସରରେ ଚାଲୁଥିବା ଦ୍ୱିତୀୟ ବିଶ୍ୱଯୁଦ୍ଧ ରେ ଜାପାନ କୁ ସାହାଯ୍ୟ କରିବା ପାଇଁ ଯାଉଥିବା ସମୟରେ ତାଙ୍କର ବିମାନ ଦୁର୍ଘଟଣାଗ୍ରସ୍ତ ହେଲା ଏବଂ ନେତାଜୀଙ୍କ ମୃତ୍ୟୁ ହେଇଥିଲା ବୋଲି କୁହାଯାଏ ମାତ୍ର ଏକଥା କେତେ ଦୂର ସତ ଏହା ପ୍ରମାଣିତ ହୋଇପାରିନାହିଁ । ଏ ଘଟଣା ବିଶ୍ୱ ଇତିହାସରେ ଆଜି ପର୍ଯ୍ୟନ୍ତ ରହସ୍ୟ ହୋଇ ଯାଇଛି । କୁହାଯାଏ କି ଜୀବିତ ଅଥବା ମୃତ ଅବସ୍ଥାରେ ନେତାଜୀଙ୍କୁ ଇଂରେଜ ସରକାରଙ୍କୁ ସମର୍ପଣ କରିବାକୁ ନେହେରୁ ସର୍ତ୍ତ କରିଥିଲେ । ସେଥିପାଇଁ ନେତାଜୀ ରହସ୍ୟମୟ ଭାବେ ଆତ୍ମ ଗୋପନ କରି ରହିଗଲେ । କିନ୍ତୁ ଏହା ମଧ୍ୟ କେତେଦୂର ସତ ସମୟ ଉତ୍ତର ଦେବ । ସେ ଯାହା ହେଉ ଭାରତ ମାତାର ମୁକ୍ତି ପାଇଁ ତାଙ୍କର ବୀରତ୍ୱର ଗାଥା ପ୍ରତ୍ୟେକ ଭାରତୀୟ ଙ୍କୁ ରାଷ୍ଟ୍ର ପ୍ରେମରେ ଉଦ୍‌ବୁଦ୍ଧ କରୁଛି । ତାଙ୍କର ଏଇ ମହାନ କର୍ମ ପାଇଁ ସେ ଚିର ଅମର । ଭାରତ ମାତାର ସେହି ବୀର ସନ୍ତାନଙ୍କ ଜନ୍ମଦିନ ଅବସରରେ ଅଶେଷ ଅଶେଷ ଶ୍ରଦ୍ଧା ସୁମନ ଅର୍ପଣ କରୁଛି ।

ଜୟ ହିନ୍ଦ୍, ଜୟ ଭାରତ

ଡୁଡୁକା, ବଲାଙ୍ଗୀର

# କୁହୁଡ଼ି

ପ୍ରବୋଧ କୁମାର ହୋତା

ଚାହିଁଦେଲେ ପରିବେଶ ଧୂମାୟିତ ଦିଶେ
ଟପଟାପ୍ ଝାରିପଡେ କାକରର ବିନ୍ଦୁ
ସତେଅବା ଘେରିଅଛି ମାୟାଜାଲ ଗୋଟେ
ଭୟଲାଗେ ସନ୍ଧିକ୍ଷଣ, କବଳତ ସିନ୍ଧୁ ।

ବିପଦ ଆପଦ ଦୃଶ୍ୟ ଦୃଶ୍ୟାନ୍ତର ହୁଏ
କୁହୁଡି ଯେ ଛାଡେନାହିଁ ଚାଲିବାର ବାଟ
ସ୍ୱପ୍ନସବୁ ଭାସିବୁଲେ ଅବସୋସ ନେଇ
କେମିତି ଯେ ପାରିହେବି ଜୀବନର ଘାଟ ।

ଅନ୍ଧାରରେ ଝରିପଡେ କୋମଳାଙ୍ଗୀ ଝିଅ
'ଝରାଫୁଲ', 'ପରୀ' ପୁଣି ଗାଁ ରାଜଜେମା
ରକ୍ଷକ ଯେ ବୁଭୁକ୍ଷୁଟେ ସଂସ୍କୃତିକୁ ଭୁଲି
ପାଶବିକ ଆଚରଇ ଦିଏନାହିଁ କ୍ଷମା ।

ଅହିଂସାର ରାଜପଥେ ହିଂସା ରଚେ ଖେଳ
ଆଶାୟୀ ଯେ ଚାଷୀକୁଳ ବଦନାମ୍ ହୁଏ
ତ୍ରିରଙ୍ଗା ଉଡୁଥାଏ ସାମ୍ୟ ଗୀତ ଗାଇ
କୁହୁଡ଼ି ଯେ ଅପ୍ରକାଶ୍ୟେ ନିନ୍ଦା ବୋଲୁଥାଏ ।

କହି କ ପାରିବ ବନ୍ଧୁ କାହାର ଏ ଦୋଷ
ହାତେ ମାପି ଗ୍ଲଲିଲେ ବି ଝୁଣ୍ଟିବାକୁ ପଡେ
ପାରେନାହିଁ ବୁଝି ବୋଲି କୂହୁଡିକୁ ଥରେ
ଅସହାୟ ମଣିଷଟେ କାନ୍ଦେ ର୍‌ାସ୍ତା କଡେ ।

ବିଭାଗୀୟ ମୁଖ୍ୟ ବାଣିଜ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର
ଭୁବନେଶ୍ୱର

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ନିଜକୁ ପଚାର



ନୂତନ କୁମାର ବେହେରା

ତୁମେ ଦୁଃଖରେ ଥାଅ କି ସୁଖରେ ଥାଅ
ଯେମିତି ବି ରହୁଥାଅ ଏ ସଂସାରରେ
ଚାହିଁଛ କି ତାର କାରଣ କିଛି ଜାଣିବାକୁ...
ସୁଖରେ ଥିଲେ ତ ତାର ପ୍ରଶ୍ନ ଉଠେ ନାହିଁ
ଦୁଃଖରେ ଥିଲେ ହୁଅ କେବଳ ଅସ୍ତବ୍ୟସ୍ତ
ଯା'ର ତାର ଦେଖି ଗୋଡାଣିଆଁ ହୁଅ
ଅନ୍ୟ ଉପରେ ସଦା ଭରସା କରି।
ମନ୍ଦିର ମସଜିଦ୍ ଗିର୍ଜା ଗୁରୁଦ୍ୱାର ଯାଅ
ଖାଲି ପଚାରି ବୁଝ କେଉଁଟା ସୁଖର ବାଟ...
ବୁଝନା ସେ ବାଟରେ ଯିବାକୁ ହେଲେ
କେତେ କଷ୍ଟ ଯନ୍ତ୍ରଣା ସହିବାକୁ ହୁଏ
କଠୋର ସାଧନାର କି ବ୍ରତ ପାଳିବାକୁ ହେବ ?
ତୁମେ ଖୋଜୁଥିବା ଉତ୍ତର ଭିତରେ
ଶୁଣିବାକୁ ପାଅ ନାନା ମୁନିଙ୍କର ନାନା ମତ
ନିଜ ନିଜ ଜ୍ଞାନର ପରିଧି ଭିତରେ ରହି
କୁହନ୍ତି ଅନୁଭବ ଅଭିଜ୍ଞତାରୁ ସମସ୍ତେ
ଠିକ୍ କି ଭୁଲ୍ ନ କରି ତର୍ଜମା କି ସମୀକ୍ଷା
ହୋଇଯାଅ ତୁମେ ଅନୁସରଣକାରୀ।
ଅନୁସରଣ କରିବା କିଛି ଭୁଲ୍ କଥା ନୁହେଁ

ଭୁଲ୍ କୁ ଅନୁସରଣ କରିବାଟା ହିଁ ଭୁଲ୍
ସ୍ୱଭାବରେ ତ ମଣିଷ ଅନୁକରଣ ପ୍ରିୟ
ସେ ଅନୁକରଣରୁ ହିଁ ସମାଜର କ୍ରମବିକାଶ
ମାତ୍ର ତୁମର ଭୁଲ୍ ହୁଏ ସେତେବେଳେ
କିଛି ହୃଦବୋଧ ନ କରି କଲେ ଅନ୍ଧବିଶ୍ୱାସ ।
ଏ ଦୁନିଆଁର ଦାଣ୍ଡରେ ପ୍ରତ୍ୟେକେ ସ୍ୱତନ୍ତ୍ର
ଏକ ଅନନ୍ୟ ପ୍ରତିଭାର ଅଧିକାରୀ
ବ୍ୟଷ୍ଟିକୁ ନେଇ ସମଷ୍ଟି ମଧ୍ୟରେ ସମନ୍ୱୟ
ନିଜ ନିଜର ଶ୍ରମ ଶକ୍ତି ବଳେ ହୁଏ ସାଧ
ଏକ ବିରାଟ ବୃକ୍ଷର ଛାୟା ତଳେ ଆଉ ଏକ
ବିରାଟ ବୃକ୍ଷ ମୁଣ୍ଡ ଟେକିବା ଯେପରି ଅସମ୍ଭବ
ସେମିତି ନିଜ ଉଦ୍ୟମ ପ୍ରଚେଷ୍ଟା ବିନା
ନ ସହି ପ୍ରାକୃତିକ ପ୍ରଭାବର ସମସ୍ତ ପ୍ରତିକୂଳ
କେହି ହୋଇ ପାରେନା ଆତ୍ମନିର୍ଭରଶୀଳ ।
ଏ ସୃଷ୍ଟିର ଚିରନ୍ତନ ନିୟମ ବିଧିର ଅଖଣ୍ଡ ବିଧାନ
ନ କରିବା ଯାଏଁ ଜଣେ ତାହା ପ୍ରତିପାଦନ
ପୂର୍ଣ୍ଣ ହୁଏନା କିଛି ରହିଥାଏ ସର୍ବଦା ଶୂନ
ମନରେ ଉଙ୍କି ମାରେ ଖାଲି ନାନା ପ୍ରଶ୍ନ
ଚବିଶ ଗୁରୁଙ୍କଠାରୁ ଅନେକ ଶିକ୍ଷା ଲଭି ଉର୍ଦ୍ଧବ
ପଚାରି ଥିଲେ ଶ୍ରୀକୃଷ୍ଣଙ୍କୁ ସୃଷ୍ଟିର ତତ୍ତ୍ୱଭାବ
ଅମୃତ ବାଣୀରେ ପ୍ରଭୁ କହିଥିଲେ ବୁଝାଇ
" ଆପଣା ମନ ମଧ୍ୟେ ଗୁରୁ,
ଉର୍ଦ୍ଧବ କେତେ ହେଁ ପଚାରୁ"।
ଜଟିଳ ସମସ୍ୟାରେ ପଡି ହୁଏ ଜଣେ ବିବଶ
ସେ ଖୋଜେ ଯଦି ତାର ସଠିକ ଉତ୍ତର
ମନ କେବେ ସହଜରେ କରେନା ସ୍ୱୀକାର ।
ନିଜ ଜୀବନର ମନ ପ୍ରାଣ ଆତ୍ମା ତ୍ରିଦେବ

ଅନ୍ତର ଭିତରେ ସଦା ସର୍ବଦା ବିଦ୍ୟମାନ
ନ ମିଳଲେ ଯେ କୌଣସି ପ୍ରଶ୍ନର ଠିକ୍ ଉତ୍ତର
ମନ ବୁଝିବା ଯାଏଁ ବାରମ୍ବାର ନଜକୁ ପଗ୍ଚର
ଉତ୍ତର ଆସିବ ନଷ୍ଟେ ଯାହା ହେଉଛି ହେବ
ସେ ସୁଫଳ କୁଫଳ ଯେତେ ସବୁ ତୁମ କର୍ମର।

ବାରିପଦା, ମୟୂରଭଞ୍ଜ

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଅଚହ୍ନା ବନ୍ଧନ

## (ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ଜାତି, ବର୍ଣ୍ଣ, ଭେଦ, ନିର୍ବିଶେଷରେ ସମସ୍ତେ ଗୋଟିଏ ମା ର ସନ୍ତାନ ଚିତ୍କାର କରୁଥିବାବେଳେ ଜାତିଆଣ ଭାବ ବିରାଟ ଯୁଦ୍ଧ କୁହୁଳ କୁହୁଳ ସମସ୍ତିଙ୍କୁ ପ୍ରତି ହିଂସାମୟ କରିଦେଉଛି । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ ଆଦି ଅନେକ ନିଜ ନିଜ ଧର୍ମର ବଡିମା ବାଢି ରକ୍ତାକ୍ତ ହେବାକୁ ଲାଗିଛନ୍ତି । ଥରେ ବି ଦେଖୁନାହାନ୍ତି ଯେ ଜନ୍ମ ପରେ ମୃତ୍ୟୁ ସତ୍ୟ ତାପରେ ସବୁ ପର । ପରନ୍ତୁ ଅନ୍ୟାୟ କରିବାରେ ଲାଗି ପଡିଥାନ୍ତି । ଦ୍ୱାପରର କଂସ କଥା କୁହନ୍ତୁ କି ଦୁର୍ଯ୍ୟୋଧନ କଥା କୁହନ୍ତୁ । ଏମାନେ କଣ.... ଗଲାବେଳେ ସାଙ୍ଗରେ ନେଇ ଯାଇଥିଲେ । ନା ତ୍ରେତା ଯୁଗର ରାବଣ ମରିଗଲା ପରେ କିଛି ନେଇ କରି ଯାଇଥିଲେ । ଏମିତି ବି ତାଙ୍କ ପ୍ରାଣପ୍ରିୟା ସ୍ତ୍ରୀ ମଧ୍ୟ ତାଙ୍କ ସାନଭାଇକୁ ବିବାହ କରିଥିଲେ । ତା ହେଲେ ଆମ୍ଭମାନଙ୍କ ବିତରେ କାହିଁକି ଝଡ ସୃଷ୍ଟି କରି ମଣିଷ ଜୀବନକୁ ନର୍କଗାମୀ କରିବାକୁ ଚେଷ୍ଟା କରୁଛେ । ଯେଉଁଠାରେ ଅଶାନ୍ତିର ନର୍କ ଯନ୍ତ୍ରଣା ସବୁ ମୁହୂର୍ତ୍ତକୁ ଉତ୍ୟକ୍ତ କରି ବିଶୃଙ୍ଖଳତ କରିଦେଇଥାଏ । ଦ୍ୱାପର ଯୁଗରେ କଂସ ନିଜର ପିତାଙ୍କୁ ମଧ୍ୟ କ୍ଷମା ଦେଇ ନଥିଲେ । ଗୋଟେ ବିରାଟ ମଦ୍ୟପ ହୋଇ କାମନାସକ୍ତ ପୁରୁଷତ୍ୱକୁ ବିଳାସ ବ୍ୟସନରେ ଉପଭୋଗ କରିବାକୁ ଅନେକ ଧନଜୀବନକୁ ବଳି ପକାଇ ଦେଇଥିଲେ । ପିତାମାତା ପରି ଦେବତାଙ୍କୁ ନିଜର ଚାକରଠାରୁ ବି ହୀନମନ୍ୟତା ପ୍ରଦର୍ଶନ କରିଥିଲେ । ଯାହା ତାଙ୍କର ସର୍ବସ୍ୱ ଧ୍ୱଂସ ହୋଇଯାଇଥିଲା । ସ୍ୱୟଂ ଭଗବାନ ସହି ପାରିନଥିଲେ କଂସ ମାମୁଁଙ୍କର ଅତ୍ୟାଚାରକୁ । ମାନବ ଶରୀର ଧାରଣ କରି ସମାପ୍ତ କରିଦେଲେ । କଳି ଯୁଗରେ ଦେଖନ୍ତୁ କେତେ ମହାନ୍ ବ୍ୟକ୍ତିତ୍ୱ ଅନେକ ଅନ୍ୟାୟ ଅତ୍ୟାଚାର ଭିତରେ ସଂସ୍କାର, ଧର୍ମର ପ୍ରତିଷ୍ଠା ପାଇଁ ଲଢେଇ କରିଆସୁଛନ୍ତି । ହେଲେ ଅତ୍ୟାଚାର ବଢି ଚାଲିଛି । କେବେ ତାର ସୀମା ଶେଷ ହେବ କିଏ

ଜାଣିଛି**?** ଅନେକ ଆଇନ୍ କାନୁନ୍ ଥିବା ସତ୍ୱେ ବିଚ୍ ରସ୍ତା**,** ଚଳନ୍ତା ଗାଡିରେ ଆସି କୁସଂସ୍କାର ଜାହିର କରୁଛନ୍ତି । ଅନେକ ବଡ ବଡ ପାହ୍ୟାରେ ଥିବା ବ୍ୟକ୍ତିତ୍ୱଙ୍କର ଅର୍ଥର ଲମ୍ବାହାତ ସେମାନଙ୍କୁ ଏମିତି କରିବାରେ ସହଯୋଗ କରୁଛି । କେତେକ ଆଇନ ରକ୍ଷକ ମାନେ ବି ଆଇନ୍ କଣ ରକ୍ଷା କରିବେ କାମୁକ ଭକ୍ଷକ ହୋଇ କଳୁଷିତ କରିବାରେ ଲାଗୁପଡିଛନ୍ତି । ଅନେକ ଶିକ୍ଷା ଆଗେଇବା ସତ୍ତ୍ୱେ ବି ପ୍ଲାଟଫର୍ମରେ କୁକୁର ସହିତ ଆଜିର ମଣିଷ ଶୋଇରହିଛି । ଦେଖିଲେ ଦେହ ଟାଙ୍କୁରି ଉଠୁଛି । ସତରେ କଣ ଆମ୍ଭେମାନେ ଉପଯୁକ୍ତ ଶିକ୍ଷା ଲାଭ କରିଛେ । ଦେଖିଲେ ଦେହ ଟାଙ୍କୁରି ଉଠୁଛି । ସତରେ କଣ ଆମ୍ଭେମାନେ ଉପଯୁକ୍ତ ଶିକ୍ଷା ଲାଭ କରିଛେ**?** ନା ମିଛ ଆଇନ୍ ତିଆରି କରି ଗରିବର ରକ୍ତ ପିଇ ଭୋଗବିଳାସରେ ନିଜତ୍ୱ ହଜାଇ ଦେଇଛେ**?** ପ୍ରତିଦିନ ଖବରକାଗଜ ଲେଉଟେଇଲେ ଦେଖାଯାଏ ଅନେକ ନାରୀଙ୍କର **.......** ଚିତ୍ର । ଅନେକ ସନ୍ତାନମାନଙ୍କର ପିତାମାତାଙ୍କ ପ୍ରତି ଅତ୍ୟାଚାର ପୃଷ୍ଠଭୂମି । କେତେକ କନ୍ୟା ପ୍ରତି ଅବିଚାର**,** ଆଉ କେତେ ଜଣ ନାରୀ ଗାନ୍ଧାରୀ ସାଜି ନିଜ ପିଲାର ବଡିମା ସୃଷ୍ଟି କରିଛନ୍ତି । ସନ୍ତାନ ପ୍ରୀତିରେ ଅନ୍ଧ ହୋଇ ଖରାପ କାର୍ଯ୍ୟରେ ଆଗେଇବାର ଦେଖି ମଧ୍ୟ ଆଖି ବନ୍ଦ କରି ଦେଇଥାନ୍ତି । କୁସଂସ୍କାରକୁ ଆପଣେଇ ନିଜ ସନ୍ତାନର ଭବିଷ୍ୟତ ନଷ୍ଟ କରିବା ସହିତ ସମାଜକୁ କଳୁଷିତ କରିପକାନ୍ତି । ଆଉ କେତେଜଣ ଅତ୍ୟାଧୁନିକତାର ପରିଚୟ ବାଢନ୍ତି ନିଜ ଚରିତ୍ରକୁ ଚିତ୍ରିତ କରି ।

ଏହା ଭିତରେ ଚରିତ୍ରକୁ ଆଖି ସାମନାରେ ରଖି ଥରିଉଠିଲା ଗୀତା । ଜଗନ ସହିତ ତାର ମିଳନକୁ ଏ ସମାଜ କେମିତି ଗ୍ରହଣ କରିବ । ଜଗନ ଯଦି ମତେ ଧୋକା ଦେବେ ଛୋଟ ଜାତିର ବୋଲି**!** ଜଗନର ଘର ଲୋକମାନେ ଗ୍ରହଣ କରିବେ ତ**!** ମୁଣ୍ଡ ଘୂରେଇ ଦେଉଥାଏ ଗୀତାର । ମନେ ମନେ ଭଗବାନଙ୍କୁ ପ୍ରାର୍ଥନା କରୁଥାଏ ଅନେକ ପ୍ରଶ୍ନକୁ ଧରି । ଜଗନଙ୍କ ସହିତ ଦେଖାକରିବା ତ ଦୂରକଥା ବହୁଦିନ ହେଲା କଥା ହେଉନାହାନ୍ତି । ବହୁତ କଷ୍ଟ ଲାଗୁଛି । ମୁଁ କଣ ପାପ କରିଛି କି ପ୍ରଭୁ**?** କାହିଁକି ମୋ ଜୀବନକୁ ଦୋ ଛକରେ ଛିଡା କରେଇ ଦେଇଛ । ବହୁବାର ବିଶ୍ୱାସ ସରି ଆସିଲାଣି । ଜଗନଙ୍କୁ ମୋ କଥା କହିବାପରେ କିଛିବି ଉତ୍ତର ଦେଲେନି**,** ବରଂ ସମୟ ନାହିଁ କହି ଫୋନ କାଟିଦେଲେ । ଲମ୍ବା ପ୍ରତିଶ୍ରୁତି

ସବୁ କଣ ମିଛ ଥିଲା । ଆଖିର ଲୁହ ଗୁଡାକ ଟୁପ୍ ଟାପ୍ ଝରିପଡୁଥିଲେ । ପାଦ ଟଳମଳ ଲାଗୁଥିଲା । ବିକଳ କ୍ରୋଧକୁ ଚାପିଧରି ଭଗବାନଙ୍କୁ ଅଭିମାନ ବାଢୁଥିଲା ଗୀତା । ହଠାତ୍ ବିଚନ୍ଦ୍ର କଥାରେ ଚମକ ପଡିଲା ଗୀତା ।

ହଁ, ଭାଉଜ ମୁଁ ଆସୁଛି । ବିଚନ୍ଦ୍ର କହିଲା ।

ହଁ, ହଁ....ଆମ ଘରକୁ ଆସିବ ନିଶ୍ଚୟ ।

ସେ ଜମାରୁ ଭଲ ଲୋକ ନୁହଁ । ରାମସିଂ ର ଝିଅ ତାଙ୍କ ଘରେ କାମ କରୁଥିଲା । ପନ୍ଦର ବର୍ଷର ଝିଅଟା ମାଆ ତାର ତା ପାପାଙ୍କୁ ଛାଡି ଆଉ ଜଣଙ୍କ ସାଥିରେ ଚାଲିଗଲା । ବାପଟା ହାଣ୍ଡିଆ ପିଇ ପାଗଳ ପରି ହଉଛି । ତିନ ତିନଟା ପିଲା । ଦୁଇଟି ଝିଅ ଗୋଟେ ପୁଅ । ପୁଅଟି ମିସ୍ତ୍ରି କାମ କରୁଛି । ଝିଅ ଦୁଇଟି ପରପାଇଟି କରନ୍ତି । ଦିନେ ଘର କେହି ନଥିବାର ଦେଖି ରାମସିଂ ର ବଡଝିଅକୁ ଧର୍ଷଣ କରି ଭୁବନେଶ୍ୱର ପଳାଇଗଲା । ଗାଁ ଲୋକେମାନେ ମିଶି ତାକୁ ପୋଲିସ ରେ ଦେଲେ । ହେଲେ ଦିନ କେଇଟାରେ ତା ବାପା ପଇସା ଦେଇ ନେଇ ଆସିଲେ । ସବୁ ହାକମ ତାଙ୍କର ଚହ୍ଲା । ଏବେ ଆ ଘର, ତା ଘର ହଉଛି ।

ମନ୍ଦିର ଭିତରକୁ ଯାଇ, ପୂଜା କରି ଦିଅନ୍ତୁ ନନା ।

ଆଜି ତୋ ଭାଇ ଆସିନକ ଗୀତା ।

ନା ..... ।

ତୋ ମନ ଦୁଃଖ ଦୁଃଖ ଲାଗୁଛି । କଣ ହୋଇଛି କ ଆଜି? ତୁ ଅନ୍ୟମନସ୍କ ଲାଗୁଛୁ । ପୁଅ ପଛରେ ଭାଉଜ ଆଉ ଦୋକାନକୁ ଚାଲି ଯାଇଛନ୍ତି । ଗୀତା ସବୁକଥା ନନାଙ୍କୁ କହିଛି । ତା ମାଆ ସବୁବେଳେ ନନା ପାଖରେ ଗୁହାରି କରେ । ସବୁଦିନ ମନ୍ଦିର ଦର୍ଶନ ପାଇଁ ଆସିଥାଏ । ଦେହ ଅସୁସ୍ଥ ହେବା ସମୟରେ ବହୁତ କାକୁତି ମିନତି ହୋଇ କହେ ନନା.....

ମୁଁ ମରିଗଲେ ପିଲାମାନଙ୍କୁ ଟିକେ ଦେଖୁଥିବ ।

ହଁ ସବୁ ତାଙ୍କରି କରୁଣା ।

ଗୀତା ବି ଛୋଟ ବେଳୁ ସବୁକଥା ନନାଙ୍କୁ କହିଆସିଛି । ଏମିତିବି ଜଗନ କଥା ମଧ୍ୟ । ନନାଙ୍କର ବି ବହୁତ ପସନ୍ଦ । ସିଦ୍ଧେଶ୍ୱର ବାବୁ ଗୋଟେ ମହାନ୍ ବ୍ୟକ୍ତିତ୍ୱ ତାଙ୍କର ବୋହୂ ହେବା ସୌଭାଗ୍ୟରେ ଥିଲେ ମିଳେ ।

ହଁ ନନା, ଆଉ ଭଲ ଲାଗୁନ ।

ବାନ୍ତି ଲାଗିଲା ଗୀତାକୁ, ପାଟିରେ ହାତ ଦେଇ ଉଠିଗଲା ।

ଆରେ କଣ ହୋଇଛି । ଆଜି କଣ କଛି ଖାଇନାହୁଁ କି? ଭେଗ ଖାଇଦେଲୁ, ଗ୍ୟାସ ହୋଇଯାଇଥିବ ।

ନାଇଁ ଯେ... ...

ଭେ ଭେ କାନ୍ଦି ପକାଇଲା ଗୀତା । ସବୁ ଜାଣି ନେଲେ ନନା ଯେମିତି ।

ଆରେ ଏମିତି କାହିଁକି କଲୁରେ । ସମାଜ କଣ ତତେ କ୍ଷମା କରିବ ।

ଭାଉଜ କହିଲେ ଗୀତା ପୂଜା ସରିଲା । ଏ ପୁଅ ରଖେଇ ଦେବନ । ବହୁତ କଷ୍ଟ ହେଉଛି । ଚାଲ ଘରକୁ ଯିବା ।

ହଁ ଭାଉଜ ।

ବିଚରା ଦୁଃଖୀଟା, ମାଆ ତ ନାହିଁ । ବାପା ମଦ ପିଇବି ବୋଲୁଛି, ଭାଇ ସ୍ତ୍ରୀ କଥାରେ ଉଠବସ ହେଉଛି । ଏ ହତଭାଗୀର କଣ ହେବ କେଜାଣି? ସବୁ ସେହି ଶ୍ରୀ ଜଗନ୍ନାଥଙ୍କ ଇଚ୍ଛା ।

ସଞ୍ଜୁ ଗତ ସପ୍ତାହରେ ଭୁବନେଶ୍ୱର ଯାଇଥିଲା । ସେ କହୁଥିଲା ଜଗନକୁ ଗୋଟେ ପାର୍କରେ ଦେଖିଥିଲା । କେତେ ଜଣ ଝିଅ ବନ୍ଧୁ ଚହିତ । ବହୁତ ସୁନ୍ଦର ଦେଖାଯାଉଛନ୍ତି ଜଗନ

କୁଆଡେ । ହଁ, ଭୁବନେଶ୍ୱର ପୁଣି ବଡ କମ୍ପାନୀ । ସଞ୍ଜୁକୁ ଦେଖି କଥା ହେଲେନ କାହିଁକ? ଗୀତାର ସାଙ୍ଗ ଜାଣିଲା ପରେ ବି.. ।ମନ ଭିତରେ ଅନେକ ପ୍ରଶ୍ନ ପିଟି ହେଉଥାଏ । କାଲି ମନ୍ଦିର ପାଖରେ ଜଗନଙ୍କର ମାଆ ଦେଖା ହୋଇଥିଲେ । ସେ କହୁଥିଲେ ଜଗନ ଦୁର୍ଗାପୂଜାକୁ ଆସିବେ । ଦୀର୍ଘଶ୍ୱାସ ଛାଡିଲା ଗୀତା । ଝରକା ବାଟେ ପଦାକୁ ଦେଖୁଥାଏ । ଅନେକ ଅନ୍ଧାର ଅଛି । ହେଲେ ଆଉ ନିଦ ଲାଗୁନାହିଁ । ମନରେ ବିଷର୍ଣ୍ଣତା ପଶୁଛି, ଟିକଏ ବୁଲିବାକୁ ଇଚ୍ଛା ହେଉଛି । କାଳେ ଭାଉଜ ଉଠି ପଡିବେ ଡର ଲାଗୁଛି । ଅନ୍ଧାର ଭିତରେ ପଦାକୁ ଆସିଲା ଗୀତା । ଚାରିଆଡେ ଶୁନଶାନ୍, ଜହ୍ନର ଶୀତଳ ଜ୍ୟୋସ୍ନା ଦେହକୁ ଛୁଇଁ ଯାଉଥାଏ । ଆଖିରେ ଅନେକ ପ୍ରସ୍ନର ଭୟ, ସନ୍ଦେହର ଲୁଚକାଳି ଖେଳୁଥାନ୍ତି । ମଝିରେ ମଝିରେ ଛାତି ବି ଥରି ଉଠୁଥାଏ ।

କଏ କଏ?

ଏତେ ରାତିରେ.....

ବାପା ଭଗିଆ ଉଠିଆସିଲେ । ଚମକପଡିଲା ଗୀତା, ବାପା ! କଣ କହିଦେବେ ଭାବି ତରତର ହୋଇ ଭିତରକୁ ଚାଲିଯାଉଥିଲା ।

କଣ ହୋଇଛି ଗୀତା? ତୁ ଆଜି ବହୁତ ଦୁଃଖୀ ଲାଗୁଛୁ । ରାତିଟାରେ ବାହାରେ ବୁଲୁଛୁ । ମତେ କହ କଣ ହୋଇଛି? ମୁଁ ମଦୁଆ ହୋଇପାରେ, ହେଲେ ମୁଁ ତୋ ବାପାରେ । ମୋ ପାଖକୁ ଟିକଏ ଆସେ । କଣ ତୋ ବାଉଜ ତତେ ଗାଳି କରିଛି କି?

ନାଇଁ ବାପା.....

ଏମିତି ଭଲ ଲାଇଲାନି ତ ! ବାହାରେ ବୁଲୁଛି । ବାପାଙ୍କ ପାଖରେ ବସିପଡିଲା ଗୀତା । ଆଖିରୁ ତାର ଲୁହଗୁଡାକ ଝରଣା ପରି ଝରି ପଡୁଥାଏ । ଆରେ କଣ ହୋଇଛି? ତୋ ଆଖିରେ ଏତେ ଦରଦ ର ଲୁହ । କଣ ମାଆ କଥା ମନେପଡୁଛି କି? କୋଳରେ ମୁଣ୍ଡ ରଖି ଆଉଁସୁ ଆଉଁସୁ ବଗିଆ କହିଲା ତୋ ମାଆ ମତେ ଛାଡି ଚାଲିଗଲା । ମୁଁ ଗୋଟେ ମଦୁଆଟେ ।

କଏ ବା ଭରସା କରିବ । ତୁ ବି କାହିଁକ କରିବୁ ଯେ? ବାପ ବୋଲି ତ କେବେ ତୋତେ ଖୁସି ଦେଇନାହିଁ । ଛୋଟ ପିଲାଙ୍କୁ ପାଠ ପଢେଇ ନିଜେ ପଢିଛୁ । ଆଖିରେ ଲୁହ ଜାକ ଆସିଲା । ଏଇ ମଦ ତୁମମାନଙ୍କ ପାଖରୁ ଦୂରେଇ ନେଇଛି ।

ନାଇଁ ବାପା ।

ମୁଁ ଜାଣିଛି, ମଦ ଭିତରେ ଆମ୍ଭମାନଙ୍କୁ ଖୋଜୁଥାଅ । ରାତିରେ କନ୍ଥା ଘୋଡେଇ ଦିଅ । ମାମୁଁ ଘରେ ରହି ବୋଲହାକ କରି ବଡ ହେଲି । ଭାଇ ପାଠ ସାରି ଚାକରି କଲା । ଗୀତା ପୁଣି ବାନ୍ତି କରିବାକୁ ଉଠିଗଲା ।

ବଗିଆ କହିଲା, କଣ ହୋଇଛି ଗୀତା? ମତେ କିଛି ଲୁଚାଉଚୁ କି?

ଗୀତା ଭେ ଭେ କରି କାନ୍ଦି ପକାଇଲା । ମତେ କିଛି ପଚାରନାହିଁ ବାପା । ମୁଁ କିଛି କହିପାରିବି ନାହିଁ ।

ଠିକ୍ ଅଛି ମା, ହେଲେ ତୁ ଏତେ କାନ୍ଦୁଛୁ କାହିଁକ କହିଲେ ସିନା ଜାଣିବି?

ଭିତରୁ ଭାଉଜଙ୍କ ଉଠିବା ଶବ୍ଦ ଶୁଣି ଗୀତା ନିଜ ଶୋଇବା ଘରକୁ ଚାଲିଗଲା । ଭଗିଆ ସ୍ଥାଣୁ ହୋଇ ବସି ରହିଥାଏ । କିଛି ତ ହୋଇଛି । ଗୀତା କାନ୍ଦୁଛି କାହିଁକ?

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର, ଟାଙ୍ଗୀ, କଟକ – ୭୫୪୦୨୨
ଭ୍ରାମ୍ୟଭାଷ – ୯୯୩୭୩୪୭୩୧୮

# ସିଏ ସବୁ କେନ୍ଦ୍ର ବିନ୍ଦୁ

ପ୍ରଣତି ମହାପାତ୍ର

ଭବର ଠାକୁର ଭବଡୋରେ ବନ୍ଧା
ସେହି ପରା ଦୀନବନ୍ଧୁ,
ଭକତ ବତ୍ସଳ ଦୀନ ଦୁଃଖ ହାରୀ
ନାମ ବହି କୃପାସିନ୍ଧୁ।

ଗତିମୁକ୍ତି ଦାତା ସେ ଭାଗ୍ୟ ବିଧାତା
କରୁଣାର ମହାସିନ୍ଧୁ,
ଅନାଥନାଥ କୋଟି କୈବଲ୍ୟନାଥ
ସେହି ପରା ଜଗବନ୍ଧୁ ।

କରି କରାଉଛି ତାରୁଛି ମାରୁଛି
ସିଏ ସବୁ କେନ୍ଦ୍ର ବିନ୍ଦୁ।
ତା ପ୍ରେମ ଡୋରିରେ ବାନ୍ଧି ରଖିଅଛି
ସିଏ ନୀଳାଚଳ ବନ୍ଧୁ।

ବାଲେଶ୍ୱର

# ରେ ସ୍ୱପ୍ନ



ନେପାଳ କୁମାର ବେହେରା

ରେ ସ୍ୱପ୍ନ !
ଆ.. ଆ.. ।
ଶୋଇଛି ମୁଁ
ନଘୋଡ଼୍ ନଦରେ.....

ଥରେ ମୋ ମନ ବଗିଗ୍ଚରେ
ପ୍ରଜାପତିଟେ ହେଇଯା...
ଘୁରିବୁଲ୍ ଅଳସ ଦେହରେ..
ମଖେଇ ଦେ ରଂଗତୋର
ରଂଗିନ୍ କରିଯା ମତେ ....

ବାସ୍ !ରହିଲି
ତୋ ଅପେକ୍ଷାରେ ...

ଜାମୁଖୋଲ, କନ୍ଧମାଳ

# ସର୍ତ୍ତ



ତପସ୍ୱିନୀ ଷଡଙ୍ଗୀ

ରାସ୍ତାରେ ଇତସ୍ତତଃ ହୋଇ ବୁଲି ଭିକ୍ଷା ମାଗିବା ବେଳେ ଅଟକଗଲା ଶୁଭାଙ୍ଗୀ । ଆଠ ରୁ ନଅ ବର୍ଷର ବାଳକା ଟିକୁ କଛି ଲୋକ ଟେକା ପଥର ପକାଉଛନ୍ତି। ଏହି ଦୃଶ୍ୟ ଦେଖି ବରଫ ପରି ତରଳ ଗଲା ଶୁଭାଙ୍ଗୀ ର ହୃଦୟ । ଭିଡ଼ ଆଡେଇ ଝିଅଟି ପାଖରେ ପହଞ୍ଚି ଦେଖେ ତ ଲୁହ ଲହୁ ରେ ଝିଅ ଟି ଜର୍ଜରିତ। କୋହ ଭରା ଭୟ ମିଶ୍ରିତ ଚାହାଣୀ ରେ ଚାହିଁ ରହିଛି। ଶୁଭାଙ୍ଗୀ ଜାଣି ପାରିଲେ ଝିଅଟି ପାଗଳ। ଭିଡ଼ ଭିତରୁ ଝିଅ କୁ ନେଇ ଆସିଲେ ନଜ ନ8ସଙ୍ଗ ଜୀବନର ସହଚାରୀ କରିବା ନମନ୍ତେ। କନ୍ନର ଶରୀର ପାଇଥିବାରୁ ପରିବାର ଓ ସମାଜର ତାଡନା ପରେ ତାଙ୍କର ଏକା ରହିବା ଛଡା ଅନ୍ୟ ଉପାୟ ନଥିଲା। ଶୁଭମ ଦାଶ ରୁ ଶୁଭାଙ୍ଗୀ ବନଯାଇଥିଲେ ସେ। ଦୁଇ ବର୍ଷ ଧରି ଝିଅ ଟିର ସେବା ଶୁଶ୍ରୁଷା କରିବା ପରେ ଝିଅ ଟିର ମା ହୋଇଯାଇଥିଲେ ସେ। ମାତୃତ୍ୱ ସଲୀଳ ରେ ଧୌତ ହୋଇଥିଲା ତାଙ୍କ ହୃଦୟ।ପାଠ ପଢେଇ ବଡ଼ ମଣିଷ କରିବା ଥିଲା ତାଙ୍କ ସ୍ୱପ୍ନ।

ତା ମିଠା ମିଠା କଥା ଶୁଣି ମନ ଭରିଯାଉଥିଲା ତାଙ୍କର। ତାର ନାଁ ପ୍ରାଚୀ ରଖିଲେ। ମା ଝିଅଙ୍କ ଭିତରେ ସର୍ତ୍ତ ଥିଲା ପ୍ରାଚୀ ତାଙ୍କୁ କେବେ ଛାଡ଼ିକ ଯିବନ। ପ୍ରାଚୀ ମଧ ତାଙ୍କୁ ଖୁବ ସମ୍ମାନ ଓ ସ୍ନେହ କରୁଥିଲା। ଦିନେ ବିଦ୍ୟାଳୟ ରୁ ଫେରିବା ବାଟରେ ପ୍ରାଚୀର ଦୁର୍ଘଟଣା ଘଟିଲା। ସ୍ଥାନୀୟ ଚକତ୍ସାଳୟ ରେ ପ୍ରାଚୀକୁ ଚକତ୍ସା କରାଇଲେ ଶୁଭାଙ୍ଗୀ ଦେବୀ। ଦୁର୍ଘଟଣା ରେ ପ୍ରାଚୀର ମୁଣ୍ଡ ଠିକ ହୋଇଥିଲା ଓ ସେହି ଚକତ୍ସାଳୟ ରେ ଥିବା ଜଣେ ଡାକ୍ତର ଙ୍କର ଝିଅ ଥିଲା ସେ।ସବୁ ମାନେପଡିଯାଇଥିଲା ପ୍ରାଚୀର। ସୁସ୍ଥ ହେବା ପରେ ନାଁ ଶୁଭାଙ୍ଗୀ ଦେବୀ

ଙ୍କୁ ଚହ୍ନି ପାରିଲ୍ ନାଁ ତାଙ୍କ ମାତୃତ୍ୱ କୁ ବାସ ଯେବେ ଶୁଭାଙ୍ଗୀ ଦେବୀ ସ୍ନେହରେ ପ୍ରାଚୀ ମୁଣ୍ଡରେ ହାତ ରଖିଲେ ପ୍ରାଚୀର ବାପା କହି ଆସିଲେ କନ୍ନର କଣ କେବେ ମା ହୁଏ। ଅଟକଗଲେ ଶୁଭାଙ୍ଗୀ ଦେବୀ । ମା ଙ୍କ ଠାରୁ ୧୦୦ଟଙ୍କିଆ ନୋଟ ଟିଏ ଆଣି ଶୁଭାଙ୍ଗୀ ଦେବୀ ଙ୍କ ହାତରେ ଧରେଇ ଦେଲ୍ ପ୍ରାଚୀ।ସବୁ ସର୍ତ୍ତ ପାଣି ଫୋଟକା ପରି ମିଳେଇ ଯାଇଥିଲ୍।ଲୁହ ଭରି ଆଖିରେ ଶୁଭାଙ୍ଗୀ ଦେବୀ ନୋଟ ଟିକୁ ଧରି ତାଙ୍କ ନସର୍ତ୍ତ ପ୍ରେମର ଅଶ୍ରୁ ଗଡାଉଥିଲେ।

ଆଏଣ୍ଡା, ଅସୁରେଶ୍ୱର, କଟକ

“ବେଦାନ୍ତୀ” ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲ୍ vedantimagazine@gmail.com and editor.vedantimagazine@gmail.com

# ତୁମର ହାତଲେଖା ଚିଠି.......



ପ୍ରଦୀପ୍ତ କୁମାର ସାହୁ

କେବେ ଶେଷ ଯାଏ ପଢ଼ିପାରିନ
ତୁମର ହାତଲେଖା ଚିଠି
ସାରିବା ଆଗରୁ ଲୁହରେ ଭିଜିଯାଏ
ତୁମର ହାତଲେଖା ଚିଠି।

ଜାଣିନ ଆଖି ତଳେ ଥିବା ସମୁଦ୍ର
କେତେବେଳେ କୂଳ ଲଙ୍ଘିଯାଏ,
ପତା ଡେଇଁ ଭିଜେଇଦିଏ।
ଝାପ୍ସା ଦିଶେ ତୁମ ମୁହଁ, ଅକ୍ଷରବି।
କୋହରେ ଭରିଦିଏ ଦେହ, ମନ, ପ୍ରାଣ
ତୁମର ହାତଲେଖା ଚିଠି।

କେବେ କେବେ ବହୁତ ମନେପଡେ
ସ୍ମୃତି ସବୁ ଧର୍‌ଦିଅନ୍ତି ହାତ ପାଆନ୍ତାରେ।
ଗୃରିପାଖ ବାସ୍ନାୟୀତ ହୋଇଯାଏ,
ତୁମରି ବାସ୍ନାରେ।
ତୁମରି ପ୍ରିୟ ପର୍ଫ୍ୟୁମ୍, ଯାହାକୁ ଆଜି ଯାଏ ସାଇତି ରଖିଛି,
ତୁମର ହାତଲେଖା ଚିଠି।

ଏମିତି ଦିନେ ଦୂରେଇ ଗଲେ,
ପରସ୍ପରଠୁ ଏକ ଅଶୁଭ ଘଡିରେ।
ପଛରେ ରହିଗଲା ଏକ ଅଭୁଲା ଅତୀତ,
ଘର କରି ହୃଦୟ ଭିତରେ।
ବିଦାୟର ମୂହୁର୍ତ୍ତ ଆଜି ବି କ୍ଷତାକ୍ତ କରେ
ଯେବେ ପୁଣି ଥରେ ପଢିବାକୁ ଚେଷ୍ଟାକରେ,
ତୁମର ହାତଲେଖା ଚଠି।

ସ୍ୱପ୍ନ ସବୁ ପଡିଛି ଘୁମେଇ କବର ଭିତରେ।
ହେଲେ ସ୍ମୃତିସବୁ ଏବେବି ଜୀବନ୍ତ
ଏ ପରିଣତ ବୟସରେ।
ଅତୀତର ଦିନ ସବୁ କେତେ ଆପଣାର,
ସଯେଇଛି ଜତ୍ନରେ ଆଖି ପଲକରେ।
ହେଲେ ଆଜିକାଲି ବିନା
ଚଷମାରେ ପଢି ହୁଏନା,
ତୁମର ହାତଲେଖା ଚଠି।

କେବେ କେବେ ଭାରି ଇଛାହୁଏ,
ଉତ୍ତର ଦେବାକୁ ତୁମର ପ୍ରତିଟି ଚଠିର।
କ ଉତ୍ତର ଦେବି କାହାକୁବା ଦେବି?
ନା ଅଛି ଠିକଣା ତୁମର,
ନା ଅଛି ତୁମ ଖବର।
ସବୁ କଛି ଜଳଗଲା ପରେ,
ସବୁ କଛି ହଜିଗଲା ପରେ
ବାକ ଯାହା ଅଛି
ତୁମର ହାତଲେଖା ଚଠି।

ବନ୍ଦ ଅଛି କେବେଠୁଁ
ସେହି ଜଙ୍ଗଲଗା ପୁରୁଣା ଟ୍ରଙ୍କରେ,
ତଳ ଷ୍ଟୋର ରୁମରେ,
ଏକ ଭଙ୍ଗା ତାଲାର ସୁରକ୍ଷାରେ।
ଏତେ ଶୂନ୍ୟତାରେ
ସେହିତ ପୂର୍ଣତା
ମୋ ପ୍ରେମର ସାର୍ଥକତା
ତୁମର ହାତଲେଖା ଚିଠି।

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଇଂରାଜୀ ଛୁଆ



ରୁଦ୍ର ନାରାୟଣ ଦାଶ

ସୁଟ୍ ବୁଟ୍ ଟାଇ ପିନ୍ଧା ପାଠପଢୁଆ ଟୋକା ଚଢ଼ିଉଠିଲେ ବସ ଭିତରକୁ ବେପରୁଆ ଭାବେ। ବୋଧହୁଏ ସେମାନେ ସେ ପାଖ ଇଂରାଜୀ ବିଦ୍ୟାଳୟରେ ପଢୁଥିଲେ। ତାଙ୍କ ସହ ସର୍ଟ ଫ୍ରକ୍ ପିନ୍ଧା କଛି ଝିଅ ମଧ୍ୟ ଚଢ଼ିଆସିଲେ ବସ ଭିତରକୁ। ବେଶଭୂଷାରୁ ବଡ଼ଲୋକିଆ ଝିଅ, ଏହା ଆମ୍ଭେ ସହଜରେ ଅନୁମାନ କକପାରୁଥିଲୁ। ବସରେ ଫାଙ୍କା ଥିବା ପଛ ସିଟରେ ବସିଗଲେ ସେମାନେ ଚଳଚ୍ଚିତ୍ରର ନାୟକ ନାୟିକା ପରି ପାଖାପାଖି। ଅଶ୍ଳୀଳ ଇଂରାଜୀ ଭାଷାର ପ୍ରୟୋଗ ସେମାନଙ୍କର ନଶା ହୋଇଯାଇଥିଲା; ଯାହା ତାଙ୍କ କଥାବାର୍ତ୍ତାରୁ ସ୍ପଷ୍ଟ ରୂପେ ବାରିହୋଇ ପାରୁଥିଲୁ। ନଶାର ମାଧୁର୍ଯ୍ୟରେ ମଦାଳସା ଥିଲେ ଯାହା ସେମାନଙ୍କ ଦୁଇ ଆଖିକୁ ଦେଖି ବୃଦ୍ଧଲୋକ ଅନାୟାସରେ ଚହ୍ନଣ କରିପାରୁଥିଲେ। ମଝିରେ ମଝିରେ ଅଶ୍ଳୀଳ ଇଙ୍ଗିତ ଓ ତତସହିତ ମିଶ୍ରଣ ହୋଇଥିବା କୁତ୍ସିତ ଭାଷା ଇଂରାଜୀ ବିଦ୍ୟାଳୟ ଓ ଶିକ୍ଷାଦାନ ର ମର୍ଯ୍ୟାଦାକୁ କପରି ଭାବରେ ପ୍ରଦର୍ଶିତ କରୁଥିଲା ତାହା କାହାକୁ ଅଛପା ନଥିଲା।

ଇତି ମଧ୍ୟରେ ବସର ଲେଡି କଣ୍ଡକ୍ଟର ଆସି ଟିକେଟ କରିବାକୁ ଯାଆନ୍ତେ 'କୋଭିଡ୍-୧୯' ର ନୟମ ମାନ କଛି ବ୍ୟବଧାନରେ ବସିବାକୁ ଏବଂ ମୁହଁରେ ମାସ୍କ ପିନ୍ଧିବାକୁ ପରାମର୍ଶ ଦେଲେ। ମୁହଁ ବିରକ୍ତି ଭାବରେ ରଙ୍ଗୀନ ହୋଇଗଲେ ସେମାନଙ୍କର; ଲାଗୁଥିଲା ଯେମିତିକି ସେମାନଙ୍କ ଉତ୍ତର ବୋଧେ ତାହା ଥିଲା। ବାରମ୍ବାର କହିବା ପରେ କଣ୍ଡକ୍ଟର ଜଣଙ୍କ ବିରକ୍ତି ପ୍ରକାଶ କହିଉଠିଲେ ନୟମ ନମାନିବେ ତେବେ ଆପଣମାନେ ଓହ୍ଲାଇଯା'ନ୍ତୁ ବସରୁ। କଣ୍ଡକ୍ଟରଙ୍କ ଏଭଳି କଥାକୁ ସେମାନେ ବା କୋଉ ଡ଼ରନ୍ତେ। ସେମାନେ ତ ଇଂଲିଶ୍ ପଢୁଆ ଛୁଆ। ଏହି ସମୟରେ କଣ୍ଡକ୍ଟର ଆଗକୁ ଯାଆନ୍ତେ ସେଥିରୁ ଗୋଟାଏ ଟୋକା ନଜର କଲା

ଜୋତାକୁ ପଛପଟୁ ମାରିବାକୁ ଉଦ୍ୟତ ହେବା ବେଳେ ବାହୁରେ ଆଉଜିଥିବା ଗର୍ଲଫ୍ରେଣ୍ଡ କହିଲା,

- ଏ କ'ଣ କରୁଛ! ପୁଅର୍ ଲେଡ଼ି।

- ଓଃ, ଡ଼ାର୍ଲିଙ୍ଗ୍।

ବାସ୍ ତୁମେ କହୁଛ ବୋଲି..।

ବସିଥିବା ଜନ ସମୁଦାୟ ନିରୁପାୟ, ନିରୁତ୍ତର। ଇତି ମଧ୍ୟରେ ବସ ପହଞ୍ଚିଯାଇଥିଲା ତାଙ୍କ ଠିକଣା ଜାଗାରେ। ଓହ୍ଲାଇଗଲେ ସେହି ଇଂରାଜୀ ପଢୁଆ ଦଳ।

ହଠାତ ମୋ ପାଟିରୁ ବାହାରିଆସିଲା, - ବାଃ ରେ ଇଂରାଜୀ ଛୁଆ ବାଃ!!

ନୟାପଲ୍ଲୀ, ଭୁବନେଶ୍ୱର

# ଏତ ସ୍ୱାର୍ଥପର ସଂସାର



ଶଶୀକାନ୍ତ ମେହେର

ଏତ ସ୍ୱାର୍ଥପର ସଂସାର
ଏଠି କାମ ଥିବା ଯାଏଁ ସଭେ ନଜର
ଏଠି କାମ ସରିଗଲେ କଏ କାହାର
ଏତ ସ୍ୱାର୍ଥପର ସଂସାର
ରେ ମନ ତୁତ ଜାଣିଛୁ ଏତ ସ୍ୱାର୍ଥପର ସଂସାର
ତୁ କାଇଁ ଭବୁଛୁ ସଭିଙ୍କୁ ନଜର
ତୁ ଜାଣିଛୁ ଏଠି ସଭେ " ଦି" ଦିନର
ତାପରେ କଏ ନଜର ଆଉ କଏ ପର
ଏତ ସ୍ୱାର୍ଥପର ସଂସାର
ଏଠି କାମ କରିଦିଏ ମଣିଷ କୁ ନଜର
କାମ ସଲ୍ପରେ କଏ କାହାର
ଏତ ସ୍ୱାର୍ଥପର ସଂସାର
ତୁ ଯାହାକୁ ଭବୁଛୁ ଅତି ଆପଣା ର
ସେଭି ଦିନେ ତତେ କରିଦେବ ପର
ଏତ ସ୍ୱାର୍ଥପର ସଂସାର
ଏତ ସ୍ୱାର୍ଥପର ସଂସାର

ଜମଲ୍, ପଦ୍ମପୁର, ବରଗଡ଼

# ଆମ ପରିବେଶ



ସମ୍ବିତ ଦାଶ

ଆମ ଗ୍ଭରିପଟେ ଯାହା ଦେଖୁ
ତାହା ପରିବେଶ,
କେବେ ହେଲେ କରିବାନ
ତାହାର ବିନାଶ ।

ସୁନ୍ଦର ପରିବେଶ ଓ ତାହାର
ସୁରକ୍ଷା ଲାଗି,
ହୋଇଯିବାରେ ତ ତାହାର
ଆମେ ସହ ଭାଗି ।

ପରିବେଶ ସୁରକ୍ଷା ଜୀବନ ରକ୍ଷା
ମୂଳ ମନ୍ତ୍ର ହେଲେ ଏଇ,
ପ୍ରକୃତି ରହିବ ପରିବେଶ ଥିବ
କଥା ଶୁଣ ମନ ଦେଇ ।

ପରିବେଶ ସୁନ୍ଦର ଦିଶିବ ସଂସାର
ସର୍ବ ମନ ନେବ ତୋଷି,
ଜଗତର ପ୍ରାଣୀ ମନ ନେବ କଣି
ସକଳ ହୋଇବେ ଖୁସି ।

ସଫା ସୁତୁରରେ ପରିବେଶ ରଖିବା
ଜୀବନେ ବାନ୍ଧିବା ପଣ,
ପରିବେଶ ସୁରକ୍ଷା ନ କରି ଚଳଲେ
ଆସି ଯିବରେ ମରଣ ।

ପରିବେଶକୁ କାହିଁ ନଷ୍ଟ କରୁଛ
ହେଲାଣି ଆଜି ବିଦିର୍ଣ୍ଣ,
ପରିବେଶ ପ୍ରଦୂଷଣ କର ନାହିଁ
ବଞ୍ଚାଅ ଆଜି ଜୀବନ ।

ପଲ୍ଲୀକଣ୍ଠା, ଏରସମା, ଜଗତସିଂହପୁର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଆଉ ଟିକେ ବଞ୍ଚିଯିବି



ସସ୍ମିତା ପଟ୍ଟନାୟକ

ବାସ୍ତବ  ଦୁନିଆର ଦୁଃଖକୁ ଭୁଲାଇ,
କଳ୍ପନାରେ ସୁଖକୁ ଆପଣାର ବନେଇ,
ଆଉ କିଛି ଦିନ ବଞ୍ଚିଯିବି ।।

ଦୁନିଆର ଅନ୍ୟାୟ, ଅନୀତି, ମିଥ୍ୟା, ଭ୍ରଷ୍ଟାଚାରକୁ ଆଡେଇ,
ସୁ-ନୀତିର ଆଶାର ସମ୍ଭାର ନେଇ,
ଆଉ କିଛି ଦିନ ବଞ୍ଚିଯିବି ।।

ସୁଖ ଆଜି ନ ମିଳଲେ ନାହିଁ,
କାଲିର ସୁନ୍ଦର ସ୍ୱପ୍ନର ଦୁନିଆକୁ ଆପଣେଇ,
ଆଉ କିଛି ଦିନ ବଞ୍ଚିଯିବି ।।

ଗୋଡ଼ ପଛେ ନ ଚାଲିଲେ ନାଇଁ,
ଆଶା ବାଡ଼ି ସହ ନିବିଡ଼ ସମ୍ପର୍କ ନେଇ,
ଆଉ କିଛି ଦିନ ବଞ୍ଚିଯିବି ।।

ବିଶ୍ୱାସର ଆଉ ସ୍ନେହର ସମ୍ବଳ ନେଇ,
ଭଗବାନଙ୍କଠାରେ ସମର୍ପଣ କରି ଦେଇ,
ଆଉ କିଛି ଦିନ ବଞ୍ଚିଯିବି ।।

# ପରିବେଶ ସୁରକ୍ଷା

ଶ୍ୟାମସୁନ୍ଦର କୁମ୍ଭାର

ପ୍ରକୃତିର ସୁନ୍ଦର ପରିବେଶ ଅତ୍ୟନ୍ତ ମନୋହର । ଏହାର ଫୁଲ ଫଳ ଭରା ସବୁଜ ବନାନୀ, ବିଭିନ୍ନ କସମର ପକ୍ଷୀ ଦୃଷ୍ଟି ଆକର୍ଷଣ ର କେନ୍ଦ୍ରବିନ୍ଦୁ । ସ୍ୱାର୍ଥପର ମଣିଷ ନଜର ସ୍ୱାର୍ଥସଧାନ ପାଇଁ ସୁନ୍ଦର ପ୍ରକୃତି ଉପରେ ଦାଉ ସାଧୁଛି। ଫଳରେ ପରିବେଶ ଦିନକୁ ଦିନ ଦୂଷିତ ହୋଇ ମଣିଷର ଜୀବନ ଧାରଣ ଦୁସହ ହୋଇ ଉଠୁଛି। କେବଳ ସ୍ୱାଧୀନତା ଦିବସ, ଗାନ୍ଧିଜୟନ୍ତି, ବିଶ୍ୱ ପରିବେଶ ସୁରକ୍ଷା ଦିବସ ଦିନ ପରିବେଶ ସୁରକ୍ଷା କଥା ଆମେ ଚନ୍ତା କରୁଥିବା ବେଳେ ପରବର୍ତ୍ତୀ ସମୟରେ ନଜ ସ୍ୱାର୍ଥରେ ବ୍ୟସ୍ତ ରହି ପରିବେଶ ସୁରକ୍ଷା କଥା ସମ୍ପୂର୍ଣ୍ଣ ଭୁଲି ଯାଉଛେ।ଆମେ ଯଦି ପରିବେଶ ସୁରକ୍ଷା ପାଇଁ ସମସ୍ତେ ମିଶି କାମ ନ କରିବା ତେବେ ଆଗକୁ ସୁସ୍ଥ ଜୀବନ ଧାରଣ ଅସମ୍ଭବ ହୋଇପଡ଼ିବ।

## ପରିବେଶ ପ୍ରଦୂଷଣ ର କାରଣ------

**ଜନସଂକ୍ଷା ବୃଦ୍ଧି-** ଦ୍ରୁତ ଜନସଂଖ୍ୟା ବୃଦ୍ଧି ଯୋଗୁ ମଣିଷର ଖାଦ୍ୟ, ବସ୍ତ୍ର, ବାସଗୃହ,ଗମନାଗମନ ଇତ୍ୟାଦିର ଚାହିଦା ବୃଦ୍ଧି ପାଉଛି । ଏହି ଚାହିଦାକୁ ପୂରଣ କରିବାକୁ ମଣିଷକୁ ଜଙ୍ଗଲ ଉପରେ ନର୍ଭର କରିବାକୁ ପଡୁଛି ।ଫଳରେ ଜଙ୍ଗଲକୁ କାଟି ମଣିଷ ନଜର ଚାହିଦା ପୂରଣ କରୁଛି ।ପରିଣାମତଃ ଅନେକ ବନ୍ୟପ୍ରାଣୀ ମୃତ୍ୟୁମୁଖରେ ପଡୁଛନ୍ତି ଏବଂ ଅସ୍ୱାଭାବିକ ଭାବେ ତାପମାତ୍ରା ବୃଦ୍ଧି ପାଇ ବନ୍ୟା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେଉଛି ।

ଶିଳ୍ପାୟନ--------

ଦ୍ରୁତ ଶିଳ୍ପାୟନ ଯୋଗୁଁ କଳ କାରଖାନା ଗୁଡିକରୁ ନିର୍ଗତ ବିଷାକ୍ତ ଗ୍ୟାସ ବାୟୁମଣ୍ଡଳକୁ ଦୂଷିତ କରୁଥିବା ବେଳ ଏଗୁଡିକରୁ ନିର୍ଗତ ବିଷାକ୍ତ ତରଳ ରାସାୟନିକ ପଦାର୍ଥ ଜଳ ଭଣ୍ଡାର ଗୁଡିକୁ ଦୂଷିତ କରୁଛି।

ଗାଡି ମଟର ର ବହୁଳ ବ୍ୟବହାର----------

ଗାଡି ମଟର ର ବହୁଳ ବ୍ୟବହାର ଯୋଗୁଁ ଏଥିରୁ ଧୂଳ ଉଡ଼ି ଏବଂ ବିଷାକ୍ତ ଗ୍ୟାସ ନିର୍ଗତ ହୋଇ ବାୟୁମଣ୍ଡଳକୁ ଦୂଷିତ କରି ଦେଉଛି ।

କୃଷି କ୍ଷେତ୍ରରେ ରାସାୟନିକ ସାର ଓ କୀଟନାଶକ ର ବହୁଳ ବ୍ୟବହାର--------

ଆଜିକାଲି କୃଷକ ମାନେ ଅଧିକ ଫସଲ ଉତ୍ପାଦନ କରିବାକୁ କୃଷି କ୍ଷେତ୍ରରେ ବହୁଳ ମାତ୍ରାରେ ରାସାୟନିକ ସାର ଓ କୀଟନାଶକ ବ୍ୟବହାର କରୁଛନ୍ତି । ଫଳରେ ମାଟିରେ ଥିବା ଉପକାରୀଅଣୁ ଜୀବ ଗୁଡ଼ିକ ମରିଯାଉଛନ୍ତି ଏବଂ ମାଟିର ଉର୍ବରତା ନଷ୍ଟ ହେଉଛି । ଅନ୍ୟ ପକ୍ଷରେ କୀଟନାଶକ ର ବ୍ୟବହାର ଯୋଗୁଁ କୃଷି କ୍ଷେତ୍ରରେ ଉପଲବ୍ଧ ମାଛ, କଙ୍କଡା ପରି ଅନ୍ୟାନ୍ୟ ଜଳଚର ପ୍ରାଣୀ ମୃତ୍ୟୁ ମୁଖରେ ପଡୁଛନ୍ତି । ଏହି ରୁଷ ଜମିର ପାଣି ଅନେକ ନଦୀ ନାଳରେ ମିଶି ଜଳକୁ ଦୂଷିତ କରୁଛି ।

ପ୍ଲାଷ୍ଟିକ ଓ ପଲିଥିନ କୁ ବ୍ୟବହାର କରି ଆମେ ଏଣେତେଣେ ଫୋପାଡ଼ି ଦେଇଥାଉ ଏହା ମଧ୍ୟ ମୃତ୍ତିକା ପ୍ରଦୂଷଣ କରିଥାଏ।

ଶବ୍ଦ ପ୍ରଦୂଷଣ-------

ଯାତ୍ରାପାର୍ଟି, ମେଳା ମହୋତ୍ସବ, ପର୍ବପର୍ବାଣି ଇତ୍ୟାଦିରେ ଆମେ ଅତି ଉଚ୍ଚ ଶବ୍ଦରେ ଡ଼ାକବାଜି ଯନ୍ତ୍ର ବ୍ୟବହାର କରୁ । ଏହାର ପ୍ରଭାବରେ ମଣିଷର ମାନସିକ ସ୍ଥିତି ପ୍ରଭାବିତ ହୋଇଥାଏ । ଅନ୍ୟ ପକ୍ଷରେ ମନ୍ଦିର, ମସଜିଦ, ଗୀର୍ଜା ଘର ଭଳି ବିଭିନ୍ନ ଧର୍ମାନୁଷ୍ଠାନ

ଗୁଡିକରେ ପ୍ରତିଦିନ ପ୍ରଭାତ ଓ ସନ୍ଧ୍ୟା ସମୟରେ ଉଚ୍ଚସ୍ୱରରେ ଡ଼ାକବାଜି ଯନ୍ତ୍ର ବାଜିବା ଯୋଗୁ ଛାତ୍ରଛାତ୍ରୀ ମାନଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି ।

ଏଣେତେଣେ ମଳତ୍ୟାଗ କରିବା ଦ୍ୱାରା ବିଭିନ୍ନ ରୋଗ ସଂକ୍ରମଣ ହୋଇଥାଏ ।

ପରିବେଶ ସୁରକ୍ଷା ର ଉପାୟ-------------

ଜନସଂଖ୍ୟା ନିୟନ୍ତ୍ରଣ କରିବା ସହିତ ବୃକ୍ଷରୋପଣ ଓ ବନୀକରଣ ।

କଳ କାରଖାନା ଗୁଡିକର ନିର୍ଗତ ଗ୍ୟାସ ଯେପରି ବାୟୁମଣ୍ଡଳରେ ନ ମିଶିବ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସହିତ ଅତ୍ୟଧିକ ଗ୍ୟାସ ନିର୍ଗତ ହେଉଥିବା କାରଖାନା ଗୁଡିକୁ ବନ୍ଦ କରିବା । ଏହି କାରଖାନା ଗୁଡିକରୁ ନିର୍ଗତ ତରଳ ରାସାୟନିକ ପଦାର୍ଥ ଯେପରି କୌଣସି ଜଳଭଣ୍ଡାର ନ ମିଶିବ ଏବଂ ପରିବେଶକୁ ପ୍ରଦୂଷଣ ନ କରିବ ତାର ବ୍ୟବସ୍ଥା କରିବା ।

ଗାଡ଼ି ମଟର ର ବହୁଳ ବ୍ୟବହାରକୁ ନିୟନ୍ତ୍ରଣ କରିବା ।

କୃଷି କ୍ଷେତ୍ରରେ ରାସାୟନିକ ସାର ଓ କୀଟନାଶକ ବ୍ୟବହାରକୁ ନିଷେଧ କରି ଜୈବିକ ଖତ ଓ ଜୈବିକ ଔଷଧ ବ୍ୟବହାର ପାଇଁ ଚାଷୀ ମାନଙ୍କୁ ପ୍ରୋତ୍ସାହନ ଯୋଗାଇଦେବା ।

ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଉଚିତ ।

ଅତ୍ୟନ୍ତ ଆବଶ୍ୟକ ସ୍ଥଳେ ନିର୍ଦ୍ଦିଷ୍ଟ ସୀମିତ ଶବ୍ଦରେ ଡାକ ବାଜି ଯନ୍ତ୍ର ବଜାଇବା ବେଳେ ଅନାବଶ୍ୟକ ଡାକବାଜି ଯନ୍ତ୍ର ବଜାଇବାକୁ କଟକଣା କରିବା ଉଚିତ।

ଏଣେତେଣେ ଖୋଲାପଡ଼ିଆରେ ମଳତ୍ୟାଗ ନ କରି ସମସ୍ତେ ପାଇଖାନା ବ୍ୟବହାର କରିବା

ଉଚତ । ପରିବେଶ ପ୍ରଦୂଷଣର ଭୟାବହତା ଉପରେ ଜନ ସଚେତନତା ସୃଷ୍ଟିକରିବା ଉଚତ ।

ମଣିଷର ଜୀବନ ଧାରଣ ପାଇଁ ମଣିଷକୁ ଯାହାକଛି ଅବଶ୍ୟକ ପ୍ରକୃତିର କୋଳରେ ସମସ୍ତ ଦ୍ରବ୍ୟ ଉପଲବ୍ଧ ।

ତାକୁ ଆମେ ଖୁଣ୍ଟି ଖୁଣ୍ଟି ଖାଇଲେ ସରିବ ନାହିଁ ।ତାକୁ ଯଦି ମୂଳରୁ ଉପାଡି ଦେବା ତେବେ ତାର ପରିଣାମ ଆମେ ହିଁ ଭୋଗ କରିବା । ପରିବେଶ ଯେତେ ସ୍ୱଚ୍ଛ ରହିବ ଆମେ ସେତେ ନରୋଗ ହୋଇ ଦୀର୍ଘାୟୁ ହୋଇ ପରିବା । ଅନ୍ୟଥା ପରିବେଶ ଦୂଷିତ ହେଲେ ଆମେ ବିଭିନ୍ନ ରୋଗର ସମ୍ମୁଖୀନ ହୋଇ ବଂଚବା କଷ୍ଟକର ହୋଇ ପଡ଼ିବ । ତେଣୁ ପରିବେଶର ସୁରକ୍ଷା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ ।

ସନ୍ଧିବାହାଲ, ଗାଇସିଲେଟ
ବରଗଡ଼

# ଧନ



ପ୍ରହଲ୍ଲାଦ ପ୍ରଧାନ

ମିଳଇ ପୁସ୍ତକ ସିନା
ଦେଇଦେଲେ ଧନ
ମିଳ କ ପାରିବ କେବେ
ବୁଦ୍ଧି ବିଦ୍ୟା ଜ୍ଞାନ ।
ଧନ ଦେଇ କଣି ହୁଏ
ବସ୍ତ୍ର ଅଳଙ୍କାର
କଣିକ ପାରିବା କେବେ
ରୂପର ସମ୍ଭାର ।
ଧନ ଦେଲେ ମନ ଇଚ୍ଛା
ମିଳଇ ଭୋଜନ
ପାଇକ ପାରିବେ କେହି
ଭୋକର ସନ୍ଧାନ ।
ଔଷଧ ପାଇବା ସିନା
ଦେଲେ ଆମେ ଧନ
ହେଇକ ପାରିବା କେବେ
ଆମେ ସ୍ୱାସ୍ଥ୍ୟବାନ ।
ଧନ ଦେଇ କଣିହୁଏ
ଶେଜ ସୁଖପ୍ରଦ
କଣିକ ପାରିବ କଏ
ଧନ ଦେଇ ନଦ ।

ଡୁମାଲପାଲି, ଭଟଲି
ବରଗଡ

# ନସ୍ତରଙ୍ଗ



ଝରଣା ବାରିକ

ଆକାଶ ରେ ଜହ୍ନ ଅଛି ସିନା ତା ଯୋଛନା ଏତେ ସ୍ୱଛ ଆଉ ନିର୍ମଳ ଦିଶୁନି। ଭସା ଭସା କଳା ବଉଦ ମଝିରେ ମଝିରେ ଜହ୍ନ କୁ ଘୋଡ଼େଇ ଦେଇ ତା ବାଟରେ ପୁଣି ଗ୍ଭଲି ଯାଉଛି। ଜହ୍ନ ଆଉ ବାଦଲର ଲୁଚକାଳି ଖେଳ ଭ୍ଭରି ଭଲ ଲ୍‌ଗୁଥାଏ ପ୍ରାରମ୍ଭ କୁ। ଆଖି ଟା ସିନା ଆକାଶରେ ମନ ଟା ଘୁରି ବୁଲୁଥାଏ ଆଉ କୁଆଡେ । ସତରେ ଯେମିତି ଆଖିଟା କାହାକୁ ଖୋଜି ବୁଲୁଥିଲ୍‌। ଯେମିତି ଜହ୍ନ କୁ ସବୁ ଜଣା ଥିଲ୍‌ ।

ହଜି ଯାଇଥିବା ଜିନଷ ଗୁଡ଼ିକୁ ମନ ଭିତରେ ଖୋଜି ଖୋଜି ଅଣନିଃଶ୍ୱାସୀ ହେଉଯାଉଥିଲ୍‌ ପ୍ରାରମ୍ଭ। ପୁରୁଣା ଚଠି ଗୁଡିକ ଆଡେଇ ଆଡେଇ ପଢୁ ପଢୁ ନଜର ଆସିଥିଲ୍‌ ଗୋଟିଏ ଚଠି ଲେଖା ଥିଲ୍‌ ଆପଣଙ୍କ ର ପ୍ରତ୍ୟେକ ଟି କବିତା ଓ ହସକଥା ମତେ ବହୁତ ଭଲ ଲ୍‌ଗେ । ମୁଁ ବି କଛି କବିତା ଓ ହସକଥା ଲେଖିଛି କନ୍ତୁ ପଠେଇ ପାରୁନାହିଁ । ଯଦି ଆପଣ ମତେ ସବୁ ସମ୍ବାଦ ପନ୍ଦ ର ଠିକଣା ଦିଅନ୍ତେ ତେବେ ମୁଁ ବି କଛି ଲେଖା ପେପର କୁ ପଠେଇ ପାରନ୍ତି। ତଳେ ଠିକଣା ଲେଖା ଥିଲ୍‌ । ସେଇ ଚଠିର ଉତ୍ତର ଲେଖି ସବୁ ଠିକଣା ପଠେଇ ଦେଇଥିଲ୍‌ ପ୍ରାରମ୍ଭ।

ସେଇ ଦିନ ଠାରୁ ଦୁହେଁ ଖୁବ୍‌ ଭଲ ବନ୍ଧୁ ହୋଇ ଗଲେ। ବିଭିନ୍ନ ପନ୍ଦ ପନ୍ଦିକାରେ ଲେଖା ପ୍ରକାଶ ପାଇବାରେ ଲ୍‌ଗିଲ୍‌। ଯେହେତୁ ଝିଅ ଟି ଖୁବ୍‌ ଭଲ ଲେଖୁଥିଲ୍‌ । ବନ୍ଧୁ ହିସାବରେ ଦୁହେଁ ପରସ୍ପର ବିଷୟରେ ଜାଣିଲେ । କଛି ଦିନ ପରେ ପ୍ରଜ୍ଞା ର ବାହାଘର ଠିକ୍‌ ହେଇଗଲ୍‌ । ପ୍ରାରମ୍ଭ କୁ ଏକଥା ଜଣାଇ ଥିଲ୍‌ ପ୍ରଜ୍ଞା । ବାହାଘର କୁ ନିମନ୍ତ୍ରଣ ବି କରିଥିଲ୍‌। ଦୂର ବାଟ ଯୋଗୁଁ ସେ ଯାଇ ପାରିନଥିଲ୍‌। ତାପର ଠୁ ତା ସହିତ କେବେ ଦେଖା ହେଇନ ।

ବହୁତ ଦିନ ପରେ ହଠାତ୍ ନଜର ଆସିଥିଲା ସେଇ ଝିଅଟି ର ନାଁ । ଚହ୍ଲା ଚହ୍ଲା ଲାଗିଲେ ବି ଚହ୍ନି ହେଉ ନଥାଏ।ଇଏ କ'ଣ ସେଇ ପ୍ରଜ୍ଞା। ନାଁ ନାଁ ସେ ହେଇନଥିବ। ଫେସବୁକ ରୁ ଏ ନାଁ ଟି ଦେଖି ବନ୍ଧୁ ତା ପାଇଁ ଅନୁରୋଧ ପଠାଇ ଥିଲା ପ୍ରାରମ୍ଭ। କିନ୍ତୁ କିଛି ଲାଭ ହେଲାନାହିଁ। ସେ ଝିଅ ନଥିଲା ସେ ଜଣେ ବୟସ୍କ ମହିଳା ଥିଲେ। ତାପରେ ସେ ଆଉ ଖୋଜିନ । ସିଏ ବି ମନ ଭିତରୁ କୁଆଡେ ଉଭେଇ ଯାଇଥିଲା। ଝାପସା ଝାପସା ମନେ ଥିଲା। ଏ ଚଠି ଦେଖି ପିଲାଦିନର କଥା ଗୁଡାକ ଟିକେ ତାଜା ହେଇ ଯାଇଥାଏ।

ଦୀର୍ଘ ଅଠର ବର୍ଷ ପରେ ହଠାତ୍ ତା ନାଁ ଧରି କିଏ ଡାକଦିଏ ଟ୍ରେନ ଭିତରେ । କିଛି ଗୋଟାଏ କାମରେ ଭୁବନେଶ୍ୱର ଯାଉଥାଏ ପ୍ରାରମ୍ଭ । ଆଶ୍ଚର୍ଯ୍ୟ ହେଇଯାଏ କିଏ ମତେ ଡାକିଲା! ମତେ ତ ସମସ୍ତେ ବାବୁ ନଚେତ୍ ସାର ବୋଲି ଡାକନ୍ତି । ତାହେଲେ ମୋ ନାଁ ଏଠି କିଏ ଜାଣିଛି ସେଇ ଚହ୍ଲା ଚହ୍ଲା କଣ୍ଠ ସ୍ୱର। ଖୋଜିବାରେ ଲାଗି ପଡିଲା ପ୍ରାରମ୍ଭ । ନାଁ କେହି ନାହାନ୍ତି।

ପ୍ରଜ୍ଞା... ପ୍ରଜ୍ଞା...., କେହି ଜଣେ ଡାକ ଦିଏ ପ୍ରଜ୍ଞା କୁ । ପଛକୁ ଗୁହିଁ ଦେଖେ ପ୍ରାରମ୍ଭ । ଆରେ ଇଏ ତ ସେଇ ପ୍ରଜ୍ଞା ଯାହାକୁ ମୁଁ ଜାଣିଛି। ସେତେବେଳକୁ ଟ୍ରେନ ଆସି ଭୁବନେଶ୍ୱର ରେ ପହଞ୍ଚି ସାରିଥାଏ।

ସମଲ, ତାଳଚେର, ଅନୁଗୋଳ

# ମାଟି



ଭଗିରଥୀ ଯାନୀ

ପାଦ ଦୁଇଟିକୁ ଧରିଛି
ମୋର ଜୀବନ ଯାକ,
ସଭିଙ୍କ ମଧ୍ୟରେ ସେ ସାର
ଅଟେ ସୃଷ୍ଟି ରକ୍ଷକ।।

ସୃଷ୍ଟି ସ୍ଥିତି ହୁଏ ବିଲୟ
ତାଙ୍କ ହୃଦ ପ୍ରଦେଶେ,
ଧ୍ୱଂସ ବା ବିଧ୍ୱଂସ ଯେତେକ
ତାଙ୍କ ଦେହରେ ମିଶେ।।

ମଧୁର ମୂର୍ଚ୍ଛନା ନନାଦେ
ବହେ ହୃଦେ ଝରଣା,
ଅମୃତର ନୀର ଦିଏ ସେ
କେବେ ନକରେ ଊଣା।।

ନାନାଜାତି ବୃକ୍ଷ ଲତାରେ
ପରିପୂର୍ଣ୍ଣ ସମ୍ଭାର,
ଶସ୍ୟ ଶ୍ୟାମଳରେ ସଜ୍ଜିତ
ତା'ର ପୃଷ୍ଠ କନ୍ଦର।।

ଆଦ୍ୟ ଆଷାଢର ସ୍ମରଣେ
ବରଷା ଘୋଟି ଆସେ,
ଓଦାରେ ତା' ବାସ ମହକେ
ସାର୍ ସଂସାର ହସେ।।

ସମ୍ପଦର ଗନ୍ତାଘର ସେ
ଅଟେ ପ୍ରକୃତି ର୍ଣୀ,
ତାଙ୍କ ସେବା ଦାନ ପାଇ କ
ସର୍ବେ ହୁଅନ୍ତି ଋଣୀ।।

ଘାତ ପ୍ରତିଘାତ ସହନ୍ତି
କେବେ ନଯାନ୍ତି ହାରି,
ସମସ୍ତ ଜୀବଙ୍କୁ ପାଳନ୍ତି
ବିଶାଳ ବକ୍ଷେ ଧରି।।

ପ୍ରାଣୀଙ୍କ ମଧ୍ୟରେ ଅଟଇ
ଶ୍ରେଷ୍ଠ ଜାତି ମାନବ,
ମାଟିକୁ ନେଇ ସେ କରିଛି
ଅସମ୍ଭବ ସମ୍ଭବ।।

ପ୍ରାଚୀର ନଗର ଉଦ୍ୟାନ
ଶୋଭିତ ନାନାରଙ୍ଗେ,
ର୍ସ୍ତା ଘାଟ କୋଠା, ପ୍ରାନ୍ତର
ଗଢା ମାଟିର ଅଙ୍ଗେ।।

ଦଳପଡା, ଖଜୁରୀପଡା,
ଜିଲ୍ଲା:- କନ୍ଧମାଳ

# ମାଗିବି ବା କଣ ପ୍ରଭୁ ହେ ତୁମକୁ !



ପ୍ରତିମା ମେହେର

ମାଗିବି ବା କଣ ପ୍ରଭୁ ହେ ତୁମକୁ!
ସବୁତ ଦେଇଛ ଢାଳ
ଅଭାବ ବୋଲି ମୁଁ କଛି ନ ଜାଣିଲି
ମନେ କେତେଯେ, ଭାଳିଲି

ମାନବ ଜନମ ପୃଥିବୀ ପୃଷ୍ଠରେ
ଅଟେ ସବୁଠାରୁ ଶ୍ରେଷ୍ଠ
କାର୍ଯ୍ୟେ ଲଗାଇଲେ  ସଫଳତା ମିଳେ
ଦୂର ହୁଏ ଦୁଃଖ କଷ୍ଟ

ଗୁରୁଜନ ମୋର ନ ଲଭନ୍ତୁ କେବେ
ଜରା ବ୍ୟାଧି ଆଉ ରୋଗ
ତାଙ୍କରି ଆରୋଗ୍ୟ ମନେ ମୁଁ ସ୍ମରଣେ
କରୁଥାନ୍ତୁ ସୁଖ ଭୋଗ

ଆଲୋକ ଦେଖିଲୁ ନାଚିଲୁ ଖେଳିଲୁ
ହସ କାନ୍ଦ ତାଙ୍କ କୋଳେ
ମଣିଷ  ହୋଇଲୁ ଆକାଶ ଛୁଇଁଲୁ
ମନେ ମନେ ମୁହିଁ ଭାଳେ

ତାଙ୍କ ସେବା ଆମ ପରମ ଧରମ
ଲୋଡ଼ା ଆଉ କଛି ନାହିଁ
ଗୁରୁ, ମାତା, ପିତା ଥରେ ବାହୁଡ଼ିଲେ
ପଥ ଆଉ ନ ମିଳଇ

ଅନ୍ତରେ ମୋହର ଭରିଦିଅ ପ୍ରଭୁ
କେବଳ ଭକ୍ତି ହିଁ ଭକ୍ତି
ଜୀବନ ମୋହର ତାଙ୍କରି ସେବାରେ
ଲାଗୁ, ଦିଅ ଆଜି ମୋତେ ଶକ୍ତି

ପାଟଣାଗଡ଼

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଏଇ ମୋ ଓଡିଶା ପ୍ରଦେଶ



ଦୀପ୍ତିମୟୀ ସାହୁ

ଆମର ଏଇ ଉତ୍କଳ ଦିବସ
ବୁଣିଦିଏ ମନେ ଭୂଷା ମହକ,
ପୂର୍ବପୁରୁଷଙ୍କ ଗାଥା ଗଉରବ
ଜଗାଏ ମନରେ ନବ ପୁଲକ ॥୧॥

ଚରବନ୍ଦନୀୟା ଉତ୍କଳ ପ୍ରଦେଶେ
ଜଗନ୍ନାଥ କ୍ଷେତ୍ର ଜଳଧି ଛୁଏଁ,
ଗିରି କାନନ ଶିରୀ ସଦନ ତା'
ତଟ ତଟିନୀରେ ମନକୁ ମୋହେ ॥୨॥

କେଡେ ସମୃଦ୍ଧ ମୋ ଓଡିଶା ପ୍ରଦେଶ
କେଡେ ସୁମହାନ ତା' ଇତିହାସ ,
ଭୌମ ସୋମ ଗଙ୍ଗ ସୂର୍ଯ୍ୟବଂଶ ବୀରେ
ରଖିଗଲେ କେତେ କୀରତି ଯଶ ॥୩॥

ପ୍ରାଚୀନ ଶିଳାର ଦେହରେ ଅଙ୍କିତ
ଖାରବେଳଙ୍କର ଅମର ଗାଥା,
କେତେ କେତେ ଧର୍ମ ପୁରାଣ ଗ୍ରନ୍ଥ
ଉଜ୍ଜ୍ୱଳ କରିଲେ ଓଡିଶା ମଥା ॥୪॥

କବି ଶିରୋମଣି ଭଞ୍ଜବୀରବର
ପଞ୍ଚସଖା ସହ ସାରଳା ଦାସ,

ଓଡିଆ ଭାଷାରେ ଚମକ ଭରିଲେ
ମାଆର ଓଠରେ ଫୁଟାଇ ହାସ ॥୫॥

ମୋଗଲ ମରାଠା ଇଂରେଜ ଶାସନେ
ପରାଧୀନା ହେଲା ଉତ୍କଳ ମାତ ,
ହଜିଗଲା ତା'ର ପୂର୍ବ ଶିରୀ ଶୋଭା
ତା' ଜାତି ସନ୍ତାନ ପୋତିଲେ ମାଥ ॥୬॥

କେତେ ହୀନମାନ ଉତ୍କଳର ଦଶା
ଭାବିଲେ ଆସୁଛି ହୃଦୟେ ବ୍ୟଥା,
ନବ ଜାଗରଣ ଉଷାର ଆଲୋକେ
କଛି ମୋ'ର ଜାତି କହିଲା କଥା ॥୭॥

ପ୍ରକୃତି କରାଳ ନ' ଅଙ୍କ ଦୁର୍ଭିକ୍ଷ
ମାରୁଥିଲା ଯେବେ ପେଟକୁ ନାତ,
ଆମ ତୁଣ୍ଡ ଭାଷା ଛଡେଇ ନେବାକୁ
କରିଲେ ବଙ୍ଗାଳୀ ହୀନ ଚକ୍ରାନ୍ତ ॥୮॥

ଫକୀରମୋହନ ମଧୁବାବୁ ଆଦି
ହଜେଇ ଦେଲେରେ ଆଖିରୁ ନଦ,
ଓଡିଆ ଭାଷାର ଭିତ୍ତି ସ୍ଥାପି ଦେଇ
ଦୂରେଇ ଦେଲେରେ ସବୁ ପ୍ରମାଦ॥୯॥

ଜନ୍, ରେଭେନ୍ସା ଆଦି କେତେ ବନ୍ଧୁ
ବଢାଇଲେ ସହଯୋଗର ହାତ,
ଓଡିଶା ପ୍ରଦେଶ ହୋଇଲା ସ୍ୱତନ୍ତ୍ର
କେତେ ପ୍ରତିକ୍ଷାର ହୋଇଲା ଅନ୍ତ ॥୧୦॥

ଗେଙ୍ଗୁଟିଆ , ଅନୁଗୁଳ

# ଓଢ଼ଣୀ ବୁଢ଼ୀ



ସରୋଜ କୁମାର ଜେନା

ମାଘ ମାସ ଚାଲିଥାଏ । କାହିଁକି କଜାଣି ସେଦିନ ମୋତେ ଶୀଘ୍ର ନିଦ ଆସିଥିଲା । ଆଉ ମୁଁ କିଛି ଖାଇ ଶୋଇପଡ଼ିଥିଲି ।

ଧୀରେ ଧୀରେ ରାତି ବଢ଼ିବାରେ ଲାଗିଲା । ଆଉ ମୁଁ ନିଘୋଡ଼ ନିଦ ରେ ଶୋଇଥାଏ । ସେପଟେ ସମସ୍ତେ ଶୋଇ ଯାଇଥିଲେ ମଧ୍ୟ ଘରେ । ଅର୍ଦ୍ଧ ରାତ୍ର ହୋଇଯାଇଥାଏ ହଠାତ୍ ବାରଣ୍ଡା ରେ ବୋଉ ଶୋଇଥାଏ । କଣ କିଛି କୋଳାହଳ ଶବ୍ଦ ଶୁଣି ଉଠି ବସିଲା । ଆଉ ଦାଣ୍ଡ ପଟକୁ ଯାଇ ବୁଝିକି ଆସି ମୋ କବାଟ ଠକ୍ ଠକ୍ କରି ଡାକିଲା ସୁରେଶ ଏ ସୁରେଶ ଟିକଏ ଉଠିଲୁ ବାବା । ମୁଁ କହୁଥାଏ ଜା ମ କଏ ଏହି ସମୟରେ ଆସି ନିଦ ଭାଙ୍ଗୁଛି । ଯା ଯା ମୁଁ ଉଠିବିନି । ବୋଉ ହଠାତ୍ କହିଲା । ନାଇଁରେ ଶୁଣୁ ମଝି ସାହିର ଦୟା ବୁଢ଼ୀ ମାଆ ଚାଲିଗଲା । ହଠାତ୍ ଏ କଥା ଶୁଣି ମୋ ନିଦ ଭାଙ୍ଗିଗଲା । ମୁଁ କହିଲି କଣ ତୁ ଏ ସବୁ କହୁଚୁ । ଏହା କଣ ସତ । ବୋଉ କହିଲା ହଁ ସତ ସେ ଓଢ଼ଣୀ ବୁଢ଼ୀ ମରିଗଲା ପରା । ସତକୁ ସତ ଦାଣ୍ଡ କୁ ଗଲା ପରେ ପ୍ରବଳ ଲୋକ ଗଦା ହୋଇଛନ୍ତି ।

ଶେଷରେ ମୁଁ ଯାଇ ବୁଢ଼ୀ କୁ ଶେଷ ଦର୍ଶନ କରି ଆସିଲି ବୁଢ଼ୀକି ଶବ ସଂସ୍କାର କରିବା ପାଇଁ ତାଙ୍କ ପରିବାର ଲୋକ ନେଇ ଶ୍ମଶାନ ଅଭିମୁଖେ ନେଲେ । ଏଣେ ସାହି ଟା ଯାକ ଲୋକ ପ୍ରବଳ ମନ ଦୁଃଖ କହିଲେ ନ ସରେ । ସମସ୍ତେ କଥା ହଉଥାନ୍ତି ।ଏହି ଭଳି ଆଧୁନିକ ଯୁଗରେ ଏହି ଭଳି ଓଢ଼ଣୀ ବୁଢ଼ୀ ମିଳିବା ବହୁତ କଷ୍ଟ । ଯେ ହିନ୍ଦୁ ଧର୍ମ ଓ ପରମ୍ପରା କୁ ଅକ୍ଷରେ ଅକ୍ଷରେ ପାଳନ କରିଥିଲା । ବୁଢ଼ୀ ହୋଇ ମଲା ପଛେ କେବେବି ତାର ଓଢ଼ଣା ତାର ମୁଣ୍ଡରୁ ଖସୁ ନଥିଲା ନୂଆ ବୋହୂ ଭଳି ଓଢ଼ଣା ହାତେ ମୁଣ୍ଡ ତଳକୁ ଓଢଣା ଟାଣି ଚାଲେ ।

ପ୍ରକୃତ କଥା ହେଉଛି ମୁଁ ମୋର ହେତୁ ପାଇବା ଦିନରୁ ଦେଖି ଆସୁଥିଲି । ଓଢ଼ଣୀ ବୁଢ଼ୀ ଦାନ୍ତ କାଠି ଟିଏ ଧରି ହାତେ ବହଳର ଓଢଣା ଟାଣି ସାହି ମଝିରେ ଗାଧେଇ ଯାଏ । ଯେ କୌଣସି କାର୍ଯ୍ୟ କରେ । ଆରେ ନାତି ମାନେ ଆମେ ହେବୁ ପଛେ କେବେ ସେ ଆମକୁ ଅସମ୍ମାନ କରିନ । ସ୍ଵାମୀ ଙ୍କ ଉଚତ୍ ସେବା କରେ । ନାତି ନାତୁଣୀ, ଅଣ ନାତି ଅଣ ନାତୁଣୀ ବୁଢ଼ୀ ତାର ଜୀବନ କାଳ ଭିତରେ ଦେଖିଛି ।

ସତରେ ଆଜି କାଲି ଏହି ଆଧୁନକ ଯୁଗରେ ଆଜି ବିବାହ ହୋଇ ଆସୁ ଆସୁ କାଲିକ ଓଢ଼ଣା ଖୋଲି ଘର ଲୋକତ ଦୂର କଥା ବାହାରେ ମଧ ବୁଲୁଛନ୍ତି । ଶଶୁର, ଦେଢ଼ୁଶୁର, ମଳାଶୁର ଏମିତି କାହାକୁ ବି ମାନୁ ନାହାନ୍ତି । ଆରେ ଆଧୁନକ ର ଛାପ ଦେଲେ ମଧ ଆମେ ହିନ୍ଦୁ ଧର୍ମର ସଂସ୍କୃତି ଓ ପରମ୍ପରା କୁ କଣ ଭୁଲି ଯିବା । ଯାହା ଆଜି ଜ୍ଵଳନ୍ତ ଉଦାହରଣ ପ୍ରତି ଦିନ ଦେଖିବାକୁ ମିଳୁଛି ଓଢ଼ଣା ତ ଦୂରର କଥା । କେଉଁଠୁ ଏହି ନାଇଟ ବସ୍ତ୍ର ଆସିଚ ତାକୁ ପିନ୍ଧି ଦାଣ୍ଡ ମଝିଟାରେ ନହ ନହ ହେଉଛନ୍ତି । ସକାଳୁ ସକାଳୁ ନ ଗାଧେଇ ବହେ ସମୟ ପର୍ଯ୍ୟନ୍ତ ଶୋଇ ରହି ଉଠିବେ ବେଳ ଘଡ଼ିଏ ହେଲେ । ଆଉ ଘର କାର୍ଯ୍ୟ ଏଠି ମାରଗୁଲି । ସ୍ଵାମୀ ମାନଙ୍କୁ ନାଲି ଆଖି ଦେଖେଇବା ଶାଶୁ, ଶଶୁର ସେବା ନ କରିବା । ତାଙ୍କ କଥାକୁ ଅମାନ୍ୟ କରିବା ଏମିତି ଅନେକ କଛି ଆଜିକାଲି ଦେଖିବାକୁ ମିଳୁଛି ।

କନ୍ତୁ ଏହା କହିବାର ମୂଳ ଉଦ୍ଦେଶ୍ୟ ହେଲା । ମୃତ୍ୟୁ ହେଲା ପଛେ । ଓଢ଼ଣୀ ବୁଢ଼ୀ ଏହି ସବୁରୁ କେବେ । ବିବୃତ ହୋଇନ ଜୀବନ ର ଶେଷ ନିଃଶ୍ଵାସ ଥିଲା ପର୍ଯ୍ୟନ୍ତ ନିଜ କାମ ନିଜେ ସମ୍ପାଦନ କରିବା ସହିତ । କାଳେ କିଏ କଣ କହିଦେବ ଦାଣ୍ଡ କୁ ଆସିଲା ବେଳେ ବି ଓଡ଼ିଆ ରୀତି ନିତି କାନ୍ତି ସବୁ ଅକ୍ଷରେ ଅକ୍ଷରେ ପାଳନ କରୁଥିଲା । ମୁଁ ଦେଖିଛି ଓଢ଼ଣୀ ବୁଢ଼ୀ ମଲା ପଛେ ତାର ପାଦରେ ପ୍ରାୟ ସମୟ ଅଳତା ଶୋଭି ପାଉଥାଏ । ନାକରେ ନାକ ଗୁଣା ଆଉ ତଣ୍ଡି ଏହା ସହିତ ମୁଣ୍ଡରେ ଓଢ଼ଣା ତତ୍ ସହିତ ବଡ଼ ମାନଙ୍କୁ ଉଚତ୍ ବ୍ୟବହାର ଦେଉଥିଲା ଓଢ଼ଣୀ ବୁଢ଼ୀ ।

ତେଣୁ ଏହି ଆଧୁନକ ସମାଜ ବହୁତ କଛି ତାରି ଠାରୁ ଦେଖିବାକୁ ପାଉଥିଲା । ଆଉ ମନେ ପକାଇ ଦେଉଥିଲା ଓଡ଼ିଆ ସଂସ୍କୃତି ଆଉ ପରମ୍ପରା କୁ । ଆଜିବି ନୂଆ ବୋହୂ ମାନଙ୍କୁ ଦେଖିଲେ କାଇଁ ଓଢ଼ଣୀ ଟାଣି ଯିବାକୁ ଦେଖୁନୁ । କନ୍ତୁ ସେହି ସମୟରେ ମନେ ପଡ଼ିଯାଏ ଓଢ଼ଣୀ ବୁଢ଼ୀ କଥା ଆଉ ଆଜିବି ଏହି କେବେ କେବେ ଆଲୋଚନା ସାହିରେ ହେଲେ ଭାରି ଦୁଃଖ ଲାଗେ । କାରଣ ଆଜି କାଲି ପ୍ରାୟ ଦେଖିବାକୁ ଗଲେ ଏହି ସବୁ ସଂସ୍କୃତି ଆଉ ପରମ୍ପରା ବୁଡିବାକୁ ଲାଗିଲାଣି । କେବଳ ଯଦିଓ ବାହାଘର ଦିନ ନବ ବୋହୂ ଟିଏ ଓଢଣା ଦେଉଛି । ନଚେତ୍ ସେ ବି କୋଚତ୍ ଦେଖିବାକୁ ମିଳୁଛି ।

ତେଣୁ ସେଦିନ ମୋତେ ଭାରି ଦୁଃଖ ଲାଗିଥିଲା ତାର ମରଣ ଖବର ବୋଉ ଠାରୁ ଶୁଣି ଆଉ ଆଜି ମନେ ପଡ଼େ ତାର କଥା । କାହିଁକ ନା ଆଉ ଦେଖିବାକୁ ମିଳୁନ ସାହିର ଦାଣ୍ଡ ରେ ହାତେ ବହଳର ଓଢ଼ଣା ଟାଣି ଯିବାର ।

ସତ କହିବାକୁ ଗଲେ ସମସ୍ତ ଙ୍କ ପାଇଁ ଓଢ଼ଣୀ ବୁଢ଼ୀ ଏକ ଉଦାହରଣ ସୃଷ୍ଟି କରିଥିଲା । ଆଉ ସବୁ ଦିନ ପାଇଁ ସଭିଙ୍କ ମନରେ ସେମିତି ଥିବ । ଆଉ ଓଡ଼ିଆ ସଂସ୍କୃତି ଓ ପରମ୍ପରା କୁ ଉଜ୍ଜୀବିତ କରି ରଖିବାକୁ ପଡ଼ିବ । ନଚେତ୍ ଆମ ପର ପିଢ଼ି ମାନେ ଓଢ଼ଣା କଣ ବି ଜାଣି ନଥିବେ ।

ବାଲିଝରୀ, ନରସିଂହପୁର, କଟକ

# କପାଳ ଲିଖନ



ଡକ୍ଟର ମନୋରଞ୍ଜନ ବିଷୋୟୀ

ମୁଁ ନୁହେଁ ସୁଖୀ ଲୋକ
ପ୍ରିୟ ସଭିଙ୍କର
ସୁଖ ଠାରୁ ଦୁଃଖ
ଭରି ପଡିଛି
ଜୀବନରେ ମୋର ।
ମୋ ଆଗରେ ଏବେ
ପାହାଡ ଦୁଃଖର
ଏ ବୋଝ ବୋହିବାକୁ
ସାମର୍ଥ୍ୟ ନାହିଁ ମୋର ।
ସମୟ ଶତ୍ରୁ ସାଜି
ଦେଇଛି ଦୁଃଖ ଅପାର
ତଥାପି ଦୁଃଖରେ ହିଁ ବେଶି
ନଜର ଲାଗନ୍ତି ଈଶ୍ୱର ।
ତେଣୁ ମୋର
ଆଶା ଆକାକ୍ଷ୍ୟାକୁ
ଟେକ ଦେଇଛି
ହାତ ଆଞ୍ଜୁଳାରେ ତାଙ୍କର ।
ଲାଗେ କନ୍ତୁ କେହି ଜଣେ
କାନେ କାନେ କହୁଥାଏ
ଭାଗ୍ୟ ଲେଖା ହୋଇଛି
କପାଳରେ ସମସ୍ତଙ୍କର ।

ସ୍ନାତକୋତ୍ତର ଓଡିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର

# ଉତ୍କଳ ଦିବସ



ପ୍ରାଧ୍ୟାପିକା ଜ୍ୟୋସ୍ନା ରାୟ

ଉତ୍କଳମାଟିର ପୁଣ୍ୟତମ ଦିନ/ତିଥି
ଆମ ଉତ୍କଳ ଦିବସ
ଭାଷା ଭିତ୍ତିରେ ପ୍ରଥମ ରାଜ୍ୟ
ହେଲା ଯେବେ ସଂସ୍ଥାପିତ ।
ସେଦିନ ଲଭିଲୁ ସ୍ୱତନ୍ତ୍ର ଓଡିଶା
ଓଡିଆର ପରିଚୟ
ଛୟାଅଶୀ ବର୍ଷ ପଦାର୍ପଣେ ଆଜି
ସ୍ମୃତି ଅବିସ୍ମରଣୀୟ ।
ସ୍ୱତନ୍ତ୍ର ପ୍ରଦେଶ ଗଠନ ପଥରେ
କେତେ ଘାତ ପ୍ରତିଘାତ
ସହିଥିଲେ ଆମ ପୂର୍ବ ପୁରୁଷ
ଦୃଢ ରଖି ମନୋରଥ ।
ବିଛିନ୍ନ ଓଡିଆ କରିଥିଲେ ମେଳ
ଏକଛତ୍ରର ତଳେ
ବନ୍ଦେ ଉତ୍କଳ ଜନନୀ ଗାଇଲେ
ଏକତା ମନ୍ତ୍ର ବଳେ ।
ଆମ ଐତିହ୍ୟ-ସଂସ୍କୃତି ଭାଷା-
କଳା ଆମ ଗୌରବ
ମହାମନଷୀଙ୍କ ଅମର କୀରତି
ଏ ମାଟିର ବୈଭବ ।

ଜାତିପାଇଁ ଯେତେ କଷଣ ବରିଲେ
ସହିଲେ ଯାତନା ବ୍ୟଥା
କିଏ ଭୁଲିପାରେ ତାଙ୍କ ବଳିଦାନ
ଜୀବନର ମହାନତା ।
ମନେପଡେ ଆଜି ବୈକୁଣ୍ଠନାଥ-
ଫକୀର-ମଧୁସୂଦନ
ଗୋପବନ୍ଧୁ-କୃଷ୍ଣଚନ୍ଦ୍ର-ଲକ୍ଷ୍ମୀକାନ୍ତ
ଅନେକ କୃତି ସନ୍ତାନ ।
ସେବା ବ୍ରତୀ ହୋଇ ନିଃସ୍ୱାର୍ଥ ଜୀବନେ
କରିଲେ ମହତ କର୍ମ
ଝୁରୁଛି ଏ ଜାତି ବାଢୁଛି ପ୍ରଣତି
କରି ତାଙ୍କ ଯଶଗାନ ॥
ବରଷବରଷ ବିତିଛି ସପନେ
ଆଶାସଞ୍ଚି ସୁଦିନର
ସରିନି ଦୁଃଖ ବେଦନା ଜୀବନୁ
ଲିଭିନି ଅଶ୍ରୁଧାର ।
ଭୋକର ଚିହ୍ନ ହଜିନି ସମାଜୁ
ଗୃଷୀ ମରେ ଋଣ କର
ନିଶାରୁ ମୁକ୍ତି ମିଳିନି ଏଯାଏଁ
ଶାନ୍ତି ଯାଇଛି ଝରି ।
ଅପରାଧ ସାଥେ ବଢିଛି ବେକାରୀ
ସୁରକ୍ଷିତ ନୁହେଁ ନାରୀ
ଧନୀ ଦରିଦ୍ରର ଭାଗବଣ୍ଟାରେ
ବିଶ୍ୱାସ ଯାଏ ମରି ।
ମୃତ୍ୟୁ ହୋଇଛି ମାନବିକତାର
ମଣିଷ ବିବେକ ଶୂନ୍ୟ
ତ୍ୟାଗେ ଅନାସକ୍ତି ଭୋଗରେ ଆସକ୍ତି

ପାପକୁ କହୁଛି ପୁଣ୍ୟ ।
ତିମିରୀ ରଜନୀ ପାହିନ ଏଯାଏଁ
ଜନନୀ ଆଖିରେ ଲୁହ
ସନ୍ତାନେ ଘାରେ କାମ-କ୍ରୋଧ-ଲୋଭ
ସ୍ୱାର୍ଥର ମହାମୋହ ।
ପ୍ରଗତି ଉନ୍ନତି ବଡବଡ କଥା
ସଭିଏଁ କହନ୍ତି ଏଠି
ଆଜି ବି ଓଡିଆ ଖୋଳ ଶିଖି ନାହିଁ
ନିଜ ଶିଙ୍ଘେ ନିଜ ମାଟି ।

ଆଜିମାବାଦ, ବାଲେଶ୍ୱର, ଓଡିଶା

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଥୁଣ୍ଟା ବୃକ୍ଷ



ସୁଲୋଚନା ବେହେରା

ଧୂ ଧୂ ଖରା ବେଳ। ରାସ୍ତା ଘାଟ ଶୂନ୍ ଶାନ୍। ପ୍ରତାପ ବାବୁ ଝରକା ଫାଙ୍କରେ ରାସ୍ତା କୁ ଏକ ଲୟରେ ଗ୍ଣହିଁ ଥାନ୍ତି। ଥୁଣ୍ଟା ଗଛଟିଏ ଖରା ବର୍ଷା କୁ ଖାତିର ନ କରି ଆକାଶକୁ ମୁଣ୍ଡ ଟେକ ଛିଡ଼ା ହୋଇଥାଏ। ଆଜି ସେ ସମସ୍ତଙ୍କ ନକଟରେ ଅସହାୟ ଓ ଅଲୋଡା ହୋଇପଡିଛି । ସମସ୍ତେ ଭୁଲିଗଲେଣି ତାର ଫୁଲର ସୌରଭ, ଶୀତଳ ଛାୟା, ଭୋକ ଶୋଷ ମେଣ୍ଟାଉଥିବା ଫଳର ସୁ ସ୍ୱାଦୁ ଗୁଣକୁ । ଭାଗ୍ୟକୁ ସାଖି ରଖି ନରୁପାୟ, ନରୁତ୍ସାହ ଜୀବନକୁ ଧର୍ଯ୍ୟ ଧରି ଅତି ବାହିତ କରୁଥାଏ। ଏହି କଥା ଭାବୁ ଭାବୁ ପ୍ରତାପ ବାବୁଙ୍କ ନୟନର ଜଳାଶୟ କୂଳ ଲଙ୍ଘି ଯାଇଥିଲା। ମନକୁ ମନ ବୁଝାଉଥାନ୍ତି ନା ନା ରେ ବୃକ୍ଷ ତୁ ଅଲୋଡା ନୁହଁ। ସର୍ବସ୍ୱ ହରାଇ ମଧ ଏବେ ବି ତୁ ସେହି ସ୍ୱାର୍ଥପର ଅବିବେକ କୃତଘ୍ନ ମାନଙ୍କର ଜାଳେଣି ରୂପେ କାମରେ ଆସିବୁ କନ୍ତୁ ମୁଁ ଆଜି ମରୁଭୂମିର ଯାତ୍ରୀ।ତୋ ଠାରୁ ଅତି ଦୟନୀୟ ଅବସ୍ଥାରେ ଅଛି ।

ପ୍ରତାପ ବାବୁଙ୍କର ମନେ ପଡି ଯାଉଥାଏ ସେହି ଅତୀତର ଦୁଃଖ ଯନ୍ତ୍ରଣା ର ଦିନ ଗୁଡ଼ିକ। ବିଧବା ମାଆ ମୋର ବହୁତ କଷ୍ଟରେ ଖାଇବାକୁ ଦି ମୁଠା ସଂଗ୍ରହ କରି ଦିଏ। ପାଠ ପଢ଼ିବା ଦୂର କଥା । ମୋର ବୁଲାବୁଲି ଓ ଅସହାୟତା ଦେଖି ପଡୋଶି ଦିଦି ମତେ ସପ୍ତମ କ୍ଲାସ୍ ଯାଏ ପାଢାଇ ଥିଲେ। ଦିଦି ଗ୍ଣହୁଁ ଥିଲେ ଅଧିକ ପଢ଼ାଇବା ପାଇଁ ହେଲେ ମୋ ମାଆ ମନା କଲା କହିଲା ଆମେ ଖାଇବୁ କ'ଣ। ଶ୍ରମିକ ଟିଏ ହୋଇ କଛି ରୋଜଗାର କରୁ। ତା ପରେ ମୁଁ ଆସ୍ତେ ଆସ୍ତେ ଦୀନ ମଜୁରିଆ ଭାବେ କାମ କଲି। ମୋର ନଷ୍ଠାପର ଶ୍ରମ ଓ ସାଧୁ ଉଦ୍ୟମ ମତେ ସଫଳତାର ଶିଡି ଚଢାଇଲା। ଛୋଟରୁ ବଡ ହୋଇ ଗୋଟେ କମ୍ପାନୀ ରେ

ଶ୍ରମିକ ଲିଡର ହୋଇ ଗଲି । ମୋର ଦକ୍ଷତା, ଭଦ୍ରତା, ଉଦାରତା ଓ ଭାବପ୍ରବଣତା ପାଇଁ ସମସ୍ତଙ୍କ ର ଆଦରର ପାତ୍ର ହୋଇଗଲି। ସବୁ ଶ୍ରମିକ ମାନେ ମୋର ଅନୁଗାମୀ ହେଲେ ଯାହା ଦ୍ୱାରା କ କମ୍ପାନୀ ର ଉନ୍ନତି ଚରମ ସୀମାରେ ପହଞ୍ଚିଗଲା । ଦିନ ରାତି ଏକ କରି କମ୍ପାନୀ ର ଉନ୍ନତି ରେ ମନ ପ୍ରାଣ ଢାଳ ଦେଲି। ଘରକୁ ଟଙ୍କା ପଠାଇ ଦେଇ ସଦା ସର୍ବଦା କମ୍ପାନୀ କାମରେ ଲାଗି ରହିଲି।ଭଲ ଦରମା ମିଳଲା। ବାହା ସାହା ହୋଇ ଦୁଇ ପୁଅ ଓ ଗୋଟେ ଝିଅର ଜନକ ହୋଇଗଲି। ସବୁ ରୋଜଗାର ପିଲାମାନଙ୍କ ପାଠପଢ଼ା ବିଳାସ ବ୍ୟସନରେ ଖର୍ଚ୍ଚ ହୋଇଯାଏ । ସ୍ତ୍ରୀ ପିଲାଙ୍କୁ ନେଇ ବହୁତ ଖୁସି ରେ ଥାଏ। ହଠାତ୍ ଦିନେ କମ୍ପାନୀ କୁ ବିପଦ ମାଡି ଆସିଲା। ହାରି ଯାଇଥିବା କମ୍ପାନୀ ର ଗୁଣ୍ଡା ରାଜ ମୋ ଉପରେ ପ୍ରଭାବ ପକାଇଲା। ସେମାନଙ୍କର ଆକ୍ରୋଶର ଶିକାର ହୋଇ ମୁଁ ଏବେ ଡାହାଣ ଗୋଡ ହରାଇ ପଙ୍ଗୁ ଜୀବନ ଅତିବାହିତ କରୁଛି । ଯେଉଁ କମ୍ପାନୀ ପାଇଁ ମୋର ଏ ଅବସ୍ଥା ସେ ମତେ ଅଯୋଗ୍ୟ ଭାବି ବାହାର କରି ଦେଲା। ପିଲାମାନେ ତାଙ୍କ ସୁଖ ଚନ୍ତା କରି ଦୂରେଇ ଗଲେ। ଆଜି ଆମେ ଦୁହେଁ ସ୍ୱାମୀ ସ୍ତ୍ରୀ ସରକାରଙ୍କ ଅନୁଦାନରେ କଷ୍ଟେ ମଷ୍ଟେ ଚଳୁଛୁ। ଆଜି ସମସ୍ତେ ଭୁଲିଗଲେ ମୋ ପାରିବା ପଣିଆର ମହତ୍ୱ। ଭୁଲିଗଲେ କାହା ପାଇଁ କେତେ ସ୍ୱେଦ ରକ୍ତ ବିନ୍ଦୁ ଏ ଦେହ ନଗାଡିଛି। ଆଜି ମୁଁ ଥୁଣ୍ଟା ବୃକ୍ଷ ଠାରୁ ବି ହୀନ ହେଲି ।

ବଇଁଚୁଆ,ବାଳକାଟି, ଖୋର୍ଦ୍ଧା।

# କେବେ ସେ ସମୟ



ବିଶ୍ୱ ରଞ୍ଜନ ମହାନ୍ତି

କେବେ ସମୟ ର ଇତି କଥା
କେବେ ଶୈଶବ ର ମଧୁରତା,
କେବେ ଜୀବନ ର ନୀରବତା
କେବେ କେବେ ପୁଣି ସଜାଇ କବିତା,
ଭବିଷ୍ୟତ ର ସଫଳତା ।

କେବେ ବାଜି ର ଜଳନ୍ତା ଚତା
କେବେ ଧରମା ର ତ୍ୟାଗ ଗାଥା,
କେବେ ସହିଦ ର ଆମ୍ରିୟତା
କେବେ କେବେ ପୁଣି ସଜାଇ କବିତା
ଆହତ ପ୍ରାଣ ର ତ୍ୟାଗ କଥା ।

କେବେ ବସନ୍ତ ର ପୁଲକତା
କେବେ ସେ ଗ୍ରୀଷ୍ମ ର ଉଷ୍ମତା,
କେବେ ବର୍ଷା ର ଚଞ୍ଚଳତା
କେବେ କେବେ ପୁଣି ସଜାଇ କବିତା
ଶୀତ ସକାଳ ର ସୁବାରତା ।

କେବେ ମଲ୍ ନଈ ର ଧାର
କେବେ ଜୀବନ ର ଝଙ୍କାର,
କେବେ ସେ ଲୁହ ର ସ୍ୱାକ୍ଷର
କେବେ କେବେ ପୁଣି ସଜାଇ କବିତା
ମର୍ମାହତ ଝଡା ପତର ର ।......

କୁଳସାହି, ଅଲଣା ହାଟ
ଜଗତସିଂହପୁର

# ସପନ ରାଣୀ



ସରୋଜ କୁମାର ସାହୁ

ସପନରେ ତମେ ଦୁଷ୍ଟହୁଅ ଭାରି
ସତରେ ଆସୁନ ଥରେ
କେବେ ବି ଆସୁଛ ପାଦ ଚପିଚପି
ଏଇ ମୋର ହୃଦୟରେ ।
ଅନ୍ଧାର ବି ଲାଗେ ଆଲୋକ ମାଳାର
ତୁମରି ପଡିଲେ ପାଦ
ଆଖି ଖୋଲିଦେଲେ ଯାଉଅଛ କେଣେ
ଅକାରଣେ ଭାଙ୍ଗେ ନଦ ।
ଶୁଭୁନାହିଁ କାନେ ପାଉଁଜି ଶବଦ
ପଡିନ ଅଳତା ଗାର
ଯେବେଠାରୁ ତମେ ଝରକା ଡେଇଁଛ
ଅତର ବାସୁଛି ଘର ।
ଜହ୍ନରାତି ପରି ଶୀତଳ ପବନ
ବହୁଅଛି ଥିରିଥିରି
ମିଠାମିଠା ସ୍ୱପ୍ନ ଭାବନା ରାଇଜେ
କରିଲେଣି ମନ ଚୋରି ।
ପବନ ବେଗ ହେଉଛି ଅଧିର
ସତେକି ମଳୟ ଛୁଆଁ
ଦେହସାରା ମୋର ଶିହରଣ ଭରି
କାମନାରେ ଜଳେ ନିଆଁ ।
ପ୍ରେମରେ ଭିଜେଇ କରୁଅଛ ଲାଜ

ଲୁଚଯାଇ ତାର୍ ମେଳେ
କେମିତି ଭୁଲିବି ମିଠା ପରଶକୁ
ଶୋଇଥିଲ ବୋଧେ କୋଳେ।
ମୁହଁସାର୍ ମୋର ଆଖିର କଜଳ
ଦାଗ ବି ଲାଗିଛି ଓଠେ
ମଲ୍ଲୀଫୁଲ ସାଥେ ହଳଦୀ ରଙ୍ଗର
ଶେଜରେ ମହକ ଛୁଟେ।

ଆଠଗଡ, କଟକ

ବେଦାନ୍ତୀର ଆଗାମୀ ସଂଖ୍ୟା  ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ମାଗୁଣି ରଖ ସ୍ମୃତି

ଧରିତ୍ରୀ ଦାସ

ସେଦିନ ଭୁବନେଶ୍ୱର ଇନ୍ଦିରା ପାର୍କରେ ଶିକ୍ଷକ ସଂଘର ଏକ ସଭା ହେଉଥିଲା। ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରଥମ ଗେଟରେ ପଶି ଏକ ପକା ଗୃହିନୀରେ ଯାଇ ବସି ଥିଲେ। ପ୍ରାୟ **11**ରଟା ବେଳେ ମୁଁ ଯାଇ ପହଞ୍ଚିଲି ଆରପଟ ଗେଟ୍ ପାଖରେ ।

ସେ ପାର୍କରେ ମୋର ପ୍ରଥମ ଦିନ ଥିଲା। ଫୋନ୍ କରି ପଚାରିବାରୁ ସଭିଏଁ କହିଲେ ଭିତର ଦେଇ ସେପଟ ଗେଟ୍ ପାଖକୁ ଯିବାକୁ। ମୁଁ ଏବଂ ମୋର କ୍ଲର୍କ ଦୁହେଁ ଗଲିଲୁ।

ଯିବା ସମୟରେ ସେଠି ମୁଁ ଯାହା ସବୁ ଦେଖିଲି ନ କହିବା ଭଲ। ପ୍ରତ୍ୟକ ଗଛମୂଳେ ଯୋଡ଼ି ଯୋଡ଼ି ହୋଇ କଲେଜ ପୁଅ ଓ ଝିଅ ଯେଉଁଭଳି ଅବସ୍ଥାରେ ବସିଥାନ୍ତି । ଦେଖିଲେ ଭାରି ଖରାପ ଲାଗୁଥିଲା କାରଣ ମୋ ସହିତ ଆମ କ୍ଲର୍କ ଜଣେ ଅଭିଆଡି ପୁଅ ଥିଲା । ତେଣୁ କ'ଣ କରିବି ଫେରିଆସିବାକୁ ଇଚ୍ଛା ଥିଲେ ମଧ୍ୟ ଆସିପାରୁ ନଥିଲି। କାହିଁକି ନା ଏତେ ବାଟ ଯାଇ ସଭାରେ ଯୋଗ ନ ଦେଇ ଫେରି ଆସିଥାନ୍ତି କପରି । ଶେଷରେ ଯାଇ ସଭା ସ୍ଥଳରେ ପହଞ୍ଚିଲି । ସେଠି ଯାଇ ଦେଖିଲି ସେଭଳି ସ୍ଥାନରେ ସଭା ରଖିଥିବାରୁ ସମସ୍ତେ ଲଜ୍ଜିତ ଥିଲେ। ସେ ଯାହାହେଉ କପରି ଯଥା ଶୀଘ୍ର ଆଲୋଚନା ସାରି ସେଠାରୁ ପ୍ରତ୍ୟାବର୍ତ୍ତନ କରିବେ ସେହି କଥା ସଭିଏଁ ଭାବୁଥିଲେ। ତାହାହିଁ ହେଲା। ଅଳ୍ପକିଛି ସମୟ ଆଲୋଚନା କରି ଅନୁଡ଼ିଙ୍କୁ ସଭା ଅନ୍ୟ ସ୍ଥାନରେ ରଖିବାର ମତାମତ ଦେଇ ସଭାପତି ସଭା ସାଙ୍ଗ କଲେ।

ସେହିଦିନ ମୁଁ ଘରକୁ ଆସି ଚନ୍ତା କଲି ଏ କ'ଣ ଆମ ସହରୀ ଜୀବନ। ସହରରେ ରହି ପିଲା କଲେଜରେ ପାଠ ପଢ଼ିବାକୁ ଯାଇ ଯଦି ଏହିପରି ପାର୍କରେ ଅସଙ୍ଗତ ଅବସ୍ଥାରେ କାଳ କାଟିବେ ତେବେ ଆମ ସମାଜର ଉନ୍ନତି କପରି ହେବ। ପାଠ ପଢା ବୟସରେ ପିଲା ଯଦି ପାଠ ପଢ଼ା ଛାଡ଼ି ପାର୍କ ଯିବେ, ପ୍ରେମ କରିବେ ତେବେ ପାଠ ତ ନିଶ୍ଚିତ ଚୁଲିକୁ ଯିବ ହିଁ

ଯିବ। ଏପରି ହେଲେ ବାପା ମାଆଙ୍କର ଆଶା ତ ଆଶାରେ ରହିଯିବ। କ'ଣ ହେବ ଆମ ଦେଶର ଭବିଷ୍ୟତ**?**

ସେହିଦିନଠାରୁ ମୋ ମନରେ ବାର ବାର ଅନେକ ପ୍ରଶ୍ନ ଉଙ୍କି ମାରୁଛି। କଲେଜରେ କ୍ଲାସ ଛାଡ଼ି ପାର୍କ ଯାଇ ଅସଙ୍ଗତ ଅବସ୍ଥାରେ ପୁଅ ଝିଅ ହଳ ହଳ ହୋଇ ବସିବାଟା କ'ଣ ଆମ ସହରୀ ସଭ୍ୟତା ଏଥିରେ କ'ଣ ପ୍ରେମ ଦୃଢ଼ ହୋଇଥାଏ। ଏମିତି କେତେ ପ୍ରଶ୍ନ।

ଏହିଭଳ ପ୍ରଶ୍ନାବଳୀ ମଧ୍ୟରେ ମୁଁ ଭାବି ପାରୁନ ଆମ ସମାଜ ଆଜି କେଉଁ ସ୍ତରରେ ପହଞ୍ଚିଥିଲ୍ ସତରେ। ଏହାଦ୍ୱାର୍ ପ୍ରେମର ସଂଜ୍ଞା କେଉଁ ଆଡ଼କୁ ଗତି କରୁଛି କହି ପାରିବେକ ଶୁଦ୍ଧି ଜନେ।

ମୁଁ ଖାଲି ମୋ ଜୀବନର ଏକ ଅଭୁଲ୍ ଏବଂ ପ୍ରଶ୍ନବାଚୀ ହୋଇ ରହିଯାଇଥିବା ଏକ ସ୍ମୃତିକୁ କାହାଣୀ ଆକାରରେ ବଖାଣିଲି। ବାକ ଭୁଲ୍ ଠିକ୍ ବିଗ୍ଭର ଆପଣମାନେ ହିଁ କରିବେ। ରହିଲି। ଧନ୍ୟବାଦ୍।

ଗ୍ଉତର୍ ପୁର**,** ପହଙ୍ଗା**,** ଯାଜପୁର

# ନାରୀ



ନିଲେଶ କୁମାର ଭୋଇ

ହେ ! ମାଁ ତୁମେ ବିଶ୍ୱ ଜନନୀ
ଅଭୟ ବର ପ୍ରଦାୟିନୀ,
କାମ ବିଲାସିନୀ ଏହି ଜଗତେ
ପୁରୁଷ ମନ ମୋହିନୀ ।୧।

ତୁମେ ହିଁ ଭଗିନୀ  ତୁମେ
ସତୀ ସୀତା, ସାବିତ୍ରୀ ,
ପାପୀଜନ ନିବାରିଣୀ ତୁମେ
ପୁଣି ସର୍ବସଂହା ଧରିତ୍ରୀ  ।୨।

ପ୍ରେମ, ପ୍ରୀତି ବନ୍ଧନେ ତୁମେ
ସ୍ନେହ ମମତାର ଧାର୍,
ରୁଦ୍ର ତାପେ ତୁମେ ପୁଣି
ବୈଶାଖ'ର ଝାଂଜି ଖର୍ ।୩।

କେତେବେଳେ ଗୋଲାପୀ
ଓଠରେ ମୁରୁକି ହସ,
କେତେବେଳେ ତୁମେପୁଣି
ଶ୍ରାବଣର ଝଡ଼ ବତାସ  ।୪।

ଶୀତ ସକାଳର ତୁମେ ଅଟ
ବସନ୍ତ'ର ମଳୟ ପବନ,
ତୁମରି ସ୍ନେହଭର୍ସ୍ପର୍ଶ
କାହାକୁ ଦିଏ ନୂଆଁ ଜୀବନ ।୫।

ଦୁଇ କୁଳକୁ ହିତ ବୋଲି
ତୁମ ନାମ ଅଟେ ଦୁହିତା,
ବୀର ପ୍ରସବିନୀ ତୁମେ
ସତରେ ତୁ, ଅପରୁପା ।୬।

ତୁମର ମହିମା ଗାନକରେ
ଗୀତା, ଭଗବତ, ପୁର୍ଣ,
ମୁଝେ ମୁଢ଼ମତି ଦିଅ ହେ ଆଶିଷ
ତୁମ ପାଦ,ପଦ୍ମେ ସରଣ ।୭।

ଢ଼ଟ୍ ବିଶ୍ୱ ବିଦ୍ୟାଳୟ ପୁର୍ତନ ଛାତ୍ର (ବଲ୍ଙ୍ଗୀର)

# ମଣିଷ ପ୍ରକୃତି



ସଙ୍ଗୀତା ମହାନ୍ତି

ଦୁନଆରେ ଭିନ୍ନ ଭିନ୍ନ ଧରଣର ମଣିଷ ଦେଖିବାକୁ ମିଳନ୍ତି
ଉପରେ ଏମିତି ଚକ୍କଣ କଥା କୁହନ୍ତି ଯେମିତି ପୁର୍ ନଜର
ହେଲେ ତୁମର କଛି ଉନତି ହବା କଥା ଶୁଣିଦେଲେ
ଭିତରେ ଜଳ ଯାଆନ୍ତି.. ସେମାନେ କେବେ ତୁମର
ପ୍ରକୃତ ବନ୍ଧୁ ନୁହଁନ୍ତି ସେମାନେ ହେଲେ ସ୍ୱାର୍ଥପର ବନ୍ଧୁ
ହେଲେ ସେମାନେ ଚନ୍ତା କରିପାରନ୍ତିନ ଯେ ସେ ଅନ୍ୟର
ଖର୍ପ ଯେତେ ଚନ୍ତା କରୁଛନ୍ତି ସେତିକ ନଜର କ୍ଷତି ହେଉଛି
ଆଉ ହବ ମଧ....
ସତ କଥା କହିବାକୁ ଗଲେ କଣ ସେ ପାଆନ୍ତି ଏମିତି
ଅନ୍ୟର ଖର୍ପ ଚନ୍ତା କରିକ
ବରଂ ନଜର କ୍ଷତି ହବା ଛଡା ଆଉ କଛି ନାହିଁ...

ତୁଳସୀପୁର, ମଠସାହି

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନତା ପଣ୍ଡା

୨୨.୧.୨୦୧୦ –

ସେଥର ପ୍ରଥମ କରି ଅନ୍‌ଲାଇନ୍ ଭୋଟିଙ୍ଗ୍ ଆରମ୍ଭ ହୋଇଥିଲା । କେତେ ଯେ ଭୋଟ୍ ଇନ୍‌ଭାଲିଡ୍ ହେବ ତା'ର କଳନା ନାହିଁ । ତା'ଛଡ଼ା ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ପାଇଁ ଏହା ନିଶ୍ଚିନ୍ତ ଭାବେ ଅସୁବିଧା ଜନକ । କିଛି ସମୟ ପାଇଁ ସମାଜର ପ୍ରଗତି ଗାଇଜରେ ଡୁବିଗଲି। କେତେ ଅଳ୍ପଦିନ ମଧ୍ୟରେ ଆମ ଦେଶ କମ୍ପ୍ୟୁଟର ଜଗତରେ କେତେ ଆଗକୁ ଗ୍ଲାଲିଗଲାଣି । କୁହାଯାଏ ଏହା ଯୁବଗୋଷ୍ଠୀଙ୍କର ଆତ୍ମବିଶ୍ୱାସକୁ ବହୁ ପରିମାଣରେ ବଢ଼ାଇ ଦେଇଛି । ଏହାଦ୍ୱାରା ସେମାନଙ୍କର ସାମାଜିକ ମାଧ୍ୟ କ୍ରିୟା, ପାରସ୍ପରିକ କ୍ରିୟାରେ ଅସମ୍ଭବ ଧରଣରେ ଉନ୍ନତି ହୋଇ ଉଠିଛି । କେବଳ ଯୁବଗୋଷ୍ଠୀଙ୍କ ପାଇଁ କହିଲେ ଭୁଲ୍ ହେବ, ଏତଦ୍ୱାରା ଆବାଳ ବୃଦ୍ଧ ବନତାଙ୍କୁ ସୁବିଧା ପ୍ରାପ୍ତି ହେଉଛି । ଯୁବଗୋଷ୍ଠୀ ମାନେ ଏହାକୁ ଖୁବ୍ ଭଲ ଭାବେ ଧରି ପାରିଥିଲେ ମଧ୍ୟ ବୟୋଜ୍ୟେଷ୍ଠ ମାନଙ୍କ ପାଇଁ ଏତେଟା ସୁବିଧାଜନକ ନୁହେଁ । କାରଣ କେବଳ ଘଟଣାଚକ୍ରରେ ପଡ଼ି ଆମେ ବିଷୟଟି ଉପରେ ଗୁରୁତ୍ୱ ଦେଇଥାଉ। ଇଂରାଜୀରେ ଯାହାକୁ "ନଡ୍ ବେସ୍‌ଡ୍" କୁହାଯାଇଥାଏ । କିନ୍ତୁ କୌଣସି ଏକ ବିଷୟ ଯଦି ଆମ ପାଇଁ, ସମାଜ ହିତରେ ଉପଯୋଗୀ ତାହା ବୟସ ନିର୍ବିଶେଷରେ ଆହରଣ କରିବା ଏକ ଅପରିହାର୍ଯ୍ୟ ଅଙ୍ଗ ।

୫.୨.୧୦୧୦ –

ଇଲେକସନ୍ କମିଶନ ନିର୍ବାଚନ ଫଳାଫଳ ବ୍ୟକ୍ତ କଲେ । ନିଜକୁ ନିଜେ ବିଶ୍ୱାସ କରିପାରିଲିନି । ଟୋଟାଲ୍ ମତଦାନରେ ତିନିଭାଗ ମୋ'ର ଆଉ ଏକ ଭାଗ ଅନ୍ୟ ଦୁଇ ଜଣଙ୍କର । ମୋ'ର ଜଣେ ଅତି ପ୍ରିୟ ସହକର୍ମୀ ଅଭିନନ୍ଦନ ଜଣାଇଲେ, "ଗ୍ରେଟ୍ ମାମ୍" ।

ଇଚ୍ଛା ହେଲା କହିବି, "ସେଦିନ ମୋ'ର ନୋମିନେସନ ଫର୍ମଟିକୁ ରଦ୍ଦ କଲା ସମୟରେ ତୁମେ ତ ସେଠାରେ ଉପସ୍ଥିତ ଥିଲ । ତୁମ ଶିକ୍ଷକଙ୍କର ଦସ୍ତଖତ କୁ ତୁମେ ମଧ୍ୟ ଚିହ୍ନି ପାରି ନଥିଲୁ? ମାତ୍ର ସେମିତି କିଛି ନ କହି କହିଲି, "ପ୍ରତୀକ୍ଷାର ଫଳ ମିଠା" । ଇନ୍ତଜାର୍‌କା ଫଲ୍ ମିଠୀ ହୋତୀ ହୈ ।

## ଚୂଡ଼ାମଣିଙ୍କର ଚୂଡ଼ାନ୍ତ - ୧୭.୧.୨୦୧୩

ମୋ' ପାଇଁ ସେ ଦିନଟା ଖୁବ୍ ମହତ୍ପୂର୍ଣ୍ଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ବିଶ୍ୱର ସବୁଠୁ ଏକ ବଡ଼ ସଂସ୍ଥାରେ ମୁଁ ସଭାପତି ରୂପେ ଅଭିଷିକ୍ତ କରାହେବି । ତାହା ପୁଣି ଭାରତର ଅନରେବ୍‌ଲ ପ୍ରେସିଡ଼େଣ୍ଟଙ୍କ ସମ୍ମୁଖରେ । ସଠ୍ଗ୍ଲଳଶ୍ ବର୍ଷ ତଳକୁ ଓହ୍ଲାଇ ଗଲି । ଅଖିଳ ଭାରତ ହିନ୍ଦୀ ପରିଷଦ ସଂସ୍ଥା ତରଫରୁ ପ୍ରାଥମିକ, ପ୍ରବେଶ, ପରିଚୟ, କୋବିଦ, ରତ୍ନ ପ୍ରଭୃତି ହିନ୍ଦୀ ପରୀକ୍ଷାର୍ଥୀ ମାନଙ୍କର ସମ୍ମାନ । ଓଡ଼ିଶା ତରଫରୁ ମୁଁ ପ୍ରଥମ ସ୍ଥାନ ଅଧିକାର କରିଥିଲି । ଦିଲ୍ଲୀଠାରେ ପ୍ରେସିଡ଼େଣ୍ଟ ତେରଟି ରାଜ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରିବେ । ହେଲେ କୌଣସି ଏକ ଅପରିହାର୍ଯ୍ୟ କାରଣରୁ ସମ୍ମାନ ଗ୍ରହଣ କରିବାରୁ ବଞ୍ଚିତା ହୋଇଥିଲି । ପୁଣି ବାସ୍ତବକୁ ଫେରି ଆସିଲି । ଦୀର୍ଘ ଦୁଇବର୍ଷ ଧରି ସିଦ୍ଧାନ୍ତ କରିଥିବା ବିଷୟ ଗୁଡ଼ିକୁ ଏକତ୍ରିତ କରି "ସଭାପତି ଭାଷଣ" ପାଇଁ ଲେଖିବା ଆରମ୍ଭ କଲି । ସମସ୍ତ ସଭାପତି ମାନଙ୍କ ପାଇଁ ଏଇ ଭାଷଣ ଏବଂ ଏଇ ଦିନଟି ଖୁବ୍ ମହତ୍ପୂର୍ଣ୍ଣ ।

ଉଲ୍ଲାସର ସହ ସଭାଗୃହରେ ପ୍ରବେଶ କରି ଷ୍ଟେଜ୍ ଉପରେ ଥରେ ଆଖି ବୁଲାଇ ଆଣିଲି । ମୋ' ପାଇଁ ଆରକ୍ଷିତ ସ୍ଥାନ କେଉଁଠାରେ ବି ଦେଖାଯାଉନ । ଛିଡ଼ା ହୋଇ ଅନ୍ୱେଷଣ ଦୃଷ୍ଟିରେ ଚାରିଆଡ଼କୁ ଆଖି ବୁଲାଉ ଥିଲି । କେହି ଜଣେ ଭଲେଣ୍ଟିଅର ଗୋଟାଏ ଧକ୍କା ମାରିଲା ଭଳି କହିଲା "କେଉଁ ଜଗତରେ ସନ୍ତରଣ କରୁଛନ୍ତି? ସେଇଠି ବସି ଯାଆନ୍ତୁ । ଅଳ୍ପ ସମୟ ଭିତରେ ସମସ୍ତ ସିଟ୍ ଗୁଡ଼ିକ ଭର୍ତ୍ତୀ ହୋଇଯିବ । ଅନରେବଲ୍ ପ୍ରେସିଡ଼େଣ୍ଟ ପହଞ୍ଚିବାର ସମୟ ହୋଇଗଲାଣି ।

"ମୋ' ପାଇଁ ଆରକ୍ଷିତ ସ୍ଥାନଟି ଖୋଜୁଛି ।"

"ଆମ୍ ଜନତାଙ୍କ ପାଇଁ ନୁହେଁ, କେବଳ ଭିଆଇପି ମାନଙ୍କ ପାଇଁ ସ୍ଥାନ ଆରକ୍ଷଣ ରହେ ବୋଲି ଆପଣଙ୍କୁ ଜଣା ନାହିଁ? ଅପେକ୍ଷାକୃତ କର୍କଶ ସ୍ୱରରେ କହିଲା ଝିଅଟି ।

ଅଳାଜୁକ ଭଳି କହିଲି "ମୁଁ ପ୍ରେସିଡ଼େଣ୍ଟ"। ଝିଅଟି ମୋ' ପାଖରେ ସମୟ ନଷ୍ଟ ନ କରି ଦୂରକୁ ଚାଲି ଯାଇଥିଲା । ଶୁଣି ପାରିଲି ଟିକିଏ ଅଟ୍ଟହାସ୍ୟ ସ୍ୱର... ଦରିଦ୍ର ଗୋଷ୍ଠୀର ପ୍ରେସିଡ଼େଣ୍ଟ ବୋଧେ? ତା'ପରେ ସାମାନ୍ୟ ହସଧ୍ୱନି ।

ମିଟିଂ ଆରମ୍ଭ ହୋଇ ଯାଇଛି । ଆବେଗର ସହିତ ଅପେକ୍ଷା କରିଥିଲି । ହୁଏତ ଭୂଲ୍ ବଶତଃ ମୋ' ନେମ୍ ପ୍ଲେଟ୍‌ଟି ରଖା ଯାଇ ପାରିନ । ଅଭିଷିକ୍ତ (ଇନ୍‌ଷ୍ଟଲେସନ) କାର୍ଯ୍ୟକ୍ରମ ପରେ ନିଶ୍ଚୟ ଆରକ୍ଷିତ ହେବ ।

ଭାରତର ରାଷ୍ଟ୍ରପତି ବିରାଜିତ ହେଲେ । ତାଙ୍କ ସମ୍ମାନରେ ସାଲସା ନୃତ୍ୟ ସହିତ ଅନ୍ୟ ଦୁଇଟି ନୃତ୍ୟ ପରିବେଷଣ ହେଲା । ବିଭିନ୍ନ ସଂସ୍ଥାରୁ ଆମନ୍ତ୍ରିତ ପ୍ରେସିଡ଼େଣ୍ଟ ମାନଙ୍କର ଭାଷଣ... ଧନ୍ୟବାଦ ଅର୍ପଣ ପରେ ରାଷ୍ଟ୍ରୀୟ ସଂଗୀତ... ରାଷ୍ଟ୍ରପତି ମହୋଦୟ ସଭାଗୃହ ଛାଡ଼ିଲେ । ମଞ୍ଚଶୂନ୍ୟ... ପରେ ପରେ ଶୁଣାଗଲା । ଅତ୍ୟାଧୁନିକା ଏକ ସମାଚାର ଉଦ୍

ଘୋଷକ(ଆଙ୍କର) ଙ୍କର କଣ୍ଠସ୍ୱର ।” ବର୍ତ୍ତମାନ ସଂସ୍ଥାର ନୂତନ ସଭାପତି ତିନମିନଟ୍ ପାଇଁ ତାଙ୍କର “ସଭାପତି ଭାଷଣ” ପରିବେଷଣ କରିବେ ।

ତିନମିନଟ୍??? ସାଲ୍ସା ନୃତ୍ୟ ପାଇଁ ବାଇଶ୍ ମିନଟ୍ ଆଉ ସଭାପତି ଭାଷଣ ପାଇଁ ମାତ୍ର ତିନମିନଟ୍... ତିନ ମାସର ପରିଶ୍ରମ ସଂବୋଧନରେ ତ ତିନମିନଟ୍ ଗ୍ଡ଼ଲିଯିବ ।

ସେଇଆ ହେଲା । ସଂବୋଧନ ପରେ ପରେ ମୋ' ଅଜାଣତରେ ପାଟିରୁ ବାହାରି ଆସିଲା “ଆଗାମୀ ନଅ ମାସ ପରେ ମୁଁ ଆପଣମାନଙ୍କୁ ସମ୍ମୁଖକୁ ଦିଲ୍ଲୀ ନଗରୀରେ ଆଣିଦେବି ଏକ ନବଜାତ ଶିଶୁ । ଯାହା ହେବ ଆମ ସଂସ୍ଥାର ହେଡ୍ କ୍ୱାଟର୍ସ ବିଲ୍ଡ଼ିଙ୍ଗ୍... ସଂସ୍ଥାର ବହୁ ସଂଖ୍ୟାର ସଭାପତି ମାନଙ୍କର ସ୍ୱପ୍ନକୁ ସାକାର କରି ମୁଁ ନିଜକୁ ଧନ୍ୟ ମନେ କରିବି । ଏହା ହେବ ସଂସ୍ଥାର ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କ ପାଇଁ ସଭାପତିଙ୍କର ଅମୂଲ୍ୟ ଦାନ । “ସଭାଗୃହ କରତାଳ ଧ୍ୱନିରେ ଗୁଂଜରି ଉଠିଲା । ଉଦ୍ ଘୋଷକଙ୍କର କଣ୍ଠସ୍ୱର “ତିନ ମିନଟ ହୋଇ ସାରିଛି”, ନମସ୍କାର କରି ବିଦାୟ ନେଲି ।

ସଭାଗୃହ ଖାଲି ହେବାପରେ ଷ୍ଟେଜ ପାଖରେ କେତେ ଜଣଙ୍କର ମିଳିତ କଣ୍ଠସ୍ୱର । ହାର୍ଟିଏଷ୍ଟ କନ୍‌ଗ୍ରାଚୁଲେସନ୍ ମାମ୍” ।

“ସେ ଆଡ଼କୁ ଦୃଷ୍ଟି ନ ଦେଇ ଦୁଃଖ ଭରା ସ୍ୱରରେ ସଂସ୍ଥାର ସେକ୍ରୋଟାରୀକୁ କହିଲି ସଂସ୍ଥାର ସଭାପତି ଅଭିଷିକ୍ତ ସଂସ୍ଥାର ଏକ ମହତ୍‌ପୂର୍ଣ୍ଣ ବାର୍ତ୍ତା । ଆଜି ସେଥିରେ... ବ୍ୟତିକ୍ରମ କାହିଁକି?”

“ଜାଣିଛି ମାମ୍ । ମାତ୍ର ଏହା ଥିଲା ଚୂଡ଼ାମଣିଙ୍କର ଚୂଡ଼ାନ୍ତ” ମୋ' କଥା କାଟି ସେକ୍ରେଟାରୀ କହିଲେ ।

ହୃଦୟର କେଉଁ ଏକ କୋଣରେ ଅବର୍ଣ୍ଣନୀୟ ଆଘାତ । ନାଁ... ଏ ବିଷାଦକୁ କୌଣସିମତେ ଦୂର କରିବାକୁ ହେବ । ବିଷାଦ ପ୍ରଗତି ପାଇଁ ପ୍ରତିକୂଳ ।

**ଲେଖା ହରଣ:-**

ପିଲାଟି ଦିନରୁ ମତେ ଲେଖାଲେଖି କରିବାକୁ ଭଲ ଲାଗେ । ବୃତ୍ତି ଲେଖାରେ ମଧ୍ୟ ପଛରେ ରହି ନ ଥିଲି । ଅନ୍ୟମାନଙ୍କ ତୁଳନାରେ ମୋ'ର ବହି ଏବଂ ପତ୍ର ପତ୍ରିକାରେ ପ୍ରକାଶିତ ଲେଖା ଖୁବ୍ ବେଶୀ । ଲେଖା ଜରିଆରେ ମୁଁ ଦେଶ ବିଦେଶରେ ଆଦୃତ ହୋଇ ଉଠିଥିଲି । ଯାହା ମୋ'ର କେତେଜଣ ସହକର୍ମୀଙ୍କ ପାଇଁ ଚକ୍ଷୁଶୂଳ ଥିଲା । ମୋ'ର ପ୍ରକାଶିତ ଅପ୍ରକାଶିତ ଲେଖା ଗୁଡ଼ିକ କମ୍ପ୍ୟୁଟରରେ ଥାଏ । ୧୯୯୯ରେ ନେପାଳରେ ଉଚ୍ଚଶିକ୍ଷା ଏବଂ ମାଇକ୍ରୋ ସର୍ଜରୀ ଆରମ୍ଭ କରିବା ପାଇଁ ଭାରତ ସରକାରଙ୍କ ତରଫରୁ ମତେ ଆଦେଶ ହୋଇଥିଲା । ଦୁଇବର୍ଷ ପାଇଁ ମତେ ଦେଶାନ୍ତର ହେବାକୁ ପଡ଼ିଥିଲା । ମୋ' ବ୍ୟବହାର କରୁଥିବା କମ୍ପ୍ୟୁଟରଟି ଅନ୍ୟ କାହାକୁ ଦିଆ ଯାଇଥିଲା । କେହି ଜଣେ ତାଙ୍କୁ ମୋ'ର ସମସ୍ତ ଲେଖାଗୁଡ଼ିକ କମ୍ପୁଟରରୁ ବାହାର କରି ନିଜ ନାମରେ ପ୍ରକାଶ କରାଇବାକୁ କହିଥିଲେ । ଜୁନିଅର ଜଣଙ୍କ ଏ ପ୍ରସ୍ତାବରେରାଜି ହେବା ପାଇଁ ଅମଙ୍ଗ ଥିଲେ ମଧ୍ୟ ନିଜ ହିତରେ ଶେଷରେ ମାନି ନେଇଥିଲେ । ହେଲେ ତାଙ୍କର ବୋଧେ ଭାଗ୍ୟ ଖରାପ ଥିଲା । ଛିଡା ହୋଇଥିଲ ଏକ ବିରାଟ ଅପ୍ରୀତିକର ସମସ୍ୟା ମୋ'ର ଗୋଟିଏ ଲେଖା ଯାହା ପ୍ରକାଶ ପାଇସାରିଥିଲା, ମାତ୍ର ଜର୍ଣ୍ଣାଲ ବଜାରକୁ ଆସି ନ ଥିଲା (ସେ ସମୟରେ ଗୁଗୁଲ୍ ଏତେ ବେଶୀ ବ୍ୟବହୃତ ନ ଥିଲା) ତାହା ଅନ୍ୟ ଏକ ଜର୍ଣ୍ଣାଲ୍‌ରେ ପ୍ରକାଶ ପାଇଥିଲା । ଆରମ୍ଭ ହେଲା ଧର ପଗଡ଼ । ମତେ ନେପାଳରୁ ଆସିବାକୁ ପଡ଼ିଥିଲା ।

ସମସ୍ତ ତଥ୍ୟ ସଂଗ୍ରହ ହେବା ପରେ ଏଇ ଅପରାଧ ପାଇଁ ତାଙ୍କୁ ଚାକରୀରୁ ବରଖାସ୍ତ କରିବାର ନିର୍ଣ୍ଣୟ ନିଆଯାଇଥିଲା । ପ୍ରସ୍ତାବରେ ମତେ ନିଶ୍ଚିତ ଭାବେ ଖରାପ ଲାଗିଥିଲେ ମଧ୍ୟ ଦୋଷୀ ପାଇଁ ଏହା ଏମ୍‌ସ୍‌ର ନୀତି ନିୟମ (ପୂର୍ବର ପ୍ରିସିଡ଼େନ୍‌ସ ରହିଛି), ତେଣୁ ବିଶେଷ କିଛି ଚିନ୍ତା କରି ନ ଥିଲି । ଆସନ୍ତା ଦିନ ନେପାଳ ପ୍ରତ୍ୟାବର୍ତ୍ତନ କରିବାର ପ୍ରୟାସ

କରୁଥିଲି, ଶୁଣିବାକୁ ମିଳଲା, ଯଦି ସେ ଦୋଷୀ ନୁହେଁ ବୋଲି ମୁଁ ଲେଖିଦିଏ ତେବେ ତାକୁ ବରଖାସ୍ତ କରାଯିବନ ।

ପରେ ପରେ ତାଙ୍କର ଜଣେ ବନ୍ଧୁ ମୋ' ନିକଟକୁ ଆସି ସେଥିପାଇଁ ଅନୁରୋଧ କରିଥିଲେ । "ମାତ୍ର ସେ ଦୋଷୀ ନୁହନ୍ତି ଲେଖିଲେ ମୁଁ ଦୋଷୀ ସାବ୍ୟସ୍ତ ହେବି ।"

"ଆପଣ ତ ଏତେ ଉପରକୁ ଉଠି ସାରିଛନ୍ତି । ତାଙ୍କର ମାତ୍ର କ୍ୟାରିଅର ଆରମ୍ଭ । ଦୟା କରୁଛନ୍ତି ବୋଲି ମନରେ ନେଇ ନିଜ ଉପରକୁ ଦୋଷ ନେଇ ଯାଆନ୍ତୁ ।"

ବିରକ୍ତିର ଚରମ ସୀମାରେ ପହଞ୍ଚି କ'ଣ ଉତ୍ତର ଦେଇଥିଲି ମୋ'ର ଏବେ ବି ମନେନାହିଁ, ମାତ୍ର ବନ୍ଧୁ ଜଣଙ୍କ ମୁହଁ ଶୁଖାଇ ଗ୍ଲାନି ଯାଇଥିଲେ, ନେପାଳ ପାଇଁ ଟିକେଟ୍ ବୁକ୍ କରିବା ସ୍ଥଗିତ ରଖିଲି । ମନରେ ଖୁବ୍ ବଡ଼ ସନ୍ତୁଳନ । "ଏଣୁ ମାରିଲେ ନରହତ୍ୟା, ତେଣୁ ମାରିଲେ ଗୋହତ୍ୟା" । ତୁମେ ହିଁ କିଛି ସମାଧାନର ଉପାୟ ବତାଅ ପ୍ରଭୁ । ତହିଁ ଆରଦିନ ସକାଳେ ମନକୁ ଏକ ଚମତ୍କାର ବୁଦ୍ଧ ଆସିଲା, ଡାଇରେକ୍ଟରଙ୍କ ଅଫିସ୍ ଯାଇ ଲେଖି ଆସିଲି "ଦୋଷ ପାଇଁ ତାକୁ ବରଖାସ୍ତ ନ କରି ଅନ୍ୟ କିଛି ଦଣ୍ଡ ଦିଆଯାଇ ପାରେ, ସେ ନିଜ ଅଜାଣତରେ ସେ ଏ ଦୋଷଟି କରି ବସିଛନ୍ତି ।"

ନେପାଳ ପହଞ୍ଚିବା ପରେ ଜାଣିବାକୁ ପାଇଲି ତାକୁ ଦୁଇବର୍ଷ ପାଇଁ ରିସର୍ଚ୍ଚ ଏବଂ କନଫରେନ୍ସ ଆଦି ଯିବା ପାଇଁ ବର୍ଜିତ କରାଯାଇଛି, ଭଗବାନଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ିଲି ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ଅଭୁଲ୍ ସ୍ୱପ୍ନ



ଚୈତନ୍ୟ ବାଗ

ଜୀବନ ଏକ ରଙ୍ଗ ମଞ୍ଚ ରେ
କେତେବେଳେ କଏ ହୁଏ ଦେଖା,
ବାସ୍ତବ ରେ କଏ ମନେ ରହେ
କଏ ହୁଏ ଅଭୁଲ୍ ରେଖା ।

ହୃଦୟ ଭିତ ରେ ଜାଗା କରି ରୁହେ
ଜଣେ ମନର ମାନସୀ
ତାକୁ ଝୁରି ଝୁରି ଆଖି ଲୁହ ଓଠ ପିଏ
ଏକା କରି ଦିଏ ଜଣେ ସାଥୀ ।।

ଭୁଲିବାକୁ ଚାହେଁ ମନ ତାକୁ ହେଲେ
କେବେ ଭୁଲି ତାକୁ ପାରେନା ,
ଅଭୁଲ୍ ସ୍ୱପ୍ନ ପରି ସ୍ମୃତି ରେ ରହେ,
ତାକୁ ଖୋଜୁ ଥାଏ ଏହି ଆଖି ଆଇନା ।।

ସପନ ଦେଖେଇ ନିଦ ମୋ ଚୋରେଇ
ତୋଳ ଥିଲ୍ ବାଲି ଘର
ମିଠା ମିଠା କଥା କହି ଠକ ଚାଲିଗଲ୍ ,
କରି ଦେଇ ସାତ ପର ।।

ସବିଙ୍କ ଜୀବନେ ରହେ ଏକ ସ୍ୱପ୍ନ ,
କାହାର ପୂରଣ ତ କାହାର ଶୂନ୍ୟସ୍ଥାନ ,
ଜୀବନ ର ମୋର ଅଭୁଲ୍ ମୋଡରେ ,
ସେ ହେଉଛି ମୋ ଅଭୁଲ୍ ସ୍ୱପ୍ନ ।

ଚଚଆ, କଳାହାଣ୍ଡି

# ପ୍ରେମର ଜୀବନ୍ୟାସ



ସିଦ୍ଧେଶ୍ବର ତ୍ରିପାଠୀ

ଝରିଲାଣି ଦେଖ ବଉଳର ବାସ
ଫଗୁଣ ରହିଛି ବାକି
ବସନ୍ତ ପରଶ ପହିଲି ତିଥିରେ
ଆମେ ହେବା ପାଖା ପାଖି ।

ଜହ୍ନ ଆଲୁଅରେ ବିଭୋର ବେଳାରେ
ତୁମେ ଗାଉଥିବ ଗୀତ
ମହା ମିଳନର ମଧୁର ମୁହୂର୍ତ୍ତ
ଆସି ହେବ ଉପନୀତ ।


ଏଇ ଓଠ ଧାରେ ତୁମ ଦେହ ସାରି
କେତେ ଛବି ଦେବି ଆଙ୍କି
ବସନ୍ତ ପରଶ ପହିଲି ତିଥିରେ
ଆମେ ହେବା ପାଖାପାଖି ।

ଦୁଇ ଦେହ ମନ ଏକାକାର ହେବ
ବଦଳବ ଭାଗ୍ୟ ରେଖା
ଆପେ ଲିଭିଯିବ ବାଉଁଅ ବୟସ
କାମନାର ଦୀପ ଶିଖା ।

ତୁମ ସାଥେ ମିଶି  ଜୀବନ କାହାଣୀ
ଖୁସିରେ ପାରିବି ଲେଖି
ବସନ୍ତ ପରଶ ପହିଲି ତିଥିରେ
ଆମେ ହେବା ପାଖା ପାଖି ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

# ମାଫିଆ



ଅଜିତ ପାଢ଼ି

ଭାବ ଉତ୍ପନ୍ନ ହୁଏ, ଭାବୁକ ମନର ଭାବନା ଉତ୍ସରେ "ପକ୍ଷୀ" ର ଭାବନା । ଉଦ୍ଭବ ଙ୍କ ୧୦୮ ଗୁରୁ । "ପକ୍ଷୀ" ତ ଅଛି ଊର୍ଦ୍ଧରେ । "କଲମ ଶକ୍ତି" ର ଚେତନା ର ଊର୍ଦ୍ଧରେ "ପକ୍ଷୀ" ର ଚେତନା ଶକ୍ତି ଉତ୍ସରେ ।

ମୁକ୍ତ ଆକାଶ, ମୁକ୍ତ ବନରାଜି, ମୁକ୍ତ ଜଳରାଶି, ମୁକ୍ତ ବିହଙ୍ଗ ବସା ସେଦିନ ଲେଲିନ୍, କାର୍ଲମାର୍କସ, ଗାନ୍ଧୀ, ସୁଭାଷଙ୍କ ହୃଦୟ ତ କଥା କହେ, ସ୍ୱତନ୍ତ୍ରତା ଓ ସ୍ୱଚ୍ଛନ୍ଦତାର ବାରତା ।

ପଛଘୁଞ୍ଚା ନୁହେଁ "ପକ୍ଷୀ" ର ବୈପ୍ଳବିକତା । "ଶବ୍ଦ ସଂକେତ" ସତେ "ସ୍ୱଚ୍ଛନ୍ଦତା" ମନେ ରଖେ "ଚେତନା ଶକ୍ତି" । ଖୋଲା ଆକାଶ, ଖୋଲା ପାଣି ପବନ, ଖୋଲା ସହର । "କର୍ଫ୍ୟୁଁ ଭିତରେ ନୁହେଁ କି ଲକଡାଉନ ଭିତରେ ନୁହେଁ । ସବୁବେଳେ ହୃଦୟ ରେ ତ ସ୍ୱତନ୍ତ୍ରତା ବିଗ୍ରହ **!**

ପକ୍ଷୀ କହେ, ଚାଲ, ଶାଗୁଣା, ଗୃଧ୍ର ପକ୍ଷୀର ମାଫିଆ ବିଗ୍ରହ ଭିତରେ ଆମ୍ଭେ ସଂଘର୍ଷ କରି ଶିଖିଅଛୁ । କିନ୍ତୁ, ହାୟ ମାଫିଆଙ୍କ ବୋମାମାଡ, ପରିବେଶ ଜଙ୍ଗଲର ହୁତୁ ହୁତୁ ନିଆଁମାଡରେ ଆମ୍ଭେ ଆଜି ଦିବସ ମଣିଷ ଭିତରେ ଥିବା "ଗୃଧ୍ର ପକ୍ଷୀ" ମାଫିଆଙ୍କ କୃର ଚକ୍ରାନ୍ତାରେ ଆମର ସଂଖ୍ୟା ନାହିଁ । ଆମ ପରିବାର ଧ୍ୱଂସ ବିଧ୍ୱଂସ୍ତ । ଆମ ବିହଙ୍ଗ ଜାତିର ଧ୍ୱଂସ ବିଲୁପ୍ତ ପ୍ରାୟ । ନାହିଁ ଆମ୍ଭର "ବୈପ୍ଳବିକତା ଶକ୍ତି" କରିବାକୁ ଜାଗ୍ରତ "ବିହଙ୍ଗ ବିପ୍ଳବ" । ଆଜି ମନୁଷ୍ୟଙ୍କ ପାଇଁ ସତେ ତ ମାଫିଆ ର ଶିକାର**?**

ସବୁଠି ହାହାକାର । ସ୍ତବ୍ଧ ବନରାଜି, ଜଳ, ସ୍ଥଳ, ଆକାଶ । ମଣ୍ଡି ବଜାର, ଆଧାର କାର୍ଡ, ଶରଣାର୍ଥି, ପଶିଆସୁଛନ୍ତି ମାଫିଆ ଗୁଦ୍ର, ଚିଲ, ବାଜପକ୍ଷୀ, ସମୂଳେ ଧ୍ୱଂସ କରିଦେବା ପାଇଁ ଆମ୍ଭ ଚେତନା ଶକ୍ତି କୁ । "ମୁକ୍ତ ଆକାଶ" ରେ ହେଉଛି "ରାଫେଲ" ମାଡ । ପକ୍ଷୀ କହେ ମଣିଷ କେଉଁଠି ନାହିଁ! ଜଙ୍ଗଲ ଭିତରେ ସଂଗ୍ରାମ କରୁଛି କେଉଁ ଉଦ୍ଦେଶ୍ୟ ନେଇ । "ମାଓବାଦୀ" ଓ ପୋଲିସର ମୁହାଁମୁହିଁ ଗୋଲ୍ ଓ କମାଣର ପଦ ଧ୍ୱନ ଶୁଣି ପାରୁଛି ଆମେ ଭୟଭୀତ ହୋଇ ମଣିଷ ର ଅଟ୍ଟହାସ୍ୟ ବୈପ୍ଲବିକ ଚକ୍ରାଧାର୍‌କୁ ।

ଶୁଆ, ଶାରୀ କଥା ହେଉଛନ୍ତି ଗଛମୂଳେ "ପକ୍ଷୀ ର କାହାଣୀ" । ଶୁଆ କହେ, ଲେଖିବାର ସାହସ ହେଉନାହିଁ...... ଚିଲ, ଶାଗୁଣା ଓ ମାଫିଆଙ୍କ କାହାଣୀ ରେ ମନୁଷ୍ୟ ଆଜି "ଜନସମୁଦ୍ର" । ହଜାର କୋଟିର ମନୁଷ୍ୟ ସମାଜ । ଦେଖ ଲେ଼ ଶୁଆ ! ସ୍ୱଚ୍ଛନ୍ଦତା ଭିତରେ ମଣିଷ ଶିକାର, ବିଗୁର୍ ମଣିଷ ସମାଜ । ଚିଲ, ଶାଗୁଣା, ବାଜ ଶିକାରୀ ମାଫିଆ ଆମ୍ଭ ପାଇଁ ଯେଉଁ ଧର୍ଷଣ ଓ ଚକ୍ରାର ଓ ସ୍ୱତନ୍ତ୍ରତା କୁ ଛଡାଇଦେଇ ଆମ୍ଭ ଘର, ଦ୍ୱାର, ଜଙ୍ଗଲ କୁକ୍ ଧ୍ୱଂସ ବିଧ୍ୱଂସ୍ତ କରି ଆମ୍ଭର ଏକତାକୁ ଧ୍ୱଂସ କରି ଜାତି, କୁଳ, ପରିବାର ର ନପାତର କାରଣ ହୋଇପାରନ୍ତି ନିଷ୍ଚୟ ?

ଆକାଶରେ ସୁପର ସୋନକ୍, ରାଫେଲ, ବୋମାମାଡ ଶତ୍ରୁ ସଂହାର ନା ସନ୍ତୋଷ ନା ମର୍ଯ୍ୟାଦାର ପରାକାଷ୍ଠା ସତେ ତ ଡୋକଲାମ, ଇରାକ ଏବଂ ପସିୟ୍‌ଏ ଅନୁପ୍ରେବେଶ ମାଫିଆ ମାନଙ୍କ "ପାକସ୍ଥାନ" ର ଖଳ ଚକ୍ରାକୁ ଧ୍ୱଂସ କରିବାକୁ ।

ଅଭିଳାସା ଓ ଆମ୍ଭ ମର୍ଯ୍ୟାଦା "ଷ୍ଟ୍ରମ" ଙ୍କ ଆଭିମୁଖ୍ୟ? ଦ୍ୱିତୀୟ ବିଶ୍ୱଯୁଦ୍ଧ ର ହିରୋସୀମା, ନାଗାସାକର ଭୟାଭୟ ଧୂଆ ମାଡରେ ମଣିଷ ସଭ୍ୟତାକୁ ଗଣିପାରି ନାହାନ୍ତି ସିନା, ଆମ୍ଭ ବଂଶ, ବିହଙ୍ଗ ଙ୍କ ନପାତ ବୋଧହୁଏ, କେଉଁ କାଳରେ "କୌରବ ନପାତ" ମନେ ହୁଏ ।

ଶାରୀ କୁ କହୁଛି ଶୁଆ । ହାୟ, ମଣିଷ ଭିତରେ ଏକତା ଅଛି? କହିବାର ଶକ୍ତି ଅଛି? ଭାବନା ଅଛି? କନ୍ତୁ ଜାତିବାଦ ଓ କୋଟା ରାଜନୀତି, ବିପିଏଲ୍ କାର୍ଡ, ଭି.ଆଇ.ପି କାର୍ଡ, ସାଂସଦ କାର୍ଡ, ଜାତି ସାର୍ଟିଫିକେଟ, ହିନ୍ଦୁ କାର୍ଡ, ମୁସଲମାନ କାର୍ଡ, ଭିତରେ

କଙ୍ଗନାର କଙ୍ଗନ ଝଙ୍କାର ମହାରାଷ୍ଟ୍ରରୁ ଶୁଭୁ ଅଛି ଆଜି ସତେ । ଶୁଭୁନାହିଁ ଶିବାଜୀ ଙ୍କ ରଣ ଝଙ୍କାର । ଶୁଭୁନାହିଁ ଲକ୍ଷ୍ମୀବାଇଙ୍କ ସୁର ତାଳ ଓ ଅସ୍ତ୍ର ର ଝଙ୍କାର ମାଫିଆଙ୍କୁ ଗୋଡାଇ ଦେବା ପାଇଁ । ସତେ ଆମେ ହରୁପାୟ ଆତ୍ମ ଶକ୍ତିକୁ ଜାଗ୍ରତ ଏବଂ ବଂଶ ବୃଦ୍ଧି ର ଆବଶ୍ୟକତା ମନେ ହୁଏ ପକ୍ଷୀର ସ୍ୱଚ୍ଛନ୍ଦତାକୁ ଫେରାଇ ଆଣିବା ପାଇଁ! ବର୍ବର ମାଫିଆଙ୍କୁ ଗୋଡେଇ ଦେବା ପାଇଁ!

ମୋ କଲମ ଥରି ଯାଉଛି....! ଲେଖିବାର ସାହସ ହେଉନାହିଁ! ଚଲ ଶାଗୁଣା ଓ ଜଙ୍ଗଲ ମାଫିଆଙ୍କ ବର୍ବର କାହାଣୀ! ନଗ୍ନତା, ଲୁଣ୍ଠନ, ଧର୍ଷଣ ର ଭିତରେ ବୈପ୍ଲବିକତା ଓ ବୈପ୍ଲବିକ ପଛରେ ସ୍ୱଚ୍ଛନ୍ଦତା ଓ ସ୍ୱତନ୍ତ୍ରତା ଏ ତ ପକ୍ଷୀର କାହାଣୀ! ଶୁଆ କହୁଛି ଶାରୀକୁ ଏ ତ ପକ୍ଷୀର କାହାଣୀ! ହୋଇଲେ଼ ଶାରୀ ଏ ତ ଦୁଃଖର କାହାଣୀ!

ଘାସିରାମ ମାଝୀ ହାଇସ୍କୁଲ, ନୂଆଗାଁ

# ସ୍ୱତନ୍ତ୍ର ଓଡିଶା



ପଙ୍କଜିନୀ ଭୋଇ

ଭାରତ ଭୂଖଣ୍ଡେ ରାଜ୍ୟ ଅନେକ
ସେ ମାଧ୍ୟୁ ଉତ୍କଳ ପ୍ରଦେଶ ଏକ,
ପୂଜ୍ୟସ୍ପଦ ପ୍ରିୟ ଜନନୀ ସେହି
ଜନମ ମାଟି ମୋ ଉତ୍କଳ ଭୂଇଁ,
ମୋ ସୁନାର ମାଟି;
ଶାନ୍ତି-ମୈତ୍ରୀ-ପ୍ରୀତି ସଙ୍ଗମ ଏଇଠି।।

ଶାନ୍ତିର ବାୟୁ ଏ ମାଟିରେ ବହେ
ସୁନାର ଫସଲ ଏ ମାଟିରେ ଫଳେ,
ଶସ୍ୟଶ୍ୟାମଳା ଚଉଦିଗ ଘେର୍
ଚକମିକ ଦିଶେ ଆହା ମୋତିହୀର୍,
ଆକାଶର ତାର୍;
ଫୁଟେ ଫୁଲ ପରି ଏଇ ମାଟିସାର୍ ।।

ସ୍ୱର୍ଣମୟ ଏଇ ରାଇଜ ଦେଖି
ପଡିଲା ବିଦେଶୀ ଲୋଲୁପ ଆଖି
ନିଜ ଅଧିକାର କରିବା ପାଇଁ
ଏ ମାଟି ଉପରେ ତା ପାଦ ଥୋଇ,

ଏକ ପରେ ଏକ;
ନାଟ ଲଗାଇଲେ କଏ କେତେକ ।।

ଶେଷ ସ୍ଵାଧୀନ ସେ ହିନ୍ଦୁ ନରେଶ
ତାଙ୍କ ମୃତ୍ୟୁ ପରେ ଏଇ ପ୍ରଦେଶ
ବିଦେଶୀ କବ୍ଜା ରେ ହେଲା ଆୟତ୍ତ
ହେଲା ଖଣ୍ଡ ଖଣ୍ଡ ଓ ବିଖଣ୍ଡିତ,
ଛିନ୍ନ ବିଛିନ୍ନ;
ରହିଲାନ ତାର ନାଁ କ ଚହ୍ନ ।।

ଇଂରେଜ-ଆଫଗାନ ଆଉ ମୋଗଲ
ମରହଟ୍ଟା ମିଶି କଲେ ଗୋଳମାଳ
ଖଣ୍ଡ ଖଣ୍ଡ କରି ପକାଇଦେଲେ
ଓଡିଶାବାସୀ ଙ୍କ କାଳ ସାଜିଲେ,
କଲେ ଅଲଗା,
ଛିଟିକ ପଡିଲା ମୋ ମାଟି ମାଁ।।

ଏଇ କ ଉତ୍କଳ ମାଆଁ ଟି ମୋର
କ ଅବସ୍ଥା ଆଜି ହେଇଛି ତାର
ବୀର ସନ୍ତାନ ସେ ଉଠିଲେ ମାତି
ଚଢ଼ିଗଲା ପିତ୍ତ, ରକ୍ତରେ ତାତି
ଭିଡ଼ିଲେ ଅଣ୍ଟା;
ତିଆରି କରିବୁ ନୁଆଁ ଓଡିଶା ।।

ଖଣ୍ଡ ବିଖଣ୍ଡିତ ଭୁଇଁକୁ ଯୋଡି
ନୁଆଁ ପ୍ରଦେଶ ଟି ଦବାକୁ ଗଢି

କୃଷ୍ଣ ଗଜପତି-ମଧୁସୂଦନ
ମିଶ୍ରେ କୃପାସିନ୍ଧୁ-ଫକୀରମୋହନ
ବୀର ଗଙ୍ଗାଧର;
ନୀଳମଣି ମିଶି କଲେ ବିଗ୍ଭର ।।

ବିଛିନ୍ନାଂଚଳ ର ଏକାଠି ପାଇଁ
ଆନ୍ଦୋଳନ ସର୍ବେ କରନ୍ତି ଯାଇ
ନବଜଗରଣ ନୂଆ ଚେତନା
ପ୍ରଦେଶ ଗଠନେ ଦେଲା୍ ପ୍ରେରଣା
ମାତିଲେ ଉଠି;
ବରଷା ବିଜୁଳ କ ଆଜି ଏକାଠି !!

କେତେ ଆନ୍ଦୋଳନ କରିଲେ ସର୍ବେ
କେତେ ଘାତ-ପ୍ରତିଘାତ ସହିଲେ
ଆସି ପହଞ୍ଚିଲା୍ ଗୋଟିଏ ଦିନ
ଉଣେଇଶ'ଶହ ଛତିଶି ମସିହା ଜାଣ
ଏପ୍ରିଲ ଏକ;
ସ୍ୱତନ୍ତ୍ର ଓଡିଶା ହେଲା୍ ଗଠିତ ।।

ବିଛିନ୍ନ ଭୁଇଁଟି ହେଲା୍ ଏକାଠି
ଏକାଠି ହୋଇଲା୍ ମୋ ମାଁ ମାଟି
ନର୍ଦ୍ଧିରିତ ହେଲା୍ ସ୍ୱତନ୍ତ୍ର ସୀମା
ସ୍ୱତନ୍ତ୍ର ହୋଇଲା୍ ଉତ୍କଳ ମାଆଁ,
ପୁଣି ସ୍ୱାଧୀନ;
ନୁହଁ ଆଉ ବିଦେଶୀ ଙ୍କ ଅଧିନ ।।

ଲାଞ୍ଜି, କେଗାଁ, କଳାହାଣ୍ଡି

# ଅନନ୍ତ ଚରନ୍ତନ
# ସାସ୍ୱତ ପ୍ରେମ



ପ୍ରଦୀପ କୁମାର ଜିଲିକାର୍

ଯେସନେ ଶଶାଙ୍କ କହ୍ଲାର
ସଂପର୍କ ଅଗଭୀର
ନଳନ ମାର୍ତ୍ତଣ୍ଡ ପ୍ରେମରେ
ଯେହ୍ନେ ହୋଏ ଆତୁର

ବ୍ୟବଧାନ ବହୁ ଯୋଜନ
ମାତ୍ର ପ୍ରୀତି ଅମର
ଅନନ୍ତ ଅପ୍ରାକୃତ ପ୍ରୀତି
ନାହିଁ ଭଗ୍ନର ଦର

ମିହିର ଉଦୟେ ପଦ୍ମିନୀ
ହୁଏ ବିକଚ ଯେହ୍ନେ
କୁମୁଦିନୀ କୌମୁଦୀ ପାଇ
ଲଭେ ଆନନ୍ଦ ମନେ

ଦିବସ ବିରହ କଦନ
ଯେହ୍ନେ ସହେ କୁମୁଦ
ରାତ୍ରରେ ସୁପ୍ତ ପ୍ରାୟ ଥାଇ
ପଦ୍ମ ସ୍ମରଇ ମନ୍ଦ

ଏହି ତ ଅମର ପୀରତି
ନିଃସ୍ୱାର୍ଥପରତାର
କଳ୍ପ କଳ୍ପ ରହି ଜୀବନ୍ତ
ହୃଦୟେ ନିରନ୍ତର

ସ୍ୱର୍ଗ ସୁଧା ରସ ହେବ କି
ଏହି ପ୍ରୀତି ର ତୁଲ୍ୟ
ପ୍ରେମ ଚିରନ୍ତନ ସାସ୍ୱତ
ନିଧି ହେବ ଅତୁଲ୍ୟ।

ହାଡ଼ଶିଙ୍କୁଳା ଗୁଟିକୋଣା
ବିଷମକଟକ ରାୟଗଡ଼ା।

# ଗୃହବନ୍ଦୀ



ଖଗେଶ୍ୱର ବାଗ

ସେ ଦିନ ବସ୍ ୪୯ ଜଣ ଶ୍ରମିକଙ୍କୁ ନେଇ ଆସିଲା ଏକ ସଙ୍ଗରୋଧ କେନ୍ଦ୍ରକୁ। ବସ୍ ଚାଳକ ନିଜ ଆସନରୁ ଓହ୍ଲାଇ ଆସି କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କୁ ଦୂରରୁ ବଢ଼େଇ ଦେଲା ଗୋଟିଏ ଚଟ୍, ଯେଉଁଥିରେ ଗାଡି ନମ୍ବର, ଯାତ୍ରୀ ସଂଖ୍ୟା, ସଙ୍ଗରୋଧ କେନ୍ଦ୍ରର ଠିକଣା ଓ ତହସିଲଦାରଙ୍କ ଦସ୍ତଖତ ଥିଲା। କର୍ମଚାରୀଙ୍କ ଆଦେଶର ଅପେକ୍ଷାରେ ଠିଆ ହୋଇ ରହିଲେ ଡ୍ରାଇଭର। ସେପଟେ ଯାତ୍ରୀମାନେ ମଧ ଅନୁମତିର ପ୍ରତୀକ୍ଷାରେ ସଜଳ ନୟନରେ ଚାହିଁ ରହିଥାଆନ୍ତି। ସତେ ଯେପରି କେଉଁ ଏକ ରାଜଦ୍ରୋହ ଅପରାଧରେ ଶଶ୍ରମ କାରାଦଣ୍ଡ ନିମିତ୍ତ କଳାପାଣିକୁ ପଠେଇ ଦିଆଗଲା ଭଳି ମନେ ହେଉଥିଲେ ଏମାନେ।

କିଛି ସମୟ ପରେ ଶ୍ରମିକଙ୍କ ନାମ ପଞ୍ଜିକରଣ ନିମନ୍ତେ ଆଧାର ବା ଭୋଟ ପରିଚୟ ପତ୍ର ସହିତ ମୋବାଇଲ ନମ୍ବର ଧରି ଜଣକ ପରେ ଜଣେ ଧାଡିରେ ମାସ୍କ ପରିଧାନ କରି ଆସିବାକୁ କୁହାଗଲା। ଯାତ୍ରା ଦଳର ଅଭିନେତା କି ଅଭିନେତ୍ରୀ ଭଳି ନିଜ ନିଜର ଦରକାରୀ ତଥା ପ୍ରିୟ ଜିନିଷପତ୍ର ଧରି ଆଗନ୍ତୁକ ଓହ୍ଲାଇ ଆସିଲେ। ନବାଗତ ଜିରାଫକୁ ଚାହିଁଲା ଭଳି ଦୂରରୁ ଗାଁ ଲୋକମାନେ ଅନିମେଷ ନୟନରେ ଚାହିଁଥା'ନ୍ତି । ସେମାନଙ୍କ ଦୃଷ୍ଟିଭଙ୍ଗୀରେ ବିସ୍ମୟ ଓ ଭୟର ଭାବ ସ୍ପଷ୍ଟ ରୂପେ ପ୍ରତିଫଳତ ହେଉଥିଲା। ଅଜଣା ଆଶଙ୍କାରେ ଖେଳି ଯାଇଥିଲା କୋକୁଆ ଭୟ। ଅଥଚ ସେହି ଦୀନ ମୂଲିଆଙ୍କ ହାତରେ ନଥିଲା ଧାରୁଆ ହାତହତିଆର କି ଯନ୍ତ୍ର ଯୁଗର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର।ଦେଖିବାକୁ ଦୁର୍ଦ୍ଦଶ, ଭୟାନକ, ଦାନବ କି ପିଶାଚ ଭଳି ମଧ ଦେଖା ଯାଉନଥିଲେ। ସେମାନେ ତ ଥିଲେ ଶାନ୍ତ କାନ୍ତ, ନିରାଶ୍ରୟ, ନିରୁପାୟ, ନିରୀହ ଜରାଜୀର୍ଣ୍ଣ। ସର୍ବସ୍ୱ ହରାଇଥିବା ଅସହାୟ ମଣିଷମାନେ।

ମଣିଷ ହୋଇ ମଣିଷକୁ ଏତେ ଭୟର କାରଣ ସଂକ୍ରମଣ ତଥା ମୃତ୍ୟୁକୁ ଆଲିଙ୍ଗନ ଭଳ ଲାଗୁଥିଲା।

ଏହାରି ଭିତରେ ଅନେକ କରୁଣ କାହାଣୀ ମଧ ଦେଖିବାକୁ ମିଳଥିଲା। କଏ ଅନୁରୋଧ କରୁଥିଲା ଘରକୁ ଯାଇ ସ୍ୱାମୀର ଚତାଗ୍ନିରେ ଶଙ୍ଖା ସିନ୍ଦୂର ଦେଇ ଫେରି ଆସିବ। କଏ ବିନତୀ କରୁଥିଲା ସ୍ନେହମୟୀ ମାତାଙ୍କର ଶେଷ ଦର୍ଶନ ନମନ୍ତେ।କାହାର ପୁଅ ଗାଁ କୁ ଫେରିନଥିଲା, କାହାର ପରିବାରର ମୁଖ୍ୟ ରହି ଥିଲା ଅଧା ରାସ୍ତାରେ। କଏ ବସ୍ ଟ୍ରକ୍ ଟ୍ରେନରେ ନଖାଇ ନପିଇ ଦୀର୍ଘ ପଥ ଅତିକ୍ରମ କରୁଥିଲା। କଏ କୁନ କୁନ ପିଲାଛୁଆଙ୍କୁ କାଖେଇ ମୁଣ୍ଡରେ ବୋଝ ଲଦି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ପ୍ରୟାସ ଜାରି ରଖିଥିଲା। କଏ ଥିଲା ଅନ୍ତଃସତ୍ତ୍ୱା, କଏ ବା ମାଁ ଛେଉଣ୍ଡ। ସତେ ଯେମିତି ମହାମାରୀ କରୋନାର ପାଶବିକ ଅତ୍ୟାଚାରରେ ମାନବ ଜାତିର ମେରୁଦଣ୍ଡ ଦୋହଲ ଯାଇଥିଲା।

ସଙ୍ଗରୋଧ କେନ୍ଦ୍ରଗୁଡିକରେ ସେମାନଙ୍କ ରହଣି ନମିତ୍ତ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ଥିଲା। ସ୍ୱତନ୍ତ୍ର ବିଛଣା, ବ୍ରଶ, ସାବୁନ, ତେଲ ଠାରୁ ଆରମ୍ଭ କରି ସାପ୍ତାହିକ ଖାଦ୍ୟ ସାରଣୀ ପ୍ରସ୍ତୁତ ଥିଲା। କେଉଁ ଦିନ କେତେବେଳେ କ ପ୍ରକାର ଭୋଜନ, ଜଳପାନ ଦିଆଯିବ ତା'ର ବ୍ୟବସ୍ଥା ଥିଲା। ଶିଶୁ, ଜନନୀ, ବୟୋବୃଦ୍ଧମାନଙ୍କ ସ୍ୱାସ୍ଥ୍ୟ ଓ ଖାଦ୍ୟ ଉପରେ ଆଶା, ଅଙ୍ଗନବାଡ଼ି, ଡ଼ାକ୍ତରୀ ଦଳ ସବୁବେଳେ ନଜର ରଖିଥିଲେ। ପ୍ରଶାସନକ ତରଫରୁ ଗ୍ରାମ ପଞ୍ଚାୟତ, ପୋଲିସ, ଶିକ୍ଷକ ସମସ୍ତେ ନଜ ନଜର ଗୁରୁ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରୁଥିଲେ। ଜୀବନରେ ତ୍ୟାଗ, ସମର୍ପଣ, ଧୈର୍ଯ୍ୟନଷ୍ଠ, ଦାୟିତ୍ୱବୋଧ ଏହି ମହାମାରୀ କରୋନା ଯୋଗୁଁ ବ୍ୟକ୍ତି ବିଶେଷରେ ପ୍ରକାଶିତ ହୋଇଥିବାର ଦେଖିବାକୁ ମିଳଥିଲା।ନଜେ ସଚେତନ ରହିବା ସହିତ ଅନ୍ୟର ସେବା କରିବାର ଜ୍ୱଳନ୍ତ ଉଦାହରଣ ଅନେକ ଥିଲା।

ସଙ୍ଗରୋଧ କେନ୍ଦ୍ରଗୁଡିକରେ ସମସ୍ତ ପ୍ରକାର ସୁବିଧା ସତ୍ତ୍ୱେ କେତେକାଂଶରେ ସାମାନ୍ୟ ତ୍ରୁଟି ବିଚ୍ୟୁତି, ଅସାଦାଚରଣ, ଅଭିଯୋଗ ଦେଖିବାକୁ ମିଳଥିଲା। କାରାରୁଦ୍ଧ ଜୀବନ ଭଳ ଯେଉଁ ସାତ କ ଚଉଦ ଦିନର ଗୃହବନ୍ଦୀରେ ଲୋକେ ଥିଲେ ତାହା ଥିଲା ସେମାନଙ୍କ ଜୀବନର

ଅବିସ୍ମରଣୀୟ ମୁହୂର୍ତ୍ତ। ସଂକ୍ରମଣ ଭୟରେ ସ୍ତ୍ରୀ ମଧ୍ୟ ନିର୍ଦ୍ଦୟ ଭାବରେ ସ୍ୱାମୀର ନିତ୍ୟ ପରିଧୃତ ପୋଷାକ ତଥା ଅତ୍ୟାବଶ୍ୟକ ସାମଗ୍ରୀ ବାହାର କରି କ୍ୱାରେଣ୍ଟାଇନ ସେଣ୍ଟରକୁ ପଠାଇ ଦେଇଥିବାର ନଜିର ରହିଛି। ରକ୍ତ ନମୁନା ପରୀକ୍ଷଣ ପରେ ତା'ଙ୍କୁ ଯେତେବେଳେ ସସମ୍ମାନେ ଘର ବାହୁଡ଼ାର ଅନୁମତି ଦିଆ ଯାଉଥିଲା ସେମାନେ ନିଜକୁ ଅପରାଜେୟ ସୈନିକ ଭଳି ଆତ୍ମତୃପ୍ତି ଲାଭ କରୁଥିଲେ। ଶତ ସିଂହର ପରାକ୍ରମ ଖେଳି ଯାଉଥିଲା ଶରୀରରେ। ମାତ୍ର ସମାଜ ଆଖିରେ ସେମାନେ ଥିଲେ ଅଛୁଆ। ଗାଁଗୁଡିକରେ ତାଙ୍କର ପାଇଁ ବାରଣ ଥିଲା ନଳକୂପ, ହୋଟେଲ, ପୋଖରୀ, ପଡିଆ, ମନ୍ଦିର ପ୍ରଭୃତି। ଘରକୁ ଫେରି ମଧ୍ୟ ଗୃହବନ୍ଦୀର ଜୀବନ ସେମାନଙ୍କୁ ବ୍ୟଥିତ କରୁଥିଲା। ମଣିଷ ହୋଇ ମଣିଷ ପ୍ରତି ଏଇ ହୀନମନ୍ୟତାର କାରଣ ବୋଧହୁଏ ସେମାନେ ଖୋଜି ବସୁଥିଲେ। ଶଙ୍କା ସନ୍ଦେହ, ଅସମାପ୍ତ ପ୍ରଶ୍ନ ମାନସ ପଟରେ ଉଦ୍ରେକ ହେଉଥିଲା। କେଉଁ ଜନ୍ମର ପାପ, କେଉଁ କର୍ମର ଫଳ ଏସବୁ ବୁଝିବାରେ ଥିଲେ ସେମାନେ ଅସମର୍ଥ।

କରୋନା ଦେଇଗଲା ବିଶ୍ୱକୁ ଅସମାପ୍ତ ଯୁଦ୍ଧର ବିଭୀଷିକା। ଛାଡିଗଲା ଗୋଟିଏ ପଟେ ମାନବୀୟ ମୂଲ୍ୟବୋଧ ତ ଆର ପଟେ ହୀନମନ୍ୟତାର ଛାପ। କିଏ କରୋନାକୁ ପରାଜିତ କରି ଯୋଦ୍ଧା ରୂପେ ସମ୍ବର୍ଦ୍ଧିତ ହେଲା ତ ପୁଣି କିଏ ସଂକ୍ରମିତ ରୋଗୀ ଭାବରେ ହେଲା କଳଙ୍କିତ। ଜୀବନ ଯୁଦ୍ଧରେ ଅଜେୟର ଅନୁଭୂତି ବାର୍ତ୍ତା ପ୍ରକାଶ କଲା କିଏ ତ କିଏ ପୁଣି ପରାଜିତ ସୈନିକ ଭଳି କାଳାତିପାତ କଲା ଗୃହବନ୍ଦୀ ହୋଇ। ଅନେକେ ନିଜର ଜୀବିକା ହରେଇ ବସିଲେ।ସମୟ ସ୍ରୋତରେ କେତେକ ବଞ୍ଚିବାର ରାହା ଧରି ବାଛି ନେଲେ ନୂଆ ଏକ ପଥ। ସର୍ବସ୍ୱ ହରାଇଥିବା ମଣିଷ ବି ଅସ୍ତିତ୍ୱ ଖୋଜିବାକୁ ସମୟ ପାଇ ନାହିଁ। କାରଣ ସେ ଯେ ଗୃହବନ୍ଦୀ। ଏଇ ଗୃହବନ୍ଦୀ ଆଉ କେତେ ଦିନ? ମାସେ, ବର୍ଷେ, ଯୁଗ ଟିଏ, ଅଥଚ ଅନନ୍ତ କାଳ ଯାଏ? ଏହାରି ଭିତରେ ଆମକୁ ଜୀବନ ବିତାଇବାକୁ ପଡିବ କି? ସଂସାର ଚଳାଇବାକୁ ହେବ କି? ଇଏ କିଭଳି ଜୀବନ ସତେ! ସର୍ବତ୍ର ଦୁଃଖ, ଦୁର୍ଦ୍ଦଶା,ଗ୍ଲାନି----। ତେବେ ସ୍ୱତଃ ପ୍ରବୃତ୍ତ ମନରେ ଏକ ସରଳ ପ୍ରଶ୍ନ ଉଦ୍ରେକ ହୁଏ ଯେ'ଆମେ କ'ଣ କରୋନା ଭାଇରସକୁ ସତରେ ବିନାଶ କରି ପାରିବା?' ବିସ୍ତୀର୍ଣ୍ଣ ସବୁଜ

ପ୍ରାନ୍ତର ଆଜି ଯେଉଁ କରୋନା କବଳିତ ଯୋଦ୍ଧାମାନଙ୍କୁ କୋଳାଗ୍ରତ କରିବାକୁ ସାଦର ନିମନ୍ତ୍ରଣ କରୁଛି ତାହାକୁ ପ୍ରତ୍ୟାଖ୍ୟାନ କରିପାରିବା**?** ପ୍ରୟାସ ତ ଏହା ରହିଛି। ମନରେ ଦୃଢ଼ ବିଶ୍ୱାସ ମଧ୍ୟ। ମାତ୍ର ଶିକ୍ଷା ଓ ସଚେତନତା ସତ୍ତ୍ୱେ ଦୋକାନ ବଜାରରେ ଲୋକଙ୍କ ଭିତରେ ସାମାଜିକ ଦୂରତା କାହିଁ**?** ତଥା କଥିତ ଶିକ୍ଷିତ ବ୍ୟକ୍ତିମାନେ ଘରୁ ବାହାରିଲେ ମୁହଁରେ ତ ମାସ୍କ ନାହିଁ। ସେନେଟାଇଜରର ବହୁଳ ବ୍ୟବହାର ହେଉନ। ଆମରି ହାତରେ ଦୁଇଟି କଥା ନଜର ଦୁର୍ଦ୍ଦଶା ଓ ସୁଖମୟ ଭବିଷ୍ୟତ ନିହିତ। ଗୃହବନ୍ଦୀର ଗୁବିକାଠି ଆମ ହାତରେ। ମହାମାରୀ କରୋନା ଭାଇରସର ବଂଶ ବୃଦ୍ଧିକୁ ସମୂଳେ ବିନାଶ କରିବାର ଭୀଷ୍ମ ପ୍ରତିଜ୍ଞା ନେବା ପାଇଁ ସମୟ ଆସିଛି। ଗ୍ଆଳନ୍ତୁ**,** ଏକ ସୁନ୍ଦର ସୁଖ ଶାନ୍ତିରେ ଭରା ପୃଥିବୀକୁ ବ୍ୟବସ୍ଥିତ କରି ଗୃହବନ୍ଦୀର ଶିକୁଳକୁ ଛିଣ୍ଡେଇ ଦେବା।

ବୁଦ୍ଧିକୋମନା**,** ଜିଲ୍ଲା ନୂଆପଡ଼ା

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କିମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com

ହ୍ୱାଟସଆପ୍ ନଂ-9594993733

# ସାଧନାରତ ପ୍ରେମିକା

ସୋନାଲି ମିଶ୍ର

ମୌସୁମୀ ସ୍ପର୍ଶରେ
ମେଘଖଣ୍ଡ ତରଳ ଝରିବା ଭଳ
ମୋ ଚକ୍ଷୁରେ ଲୋତକର ବନ୍ୟା ଆଣିଥିଲା
ଏଇ କୋମଳ ଅନ୍ତରଙ୍ଗ କେଇପଦ କଥା ।।
ପ୍ରତ୍ୟେକଙ୍କ ଉପଦେଶ ଗ୍ରହଣୀୟ, ସ୍ପୃହଣୀୟ
ଚକ୍ଷୁ ହେଲା ବାଷ୍ପାଚ୍ଛନ୍ନ, କଠୋର ପାଷାଣ,
ଅଧିକ ଗ୍ଲାନରେ ଭରିଦିଏ ହୃଦୟ।।
ସଦ୍ୟସ୍ନାତା ରାଜକନ୍ୟା ବାକ୍- ଚାତୁରୀରେ କରେ ମୋହାଛନ୍ନ
ଅସ୍ଥିର ମୂହୂର୍ତ୍ତ, ଜୀବନର ସ୍ଥିରତା
ପରିପୂର୍ଣ୍ଣତା କାହିଁ**??**
ଏହା କେବଳ ନଦୀ ସ୍ରୋତରେ ଭାସି ଯାଉଥିବା ଫୁଲ ପରି,
ହାତରୁ ଖସି ଯାଉଥିବା ମୁହୂର୍ତ୍ତ ପରି।।
କାର୍ପଣ୍ୟତା- ସ୍ନିଗ୍ଧ ଶୀତଳ ଯମୁନାର ଜଳ
ହୃଦୟକୁ କରେ ସ୍ନିଗ୍ଧ ସ୍ପର୍ଶରେ ଆଛନ୍ନ
ମୋ ଜୀବନର ସାନ୍ଧ୍ୟ କାଳ
ମନେ ଜାତ ହୁଏ ଦୁର୍ବାର ମୋହ,
ଦ୍ରବୀଭୂତ ହୁଏ ସହାନୁଭୂତିରେ କ ସ୍ନେହ ଭାରରେ ଜାଣେନା....
ପବିତ୍ର ପ୍ରେମ ଧାରାରେ ପ୍ଲାବିତ ହେଲା,
ପ୍ରେମିକାର ପ୍ରେମ ଠାରୁ ଅଭିମାନର ମୁହୂର୍ତ୍ତ ବେଶ୍ ମଧୁର, ବେଶୀ ମନୋରମ।।
ଜ୍ଞାନ ପାରାବାରର ବେଳାଭୂମିରେ
ଶୂନ୍ୟ ଶାରକା ପରି
ବାତ୍ସଲ୍ୟ ରସରେ ଭିଯାଇ ଦେଇ।।

ମୁକ୍ତାରେ ପରିଣତ କରିବା ପାଇଁ
ସାରା ଜୀବନ ସାଧନାରତ
ମୌନ ଯୋଗୀ ସମ
ନିଜ ଭିତରେ ମଗ୍ନ ଭାବପ୍ରବଣତା..
ସେ ମନର ଭାବକୁ କରି ସ୍ନିଗ୍ଧ ସ୍ପର୍ଶରେ ଆଚ୍ଛନ୍ନ
ଚକ୍ଷୁ ହୁଏ ବାଷ୍ପାଚ୍ଛନ୍ନ।।

ମାର୍ଫତ-ବିଷ୍ଣୁ ପ୍ରସାଦ ନନ୍ଦ
ଗ୍ରା/ପୋ-ବଡ଼ବଜାର ସାହି
ସୋନପୁର, ସୁବର୍ଣ୍ଣପୁର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ସ୍ନେହୀ ମା



ଶିତିକଣ୍ଠ ଗାଇଗାରିଆ

ତୁହି ଅଟୁ ଜନ୍ମଦାତ୍ରୀ
ତୁହି ପ୍ରାଣ ଦାତ୍ରୀ ଗୋ........
ତୋ କୋଳରେ ଖେଳ କୁଦି
ବଢି ଅଛି ମୁହିଁ ଗୋ........
ଦଶ ମାସ ଦଶ ଦିନ
ଗର୍ଭେ କଲୁ ଧାରଣ
ଜନମ ଯନ୍ତ୍ରଣା ସହି
ଆଣିଲୁ ଏ ଭୁବନ........

ତୁ ଅଟୁ ଗୋ ଜନନୀ ମୋ
କେତେବେଳେ ଭଗିନୀ
କ ଶବ୍ଦେ ଉପମା ଦେଇ
ପାରୁନ ମୁଁ ବଖାଣି........

ନଜେ କଷ୍ଟ ସହି ମୋ
ମୁଖେ ଦେଉ ଆହାର
ପଗ୍ଭରିଲେ କହୁ ପୁଣି
ତୁ ଅଟୁ ମୋ ସଂସାର........

ନାହିଁ ଆଉ ସେହି ପିଲ୍ଦିନ
କରିବାକୁ ଅଝଟ ତୋ ପାଖେ

ଚଡଉନ ତତେ ଆଉ ପ୍ରତିଟି ମୁହୂର୍ତ୍ତେ
ଲୁଚୁ ନାହିଁ ତୋ ପଣତ କାନରେ........

ଯେତେବେଳେ କଷ୍ଟ ହୁଏ
ଏ ପ୍ରସ୍ଫୁଟିତ ମନ କୁ........
ଯନ୍ତ୍ରଣା ମୋ ଲାଘବିଛୁ
ଟାଣିନେଇ ତୋ ବୈକୁଣ୍ଠ ସମ କୋଳକୁ........

ହେଲେ ଖୋଜେ ଆଜି ତୋ ପଣତ
ପୋଛିବାକୁ ମୋ ଅଶ୍ରୁଳ ମୁଖ
ଖୋଜେ ତୋ ମମତା ଭରା ସେ କୋମଳ ନେହ........
ଯା ପାଇଁ ଏ ଦୁଷ୍ଟାମୀ ର ଆଜି ଅବସାଦ........

ରାତ୍ରି ଅର୍ଦ୍ଧେ ଏ ସାହରେ
ନିଦ୍ରା ଭାଙ୍ଗି ଚମକଲେ...
ଭାବେ ମୁଁ ଯାଆନ୍ତି କ ଫେରି
ସବୁକଛି ଭୁଲିଭାଲି........

ଡାକନ୍ତି ତତେ ମୁଁ ଖାଲି........
ଡାକନ୍ତି ତତେ ମୁଁ ଖାଲି........

କଳାପଥର, ସୁବର୍ଣ୍ଣପୁର

# ଆମ ଓଡିଶା....



କେଶରୀ ପ୍ରସାଦ ମହାନ୍ତି

ଅଡ୍ର, ଉଡ୍ର, କଳଙ୍ଗ, ଉତ୍କଳ ରୁ ରୂପାନ୍ତରିତ ହୋଇ ଆଜି ଏହି ବୀର ପ୍ରଶବିନୀ କୋଟି କୀର୍ତି କରିଟିନ ପୁଣ୍ୟ ଭୁମି ଓଡିଶା କୁ ରୂପାନ୍ତରିତ ହୋଇଛି । ଯାହା ର ପାଦ ଧୋଇ ଦିଏ ବିସ୍ତିର୍ଣ ମହୋଦଧି, ଯାହାକୁ ଅନନ୍ୟ ରଙ୍ଗ ରେ ରଞ୍ଜିତ  କର୍‌ଏ ଶସ୍ୟ କ୍ଷେତ୍ର ର ସବୁଜିମା, ଯାହା ର ଗୁଣ ଗାନ କରେ ମନ୍ଦିର ମାନ ଙ୍କ ରୁ ନିର୍ଗତ ବେଦ ଧ୍ଵନି ଆଉ ନଦ ନଦୀ ଙ୍କ କୁଳୁକୁଳୁ ଗୀତନାଦ । ସମଗ୍ର ବିଶ୍ଵ ନିଅନ୍ତା ଜଗତ ର ନାଥ ଜଗନ୍ନାଥ ବିଶ୍ଵ ର ଦୁଃଖ କୁ ଲ୍‌ଘବ କରିବା କୁ ଯୋଉଠି ବିଜେ କରିଛନ୍ତି ସେ ପୁଣ୍ୟ ଭୁମି ହେଉଛି ଆମ ଜନ୍ମ ଭୁମି ଓଡିଶା । ତାଳ, ତମାଳ, ତମ୍ବୁଳ, ନାରିକେଳ ବନ ରେ ଗୋଟେ ପଟ ଶୋଭ୍ ପାଉଥିବା ବେଳେ ଅନ୍ୟ ପାର୍ଶ୍ଵ ରେ ବିସ୍ତିର୍ଣ ବନ ର୍‌ଜି, ଗୋଟେ ପାର୍ଶ୍ଵ ରେ  ବିସ୍ତିର୍ଣ ମହୋଦହି ତ ଅନ୍ୟ ପାଖେ ଦେଓମାଳୀ ଶୃଙ୍ଗ  ସୌନ୍ଦର୍ଯ୍ୟ କୁ କରେ ଅଧିକ ଆକର୍ଷଣୀୟ୍ । ନଦୀ, ଝରଣା ମାନ ଯାହା ର ଶିର୍ ପ୍ରଶିର୍, ନଦୀ ର ସୁଦ୍ଧ ଜଳ ଯାହାର ଶରୀର ରେ ରକ୍ତ ହୋଇ ପ୍ରବାହିତ ହୁଏ ସେ ହେଉଛି ସୌନ୍ଦର୍ଯ୍ୟ ର ଗନ୍ତାଘର ଓଡିଶା । ନଦୀ, ଝରଣା ମାନ ଯାହା ର ଶିର୍ ପ୍ରଶିର୍, ନଦୀ ର ସୁଦ୍ଧ ଜଳ ଯାହାର ଶରୀର ରେ ରକ୍ତ ହୋଇ ପ୍ରବାହିତ ହୁଏ ସେ ହେଉଛି ସୌନ୍ଦର୍ଯ୍ୟ ର ଗନ୍ତାଘର ଓଡିଶା ।

ମରାଳ ମାଳନୀ ନୀଳମ୍ବୁ ଚିଲିକା ର ସୌନ୍ଦର୍ଯ୍ୟ ପ୍ରତିବର୍ଷ ଆକର୍ଷିତ କରେ ଲକ୍ଷ ଲକ୍ଷ ପ୍ରକୃତି ପ୍ରେମୀ ପର୍ଯ୍ୟଟକ ଙ୍କୁ । ଠିକ ସେଇ ପରି ପ୍ରତିବର୍ଷ ରଥ ଯାତ୍ରା ରେ କୋଟି କୋଟି ଭକ୍ତ ଙ୍କୁ ନିଜ ଛାତି ରେ ଜାବୁଡି ଧରି  ସର୍ବ ଧର୍ମ ସମନ୍ୱୟ ର ଧ୍ୱଜା ଉଡାଇ ଥାଏ ।ଏଭଳ ଅନେକ ମହିମା ରେ ଓଡିଶା ମହନୀୟ । ଯାହା କୁ ଆମ୍ଭେ ବେଦାନ୍ତୀ ର **2019** ଓ **2020** ଏପ୍ରିଲ **1** ପ୍ରକଶନ ରେ ବର୍ଣନା କରିଛୁ ।

ଓଡ଼ିଆ ଭାଷା ସାହିତ୍ୟ କୁ ଉଜ୍ଜୀବିତ କରିବାକୁ ବେଦାନ୍ତି ର ପ୍ରୟାସ ସ୍ୱାଗତ ଯୋଗ୍ୟ  ।

**ଛାତ୍ର, ଉଦ୍ଭିଦ ବିଜ୍ଞାନ ଛାତ୍ର,**
**ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଳୟ, ଯାଜପୁର**

# ଲେନ ମାଡାମଙ୍କ ଫୁଲଗଛ

ଜନ୍ମଜୟ ନାୟକ

ବୟସର ଅପରାହ୍ନରେ ଉପନୀତ ଲେନ ମ୍ୟାଡାମ ଫୁଲ ବଗିଚାରେ ବସି ପୁରୁଣା ଦିନର ସ୍ମୃତିକୁ ରୋମନ୍ଥନ କରୁଥାନ୍ତି । ଇତି ମଧ୍ୟରେ ଚାକରୀରୁ ଅବସର ନେବାର ଛଅ ମାସ ବିତିଗଲାଣି । ସ୍କୁଲ ଘଣ୍ଟିର ପ୍ରତିଧ୍ୱନି ଆଉ କର୍ଣ୍ଣ ଯୁଗଳର ସ୍ପର୍ଶ କରୁନି । କୋମଳ ମତି ଶିଶୁଗଣଙ୍କ ଦୁଷ୍ଟାମି ମଧ୍ୟ ତାଙ୍କ ଆଖିରେ ପଡୁନି। ପ୍ରତି ମୁହୂର୍ତ୍ତରେ ପାଗଳୀ ପରି ନିଜ ଖୁସିର ଠିକଣା ଖୋଜୁଥାନ୍ତି ଏଇ ଫୁଲ ବଗିଚା ଭିତରେ । ସତେ ଯେମିତି ଏ ଫୁଲଗଛ ଗୁଡିକ ତାଙ୍କର ସନ୍ତାନ ସନ୍ତତି । ଏବେବି ସ୍କୁଲ ସମୟ ହୋଇ ଗଲେ ବହୁତ ବ୍ୟସ୍ତ ବିବ୍ରତ ହୋଇ ପଡି ହାତ ଘଡିଟ ସହ ବିଦ୍ୟାଳୟ ଗଣବେଶ ପରିଧାନ କରି ବାହାରି ପଡନ୍ତି ବିଦ୍ୟାଳୟକୁ । ପ୍ରକୃତିସ୍ଥ ହୁଅନ୍ତି ଝିଅର ହସରେ । ଝିଅ କହିଉଠେ, "ମା ! ତୁମର କ'ଣ ମନେ ରହୁନି ଯେ ତୁମେ ବିଦ୍ୟାଳୟରୁ ଅବସର ନେଇସାରିଛ ? "ଝିଅ କଥା ଶୁଣି ଲୁହ ଛଳଛଳ ଆଖିରେ ମ୍ୟାଡାମ ଶାଢୀ ବଦଳାଇ ଚାଲିଯାଆନ୍ତି ନିଜ ଫୁଲ ବଗିଚାକୁ। ସତେ ଯେମିତି ସେହି ଫୁଲ ଗଛ ଗୁଡିକ ତାଙ୍କ ସୁଖ ଦୁଃଖର ସାଥୀ । ଆଜକୁ ଦୀର୍ଘ ତେତିଶି ବରଷ ତଳେ ଲେନ ମ୍ୟାଡାମ ଯାଜପୁରର ଏକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଓଡିଆ ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟରତ ଥିଲେ । ଆଜିବି ମନେ ପଡେ ବିଦ୍ୟାଳୟ ପରିସରରେ ତାଙ୍କ ପ୍ରଥମ ଦିନ । ବିଦ୍ୟାଳୟ ସହକର୍ମୀ ଓ ଛାତ୍ରଛାତ୍ରୀ ମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା । ସ୍କୁଲର ଶାନ୍ତ ପରିବେଶ ମ୍ୟାଡାମଙ୍କୁ ଭଲ ଲାଗୁ ଥିଲା ସତ କିନ୍ତୁ ବିଦ୍ୟାଳୟ ପରିସରରେ ଏତେବଡ଼ ଫାଙ୍କା ପଡିଆରେ ଗୋଟିଏବି ଗଛ ନଥିଲା । ଯାହା ତାଙ୍କୁ ବହୁତ କଷ୍ଟ ଦେଉଥିଲା। ସେଠାରେ ସୁନ୍ଦର ଫୁଲ ବଗିଚାଟିଏ କରିବାକୁ ମନସ୍ଥ କରିଥିଲେ ସେ । ଛାଇ ପ୍ରଦାନପାଇଁ ବର, ଅଶ୍ୱତ୍ଥ ପରି କିଛି ବୃକ୍ଷ ଓ ଫଳ ପ୍ରଦାନ ପାଇଁ ପିଜୁଳି, କମଳା, ନଡିଆ, ଆମ୍ବ, ପଣସ ଆଦିକିଛି ବୃକ୍ଷ ରୋପଣ ପାଇଁ ଯୋଜନା ପ୍ରସ୍ତୁତ କଲେ।

ଅଷ୍ଟମ, ନବମ, ଦଶମ ତିନୋଟି ଶ୍ରେଣୀର ଓଡିଆ ଶିକ୍ଷା ଦାନର ଦାୟିତ୍ୱ ମାଡାମଙ୍କ ଉପରେ ନ୍ୟସ୍ତ ଥିଲା। ଆଗକୁ ବର୍ଷା ଦିନ । ପାଠ ପଢା ସହ ବୃକ୍ଷ ରୋପଣର ମହତ୍ତ୍ୱ

ବୁଝାଇ ସ୍କୁଲ ଓ ଗାଁ ଆଖପାଖ ଫାଙ୍କା ପଡ଼ିଆକୁ ନୂତନ ରୂପ ଦେବା ନିମନ୍ତେ କଲେ ଅଭିନବ ପ୍ରୟାସ ।

ବୃକ୍ଷ ରୋପଣ ରଚନା ପଢ଼ାଇବା ସମୟରେ ମ୍ୟାଡାମ ଶିଶୁମାନଙ୍କୁ ବୃକ୍ଷର ମାହାତ୍ମ୍ୟ ବୁଝେଇବା ସହ ବନୀକରଣ ପାଇଁ ଉତ୍ସାହିତ କଲେ । "ଶିଶୁଟିଏକୁ ଗଛଟିଏ" - ଏହି ସ୍ଲୋଗାନ କହି ସବୁ ପିଲାଙ୍କୁ ନିଜ ଜନ୍ମଦିବସରେ ଗଛଟିଏ ଲଗାଇବାକୁ ପ୍ରେରଣା ଦେଲେ। "କହିବା ଆଗରୁ କରିବା ଶିଖ" ଏହା ଥିଲା ତାଙ୍କର ମହାମନ୍ତ୍ର । ମ୍ୟାଡାମ ପ୍ରଥମେ ନିଜ ଜନ୍ମଦିନରେ ସ୍କୁଲ ଭିତରେ ଓ ହତା ବାହାରେ, ଫାଙ୍କ ସ୍ଥାନ ମାନଙ୍କରେ କିଛି ଗଛ ଲଗାଇବା ଆରମ୍ଭ କଲେ । ତା' ପରେ ପିଲାମାନେ ସ୍ୱେଚ୍ଛାକୃତ ଭାବେ ବିଦ୍ୟାଳୟ ପ୍ରାଙ୍ଗଣରେ ବିଭିନ୍ନ ଫୁଲଗଛ ଲଗାଇସୁନ୍ଦର ଭାବରେ ସଜାଇଦେଲେ ।

ପ୍ରଧାନ ଶିକ୍ଷକଙ୍କ ଠାରୁ ଗାଁ କମିଟି ଓ ବିଦ୍ୟାଳୟ କମିଟି ଯାଏଁ ସଭିଙ୍କ ମୁହଁରେ ଆନନ୍ଦ ପ୍ରସ୍ଫୁଟିତ ହେଲା। ଧିରେ ଧରେ ଗାଁ ଅଞ୍ଚଳ ସାରା ପରିବ୍ୟାପ୍ତ ହେଲା ଲୋକ ମ୍ୟାଡାମଙ୍କ ଭୂୟସୀ ପ୍ରଶଂସା ।

ମ୍ୟାଡାମ ପାଠ ପଢାଇବା ସହ ଛାତ୍ର ଛାତ୍ରୀଙ୍କର ସର୍ବାଙ୍ଗୀନ ଉନ୍ନତି ଓ ଅନ୍ତର୍ନିହିତ ସୃଜନଶୀଳତାର ପରିପ୍ରକାଶ ନିମନ୍ତେ ବିଭିନ୍ନ ଯୋଜନାର ସଫଳ ରୂପାୟନ କରିଥିଲେ। ଫୁଲ ପରି ମହକ ନିଜ ସତ୍ କର୍ମ ଓ ଗୁଣର ବାସ୍ନାରେ ଚତୁର୍ଦ୍ଦିଗକୁ ମହକାଇବା ପାଇଁ କହୁଥିଲେ । ଶିକ୍ଷାର ଆର୍ଥ କିଛି ସାର୍ଟିଫିକେଟ ହାସଲ ନୁହେଁ, ବରଂ ଶିକ୍ଷାକୁ ସଠିକ ଭାବେ ପ୍ରୟୋଗ କରିବା ଦ୍ୱାରା ଓ ନିଜର ବ୍ୟବହାରଗତ ଶୁଦ୍ଧି ଦ୍ୱାରା ଶିକ୍ଷଣର ମୁଖ୍ୟ ଅର୍ଥ ସାଧିତ ହୁଏ ସେ ତାହା ପ୍ରମାଣିତ କରି ଦେଖାଉ ଥିଲେ।

ଛୋଟ ଛୋଟ କବିତା ଗପ ମାଧ୍ୟମରେ ସେ ଜଟିଳ ବିଷୟକୁ ଅତି ସରଳ ଭାବରେ ଉପସ୍ଥାପନା କରିପାରୁ ଥିଲେ । ତାଙ୍କ ଗପ ଓ ଗୀତ ଛାତ୍ରଛାତ୍ରୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ବିଭିନ୍ନ ପତ୍ରପତ୍ରିକା ଓ ଖବରକାଗଜ ତାଙ୍କ ଗପ ଓ କବିତାକୁ ସ୍ଥାନିତ କରିବା ପରେ ଲୋକ ପ୍ରିୟତାର ଶିଖରରେ ମ୍ୟାଡାମ ପହଞ୍ଚି ଯାଇଥିଲେ ।

ତାଙ୍କର ଲକ୍ଷ୍ୟ ଥିଲା ଶିଶୁ ମାନଙ୍କ ପାଇଁ ଏକ ପତ୍ରିକା ପ୍ରକାଶ କରିବେ। ଯେଉଁଥିରେ ନିଃଶୁଳ୍କରେ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଗପ, କବିତା ଓ ପ୍ରବନ୍ଧ ସ୍ଥାନିତ ହେବ। ମ୍ୟାଡାମ ନିଜ ଇଚ୍ଛାକୁ ମଧ୍ୟ ଅଚିରେ ପୂରଣ କଲେ।

"ଫୁଲଗଛ" ନାମରେ ଏକ ସାପ୍ତାହିକ ପତ୍ରିକା ପ୍ରକାଶ କଲେ । ବହୁ ଲୁକ୍କାୟିତ ପ୍ରତିଭାର ଉନ୍ମୋଚନ କଲେ ।

ମହୀ ମଣ୍ଡଳେ ଜନ୍ମନେଲେ ଦେବତା ହେଲେବି ମରଇ । ଆଜି ଲେନି ମ୍ୟାଡାମଙ୍କର ବାସଭବନରେ ମହା ସମାରୋହରେ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ। ସେଠାରେ ରହିଛି କବିତା ପାଠୋତ୍ସବ ସହ ତାଙ୍କ ଜୀବନୀ ଉନ୍ମୋଚନ କାର୍ଯ୍ୟକ୍ରମ। ଶିଶୁ ପତ୍ରିକା "ଫୁଲଗଛ" ମାଧ୍ୟମରେ ସବୁ ଶିଶୁଙ୍କ ହୃଦୟରେ ଘର କରିଥିବା ଲେନି ମ୍ୟାଡାମ ଦୂର ଆକାଶରେ ତାରା ଗହଣରେ ଏସବୁ ଦେଖୁ ଛନ୍ତି । ସେ ଆଜି ପାର୍ଥିବ ଶରୀର ତ୍ୟାଗ କରିଛନ୍ତି ସତ । ହେଲେ ତାଙ୍କ ଅମର ଆତ୍ମା ଫୁଲ ବଗିଚାରେ ଓ ସବୁ ଶିଶୁଙ୍କ ମନ ଅଗଣାରେ ରହିଛି ।

ଧନ୍ୟ ତାଙ୍କର ମନୁଷ୍ୟ ମଣିଷ ପଣିଆ । ଯାହା ତାଙ୍କର ମହାନ କର୍ମ ଦ୍ୱାରା ସାର୍ଥକ ହୋଇଛି। ତେଣୁ ସମସ୍ତ ଶିକ୍ଷକ ବନ୍ଧୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଉଚିତ ।

ଶିକ୍ଷକ, ଚିଲିକା ନୋଡାଲ ହାଇସ୍କୁଲ, ପୁରୀ

# ଶିବଶକ୍ତି



ଅମରନାଥ ବାରିକ

ବଳଛି ମନ ମୋ ଏତିକ
ଆଜି ଗାଇବା ପାଇଁ ।
କରୁଛି ତୋ କୀର୍ତ୍ତି ବଖାଣ
ମୋର ମଥାକୁ ନଇଁ ।।

ବୈତରଣୀ ନଦୀ କୂଳରେ
ଅଟେ ତୋର ମନ୍ଦିର ।
କାହିଁ କେତ ଦୂରୁ ଆସନ୍ତି
ଦେଖି ଭକତ ତୋର ।।

ଜୟ ଜୟ ଶିବ ଶଙ୍କର
ବାବା ଚନ୍ଦ୍ର ଶେଖର ।
ଆରଡ଼ି ଧାମରେ ରହିଛ
ଦୁଃଖୀ ଦୁଃଖକୁ ହର ।।

ଯେ ଯାହା ମାଗିଲେ ଦେଉଛ
ପୂର୍ଣ୍ଣ କରି ତା ଥାଳ ।
ଅପୁତ୍ରିକୁ ପୁତ୍ର ଦେଉଛ
ଖାଲି ନ ରଖି କୋଳ ।।

ଛୋଟାକୁ ଦେଉଛ ଚରଣ
ଅଦୃଶ୍ୟକୁ ନୟନ ।

ନିଧନଙ୍କୁ ଧନ ଦେଉଛ
ଅଜ୍ଞାନଙ୍କୁ ଯେ ଜ୍ଞାନ ।।

ରୋଗ ଦୁଃଖ ଯାଏ ଉଭେଇ
କୁଣ୍ଡ ଜଳ ପିଇଲେ ।
ବିପଦ ସଙ୍କଟ ଦୂରେଇ
ଯାଏ ତତେ ଡ଼ାକଲେ ।।

କେ ପାରିବ କହି ମହୀମା
ତୋର ଅଟେ ଅପାର ।
ଗଳାରେ ଲମ୍ବାଇ ଭୁଜଙ୍ଗ
ହାତେ ଡମ୍ବରୁ ଧର ।।

ଦୃଷ୍ଟଙ୍କୁ କରୁଛ ବିନାଶ
ମହୀ ମଣ୍ଡଳେ ଯେତେ ।
ତ୍ରିଶୁଳ ମୁନରେ ସଂଘାର
ଘୋର ପାପିଙ୍କୁ କେତେ ।।


ନୀଳ କଣ୍ଠେଶ୍ୱର ପ୍ରଭୁ ହେ
ତୁମେ ଶ୍ମଶାନ ବାସୀ ।
ବିଭୂତି ପାଉଁଶ ଦେହରେ
ବୋଳ ହେଉଛ ବସି ।।

ଦୋଷ ଥିଲେ କ୍ଷମା କରିବ
କହେ ନାଥ ଅମର ।
ଜାଣେ ନାହିଁ ମୂର୍ଖ ଅଧମ
ଲେଖେ ବନ୍ଦନା ତୋର ।।

ଯାଜପୁର, ମଙ୍ଗଳପୁର, କୟାଁ

# କରୋନା ଭାଗବତ
# ୯ମ ଅଧ୍ୟାୟ

ବ୍ୟଙ୍ଗ କବିତା



ଶମ୍ଭୁନାଥ ଦାସ

ଏମନ୍ତ ବିତେ ସାତମାସ । କରୋନା ଜନ୍ମର ରହସ୍ୟ ॥
ମାତା ରଖିଛି ଲୁକ୍କାୟିତ । ଉନ୍ମୁକ୍ତ ଲାଗୁଅଛି ଭୀତ ॥
ଖୋଲିବେ ଯଦି ତା ଗୁମର । ଜନେ କହିବେ ମାର ମାର ॥
କରୋନା ଭୂତାଣୁ ଆକ୍ରୋଶେ । ମାନବେ ଗଲେ ସ୍ୱର୍ଗବାସେ ॥
ସ୍ୱର୍ଗପୁର ଯେ ଟଳ-ମଳ । ଶୁଭଇ କ୍ରନ୍ଦନର ରୋଳ ॥
ଦେବେନ୍ଦ୍ର ସ୍ୱର୍ଗର ସମ୍ରାଟ । ସ୍ୱର୍ଗ ସୁରକ୍ଷାରେ ବିବ୍ରତ ॥
ପେଶିଲେ ଗୁଇନ୍ଦାର ବାଣ । ବଞ୍ଚାଇବାକୁ ଟାଣପଣ ॥
ତ୍ରାହି ତ୍ରାହିରେ ଦେବଗଣ । କରନ୍ତି ଚତ୍କାର କରୁଣ ॥
ମରଣ କାଳେ ନଦ୍ରାଗଲେ । କରୋନା ଛାଡିବ କ ଭଲେ ॥
ଏମନ୍ତ ଇନ୍ଦ୍ରଙ୍କ ଅବସ୍ଥା । ଦେବଗଣଙ୍କ ନାହିଁ ଆସ୍ଥା ॥
ଏବେ ସ୍ୱର୍ଗର ରାଜା ଇନ୍ଦ୍ର । ଧରନ୍ତି ଶ୍ରୀକୃଷ୍ଣଙ୍କ ପାଦ ॥
ଏହା ଦେଖି ହସନ୍ତି କବି । ହୃଦେ ଶ୍ରୀକୃଷ୍ଣ ପ୍ରତିଛବି ॥
ଯାଦବ କୁଳେ ମୋର ଜନ୍ମ । ଇଷ୍ଟ ଶ୍ରୀକୃଷ୍ଣ କର୍ମ-ଧର୍ମ ॥
କରୋନା ସଂକଟରେ ଘାରି । ପ୍ରଶ୍ନ କରନ୍ତି ହାତଯୋଡି ॥
ବ୍ରହ୍ମା, ବିଷ୍ଣୁ ଓ ହମେଶ୍ୱର । ତ୍ରି-ଦେବ ସୃଜନ ସୃଷ୍ଟିର ॥
ମନ୍ଦିରେ ପୂଜା ହରି-ହର । କମ୍ପା ନାହିଁ ବ୍ରହ୍ମା ମନ୍ଦିର?
ଶରୀରେ ଘାଆ ଶୁଖିଥାଏ । ବକଳ ଉଖୁରା କମ୍ପାଇଁ!!
ଏମିତି କେତେ ଅବସୋସ । ଭଣନ୍ତି ସମ୍ଭୁନାଥ ଦାସ !!

ମୁଖ୍ୟ ସଂପାଦକ:"ଅଭିଯାନ"
୧୭୫-ଏ/୧, ବିଶ୍ୱଲକ୍ଷ୍ମୀ ତାଲ୍ ରୋଡ, କୋଲକତା

# ମହୁଲ ଫୁଲର ଟୋକେଇ



ଦୁଷ୍ମନ୍ତ ବେହେରା

ଘଞ୍ଚ ଜଙ୍ଗଲ ପାହାଡ ତଳେ ଛୋଟିଆ ଗାଁ ଟିଏ। ଗାଁ ଚାରିପାଖ କୁ ଘେରି ରହିଛି ବଣ ଜଙ୍ଗଲ। ସେହି ପାହାଡ ତଳେ ବାସ କରନ୍ତି ଧୂଳଆ କୁଡ ପରିବାର କହିଲେ ସ୍ତ୍ରୀ-ଡଲି କୁଡ, ପୁଅ-ରୋଧୀ, ଝିଅ-ତନୁଜା । ଘର ଚଳବା ପେଟକୁ ଗଣ୍ଡିଏ ଖାଇବା ନିତିଦିନିଆ ଆଖି ର ଗୃହାଣୀ ପେଟର ଭୋକ ନିଜ ଉପରେ ଦାଉ ସାଜୁଥିଲା । ଜୀବନ ବଞ୍ଚିବା ର ଆଶା ଜଙ୍ଗଲ ଉପରେ ନିର୍ଭର କରିବାକୁ ପଡୁଥିଲା । ଯାହା ଜଙ୍ଗଲ ରୁ ମିଳଯାଏ ପରିବାର ସେଥିରେ ଚଳନ୍ତି। କିନ୍ତୁ ପେଟକୁ ଭୋକ ସିନା ବୁଝିଯାଏ, ଗରିବ ମନର ଭୋକକୁ ବୁଝିଲେ ବୁଝିହୁଏ ନା । ଏ ଦେହତ ଭୋକ ପାଇଁ ଜୀବନ ନେଉଛି ।

ଧୂଳଆ କୁଡ ଉପରେ ପରିବାର ବୋଝ ପ୍ରତିଦିନ ଜଙ୍ଗଲ କୁ ଯାଇ ଗଛର ଫଳ ଫୁଲ କାଠ ପତ୍ର ଘରକୁ ଆଣନ୍ତି । ଆଉ କିଛି ବିକ୍ରି କରି ଦିଅନ୍ତି । ସେଇ ପଇସା ରେ ଚାଉଳ ତେଲ ଡାଲି କିଣି ଘରକୁ ଆଣନ୍ତି । ପ୍ରତିଦିନ ଗୁଜୁରାଣ ମେଣ୍ଟିଯାଏ ।

ସକାଳ ହୋଇ ବେଳ ବୁଡିବାକୁ ବସିଲାଣି କିନ୍ତୁ ଧୂଳଆ କୁଡ ଘରକୁ ଫେରିପାରନ୍ତି ନାହିଁ । ଖଇଫୁଟା ଦେହଟା ତାତିରେ ଖଇ ଫୁଟୁଛି ଦେହରେ ବଳ ନାହିଁ କି ପାଦେ ଚାଲି ଘରକୁ ଯିବା ପାଇଁ ଶକ୍ତି ନାହିଁ । ତନୁଜା ବାପାଙ୍କ ବାଟକୁ ଅପେକ୍ଷା କରି ବେଳ ବୁଡିଗଲାଣି ଏଣେ ଘରେ ମାଆ ରୋଗୀଣା ଅବସ୍ଥା ରେ ବିଛଣା ରେ ଶୋଇ ରହିଛି । ବେଳେବେଳେ ପଚାରୁଛି ତ ବାପା ଆସିଲେଣି ଭାରି ଭୋକ ଲାଗୁଛି ତନୁଜା ।

ତନୁଜା ଡିମିରି ଆଲୁଅକୁ ଅନାଇ ଘର ଦ୍ୱାର ମୁହଁ ରେ ବସି ଅପେକ୍ଷା କରିଥାଏ।ବାପାଙ୍କ ବାଟକୁ ପେଟର ଭୋକକୁ ମନକୁ କେତେ ବା ବୁଝାଇବ ଏ ପେଟ କଣ ଭୋକ ବୁଝିପାରୁଛି ସମୟ ବେଳ କିଛି ମାନୁନି। ଏ ନିଆଁ ଲଗା ପେଟଟା ଭାରି ଦାଉସାଧୁଛି।

ସେଇ ସମୟରେ ସାନ ଭାଇ ଗ୍ରେଧୀ କହିଲା କେତେଥର ପାଣି ପିଇ ପିଇ ରହିବି। ଏଇ କହୁତୁ ବାପା ଆସିବେ ହେଲେ କାଇଁ ବାପା ଆସୁନାହାନ୍ତି ଆସି ସଞ୍ଜ ହେଲାଣି ।

ଏଣେ ଡିବିରି ଆଲୁଅ ରୁ କରେ୍ସିନ ସରି ଆସିଲାଣି ଅପେକ୍ଷା ର ବାଟ କେତେ ବେଳେ ସରିବ ଆଉ କେତେବେଳେ ବାପା ଆସିବେ।

ଧୂଳଆ କୁଡ଼ିଆ କଷ୍ଟେ ମଷ୍ଟେ ଗୋଟିଏ ଗୋଟିଏ ପାଦ ପକେଇ ଘର ଦୁଆରେ ପହଞ୍ଚି ଡାକଲା ମା ତନୁଜା । ବାପାଙ୍କ ପାଟିରୁ ଡାକ ଶୁଣି ତନୁଜା ଦୁଆର କୁ ଧାଇଁ ଆସି ଦେଖିଲା ଦୁଆର ଆଗରେ ବାପା ଶୋଇ ରହିଛନ୍ତି। ଦେହରେ ହାତମାରି ଦେଖିଲା ତାତିରେ ଖଇ ଫୁଟୁଛି ବାପା ଙ୍କ ଦେହରେ ତ ଜ୍ୱର । ଗ୍ରେଧୀ ଟିକେ ଆସିଲୁ ବାପାଙ୍କୁ ଟେକ ଘର ଭିତରକୁ ନେଇ ଯିବା......

ମିଞ୍ଜି ମିଞ୍ଜି ଆଲୋକରେ
ଦୁଃଖ ଆଶା ଠାରୁ ଲକ୍ଷ୍ୟ
ଦେଖେଇ ଜୀବନ ଶୋଷ
ଶୋଷି ନେଉଛି ଭୋକ......

ରେ ଡିବିରି ତୁ ବି ସରିବୁ, ମୋ ଦୁଃଖ କାଇଁ ସରୁ ନାହିଁ । ହେ ରାତି ତୁ ବି ସରିବୁ ମୋ ଦୁଃଖର ଦିନ କାଇଁ ସରୁନାହିଁ । ସକାଳୁ ରାତି ପର୍ଯ୍ୟନ୍ତ ପେଟକୁ ପୋଷେ ଖାଦ୍ୟ ଖାଇ ନାହିଁ। ଏଣେ ମାଆ ବାପା ବିଛଣାରେ ଜ୍ୱର ରେ ପଡିଛନ୍ତି । କଣ କରିବି ଭାବୁ ଭାବୁ ସକାଳ ପାହିଗଲା ।

ଘରର ଦୁଃଖ ପେଟର ଭୋକ ବା କରୁଥିଲା ରୋଜଗାର କରିବା ପାଇଁ। କଣବା କରିବ, ଜଙ୍ଗଲ ଉପରେ ନିର୍ଭରକରି ଘର ଚଳୁଥିଲା । ଏମିତି ଭାବୁଭାବୁ ମନେ ପଡିଲା ମହୁଲ ଫୁଲ କଥା । ଗଛରେ ମହୁଲ ଫୁଲ ଅଛି ବି ତଳେ ପଡୁଥିବ ମୁଁ ଗଲେ ମହୁଲ ଫୁଲ ଆଣିବି ଓ ଟୋକେଇ କ ପନ୍ଦର ଟଙ୍କା ରେ ମହାଜନ ପାଖେ ବିକ୍ରି କରିବି ।

ତନୁଜା ଟୋକେଇ ଧରି ମହୁଲ ଫୁଲ ପାଇଁ ଜଙ୍ଗଲ କୁ ବାହାରି ପଡିଲ୍ । ମହୁଲ ଗଛ ପାଖରେ ପହଞ୍ଚି ଗଛ ମୂଳରେ ବସି ପଡି ମହୁଲ ଫୁଲ ଗୋଟିଏ ଗୋଟିଏ ପଡୁଥିବାର ଦେଖି ତନୁଜା କହିଲ୍ ଏ ମହୁଲ ଫୁଲ ଗଛ ଗୋଟିଏ ଫୁଲ ଦେଲୁ ଯେ ଦେଲୁ କେମିତି ମୋ ଦୁଃଖଦେଖି ପାରୁନୁ। ଗୋଟିଏ ଫୁଲ ରେ ମୋ ଦୁଃଖ କଣ ସରିଯିବ ଏଣେ ମୋ ପରିବାର ର ଅନେକ ଦୁଃଖ । ତୋ ଡାଳ ଉପରକୁ କେତେ ଅନେଇବି ଏଠି ମୋ ଅପେକ୍ଷା ର ପରିହାସ କରୁଛୁ । ତୁ ମହୁଲ ଗଛ ଶେଷ ରେ ତୁ ମୋ ଗରିବ ଦେଖି ମିଠା ହସଟେ ହସୁଛୁ। ମୁଁ ତ ଜନମ ରୁ ଗରିବ କଣ ଦେଖି ତୁ ଆଉ ହସିବୁ ମୋ ଯୌବନ ଗରିବ, ମୋ ହସ ଗରିବ, ମୋ ସୁନ୍ଦରତା ବି ଗରିବ ।

ମହୁଲ ଫୁଲ ଗୋଟିଏ ଗୋଟିଏ ପଡୁଥାଏ ଟୋକେଇ ରେ ଗୋଟିଏ ଗୋଟିଏ ଫୁଲ ଥୋଉଥାଏ । ଏଇ ଟୋକେଇ ବି ଜମାରୁ ପୁରୁ ନାହିଁ । ଶେଷରେ ମୋ ସାଥି ରେ ଆସିଲୁ ମୋ ପରିହାସ ଦେଖି ତୁ ବି ହସିଲୁ .......

ସମୟ ସ୍ରୋତ ରେ ଭସି
ଯାଉଛି ମୋ ହସ
ଗରିବ ଦେଖି ଦୁନଆ ହସୁଛି
ତୁ ବି ଟୋକେଇ ହସିଲୁ .....

ମହୁଲ ଗଛ କହିଲ୍ ରେ ତନୁଜା ମୁଁ ତ ଦୁଃଖ ଦେଖି ହସୁ ନାହିଁ । ମୁଁ ଗଛ ସମସ୍ତ ଙ୍କ ର ଉପକାର କରେ। କନ୍ତୁ ମୋ ଉପକାର ଏଠି କେହି ବୁଝନ୍ତି ନ। ମୁଁ ସବୁ ଦାନ କରେ ମୋ କାଠ, ଡାଳ, ପତ୍ର, ଫୁଲ, ଫଳ କନ୍ତୁ ମୋତେ ଶେଷ ରେ ହାଣି ସଫା କରି ଦିଅନ୍ତି। ତୁମେତ ଧାଇଁ ଆସିଛ ତୁମ ଜୀବନ ବଞ୍ଚାଇବାକୁ ମୋ ପାଖକୁ ମୁଁ ତୁମ ଜୀବନ ରଖିବିହିଁ ।

ମହୁଲ ଗଛ ବନ୍ଧୁ ମୋ ଗରିବ ଭୋକ ପାଇଁ ମୁଁ ତୁମ ପାଖକୁ ଧାଇଁ ଆସିଛି । ମୋ ଦୋଷ ମୁଁ ଜାଣି ନାହଁ । ହଁ ମୁଁ ଜନମରୁ ଗରିବ ।

ମହୁଲ ଗଛ ଖୁସି ହୋଇ ହଲିବାକୁ ଲାଗିଲା । ଡାଳ ଗୁଡିକ ପବନରେ ହଲି ମହୁଲ ଫୁଲ ତଳେ ପଡିଲା । ଯେତେ ନେଉଛୁ ନେ ଏବେ ତୋ ଟୋକେଇ ଫୁଲ୍ ହୋଇଯିବ । ତନୁଜା ଜଙ୍ଗଲ ରୁ ମହାଜନ ପାଖରେ ପହଞ୍ଚି ମହୁଲ ଫୁଲ ଟୋକେଇ ବିକ୍ରି କଲା ପନ୍ଦର ଟଙ୍କା ହେଲା ସେଇ ପନ୍ଦର ଟଙ୍କା ରେ ଚାଉଳ, ତେଲ, ଡାଲି କିଣି ଘରକୁ ଫେରିଲା । ବେଗି ଭଉଣୀ କୁ ଦେଖି ଖୁସି ହୋଇ କହିଲା ମୋ ପାଇଁ ଖାଇବା ଆଣିଛୁ । ହଁ ରେ ଚାଉଳ, ତେଲ, ଡାଲି ଆଣିଛି । ଚାଲ ମିଶି ରୋଷେଇ କରିବା ।

ବିଛଣା ରେ ପଡିଥିବା ମାଆ ବାପା ଦେଖି କହିଲେ ମୋ ଝିଅ ଯେଉଁ ବୟସ ରେ ହସ ଖୁସିରେ ଖେଳିବା କଥା ସେଇ ବୟସ ରେ ଘରର ବୋଝ ବୁଝୁଛି । ଏ ଦୋଷ ଆମ ଗରିବ ର ହେ ଭଗବାନ......

ହେ ଭଗବାନ ଦୁଃଖ ଭିତରେ ଯେଉଁ ହସ ଫୁଟେ ସେଇ ହସ ସରଗ ଠାରୁ ବେଶୀ ହୋଇଯାଏ ..... ମୋ ଝିଅ ସୁନା ଝିଅ

ମନ ହସିଲେ ଶରୀର ଆପେ ଆପେ
ହସି ଉଠେ ତା ସାଙ୍ଗ କୁ ମୁହଁ ହସି ଉଠେ।

ତନୁଜା ମାଆ ବାପା ଙ୍କ ସବୁଦିନ ପାଇଁ ଆଶା ଆଉ ଭରସା ହୋଇ ରହିଗଲା ।

ବାସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

# ଝିଅର ବେଦନା



ରୁବ୍ଲିନ୍ ସାହୁ

ମା ଯଦି ଜାଣେ, ଝିଅ ଅଛି ଗର୍ଭେ,
ଚନ୍ତା କରେ, ତାକୁ କାଢିବ କେବେ ।
ଅପେକ୍ଷା କରିଛି ଝିଅ, ଦୁନଆ ଦେଖିବ,
ମାଁ ସାଥେ, ସେ ନତି ଗେଲ ହେବ ।
ଗ୍ଭଲିଛି ଏଠି ତା ମରଣ ଉପାୟ,
ଅଜ୍ଞାତ ସେ, ଆଶ ଯେ ତା ବ୍ୟର୍ଥ ।
ପ୍ରଭୁଙ୍କ ଦୟାରୁ ଯଦି ଦେଖିଲା ସଂସାର
ଜନମ ପରେ ବି, ନାନା ଅତ୍ୟାଗ୍ଭର ।
ଲାଞ୍ଛିତ ହୀନମନ୍ୟ ହୋଇ, କାଟେ ଦିନ
ଚରିତ୍ରରେ ତା ଦାଗ ପ୍ରତିଦିନ ।
ନତି ହୁଏ ଏଠି, ନାରୀ ବଳାତ୍କାର
ମନେ ହୁଏ, ମୃତ୍ୟୁହିଁ ଏକ ଉପଗ୍ଭର ।
ବାନ୍ଧିଛି ତାକୁ ମାୟାର ବନ୍ଧନ,
ମରଣ ତା ନୁହେଁ ସମାଧାନ ।
ସମ୍ମାନ ସହ ବଞ୍ଚିବା ତୁଚ୍ଛ,
ଅପମାନ ତା ଦେହରେ ଜଡିତ ।
ଧନ୍ୟ ଏ ସମାଜ ନୟମ,
କହେ ପୁଣି ପୁଅ ଝିଅ ସମାନ ।

ସତଲମା

# ମୁଇଁ ତ ଗରିବ ଛାତ୍ର

## ଭାଗ -୩



ମହେଶ୍ୱର ସାହୁ

ମାଆ ବାହାରକୁ ଆସି ଦେଖିଲେ ଯେ; ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେଶ ଓ ମହେଶକୁ ସାଥିରେ ନେଇ ଏକ ଭ୍ୟାନ  ଗାଡି ଯୋଗେ ଆସିଛନ୍ତି ତପନକୁ ନେବା ପାଇଁ । ପ୍ରଧାନ ଶିକ୍ଷକ କହିଲେ "ଭଉଣୀ ଆମକୁ ଟିକେ ସହଳେ ପହଞ୍ଚିବାକୁ ପଡିବ । ପୁରା ରାଜ୍ୟର ବଛା ବଛା ପ୍ରତିଯୋଗୀମାନେ ଏହି ପ୍ରତିଯୋଗିତାରେ ଭାଗ ନେବେ । ତେଣୁ ଆମେ ସହଳେ ଗଲେ ନାମ ପଞ୍ଜିକରଣ କରାଇବାକୁ ସହଜ ହେବ ।" ମାଆ ଯମୁନା ଅତ୍ୟନ୍ତ ଖୁସି ହୋଇଗଲେ । ଘରେ ବସିବାକୁ ଚେୟାର ଗୋଟେ ବି ନାହିଁ ତେଣୁ ଛିଣ୍ଡା ସପଟିଏ ଆଣି ପକେଇ ଦେଲେ । "ନାଁ ଭଉଣୀ ପିଲାମାନଙ୍କୁ ମୋ ଦାୟିତ୍ୱରେ ମୁଁ ନିଜେ ନେଇ କରି ଯାଉଛି। ସେମିତି ସୁରକ୍ଷିତ ଆଣି ମଧ ଛାଡ଼ିବି । ଆଉ ଗୋଟେ କଥା କହିବି ଭଉଣୀ ଆମ ତପନ ହେଉଛି ସମସ୍ତ ଶିକ୍ଷକ ମାନଙ୍କର ଅତି ପ୍ରିୟ । ସବୁଗୁଣରେ ପରିପୂର୍ଣ୍ଣ । ହଉ ଠିକ ଅଛି, ତପନ ମଧ ପ୍ରସ୍ତୁତ ହେଇ ସାରିଛି । ଆମେ ଆସୁଛୁ ଭଉଣୀ ନମସ୍କାର" କହି ପ୍ରଧାନ ଶିକ୍ଷକ ପିଲାମାନଙ୍କୁ ସହିତ ଭ୍ୟାନରେ ବସିଗଲେ ।

ପ୍ରଧାନ ଶିକ୍ଷକ ନିଜେ ଆସିଛନ୍ତି ମୋ ପୁଅକୁ ନେବାକୁ । କେତେ ପ୍ରସଂଶା କରୁଛନ୍ତି ମୋ ପୁଅକୁ ! ଭଗବାନ କେତେ ନିର୍ଦ୍ଦୟ ଯେ । ବାପାଙ୍କୁ ଚହ୍ନିବା ପୂର୍ବରୁ ସ୍ୱର୍ଗବାସୀ କରାଇଦେଲା। ତାହାହେଲେ ମୋ ପୁଅ ଭିତରେ କିଛି ଜ୍ଞାନ ଗାରିମା ରହିଛି । ନ ହେଲେ ଏତେ ବଡ଼ ଚାକରିଆ ପ୍ରଧାନଶିକ୍ଷକ କଣ ଆମ ଘରକୁ ଆସିଥାନ୍ତେ ! ଏମିତି ଅନେକ ଭାବି ତପନର ମାଆ ଅତ୍ୟନ୍ତ ଖୁସି ହେଉଥାନ୍ତି । ମାଆଙ୍କର ଆଉ ଭୟ ନାହିଁ କାରଣ ଗୁରୁଜୀ ନିଜେ ପିଲାଟିକୁ ସାଥିରେ ନେଇକରି ଯିବେ । ତାର ତଦାରଖ ଠିକ ଭାବେ ରଖିବେ ନିଶ୍ଚୟ । ମୋ ପୁଅ ମୋ ସାମନାରେ ଗୋବର ଘଷି ରୁଣ୍ଡାଇଲେ ମଧ ସେ ମୋ ଆଖିଆଗରେ ଥାଉ ବୋଲି ସମସ୍ତ ମାଆଙ୍କର ଚିନ୍ତା ଓ କାମନା ମଧ । ଯାହା ହେଲେବି ମୁଁ ଗୋଟିଏ ମାଆ, ମୋର ଆଗକୁ ନାହିଁ କି ପଛକୁ । ମନେ ମନେ ଭାବୁଥାନ୍ତି ମାଆ ଯମୁନା । ପୁଣି କହିପକାଉଥାନ୍ତି

"ଶିକ୍ଷକ ହେବ ତ ଏମିତି । ମୋ ଝୁପିଡ଼ି ଘରେ ଭ୍ୟାନ ଗାଡି ଆଣି ପହଞ୍ଚେଇ ପାରିଲେ ଓ ମୋ ଭଳ ଜଣେ ଗରିବ ବିଧବା କୁ ଭଉଣୀ ବୋଲି ସମ୍ବୋଧନ କଲେ ବାଃ ବାଃ ।

ପ୍ରଧାନ ଶିକ୍ଷକ ନଜର ତିନଜଣ ଦକ୍ଷ ଛାତ୍ରଙ୍କୁ ଧରି କ୍ରୀଡା ଉତ୍ସବ ଅଭିମୁଖେ ଯାତ୍ରା କଲେ । ଯେମିତି ଜଣେ କୌଶଳୀ ସେନାପତି;ନଜର ଦକ୍ଷ ସୈନ୍ୟବାହିନୀଙ୍କୁ ଧରି ଯୁଦ୍ଧ ଯାତ୍ରା କରିଥାନ୍ତି ।

ତପନ ଜନ୍ମଠାରୁ କେବେ ଘରୁ ବାହାରି ନ ଥିଲା । ଭ୍ୟାନରେ ବସିବା ତା ପାଇଁ ମଧ୍ୟ ପ୍ରଥମ ଥିଲା । ଅନୁଭୂତି ହୀନ ତପନ ସ୍ୱର୍ଗ ସୁଖ ପରି ମନେ କରୁଥିଲା । ଯାହାକ ସେ ଆଜି ବାବୁଙ୍କ ପରି ଭ୍ୟାନରେ ବସି ସହରକୁ ଯାଉଛି । କେତେ ବଡ଼ ବଡ଼ କୋଠା ବାଡ଼ି ଦେଖିବ, କେତେ ବଡ଼ ବଡ଼ ଗାଡି ଭୁଁ ଭୁଁ ହୋଇ ଯାଉଥିବାର ଦେଖିବ । ଆଗରୁ କେବେ ବି ସାର ଆମକୁ ଦୂର ଜାଗାକୁ ନେଇ ନ ଥିଲେ । ପାଖା ପାଖି ହୋଇ ଥାଏ ଆମେ ଚାଲିକ ପଳେଇ ଯାଉ । ମନରେ ଅତ୍ୟନ୍ତ ଆଗ୍ରହ ଓ ଉଦ୍ଦୀପନା ନେଇ ଧୀର ଭାବରେ ଭ୍ୟାନର କାଚ ଦେଇ ବାହାରର ଦୃଶ୍ୟ ଦେଖୁଥାଏ ।  ପୁଣି ସେ କଳ୍ପନା ବିଭୋର ହୋଇ ମନେ ମନେ ଭାବୁଥାଏ, ମୁଁ ଆଜି ଏହି ସୁଯୋଗ ପାଇଲି କାହିଁକ ? ମୋ ଭିତରେ କଣ ଥିଲା ଯାହାକୁ ଶିକ୍ଷକ ମାନେ ଏତେ ଭଲ ପାଉଛନ୍ତି? ହଁ ଏଇଟା ଜାଣିପାରିଥିଲି ଯେ ଯିଏ ପରିଶ୍ରମ କରେ ସେ ଧନୀ ହୋଇଯାଏ । କେଉଁ ଜିନଷ ରହିଲେ ମଣିଷ ସବୁଠାରେ ସମ୍ମାନ ପାଏ ବୋଲି ତା ମୁଣ୍ଡରେ କଛି କଛି ପଶୁଥାଏ କନ୍ତୁ ଭାବିବା ସମୟରେ, ଦଶ ରୁ କୋଡିଏ ଚକ ବାଲା ଲମ୍ବା ଲମ୍ବା ଗାଡି ଗୁଡାକ ତା ପାଖ ଦେଇ ଭୁସ ଭାସ ହୋଇ ଚାଲି ଯାଉଥାନ୍ତି । ଟିକେ ଖୁସି ହୋଇ ସେ କହୁଥାଏ "ଦେଖିଲୁ ରାଜୁ କେତେ ଲମ୍ବା ଗାଡି । ତୁ ଆଗରୁ କେବେ ଦେଖିଛୁ ?" ରାଜୁ କହେ ମୁଁ ପରା ମୋ ବାପାଙ୍କ ଗାଡ଼ିରେ ଛୁଟି ଦିନଆ ଭୁବନେଶ୍ୱର ଆସିଥାଏ । ବାପା ମୋତେ ନେଇ ଆସନ୍ତି ନନ୍ଦନକାନନ ଚଡ଼ିଆ ଖାନା ଦେଖେଇବାକୁ । ସେଠାକୁ ଗଲେ ତୁ ଜୀବନ୍ତ ବାଘ, ଭାଲୁ, ହାତୀ ଆଦି ପଶୁ ପକ୍ଷୀ ଓ ମୟୁର ମଧ୍ୟ ଦେଖିପାରିବୁ । ତପନ ଆଶ୍ଚର୍ଯ୍ୟ ହୋଇଗଲା । "ସତରେ ଜୀବନ୍ତ ବାଘ ଦେଖିଛୁ ତୁ ! ମଣିଷ ଖାଇଯାଏ ପରା ବାଘ ?" ନାହିଁରେ ସେମାନେ ତାର ଜାଲି ଭିତରେ ରୁହନ୍ତି ବନ୍ଦୀ ହୋଇ । ଆମେ ଜାଲି ଅପର ପାର୍ଶ୍ୱରୁ ତାଙ୍କୁ ଦେଖିପାରିବା । ଏମିତି ତିନ ସାଙ୍ଗ କଥା ହେଉ ହେଉ ଯାହା ସନ୍ଦେହ ରହୁଥାଏ ପ୍ରଧାନ ଶିକ୍ଷକଙ୍କୁ ପଚାରୁ ଥାନ୍ତି ।

ତପନ ମନରେ ଓ ହୃଦୟରେ ଅଜଣା ଖୁସି ଓ ଆବେଗ । ପଙ୍କରୁ ପଦ୍ମଭଳି ପ୍ରସ୍ଫୁଟିତ ହୋଇ ଯାଉଥାଏ ତାର ହୃଦୟ, ଅନ୍ତର ଓ ଚପଳା ମନ । ସେ ଆଜି ଏକ ନୂଆ ଦୁନିଆ ଦେଖୁଛି । ଯେଉଁ ଦୁନିଆରେ କି ବଡ଼ ବଡ଼ କାରଖାନା, ବଡ ବଡ ଗାଡି ଓ କୋଠାଘର ମଧ୍ୟ । ଯାହାକୁ ସିତ ଦିନର ଦାଢୁଆ ଶୀତର କଟାକ୍ଷରୁ ରକ୍ଷାପାଇବା ପାଇଁ ମାଆ ଘୋଡେଇ ଦେଇଥାନ୍ତି ଛିଣ୍ଡା କୁଟୁର ହେନ୍ସ ମସିଣା । ଥୁରୁ ଥୁରୁ ହୋଇ ରାତି କଟିଯାଇଥାଏ ସେଇ ଶିତୋଷ୍ଣତା ମଧ୍ୟରେ ।

ରାତି ପାହିବା ପୂର୍ବରୁ ସେମାନେ ଶଯ୍ୟାତ୍ୟାଗ କରି ନିଜକୁ ପ୍ରସ୍ତୁତ କରିଥିବାରୁ ମହେଶ ଓ ରାଜେଶକୁ ନିଦ ଆସିଯାଇଥିଲା । ସେ ଦୁଇଜଣ ଆଉ ତପନ ସହିତ କଥା ନ ହୋଇ ନିଜ ସିଟ ରେ ସୋଇପଡିଲେ । ଏକୁଟିଆ ତପନ ନା ନିଦ ଆସୁଛି ନା କାହା ସହ କଥା ହେଇ ପାରୁଛି । ଯାହା ହେଲେ ବି ପ୍ରଧାନ ଶିକ୍ଷକଙ୍କ ସହ କଣ ସାଙ୍ଗ ଭଳି କଥା ହେଇ ହୁଏ । ହେଲେ ପ୍ରଧାନ ଶିକ୍ଷକ କହିଲେ "କରେ ତପନ ତୋତେ ନିଦ ଆସୁ ନାହିଁକି ? ଜାଣିଛୁ ଆଗକୁ ମହାନଦୀ ଆସିବ "। "ସାର ମୁଁ ମହାନଦୀ ଦେଖିବି ! ମୋତେ ଟିକେ ମହାନଦୀ ଯିଏକି ଓଡ଼ିଶାର ବଡ଼ ନଦୀ ଦେଖେଇ ଦେବେ କି ସାର ?" ତପନ ଆବେଗ ହୋଇ ପ୍ରଧାନ ଶିକ୍ଷକଙ୍କୁ ନେହୁରା ହେଲା । ପ୍ରଧାନ ଶିକ୍ଷକ ଟିକେ ହସିଦେଇ କହିଲେ "ଆମେ ପରା ମହାନଦୀ ଉପର ପୋଲ ଦେଇ ଯିବା । ଯାହାକି ଆମ ଓଡ଼ିଶାର ବଡ଼ ପୋଲ । ତୁ ପାଖରେ ବସିଛୁ ଦେଖି ପାରିବୁ ।

ମହାନଦୀ ପୋଲ ଉପରେ ଗାଡି ପହଁଚିଲା । ତପନ ନଦୀ ଉପରର ପୋଲ ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇ ଗଲା । ପଚାରିଲା "ସାର ଏହି ପୋଲ କଣ ପାଣିରେ ଭାସୁଛି । ଯଦି କେହି ପୋଲ ମଝିରେ ଥିବା ବେଳେ, ପୋଲ ଭାଙ୍ଗି ଗଲା !ତେବେ କଣ ହେବ ସାର? ବିଚରା ସମସ୍ତେ ମରିଯିବେ ! "ପ୍ରଧାନ ଶିକ୍ଷକ କହିଲେ ଆରେ ବାପା ସେମିତି କୁହନ୍ତି ନାହିଁ । କାରଣ ଏହି ପୋଲକୁ କେତେ ବଡ଼ ବଡ଼ ଯନ୍ତ୍ରୀ ମାନେ ପାଣି ଭିତରେ ଖମ୍ବ ତିଆରି କରି ବନାଇଛନ୍ତି । ସେମାନେ ଜାଣିଛନ୍ତି ଏହି ପୋଲ କେବେ ଭାଙ୍ଗିବ ଓ କେତେ ଓଜନ ବୋହିପାରିବ । ଏବେ ବୁଝିଲୁ ଆଉ ଏମିତି ଅଶୁଭ ଚିନ୍ତା କରିବୁ ନାହିଁ । " ତପନ ଆଶ୍ଚର୍ଯ୍ୟ ହେଉଥାଏ ଓ ମନରେ ଆସୁଥିବା ଅସୁମାରୀ ପ୍ରଶ୍ନ ଗୁଡିକୁ ଚାପି ଦେଉଥାଏ । ଏବେ କଟକ ଧରି ଯାଇଥିଲେ । ଆଗକୁ ଭୁବନେଶ୍ୱର ଆସିବ । ତପନ ହୃଦୟର ସ୍ପନ୍ଦନ ବଢ଼ିବାରେ ଲାଗିଲା । ପ୍ରତିଯୋଗିତାରେ ସମସ୍ତ ରାଜ୍ୟରୁ ପିଲା ଆସିଥିବେ । ହଜାର ହଜାର

ପ୍ରତିଯୋଗୀ ମଧ୍ୟରେ ଆମ ତିନିଜଣଙ୍କୁ ସଙ୍ଘର୍ଷ କରିବାକୁ ପଡିବ । ଏମିତି ଚିନ୍ତା କରୁଥିବା ସମୟରେ ଭ୍ୟାନ ଗାଡିର ଚାଳକ କହିଲେ "ଆସିଗଲା କଳିଙ୍ଗ ଷ୍ଟାଡିଅମ । ଏଇଠାରେ କ୍ରୀଡା ଉତ୍ସବ ହେଉଛି । ଏହି ଷ୍ଟାଡିଅମରେ କ୍ରିକେଟ ଖେଳ ହୁଏ ନାହିଁ ହେଲେ ହକି ଖେଳ ସହିତ ରାଜ୍ୟସ୍ତରୀୟ କ୍ରୀଡା ଉତ୍ସବ ସହିତ ଅନ୍ତରାଷ୍ଟ୍ରୀୟ ଖେଳ ମଧ୍ୟ ହୋଇଥାଏ ।" ରାଜେଶ ଓ ମହେଶଙ୍କର ନିଦ ଭାଙ୍ଗିଗଲା । "ଚାଳକ ଭାଇ କ୍ରିକେଟ ଖେଳ କେଉଁଠି ହୋଇଥାଏ " ପଚାରିଲା ତପନ । ପ୍ରଧାନ ଶିକ୍ଷକ ବୁଝେଇ ଦେଲେ ଆମେ ଯେତେବେଳେ ମହାନଦୀ ପୋଲ ପାରି ହେଲେ ସେତେବେଳେ ଆମେ କଟକ ଜିଲ୍ଲା ମଧ୍ୟ ଦେଇ ଆସିଲେ । ସେଇ କଟକ ସହର ମଧ୍ୟରେ ବାରବାଟୀ କ୍ରିକେଟ ଷ୍ଟାଡିଅମ ଆସିଥାଏ ।"

"ପିଲା ମାନେ ଏବେ ଓହ୍ଲାଅ" କହିଲେ ଚାଳକ ମହାଶୟ । ପିଲା ତିନି ଜଣଙ୍କୁ ଧରି ପ୍ରଧାନ ଶିକ୍ଷକ ମହାଶୟ ଚାଲିଲେ ସେମାନଙ୍କର ନାମ ପଞ୍ଜିକରଣ କରେଇବାକୁ ।

ହେଲେ ସେଠାରେ ଘୋଷଣା କରାଯାଇଥିଲା ଯେ: ପ୍ରତ୍ୟକ ବିଦ୍ୟାଳୟରୁ କେବଳ ଜଣେ ମାତ୍ର ପ୍ରତିଯୋଗୀଙ୍କୁ ପ୍ରତିଯୋଗିତାରେ ଭାଗନେବା ପାଇଁ ନାମ ପଞ୍ଜିକରଣ କରାଇ ପାରିବେ। ଏବେ କାହାର ନାମ ପଞ୍ଜିକରଣ ହେବ ଚିନ୍ତାରେ ପଡ଼ି ଯାଇଥିଲେ ପ୍ରଧାନ ଶିକ୍ଷକ ! ତାଙ୍କର ମନେ ପଡିଯାଇଥିଲା ଅଷ୍ଟମ ଶ୍ରେଣୀରେ ଅଲମ୍ପିକ ଗେମ ବିଷୟରେ । ଆଧୁନିକ ଅଲମ୍ପିକର ନିର୍ମାତା **Coubertin**(କୋବେରଟିନ) ଦେଇଥିବା ଉପଦେଶ, **"The most important thing in the Olympic Games is not to win but to participate"** ସେ ଅଲମ୍ପିକ ହେଉ କି ଅନ୍ୟ ଖେଳ ହେଉ, ଜିତିବା ଠାରୁ ଅଂଶଗ୍ରହଣ କରିବା ଗୁରୁତ୍ୱ ପୂର୍ଣ୍ଣ ଅଟେ । ଏଣୁ ଏବେ ମୁଁ କାହାର ନାମ ପଞ୍ଜିକରଣ କରିବି ବୋଲି ଭ୍ରମରେ ପଡିଯାଇଥିଲେ ପ୍ରଧାନ ଶିକ୍ଷକ । ପିଲା ମାନଙ୍କୁ ବୁଝେଇଥିଲେ ଯେ ତୁମେ ତିନିଜଣ ମଧ୍ୟରୁ କେହି ଜଣକୁ ଅଂଶଗ୍ରହଣ କରିବାକୁ ପଡିବ । ଖୋଲା ହୃଦୟରେ କୁହ କିଏ ଭାଗ ନେବ ଓ କିଏ ଦର୍ଶକ ହେବ ।

ତପନ ସଙ୍ଗେ ସଙ୍ଗେ କହି ପକାଇଲା "ସାର ମୁଁ ଜଣେ ଗରିବ ଛାତ୍ର ହିସାବରେ ଏତିକି କହିବି ଯେ ମୋର ଭବିଷ୍ୟତ ବୋଲି କଣ ମୁଁ ଜାଣିନି । ସବୁଠାରୁ ମୋର ବଡ଼ କୃତଜ୍ଞତା ଯେ ଆପଣ ଏତେ ସୁନ୍ଦର ଜାଗା ଦେଖିବାର ସୁଯୋଗ ପାଇଲି । ଆପଣ ନବମ ଶ୍ରେଣୀରେ ପଢ଼ାଇଥିବା" **The missile man of India**" ବିଷୟରେ "ଡକ୍ଟର ଅବଦୁଲ କଲାମଙ୍କ ଜୀବନୀ" ଯେଉଁ ଶିବସୁବ୍ରମନ୍ୟା ଶିକ୍ଷକଙ୍କ ବିଷୟରେ ପଢ଼ାଇଥିଲେ ତାହା ଆଜି ମୁଁ ଅନୁଭବ କରୁଛି ।

ଏଠି ଭାଗ ନେଇ ଜିତିଲେ କି ହାରିଲେ ମୋର ଭବିଷ୍ୟତ କଛି ନାହିଁ । କେବଳ ମୋ ମାଆ ହିଁ ମୋର ଭବିଷ୍ୟତ । ତେଣୁ ଆପଣ ମହେଶ ନ ହେଲେ ରାଜେଶ ମଧ୍ୟରୁ କାହାର ଜଣଙ୍କ ନାଁ ପଞ୍ଜିକରଣ କରାନ୍ତୁ ।"

ରାଜେଶ କହିଲା 'ସାର ମୁଁ ଯଦି ଏଠାରୁ ଫେରୁଛି ତେବେ ମୋ ବାପା ମାଆ କାଲି ଅଫିସ ଆସିବେ ଅଭିଯୋଗ କାଟିବାକୁ । "

ମହେଶ କହିଲା "ସାର ମୁଁ ଭାଗ ନେବି । ଦୟାକରି ମୋ ନାଁ ପଞ୍ଜିକରଣ କରାନ୍ତୁ ।"

ପ୍ରଧାନ ଶିକ୍ଷକ ସମସ୍ତଙ୍କ ମନର କଥା ଶୁଣି ଚନ୍ତାରେ ପଡିଗଲେ । ଭାବିଲେ ରାଜେଶ ଓ ମହେଶଙ୍କର ଅଭିଭାବକ ନିଶ୍ଚୟ ମୋ ଉପରେ ବିଗିଡିବେ ଯଦି ଏମାନଙ୍କୁ ଆଜି ଫେରିବାକୁ ଦିଏ । ହେଲେ ତପନର ଅଭିଭାବକ ବୋଲି କିଏ କେବଳ ତା ମାଆ । କେବେ ବି ଆମ ବିଦ୍ୟାଳୟ ଫାଟକ ମାଡି ନାହାନ୍ତି ! ହଉ ତମେ ତିନିଜଣ ଏଇଠି ଛିଡା ହୁଅ । ମୁଁ ପଞ୍ଜିକରଣ  କେନ୍ଦ୍ରରୁ ନାମ ପଞ୍ଜିକରଣ କରେଇ ଆସୁଛି ।

ତିନିଜଣ ସେଇଠି ସେମିତି କଥା ବାର୍ତ୍ତା ହେଉଛନ୍ତି । ତପନ କହୁଥାଏ "ସାର ନିଶ୍ଚୟ ମହେଶ ନ ହେଲେ ରାଜେଶର ନାମ ପଞ୍ଜିକରଣ କରିବେ । କାରଣ ରାଜେଶର ବାପା ବହୁତ ରାଗି ଲୋକ । ଥରେ ଅଫିସକୁ ଆସି ସାର ମାନଙ୍କ ସହିତ ଝଗଡ଼ା କରୁଥିଲେ ।" ରାଜେଶ ହସି ଦେଇ କହିଲା " ହଁ ଠିକ କହିଛୁ । ଆଜି ଯଦି ସାର ମୋ ନାଁ ଯଦି ପଞ୍ଜିକରଣ ନ କରନ୍ତି ତେବେ ଦେଖିବୁ ମୋ ବାପା କଣ କରିବେ !"

ଏମିତି କଥା ହେଉ ହେଉ ପ୍ରଧାନ ଶିକ୍ଷକ ହସି ହସି ସେମାନଙ୍କ ପାଖରେ ପହଁଚଲେ ।

(ଆସନ୍ତା ଭାଗ-4 ରେ ଆଗାମୀ ଅଧ୍ୟାୟ ନିଶ୍ଚୟ ପଢିବେ)

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ
ବାଲେଶ୍ୱର(ଭଦ୍ରକ)

# ପ୍ରୀତି ଅନୁପମ



ରଞ୍ଜନ କୁମାର ପ୍ରଧାନ

ଆଳାପ ଗଳପ ହୋଇଛି ବିଲୁପ୍ତ
ପ୍ରୀତିସୌଧ ଏବେ ଶୁପ୍ତ,
ସାଜିଥିଲା କେବେ ବସନ୍ତ ମଳୟ
ଏବେ, ଶୀତୁଆ କୁହୁଡ଼ି ସ୍ରୋତ ।

କୁହୁଡ଼ି ପ୍ରବାହେ ପ୍ରିୟତମାତବ
ତନୁମନ ଏବେ ସିକ୍ତ ,
ଭିଜେଇଲେ ହିମେ ଭିଜେନାହିଁ କାହିଁ
ଏଠି ଏ ବିରହି ଚିତ ।

ମେଣ୍ଟାଉନ ତୃଷ୍ଣା ପ୍ରଣୟର ବାରି
ତୋ, ଅନୁପସ୍ଥିତିରେ ମିତ,
କାଳ ଅତିକ୍ରାନ୍ତେ ଏ ମନେ କାହିଁକ
ଦୂରତ୍ୱ ବଢାଏ ଭୀତ ।

ଗୁଣୁ ଗୁଣୋଉନ କର୍ଣ୍ଣ ପାର୍ଶ୍ୱେ କେହି
ସେ ପୁରୁଣା ଦିନ ଗୀତ,
ସାଉଁଟା ସ୍ମୃତିରେ ଜୀବନର ତରୀ
ବାହେ ଦିବାନଶି ନତ୍ୟ ।

ପାଇକଆଁ ଗ୍, ତିଗିରିଆ, କଟକ

# ଓଁ ଶ୍ରୀ କପିଳେଶ୍ୱର ମହାଦେବ



ରତନ ରଞ୍ଜନ ବେହେରା

(ମନ୍ଦିର ସଂପର୍କରେ ଇତିହାସରେ କୌଣସି ତଥ୍ୟ ନାହିଁ । ତେବେ ପୁରୁଣା ଲୋକଙ୍କ କହିବା ଅନୁଯାୟୀ ଆମେ କିଛି ତଥ୍ୟ ସଂଗ୍ରହ କରିଛୁ ।)

ଗବେଷକଙ୍କ ତଥ୍ୟରୁ ଦ୍ୱାଦଶ ଶତାବ୍ଦୀରେ ମନ୍ଦିର ନିର୍ମାଣ ହୋଇଥିବାର ଅନୁମାନ କରାଯାଏ । ସମ୍ଭବତଃ ଗଙ୍ଗବଂଶ ରାଜତ୍ୱ ସମୟରେ ଏହି ମନ୍ଦିର ତିଆରି ହୋଇଛି । କାରଣ, ସେହି ସମୟରେ ରାଜାମାନେ ଶୈବ ଉପାସନା କରୁଥିଲେ । ଶୈବ ଉପାସନା ପାଇଁ ଏହାକୁ ତିଆରି କରାଯାଇଥିଲା । ଏହା ଏକ ପୁରାତନ ଆଉ ପ୍ରାଚୀନ କୀର୍ତ୍ତି ମନ୍ଦିର । ବିଶ୍ୱାସ ଅଛି ମାନସିକଧାରୀଙ୍କୁ ମହାଦେବ କେବେ ନିରାଶ କରନ୍ତି ନାହିଁ । ତେଣୁ ଆଖପାଖ ଗାଁରୁ ପ୍ରତିଦିନ ଶତାଧିକ ଶ୍ରଦ୍ଧାଳୁ ଏଠାକୁ ଆସିଥାନ୍ତି ।

ପୂର୍ବେ ଜଗନ୍ନାଥପୁର ଗ୍ରାମପଞ୍ଚାୟତର ଦେଉଳପାଟଣା ବୋଲି ମୌଜା ଥିଲା ବୋଲି କୁହାଯାଏ । ନିକଟସ୍ଥ ବଡସୁଆଁଳୋ ଗ୍ରାମପଞ୍ଚାୟତର ହାଟୁଆରି ବୋଲି ଗ୍ରାମ ଥିଲା । ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର-ଭୁବନ ୫୩ ନମ୍ବର ଜାତୀୟ ରାଜପଥରେ ୭ କିଲୋମିଟର ଗଲେ ପଡେ ବଡସୁଆଁଳୋ ଛକ । ସେଥାରୁ ହାଟୁଆରି ଗ୍ରାମ ଦେଇ ୨ କିଲୋମିଟର ଗଲେ ରାମିଆଳ ନଦୀ ମଧ୍ୟରେ ଅଛି ଶ୍ରୀକପିଳେଶ୍ୱର୍ ମହାଦେବ ମନ୍ଦିର । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ମନ୍ଦିରଟି ରାମିଆଳନଦୀ କୂଳରେ ଥିଲା । କୁହାଯାଏ, ରାମିଆଳ ନଦୀରେ ଜୁଆଳ ପକାଇ ଲୋକମାନେ ପାର ହେଉଥିଲେ । କାଳକ୍ରମେ ନଦୀରେ ବଢି ହେବା ଫଳରେ ନଦୀର ଦୁଇପଟର ଅବବାହିକା ବା ମୃତ୍ତିକା ନଦୀରେ ମିଶି ନଦୀ ଉଭୟ ପଟକୁ ପ୍ରସାରିତ ହେଇଗଲା । ତେଣୁବର୍ତ୍ତମାନ ପ୍ରଭୁଶ୍ରୀ ଶ୍ରୀ କପିଳେଶ୍ୱର

ମହାଦେବଙ୍କୁ ରମିଆଳ ନଦୀର ମଧ୍ୟ ସ୍ଥାନରେ ଅଧିଷ୍ଠିତ କରିଛନ୍ତି । ପ୍ରକାଶ ଥାଉକ, ମନ୍ଦିର ଠାରୁ ମା ପାର୍ବତୀଙ୍କ ମନ୍ଦିର ୨୫ ହାତ ଦୂରରେ ଥିଲା । କାଳକ୍ରମେ ନଦୀ ପ୍ରସାରିତ ହେବା ଫଳରେ ବର୍ତ୍ତମାନ ମାଙ୍କର ମନ୍ଦିର ଚତୁର୍ଥ ଥର ସ୍ଥାପନ କରାଗଲାଣି ।

ସ୍ଥାନୀୟ ବାସିନ୍ଦାଙ୍କ ମୁହଁରୁ ଶୁଣିବାକୁ ମିଳେ ଯେ, ପୂର୍ବରୁ ରମିଆଳ ନଦୀ କୂଳରେ ଥିବା ଜଗନ୍ନାଥପୁର ଗ୍ରାମରେ ଏକ ରାଜ ପରିବାର ବାସ କରୁଥିଲେ । ରାଜାଙ୍କ ଗାଈ ଚରାଇବାକୁ ଜଣେ ଗାଈଆଳକୁ ରଖା ଯାଇଥିଲା । ସେ ପ୍ରତିଦିନ ଗାଈ ଚରାଇବାକୁ ନଦୀ କୂଳକୁ ଆଣୁଥିଲା, ହେଲେ ଘରକୁ ଫେରି ଗାଈଟି କ୍ଷୀର ଦେଉନଥିଲା । ଗଉଡ ଉପରେ ରାଜା ସନ୍ଦେହ କରି ତାକୁ ବନ୍ଦୀ କରିଥିଲେ । ପରେ ଗାଈ ଚରାଇବାକୁ ଅନ୍ୟ ଜଣକୁ ନିଯୁକ୍ତି ଦିଆଗଲା । ତେବେ ଗାଈ କ୍ଷୀର ନଦେବା ଘଟଣା ଜାରି ରହିଥିଲା । ଏହାର କାରଣ ଜାଣିବାକୁ ଏକଦା ରାଜାଙ୍କ ସୈନ୍ୟମାନେ ଯାଇ ଗାଈ ଏବଂ ଗଉଡର ଗତିବିଧିକୁ ଲୁଚ ଛପି ଅନୁଧ୍ୟାନ କଲେ । ଏହି ସହୟରେ ଗାଈଟି ଏଠାରେ ବିଲ ଗଛ ଉଦା ଭିତରକୁ ପଶିଯାଇଥିଲା । ପରେ ସୈନ୍ୟମାନେ ଯାଇ ଦେଖିଲାବେଳକୁ ଗାଈଟି ଏକ ଶିବଲିଙ୍ଗ ଉପରେ ଠିଆ ହୋଇଛି । ଆଉ ତା ପହ୍ନାରୁ ଆପେ ଆପେ କ୍ଷୀର ଝରୁଛି । ରାଜା ଏହି ଖବର ଶୁଣି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ । ଉକ୍ତ ଜାଗାରେ ମହାଦେବଙ୍କ କୃପା ରହିଥିବ ବିଶ୍ୱାସ ଆଧାରରେ ପରବର୍ତ୍ତୀ ସମୟରେ ରାଜା ମନ୍ଦିର ତୋଳାଇଥିଲେ ।

ଆଉ ଗୋଟିଏ କମ୍ବଦନ୍ତୀ ହେଲା – ଷଷ୍ଠ ଶତାବ୍ଦୀର ଶେଷ ଆଡକୁ ରମିଆଳ ନଦୀ କୂଳରେ ହାଟୁଆରି ଗ୍ରାମ ବସତି ବୋଲି ଅନୁମାନ କରାଯାଏ । ସେହି ଗ୍ରାମର ଜଣେ ଗଉଡ ସବୁଦିନ ଗାଈ ଚରାଇବାକୁ ନିଏ । ଦିନେ ସେ ଦେଖିଲା ଗୋଟିଏ କାଳୀ ଗାଈ ଠିଆ ହୋଇଛି ଏବଂ ତାର ପହ୍ନାରୁ କ୍ଷୀର ବହୁଛି । ସେ ଏକଥା ଦେଖି ଯାଇ ଗ୍ରାମରେ କହିଲା । ସେହି ଗ୍ରାମରେ ଅନେକ ବ୍ରାହ୍ମଣ ବସବାସ କରୁଥିଲେ । ଗଉଡ କଥା ଶୁଣି ବ୍ରାହ୍ମଣମାନେ ସେହି ଜାଗାରେ କ୍ଷୀର ଆଉ ବେଲପତ୍ର ଦେଇ ପୂଜା କଲେ । ଏଇ କଥା ଚାରିଆଡେ ପ୍ରଚାର ହୋଇଗଲା । ସେହି ସମୟରେ ଗଡଜାତ ଅଞ୍ଚଳରେ ରାଜା ଥିଲେ ଅନଙ୍ଗ ଉଦୟନାଥଙ୍କ ବଂଶର । ରାଜା

ନଜେ ଆସି ସେହି ଜାଗାକୁ ଦେଖିଥିଲେ । ତା ପରେ ମନ୍ଦିର ତିଆରି କରିଥିଲେ । ବର୍ତ୍ତମାନ ପ୍ରଭୁ ଶ୍ରୀ ଶ୍ରୀ କପିଳେଶ୍ୱର  ମହାଦେବ ଗ୍ରମିଆଳ ନଦୀର ମଧ୍ୟସ୍ଥଳରେ ଅଛନ୍ତି । ପ୍ରଭୁ କପିଳେଶ୍ୱରଙ୍କର ପ୍ରତ୍ୟେକ ପର୍ବ ପର୍ବାଣୀ ଏବଂ ଆରମାସକୁ ତେର ପର୍ବ ପାଳନ କର୍‌ଯାଏ । ପ୍ରତ୍ୟେକ ମାସର ସୋମବାର ଏବଂ ପ୍ରତ୍ୟେକ ମାସର ଶିବ ଚତୁର୍ଦ୍ଦଶୀ ଦୁଇଟି ଲେଖାଏଁ ବିଧି ମୁତାବକ ପାଳନ କର୍‌ଯାଏ ।

ମନ୍ଦିରର ପ୍ରାଚୀନତା ଏବଂ ଭକ୍ତଙ୍କ ବିଶ୍ୱାସ ଯୋଗୁଁ ଶତାଧିକ ଶ୍ରଦ୍ଧାଳୁ  ଏଠାକୁ ଆସିଛନ୍ତି । ବିଶେଷକରି କାର୍ତ୍ତିକ ପୂର୍ଣ୍ଣିମା ଓ ଜାଗରରେ ଶୈବ ଦର୍ଶନ ପାଇଁ ସହସ୍ରାଧିକ ଭକ୍ତକ ସମାଗମ ହୁଏ ।

ଜଗନ୍ନାଥପୁର, କାମାକ୍ଷା

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ ଏହା ପଠାନ୍ତୁ । ଏହାଦ୍ୱାର୍‌ ଓଡିଆ ଭ୍ଷାର ଲୋକପ୍ରିୟତା ନଶ୍ଚିତ ରୂପେ ବଢିପାରିବ

# ଗାଆଁ ଗୀତ



ଜଗନ୍ନାଥ ପ୍ରଧାନ

ଅତି ଆପଣାର ଶାକତଣ୍ଡୁଳର ସୁନ୍ଦର ମୋହରି ଗାଆଁ
ହୃଦୟରେ ମୋର ଅଲିଭା କାଳରେ ଲେଖା ତ ତାହାରି ନାଆଁ (୧)
ସିନ୍ଦୂରା ଫାଟିବା ଆଗରୁ କୁକ୍କୁଟ ଗାଏ ସ୍ୱାଗତ ସଙ୍ଗୀତ
ସବୁଜ ରଙ୍ଗର ଘାସ ପତରରେ ଶିଶିର ସିଞ୍ଚଇ ଶୀତ (୨)
ସଞ୍ଜ ନଇଁଗଲେ ଭଜନେ କୀର୍ତ୍ତନେ କମ୍ପେ ଗାଆଁ ଗୁଡ଼ି ଘର
ଦୋଳ, ନୂଆଁଖାଇ, ଦଶରା ଯାତରେ ଜୀବନେ ଖୁସି ଅପାର (୩)
ଜହ୍ନିଓଷା ହେଲେ ଅନୂଢ଼ା ହୃଦୟେ ଉଏଁ ଅଶିଣର ଜହ୍ନ
ରଜ ମଉଜରେ ଦୋଳଗୀତ ଗାଇ ଝୁମଇ ତରୁଣୀ ମନ (୪)
ଧାନ କଆରୀର ସୁନେଲି ରଙ୍ଗରେ ଖୁସିର ଲହରୀ ଖେଳେ
ବସନ୍ତ ଆସିଲେ ଆମ୍ବ ଗଛ ଡାଳେ କୋଇଲି ରାଗିଣୀ ତୋଳେ (୫)
ପକ୍ଷୀର କାକଳ କଚରି ମିଚରି ବୀଣା ମଧୁର ମୂର୍ଚ୍ଛନା
ପ୍ରସୂନ ମେଳରେ ଛିଟ ପ୍ରଜାପତି ସତେ ଅବା ବାଟବଣା (୬)
ତାଳ ଗଛ ବଣ ଭସା ବାଦଲକୁ ଭୂଇଁର ଠିକଣା ଦିଏ
ସେ ତାଳ ବଣରେ ବାଇଚଢ଼େଇ ତା' ଠିକଣାକୁ ଖୋଜିନଏ (୭)
ପୋଖରୀ ଜଳର ସ୍ଫଟିକ ଦେହରେ ଚନ୍ଦ୍ର ଆଙ୍କିଦିଏ କଇଁ
ଗାଆଁର ଲଳନା କେତେ ସ୍ୱପ୍ନ ଦେଖେ ସେ ଚନ୍ଦ୍ରକୁ ଚାହିଁ ଚାହିଁ (୮)
ଗୋଧୂଳି ବେଳାରେ ହମ୍ବା ରଡ଼ି ସୁରେ ଗାଆଁ ବାଟ ଶୋଭାପାଏ
ସେ ବାଟର ଧୂଳି ମଥା ପରେ ବୋଳି ଗ୍ରାମ୍ୟପ୍ରାଣ ଧନ୍ୟ ହୁଏ (୯)
ଆଧୁନିକତାର ପରଶେ ମୋ ଗାଆଁ ନ ହରାଉ ତା'ର ଶିରୀ
ମୋ ଗାଆଁ ଉପରେ ସଦା ଝରୁଥାଉ ପ୍ରଭୁଙ୍କ ଆଶିଷ ବାରି (୧୦)

କେଳାକଟା, ବୌଦ୍ଧ

# ଜନ୍ମଭୂମିର ମୋହ



ଲକ୍ଷ୍ମୀ ଆଚାର୍ଯ୍ୟ

ପିଲାଦିନୁ ଭଲ ପାଠ ପଢେ ବୋଲି ବାପାଙ୍କର ବହୁ ଆଶା ଥିଲା ପୁଅ ମିଟୁ ଭଲ ପାଠ ପଢିବ, ବହୁତ ପାଠ ପଢିବ, ବିଦେଶ ଯିବ । ବାପାଙ୍କର ଏହି ସ୍ୱପ୍ନ ଦିଏ ସତ ହୋଇଥିଲା । ସେହି ପିଲାଟି ବଡ ହୋଇ ବିଦେଶରେ ଚାକିରି କଲା । ସେଠାକାର ବିଳାସବ୍ୟସନ ମଧ୍ୟରେ ରହି ବହୁ ଅର୍ଥ ରୋଜଗାର କଲା । ଏତେ ଆଡମ୍ବରପୂର୍ଣ୍ଣ ପ୍ରିବେଶରେ ରହି ମଧ୍ୟତାର ମନ ସନ୍ତୁଷ୍ଟ ନଥିଲା । ସବୁବେଳେ ତା ମନ ନିଜ ଜନ୍ମଭୂମିକୁ ଖୋଜୁଥିଲା । ସତେ ଯେମିତି ଓଡିଶାର ମାଟି ପାଣି ପବନ ତାକୁ ହାତଠାରି ଡାକୁଥିଲା ।

ସବୁବେଳେ ମନେ ମନେ ଭାବିଚାଲୁଥିଲା ଗାଁର ନୂଆଣିଆ ଚାଳଛପର ଘର, ସକାଳର ମନ୍ଦିରର ଶଙ୍ଖ ଧ୍ୱନି, ଆମ୍ବଗଛ ଡାଳରେ କୋଇଲି ର ମଧୁର ସ୍ୱର, କୁଳୁକୁଳୁ ନାଦରେ ବହି ଯାଉଥିବା ନଈ, ଗାଁ ତୋଟାର ସୁଲୁସୁଲୁ ପବନ, ପକ୍ଷୀ ମାନଙ୍କର କଳରବ, ସାଙ୍ଗସାଥୀ ମାନଙ୍କ ଖେଳ, ଜେଜେମାର ମନମତାଣିଆ ଢଗଢମାଳ, ବିଭିନ୍ନ ପର୍ବପର୍ବାଣିରେ ପିଠା ମିଠା ସମ୍ଭାର ଆଦି କେତେ କଥା ଶୋଫା ଉପରେ ବସି ଭାବିଚାଲିଥିଲା ମିଟୁ ।

ହଠାତ୍ ମନେ ମନେ ଚିନ୍ତା କଲା ଯଦି ମଣିଷ ଜନ୍ମ ପାଇ ଜନ୍ମଭୂମି ପାଇଁ କିଛି କଲନି ତେବେ ଏ ଜୀବନ ମୂଲ୍ୟହୀନ ହୋଇଯିବ । ତେଣୁ ସେ ଠିକ୍ କଲା ଏଠାକାର ସବୁ କାଣ୍ଟଛାଣ୍ଟ କରି ଫେରିଯିବ ତା ଜନ୍ମସ୍ଥଳୀକୁ । ତାହା କଲା ମଧ୍ୟ ।

ଗାଁରେ ତାକୁ ହଠାତ୍ ଦେଖି ସମସ୍ତେ ଆଶ୍ଚର୍ଯ୍ୟ । ତା ପରି ପୁଅ ପାଇଁ ସମସ୍ତେ ଖୁସି । ତାପରେ ସେଗାଁ ଲୋକଙ୍କୁ ଏକଜୁଟ କରି ଗାଁ ର ଉନ୍ନତି ବିଷୟରେ ବୁଝାଇଲା । ସେଥିପାଇଁ ପ୍ରଥମେ ଗାଁ ରେ ପଡିଆ ପଡିଥିବା ଜମିରେ ସବୁଜ ବନାନୀ ସୃଷ୍ଟି କରିବା ପାଇଁ ଚିନ୍ତା

କରିବା ବୋଲି କହିଲା । ସମସ୍ତେ ତା ସହ ସହମତି ଦେଲେ । ସମୟକ୍ରମେ ଗାଁ ଟି ସବୁଜିମାରେ ଭରପୁର ହୋଇଗଲା । ବଡବଡ ଗଛ ଠାରୁ ଆରମ୍ଭ କରି ଛୋଟ ଛୋଟ ଗୁଳ୍ମ ଯାଏ ସବୁ ପ୍ରକାର ବୃକ୍ଷରେ ପୂର୍ଣ୍ଣ । ଫୁଲ ଫୁଟିଲେ ବାସିଲା ପରି ମିଟୁ ର ପ୍ରଶଂସା ଗ୍ରରିଆଡେ ବ୍ୟାପିଗଲା । ଅନେକ ଅନୁଷ୍ଠାନ ତରଫରୁ ପ୍ରଶଂସା ପତ୍ର ଅଜାଡି ହୋଇଗଲା । ସମସ୍ତ ମଣିଶ ଜାତି ପାଇଁ ସେ ଏକ ଉତ୍କୃଷ୍ଟ ଉଦାହରଣ ହୋଇଯାଇଥିଲା ।

ମନେ ମନେ ଭାବୁଥିଲା ଜୀବନର ଶେଷ ଯାଏ ଜନ୍ମଭୂମିର ସେବା କରୁଥିବ ........

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com

ହ୍ୱାଟସଆପ୍ ନଂ-9594993733

# ଓଁକାର



ଭକ୍ତବନ୍ଧୁ ବିଶ୍ବାଳ

ଓଁକାର ଓକର ଓକାର ଓଜନ
ଓଜସ୍ୱକ ଓଜଳବା,
ଓଠ ଓଜରିଆ ଓଡବ ଓଟର୍
ଓଅଜାବାଡ଼ି ଓଟାରିବା ॥
ଓଢଣାଓଜନ ଓପର ଓମୁଣ୍ଡି
ଓଗଳ ଓଳଟପୋଠ,
ଓଳାଛଡାଇବା ଓଲ୍ଦ ଓଲର୍
ଓଷ୍ଠାଗତପ୍ରାଣ ଓଠ ॥
ଓଷଧ ଓଷଧୀ ଓଡାଙ୍କ ଓଜସ୍ୱୀ
ଓଜିଷ୍ଠ ଓଡିଶା ଭୂମେ,
ଓତଃପ୍ରୋତଃ ଓର ଓଳକ ଓଳଗି
ଓରେ ଓଡେଇବା ଓମେ ॥

(ଟୀକା; ଓକର-ଅଭ୍ୟାସ, ଓକାର-ବୁଦ୍ଧି, ଓଡବ-ପାଞ୍ଚସ୍ୱର, ଓଜିଷ୍ଠ-କ୍ଷମତା, ଓମେ-ଈଶ୍ୱର)

# ମୋର ସାଙ୍ଗ ସନଆ ଓରଫ ସନ୍ନ୍ୟାସୀବାବା



ବାଲ୍ମୀକ ନାୟକ

ପ୍ରାୟ ଗତ ଚାଳିଶି ବର୍ଷ ହେଲା ମୁଁ ଓଡିଶା ବାହାରେ ରହି ଆସୁଛି, ତଥାପି ପ୍ରତି ବର୍ଷ ଥରେ ଦୁଇଥର ଓଡିଶାକୁ ଯିବାକୁ ଭୁଲି ନଥାଏ । ଥରେ ଓଡିଶା ଭ୍ରମଣ ସମୟରେ ଗୋଟିଏ ସହରରେ ରହୁଥିବା ମୋର ଜଣେ ବନ୍ଧୁଙ୍କ ଘରକୁ ଯାଇଥିଲି । ଟ୍ରେନରୁ ଓହ୍ଲାଇ, ଷ୍ଟେସନ ବାହାରକୁ ଆସି ଦେଖିଲି, ରାସ୍ତାକଡ଼ କାନ୍ଥ ଓ ବିଜୁଳି ଖମ୍ବମାନଙ୍କରେ ଫୋଟ ସହିତ ଗୋଟିଏ ଆଧାତ୍ମିକ ବାବାଙ୍କର ପ୍ରବଚନ ସମ୍ପର୍କିତ ବିଜ୍ଞାପନ ଫଳକ ସବୁ ଲାଗିଛି ।

ବାବାଙ୍କ ମୁହଁଟି ମୋତେ ଚହ୍ନା ଚହ୍ନା ଲାଗିଲା । ସୁସ୍ଥ ସବଳ ଚେହେରା । ମୁହଁରେ କିନ୍ତୁ ଦାଢ଼ି କିମ୍ବା ନିଶ ନାହିଁ । ମୁଣ୍ଡର ଲମ୍ବା କେଶକୁ ସଯତ୍ନେ ସେଟ କରାଯାଇଛି । ଦେହରେ ଗେରୁଆ ବସ୍ତ୍ର, ଗଳାରେ ଦୁଇଟି ରୁଦ୍ରାକ୍ଷ ମାଳା ଝୁଲୁଛି । କପାଳରେ ଚନ୍ଦନ ଟୀକା । ଭକ୍ତମାନଙ୍କୁ ପ୍ରଭାବିତ କଲାଭଳି ଦିପ୍ତିମାନ ଚାହାଣୀ । ମୋଟ ଉପରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱର ମଣିଷଟିଏ ଭଳି ଲାଗିଲା । ମୋଟା ଅକ୍ଷରରେ ଲେଖାଥିଲା - "ଶ୍ରୀ ଶ୍ରୀ ସନ୍ନ୍ୟାସୀ ବାବାଙ୍କ ଆଧାତ୍ମିକ ପ୍ରବଚନ ସଭାରେ ଯୋଗ ଦେଇ ନିଜକୁ କୃତାର୍ଥ କରନ୍ତୁ" ।

ଚାଳିଶି ବର୍ଷ ତଳର ସ୍ମୃତି ପଟଳରେ ହଠାତ ଚମକି ଉଠିଲା ଗୋଟିଏ ନାମ "ସନଆ" । ମନେ ପଡିଗଲା - ଆରେ ଇଏତ ମୋର ହାଇସ୍କୁଲର ପଢା ସାଙ୍ଗ । ଗୋରା ରଙ୍ଗର ପତଳା ଶରୀରର ଟୋକାଟିଏ । ସବୁ କାମକୁ ଆଗେଇ ଯାଉଥିବା ସ୍ମାର୍ଟ ଗୁଣ ଯୋଗୁ ହାଇସ୍କୁଲରେ ତା'ର ବହୁତ ଖ୍ୟାତି ଥିଲା । ପାଠ ପଢାରେ ସାଧାରଣ ଥିଲେ ମଧ୍ୟ ଖେଳ, ଅଭିନୟ ଓ ବାକ ପଟୁତାରେ ସେ ସମସ୍ତଙ୍କ ଠାରୁ ଦୁଇପାଦ ଆଗରେ ରହୁଥିଲା । ପ୍ରତିତ୍ୟୁପନ୍ନମତି ପ୍ରତିଭାଟି ଥିଲା ତା'ର ଏକ ବିଶେଷ ଗୁଣ ।

ସ୍କୁଲରେ ବା କ୍ଲାସରେ ଯେତେ ପ୍ରକାର ଦୁଷ୍ଟାମୀ କଲେ ମଧ୍ୟ ଶିକ୍ଷକମାନଙ୍କୁ ତା'ର ଉପସ୍ଥିତ ବୁଦ୍ଧି ଦ୍ୱାରା ତର୍କ ସଙ୍ଗତ ଉତ୍ତର ଦେଇ, ଶାନ୍ତ କରି ଦେଉଥିଲା । ତା'ର ଏହି ଗୁଣଯୋଗୁ ସେ ଥିଲା ମୋର ଏକ ରୋଲ ମଡେଲ ସାଙ୍ଗ । ମୋର କବିତା ଓ ଗଳ୍ପ ଲେଖା ଗୁଣଟି ତା'କୁ ମୋ ସହିତ ବନ୍ଧୁତାର ସୂତ୍ରରେ ବାନ୍ଧି ଦେଇଥିଲା । ମୁଁ ଲେଖିଥିବା କବିତାକୁ ତା' ନାମରେ ପ୍ରକାଶ କରିବାପାଇଁ ହାଇସ୍କୁଲ ସ୍ମରଣିକାକୁ ଦେଉଥାଏ । ହାଇସ୍କୁଲ ଛାଡିବା ପରେ, ଆମର ଯୋଗସୂତ୍ର ବିଚ୍ଛିନ୍ନ ହୋଇ ଯାଇଥିଲା ।

ମୋ ସ୍ମୃତିରେ ବ୍ରେକ ଲଗାଇ, ସେହିଦିନ ସନ୍ଧ୍ୟାରେ, ତା'ର ପ୍ରବଚନ ସଭାକୁ ଯିବାପାଇଁ ଠିକ କରି ବନ୍ଧୁଙ୍କ ଘରକୁ ଗଲି । ସେଦିନ ପ୍ରବଚନ ଶୁଣି ଯିବାକୁ ବନ୍ଧୁଙ୍କୁ କହିବାରୁ ସେ ଓଲଟା ମୋତେ ପଚାରିଲେ - ତୁମେ କେବେଠାରୁ ବାବାମାନଙ୍କ ପ୍ରବଚନ ଶୁଣିବାକୁ ପସନ୍ଦ କଲଣି? ମୁଁ କହିଲି - ପ୍ରବଚନ ଶୁଣିବାକୁ ନୁହେଁ, ପ୍ରବଚନ ଦେଉଥିବା ବାବାଙ୍କୁ ଦେଖିବାକୁ ଚାହୁଁଛି। ମୁଁ ପରେ ସବୁ କଥା କହିବି । ସେ କହିଲେ - ମୋର ଅନ୍ୟ କାମ ଅଛି, ତୁମେ ଏକା ଯାଅ। ମୁଁ ବି ଚାହୁଁ ନଥିଲି ସେ ମୋ ସହିତ ଆସନ୍ତୁ।

ନିର୍ଦ୍ଦିଷ୍ଟ ପ୍ରବଚନ ମଣ୍ଡପରେ ଯାଇ ଦେଖିଲି, ଶହ ଶହ ଶ୍ରୋତା ଓ ଭକ୍ତଙ୍କ ଭିଡ଼ ଲାଗିଛି । ସୁସଜ୍ଜିତ ମଣ୍ଡପରେ ସୁଶୋଭିତ ଆସନରେ ବସି, ଜଣେ ବାବା ଧାରାପ୍ରବାହ ଭାଷଣ ଦେଉଥିଲେ । ତା'ଙ୍କ ବାଣୀରେ ବେଶ ମନମୁଗ୍ଧକର ଭାଷା ପ୍ରକାଶ ପାଉଥିଲା । ମୁଁ ବିଳମ୍ବରେ ପହଞ୍ଚି ଥିବାରୁ, ପଛ ଧାଡିରେ ଠିଆ ହୋଇ ଭାଷଣ ଶୁଣୁଥିଲି । ମୁଁ ନିକଟସ୍ଥ ଜଣେ ଶ୍ରୋତାଙ୍କୁ ପଚାରିଦେଲି - "ଆଜ୍ଞା କିଏ ଏହି ବାବା ଭାଷଣ ଦେଉଛନ୍ତି ?" ସେ ମୋତେ ତଳୁ ଉପର ପର୍ଯ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ ଥରେ ଚାହିଁ କହିଲେ - "ସେ ଭାଷଣ ଦେଉନାହାନ୍ତି, ଆଧ୍ୟାତ୍ମିକ ପ୍ରବଚନ ପରିବେଷଣ କରୁଛନ୍ତି । ଆପଣ ଶ୍ରୀ ଶ୍ରୀ ସନ୍ନ୍ୟାସୀ ବାବାଙ୍କୁ ଜାଣି ନାହାନ୍ତି କପରି ? ସେ ସ୍ୱୟଂ ପ୍ରବଚନ ଦେଉଛନ୍ତି ମନଦେଇ ଶୁଣନ୍ତୁ । ମୁଁ ତା'ଙ୍କ କଥାକୁ ଉପେକ୍ଷା କରି ଭିଡ ଭିତରେ ଆଉ ଟିକିଏ ଆଗକୁ ଚାଲିଯାଇ ମଞ୍ଚ ପାଖରେ ପହଞ୍ଚିଗଲି । ସନ୍ନ୍ୟାସୀ ବାବା କହୁଥିଲେ - "ମୁଁ ବାରମ୍ବାର ତୁମକୁ ଆହ୍ୱାନ କରୁଛି, ମୁଁ ତୁମକୁ ନିଦ୍ରାରୁ ଜାଗ୍ରତ କରିବାକୁ ଆସିଛି । ଜାଗ୍ରତ ହୁଅ । ମୁଁ ଦେବି ଗତି ଆଉ ମୁକ୍ତି । ଏହି ପାପୀ ସଂସାରରୁ ମୁକ୍ତି ପାଇବାପାଇଁ ମୋର ଶରଣାଗତ ହୁଅ ।"

ଶ୍ରୋତାମାନେ ସତରେ ନିଦରୁ ଉଠିଲାଭଳି ଅଭିନୟ କରି ତାଳି ବଜାଇ ବାବାଙ୍କ ଜୟଗାନ କରୁଥିଲେ । ପରିବେଶଟି ଆଧ୍ୟାତ୍ମିକ ରସରେ ସତେ ଯେମିତି ରସାୟିତ ହୋଇ ପଡୁଥିଲା । କାୟମନୋବାକ୍ୟରେ ସମସ୍ତେ ଯେପରି ବାବାଙ୍କ ଶରଣାଗତ ହୋଇପଡୁଥିଲେ । ସମସ୍ତେ ଯେପରି କହୁଥିଲେ - "ହଁ ବାବା ଆମକୁ ଏହି ପାପୀ ସଂସାରରୁ ମୁକ୍ତ କରିଦିଅ ।"

ବାବା କହୁଥିଲେ - "ପରିବର୍ତ୍ତନଶୀଳ ଦୁନିଆରେ ଧର୍ମ ବି ପରିବର୍ତ୍ତନ ହେଉଛି । ଯଦି ଧର୍ମ ବଞ୍ଚିରହିବାକୁ ହେବ, ତେବେ ତା'କୁ ବି ସମୟ ସହିତ ପରିବର୍ତ୍ତନ କରିବାକୁ ପଡିବ । ମହାବୀର ଜୈନ, ଗୌତମ ବୁଦ୍ଧ, ଗୁରୁ ନାନକ, ଯୀଶୁଖ୍ରୀଷ୍ଟ, ମହମ୍ମଦ ସମସ୍ତେ ଅତୀତର ମହାପୁରୁଷ ଥିଲେ । ସେମାନଙ୍କୁ ଆଜିର ଯୁଗରେ ପୂଜାକରି କିଛି ଲାଭନାହିଁ । ସେମାନଙ୍କୁ ଭୁଲିଯିବା ହିଁ ଶ୍ରେୟସ୍କର ହେବ । ନୂଆ ଯୁଗ, ନୂଆ ଜୀବନଦର୍ଶନ ଦାବି କରୁଛି । ମୁଁ ତୁମଙ୍କୁ ଯୁଗୋପଯୋଗୀ ନୂତନ ମାର୍ଗ ଦର୍ଶାଉଛି, ଯାହା ପାଳନ କରିବା ସହଜ ଏବଂ ମଣିଷର ସ୍ୱାଭାବିକ ପ୍ରବୃତ୍ତି ସହିତ ମେଳ ଖାଉଛି । ମୁଁ ତୁମକୁ ଆହ୍ୱାନ କରୁଛି ମୋର ଶରଣାଗତ ହୁଅ ।"

ପ୍ରବଚନ ସମାପ୍ତ ହେବାପରେ ସନ୍ନ୍ୟାସୀ ବାବାଙ୍କ ଜୟ ଧ୍ୱନୀରେ ମଣ୍ଡପଟି କମ୍ପି ଉଠିଲା । ଶିଷ୍ୟମାନଙ୍କ ଗହଣରେ ସନ୍ୟାସୀ ବାବା ମଞ୍ଚରୁ ଓହ୍ଲାଇ ନିଜ କାର ଆଡକୁ ଗ୍ଲଲିଲେ । ମୁଁ ସେତେବେଳକୁ ସ୍ଥିର ନିଶ୍ଚିତ ହୋଇ ସାରିଥିଲି ଯେ ସେ ହିଁ ମୋର ପୁରୁଣା ସାଙ୍ଗ 'ସନିଆ' ।

ସେ କାର ଭିତରେ ପଶିଯିବା ପୂର୍ବରୁ ମୁଁ ଭିଡକୁ ଠେଲି ତା'ର ହାତକୁ ଧରି ପଗ୍ଚରିଦେଲି - "ଆରେ ସନିଆ ?" ମୋର ଏଭଳି ଆଚରଣରେ ଖପା ହୋଇ କିଛି ଶିଷ୍ୟ ମୋତେ ଠେଲି ଦେବାକୁ ଚେଷ୍ଟା କଲେ । ହଠାତ ସନ୍ନ୍ୟାସୀର ଦୃଷ୍ଟି ମୋ ଉପରେ ପଡିଲା । ସେ ତା' ଶିଷ୍ୟମାନଙ୍କୁ କହିଲେ - "ଛାଡିଦିଅ । କେହିଜଣେ ଦୁଃଖୀ ମଣିଷ, ମୋ ସହିତ ମିଶିବାକୁ ବ୍ୟାକୁଳ ହେଉଛି । ଏହାର ଆତ୍ମା ଦିବ୍ୟାଲୋକର ସନ୍ଧାନ କରୁଛି । ମୁଁ ତାକୁ ସେହି ସନ୍ଧାନ ଦେବି ।"

ଏତିକ କହି ସେ କାରର ପଛ ସିଟରେ ନିଜ ପାଖରେ ବସିବାକୁ ମୋତେ ନିର୍ଦ୍ଦେଶ ଦେଲା । ମୁଁ ନିର୍ବାକ ହୋଇ, କେବଳ ତା'ର ନିର୍ଦ୍ଦେଶ ପାଳନ କଲି । ତା'ର ସମ୍ମାନ ଓ ପ୍ରତିପତ୍ତି ଦେଖି ମୁଁ କିଂକର୍ତ୍ତବ୍ୟବିମୁଢ଼ ହୋଇ ଭାବୁଥିଲି –"ଅନାମଧେୟ ଗ୍ରାମର ଜଣେ ସାଧାରଣ ଯୁବକ ଆଜି କାହିଁ କେତେ ଉପରକୁ ଉଠିଗଲାଣି ? କେତେ କେତେ ନାରୀ-ପୁରୁଷ ତା'କୁ ପୂଜା କରୁଛନ୍ତି ? ମୁଁ କିନ୍ତୁ ମୋ' ମନର ଶଙ୍କାକୁ ଗୋପି ପାରୁ ନଥାଏ । ଡ୍ରାଇଭର ଗାଡି ଚଲାଇବା ପରେ, ମୁଁ ଅତି ଧୀର କଣ୍ଠରେ ପଚାରିଲି - "ସନିଆ ଏସବୁ କ'ଣ ? ମୋର ତ ବୁଦ୍ଧି ଭ୍ରମ ହୋଇଯାଉଛି ।"

ସେ ବି ସେମିତି ମୃଦୁ୍ୟ କଣ୍ଠରେ କହିଲା - "ତୁ ବୁଝି ପାରୁନୁ ତେଣୁ ତୋର ଭ୍ରମ ଦୂର କରିବାକୁ ପଡିବ । ମୁଁ ତୋର ଭ୍ରମକୁ ଦୂର କରିଦେବି ଓ ସତପଥର ଦର୍ଶନ ମଧ୍ୟ କରାଇଦେବି । ତୁ ହୁଏତ ତୋ ଜୀବନରେ ବହୁତ ଥର ନିରାଶ ହୋଇ ପଡ଼ିଥିବୁ ମୁଁ ତୋତେ ଗୋଟିଏ ନୂଆ ଜୀବନ ଦର୍ଶନ ଦେବି, ଯେଉଁଥିରେ ଆଶା ଓ ଉଲ୍ଲାସ ଭରି ରହିଥିବ ।"

ସେ ଡ୍ରାଇଭର ଆଡକୁ ଚାହିଁ ମୋତେ ଚୁପ ରହିବାକୁ ସଙ୍କେତ ଦେଲା । ମୁଁ ବୁଝି ପାରିଲି ସେ ଡ୍ରାଇଭରକୁ ଜଣାଇବାକୁ ଚାହୁଁ ନାହିଁ ମୁଁ କିଏ ?

କିଛି ସମୟ ପରେ ଗୋଟିଏ ସୁନ୍ଦର ଆଧୁନିକ ବଙ୍ଗଳାର ପୋର୍ଟିକୋରେ କାର ଠିଆ ହେଲା । ଚୌକିଦାର ଦୌଡ଼ି ଆସି କାରର ଦରଜା ଖୋଲିଦେଲା । ଆମେ ଦୁହେଁ ବଙ୍ଗଳା ଭିତରକୁ ଗଲୁ । ଗୋଟିଏ ଲମ୍ବା ହଲର ଦୁଇପାଖରେ କେତେ ଗୁଡିଏ କୋଠରୀ ରହିଛି । ସନ୍ୟାସୀ ଗୋଟିଏ କୋଠରୀରେ ପ୍ରବେଶ କଲାପରେ ଜାଣିଲି, ଏଇଟା ତା'ର ବ୍ୟକ୍ତିଗତ ଧ୍ୟାନ କକ୍ଷ । ଏଠାରେ ସମସ୍ତ ପ୍ରକାର ଆଧୁନିକ  ସୁଖ ସୁବିଧାର ବସ୍ତୁ ରହିଛି ।

ଗୋଟିଏ ପାଖରେ ଥିବା ଦୁଇଟି ବଡ଼ ଆଲମିରାରେ ସଜା ହୋଇ ରହିଛି ଅନେକ ପୁସ୍ତକ, ସମ୍ଭବତଃ ଧର୍ମ ପୁସ୍ତକ । ଅନ୍ୟ ପାଖରେ ଏକ ମହଙ୍ଗା ଟେବୁଲ ଉପରେ କିଛି ପୁସ୍ତକ, ଲେଖନ ସାମଗ୍ରୀ, କମ୍ପ୍ୟୁଟର, ଲ୍ୟାପଟପ, ଟେଲିଫୋନ ଆଦି ରହିଛି । କୋଠରୀର ଶେଷ ଭାଗରେ ଗୋଟିଏ ନରମ ଗଦି ପଡିଛି । ସେଇଠି ହୁଏତ ସନ୍ନ୍ୟାସୀ  ବାବା ଧ୍ୟାନରେ ବସେ । ସନ୍ନ୍ୟାସୀ  ମୋତେ ପଚାରିଲା - "ତୁ କମ୍ପ୍ୟୁଟର ବ୍ୟବହାର ଜାଣିଛୁ ?"

ମୁଁ କହିଲି - "ହଁ ଜାଣିଛି ।"

ସେ କହିଲା - "ତୁ ତେବେ ଏହି କମ୍ପ୍ୟୁଟରରେ ବସି ଟାଇମ ପାସ କରୁଥା, ମୁଁ ବାହାରେ ଅପେକ୍ଷା କରିଥିବା ଭକ୍ତମାନଙ୍କୁ ଦର୍ଶନ ଦେଇ, ବିଦାୟକରି ଆସୁଛି । ତୁ' ଆଜିରାତି ଓ କାଲିଦିନଟି ମୋ ସହିତରହିବୁ । ତେବେ ହିଁ ତୁ' ମୋତେ ଠିକଭାବେ ଜାଣିପାରିବୁ ।" ତା'ପରେ ସେ କକ୍ଷ ତ୍ୟାଗ କରି ଚାଲିଗଲା ।

ମୁଁ ମୋର ବନ୍ଧୁଙ୍କୁ ଫୋନ କରି କହିଦେଲି –"କୌଣସି ବିଶେଷ କାମ ଯୋଗୁ ମୁଁ କାଲି ସନ୍ଧ୍ୟା ପର୍ଯ୍ୟନ୍ତ ତୁମ ଘରକୁ ଯାଇ ପାରିବି ନାହିଁ ।"ମୁଁ କମ୍ପ୍ୟୁଟର ନଖୋଲି, ବହି ଆଲମିରାରେ ଥିବା ଗ୍ରନ୍ଥସବୁ ନିରୀକ୍ଷଣ କଲି । ବେଦ, ଭାଗବତ, ରାମାୟଣ, ମହାଭାରତ, ଗୀତା, ଅଷ୍ଟାଦଶ ପୁରାଣ ସହିତ ହିନ୍ଦୁ ଧର୍ମର ଅନେକ ଧର୍ମଗ୍ରନ୍ଥ ରହିଛି । ମୁଁ ଭାବୁଥିଲି – "ହାଇସ୍କୁଲରେ ଟାଣି ଓଟାରି କେବଳ ପାସମାର୍କ ଆଣି ଯେଉଁ ସନଆ ମାଟ୍ରିକରେ ଥାର୍ଡ଼ ଡିଭିଜନରେ ପାସ କରିଥିଲା, ସେ ଆଜି ଏତେସବୁ ଧର୍ମଗ୍ରନ୍ଥ ପଢୁଛି କେମିତି ?"

ସନଆର ଜୀବନଶୈଳୀ ସମ୍ପର୍କରେ ଜାଣିବାକୁ ମୋର ଉତ୍କଣ୍ଠା ବଢ଼ିବାରେ ଲାଗିଥିଲା । ପ୍ରାୟ ଅଧଘଣ୍ଟା ପରେ ସେ କୋଠରୀକୁ ଫେରିଆସିଲା । କୋଠରୀ କବାଟ ଭିତରୁ ବନ୍ଦ କରିଦେଇ ଆସି ମୋ ପାଖରେ ବସିଲା । ଛାତ୍ର ଜୀବନର ସାଙ୍ଗ ଭଳି ମୋ' କାନ୍ଧରେ ହାତରଖି ଖୁବ ସହଜ କଣ୍ଠରେ ପଚାରିଲା - "ହଁ ତୁ କ'ଣ ପଚାରୁଥିଲୁ ?"

ମୁଁ କହିଲି - "ସତରେ ମୁଁ ବୁଝି ପାରୁନ, ତୁ ଏଭଳି ନାଟକ ରଚନା କରିଛୁ କାହିଁକି ?"

ସେ କହିଲା - "ଶୁଣ ! ଏଇ ସଂସାରଟି ଏକ ନାଟକ ମଞ୍ଚ ବୋଲି ସମସ୍ତେ କହୁଛନ୍ତି ! ମୁଁ ବି ଅନୁଭବ କରୁଛି, ସମସ୍ତେ ନିଜ ନିଜ ଭୂମିକାରେ ଅଭିନୟ କରୁଛନ୍ତି । ଭଗବାନ ମୋତେ ଏହି ଦାୟିତ୍ୱ ଦେଇଛନ୍ତି ଯେ ମୋହଗ୍ରସ୍ତ ଲୋକମାନଙ୍କର ମୁଁ ମୋହ ଭଙ୍ଗ କରିବି । ସେମାନଙ୍କୁ ମୁଁ ମୁକ୍ତିର ମାର୍ଗ ଦେଖେଇବି । ତୁ' ଚିନ୍ତା କରନାହିଁ । ତୁ' ବର୍ତ୍ତମାନ ମୋ ପାଖକୁ ଆସିଛୁ ତେଣୁ ତୋର ମଧ୍ୟ ସମସ୍ତ ଦୁଃଖ ଦୂର ହୋଇଯିବ ।"

ମୁଁ ଆଶ୍ଚର୍ଯ୍ୟ ହୋଇ ତା' କଥା ଶୁଣୁଥିଲି । ପିଲ୍ ଦିନେ ତା'ସହିତ ଖାଇବା, ଖେଳବା, କଳକରିବା ସହିତ ପରସ୍ପରକୁ ଭଲ ପାଇବା ମଧ ଥିଲ୍ । ଆମ ଦୁହିଁଙ୍କ ବନ୍ଧୁତ୍ୱରେ କୌଣସି ଆବିଳତା ନଥିଲ୍ । ସୁଖ, ଦୁଃଖରେ ଦୁହେଁ ପରସ୍ପରକୁ ସାହାଯ୍ୟ କରୁଥିଲୁ । ମୁଁ ଆଜି ସାଂସାରିକ ଜୀବନଭିତରେ ଚଳୁ ଥିବାରୁ, ସେ ହୁଏତ ଭାବୁଛି –"ମୁଁ ବହୁତ ଦୁଃଖ ଭୋଗ କରୁଛି ।"

ସେ ଟେବୁଲ ଡ୍ର' ଟାଣି ଗୋଟିଏ ଦାମିକା ସିଗାର ଡବା ବାହାର କଲ୍ । ମୋତେ ଗୋଟିଏ ଦେଇ ସେ ଗୋଟିଏ ନେଲ୍ । ଆମେ ହାଇସ୍କୁଲରେ ପଢିବାବେଳେ ଗୋଟିଏ 'ଗୁରମିନାର' ସିଗାରେଟ ଦୁହେଁ ମିଶି ଟାଣୁଥିଲୁ । ମୁଁ ଏବେ ମଧ ସମୟ ସମୟରେ ଗୋଟେ ଅଧେ ସିଗାରେଟ ଟାଣିଥାଏ । ମୁଁ ଆଗରୁ ଏତେ ମହଙ୍ଗା ବିଦେଶୀ ସିଗାର ବ୍ୟବହାର କରି ନଥିଲି। ସିଗାର ଧୂଁଆରୁ ଏକ ମହକ କକ୍ଷରେ ଭରିଗଲ୍ ।

ମୁଁ ଖୁସି ହୋଇ କହିଲି - "ବାଃରେ ଖୁବ ବଢିଆ ଜିନଷ ତ ! ମହଙ୍ଗା ହୋଇଥିବ ନଶ୍ଚୟ ।" ସେ କହିଲ୍ - "ମହଙ୍ଗା ହେଉ କ ଶସ୍ତା ମୋତେ କଣିବାକୁ ପଡୁନ । ବିଦେଶରେ ରହୁଥିବା ଜଣେ ଭକ୍ତ ପଠାଇ ଦେଇଛି । ଖାଲି କ'ଣ ସେତିକ ? ମହଙ୍ଗା ସ୍କଚଭିସ୍କି ମଧ ଅଛି । ଟିକଏ ନେବୁକ ?

ମୁଁ କହିଲି - "ନା ଭାଇ ମୁଁ କେବେ ମଦ୍ୟ ସେବନ କରିନାହିଁ । ତୁ' ତ ବାବା ରୂପରେ ଭଗବାନଙ୍କ ଅବତାର ହୋଇ ଗଲୁଣି । ତୋର ପୁଣି ମାଦକ ଦ୍ରବ୍ୟ ଦରକାର ପଡୁଛି କାହିଁକ?

ସେ ହସିଲ୍ । କହିଲ୍ –"ହଇରେ ! ମଣିଷ ରୂପୀ ଭଗବାନଙ୍କୁ କ'ଣ ଭୋକ ଶୋଷ ଲ୍ଗିବ ନାହିଁ ? ସେ କ'ଣ ଜୀବନର ସମସ୍ତ ଭୌତିକସୁଖ-ସମ୍ଭୋଗରୁ ବଞ୍ଚିତ ରହିବା ଉଚତ ? ତୁ' କହିଲୁ ଭଲ୍, କେଉଁ ଦେବୀ ଦେବତାମାନେ ଭୌତିକ ସୁଖ ସମ୍ଭୋଗରୁ ଦୂରେଇ ରହୁଥିଲେ ?ଦେବତାମାନଙ୍କ ପାଇଁ ସୁର୍ ପାନ କରି, ଆମିଷ ଭୋଜନ କରିବା ଏକ ସାଧାରଣ କଥା ଥିଲ୍ । ନଜର ସ୍ତ୍ରୀ (ଦେବୀ) ଥାଉ ଥାଉ ଅନ୍ୟର ସ୍ତ୍ରୀମାନଙ୍କୁ ମଧ ସମ୍ଭୋଗ କରିବାର ଦାହରଣ ରହିଛି ।

ନାଇଁରେ ବାବୁ ! ସାଧୁ ହୋଇଗଲେ ସବୁ ଖାଇବା ପିଇବାରେ ଲଗାମ ଲଗାଇଦେବା, ସେ ସବୁ ମିଛ କଥା ।

ମୋ ମତରେ - "ସଂସାରେ ଥିବ ଯେତେ ଦିନ ଆନନ୍ଦ କରୁଥାଅ ମନ ।"ସ୍ୱୟଂଭୂ ଭଗବାନମାନଙ୍କୁ ସବୁ କଛି ଉପଭୋଗ କରିବା ଉଚତ । ଭକ୍ତମାନେ ନଜେ ଉପଭୋଗ କରୁଥିବା ସମସ୍ତ ବସ୍ତୁ ଭଗବାନଙ୍କ ଚରଣରେ ଅର୍ପଣ କରୁଛନ୍ତି । ତେଣୁ ଭଗବାନ ସମସ୍ତ ଭକ୍ତଙ୍କର ଭାବନାକୁ ଆଦର କରିବା ଉଚତ ।"

ମୁଁ କହିଲି - " ଯାହା ବି କହ ସନଆ ତୁ ଏକ ମାୟାବୀ ସଂସାର ଗଢିଛୁ । କେତେ ବଡ ବଡ ଶିକ୍ଷିତ, ଉଚ୍ଚ ପଦସ୍ଥ ଅଫିସର, ଡାକ୍ତର, ଇଂଜିନୟର, ପ୍ରାଧ୍ୟାପକ, ନେତା, ଅଭିନେତା ସମସ୍ତେ ତୋର ପ୍ରବଚନ ଶୁଣିବାକୁ ଏକତ୍ର ହେଉଛନ୍ତି । ସେମାନଙ୍କ ମଧ୍ୟରୁ କେହି କ'ଣ ବୁଝିପାରୁନାହାନ୍ତି ଯେ ତୋର ଏହି ଭୋଗ ବିଳାସ ପୂର୍ଣ୍ଣ ଜୀବନଶୈଳୀ ସହିତ ଧାର୍ମିକ ପ୍ରବଚନ ଏକ ନରର୍ଥକ ପ୍ରଳାପ ଓ ପ୍ରବଞ୍ଚନା ମାତ୍ର ?"

ସନଆ ତା' ସିଗାରରୁ ଗୋଟିଏ ଦୀର୍ଘ କଶ ଟାଣି, ମୋତେ ଚାହିଁଲା । ମୁହଁରେ ବିଦ୍ରୂପର ହସ ଖେଳାଇ କହିଲା - "ତୋ ପ୍ରଶ୍ନର ଉତ୍ତର ଦେଉଛି ଶୁଣ - "ଅଧିକାଂଶ ତଥାକଥିତ ବୁଦ୍ଧିଜୀବୀ, ଏହି ରହସ୍ୟ ବୁଝିବାକୁ ଏଠାକୁ ଆସନ୍ତି ନାହିଁ । ସେମାନଙ୍କର ବିଭିନ୍ନ ପ୍ରକାର ସମସ୍ୟାର ଚମତ୍କାରୀ ସମାଧାନ ଖୋଜିବାକୁ ଧାଇଁ ଆସନ୍ତି । ସେମାନେ ଭାବନ୍ତି ମୋ ପାଖରେ ସେହି ଚମତ୍କାରୀ ଶକ୍ତି ଅଛି । ହଁ ! ତୋ ଭଳି କେତେ ଜଣ ଜିବ୍ରୁ ଶିର୍ ଖୋଜିବା ବୁଦ୍ଧିଜୀବୀ ମଧ୍ୟ ଆସନ୍ତି । ସେମାନଙ୍କ ସହ ଅଲଗା ଭାବେ ଯୋଗ ସାଧନା କରିବାକୁ ପଡେ। "ଆପଣଙ୍କ ତର୍କ ବହୁତ ଉଚ୍ଚ କୋଟିର, ଆପଣ ସତରେ ଜ୍ଞାନୀ ମଣିଷ"କହିଦେଲେ ସେମାନେ ଖୁସି ହୋଇ ଯାଆନ୍ତି । ନଜର ପରିବାର ଓ ସମାଜ ଦ୍ୱାରା ନର୍ଯ୍ୟାତିତ ଅନୁଭବ କରୁଥିବା ତଥାକଥିତ ବଡ଼ ଲୋକମାନେ, ମୋ କକ୍ଷରେ କଛି ସମୟ ବିତାଇ ଗଲାପରେ ସବୁ କଛି ଭୁଲି ଯାଆନ୍ତି । ସନ୍ୟାସୀ ବାବାଙ୍କ ଜୟଗାନ କରି ପୁଣି ଥରେ ଆସିବାର ପ୍ରତିଶ୍ରୁତି ଦେଇ ଯାଆନ୍ତି ।"

ମୁଁ କହିଲି - "ହଁ ମୁଁ ଜାଣେ, ତୁ ହାଇସ୍କୁଲରେ ବାଦ-ବିବାଦ ଭାଷଣ ପ୍ରତିଯୋଗିତାରେ ପାରଙ୍ଗମ ଥିଲୁ । ତା'ସହିତ ତୁ' ଗାର୍ଲଫ୍ରେଣ୍ଡ ବନେଇବାରେ ମଧ୍ୟ ନମ୍ବର ଏକ ପ୍ରେମିକ ଥିଲୁ। ଗାର୍ଲଫ୍ରେଣ୍ଡ ବଦଳାଇବା ତୋର ଏକ ସଉକ ଥିଲା । ମନେ ଅଛି ତ ?"

ସେ କହିଲା - "ଛିଃ ଛିଃ ପିଲାଦିନର ସେ ସବୁ ପୁରୁଣା କଥାକୁ ମନେପକାଇବା ଉଚିତ ନୁହେଁ । ଅତୀତର ଦୁଃଖଦ ଘଟଣାକୁ ଯଦି ଧରିବସିବା, ତେବେ ତାହା ମନୁଷ୍ୟର ଉନ୍ନତିରେ ବାଧକ ହୋଇଥାଏ । ତୁ' କେବଳ ବର୍ତ୍ତମାନରେ ଜିଇଁବା ଓ ଭବିଷ୍ୟତକୁ ଲକ୍ଷ୍ୟ ରଖି ଚାଲିବା ଶିଖ ।"

ମୁଁ କହିଲି –"ଅତୀତକୁ ମୁଁ କେମିତି ଭୁଲି ପାରିବି କହ ? ତୋ' ଭଳ ଏକ କାମୁକଓ ଲମ୍ପଟ ଟୋକା ଆଜି ଭଗବାନ ସାଜି ବସିଛି । ତୋ' ଦ୍ୱାରା ଯେଉଁ ଝିଅଟି ଗର୍ଭବତୀ ହୋଇଯାଇଥିଲା, ତାକୁ ନେଇ ତୋର ଚହ୍ଲା ଡାକ୍ତର ପାଖରେ ଗର୍ଭପାତ କରାଇ ଆଣିଥିଲୁ । ଶେଷରେ ଗୋଟିଏ ପରିବାରର ତିନୋଟି ଭଉଣୀଙ୍କୁ ପ୍ରେମ ଜାଲରେ ବାନ୍ଧି ରଖିଥିଲୁ । ଗାଆଁ ଟୋକାମାନେ ଏହା ଜାଣିପାରି ତୋତେ ଧରିବା ପୂର୍ବରୁ ତୁ' ଗାଆଁରୁ ଉଭାନ ହୋଇଗଲୁ । ତୁ' ସତରେ କୁଆଡେ ପଳାଇଗଲୁ ? ତୋ' ପାଇଁ ତୋର ପରିବାର କେତେ ଅପନନ୍ଦା ଶୁଣିଛନ୍ତି ତୁ' ଜାଣିଛୁ ?"

ସେ କହିଲା - "ସେସବୁ ଏକ ଲମ୍ବା କାହାଣୀ । ପରେ କେବେ କହିବି । ଚାଲ ଯିବା ମୋର ଶୟନ କକ୍ଷକୁ, ସେଠାରେ ରାତ୍ରି ଭୋଜନ କରି ଶୋଇବା ।

ସନ୍ନ୍ୟାସୀ ବାବାଙ୍କ ଶୟନକକ୍ଷ, କୌଣସି ପଞ୍ଚତାରକା ହୋଟେଲରୁ କମ ନଥିଲା । ସନଆର ନର୍ଦ୍ଦେଶ କ୍ରମେ ପରିଚାରିକାମାନେ ଖାଇବା, ପିଇବାର ସମାନ ଆଣି ଡ଼ାଇନଙ୍ଗ ଟେବୁଲ ଉପରେ ରଖି ଚାଲିଗଲେ । ସନଆ ତା'ର ଡ୍ରିଙ୍କସ ନେଲା । ଏତେ ବଢିଆ ଆମିଷ ଓ ନରାମିଷ ଖାଦ୍ୟ ମୁଁ କେବେ ବି ଖାଇ ନଥିଲି । ସନଆ ଏମିତି ଖାଦ୍ୟ ପ୍ରତିଦିନ ଖାଉଛି ଦେଖି, ମନେ ମନେ ତା'ପ୍ରତି ଇର୍ଷା ହେଉଥିଲା । ଖାଇ ସାରିବା ପରେ ଆମର ବାର୍ତ୍ତାଳାପ ପୁଣି ଥରେ ଆରମ୍ଭ ହେଲା ।

ମୋ ମନରେ ଅନେକ ପ୍ରଶ୍ନ ଉଠୁଥାଏ । ଗତ ଖୁଳଶି ବର୍ଷ ବ୍ୟବଧାନର ସନଆ ଓରଫ ସନ୍ୟାସୀ ବାବାଙ୍କ ଜୀବନ ରହସ୍ୟ ଜାଣିବାପାଇଁ ମୋ ମନରେ ଗଭୀର ଉତ୍କଣ୍ଠା ଜାଗ୍ରତ ହୋଇ ସାରିଥିଲା । ଏମିତି ସୁଯୋଗ ଆଉ କେବେ ମିଳବନ । ମୋ ଆଖିରୁ ନଦ ହଜିଯାଇଥିଲା । ମୁଁ ତଥାପି ଭଦ୍ରତାଖାତିରରେ ତାକୁକହିଲି-"ତୋର ବିଶ୍ରାମ କରିବା ସମୟକୁ ମୁଁ ନଷ୍ଟ କରୁନାହିଁ ତ ?"

ସେ କହିଲା - " ଆରେ ନାହିଁ । ଭଗବାନ କ'ଣ କେବେ ଶୁଅନ୍ତି ? ଏତେ ଦିନ ପରେ ମୋର ଅତି ପ୍ରିୟ ସାଙ୍ଗକୁ ନକଟରେ ପାଇଛି । ରାତି ପାହିଯାଉ ଚନ୍ତା ନାହିଁ । ଆମେ ଗପିବା।"

ମୁଁ ପଗ୍ଚରିଲି - ତୁ ବିବାହ କରି ଘର ସଂସାର କଲୁ ନାହିଁ କାହିଁକ ?

ସେଏକ ତାଚ୍ଛଲ୍ୟ ହସରେ ଉତ୍ତର ଦେଲା - "ମୋ ଭଳ ଏକ ବାସ୍ତୁହରା, ବେକାର ଯୁବକକୁ କଏ ବିବାହ କରିବାକୁ ରାଜି ହୋଇଥାନ୍ତା କହିଲୁ ? ସ୍ତ୍ରୀ ଓ ଛୁଆଙ୍କୁ ପୋଷିବା ପାଇଁ ମୋର ଆମଦାନୀ ତ ନଥିଲା । ଘର ତ୍ୟାଗ କଲାପରେ ମୁଁ ବିଭିନ୍ନ ମଠ ଓ ମନ୍ଦିରମାନଙ୍କରେ ରହି ସେବାକାର୍ଯ୍ୟ କରୁଥିବାରୁ, ଦୁଇଓଳା ପେଟ ପୂରା ଖାଇବାକୁ ମିଳୁଥିଲା । ପ୍ରାୟ ଦୁଇ ବର୍ଷ ପରେ ଦିନେ ଜଣେ ସାଧୁଙ୍କ ସହିତ ପରିଚୟ ହେଲା । ତାଙ୍କୁ ମୋର କଥାବାର୍ତ୍ତା ଓ ବ୍ୟବହାର ଭଲ ଲାଗିବାରୁ, ସେ ମୋତେ ହରିଦ୍ୱାରକୁ ନେଇଗଲେ । ସେଠାରେ ଗୋଟିଏ ଆଶ୍ରମରେ ରହିବାଭଳ ଯୋଗାଡ଼ କରିନେଲି । ଆଶ୍ରମର ପରିଗ୍ଚଳକ ବାବା ସଦାନନ୍ଦ, ମୁଁ ଓଡିଶାରୁ ଆସିଛି ଜାଣିବା ପରେ, ମୋତେ ଆଗ୍ରହରେ ଆଶ୍ରମରେ ରହିବାକୁ ଅନୁମତି ଦେଲେ । କାରଣ ସେ କଛି ବର୍ଷ ପୁରୀରେ ରହି ଯୋଗ ସାଧନା କରୁଥିଲେ । ଓଡ଼ିଆ ଭାଷା ମଧ୍ୟ ସେ ଶିଖି ଯାଇଥିଲେ । ତୁ ଜାଣିଥିବୁ, ମୁଁ ହାଇସ୍କୁଲରେ ସଂସ୍କୃତପଣ୍ଡିତଙ୍କ ମାଡ଼ ଭୟରେ, ସଂସ୍କୃତଶ୍ଳୋକ ଗୁଡିକୁ ଘୋଷି ଘୋଷି ମୁଖସ୍ଥ କରି ଦେଉଥିଲି । ଅନ୍ୟାନ୍ୟ ବିଷୟ ଅପେକ୍ଷା ସଂସ୍କୃତରେ ମୋର ବେଶି ଭଲ ନମ୍ବର ଆସୁଥିଲା । ସେହି ଜ୍ଞାନ ମୋତେ ଆଶ୍ରମର, ଧର୍ମଗ୍ରନ୍ଥ ପଢି ବୁଝିବାରେ ବହୁତ ସାହାଯ୍ୟ କଲା ।

ବାବା ସଦାନନ୍ଦଙ୍କ ସାହାଯ୍ୟରେ ମୁଁ ଏକ ସଫଳ ଧର୍ମଗୁରୁ ଓ ପ୍ରବଚକ ଭାବେ ମାନ୍ୟତା ପ୍ରାପ୍ତ କଲି । ତୋତେ ଆଜି ନିଃସଂକୋଚରେ ଗୋଟିଏ ଅପ୍ରିୟ ସତକଥା କହିବି –"ମୁଁ ହରିଦ୍ୱାରରେ ପ୍ରାୟ ଦଶ ବର୍ଷ ରହିଲି । ସେଠାରେ ଥିବା ଅନେକ ମଠ ଓ ଆଶ୍ରମରେ ଆସ୍ଥାନ ଜମେଇ ବସିଥିବା ଅନେକ ତଥାକଥିତ ସାଧୁ, ସନ୍ୟାସୀ, ବାବା, ତାନ୍ତ୍ରିକ, ଓ ସିଦ୍ଧ ପୁରୁଷଙ୍କ ସହ ମିଶିଛି । ସେମାନଙ୍କ ଜୀବନଶୈଳୀ ଦେଖିଛି । ସମସ୍ତେ ବିଭିନ୍ନ ଦେବୀ ଦେବତାଙ୍କ କୃପା ଓ ଶକ୍ତି ପ୍ରାପ୍ତ କରିଥିବା ଦାବି କରିଥାନ୍ତି । ତାଙ୍କର ଶିଷ୍ୟ ଓ ଭକ୍ତମାନଙ୍କ ଦ୍ୱାରା ପ୍ରଚାର ଫଳରେ ଦେଶ ବିଦେଶରୁ ହଜାର ହଜାର ଲୋକ ଆସି ସେଠାରେ ଜମା ହୁଅନ୍ତି । ଧର୍ମଗୁରୁମାନଙ୍କର ପ୍ରବଚନ ଶୁଣି ନିଜକୁ ଧନ୍ୟ ମନେ କରୁଛନ୍ତି । ମୁକ୍ତ ହସ୍ତରେ ଗୁରୁମାନଙ୍କୁ ଦାନ ଓ ଦକ୍ଷିଣା ଦେଇ ଫେରିଯାଆନ୍ତି ।

ମୁଁ କିନ୍ତୁ ସେମାନଙ୍କର ଆଚରଣ ଓ ଉଚ୍ଚାରଣରେ ଅନେକ ବିରୋଧାଭାସ ରହୁଥିବା ଅନୁଭବ କରୁଥିଲି । ସେମାନେ ପ୍ରବଚନ ଦେଲାବେଳେ, ଭକ୍ତମାନଙ୍କୁ ଯେଉଁ ନୀତିଶିକ୍ଷା ଦେଉଥିଲେ, ନିଜ ଜୀବନରେ ତାହା ପାଳନ କରୁନଥିଲେ । ଧିରେ ଧିରେ ମୁଁ ଜାଣି ପାରିଲି ଯେ ସେଠାରେ ଅନେକ ପ୍ରକାର ଜଘନ୍ୟ ଅପରାଧ କରିଥିବା ବ୍ୟକ୍ତି ସାଧୁ ବେଶରେ ରହୁଛନ୍ତି । ବେଳେ ବେଳେ ବିଭିନ୍ନ ପ୍ରଦେଶର ପୋଲିସ ଅନୁସନ୍ଧାନ କରି କେତେକ ସାଧୁ ବେଶଧାରୀ ଅପରାଧୀଙ୍କୁ ଗିରଫ କରି ନିଅନ୍ତି ।

ଆଶ୍ରମରେ ଦେଶୀ ବିଦେଶୀ ନିଶା ଦ୍ରବ୍ୟର ସେବନ କରିବା ଏକ ସାଧାରଣ କଥା । କେତେକ ଆଶ୍ରମରେ ମହିଳା ଭକ୍ତମାନଙ୍କୁ ମାନସିକ ଭାବେ ବଶୀଭୂତ କରି ଯୌନ ଶୋଷଣ କରାଯାଉଛି । ଏସବୁ କାମ ଅତି ଚତୁରତାର ସହିତ ସମ୍ପାଦନ ହେଉଥିଲେ ବି, ବେଳେବେଳେ ଲୋକ ଲୋଚନକୁ ଆସି ଯାଉଛି । କିଛି ଦିନ ମିଡ଼ିଆ ଦ୍ୱାରା ଚହଳ ପଡୁଛି । ଘଟଣାଟି ପୁରୁଣା ହୋଇଗଲେ ସମସ୍ତେ ଭୁଲି ଯାଉଛନ୍ତି ।

ସମସ୍ତ ପ୍ରକାର ଅନୈତିକ ଧନ୍ଦାକୁ ଅଣଦେଖା କରି, ପାପରୁ ମୁକ୍ତି ଓ ମୋକ୍ଷ ପାଇବାର ଧାର୍ମିକ ବିଶ୍ୱାସ ନେଇ ଦୌଡ଼ି ଯାଇଥିବା ଲୋକମାନଙ୍କୁ ଦେଖି ମୁଁ ସ୍ଥିର ନିଶ୍ଚିତ ହୋଇଗଲି ଯେ ଭଗବାନ ବୋଲି କେହି କେଉଁଠି ନାହିଁ । ଧର୍ମ ନାମରେ କେବଳ ସ୍ୱାର୍ଥନ୍ୱେଷୀ ଲୋକମାନେ ଧନ୍ଦା କରୁଛନ୍ତି ।

ମୁଁ ପଚାରିଲି - "ତୁ' ତ ପିଲାଟିବେଳୁ ପୂଜା ପାଠ କରୁ ନଥିଲୁ । ଭଣ୍ଡ ଲୋକମାନଙ୍କୁ ବିରୋଧ କରୁଥିଲୁ । ବର୍ତ୍ତମାନ ତୁ ନିଜେ ଏଭଳି ଭଣ୍ଡାମିକୁ ସମର୍ଥନ କରୁଥିବା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇ ଯାଉଛି ।"

ସେ କହିଲା - "ହଁ ତୁ ଠିକ କହିଛୁ । ମୁଁ ପୂଜା ପାଠସିନା କରୁନଥିଲି କିନ୍ତୁ ଦେବ ଦେବୀଙ୍କ ପ୍ରତି ଭୟ ନିଶ୍ଚୟ ଥିଲା । ତା' ଛଡା ଗୃହ ତ୍ୟାଗ କଲାପରେ ବଞ୍ଚି ରହିବା ପାଇଁ ମୋତେ ଏକ ସହଜ ସାଧନ ବି ତ ମିଳିଗଲା । ମଠ, ମନ୍ଦିର, ସାଧୁ ଓ ସନ୍ୟାସୀଙ୍କୁ ବିରୋଧ କରିଥିଲେ, ଆଉ କିଏ ମୋତେ ମାଗଣାରେ ରହିବାକୁ - ଖାଇବାକୁ ଦେଇଥାନ୍ତା ? ମୁଁ ଆଜି ବି କିନ୍ତୁ ସମ୍ପୂର୍ଣ୍ଣ ଭାବେ ନିରୀଶ୍ୱରବାଦର ସମର୍ଥକ । ଧର୍ମଶାସ୍ତ୍ର ପଢି ଧର୍ମଗୁରୁଙ୍କ ସହିତ ମିଶି ଜାଣିପାରିଛି ଯେ ଧର୍ମ ଏକ ପ୍ରହସନ । ସ୍ୱର୍ଗ, ନର୍କ, ଆତ୍ମା, ପରମାତ୍ମା, ମୋକ୍ଷ ଓ ପୁନର୍ଜନ୍ମ ସବୁ ପ୍ରହେଳିକା । ତଥାପି ମୁଁ ସେମାନଙ୍କ ଭଣ୍ଡାମିକୁ ସମର୍ଥନ କରୁଛି । ମୁଁ ବି ଚାହୁଁଛି ଏଭଳି ଭଣ୍ଡାମି ଚାଲୁ ରହୁ । କାରଣ ଏଥିରେ ମୋର ସ୍ୱାର୍ଥ ନିହିତ ଅଛି । ମୋତେ ଏତେ ମାନ-ସମ୍ମାନ ଆଉ କେଉଁଠି ମିଳିବ ?"

"ମୁଁ ପ୍ରଥମେ ଭଣ୍ଡାମିକୁ ବିରୋଧ କରୁଥିଲି, କାରଣ ତର୍କଶୀଳ ଲୋକମାନଙ୍କ ସଂଖ୍ୟା ବୃଦ୍ଧି କରିବାକୁ ଚାହୁଁଥିଲି । ସମାଜରୁ କୁସଂସ୍କାର ଏବଂ ରୂଢ଼ିବାଦୀ ପରମ୍ପରା ଦୂର କରିବାପାଇଁ ତର୍କ କରୁଥିଲେ ମଧ୍ୟ ଶେଷରେ ତଥାକଥିତ ଭଗବାନଙ୍କ ଉଦ୍ଦେଶ୍ୟରେ ହାତ ଯୋଡି ପ୍ରଣାମ କରୁଥିଲି । ମୋ' ମନରେ ଭୟ ଥିଲା - ସମାଜ ମୋତେ ନିରୀଶ୍ୱରବାଦୀ ବା ନାସ୍ତିକ କହି ଉପେକ୍ଷା ନକରୁ । ମୋର ସେହି ଛଳନାତ୍ମକ ଅଭିନୟ ଅନେକ ବୁଦ୍ଧିଜୀବିଙ୍କୁ ଆକର୍ଷିତ କଲା । ସମାଜରେ ପ୍ରଚଳିତ କିଛି ଅନାବଶ୍ୟକ କଠୋର ଧାର୍ମିକ କର୍ମକାଣ୍ଡ, ନୀତି, ନିୟମ ଆଦିକୁ ମୁଁ ବିଜ୍ଞାନ ସମ୍ମତ ଓ ତର୍କସଙ୍ଗତ ଭାବେ ବ୍ୟାଖ୍ୟା କରି ପ୍ରବଚନ ମାଧ୍ୟମରେ ଖଣ୍ଡନ କରିଥାଏ ।"

"ଯେଉଁମାନେ ବ୍ରତ, ଉପବାସ, ଧ୍ୟାନ ଆଦି କରିବାକୁ ସମୟ ପାଉ ନାହାନ୍ତି, କିନ୍ତୁ ମନରେ ଧାର୍ମିକ ବିଶ୍ୱାସ ଓ ଭୟ ଭର୍ତ୍ତି କରିଥାନ୍ତି, ସେହିମାନଙ୍କୁ ମୋର ପ୍ରବଚନ ବହୁତ ବଢିଆ ଲାଗେ । ସତେ ଯେମିତି ମୁଁ ସେମାନଙ୍କ ମନରୁ ଅପରାଧବୋଧକୁ ଦୂର କରି ଦେଉଛି । ମୋର ପ୍ରବଚନ ଶୁଣିବାକୁ ସେଇମାନେ ଆସନ୍ତି, ଯେଉଁମାନଙ୍କ ମନରେ ପିଲାଟି ବେଳୁ ତର୍କ

ନକରି ଈଶ୍ୱରଙ୍କୁ ବିଶ୍ୱାସ କରିବାପାଇଁ ଏକ ବଦ୍ଧମୂଳ ଅବଧାରଣା ଭରି ରହିଛି । ଯେଉଁମାନେ ତୋ' ଭଳ ତର୍କଶୀଳ ଓ ହେତୁବାଦୀ, ସେମାନେ କେବେ ବି ମୋ ପାଖକୁ ଆସନ୍ତିନାହିଁ । ମୁଁ ସେଥିପାଇଁ ନିର୍ଭୟ ଭାବେ ମୋ ଧନ୍ଦା ଚଲେଇଛି ।

ମୁଁ ପଚାରିଲି - "ଯେଉଁ ଦିନ ତୋ'ର ଏହି ଭଣ୍ଡାମିର ଅସଲ ରହସ୍ୟ ଜଣା ପଡିବ, ସେ ଦିନ କ'ଣ ହେବ କଳ୍ପନା କରିଛୁ ?ସେ ବଡ ଆତ୍ମବିଶ୍ୱାସର ସହ ଦୃଢ଼ କଣ୍ଠରେ କହିଲା - "ହଁ ମୁଁ ଜାଣିଛି ।" କଥାରେ ଅଛି - "ନେଇ ଆଣି ଥୋଇ ଜାଣିଲେ ଚୋରି କାମଟି ଭଲ ।"

ସେ ପୁଣି କହିଲା - "ଭାରତୀୟ ଦଣ୍ଡ ସଂହିତା ଅନୁସାରେ କେଉଁ କେଉଁ କାମ କରି ଧରା ପଡିଲେ ଜେଲ ଦଣ୍ଡ ହେବ, ତାହା ବି ମୁଁ ଜାଣେ । ଯଥା :ନାରୀମାନଙ୍କର ଯୌନ ଶୋଷଣ, ନିଶା ଦ୍ରବ୍ୟର ଅନୈତିକ ବ୍ୟାପାର, କୌଣସି ବ୍ୟକ୍ତିଙ୍କୁ ମିଥ୍ୟା ପ୍ରଲୋଭନ ଦେଇ ଟଙ୍କା ହଡପ କରିବା ଏବଂ କୌଣସି ଭ୍ରଷ୍ଟାଚାରୀ ନେତା, ମନ୍ତ୍ରୀ, ଅଫିସର ଓ ପ୍ରତିଷ୍ଠିତ ବ୍ୟକ୍ତିବିରୋଧରେ ଭାଷଣ ଦେବା କାମ କଲେ, ଦିନେ ନା ଦିନେ ମୁଁ ଦଣ୍ଡ ଭୋଗିବି ।"

"ଯେଉଁ ଇଜ୍ଜତଦାର ଘରର ମହିଳାମାନେ, ସ୍ୱଇଚ୍ଛାରେ ମୋ ସହିତ ଯୌନ ସମ୍ପର୍କ ରଖିବାକୁ ଚାହୁଁଛନ୍ତି, ସେମାନେ ମୋ ଇଜ୍ଜତ ଅପେକ୍ଷା ସେମାନଙ୍କ ଇଜ୍ଜତ ରକ୍ଷା କରିବାପାଇଁ ସମସ୍ତ ପ୍ରକାର ସାବଧାନତା ଅବଲମ୍ବନ କରିଥା'ନ୍ତି ।ମୁଁ କୌଣସି ସାଧାରଣ କନ୍ୟା ବା ସ୍ତ୍ରୀ ପ୍ରତି ନଜର ପକାଏ ନାହିଁ । ତେଣୁ ମୋ ଉପରେ ଯୌନ ଶୋଷଣର ଆରୋପ ଲାଗିବାର ଭୟ ନାହିଁ । ନିଶା ଦ୍ରବ୍ୟ ମୁଁ ମୋର ଆବଶ୍ୟକ ପରିମାଣରେ ବ୍ୟବହାର କରେ କିନ୍ତୁ ବ୍ୟବସାୟ କରେ ନାହିଁ । ମୁଁ କାହାରିକୁ ମିଥ୍ୟା ପ୍ରଲୋଭନ ଦେଇ ଧନ ହଡପ କରେ ନାହିଁ । ମୁଁ କୌଣସି ଭ୍ରଷ୍ଟ ନେତା, ମନ୍ତ୍ରୀ ଓ ଅଫିସରଙ୍କ ବିରୋଧରେ କୁହେ ନାହିଁ । ମିଡ଼ିଆ ଲୋକମାନଙ୍କ ଆଗରେ ମୁଁ ଖୁବ ସଞ୍ଜତ ଭାବେ ଧାର୍ମିକ ପ୍ରବଚନ ଦେଇଥାଏ । ସେଥିପାଇଁ ମୁଁ ଆଜି ପର୍ଯ୍ୟନ୍ତ ଏକ ଶୁଦ୍ଧ, ସାତ୍ତ୍ୱିକ ସନ୍ୟାସୀ ବାବା ନାମରେ ଖ୍ୟାତି ପ୍ରାପ୍ତ କରିଛି ।"

ସେ ରାତିରେ ସନିଆ ମୁହଁରୁ ଅଯାଚିତ ପ୍ରବଚନ ଶୁଣୁ ଶୁଣୁ ମୁଁ ଭାବୁଥିଲି –"ସତରେ କ'ଣ ସନିଆ ଯାହା କହୁଛି ସତ ? ହଁ ସେସବୁ ଅପ୍ରିୟ ସତ୍ୟ । ଦୁନିଆର ପ୍ରାୟ ପ୍ରତ୍ୟେକ ଦେଶରେ ଛଦ୍ମବେଶୀ ସଂସାର ତ୍ୟାଗୀ ସାଧୁ, ସନ୍ୟାସୀ ବିଭିନ୍ନ ନାମରେ ବିଦ୍ୟମାନ ଅଛନ୍ତି, ଯେଉଁମାନେ - ସେମାନଙ୍କ ଧାର୍ମିକ ଧନ୍ଦାକୁ "ନେଇ ଆଣି ଥୋଇ ଜାଣିବା"

କଳାରେ ପାରଙ୍ଗମ । ସେମାନେ ଆଜୀବନ ସମାଜରେ ମାନ, ସମ୍ମାନ ଓ ଧନ ପ୍ରାପ୍ତ କରି ବଞ୍ଚିଛନ୍ତି । ଭକ୍ତମାନେ କହନ୍ତି - "ବାବାମାନେ ସେମାନଙ୍କର ପ୍ରାରବ୍ଧର ଫଳ ଭୋଗ କରୁଛନ୍ତି ।" ପରିତାପର ବିଷୟ ହେଉଛି ଯେ ଯେତେବେଳେ କୌଣସି ବାବା ଅନୈତିକ କର୍ମ କରୁଥିବା ଅପରାଧରେ ଜେଲଦଣ୍ଡ ଭୋଗ କରୁଛନ୍ତି, ସେତେବେଳେ ଅନ୍ଧଭକ୍ତମାନେ କାହିଁକି ମାନୁନାହାନ୍ତି ଯେ ଏଇଟା ମଧ୍ୟ ବାବାଙ୍କ ପ୍ରାରବ୍ଧର ଫଳ ? ତାଙ୍କର ନିର୍ଦ୍ଦୋଷ ପଣକୁ ସମର୍ଥନ କରି ଦେଶର ଆଇନକୁ ବିରୋଧ କରୁଛନ୍ତି କାହିଁକି ?

ଅନ୍ଧଭକ୍ତମାନଙ୍କ ଯୁକ୍ତି - "ଆମ ବାବା ସେମିତି ଅପକର୍ମ କରନ୍ତି ନାହିଁ । ତାଙ୍କୁ କେତେକ ଅସହିଷ୍ଣୁ ଲୋକ ବଦନାମ କରିବାପାଇଁ ମିଥ୍ୟାରୋପ ଲଗାଉଛନ୍ତି ।" ବାବାଙ୍କ ପ୍ରତି ଲାଗିଥିବା ଆରୋପ ସତ ବୋଲି ପ୍ରମାଣିତ ହୋଇଗଲେ ମଧ୍ୟ ଅନ୍ଧଭକ୍ତ ଯୁକ୍ତି କରନ୍ତି-"ବାବାଙ୍କର ସାମାନ୍ୟ ଭୁଲକୁ ନ ଦେଖି ତାଙ୍କଦ୍ୱାରା କରାଯାଇଥିବା ମହତକାମ ଗୁଡିକୁ ଦେଖି ବିଚାରକରିବା ଉଚିତ ।"ଏଇଠି ପ୍ରଶ୍ନ ଉଠୁଛି -ପ୍ରଥମ କଥା ହେଉଛି ଯେ ମଣିଷ ସମାଜର ଏକ ଆଦର୍ଶ ପୁରୁଷ ଭାବେ ସମ୍ମାନିତ ବ୍ୟକ୍ତିର ଅନୈତିକ କର୍ମ ଗୁଡିକୁ  ସାମାନ୍ୟ ଭୁଲ କହି ଏଡାଇ ଦେବା ଉଚିତ କି ?"

ବାବାମାନଙ୍କର ମହତ କାମ ହେଉଛି - ଭକ୍ତମାନେ ଦାନ କରିଥିବା ଅଜସ୍ର ଧନରାଶିରୁ କିଛି ଅଂଶ ତ୍ୟାଗ କରି ଜନମଙ୍ଗଳ କାର୍ଯ୍ୟରେ ବ୍ୟୟ କରା ଯାଉଛି । ଯଥା : ସ୍କୁଲ, କଲେଜ, ଡାକ୍ତରଖାନା ଖୋଲିବା ସହିତ ସେହି ଅଞ୍ଚଳରେ ଗୋଟିଏ ଦୁଇଟି ଭବ୍ୟ ମନ୍ଦିର ନିଶ୍ଚୟ ନିର୍ମାଣ କରିବେ । ଯାହାର ଖର୍ଚ୍ଚ ସ୍କୁଲ, କଲେଜ ଓ ଡାକ୍ତରଖାନା ଅପେକ୍ଷା ପାଞ୍ଚ ଦଶ ଗୁଣ ଅଧିକ ହୋଇଥିବ । ଅନ୍ଧଭକ୍ତମାନେ ବୁଝିବା ଉଚିତ ଯେ ଏହିଭଳି ମହତ କାମ ତ ଗୃହସ୍ଥ ଜୀବନରେ ରହି ମଧ୍ୟ, ବୌଦ୍ଧିକ ନିଷ୍ଠା ଯୋଗୁ ଜନସମର୍ଥନ ପ୍ରାପ୍ତ କରି ଜଣେ ନିଃସ୍ୱାର୍ଥ, କର୍ମଠ ଜନସେବକ ମଧ୍ୟ ଖୁବ ସହଜରେସ୍କୁଲ, କଲେଜ, ଡାକ୍ତରଖାନାନିର୍ମାଣ କରିପାରୁଥିବା ଅନେକ ଉଦାହରଣ ଅଛି ।

ତା' ପରଦିନ ମୁଁ ସନ୍ଆଠାରୁ ବିଦାୟ ନେଇ ମୋର ବନ୍ଧୁଙ୍କ ଘରକୁ ଫେରିଲି । ଭାବୁଥିଲି ବନ୍ଧୁଙ୍କୁ ସବୁ କଥା କହିବି କିନ୍ତୁ ଚୁପ ରହିଲି ।

କେ.ଆର. ପୂରମ, ବାଙ୍ଗାଲୋର

# ବନ୍ଧନ



ଅନଙ୍ଗ ମଞ୍ଜରୀ

ମୁଁ ସେହି ନାରୀ ବନ୍ଧନ ରେ ବନ୍ଧା
ଜନ୍ମ ରୁ ମୃତୁ ଏକ ଏକ ଲକ୍ଷ୍ୟ ରେ ବନ୍ଧା
ପରିଧି ଭିତରେ ମୋର ସ୍ଥିତି କୁ ବାନ୍ଧି ଥାଏ
ଯୁଗ ଯୁଗ ରୁ ଆରମ୍ଭ ପ୍ରଥା ଆଉ ଲକ୍ଷ୍ୟ ର ସୀମା।

ଭାବି ପାରେନା ତାର ସୀମା ରେଖା
ଜୀବନ ଆରମ୍ଭ ରୁ ଶେଷ  କଳ୍ପନା ର ବାହାରେ
ବଡ ତାର ସୀମା ରେଖା ସମୁଦ୍ର  ତାର ଶରୀର
ବରଗତ ର ଛାୟା , ନାଟକର ଏକ ପ୍ରତି ମୂର୍ତ୍ତି।

ବିଶାଳ ତାର ହୃଦୟ ଜିଣି ଦିଏ ସୁଖ ଆଉ ଦୁଃଖ
ସହି ଯାଏ ମୁଣ୍ଡପୋତି ସବୁ ଭାବର ଭାବନାକୁ
ପଥର କରି ହୃଦୟକୁ ଉଡ଼ି ଯାଏ ବିହଙ୍ଗ ପରି
କରେ ନାହିଁ କେବେ ଅହଙ୍କାର ର ଭାବ।

ଜଗତ ଉଦ୍ଧାର କାରି  ସେ ଜଗତ ଜନନୀ
ବହୁ ସରକାରୀ, ବେସରକାରୀ ଦକ୍ଷା କାରୀ।
ଜୀବନ,  ଯୌବନ ର  ସେ ଆଦ୍ୟ ଅକ୍ଷରି।
ସମସ୍ତ ରୀତିନୀତି ର ସେ ଆଦ୍ୟ ରଚନାବଳୀ।

ସମାଜ ର ପ୍ରଥମ ପଥ, ଅଗ୍ରତି ର ମୂଳ
ସାହସ, ପ୍ରେରଣା, ପୂର୍ବ ବିଶ୍ୱ ର ରକ୍ଷାକାରୀ
ବାନ୍ଧି ରଖିଥାଏ ନଜକୁ ସବୁ ଜଳାଞ୍ଜଳ ଦେଇ
କେହି ନୁହଁ ସେ  ନାରୀ, ବନ୍ଧନ ର ଆଜ୍ଞାଧାରୀ।

ନାରୀ  ଏତିହିୟ ଅମର  ପ୍ରେମର ପ୍ରତୀକ
ସୃଷ୍ଟି ର ସୂତ୍ରଧର ନାରୀ ବିଧ୍ୱଂସଧରି
ସର୍ବଂ ସହା ରୂପୀ ପବିତ୍ର ପ୍ରତୀକ
ନାରୀ ଅଟେ ଜଗତ ସ୍ୱରୂପ ନାର୍ୟଣୀ।

ହାଇଦ୍ରାବାଦ

ବେଦାନ୍ତୀର ଆଗାମୀ ସଂଖ୍ୟା  ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ରମ୍ୟ ରଚନା-
# ରାଜନୀତି ମୈଦାନରେ
# କୁନୁ, ହାପୁ, ମୋନୁ



ସମରେନ୍ଦ୍ର ବଳିଆରସିଂହ

ଭାରି ଭଲ ଲାଗେ ରାଜନୀତି । ପିଲାଦିନୁ ଏ ରାଜନୀତି ପ୍ରତି ମୋର ଗୋଟେ ବଡ଼ ଆକର୍ଷଣ। ବାପା ଛାତ୍ରନେତା ଥିଲେ ତାଂକ କଲେଜ ବେଳେ, ଶିକ୍ଷକନେତା ଥିଲେ ତାଂକ ଚାକରି ବେଳେ। ବାପା ନେତା/ଜନପ୍ରତିନିଧିମାନଙ୍କୁ ଧରି ଅଂଚଳର ବହୁ ଉନ୍ନତିମୂଳକ କାର୍ଯ୍ୟ କରିଛନ୍ତି । ଏବେବି କରୁଛନ୍ତି । ଆଗରୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳକୁ ସମର୍ଥନ କରୁଥିଲେ, ଏବେ ଆଉ ଦଳ ନୁହଁ, ବ୍ୟକ୍ତି ତାଂକ ପାଇଁ ଗୁରୁତ୍ୱପୂର୍ଣ୍ଣ । ହେଲେ ଏବର ପ୍ରତ୍ୟକ୍ଷ ରାଜନୀତିରେ ସାମିଲ ହବାକୁ ସେ ଆଉ ଚାହୁଁନାହାନ୍ତି । ମୋ କଥା ବି ସେୟା । ପ୍ରତ୍ୟକ୍ଷ ରାଜନୀତିର ପଙ୍କ ଭିତରେ ପଶି ଘାଂଟିହବାକୁ ଇଚ୍ଛା ହଉନି । ହେଲେ ମୋ ଇଚ୍ଛା, ଆମ ପିଲେ କିନ୍ତୁ ଏଇ ପ୍ରତ୍ୟକ୍ଷ ରାଜନୀତିରେ ପଶନ୍ତୁ, ରାଜନୀତିର ପଙ୍କକୁ ସଫା କରନ୍ତୁ, ଗୋଳଆ ପାଣିକୁ ପରିଷ୍କାର କରନ୍ତୁ । ଆମ କୁନୁ ମାନେ ଆମ ଝିଅ ଯେତେବେଳେ ଟିକେ ବଡ଼ ହେଲା, ମୁଁ ତାକୁ ରାଜନୀତି ପ୍ରତି ବେଶୀ ଆଗ୍ରହୀ କରାଉଥିଲି ।.. ହଁ, 'ମୋ ଝିଅ' ନକହି ମୁଁ କାହିଁକି 'ଆମ ଝିଅ' ବୋଲି କହେ, ସେଇ କଥାଟା ଟିକେ ସୂଚେଇ ଦଉଚି । ଅନେକ କୁହନ୍ତି ମୋ ପୁଅ, ମୋ ଝିଅ; ମୁଁ କିନ୍ତୁ କହେ, ଆମ ପୁଅ/ଆମ ଝିଅ । କାରଣ ସନ୍ତାନସନ୍ତତି ହେଲେ ଉଭୟ ବାପା, ମା'ଙ୍କର, ଜଣକର ନୁହଁ । ଅବଶ୍ୟ ଏଭଳି କହିବାରେ ମୋର କିଛି ରାଜନୈତିକ ଅଭିସନ୍ଧି ନଥିଲା; ଯେଭଳି ଆଜିର ନେତାଙ୍କ ଅଛି । ବ୍ୟାନର, ପୋଷ୍ଟର, ବିଜ୍ଞାପନ..ସବୁଠି ତ 'ମୁଁ ନୁହେଁ ଆମେ' ର ସ୍ଲୋଗାନ୍ । ଆଗରୁ କୋଉଠି ଥିଲେ କେଜାଣି 'ଆମେ'ର ପ୍ରବକ୍ତା! ନାଇଁ, ସେକଥା ଛାଡ଼ନ୍ତୁ, ଆମେ ପ୍ରସଙ୍ଗ ବାହାରକୁ ପଳେଇଯାଉଚେ । ମୁଁ କହୁଥିଲି ପରା, ଆମ ଝିଅକୁ ରାଜନୀତି ପ୍ରତି ଆଗ୍ରହୀ କରାଇବା କଥା ।..ଅବଶ୍ୟ ସେତେବେଳେ ମୋ କଥା ଯିଏ ଶୁଣିଲା, ସିଏ ହସିଲା, ତାଚ୍ଛଲ୍ୟ କଲା । ସେଦିନ ପଡ଼ିଶାଘର ମାଉସୀ ହସିଲେ, କହିଲେ..ଅର୍ଥାତ୍ ତାଗିଦ କଲେ..'ପିଲାଙ୍କୁ ରାଜନୀତିରେ ପଶିବାକୁ ଜମା ଉତ୍ସାହିତ କରନା । ଆଇଏଏସ୍, ଆଇପିଏସ୍, ମ୍ୟାନେଜର, ଇଂଜିନିଅର, ଲେକ୍‌ଚରର ହବାକୁ ନକହି ତମେ ପିଲାଙ୍କୁ କହୁଚ ନେତା ହବାକୁ' । ସେଠୁ

ମୁଁ କହିଲି, 'ତା'ହେଲେ ନେତା କଏ ହବ?..ଟାଉଟର, ଦଲାଲ, ମାଫିଆମାନେ ହେବେ?..ଆମେ ସାଧାରଣ ଜନତାଏ ଖାଲି କ'ଣ ଭକୁଆ ହଉଥିବା?..ଭଲଲୋକ ଯଦି ରାଜନୀତିରେ ନ ପଶିବେ, ତା'ହେଲେ ରାଜନୀତି କେମିତି ଭଲ ହବ?..ରାଜନୀତିର ପଙ୍କ କେମିତି ସଫା ହବ, ଗୋଳଆ ପାଣି କେମିତି ପରିଷ୍କାର ହବ?'

XXX

କୁନୁ ଟିକେ ଟିକେ ବଡ଼ହେଉଥିଲା ଆଉ ମୁଁ ତାକୁ ଶିଖଉଥିଲି ରାଜନୀତିର ଟିକେ ଟିକେ ଖଡ଼ିପାଠ । ଦିନେ ତାକୁ ପଚାରିଲି, 'କହିଲ କୁନୁ, ତମେ ବଡ଼ ହେଲେ କ'ଣ ହବ?'..କୁନୁ ମତେ ଓଲଟି ପଚାରିଲା, 'ବାବା, ମୁଁ କ'ଣ ହେବି?'..ମୁଁ ପୁଣି ପଚାରିଲି, 'ତମେ କୁହ..କ'ଣ ହବ?'..କୁନୁ କଛି କହିପାରୁନଥିଲା..ମତେ ପଚାରିଲା, 'ତମେ କହୁନ ବାବା, ମୁଁ କ'ଣ ହେବି ବଡ଼ ହେଲେ..!' ସେଠୁ ମୁଁ କହିଲି, 'ମୋର ଇଚ୍ଛା ତମେ ବଡ଼ହେଇ ମୁଖ୍ୟମନ୍ତ୍ରୀ ହୁଅ' । କୁନୁକୁ ମୁଖ୍ୟମନ୍ତ୍ରୀ ଶବ୍ଦଟା ଭାରି ମନକୁ ପାଇଗଲା, କହିଲା, 'ହଁ ବାବା, ମୁଁ ମୁଖ୍ୟମନ୍ତ୍ରୀ ହେବି ବଡ଼ହେଲେ..' । ମତେ ଖୁସିଲାଗିଲା, ମୋ କଥାକୁ ଝିଅ ଗ୍ରହଣ କଲା । ତେଣୁ ବଡ଼ହେଲେ କ'ଣ ହବ ବୋଲି କେହି ପଚାରିଲେ ସେ ତୁରନ୍ତ କହେ, ମୁଖ୍ୟମନ୍ତ୍ରୀ ହେବି ।

XXX

ଏବେ କୁନୁ ଟିକେ ବଡ଼ ହେଇଗଲାଣି । କୁନୁର ସାନଭାଇ ହାପ୍ଲୁ ଏବେ ଆସିଗଲାଣି ନେତା ହବାକୁ । ମୋର ତ ଇଚ୍ଛା, ଦି' ଜଣ ଯାକ ବଡ଼ ହେଲେ ନେତା ହୁଅନ୍ତୁ । ଅବଶ୍ୟ ହାପ୍ଲୁର ପସନ୍ଦିଆ ଜିନଷ ଏବେ ଝାଡୁ । ଯେତେବେଳେ ଦେଖ, ଝାଡୁଟେ ଧରିକ ତା' କାମ ଚଳେଇଥିବ, ବୋଉଠୁ ଦେଖାଦେଖି ଓଳେଇବାର ଅଭ୍ୟାସ କରୁଥିବ । ଖାଲି କ'ଣ ଝାଡୁ, ହାପ୍ଲୁର ଶଂଖ ଫୁଙ୍କିବାକୁ ବି ଭାରି ଇଚ୍ଛା । ବୋଉ ଠାକୁରଘରେ ଶଙ୍ଖ ଫୁଙ୍କିଲାବେଳେ ତା'ର ବି ଇଚ୍ଛା ଶଙ୍ଖ ଫୁଙ୍କିବାକୁ । ଖାଲି କ'ଣ ଶଙ୍ଖ, ଫୁଲ ବି ଧରିବାକୁ ତା'ର ଇଚ୍ଛା । ତା' କାନରେ ଦି'ଟା ଫୁଲ ଖୋସିଦେଲେ ସିଏ ଭାରି ଖୁସି । ଭଲ ପଦ୍ମ ଫୁଲ ଛିନ୍ନ ବି ସିଏ ଆଙ୍କିପାରୁଛି । ହାତରେ ତାଳ ମାରିବା, ଦି' ହାତ ଯୋଡ଼ି ଦିଅଁଙ୍କୁ ନମ ନମ କରିବା ଆଉ ବାଜପେୟୀଙ୍କ ଷ୍ଟାଇଲ୍‌ରେ ହାତକୁ ବୁଲେଇବା ତାକୁ ଭାରି ପସନ୍ଦ । ଆମେ

ତାକୁ ଏସବୁ ଶିଖେଇନୁ ମ, ସିଏ ମନକୁ ମନ କରୁଚ । ଯାହା ଲାଗୁଚ, ରାଜନୀତି କରିବାର ସବୁ ଉପାଦାନ ସିଏ ଖୁଣ୍ଟିକ ଆସିଚ । ପୁଣି ସବୁଦଳର ଚିହ୍ନଗୁଡ଼ାକ ତା' ପାଖରେ ମହଜୁଦ । ଏବେ ଦିନେ କୁନୁକୁ ପଚାରିଲି, 'ଆଚ୍ଛା କୁନୁ, ହାପ୍ଲୁ ବଡ଼ ହେଲେ କ'ଣ ହବ?'..କୁନୁ କହିଲା, 'ବାବା, ହାପ୍ଲୁ ବି ମୁଖ୍ୟମନ୍ତ୍ରୀ ହବ' । ମୁଁ କହିଲି, 'ତମେ ପା' ମୁଖ୍ୟମନ୍ତ୍ରୀ ହବ! ତମେ ଦି' ଜଣ ଯାକ କେମିତି ମୁଖ୍ୟମନ୍ତ୍ରୀ ହବ? ଆମର ତ ଗୋଟିଏ ରାଜ୍ୟ!'..କୁନୁ କ'ଣ ବୁଝିଲା କେଜାଣି..କହିଲା, 'ବାବା, ହାପ୍ଲୁ ମୁଖ୍ୟମନ୍ତ୍ରୀ ହେଲେ ମୋର ପ୍ରମୋସନ ହେଇଯିବ, ମୁଁ ପ୍ରଧାନମନ୍ତ୍ରୀ ହେଇଯିବି । ତମେ କହୁଥିଲ ନା, ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କଠୁ ବଡ଼ । ମୁଁ ତ ହାପ୍ଲୁ ଠୁ ବଡ଼' । କୁନୁ କଥା ଶୁଣି ଲାଗୁଥିଲା, ପିଲା ହେଲେ କ'ଣ ହବ, ବୁଦ୍ଧି ଭାରି ପ୍ରଖର । ଆଉ ଏ ବୁଦ୍ଧିଟା ରାଜନୀତି କରିବା ପାଇଁ ଏକବାରକେ ଫିଟ୍ ।

XXX

ଏବେ ସାନଭାଇର ପୁଅଟେ ହେଲା । କୁନୁକୁ ପଚାରିଲି, 'ଆଚ୍ଛା କୁନୁ, ଲିଟୁ ଦାଦାଙ୍କ କୁନପୁଅ ବଡ଼ହେଲେ କ'ଣ ହବ?'..କୁନୁ କହିଲା, 'ବାବା ତାକୁ ବି ମୁଖ୍ୟମନ୍ତ୍ରୀ କରିଦବା'। କୁନୁ ଏମିତି କହୁଥିଲା, ଯେମିତି କି ମୁଖ୍ୟମନ୍ତ୍ରୀ ହବାଟା 'ବାଏଁ ହାତ୍ କା ଖେଲ୍'!..ସେଠୁ କୁନୁ ଯୋଡ଼ିଲା, 'ବାବା, ତମେ କହୁନଥିଲ କି ପ୍ରଧାନମନ୍ତ୍ରୀ ସିନା ଜଣେ, ମୁଖ୍ୟମନ୍ତ୍ରୀ ତ ଅନେକ ହେଇପାରିବେ'! ସହଜେ ତ ଆମର ୨୯ଟା ରାଜ୍ୟ ଆଉ ୭ଟା କେନ୍ଦ୍ରଶାସିତ ଅଂଚଳ । ମୁଁ ଭାବୁଥିଲି, ରାଜନୀତି ପାଠଟାକୁ ଝିଅ ତା'ହେଲେ ଠିକ୍ ଧରୁଚ ।

XXX

ଏବେ ଦିନେ ମୁଁ ନ୍ୟୁଜ୍ ଦେଖୁଥାଏ । ନିର୍ବାଚନକୁ ନେଇ ହଟ୍ ଡିସ୍କସନ୍ । ମୁଁ ସେତେବେଳକୁ ବାଥ୍ରୁମ୍ ଯାଇଥାଏ, ହଠାତ୍ କୁନୁ ପାଟିକଲା, 'ବାବା ବାବା, ମାଡ଼ଗୋଡ଼ି ହେଇଗଲେ' ।..ମୁଁ ଭିତରୁ ପଚାରିଲି, 'କିଏ କିଏ?..କିଏ ମାଡ଼ଗୋଡ଼ି ହେଇଗଲେ?'..କୁନୁ କହିଲା, 'ବାବା ଟିଭିରେ..' । ମୁଁ ତୁରନ୍ତ ବାଥରୁମରୁ ଆସି ଦେଖିଲାବେଳକୁ, ନିର୍ବାଚନକୁ ନେଇ ଚାଲିଥିବା ହଟ୍ ଡିସ୍କସନ୍ ଆଉ ଟିକେ ହଟ୍ ହେଇଯାଇଥିଲା । ଡିସ୍କସନ୍‌ରେ ନେତା ଥିଲେ, ବୁଦ୍ଧିଜୀବୀ ଓ ରାଜନୈତିକ ବିଶ୍ଳେଷକ ଥିଲେ । ହେଲେ ଦୁଇ ଦଳର

ନେତାଙ୍କ ଭିତରେ ଲାଗିଥିବା ଉଚ୍ଛବାଚ ଦେଖି ଝିଅ କହୁଥିଲା ମାଡ଼ଗୋଡ଼ି ବୋଲି ।...ମୁଁ ଝିଅକୁ କହିଲି, 'ଶୁଣ ଝିଅ, ଏମାନଙ୍କ ଭିତରେ ଯୋଉ ନେତା ଅଛନ୍ତି, ସେମାନେ ବିଧାୟକ ହେବେ, ସାଂସଦ ହେବେ, ସେମାନଙ୍କ ଭିତରୁ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ହେବେ'।...ସେଠୁ କୁନୁ ପଚାରିଲା, 'ବାବା ମୁଁ ବି ଏମିତି ମାଡ଼ଗୋଡ଼ି କରିବି ନେତା ହବାକୁ?..ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ହବାକୁ?..ମତେ କିନ୍ତୁ ମାଡ଼ଗୋଡ଼ି ଭଲ ଲାଗେନି' । ...କୁନୁ କଥା ଶୁଣି ମୁଁ କ'ଣ କହିବି, କି ଉତ୍ତର ଦେବି କିଛି ଭାବିପାରୁନଥିଲି ।

XXX

ଘରକୁ କେହି ଅତିଥି ଆସିଲେ ମୁଁ କୁନୁକୁ କହେ, 'କୁନୁ ନମ କରିଦିଅ, ନମ କଲେ ନେତା ହବ । ନେତାମାନେ ନମ କରନ୍ତିନା, ତମେ ଟିଭିରେ ଦେଖନି କି । ଏଇ କିଛିଦିନ ହେଲା ନେତାମାନେ ଆମ ଘରକୁ ଆସୁଛନ୍ତି, କେମିତି ନମ କରୁଛନ୍ତି, ତମେ ଦେଖୁଚ ନା ନାଇଁ?..ଲମ୍ବ ହେଇ ଦିଅଁଙ୍କୁ ଆମେ ମୁଣ୍ଡିଆ ମାରିଲା ଭଳିଆ ସେଦିନ ଜଣେ ନେତା ବି ମତେ ଆଉ ଜେଜେଙ୍କୁ ମୁଣ୍ଡିଆ ମାରିଲେ, ତମେ ଦେଖିଚ ନା ନାଇଁ?'କୁନି କହିଲା, ହଁ ବାବା, ଦେଖିଚ ଦେଖିଚ । ଏବେ ଜଣେ ଅତିଥିଙ୍କ ସାମ୍ନାରେ କୁନୁକୁ କହିଲି, 'କୁନୁ ମଉସାଙ୍କୁ ନମ କରିଦିଅ, ନେତାମାନେ ବି ନମ କରନ୍ତି' । ମୋ କଥା ଶୁଣି ଅତିଥି ଜଣକ କହିଲେ, 'ନେତାମାନେ ଏଇ ନିର୍ବାଚନ ବେଳେ, ଭୋଟ ଭିକ୍ଷା ବେଳେ ଭାରି ନଇଁ ନମସ୍ତି ହୁଅନ୍ତି, ଓଳଗି ଦଣ୍ଡବତ ହୁଅନ୍ତି, ଗୋଡ଼ତଳେ ପଡ଼ି ମୁଣ୍ଡିଆ ମାରନ୍ତି । ଏମନ୍ତ ନମ୍ର ବିନୟ ଭାବ ଦେଖାନ୍ତି ଯେ, ଆମକୁ ଭାରି ଗର୍ବ ଲାଗେ, ଆମେ କୃତକୃତ୍ୟ ହେଇଯାଉ, ଆମେ କେଡ଼େ ଭାଗ୍ୟବାନ, ଆମ ଘରେ ପୁଣି ନେତାଙ୍କ ପାଦ ପଡ଼ିଲା, ଏଡ଼େ ବଡ଼ ବଡ଼ ନେତା ପୁଣି ଆମକୁ ନମସ୍କାର କଲେ, ମୁଣ୍ଡିଆ ମାରିଲେ' ।..ଏତକ କହିସାରିବା ପରେ ମତେ ପରାମର୍ଶ ଦେଲେ, 'ପିଲାଙ୍କୁ 'ନେତା ନମ' ଆଦୌ ଶିଖାନ୍ତୁନି । ଏମାନେ କେବଳ ନିର୍ବାଚନ ସମୟତକ ଆପଣଙ୍କୁ ନମସ୍କାର କରିବେ ଆଉ ଅନ୍ୟ ସମୟରେ ଆପଣମାନେ ସେମାନଙ୍କୁ ନମସ୍କାର କରିବେ । ଆପଣ ନମସ୍କାର କଲାବେଳେ ନେତାମାନଙ୍କଠୁ ପ୍ରତି ନମସ୍କାର ପାଇବା କଥା ଛାଡ଼ିଦେବେ' ।

XXX

ଏଇ ନିର୍ବାଚନ ଋତୁରେ ଘରକାମ ଠିକ୍‌ଠାକ୍ ହେଇପାରୁନି । ନାଇଁମ, ମୁଁ ନିର୍ବାଚନରେ ଠିଆ ହେଇନି କି କାହା ପାଇଁ ପ୍ରଚାର କରୁନି ।..ଘରକାମ ମାନେ ମୁଁ କହୁଚି ଘରକରଣା କଥା । ସକାଳୁ ଘରଓଳା ହେଇପାରୁନି, ବାସନକୁସନ ମଜା ହେଇପାରୁନି, ବିଜୁଳି କୋଉଦିନ ଆସୁଚି ଆଉ କୋଉଦିନ ଆସୁନି, ତା'ର କିଛି ଠିକ୍ ଠିକଣା ନାହିଁ । ମୁଁ ବିଜୁଳି ଅର୍ଥ ବିଦ୍ୟୁତ ବା କରେଂଟ୍ କଥା କହୁନି । ବିଜୁଳି ହଉଚି ଆମ ଚାକରାଣୀ । ସେଦିନ ଭାରି ବିରକ୍ତ ଲାଗିଲା, ପାଟି କଲି..'କ'ଣ ଇଏ ଫାର୍ସ ଲାଗିଚି, କାମ କରିବାରେ ତୋର କିଛି ଠିକ୍ ଠିକଣା ନାଇଁ?...କ'ଣ ଅସୁବିଧା ହଉଚି? କାହିଁକି ନିୟମିତ ଆସୁନୁ?'...ସେଠୁ ବିଜୁଳି କହିଲା, 'ଘରେ ସ୍ୱାମୀ ଦିହ ଭଲନାହିଁତ, ସେଇଲାଗି ଆସିପାରୁନି' ।..ତା' କଥା ଶୁଣି ମୁଁ ଟିକେ ନରମି ଗଲି, କହିଲି..'ହଉ ହଉ, ସବୁଦିନ ଆସିବାକୁ ଟିକେ ଚେଷ୍ଟା କର' ।..ହେଲେ ଦିନକ ପରେ ସିଏ ଧରାପଡ଼ିଗଲା, ମୁଁ ଜାଣିଗଲି, କାହିଁକି ସିଏ ସବୁଦିନ ଆମ ଘରକୁ ଆସିପାରୁନି, କାହିଁକି ତା'ର ଡେରି ହଉଚି! ନାଇଁ ଅଲଗା କିଛି କଥା ନୁହଁ, ସେଦିନ ତା' ସ୍ୱାମୀ ସହ ମୁଁ ତାକୁ ଦେଖିଲି ରାସ୍ତାରେ, ଭାରି ବିନ୍ଦାସରେ ଯାଉଥିଲେ ଉଭୟେ । ସ୍ୱାମୀ ଦିହ ତ ଖରାପ ଥିଲାଭଳିଆ ଲାଗୁନଥିଲା, ଭାରି ଚାଙ୍ଗା ଥିଲା ସିଏ । ଅବଶ୍ୟ ଆଖି ଦି'ଟା ନାଲି ନାଲି ଦିଶୁଥିଲା ।..ସେଦିନ ସ୍ୱାମୀ, ସ୍ତ୍ରୀ ରାଲିରେ ଯାଉଥିଲେ, ସ୍ୱାମୀ ତା'ର ଭାରି ଜୋରରେ ଜିନ୍ଦାବାଦ ପକଉଥିଲା ।..ହେଲେ ସେମାନେ ମତେ ଦେଖିନଥିଲେ । ତା' ଆରଦିନ ବିଜୁଳି କାମକୁ ଆସିଲା । ମୁଁ ଯେତେବେଳେ ରାଲି କଥା ପଚାରିଲି, କିଛି ନ ଲୁଚେଇ କହିଲା..'ବାବୁ ଆପଣ ମତେ ୯ଶହ ଟଂକା ଦଉଛନ୍ତି ମାସକ ପାଇଁ । ହେଲେ ରାଲିରେ ଗଲେ ମୁଁ ଓଳକେ ୫ଶହ ଟଂକା ପାଉଚି, ବେଳେବେଳେ ଅଧିକା ମଧ୍ୟ ପାଉଚି । ଆଉ ଦିନେ ଦିନେ ପୂରା ଓଳଏ ନୁହଁ, ଘଂଟାଏ ଦି' ଘଂଟାରେ ବି ୫ଶହ ଟଂକା ମିଳଯାଉଚି। ତାଂକର ମୋର ମିଶେଇଲେ ଦିନକୁ ରୋଜଗାର ମିନିମମ୍ ହଜାରେ ଟଂକା । ତା' ସାଂଗକୁ ଖାଇବା ମାଗଣା । ବାବୁ ଏଇ ଭୋଟ ଟାଇମିରେ ଆମର ଏଯାଏଁ ୨୦-୨୫ ହଜାର ଟଂକା ରୋଜଗାର ହେଇଗଲାଣି' । ମୁଁ ତାକୁ କିଛି କହିପାରିନଥିଲି । ସେଠୁ ପଚାରିଲି, 'ଆଚ୍ଛା ତୁ କୋଉ ଦଳକୁ ମାନେ କୋଉ ନେତାଙ୍କୁ ସପୋର୍ଟ କରୁଚୁ?'..ବିଜୁଳି କହିଲା, 'ସପୋର୍ଟ ଫପୋର୍ଟ କ'ଣ ମ, ଯିଏ ଟଂକା ଦେଲା, ଆମେ ତା' ରାଲିରେ ଗଲୁ..ଯିଏ ଇଲେକ୍ସନ ପୂର୍ବରାତିରେ ଅଧିକା ମାଲ୍ ଦେଲା, ତାକୁ ଆମେ ଭୋଟ ଦବୁ..ଏକଦମ୍ ସଫା ହିସାବ' । ବିଜୁଳି କଥା ଶୁଣି ମୁଁ ଭାବୁଥିଲି କି କାଳ ହେଲା, ଏ ରାଜନୀତି କୁଆଡ଼ିକି ଗଲା! ଝିଅ ଆମକଥା ଶୁଣୁଥିଲା, 'କହିଲା..ବାବା, ବାବା, ମୁଁ ନେତା ହେଲେ ବିଜୁଳି ମାଉସୀଙ୍କ ବହୁତ

ଟଂକା ଦେଇଦେବି, ସିଏ ମତେ ଭୋଟ ଦବ, ମୁଁ ମୁଖ୍ୟମନ୍ତ୍ରୀ ହେବି' । ବାଃ, ଝିଅ ରାଜନୀତିର ନାଡ଼ି ଠିକ୍ ଧରିଚ ।

XXX

ହାପ୍ଲୁ ଏବେ ରାଜନୀତି ଟିକେ ଟିକେ ବୁଝିଗଲାଣି । 'ହାପ୍ଲୁ ଜିନ୍ଦାବାଦ' ବୋଲି କହିଲେ ଖୁସି ହେଇଯାଉଚ । 'ହାପ୍ଲୁ କୀ ଜୟ' କହିଲେ ବି ଉଲ୍ଲସିତ ହେଇଯାଉଚ । କଥା କହିଶିଖିନ, ହେଲେ କ'ଣ ବୁଝୁଚ କେଜାଣି, ବହୁତ ଖୁସି ହେଇଯାଉଚ । ଯେମନ୍ତ ଖୁସି ଆମ ନେତାଏ ହୁଅନ୍ତି ନିଜ ଜିନ୍ଦାବାଦ ଶୁଣି! ଆପଣ ତ ଜାଣିଥିବେ, ମଣିଷ ଆତ୍ମପ୍ରଶଂସାରେ ଭାରି ଖୁସି ହୁଏ, ସେମନ୍ତ ଆମ ନେତାଏ ଖୁସି ହଉଛନ୍ତି ।..ହଁ, ହାପ୍ଲୁର ଜିନ୍ଦାବାଦ ପକେଇଲେ, କୁନୁ ମୁହଁ କିନ୍ତୁ ଶୁଖିଲା ପଡ଼ିଯାଏ । କୁନୁ କହେ, 'ବାବା, ମୋର ଜିନ୍ଦାବାଦ କରୁନ, ହାପ୍ଲୁ ଜନ୍ମ ହେଇନଥିବା ବେଳେ ମୋର ବହୁତ ଜିନ୍ଦାବାଦ କରୁଥିଲ, ହେଲେ ଏବେ କରୁନ' ।..ସେଠୁ ମୁଁ କୁନୁକୁ ବୁଝେଇ କହୁଥିଲି, 'ନାଇଁ ତମର କରୁଚ ନା, ତମେ ପା' ପ୍ରଧାନମନ୍ତ୍ରୀ ହବ, ତମର କେମିତି କରିବିନି! କିନ୍ତୁ ହାପ୍ଲୁ କୁନିପିଲାଟେ ତ, ସେଇଲାଗି ତା'ର ଟିକେ ଅଧିକା ଜିନ୍ଦାବାଦ କରିଦଉଚ । ତମେ ତ ପ୍ରଧାନମନ୍ତ୍ରୀ ହବ ଆଉ ହାପ୍ଲୁ ମୁଖ୍ୟମନ୍ତ୍ରୀ, ତେଣୁ ତମର ଅଧିକା ଜିନ୍ଦାବାଦ' ।..ମାନେ ଆମର ଭାଗବଂଟା ହେଇଯାଇଚ, ମୋ ବଡ଼ ଝିଅ କୁନୁ ବନାମ୍ କୁନୁଲି ପ୍ରଧାନମନ୍ତ୍ରୀ ହବ ଆଉ ହାପ୍ଲୁ ମୁଖ୍ୟମନ୍ତ୍ରୀ ହବ । ଆରେ ହେ, ସାନଭାଇର ପୁଅ ମୋନୁ ରହିଗଲା, ସିଏ ବି ମୁଖ୍ୟମନ୍ତ୍ରୀଟେ ହେଇଯାଉ । ମୋ ଅଭିଳାଷଟା ସେୟା..କହିପାରନ୍ତି ଆନ୍ତରିକ ଇଚ୍ଛା । ନିନ୍ଦୁକେ ଏହାକୁ ଅବାସ୍ତବ ଚନ୍ତାଧାରା କିମ୍ବା ଫାଲ୍ତୁ କଥା ବୋଲି ଭାବିପାରନ୍ତି, ତାଚ୍ଛଲ୍ୟ କରିପାରନ୍ତି; ମୋ ଇଚ୍ଛାଟା କିନ୍ତୁ ସେୟା । ଯାହା କୁହନ୍ତୁ ପଛେ, ଆମ ପିଲାଏ ଜିନ୍ଦାବାଦ କିମ୍ବା ଜୟ ଶୁଣିଲେ ଖୁସି ହଉଛନ୍ତି, ଉଲ୍ଲସିତ ହେଇଯାଉଛନ୍ତି ମାନେ ମୋ ଉଦ୍ଦେଶ୍ୟ ସଫଳ ହଉଚ, ରାଜନୀତିର ଖଡ଼ିପାଠ ତା' ହେଲେ କାମ ଦଉଚ ।

ହଁ, ଜିନ୍ଦାବାଦରୁ ଆଉ ଗୋଟେ କଥା ମନେପଡ଼ିଲା, ଭୁଲିଯାଇଥିଲି କହିବାକୁ । ଟିଭିରେ ଚାଲୁଥିଲା 'ଔର ଏକ୍ ବାର୍ ମୋଦି ସରକାର' । କୁନୁ ପଚାରିଲା, 'ବାବା ମୋଦି ପରା ପ୍ରଧାନମନ୍ତ୍ରୀ ହେଇଥିଲେ, ପୁଣି ହେବେ? ତା' ହେଲେ ମୁଁ କେବେ ହେବି?' ସେଠୁ ମୁଁ ଉତର ଦେଲି, 'ହଁ କୁନୁ, ତମେ ବଡ଼ହେଲେ ସିନା ହବ! କୁ ପିଲାମାନେ

ହୋଇପାରିବେନା। ତମକୁ ଏବେ ୫ ବର୍ଷ ହବ, ଆଉ ୧୩ ବର୍ଷ ପରେ ତମେ ଭୋଟ ଦେଇପାରିବ; ମାନେ ତମକୁ ଯେତେବେଳେ ୧୮ ବର୍ଷ ହବ; ତା'ର ୩ବର୍ଷ ପରେ ମାନେ ୨୧ ବର୍ଷରେ ତମେ ନିର୍ବାଚନରେ ଠିଆ ହବ, ତମକୁ ଲୋକମାନେ ଭୋଟ ଦେଲେ ଯାଇ ତମେ ଜିତିବ । ତା' ପରେ ଯାଇ ପ୍ରଧାନମନ୍ତ୍ରୀ ହବ' ।...କୁନୁ ମୋ କଥାରୁ କ'ଣ ବୁଝୁଥିଲା କେଜାଣି, ମୋ କଥାଗୁଡ଼ାକ ଗଡ଼ଗଡ଼ କରିକି ପିଇଯାଉଥିଲା । ମତେ ବି ଖୁସିଲାଗୁଥିଲା, ମୋ ଖଡ଼ିପାଠ କାଳେ ଭଲ ଫଳ ଦଉଚ । ଅବଶ୍ୟ ମୋ ସ୍ତ୍ରୀ ଏ ରାଜନୀତି ଫାଜନୀତିକି ଏତେ ପସନ୍ଦ କରନ୍ତିନି । ନିଉଜ୍ ଚ୍ୟାନେଲର ଧାର ଧରନ୍ତିନି, ସେଗୁଡ଼ା ଲାଗିଲେ ତାଂକ ମୁଣ୍ଡ ବିନ୍ଧେ । ତାଂକର ଏଂଟରଟେନମେଂଟ୍ ଚ୍ୟାନେଲ, ଫେସବୁକ୍, ହ୍ୱାଟ୍ସଆପ୍ ଭଲ ତ ସିଏ ଭଲ, ତାଂକ ଲାଇଫ୍ ଭଲ । ପିଲାଏ ଭବିଷ୍ୟତରେ ରାଜନୀତି କରିବାର ମୋର ଇଚ୍ଛାକୁ ବାଏଁ ବାଏଁ ଉଡ଼େଇଦିଅନ୍ତି, କୁହନ୍ତି 'କୋଉଠୁ ଏ ଗ୍ୟେପାଛଡ଼ା ଚନ୍ତାଧାରାଗୁଡ଼ାକ ଆଣୁଚ, ମୋ ପିଲାଙ୍କୁ କ'ଣ ବରବାଦ କରିବ । ଡାକ୍ତର, ଆଇଏଏସ୍ କି ମ୍ୟାନେଜର ନକରିକି ସେମାନଙ୍କୁ ନେତା କରେଇବ!'...ମୁଁ କହେ, 'ତମର ତ ସେଇ ପୁରୁଣା କଥା, କହୋ ଭଲଲୋକ ଯଦି ନେତା ନହେବେ, ତା'ହେଲେ ରାଜନୀତିର ଏ ଗୋଳିଆପାଣି ସଫା କେମିତି ହବ' ।..ସେଠୁ ସ୍ତ୍ରୀ କୁହନ୍ତି, 'ସଫା କରିବାକୁ ଆଉ କେହି ମିଳିଲେନି ଯେ, ମୋ ପିଲାଙ୍କ ପିଛା ପଡ଼ିଯାଇଚ' । କଥା ଶୁଣି ମୁଁ ସୁଖ କରିବି କି ଦୁଃଖ କରିବି ଭାବିପାରୁନଥିଲି । ସ୍ତ୍ରୀଙ୍କୁ କହିଥିଲି, 'ନେତା ହେଇଥିବା ଲୋକଙ୍କ ପରିବାରରେ ତ ଏମତି ଦ୍ୱନ୍ଦ୍ୱ ଉପୁଜିଥିବ, ଉପୁଜୁଥିବ । ପ୍ରଥମେ ପ୍ରଥମେ ନେତା ଯେତେବେଳେ ଅସଫଳ ହୋଇଥିବେ, ଘରେ ବାହାରେ ତାଂକୁ ତାଚ୍ଛଲ୍ୟ କରୁଥିବେ! କିନ୍ତୁ ସଫଳ ହେଲାପରେ ପ୍ରଶଂସାରେ ପୋତିପକଉଥିବେ, ପ୍ରବଳ ତେଲ ମାରିଥିବେ! ଅନେକସ୍ଥଳେ ସ୍ତ୍ରୀ ପିଲାଏ ହିଁ ନେତାକୁ ଭ୍ରଷ୍ଟାଚାରୀ, ଦୁର୍ନୀତିଖୋର ହେବାକୁ ପ୍ରରୋଚିତ କରିଥିବେ! ଖାଲି କ'ଣ ସ୍ତ୍ରୀ ପିଲାଏ, କର୍ମୀଏ ଆଉ ଆମ ଜନତାଏ କ'ଣ କମ୍ କି?...ତାଂକ ଯୋଗୁଁ ବି ନେତାଏ ଦୁର୍ନୀତି କରିବାକୁ ବାଧ୍ୟ ହୁଅନ୍ତି, ନିନ୍ଦିତ ବି ହୁଅନ୍ତି' ।..ସ୍ତ୍ରୀ କିନ୍ତୁ କିଛି ଶୁଣିବାକୁ ପ୍ରସ୍ତୁତ ନଥିଲେ, ମୋ ଯୁକ୍ତି ତାଂକ ପାଖରେ କିଛି ଗୁରୁତ୍ୱ ରଖୁନଥିଲା । ଏଇ ସେଦିନ ଭୋଟକଥା । ବାପଘରକୁ ଯିବେ ବୋଲି କହିଲେ, ମୁଁ କହିଲି, 'ଆରେ ଭୋଟଟା ଦେଇଦେଇକି ଯାଅ।..ସାନଭାଇ ଖାଲି ଭୋଟ ଦବାକୁ ହାଇଦ୍ରାବାଦରୁ ଫ୍ଲାଇଟରେ ଆସୁଚ ୮-୧୦ ହଜାର ଟଂକା ଖର୍ଚ୍ଚ କରିକି । ଜେଜେ ୯୯ ବର୍ଷ ବୟସରେ ବି କହୁଛନ୍ତି, ମତେ ଭୋଟଦିନ ଗାଁକୁ ନେଇଯିବ, ମୁଁ ଭୋଟଦେବି । ଆଉ ପାଂଚଋବର୍ଷକୁ କ'ଣ ମୁଁ ବଂଚଥିବି, ତେଣୁ ଏଇଟା

ମୋର ଶେଷ ଭୋଟ । ସେମାନଙ୍କ ସ୍ପିରିଟ୍ ଦେଖ, ଆଉ ତମେ କହୁଚ ଭୋଟ ନଦେଇ ଘରକୁ ପଳେଇବ' । ଅତଏବ ଏତେ କାଣ୍ଡ ରାମାୟଣ ପରେ ସ୍ତ୍ରୀ ରହିଲେ, ଭୋଟ ଦେଲେ। ସେଦିନ ଝିଅ ଗଲା ସାଂଗରେ..କେମିତି କ'ଣ ଭୋଟ ଦିଆହଉଚ ଦେଖିବାକୁ । ପ୍ରଧାନମନ୍ତ୍ରୀ ହବନା!

ଆରେ ହଁ, ମନେପଡ଼ିଲା, ସେଦିନ ଭୋଟଦେଇ ଆସିବା ପରେ ସ୍ତ୍ରୀ ଖାଲି ଗରଗର ହଉଥିଲେ, ବାସନଗୁଡ଼ାକ ସକାଳୁ ପଡ଼ିଚ, ମଜା ହେଇପାରିନ, ବିଜୁଳ ଏଯାଏଁ ଆସିନ । ତରବର ହେଇ ବାସନକୁ ମାଜି ଖାଇବାକୁ ବାଢୁଥିଲେ, ବିଜୁଳ ଆସି ପହଂଚଗଲା । ବହେ ଗାଳକରି ପକେଇଲେ ତାକୁ... ବିଜୁଳ କହିଲା, 'ମା' ତମେ ଖାଲି ଭୋଟ ଦବ, ଆମେ ଛୋଟଲୋକ ବୋଲି କ'ଣ ଭୋଟ ଦବୁନ । ଭୋଟ ଦବାକୁ ବାବୁଙ୍କର ଛୁଟି ଅଛି, ଆମର କ'ଣ ଛୁଟି ଅଛି, ଡେରିରେ ହଉ ପଛେ ଆସୁଚୁ' । ...ସ୍ତ୍ରୀଙ୍କ ରାଗ ଆହୁରି ଚଢ଼ିଗଲା, ପାଟିକଲେ, 'କ'ଣ କ'ଣ ଭୋଟ ଦବାକୁ ଯାଇଥିଲୁ..ଭାରି ଭୋଟ ତ ଦଉଚ?..ପାଂଚ ଶହ କ ପାଂଚ ହଜାର ପାଇଯାଇଥିବ, ଭୋଟ ଦବନ କେମିତି'?...ସେଠୁ ବିଜୁଳର ପାଲଟା ଜବାବ ଶୁଣନ୍ତୁ..'କାହିଁକି ଆମେ ଗରିବ ଲୋକ ବୋଲି ଦୁଇଶହ ଚାରିଶହ ପାଇକି ଭୋଟ ଦେଇଦେଲେ କ'ଣ ବେଦ ଅଶୁଦ୍ଧି ହେଇଗଲା? ନେତା କୋଟି କୋଟି ଟଂକା ମାରୁଛନ୍ତି, କୁଜିନେତା ଲକ୍ଷଲକ୍ଷ ଟଂକା ମାରୁଛନ୍ତି... ଯୋଉ ନେତା ଆସିଲେ ବି ଆମ ଅବସ୍ଥା ଯୋଉଆକୁ ସେୟା । ତେଣୁ କିଏ ଦି'ପଇସା ଯଦି ଦଉଚ ଆମେ କାହିଁକି ନନବୁ । ସେମାନେ କ'ଣ ନିଜ ପକେଟରୁ ଦଉଛନ୍ତି!'..ବିଜୁଳର କଥା ଶୁଣି ଆମେ ସବୁ ଚୁପ୍ । ଆମେ ସିନା ରାଗୁଚୁ, ସିଏ କିଂତୁ ସତକଥା କହୁଥିଲା । ...ସେତେବେଳକୁ ହାପ୍ଲୁ ଶୋଇପଡ଼ିଥିଲା, ହେଲେ କୁନୁ ଶୋଇନଥିଲା... ଆମ କଥା ଶୁଣୁଥିଲା... ଚୁପ୍‌ଚାପ୍ ବସିଥିଲା... କ'ଣ ଭାବୁଥିଲା କେଜାଣି? ...ଭାବୁଥିବ, ତାକୁ ବି ରାଜନୀତି କରିବାକୁ ହେଲେ ଏମିତି ଟଂକା ଖର୍ଚ୍ଚ କରିବାକୁ ପଡ଼ିବ । ...ହଁ ସେୟା ଭାବୁଥିଲା ସିଏ... କହିଲା, 'ବାବା ମତେ ଆହୁରି ଅଧିକା ଟଂକା ଦବ, ମୁଁ ପିଗି ବ୍ୟାଂକରେ ପକେଇବି... ଅଧିକା ଟଂକା ସିନା ରଖିଲେ ଲୋକଙ୍କୁ ଦେବି, ପ୍ରଧାନମନ୍ତ୍ରୀ ହେବି' ।

ସେଦିନ ଉପରବେଳା ଜେଜେ କହୁଥିଲେ, 'ଆଜିକାଲି ଭୋଟରେ ଅକାତକାତ ଟଂକା ଖର୍ଚ୍ଚ ହଉଚ, ଆମ ବେଳେ ଏସବୁ ନଥିଲା । କି କାଳ ହେଲା!' ସେତିକିବେଳକୁ ପ୍ରସନ୍ନ ବାବୁ

ଆସିକ ପହଂଚଲେ, କହିଲେ, 'କାଲି ରାତିରେ ଆମ୍ଭ ଲାନ୍‌ରେ ଟଂକା ବଂଟା ହଉଥିଲା, ଲୋକେ ପୁଲିସିକି ଖବର ଦେଲେ, ହେଲେ ପୁଲିସି ଛାଡ଼ିଦେଲା । ସାଇ, ବସ୍ତି ସବୁ ଲକ୍ଷ ଲକ୍ଷ ଟଂକା ହିସାବରେ କଣା ହେଉଛ । ଶାସକ ଦଳ ପ୍ରାର୍ଥୀମାନଙ୍କୁ ପ୍ରଶାସନ ସାହାଯ୍ୟ କରୁଚ । ପୁଣି ଇଭିଏମ୍ ମେସିନକ ଭରସା ନାଇଁ, ଲୋକେ ଗୋଟେ ଚହ୍ନ ଚପିଥିବେ, ଉଠିବ ଆଉ ଗୋଟେ ଚହ୍ନରେ' ।..ପ୍ରସନ୍ନ ବାବୁଙ୍କ କଥା ଶୁଣି ମୁଁ ଭାବୁଥିଲି, କେବେ ବଦଳବ ଅବସ୍ଥା, ଏ ଠକେଇ । ସେ ସମୟ କ'ଣ ଆସିବ? ଠକେଇ କରିନଥିବା, ଟଂକା ଖଟେଇନଥିବା ପ୍ରାର୍ଥୀ, ତା' ସମର୍ଥକ ବା ଜନତାଙ୍କ ମନରେ କେବେ ଏଭଳ ଆଶଂକା ରହିବନ? ସେ ସମୟ କ'ଣ ସତରେ ଆସିବ? ଆମ ପିଲେ ବଡ଼ ହେଲାବେଳକୁ କ'ଣ ସେଇ ସମୟ ଆସିଯିବ? ସତରେ କ'ଣ ଭଲଦିନ ଆସୁଚ?

XXX

ବିଶ୍ୱାମ୍ରା, ଏମ୍-୨୩, ବଳ୍କି ଜଗବଂଧୁ ନଗର, ଖୋର୍ଦ୍ଧା

# କବିତା



ଜଗନ୍ନାଥ ରଥ

ପ୍ରକୃତିର ବାସ୍ନା ଆଉ
ସଂଘର୍ଷର ଜୀବନ ଯୁଦ୍ଧରେ..
ନିଜକୁ ହଜେଇଦେଇ
ମଜେଇ ଦେଇ
କଳ୍ପନାର ତୂଳୀରେ
ଅନୁଭବ ର ରଙ୍ଗ ଦେଇ
କିଛି ଲେଖିବାକୁ ଚେଷ୍ଟା କରେ...

କିଛି ଲୋକ ଏହାକୁ ବୁଝି ପାରନ୍ତି ତ..
ଆଉ କିଛି ଲୋକ..
ମୋ ତୂଳୀରେ ଲାଗିଥିବା ରଙ୍ଗକୁ
ସଜାଡିବାର ପ୍ରୟାସ କରନ୍ତି..

ଏଭଳି ଜାଦୁଗରି ଦୁନିଆଁରେ ପାଦ ରଖି
ଲେଖି ଲେଖି କିଛି ଲେଖିଦେଲି...
ଏବେ କିଛି ପାଠକ କହୁଛନ୍ତି
କାଳେ.. ଯାକୁ ବି କୁହାଯାଇପାରେ କବିତା.....

ଘୁ.ଉଦୟଗିରି, କନ୍ଧମାଳ

# ମହାଭାରତ
# କଥା.....୩



ନରେନ୍ଦ୍ର ପ୍ରସାଦ ବେହେରା

**ଧୃତରାଷ୍ଟ୍ର ଜନ୍ମ ବେଳେ ଭୂମିଷ୍ଠ ହେବା ମାତ୍ରେ ଗଧ ପରି ରଡି ଛାଡିବାରୁ କ ସୂଚନା ମିଳିଥିଲା ।**

ଶାନ୍ତନୁ ଓ ସତ୍ୟବତୀଙ୍କ ଔରସରୁ ଦୁଇଟି ପୁତ୍ରସନ୍ତାନ ଜନ୍ମ ହୋଇଥିଲେ । ଜ୍ୟେଷ୍ଠପୁତ୍ରର ନାମ ଥିଲା ଚିତ୍ରାଙ୍ଗଦା ଓ ଅନ୍ୟ ପୁତ୍ରର ନାମ ଥିଲା ବିଚିତ୍ରବୀର୍ଯ୍ୟ । ଶାନ୍ତନୁଙ୍କର ମୃତ୍ୟୁପରେ ଭୀଷ୍ମ ନିଜର ପ୍ରତିଜ୍ଞା ଅନୁସାରେ ନିଜେ ରାଜସିଂହାସନରେ ନ ବସି ଚିତ୍ରାଙ୍ଗଦାଙ୍କୁ ରାଜା କରାଇଲେ । କିନ୍ତୁ ଚିତ୍ରାଙ୍ଗଦା ବେଶି କାଳ ରାଜତ୍ୱ କରି ପାରି ନ ଥିଲେ । ଗନ୍ଧର୍ବମାନଙ୍କ ସହିତ ଏକ ଯୁଦ୍ଧରେ ସେ ପ୍ରାଣ ହରାଇବାରୁ ମାତା ସତ୍ୟବତୀଙ୍କ ଅନୁରୋଧକ୍ରମେ ସେତେବେଳେ ନାବାଳକ ଅବସ୍ଥାରେ ଥିବା ଶାନ୍ତନୁଙ୍କର ଦ୍ୱିତୀୟ ପୁତ୍ର ବିଚିତ୍ରବୀର୍ଯ୍ୟଙ୍କୁ ସିଂହାସନରେ ବସାଇ ଭୀଷ୍ମ ଅଭିଭାବକ ରୂପେ ରାଜକାର୍ଯ୍ୟ ପରିଚାଳନା କରୁଥିଲେ । ବିଚିତ୍ରବୀର୍ଯ୍ୟ ବଡ଼ ହୋଇ ରାଜକାର୍ଯ୍ୟ ସମ୍ଭାଳିବା ପରେ ତାଙ୍କର ବିବାହ କରିବା ବୟସ ହୋଇ ଯାଇଥିବାରୁ ମାତା ସତ୍ୟବତୀଙ୍କ ଆଦେଶ ପାଳନ କରି ଭୀଷ୍ମ ଜଣେ ଗୁଣବତୀ କନ୍ୟାର ସନ୍ଧାନରେ ରହିଥିଲେ । ଏହି ସମୟରେ ସେ ଶୁଣିବାକୁ ପାଇଲେ ଯେ କାଶୀର ନରେଶଙ୍କର ତିନି କନ୍ୟାଙ୍କର ସ୍ୱୟଂବର ହେଉଛି । ସେ କାଳବିଳମ୍ବ ନ କରି ରଥାରୂଢ଼ ହୋଇ କାଶୀରେ ଯାଇ ପହଞ୍ଚିଲେ ଏବଂ ସ୍ୱୟଂବର ମଣ୍ଡପରେ ଉପସ୍ଥିତ ଥିବା ତିନି ଭଉଣୀ ଅମ୍ବା, ଅମ୍ବିକା ଓ ଅମ୍ବାଳିକାଙ୍କୁ ତାଙ୍କ ସାନ ଭାଇଙ୍କ ସକାଶେ ବଳପୂର୍ବକ ଉଠାଇ ଆଣି କ୍ଷଣକେ ଦ୍ରୁତଗତିରେ ରଥ ଚାଳନା କରି ସେଠାରେ ଉପସ୍ଥିତ ଥିବା ଅନ୍ୟ ରାଜାମାନଙ୍କୁ ହତ ଚକିତ କରି ଚାଲି ଯାଇଥିଲେ । ସ୍ୱୟମ୍ବରସ୍ଥଳୀରୁ ବଳପୂର୍ବକ କନ୍ୟା ଅପହରଣ ପ୍ରଥା

ପ୍ରଚଳତ ରହିଥିବାରୁ ସେ ତାଙ୍କ କନଷ୍ଠ ଭ୍ରାତା ବିଚନ୍ତ୍ରବୀର୍ଯ୍ୟଙ୍କ ସକାଶେ ଏହି ତିନ ଭଉଣୀଙ୍କୁ ନେଇ ଆସିଥିଲେ ।

ବିଚନ୍ତ୍ରବୀର୍ଯ୍ୟଙ୍କୁ ବିବାହ କରିବାକୁ ବଡ଼ ଅମ୍ବା ମନା କରିଦେଇ କହିଲେ ଯେ ସେ ସ୍ୱୟମ୍ବରରେ ରାଜା ଶଲ୍ୟଙ୍କୁ ହିଁ ବରଣମାଳା ପିନ୍ଧାଇ ପତିରୂପେ ବରଣ କରିଥାନ୍ତେ । ଏହା ଶୁଣି ଭୀଷ୍ମ ଅମ୍ବାଙ୍କୁ ରଥରେ ବସାଇ ତାଙ୍କ ପିତାଙ୍କ ନିକଟକୁ ପଠାଇ ଦେଇଥିଲେ । ଏହାପରେ ବିଚନ୍ତ୍ରବୀର୍ଯ୍ୟଙ୍କ ସହିତ ଅମ୍ବିକା ଓ ଅମ୍ବାଳିକାଙ୍କର ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଦୁଇ ପୁତ୍ରବଧୂଙ୍କୁ ପାଇ ମାତା ସତ୍ୟବତୀ ଖୁବ୍ ସନ୍ତୁଷ୍ଟ ହୋଇଥିଲେ । ବିଚନ୍ତ୍ରବୀର୍ଯ୍ୟଙ୍କର ଦୁଇ ପତ୍ନୀ ଅମ୍ବିକା ଓ ଅମ୍ବାଳିକାଙ୍କ ଗର୍ଭରୁ ଯଥାକ୍ରମେ ଧୃତରାଷ୍ଟ୍ର ଓ ପାଣ୍ଡୁ ଦୁଇ ପୁତ୍ର ଏବଂ ଜଣେ ଦାସୀ ଗର୍ଭରୁ ଗୋଟିଏ ପୁତ୍ର ବିଦୁର ଜନ୍ମ ହୋଇଥିଲେ । ଏମାନେ ଥିଲେ ତିନି ଭାଇ ଏବଂ ଏମାନଙ୍କୁ ଭୀଷ୍ମ ଖୁବ୍ ଭଲ ପାଉଥିଲେ । ବିଚନ୍ତ୍ରବୀର୍ଯ୍ୟ ବେଶି କାଳ ରାଜ୍ୟ ଶାସନ କରି ପାରି ନ ଥିଲେ । ବିଧିର ବିଧାନକୁ ଏଡିଦେବ କିଏ ? ସେ ଧନୁଷ୍ଟଙ୍କାର ରୋଗରେ ପୀଡିତ ହୋଇ ଅକାଳରେ ମୃତ୍ୟୁ ବରଣ କରିବାରୁ ରାଜ ପରିବାରରେ ଶୋକର ଛାୟା ଖେଳି ଯାଇଥିଲା । ବର୍ତ୍ତମାନ ଭୀଷ୍ମଙ୍କୁ ପୁଣି ରାଜ୍ୟର ଶାସନ ଭାର ସମ୍ଭାଳିବାର ଗୁରୁ ଦାୟିତ୍ୱ ତୁଲାଇବାକୁ ପଡିଲା କାରଣ ତାଙ୍କର ସ୍ୱର୍ଗବାସୀ କନଷ୍ଠ ଭ୍ରାତା ବିଚନ୍ତ୍ରବୀର୍ଯ୍ୟଙ୍କ ପୁତ୍ରମାନେ ସେତେବେଳେ ପିଲା ଥିଲେ । ମାତାଙ୍କ ଅନୁରୋଧ କ୍ରମେ ପିଲାମାନେ ବଡ଼ ନ ହେବାଯାଏ ଶାସନକାର୍ଯ୍ୟ ତୁଲାଉଥିଲେ ।

ଧୃତରାଷ୍ଟ୍ର ଜନ୍ମରୁ ହିଁ ଅନ୍ଧ ଥିଲେ । ତେଣୁ ସେ ତିନିଭାଇଙ୍କ ମଧ୍ୟରୁ ବୟସରେ ବଡ଼ ହୋଇଥିଲେ ବି ପାଣ୍ଡୁଙ୍କୁ ରାଜସିଂହାସନରେ ଅଧିଷ୍ଠିତ କରାଯାଇଥିଲା । ଭୀଷ୍ମ ତାଙ୍କର ଏହି ତିନି ପୁତୁରାଙ୍କର ବିବାହ କାର୍ଯ୍ୟ ମଧ ସମ୍ପନ୍ନ କରିଥିଲେ । ଧୃତରାଷ୍ଟ୍ରଙ୍କର ପତ୍ନୀଙ୍କ ନାମ ଥିଲା ଗାନ୍ଧାରୀ । ପାଣ୍ଡୁଙ୍କର ଦୁଇଟି ପତ୍ନୀ ଥିଲେ । ସେମାନେ ହେଲେ କୁନ୍ତୀ ଓ ମାଦ୍ରୀ । ଭୀଷ୍ମ ତାଙ୍କର ତୃତୀୟ ପୁତୁରା ବିଦୁରଙ୍କୁ ରାଜା ଦେବକଙ୍କର କନ୍ୟା ସହିତ ବିବାହ କରାଇଥିଲେ ।

ରାଜା ଧୃତରାଷ୍ଟ୍ରଙ୍କର ଅନେକଗୁଡିଏ ପୁତ୍ର ଥିଲେ । ଜ୍ୟେଷ୍ଠ ପୁତ୍ର ଦୁର୍ଯ୍ୟୋଧନ ଯେତେବେଳେ ଜନ୍ମ ହୁଏ, ସେତେବେଳେ ନାନା ପ୍ରକାର ଅଶୁଭ ଘଟଣା ଘଟିଥିଲା । ସେ ଭୂମିଷ୍ଠ

ହେବାମାତ୍ରେ ଗଧ ପରି ରଡି ଛାଡିଥିଲା । ସେତେବେଳେ ଆକାଶ ମେଘାଚ୍ଛନ୍ନ ହୋଇ ଯାଇଥିଲା ଏବଂ ଶାଗୁଣାମାନେ ଆକାଶରେ ଉଡିଥିଲେ । ଏପରି ଲକ୍ଷଣମାନ ଦେଖି ବିଦୁର ଭାବିଲେ, ଏସବୁ ବୋଧହୁଏ କୌରବ କୁଳ ଦିନେ ନା ଦିନେ ବିନାଶ ହୋଇଯିବାର ପୂର୍ବ ସୂଚନା । ଏହି ପୁତ୍ର ସନ୍ତାନଟିକୁ ଜନ୍ମରୁ ହିଁ ତ୍ୟାଗ କରିଦେବା ପାଇଁ ବିଦୁର ତାଙ୍କ ଜ୍ୟେଷ୍ଠ ଭ୍ରାତା ଧୃତରାଷ୍ଟ୍ରଙ୍କୁ ବୁଝାଇଥିଲେ କିନ୍ତୁ ଧୃତରାଷ୍ଟ୍ର ଏଥିପ୍ରତି କର୍ଣ୍ଣପାତ ନ କରିବାରୁ ବିଦୁର ନୀରବ ରହିଥିଲେ । ଏହାର କିଛିକାଳ ପରେ ରାଜ ପରିବାରରେ ଆଉ ଏକ ଦୁଃଖଦ ଘଟଣା ଘଟିଲା । ମଧ୍ୟମ ଭ୍ରାତା ପାଣ୍ଡୁ ଶିକାର କରିବାକୁ ଯାଇଥିବା ସମୟରେ ଦୁର୍ଘଟଣବଶତଃ ମୃତ୍ୟୁ ବରଣ କଲେ ଫଳରେ ବାଧ୍ୟ ହୋଇ ଧୃତରାଷ୍ଟ୍ରଙ୍କୁ ରାଜକାର୍ଯ୍ୟ ସମ୍ଭାଳିବାକୁ ପଡିଲା । ପାଣ୍ଡୁଙ୍କର ଏହି ଅକାଳବିୟୋଗ ପୂର୍ବରୁ ସେ ପାଞ୍ଚଟି ପୁତ୍ର ସନ୍ତାନର ଜନକ ହୋଇ ସାରିଥିଲେ । କୁନ୍ତୀଙ୍କ ଗର୍ଭରୁ ତିନୋଟି ପୁଅ ଯୁଧିଷ୍ଠିର, ଭୀମ ଓ ଅର୍ଜୁନ ଏବଂ ମାଦ୍ରୀଙ୍କ ଗର୍ଭରୁ ନକୁଳ ଓ ସହଦେବ ଜନ୍ମ ହୋଇଥିଲେ । କୁନ୍ତୀ ଅବିବାହିତ ଥିବା ଅବସ୍ଥାରେ ଦୁର୍ବାସା ଋଷି ତାଙ୍କୁ ଦେଇଥିବା ଏକ ମନ୍ତ୍ର ଜପ କରି ସେ ସୂର୍ଯ୍ୟଦେବଙ୍କଠାରୁ ଗୋଟିଏ ପୁତ୍ର ପ୍ରାପ୍ତ ହୋଇଥିଲେ, ଯେଉଁ ଶିଶୁଟିକୁ ସେ ଲୋକଲଜ୍ଜା ଭୟରେ ଏକ ପେଟିକା ମଧ୍ୟରେ ରଖି ନଦୀରେ ଭସାଇ ଦେଇଥିଲେ । ଏହି ଶିଶୁଟିକୁ ଅଧିରଥ ନାମକ ଜଣେ ରଥଚାଳକ ଜଳରୁ ଉଦ୍ଧାର କରି ନିଜର ସନ୍ତାନରୂପେ ପାଳି ବଡ଼ କରିଥିଲେ । ସୂର୍ଯ୍ୟଦେବଙ୍କ ଦ୍ୱାରା ପ୍ରଦତ୍ତ ଏହି ଶିଶୁ ହିଁ ପରବର୍ତ୍ତୀ କାଳରେ ମହାନ୍ ଯୋଦ୍ଧା କର୍ଣ୍ଣ ନାମରେ ଖ୍ୟାତି ଲାଭ କରିଥିଲେ । ଏହି କର୍ଣ୍ଣ ହିଁ ଥିଲେ କୁନ୍ତୀଙ୍କର ଏହି ନିର୍ଦ୍ଦୟ କାର୍ଯ୍ୟକୁ ଭୁଲି ନ ପାରି ପରବର୍ତ୍ତୀ କାଳରେ ଦୁର୍ଯ୍ୟୋଧନ ସହିତ ବନ୍ଧୁତା ସ୍ଥାପନ କରିଥିଲେ ।

ରାଜା ଧୃତରାଷ୍ଟ୍ରଙ୍କର ଶହେ ପୁତ୍ର ଥିଲେ ଏବଂ ଦୁର୍ଯ୍ୟୋଧନ ଥିଲେ ତାଙ୍କର ଜ୍ୟେଷ୍ଠ ପୁତ୍ର । ପାଣ୍ଡୁଙ୍କର ଦୁଇ ପତ୍ନୀଙ୍କ ଗର୍ଭରୁ ଜନ୍ମ ହୋଇଥିବା ପାଞ୍ଚ ଭାଇଙ୍କର ନାମ ଥିଲା ଯଥାକ୍ରମେ ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ ଓ ସହଦେବ । ଏହି ପ୍ରକାରେ ଧୃତରାଷ୍ଟ୍ରଙ୍କର ଶହେପୁତ୍ର କୌରବ ଓ ପାଣ୍ଡୁଙ୍କର ପାଞ୍ଚ ପୁତ୍ର ପାଣ୍ଡବ ନାମରେ ପରିଚିତ ହୋଇଥିଲେ । ପାଣ୍ଡୁଙ୍କର ଶବଦାହ ସମୟରେ ତାଙ୍କ ଦ୍ୱିତୀୟ ପତ୍ନୀ ମାଦ୍ରୀ ଚିତାରେ ଝାସଦେଇ ପ୍ରାଣତ୍ୟାଗ କରିଥିବାରୁ ପ୍ରଥମ ପତ୍ନୀ କୁନ୍ତୀ ହିଁ ପାଞ୍ଚଜଣଯାକ ପୁତ୍ରଙ୍କୁ ଲାଳନ ପାଳନ କରି ବଡ଼ କରିଥିଲେ । ଏହି କୁନ୍ତୀ ଥିଲେ ଶ୍ରୀକୃଷ୍ଣଙ୍କ ପିତା ବସୁଦେବଙ୍କର ସାନ ଭଉଣୀ । ତେଣୁ

ଶ୍ରୀକୃଷ୍ଣଙ୍କର ପିଉସୀ ଥିଲେ କୁନ୍ତୀ ଏବଂ ପାଣ୍ଡବମାନଙ୍କର ସହିତ ପାରିବାରିକ ସମ୍ପର୍କ ରହିଥିଲା । ଶ୍ରୀକୃଷ୍ଣ ପାଣ୍ଡବ ପାଞ୍ଚ ଭାଇଙ୍କୁ ଖୁବ୍ ଭଲ ପାଉଥିଲେ ।

ପାଣ୍ଡୁଙ୍କର ଅକାଳ ମୃତ୍ୟୁ ଯୋଗୁଁ ତାଙ୍କ ଜ୍ୟେଷ୍ଠଭ୍ରାତା ଧୃତରାଷ୍ଟ୍ର ଅତ୍ୟନ୍ତ ମର୍ମାହତ ହୋଇ ପଡିଥିଲେ । କାରଣ ସେ ତାଙ୍କର ସାନଭାଇ ପାଣ୍ଡୁଙ୍କୁ ଖୁବ୍ ସ୍ନେହ କରୁଥିଲେ । ଧୃତରାଷ୍ଟ୍ର ରାଜ୍ୟରେ ରାଷ୍ଟ୍ରୀୟ ଶୋକ ଦିବସ ପାଳନ ଲାଗି ଆଦେଶ ଦେଇଥିଲେ । ପାଣ୍ଡୁଙ୍କର ସମସ୍ତ ଶୁଦ୍ଧିକ୍ରିୟା ସମାପନ ହୋଇଯିବା ପରେ ଦିନେ ମହର୍ଷି ବ୍ୟାସ ଆସି ରାଜଭବନରେ ଉପସ୍ଥିତ ହେଲେ ଏବଂ ରାଜମାତା ସତ୍ୟବତୀଙ୍କୁ ଡାକି ଗୋପନରେ କହିଲେ, 'ମା' ତୁମ ବଂଶର ସୁଖର ଦିନ ସବୁ ସରିଗଲା । ବର୍ତ୍ତମାନ ଦାରୁଣ ବିପର୍ଯ୍ୟୟର ସମୟ ନିକଟତର ହୋଇ ଆସୁଛି । ତୁମେ କାହିଁକି ଦୁଃଖର ଦିନସବୁ ଆଖିରେ ଦେଖିବ ? ତୁମର କୁଳନାଶ ଅବଶ୍ୟମ୍ଭାବୀ ବୋଲି ଜାଣି ରଖ । ସୁତରାଂ ତୁମେ ତୁମ ଜୀବନର ଅନ୍ତିମ ଦିନଗୁଡିକ ଅନ୍ୟତ୍ର ଅତିବାହିତ କରିବା ଉଚିତ ହେବ । ଆଗାମୀ ଦିନଗୁଡିକର ଦାରୁଣ ଘଟଣାମାନ ସ୍ୱଚକ୍ଷୁରେ ଦେଖି ମର୍ମନ୍ତୁଦ ଯନ୍ତ୍ରଣା ଭୋଗ କରିବା ଅପେକ୍ଷା ବରଂ ଅରଣ୍ୟକୁ ଯାଇ ସେଠାରେ ତପସ୍ୟା କରି ମୁକ୍ତିଲାଭ କର । ଏହା କହି ମହର୍ଷି ଚାଲିଗଲେ । ସତ୍ୟବତୀ ତାଙ୍କର ପୁତ୍ର ଭୀଷ୍ମଙ୍କ ସହିତ ପରାମର୍ଶ କରି କତିପୟ ଅନୁଚରଙ୍କୁ ସଙ୍ଗରେ ଧରି ଏକାନ୍ତବାସ ନିମନ୍ତେ ଅରଣ୍ୟକୁ ଚାଲିଗଲେ ଏବଂ ସେଠାରେ ତପସ୍ୟାରତ ଥିବା ଅବସ୍ଥାରେ ତାଙ୍କର ମହାପ୍ରୟାଣ ହୋଇଥିଲା । ସତ୍ୟବତୀଙ୍କର ତିରୋଧାନ ଯୋଗୁଁ ରାଜପରିବାରରେ ଶୋକର ଛାୟା ଖେଳିଗଲା । ବର୍ତ୍ତ....(କ୍ରମଶଃ)

ଇତି.....(କ୍ରମଶଃ)

ଆଳନ୍ଦା, ଖଇରା, ବାଲେଶ୍ୱର

# ବିଚିତ୍ର ଏ ଦୁନିଆ



ସେବକାନ୍ତ ନନ୍ଦ

ଆହାକି ବିଚିତ୍ର ମୟ ଏ ଦୁନିଆଁ,
ଦିନୁ ଦିନୁ ଘଟଣା ଘଟୁଛି ନୂଆଁ ନୂଆଁ ॥
ବିଚିତ୍ର ଏ ସଂସାରେ ବାସ୍ତବତା ନାହିଁ,
ଆଜି ଅଛି ଯାହା କାଲିକି ନାହିଁ ॥
ଦୁରେଇ ଯାଉଛ ଏଠି ଆଜି
ବାତ୍ସଲ୍ୟର ସ୍ନେହ ଅନୁରାଗ ॥
ସଂସ୍କାର ସଂସ୍କୃତି ହ୍ରାସ ଘଟୁଛି
ଅସାଧୁ ଉପଦ୍ରବ ବଢି ଚାଲିଛି ॥
ଏ ନୁହେଁ ବିଧାତାର ଖେଳ
ଏହା ଅଟେ ମୂର୍ଖ ଅଜ୍ଞାନର ବଳ ॥
ପୂର୍ଣ୍ଣ ପାତ୍ର ଯଦି ଟୋପାଏ ବିଷ ମିଶିଯାଏ,
ସମସ୍ତ ପଦାର୍ଥ ତାର ନଷ୍ଟ ହୋଇଯାଏ ॥
ଅସାଧୁ ମାନଙ୍କ ପାଇଁ ଆଜି
ସାଧୁ ଶିଷ୍ଟର ହେଉଛି ଅନିଷ୍ଟ ॥
ସମ୍ମାନର ପଥ ହେଲା କଳୁଷିତ
ନିଜ ହାତେ ଡାକି ଆଣୁଛି ବିପଦ ॥
ନାହିଁ ଏଥି କେହି ପର ଆପଣାର
ଛିନ୍ନି ହୋଇଛନ୍ତି ସ୍ନେହ ମମତାର ଡୋର ॥
ସ୍ନେହର ବନ୍ଧନ ଛିଡିଯାଏ ଯେବେ,
ହୁଏ ନାହିଁ କେବେ ପୋଡି ॥
ଯୋଡି ଛିଡିଗଲେପ୍ରଳୟ ଘଟଇ

ବିନାମେଘେ ବଜ୍ରପାତ ହୁଏ ଘଡଘଡି ॥
ଛିଣ୍ଡି ଗଲ୍ ରଜ୍ଜୁ ହୋଇବ କ ଯୋଡି
ଗ୍ଭଲିଗଲ୍ ଜଳ ଆସିବ କ ବାହୁଡି ॥
ଥିଲ୍ ଏଥି ଯହା ମାନ ସନମାନ
ପାପ ଗର୍ଭେ ପଡି ହେଲ୍ କଳଙ୍କିତ ॥
ନଜ ଗାରିବ ଗରବ କରି
ସବୁ ହେଲ୍ ଧ୍ୱଂସ ଓ ଦୂଷିତ ॥
ଜଣାନାହିଁ ଏଥି କାହାଙ୍କୁ କେମିତି
କରିବାରେ ବ୍ୟବହାର,
କଳୁଷିତମୟ ଏହି ତ ସମୟ
ନାହିଁ ଆଜି କେହି କାହାକୁ ଡର ॥
ପରିଣାମର ଦୁଷ୍ ପରିଣାମ ହେବ,
ଅଜ୍ଞାନର ଭ୍ଵବ ବଢି ଗ୍ଭଲିବ,
ସଂସାର ଆଜି ହେଲ୍ କଳୁଷିତ,
କେମିତି ବା ହେବ ସୁପୁତ୍ର ଜାତ ॥

ବନ୍ଧପାଲି, ବଲାଙ୍ଗିର

# ନାଟକ–

ସୂର୍ଯ୍ୟକାନ୍ତ ମଲିକ

# ମୁକ୍ତିର ମୃତ୍ୟୁ

## ଦୃଶ୍ୟ - ତୃତୀୟ (3)

ଚରିତ୍ର (ସୁଜିତ, ଆଲୋକ )

ଅବସ୍ଥା - ପ୍ରଥମ ଦୃଶ୍ୟର ସ୍ଥିତି

ସୁଜିତ : ଏବେ ତୁ କହ ଆଲୋକ ଯୋଉ ସାଙ୍ଗକୁ ଏତେ ବିଶ୍ୱାସ କରୁଥିଲେ ତା ବିଷୟରେ ଏତେ ସବୁ ଶୁଣିଲା ପରେ ତାକୁ ଭେଟ କରିବାକୁ ମନ ହଉଛି ।

ଆଲୋକ : ସୁଜିତ.. ତାମାନେ ଶ୍ରବଣ.. ।

ସୁଜିତ : ବଦଳ ଯାଇଛି ସେ, ଆଉ ସେ ଶ୍ରବଣ ହୋଇକ ନାଇଁ ।

ଆଲୋକ : ମୁଁ ଏହାକୁ ବିଶ୍ୱାସ କରି ପାରୁନରେ, ଶ୍ରବଣବି ଆମ ପରିକା.. ।

ସୁଜିତ : ମାୟାବୀ ନାରୀର ମାୟାରେ ଛନ୍ଦି ହୋଇଯାଇଛି ସବୁଦିନପାଇଁ

ଆଲୋକ : ମୁଁ କେବେ ଭାବି ନଥିଲି, କ, ଯିଏ ଅନ୍ୟ କାହାର ପିତା ମାତାର କଷ୍ଟ କୁ ଦେଖି ପାରୁନଥିଲା ପୁଅ ବୋଉଙ୍କ ବିରୁଦ୍ଧରେ ସ୍ୱର ଉଠାଉଥିଲା ପ୍ରତିବାଦ କରୁଥିଲା ସେ ନିଜେ ପୁଣି ଏଇ.. ଛି ।

ହ ମ, ତାକୁ କାଇଁ କହିବା ଆମେ ବିତ ସେ ନୌକାର ନାଉରି । ଅମେବି ସେଇ ନୃଶଂସ ମାନଙ୍କ ମଧ୍ଯରୁ ଜଣେ ଜଣେ

ସୁଜିତ : ତୁ ଠିକ କହିଛୁ, ଆମେ ସେଇ ନୃଶଂସ ମାନଙ୍କ ମଧ୍ଯରୁ ଜଣେ ଜଣେ, ହେଲେ କେବେ ଥିଲୁ, ଏବେ ନୁହେଁ, ଆମେ ଆମ ଭୁଲ ବୁଝି ପାରିଛେ ଆଉ ଦଣ୍ଡ ମଧ । କାଇଁକି ନା ଆମେ ଏତେ ଶିକ୍ଷିତ ନୁହେଁ ହେଲେ ସେ ଗୋଟିଏ ଉଚ୍ଚ ଶିକ୍ଷିତ ଆଉ ଗୋଟିଏ ଉଚ୍ଚ ଶିକ୍ଷିତଠାରୁ ଏହା କେବେ ଆଶା କରା ଯାଏ ନାଇଁ, ଯିଏ କ ନିଜ ସ୍ୱାର୍ଥ ପାଇଁ ନିଜ ମା କୁ ରୋଜଗାର କରିବା ପାଇଁ ପଠାଇ ଦେବ ।

ଆଲୋକ : ତା ମାନେ ତୁ କଣ କହିବାକୁ ଚାହୁଁଛୁ । ତାକୁ କଣ କେବେ ଆଉ ଦେଖା କରିବା ନାଇଁ ମିଶିବା ନାଇଁ ?

ସୁଜିତ : ଏତେ ସବୁ ଶୁଣିଲା ପରେ ବି ତୁ ଇଚ୍ଛା କରୁଛୁ ତାକୁ ଦେଖିବା ପାଇଁ

ଆଲୋକ : ନାଇଁରେ ସାଙ୍ଗ ଆମେ ସିନା ସମୟତାକୁ ଶିଘ୍ର ବୁଝି ପାରିଲେ ବୋଲି ଠିକ ଭୁଲ କୁ ବାଛି ପାରିଲେ, ହୁଏତ ଶ୍ରବଣବି ସେଇଭଳ ସମୟରେ ପଡି ଏ ସବୁ କରିଥାଇ ପାରେ ।

ସୁଜିତ : ତୁ ବୁଝୁନୁ ଆଲୋକ

ଆଲୋକ : ମୁଁ ସବୁ ବୁଝିଛିରେ ସାଙ୍ଗ, ହେଲେ କଣ କରିବା ଏଠି ସମସ୍ତେ ସମୟର ଦାଶ, ତେଣୁ ସେ କଥା ସବୁ ଭୁଲିଯାଇ ଚାଲ ତା ପାଖକୁ ଯିବା

ସୁଜିତ : ଆଲୋକ ତୁ.. ।

ଆଲୋକ : କଛି ଆଉ କହନ ମତେ କହ ସେ କୋଉଠି ରହୁଛି ଆଜି ଚାରିଟା ବେଳକୁ ତା ପାଖକୁ ଯିବା

ସୁଜିତ : ସେ ତା ଅଫିସ ପାଖରେ ଏକ ଭଡା ଘରେ ରହୁଛି ସନ୍ଧ୍ୟା ହେଲେ ଘରକୁ ଆସେ ।

ଆଲୋକ : ହୋଉ ଏବେ ସମୟ ବହୁତ ହେଲାଣି ଚାଲ ଆମେ ଏବେ ଯିବା.. ଆଉ ମାନେ ରଖେ ଚାରିଟା ବେଳେ ପୁଣି ଥରେ ଭେଟ ହେବା

ସୁଜିତ : ହୋଉ ଚାଲ.. ।

(ତୃତୀୟ ଦୃଶ୍ୟ ଶେଷ )

କ୍ରମଶଃ......

ଘଣ୍ଟପଦା, କେନ୍ଦ୍ରାପଡ଼ା

# ସମୁଦ୍ରେ ସବୁଜିମା

ବନାଲୀ ଦାଶ

ସମୁଦ୍ରେ ସ୍ନେହ, ସରାଗ ରେ,
ଚମୁଟେ ଅବିଶ୍ଵାସ ଗୋଳେଇବନ କେବେ..
ବରଦାସ୍ତ କରିବା ଟା ହେଇପାରେ ଦୁଷ୍କର ।
ଆମ ଫମ୍ପା ସ୍ଵାଭିମାନ ର,
ବେପରୁଆ ରଙ୍ଗ ସବୁ..
ବହଳାତି ବହଳ ହେଇ,
ଆସ୍ତେ ଲେପି ନଦେଉ କଳା ଆଉ କାଳ;
ଜୀବନ ର କାନ୍ଥ ସାର୍‌ ଖାଲି।
ଆଜି ଅଛ, କାଲିକୁ ନଥିବ,
ବୃଥା ଟାରେ କାହିଁ ଜହର ଗୋଳବ..
ପାଇବାକୁ ଯାଅ ଗୃହଁ ଯଦି ସୁନ୍ଦର ସୁଷମା,
ମିଠା ବିହନ ବୁଣି..
ଫିଂଦିନ୍ ଅମଳାଅ ସବୁଜିମା..

ବେଦାନ୍ତ ଟାଉନସିପ୍, ଝାରସୁଗୁଡା

# ଛବିରାଣୀର ପ୍ରତିଛବି



ଛବିରାଣୀ ପତି

ଦୁର୍ଯୋଗ କହିବି.... ନା, ଦୁର୍ଭାଗ୍ୟ ? ଯେଉଁ ଘଟଣା ଚରିତ୍ରର ପ୍ରତିକ୍ରିୟା ନେଇ ଭରି ଯାଇଥିଲା ...... ମୋ' ମନରେ ଅଜସ୍ର କୋହ, ଘୃଣା ଆଉ ବିଦ୍ରୋହ; ସମୟ ଚକ୍ରରେ ଆସି ପହଞ୍ଚି ଗଲି ସେହି ଗାଁର ବୋହୂ ହୋଇ ....!!। ମୋ' ଶାଶୁ ଘରଠୁ ପ୍ରାୟ ଦୁଇ କଲୋମିଟର ଭିତରେ ହବକ କ'ଣ ଏହି "ଛବିରାଣୀ ହତ୍ୟାକାଣ୍ଡ ଅବା ନହାରିକାର ଶବ ଉଦ୍ଧାରର ସେହି କୀର୍ତ୍ତିମାନ ନର୍ଲଜ ବିଲୁଆଖାଇ ନଦୀ ପଠାଟି" । ଭୂଲ୍ ବୁଝିବେନ ମତେ କେହି । ମୋର ଘୃଣା...... ଏ'ଅଞ୍ଚଳ ବାସୀଙ୍କ ପ୍ରତି ମୋଟେ ନୁହେଁ .....ତଥାପି କାହିଁକି କେଜାଣି ଏ' ମାଟି, ପାଣି, ପବନ ପାଇଁ ମନ ଭିତରେ ଭରି ରହିଥିଲା ଅଜସ୍ର ରାଗ । ଯୋଉ ଭଳି ଅବଶୋଷରେ କଟିଯାଇଛି ମୋର ସେହି ଅବୁଝା, ଅଝଟ ପିଲାଦିନ ଗୁଡା ।

ବୟସ ମାତ୍ର ପାଞ୍ଚ କି' ଛଅ ହେବ । ମସିହା ୧୯୮୨; ବଢି ପାଣିରେ ଘରର ଅସବାବାପତ୍ର ଛିତିର ବିତିର ହୋଇ ଯାଇଥାଏ । ସବୁ କିଛି ଇତଃସ୍ତତ ଭାବେ ପଡି ରହିଥାନ୍ତି ଏଣେ ତେଣେ । କାହିଁକି, କେଜାଣି......!! ମନ ହେଲା ସେ'ଦିନ,, କିଛି ବହିପତ୍ର ସାଇତା ହୋଇ ରହିଥିବା ସେହି ଦସ୍ତା ବାକ୍ସଟିକୁ ଖୋଲି ଦେଲି । ଦେଖିଲି, ସେଥିରେ ଚରି ଆସୁଛନ୍ତି ଉଇ ସବୁ । ତେଣୁ, ଧୀରେ ଧୀରେ ବାକ୍ସଟିକୁ ନେଇ ଛାତ ଉପରେ ଶୁଖାଇବାକୁ ଚାଲିଯାଏ । କାରଣ ମୁଁ ଜାଣେ ...ବାପାଙ୍କର ଥାଏ ସେଥିରେ ଅନେକ କିଛି ପୁରୁଣା ପୋଥି ଆଉ ଜେଜେମାନର ଦରକାରୀ ପୂଜାପୂଜି ବହି ଗୁଡିକ । ଗୋଟି ଗୋଟି କରି ଅତି ଯତ୍ନ ସହକାରେ ସବୁକୁ ଝାଡିଝୁଡ଼ି ଶୁଖେଇ ଦେଲି । ଦେଖିଲି ବହୁତ ସୁନ୍ଦର ଦେଖା ଯାଉଥିବା ପ୍ରତିଭା ରାୟଙ୍କର ଯାଜ୍ଞସେନୀ ପୁସ୍ତକଟି । ଯାହାକୁ ମୁଁ ଆଜି ପର୍ଯ୍ୟନ୍ତ ବି'ଖୋଜେ ମନେ ମନେ । ସେଦିନ , ନ' ବୁଝି ପାରିଲେ ମଧ୍ୟ, ଟିକେ ଟିକେ କେଉଁଠି କେମିତି ଚେନାଏ ଚେନାଏ ପଢିବାକୁ ଚେଷ୍ଟା କରୁଥାଏ । ନୂଆ ନୂଆ ବହି ପଢ଼ିବା ଶିଖୁଥାଏ । ତେଣୁ ଆଗ୍ରହରେ ଯାହା ପାଏ ...ପଢିଯାଏ । ତା' ଭିତରେ ନଇଁ ଆସୁଥାଏ ସଞ୍ଜ ।

ପୁଣି ସାଉଁଟି ନେଲି ବହି ଗୁଡିକ ବାକ୍ସ ଭିତରକୁ । ହଠାତ ହାତରେ ପଡିଗଲା "ଛବିଗ୍ରାଣୀ ହତ୍ୟା କାଣ୍ଡ"ର.. ଗୋଟେ ସ୍ୱଳ୍ପ ପୃଷ୍ଠା ବିଶିଷ୍ଟ ବାହିଟି । କିନ୍ତୁ ସମୟ ନ'ଥିଲା ହାତରେ । ଆଶ୍ଚର୍ଯ୍ୟର ସହିତ ଗ୍ଚହିଁ ରହିଥାଏ ସେହି ବହିଟିକୁ ; ଥାଏ ପଢ଼ିବାର ଅଦମ୍ୟ ପ୍ରୟାସ । ତେଣୁ ଲୁଗ୍ଚଇ ଦେଇ ଆସେ ସେଇ ଛାତ ଉପରେ । ମାତ୍ର ଆଖିରୁ ହଜି ଯାଇଥିଲା ନିଦ । ଗୋଟେ ଜିଜ୍ଞାସା ମନୋବୃତ୍ତି ଏବଂ କିଛି ଅଭିଳାଷ । କ'ଣ ଥାଇପାରେ ସେହି ବହିଟିରେ......!! । ଏତେ ଉତ୍ସୁକତା ଓ ଆକର୍ଷଣର କାରଣଟି ହେଲା ......ମୋର ନିଜର ନାମଟି ବି' ଛବିଗ୍ରାଣୀ ବୋଲି । ଗ୍ରତି ପାହିଲା, ସକାଳ ବି' ହେଲା । ନିତ୍ୟକର୍ମ ସାରି ଗ୍ଚଲିଲି ଛାତ ଉପରକୁ । ଆଉ କାହିଁକ କେଜାଣି.....ଲୁଚ ଲୁଚ ପଢୁଥିଲି ସେହି ଛୋଟ ବହିଟିକୁ । ତା'ପରେ ଜାଣିଲି ଯେ' ଏଇଥି ପାଇଁ ମୋତେ ଗାଁ, ସାଇ ଭାଇ, ସାଙ୍ଗ ସାଥିରେ ଚଡାଉଛନ୍ତି ....." ଛବିଗ୍ରାଣୀ ହତ୍ୟାକାଣ୍ଡ...... ଦ ରେଫ ଆଣ୍ଡ ମଡ଼ର" । ସେହିଦିନ ଠାରୁ କେମିତି ଗୋଟେ .....କଳା ପାହାଡ଼ ପରି ଗ୍ରାସିଗଲା ମୋ' ମନ ଭିତରେ ନିଜ ନାଁ ପ୍ରତି....ଅଶେଷ ଅଶେଷ ଘୃଣା ଭାବ । କ'ଣ ପଢିଥିଲି , ଆଉ, କ'ଣ ବୁଝିଥିଲି.....ସେହି ବାଳୁତ ଚପଳମତି ବୟସରେ .....ମୁଁ ଜଣେନ, କି' କିଛି ମନ ମଧ ନାହିଁ । ହେଲେ, ଏତିକ ମନେ ଅଛି ...... ସିଧା ଛାତ ଉପରୁ ଆସି ଚତ୍କାର କରି କାନ୍ଦିଥିଲି । ଯିଏ ପଗ୍ଚରିଲା ଏଭଳ କାନ୍ଦିବାର କାରଣ..... ଖାଲି ସେଇ ପ୍ରଶ୍ନର ପ୍ରତି ପ୍ରଶ୍ନ କରିଥିଲି ଯେ' .....ମୋ' ନାଁ କିଏ ସେ ରଖିଛି ଛବିଗ୍ରାଣୀ ...? ସମସ୍ତଙ୍କ ମୁହଁରେ ସେଇ ଗୋଟିଏ ଉତ୍ତର.... ତୋ' ଜେଜେ ବାପା । ଶଳା ବୁଢା ଖଣ୍ଡକ ମରି ଯାଇଛି, ନ'ହେଲେ ଆଜି .....!! ବାହାରି ଯାଇଥିଲା ପାଟିରୁ । ଏତେ ଉତ୍ସ୍ର ଙ୍ଖଳିତ ହୋଇ ପଡିଥିଲି ସେଦିନ...... ଭୁଲି ଯାଇଥିଲି ସ୍ଥାନ, କାଳ, ପାତ୍ର । ହଗ୍ଇ ବସିଥିଲି ବାକ୍‌ସଂଯମ ଓ ହିତାହିତ ଜ୍ଞାନ । ମୋର ବ୍ୟବହାରରେ ଏପରି ହଠାତ୍ ପରିବର୍ତ୍ତନ ...... କେହି ବୁଝି ପାରିଲେ ନାହିଁ ଅବା ବୁଝିବାକୁ ଚେଷ୍ଟା କଲେ ନାହିଁ ।

ସେବେଠାରୁ ଆଜିଯାଏଁ..... ମନ୍ଦିରର ମୁଖଶାଳା ପରି, ମଣିଷର ନାଁକୁ ମୁଁ ବେଶି ପ୍ରାଧାନ୍ୟ ଦେଇ ଆସିଛି । ଅନେକ ଥର ଭାବିଛି......ନିଜ ନାମଟିକୁ ବଦଳାଇ ଦେବାକୁ । ହେଲେ, କେହି ସାହାଯ୍ୟ କରି ନାହାନ୍ତି.....ବରଂ ସବୁବେଳେ ହାସ୍ୟାସ୍ପଦ ହୋଇ ଯାଇଛି ନିଜେ ନିଜ ପାଖେ । ଯେବେ ପ୍ରଥମେ ନାମ ଲେଖା ହୋଇଥିଲା ସ୍କୁଲରେ ......ମୁଁ ଆଗତୁରା ହୋଇ କହିଥିଲି .....ସାର୍ , ମୋ ନାଁ ସ୍ନେହଲତା । କିନ୍ତୁ, ସାର୍ ଜାଣନ୍ତି ଯେ' ମୁଁ ଛବିଗ୍ରାଣୀ ନାଁ

ଟିକୁ ଧରି ଚଢ଼େ ବୋଲି । ତେଣୁ ସେ' ବି ଗେଲରେ ଗେଲରେ ନାଁ ଲେଖି ଦେଲେ .....ଛବିରାଣୀ ବୋଲି । ସମୟ ସୁଅରେ ଲିଭିଗଲା ....ମୋର ପ୍ରକୃତ ନାମ ସ୍ନେହଲତା । ଆଉ ଛବିରାଣୀର ପରିଚୟ ନେଇ ମୋତେ ବଞ୍ଚିବାକୁ ହେଲା ସାରା ଜୀବନ ......ଯୋଉ ନାମଟି ମୋତେ ଲାଗୁଥିଲା ..."ମାଡ଼ ମରିଲା ପରି" ।

ସମୟ କ୍ରମେ ପିଲାଦିନ କଟିଗଲା । କିନ୍ତୁ, ସେଦିନଠୁ ଆଉ ଦେଖିନ କେବେ ସେହି ବହିଟିକୁ । ଚାହୁଁଥିଲି ସବୁ ଯେମିତି ଭୁଲି ଯିବାକୁ । ମାତ୍ର, ଭଗବାନଙ୍କର ବିଚିତ୍ର ଲୀଳା ପାଖରେ ହାର ମାନିବାକୁ ପଡେ ସମସ୍ତଙ୍କୁ । ଯେଉଁ ଅଞ୍ଚଳକୁ ମୁଁ ଏଡ଼େ ଆକ୍ରୋଶରେ ଦେଖୁଥିଲି ପିଲାଟି ଦିନରୁ ....... ହଜାର ଯତ୍ନ ସତ୍ତ୍ୱେ .......ହୋଇଗଲି ସେହିଠାକାର ବୋହୂ । ପରିସ୍ଥିତିରେ ପଡି ମଣିଷ କ'ଣ ନ'କରେ ...?? ରାଜା ହରିଷ୍ଚନ୍ଦ୍ର ଜଗିଥିଲେ ମଶାଣି , ନଳ ରାଜା ବି କାଟି ଥିଲେ ଘାସ..... ଘୋଡା ପାଇଁ ଆଉ ,,,, ସ୍ୱୟଂ ଭଗବାନ ମଧ ଧରିଥିଲେ ଗଧ ପାଦ । ତେଣୁ ମନକୁ ବୁଝାଇ ଭୂଲି ଯାଉଥିଲି କାଳକ୍ରମେ ସବୁକିଛି ।

ଦୀର୍ଘ ଅଣତିରିଶି ବର୍ଷ ପରେ ମାନସ ମନ୍ଥନ ନେଇ ଫେରିଲା ନିହାରିକା; ଅବିକଳ ଛବିରାଣୀର ପ୍ରତିରୂପ ନେଇ । ଠିକ୍ ସେଇ ଘଟଣା..... ସେଇ ଜାଗା .....ବିଲୁଆ ଖାଇର ନଦୀପଠା । ଦୋହଲାଇ ଦେଲା .....ପ୍ରତ୍ୟେକ ନାରୀର ଅବଲୁଣ୍ଠିତ ଚିନ୍ତା ଆଉ ଚେତନାକୁ । ଏତେ ବିଭତ୍ସ କାଣ୍ଡ ଘଟାଇ ପାରେ.....କେହି କ'ଣ ସତରେ...!!! ଆଜି ଯେପରି ହଜାଇ ଦେଇଛି ନାରୀଟି.....ନିଜର ଅସ୍ତିତ୍ୱ । ହଜି ଯାଇଛି.... ସମାଜରୁ ନୈତିକତାର ମୂଲ୍ୟବୋଧ ଓ ଆଦର୍ଶ । ଲିଭି ଯାଇଛି ଆଇନ ଶୃଙ୍ଖଳା ଆଉ ଦଣ୍ଡ ବିଧାନ ଆଉ ପ୍ରତି ଅମଣିଷ ମାନଙ୍କ ମନ ଭିତରୁ ଅହେତୁକ ଭୟ ।

ନାରୀ .....ଯାହାର ଗର୍ଭରୁ ଜାତ ହୋଇ ତା' ଛାତିରୁ କ୍ଷୀର ପିଇ ଜୀବନ ପାଇଛି ପୁରୁଷ, ଯାହା ହାତରୁ ରାକ୍ଷୀ ପିନ୍ଧି....ସୁରକ୍ଷା ବଳୟର ପ୍ରତିଶୃତି ଦେଉଛି ପୁରୁଷ, ମଥାରେ ସିନ୍ଦୂର ଭରି.... ଅଗ୍ନିକୁ ସାକ୍ଷୀ ରଖି ତଥା, ସାତ କଳସ-ସାତ ଦୀପକୁ ସାକ୍ଷୀ ରଖି ମାନ୍ୟତା ଦେଉଛି ଅର୍ଦ୍ଧାଙ୍ଗିନୀର, ନିଜ ଔରସରୁ ଜନ୍ମ ଦେଇ ନିଜ ରକ୍ତକୁ ନିଜର ପ୍ରତିନିଧିତ୍ୱ କରିବାକୁ ଆଣୁଛି ଏ' ଦୁନିଆକୁ; ସେଇ ପୁରୁଷ .......କିପରି ଘଟାଇ ପାରୁଛି ଏପରି ନାନା ଲୋମ ହର୍ଷଣକାରୀ ଆଉ ସମ୍ବେଦନଶୀଳ, କୁତ୍ସିତ ମାନସିକତାର ଘଟଣା - ଦୁର୍ଘଟଣା ମାନ

.....!!! କଦର୍ଯ୍ୟ ପ୍ରକୃତି ଓ ଦସ୍ୟୁ ମନବୃତ୍ତିରେ .....ବଳ ପଡି ଯାଉଛନ୍ତି ବିଚରା କେତେ କେତେ "ଛବିରାଣୀ ଆଉ ନହାରିକା" । ଆଜି, ଲୋପ ପାଇ ଗଲାଣି ଦୁନିଆରୁ ବିଶ୍ୱାସ ଆଉ ଭଲ ପାଇବା । ଏଭଳ କାଣ୍ଡ କାରନାମାରେ ଚିରି ଫାଡ଼ି ଦେଉଛି ଅନ୍ତରରୁ ସ୍ନେହ, ପ୍ରେମ .......ଯାହା ବହୁତ ଉଦ୍‌ବେଗ ଜନକ ଆଉ ଅନୁତାପର ବିଷୟ ନିଶ୍ଚିତ।

ଆସନ୍ତୁ .....ବନ୍ଧୁଗଣ, କିଛି କରିବା । ଚେଇଁ ଶୋଇଥିବା ଆମ ଭିତରର ବିବେକ ଆଉ ବୁଦ୍ଧିକୁ ଶକ୍ତ ଗୁପୁଡ଼ା ଦେଇ ଜାଗ୍ରତ କରାଇବା ଏବଂ ନାରୀ ସଶକ୍ତିକରଣର ଚାବୁକ ପ୍ରହରରେ ଚେତାଇ ଦେବା ଯେ'....ଏକବିଂଶ ଶତାବ୍ଦୀର ନାରୀ ଏବେ ଆଉ ଅବଳା, ଦୁର୍ବଳା ନୁହେଁ। ପୁରୁଷକୁ..... ନ'ମାସ ନ'ଦିନ ଗର୍ଭରେ ଧରି .....ଛାତି ଚିରି ଦେଇଥିବା ଅମୃତ ଧାରାର ମୂଲ୍ୟ ବୁଝାଇଦେବା, ଗୋଟେ ନାହି ଦୁଇ ଖଣ୍ଡ କରି ଜନ୍ମ ହୋଇଥିବା ଭାଇ ଭଉଣୀଙ୍କ କର୍ତବ୍ୟବୋଧକୁ ସଚେତ କରିବା, ବିଶ୍ୱାସରେ ବସା ବାନ୍ଧିଥିବା ପତି-ପତ୍ନୀଙ୍କ ଅନାବିଳ ସ୍ନେହଁ ର ତଥା ପବିତ୍ର ବନ୍ଧନର ମର୍ଯ୍ୟାଦା ରକ୍ଷା କରିବା,, ଆଉ ବାକି ରହିଲା, ସେହି ଆହ୍ୱାନ...."ପ୍ରେମ "ଯାହାର ପ୍ରକୃତ ଅର୍ଥକୁ ଚରିତାର୍ଥ କରାଇବା, ସେହି ଶାଶ୍ୱତ ପ୍ରେମର ଜୀବନ୍ତ ଉପଲବ୍ଧି କୁ ଅନୁଭବ କରିବା, ବିଶ୍ୱାସ ଓ ଭରସା ର ସମ୍ପର୍କ ରେ ସ୍ୱାର୍ଥ, ଇର୍ଷା, ହିଂସା, ପରଶ୍ରୀକାତରତାକୁ ଜଳାଞ୍ଜଳି ଦେଇ ,,,,, କୋଳେଇ ନେବା...... କେବଳ ତ୍ୟାଗ, ସମର୍ପଣ, ନିଷ୍ଠା ଆଉ ପ୍ରଚୁର ଭଲପାଇବାକୁ । ଏତିକି କାମନା ଆଉ ବିନତି ବି' .....ମୋର ଯୁବକ ବନ୍ଧୁ ଭାଇ ମାନଙ୍କୁ .....ପ୍ରତ୍ୟେକ ନାରୀକୁ ନିଜର ମାଆ ଓ ଭଉଣୀ ପରି ଦେଖନ୍ତୁ, ସମ୍ମାନ ଦିଅନ୍ତୁ । ଯେପରି ପ୍ରତୀତ ହେବ ଏ'ସାରା ସଂସାର ଟା ଗୋଟେ ପରିବାର ପରି। ମୋର ଏ' ଗଦ୍ୟ ରଚନା କୁ ଆପଣ କଣ ସମ୍ବୋଧନ କରିବେ....ମୁଁ ଜାଣେନା । କ' ବାର୍ତା ବହନ କରିଛି ଆପଣ ମାନେହିଁ ତାର ବିଚାରକ । ମାତ୍ର,, ମୁଁ ଏ' ରଚନା ମାଧ୍ୟମରେ .....ମୋ' ଅତଳ ମନର, ରସାତଳ ଅବଦମିତ ଅକୁହା କାହାଣୀ ଓ ଜୀବନ୍ତ ଗାଥାର ଅଭିବ୍ୟକ୍ତି......ଯାହା ମୋତେ ଦେଇଛି ସମ୍ୟକ ଆତ୍ମସନ୍ତୁଷ୍ଟି । ମୋର ପାର୍ଥନା .....ଦୁର୍ବଳ ମାନସିକତା କୁ ପରିହାର କରି ଏକ ସୁନ୍ଦର ସୁସ୍ଥ ଓ ସମୂହ ସ୍ୱାର୍ଥରେ "ବସୁଧେଇବ କୁଟୁମ୍ବକମ" ମନ୍ତ୍ରରେ ଅଭି ମନ୍ତ୍ରିତ ହୋଇ, ଗୋଟିଏ ମାଆର ସନ୍ତାନ ଆମେ ଏହି ଅଚରଣରେ ନିଜକୁ ପ୍ରେରିତ କରନ୍ତୁ ।

ମଧ୍ୟ ଶାସନ, ଜଗତସିଂହପୁର

# ପ୍ରେମର ମାନେ କଅଣ?

ଅନନ୍ତ କୁମାର

ପ୍ରେମ ମାନେ ନୁହେଁ
ଗୋଲ୍ପ ଫୁଲ କ ଦାମି ଉପହାର ଦେବା ନେବା,
ପ୍ରେମ ମାନେ ନୁହେଁ
ଘଡି ଘଡି ଅନଲାଇନରେ ଘ୍ଚଟିଂ ଭିଡିଓ କଲ କରିବା,
ପ୍ରେମ ମାନେ ନୁହେଁ
ଦେହକୁ ଦେହକୁ ଲଗା ହେଇ ପାର୍କରେ ବସିବା
ପ୍ରେମ ମାନେ ନୁହେଁ
ସିନେମା ହଲ ଯାଇ ସିନେମା ଦେଖିବା,
ପ୍ରେମ ମାନେ ନୁହେଁ
ଶାରୀରିକ ସମ୍ପର୍କ ରଖିବା,
ପ୍ରେମ ମାନେ ନୁହେଁ
କାମନା ବାସନାରେ ସଦା ଜଡିତ ରହିବା,
ପ୍ରେମ ମାନେ ନୁହେଁ
ହତ୍ୟା କରିବା,
ତେବେ ପ୍ରେମର ମାନେ କଅଣ,
ପ୍ରେମ ଦୁଇ ଆତ୍ମାର ମିଳନ,
ପ୍ରେମ ସତ୍ୟ, ସଦା ଚିରନ୍ତନ,
ପ୍ରେମ ଯୁଗେ, ଯୁଗେ ଅମର

ତିହିଡି, ଭଦ୍ରକ

# ପ୍ରେମ ଫଗୁଣର ଫୁଲବନ



ଅଭିମନ୍ୟୁ ବେହେରା

ସବୁ ପରେ ବି ଆମେ ପ୍ରାଚ୍ୟ ବାସୀ ପାଶ୍ଚାତ୍ୟ ମୁହାଁ । ଚାହିଁଲେ ବି ସେଥିରୁ ନିଜକୁ ଦୂରେଇ ରଖି ପାରୁ ନାହାଁନ୍ତି ଆଉ ନ ଚାହୁଁଥିଲେ ବି ସେ ଯେମିତି ଆମ ସହ ଗୁଡେଇ ହେଇଯାଉଛି। ସେ ପାଶ୍ଚାତ୍ୟ ନୃତ୍ୟ ସଙ୍ଗୀତ ହେଉ କି ପାଶ୍ଚାତ୍ୟ ବେଶ ଭୂଷା ହେଉ କି ଚାଲି ଚଳନ ଆଚାର ବ୍ୟବହାର ହେଉ ସେ ସବୁ ଶହେ ରୁ ଶହେ ନ ହେଲେ ବି ଅଧିକାଂଶ ଭାବରେ ଆପଣେଇ ଛନ୍ତି ଊଣା ଅଧିକେ ସମସ୍ତେ । ସେ ସବୁ ଆମର ସଂସ୍କୃତି ହୋଇ ନପାରେ ତଥାପି ଅନେକ କ୍ଷେତ୍ରରେ ସେ ସବୁକୁ ଛାଡି ଆମେ ଆଗକୁ ବଢିପାରିବା ବୋଧ ହୁଏ ସମ୍ଭବ ନୁହେଁ । ଆମେ ଏତେ ଅଙ୍ଗାଙ୍ଗୀ ଭାବେ ଜଡିତ ଯେ ତାହା ଆମର ଅବିଚ୍ଛିନ୍ନ ଅଙ୍ଗ ପାଲଟି ଯାଇଛି । ଏଇ ନିକଟରେ ଆମେ ପାଳନ କରିଛନ୍ତି ଭାଲେଣ୍ଟାଇନ୍ସ ଡେ ଅର୍ଥାତ୍ ପ୍ରେମ ଦିବସ। ଇଏ ଆମର ସଂସ୍କୃତି ନୁହେଁ ଆଉ ଏହା ପାଳନ କରିବାରେ କିଛି ଯଥାର୍ଥତା ନାହିଁ ବୋଲି ଅନେକ ସ୍ୱର ଉଠାଉଛନ୍ତି । ଯେମିତି କୁହାଯାଇଛି ଏଭ୍ରିଥିଙ୍ଗ ଇଜ୍ ଫେୟାର୍ ଇନ୍ ଲଭ୍ ଏଣ୍ଡ୍ ୱାର୍ । ତେବେ ଏହାକୁ କାହିଁ ବାଦ୍ ଦେବା - ଆମେ ପ୍ରେମ କରୁଛୁ ପ୍ରେମ ଦିବସ ପାଳନ କରୁଛୁ । ଡିଣ୍ଡିମ ବଜାଇ ଆମେ ଦୁନିଆକୁ ଜଣାଉଛୁ ଆମେ ପ୍ରେମୀ ଯୁଗଳ । ତେବେ ଇଏ କଣ ପ୍ରେମର ପରିଭାଷା । କାହା ପାଇଁ କଣ କାହା ଅନୁସାରେ କିପରି ପ୍ରେମର ପରିଭାଷା ହେବା ଉଚିତ୍ କେବଳ ସେଇ ଅନୁଭବୀ ମାନେହିଁ କହିପାରିବେ । ପ୍ରତ୍ୟେକ ପ୍ରତ୍ୟେକଙ୍କ କ୍ଷେତ୍ରରେ ଠିକ୍ ବୋଲି ଭାବିଥାନ୍ତି । ହିନ୍ଦୀରେ କୁହା ଯାଇଥିବା ପ୍ୟାର କିୟା ନେହିଁ ଯାତା ହୋ ଯାତା ହୈ ....... ମାତ୍ର ଆଜିର ପ୍ରେମ ପ୍ରସଙ୍ଗ କିଛିଟା ବିପରୀତଭଳି ଅନୁଭବହୁଏ କାରଣ ପ୍ରେମ ଦିବସ ପାଳନରେ ପ୍ରପୋଜ୍ ଡେ୍ ବୋଲି ଏକ ସ୍ୱତନ୍ତ୍ର ଦିନ ଅଛି। ଯେମିତି ଏଇ ଦିବସ ଆମକୁ ଏକ ସପ୍ତାହ ବ୍ୟାପୀ ଯାତ୍ରା ଭଳି ଅନୁଭବ ହୋଇଥାଏ। ପ୍ରତ୍ୟେକ ଦିନ ଏକ ସ୍ୱତନ୍ତ୍ର ଦିନ ନାମରେ ନାମିତ ହୋଇଥାଏ ଏଇ ଯେମିତି ରୋଜ୍ ଡେ, ହଗ୍ ଡେ୍, ଚକଲେଟ୍ ଡେ, ଇତ୍ୟାଦି । ପ୍ରେମ କେବେ ଗୋଟାଏ ମୂହୁର୍ତ୍ତ ବା ଆଖିର ପଲକ

ମାନେ ସୃଷ୍ଟି ହୋଇଥାଏ ପୁଣି କେବେ ବର୍ଷ ବର୍ଷ ବିତିଗଲେ ବି ପ୍ରେମର ସୃଷ୍ଟି ଅସମ୍ଭବ ହୋଇପଡିଥାଏ । ତେବେ ଏପରି ସ୍ଥଳେ ଏକ ସପ୍ତାହ ମଧ୍ୟରେ ପ୍ରେମର ଆତ୍ମପ୍ରକାଶ ରେ କଣ ନିଶ୍ଚିତତା ଥାଏ, ଯାହାକ ଆମେ ଏଇ ଦିବସରେ ପାଳନ କରୁଛନ୍ତି । ଏଠାରେ ଭ୍ୟାଲେଣ୍ଟାଇନ୍ସ ଡେ କୁ ବିଦ୍ରୁପ କରାଯାଉ ନାହିଁ କେବଳ ଏଇ ସାତ ଦିନର ସମୟ ସୀମାକୁ ସାତ ଜନ୍ମର ସମୟ ସୀମା ବୋଲି ଭାବି ନେବା ଯୁକ୍ତିଯୁକ୍ତ କି!

ପ୍ରତୀକ୍ଷାର ଗ୍ରେଷ୍ଠ ପ୍ରୀତୀ ବହୁତ ମିଠା ବୋଲି ସମସ୍ତେ କୁହନ୍ତି ମାତ୍ର ଆଜିର ଯୁବପିଢୀ ମାନଙ୍କର ଖୋଲା ପ୍ରୀତୀ ବେଶ ଆଦ୍ଭୁତ ହୋଇ ପାରିଛି । ମୂଲ୍ୟ ହୀନ ହୋଇ ପଡିଛି - ପ୍ରଥମେ ଖାଲି ଆଖିର ଦେଖା ତାପରେ ପରିଚୟ, ସେ ପରିଚୟ ହେଲେ ନିବିଡ ପ୍ରେମର ବିନିମୟ । ପହାଚ ପରେ ପହାଚ ଚଢି ପ୍ରେମର ଶୀର୍ଷରେ ପହଞ୍ଚିବାର ଧୈର୍ଯ୍ୟ ଏବେକା ପିଢୀଙ୍କ ପାଖରେ ପରିଲକ୍ଷିତ ହେଉନାହିଁ । ଏଥିରୁ ସ୍ପଷ୍ଟ ଜାଣିହେଉଛି ଯେ ଆମେ ପାଶ୍ଚାତ୍ୟମୁହାଁ । ପ୍ରେମ ଏତେଟା ଖୋଲା ଖୋଲି ରେ ସଂସ୍କୃତି ବୁଡୁଛି ସତ ନା ଏ ପ୍ରେମରେ ଅଛି ମାଦକତା ନା ଅଛି ମାଧୁର୍ଯ୍ୟତା । ଜଣେ ଜଣକୁ ମୁହଁ ଖୋଲି ନ କହିଲେ ବି ପରସ୍ପର ପରସ୍ପରକୁ ଭଲ ପାଆନ୍ତି ବୋଲି ଜାଣି ପାରନ୍ତି ଆଉ ଅନୁଭବ କରିପାରନ୍ତି । ଦିନେ ତ ଦୁନିଆ ଜାଣିବ ପ୍ରେମକୁ ସାର୍ଥକତା ମିଳିବ କିନ୍ତୁ ଆଜିର ସମାଜରେ ପ୍ରେମର ସଙ୍ଗ୍ୟା ପ୍ରେମର ପରିଭାଷା ସମ୍ପୂର୍ଣ୍ଣ ଭିନ୍ନ । ଏଠି ତୁ ତୁମେ ଆପଣ ସବୁ କିଛି ଗୋଟାଏ ଇଂରାଜୀ ଶବ୍ଦ 'ଇଉ' ( ଶନ୍ଦଙ୍କ) ପରି ପ୍ରତ୍ୟକ୍ଷ ଅନୁଭୁତ ।ଏଠାରେ ପ୍ରେମ ପ୍ରଣୟର କବି ଡକ୍ଟର ମାୟାଧର ମାନସିଂହଙ୍କ ଭାଷାରେ –ସେଇ ପଦଟିକୁ ଉଦ୍ଧାର କରାଯାଇପାରେ – ସମସ୍ତେ ଡାକନ୍ତି ତମେ ତମେ ବୋଲି ସେ ତମେ ର ମାନେ ନାହିଁ , ତମେ ଯଦି ଥରେ ତମେ ବୋଲି ଡାକ ଏତେ ମିଠା କାହିଁ ପାଇଁ । ଯାହା ଏକ ଅକୁହା କଥା , ଅକୁହା ଭାଷା , ପବନ ପରି ଯାହାକୁ ଦେଖି ହୁଏନା କେବଳ ଅନୁଭବ କରିହୁଏ, ଯିଏ ଲୁଚ ରହିଥାଏ ଅଗ୍ନି ଅଗ୍ନି ବନର ସାତ ତାଳ ପାଣି ସାତ ତାଳ ପଙ୍କ ପୋଖରୀ ଭିତରେ ରାଜ ନଅରର ବୁଢୀ ଅସୁରୁଣୀ କୁହୁକ ପେଡିରେ କଳା ଭଅଁର ପରି ସାଇତା ସେଇ ବୋଧେ ପ୍ରେମ । ମନ ହୃଦୟର କେତେ ଆବରଣ ଖୋଳପା ଭିତରେ ସାଇତା ଅଙ୍ଗୁରୋଷ୍କମ ପରି ପ୍ରେମ କେବେ ଆତ୍ମପ୍ରକାଶ କରିବାକୁ ବାଟ ଖୋଜୁଥାଏ । ତେବେ ପ୍ରେମ କଣ ଏତେ ଲଜ୍ୟାହୀନ! ପ୍ରେମର ପରିଭାଷା କଣ କେବଳ କାମନା, ବାସନା ରେ ସୀମିତ । ପ୍ରେମ କଣ ସଙ୍କିର୍ଣ୍ଣତା ମନର ଭଙ୍ଗା କାଚଘର । ପ୍ରେମ କଣ ଭୀରୁ କା ପୁରୁଷ ପରି ପଳାୟନ ପନ୍ଥିର ପରିଚୟ ନା ଇଏ ଏକ

ଏମିତି ତଟିନୀ ଟିଏ ଯିଏ ସାଗରକୁ ଛୁଇଁବାର ପରିକଳ୍ପନା କରିପାରିବନି!ପ୍ରେମରବିଶ୍ଳେଷଣ ସଂଶ୍ଳେଷଣ ଠାରୁ ଅନେକ ଉର୍ଦ୍ଧ୍ୱରେ ସେଇ କବି ଡକ୍ଟର ମାୟାଧର ମାନସିଂହଙ୍କ ମତରେ –

ପ୍ରେମ ନୁହେଁ ଦେହ ଦେହଁ ଭୋଗ ଅନ୍ୱେଷଣ,
ପ୍ରେମ ଏକ ଆତ୍ମା ପ୍ରତି ଅନ୍ୟର ବନ୍ଧନ ।
ପ୍ରେମପୂର୍ଣ୍ଣ ସମର୍ପଣ ଏକ ଅନ୍ୟ ପାଇଁ,
ପ୍ରେମ ଆନ ପାଇଁ ଦେବା ନିଜକୁ ହଜାଇ ।
ନୈରାଶ୍ୟ , କଷଣ, ଅଶ୍ରୁ, ସାଥୀ ପ୍ରଣୟର,
ପ୍ରେମିକ, ପ୍ରେମିକା ପୋଛେ ଅଶ୍ରୁ ଅନ୍ୟୋନ୍ୟର ।

ମହାନ ମାନସିଂହଙ୍କ ଏଇ ପଂକ୍ତି ଗୁଡିକୁ ଅନୁଧ୍ୟାନ କଲେ ମନକୁ ଆସେ ଶହ ଶହ ବର୍ଷ ବିତିଗଲେ ବି କେଦାର – ଗୌରୀ, ଲୈଲି – ମଜନୁ, ରୋମିଓ – ଜୁଲିଏଟ୍ , ହୀର – ରାଞ୍ଜା ପ୍ରେମୀ ଯୁଗଳ କାହାଣୀ ଆଜି ବି ସମାଜରେ ଲୋକ ମୁଖରେ ଉଜ୍ଜୀବିତ ହୋଇରହିଛି ତାର କାରଣ ସେମାନଙ୍କ ପ୍ରେମରେ ଭୋଗ ଠାରୁ ତ୍ୟାଗ ବେଶୀ ଥିଲା । ତଥା କଥିତ ସମାଜର ଏବର ପ୍ରେମୀ ଯୁଗଳଙ୍କୁ ଦୁନିଆ କେତେ ଦିନ ମନେ ରଖିବ ତାହା ସମୟ କହିବ। ସତରେ କଣ ପ୍ରେମର ଋତୁ ଅଛି ନା ମାସ ଅଛି ନା ଦିନ ଅଛି ନା ଲଗ୍ନ । କେବେ ସିଏ ଫଗୁଣର ଫୁଲବନ ତ କେବେ ଭିଜା ଶ୍ରାବଣ କେବେ ସେ ଶୀତଳ ଜହ୍ନ ଆଲୁଅ ତ କେବେ ପୁଣି ଧୁ ଧୁ ଖରା କେବେ ସେ ସ୍ୱର୍ଗର ଅମରାବତୀ ତ କେବେ ସେ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ପୁଣି କେବେ ଅପାସରା ଅଭୁଲା ସ୍ମୃତି । ସେ ଋତୁ ପାର୍ବଣର ହେଉ କି ଏବେର ଋତୁ ଫଗୁଣ ହେଉ ପ୍ରେମ ସର୍ବଦା ସତ୍ୟ ଶିବ ସୁନ୍ଦର । ଜନନୀ, ଜାୟା , ଭଗିନୀ ପରେ ବୋଧ ହୁଏ ନାରୀ ଆଉ ଗୋଟିଏ ସ୍ୱତନ୍ତ୍ର ରୂପ ପ୍ରେମିକା । ପିତା, ଭ୍ରାତା, ସ୍ୱାମୀ ପରେ ଯେମିତି ପୁରୁଷର ଆଉ ଗୋଟିଏ ରୂପ ପ୍ରେମିକ । ସମାଜରେ ଗୋଟିଏ ଗୋଟିଏ ଅନାମ ଧେୟ ସ୍ୱତନ୍ତ୍ରତା । କେହି କେବେ ସମାଜରେ ପ୍ରେମିକ ଟିଏ ବା ପ୍ରେମିକା ଟିଏ ବୋଲି ସହଜରେ ନିଜକୁ ସାବସ୍ତ୍ୟ କରିପାରେ ନାହିଁ । କାରଣ ଲାଜ ଆଉ ଭୟ । ଯାହାକୁ ସାମାଜିକ ସ୍ୱୀକୃତି ମିଳବାରେ କୌଣସି ନିଶ୍ଚିତତା ନାହିଁ । କିନ୍ତୁ ସମାଜର ଆକ୍ଷେପ ପ୍ରେମକୁ ଏକ ବାଟବଣା ରାସ୍ତା ବୋଲି ରୂପ ଦେଇଥାଏ । ଜୀବନର ଲମ୍ବା ଲମ୍ବା ରାସ୍ତା ଅତିକ୍ରମ କରିବାକୁ ଥିବାବେଳେ ଜୀବନର ଲକ୍ଷ୍ୟ ସ୍ଥଳରେ ପାଦ ଦେବାକୁ ଥିବା ବେଳେ ପାଦ ଖସଡି ପ୍ରେମରେ

ପଡିଗଲେ ଜୀବନର ଲକ୍ଷ୍ୟ ପୂରଣ ହୋଇପାରେନ ବୋଲି କୁହାଯାଏ । ଯୋଗ ଭିତରେ ଭୋଗ ପ୍ରବେଶ କଲେ ପ୍ରେମ ଏକ ବାଟବଣା ରାସ୍ତା ପ୍ରେମ ଏକ ଖସଡା ରାସ୍ତା ପାଲଟିଯାଏ । ସତରେ ଏହା କେତେ ଦୂର ଯୁକ୍ତିଯୁକ୍ତ! ସେଇଥିପାଇଁ ବୋଧେ କେତେ ବର୍ଷ ପୂର୍ବରୁ ଓଡିଶା ସରକାରଙ୍କ ଦଶମ ଶ୍ରେଣୀ ଇଂରାଜୀ ପାଠ୍ୟ ପୁସ୍ତକରେ 'ସିଫର୍ଡସ୍ ଡଟର୍' ବୋଲି ଗୋଟିଏ ବିଷୟ ଥିଲା । ଯୋଉଥିରେ ଏକ ରାଜପୁତ୍ର ଏକ ମେଷ ପାଳକ ଝିଅ ପ୍ରେମରେ ପଡି ଯାଇଥିଲା ଏବଂ ତାକୁ ବିବାହ କରିବା ପାଇଁ ଏକାନ୍ତ ଜିଦ୍ ଧରି ବସିଥିଲା । ମାତ୍ର ମେଷ ପାଳକ ଝିଅ ଗୋଟିଏ ସର୍ତ୍ତରେ ବିବାହ କରିବାକୁ ରାଜି ହୋଇଥିଲା । ତାହା ଥିଲା ସେ ରାଜା ପୁଅ ବୋଲି ତାକୁ ବିବାହ କରିବନ ରାଜା ପୁଅ ଯଦି କୌଣସି କାର୍ଯ୍ୟ କରି ରୋଜଗାର କରି ଦେଖାଇ ପାରିବେ ସେ ତାଙ୍କ କଥାରେ ରାଜି ହେବ । ଏଠାରେ ଜଣେ ଅନ୍ୟକୁ ଆତ୍ମ ନିର୍ଭରଶୀଳ ରୋଜଗାର କ୍ଷମ ସ୍ୱାବଲମ୍ବୀ କରିବାକୁ ଚେଷ୍ଟା କରୁଛି । ଅନ୍ୟ ପକ୍ଷରେ ଯୁକ୍ତ ଦୁଇ ଇଂରାଜୀ ପାଠ୍ୟ ପୁସ୍ତକରେ ଆଉ ଗୋଟିଏ ଉଦାହରଣକୁ ନିଆ ଯାଇପାରେ । ବିଷୟଟି ହେଲା 'ଦ ନାଇଟିଙ୍ଗେଲ ଏଣ୍ଡ ଦ ରୋଜ୍' ଯୋଉଥିରେ ଜଣେ କଲେଜ୍ ଛାତ୍ର ତାଙ୍କ କଲେଜର ଜଣେ ପ୍ରଫେସର ଝିଅଙ୍କୁ ପ୍ରେମ କରୁଥିଲା ଯୋଉଥିରେ ଝିଅଟି ସର୍ତ୍ତ ରଖିଥିଲା ତାକୁ ନାଲି ଗୋଲାପ ଦେଲେ ସେ ପାର୍ଟିରେ ତା ସହିତ ନାଚବ । କଲେଜ ଛାତ୍ର ଜଣକ ନାଲି ଗୋଲାପ ଖୋଜିବାକୁ ଚେଷ୍ଟା କରିଥିଲା ମାତ୍ର ସେତେ ବେଳେ ବହୁତ ବରଫ ପଡୁଥିବାରୁ ନାଲି ଗୋଲାପ ଫୁଟୁ ନଥିଲା । ଗୋଟିଏ ଧଳା ଗୋଲାପକୁ ନାଲି ଗୋଲାପ କରିବା ପାଇଁ ପ୍ରେମର ସଙ୍ଗୀତ ଗାଉଥିବା ନାଇଟିଙ୍ଗେଲ ଗୋଲାପ କଣ୍ଟାରେ ନିଜ ଦେହରୁ ସବୁ ରକ୍ତ ଝରାଇ ଧଳା ଗୋଲାପଟିକୁ ନାଲି ଗୋଲାପରେ ପରିଣତ କରିଥିଲା ଏବଂ ପିଲାଟିକୁ ଉପହାର ଦେଇଥିଲା କାରଣ ସେ ଚାହୁଁଥିଲା ତା ଜୀବନ ପଛେ ଯାଉ ପ୍ରେମ ବଞ୍ଚିରହୁ । ପିଲାଟି ନାଲି ଗୋଲାପଟିକୁ ନେଇ ଝିଅଟିକୁ ଦେବା ପରେ ଝିଅଟି କିନ୍ତୁ ରାଜି ହୋଇ ନଥିଲା ସେ କହିଥିଲା ଇଏ ଏକ ସମାନ୍ୟ ଗୋଲାପ ମୋତେ ମୁକ୍ତାରେ ତିଆରି ଗୋଲାପ ଦେଇପାରିବ । ପିଲାଟି ନିରାଶ ହୋଇ ଫେରି ଆସିଥିଲା ଆଉ ଝିଅ ଗୁଡାଙ୍କ ହୃଦୟ କେମିତି ବୋଲି ଜାଣିବାକୁ ଚେଷ୍ଟା କରିଥିଲା । ଯୋଉଠି ପ୍ରେମ ଥିଲା ସ୍ୱର୍ଗୀୟ ଗଢିବାର ଭାବନା ସେଠି ପ୍ରେମ ଆଜି ଛଳନା, ସ୍ୱାର୍ଥପରତା, ପ୍ରତାରଣାର ରୂପ ଆଜିର ଏଇ ବସ୍ତୁବାଦୀ ଦୁନିଆରେ ଯେଉଁ ପ୍ରେମରେ ସତ ନାହିଁ ବିଶ୍ୱାସ ନାହିଁ ସେଥିରେ କେବଳ ଭରିଛି ସୁନା ଗହଣା ବ୍ୟାଙ୍କ ବାଲାନ୍ସ କୋଠା ଘର ଭଳ ବସ୍ତୁର ମୋହ । ଏଠାରେ ସେ ସ୍ଲୋଗାନ ନାହିଁ ଅତୀତର ପ୍ରେମୀ ଯୁଗଳଙ୍କ ପରି ଜୀବନ ପଛେ ଯାଉ ପ୍ରେମ ବଞ୍ଚିରହୁ । ତା ହୋଇନଥିଲେ

କେମିତି କାନାଡାର ଝିଅ ଓଡିଶାର ବୋହୂ ହୋଇପାରିଥାନ୍ତା । ଇଏ ଏକ ପ୍ରେମର ଝଲକ ନୁହେଁତ ଆଉ କଣ!

ଶେଷରେ ପଦଟିଏ ନ ଲେଖି ରହିପାରୁନାହିଁ । ସେ ଫଗୁଣର ଫଗୁବୋଳା ସନ୍ଧ୍ୟା ଜୀବନରେ ପୁଣି କେବେ ଆସିଲାନ । ପ୍ରକୃତିର ନିୟମ ତାଳରେ ତାଳ ଦେଇ ଅନେକ ଫଗୁଣ ଆସିଲା ଆଉ ଗ୍ଲିଗଲା । କିନ୍ତୁ ସେ ବିଗତ ଫଗୁଣ ପରି ସେଥିରେ ମଜା ନଥିଲା । ସେଠି ଫଗୁଣର ଫୁଲବନ ଥିଲା ନା ତମେ ଥିଲ ନା ମୁଁ ଥିଲି ସବୁଥିଲା ଫିକା ଯୋଉ ଫଗୁଣରେ ତମେ ନାହଁ ସେଠି ଫଗୁଣର ଫୁଲବନ ଆସିବ କୋଉଠି ସେ ମଜା ମିଳିବ କୋଉଠି ........

ଅଧକ୍ଷ – ମାଇଁ ପ୍ଲାନେଟ୍‌ପବ୍ଲିକ୍ ସ୍କୁଲ
ସ୍ୱାମପାଟଣା, କେନ୍ଦୁଝର

# ଜୀବନର ଚଠି



ରାଧାରାଣୀ ରାଉଳ

ଆଜିର ଜୀବନ ଅତିଥି ସାଜିଛି
ଭଙ୍ଗା ଏଇ କୁଡିଆରେ
ଆଜିରେ ସମୟ ପ୍ରେରଣା ଦେଉଛି
ଦୁଃଖ ସୁଖ ଭୁଲିଯାଆରେ
କାହାଣୀ ଲେଖୁଛି ବାକ ଭାବନା ମୋ
ହାତରେ କଲମ ଧରି
ନିଶ୍ୱାସ ମୋ କହେ ବେଶିଦିନ ନୁହେଁ
ଉଡିଯିବି ଧୀରେ ଧୀରେ
ଆଖି ଏଠି କଛି କହିପାରେ ନାହିଁ
ଢାଳଦିଏ ଖାଲୁ ଲୁହ
ମାନ ଅଭିମାନ ସରିଯିବ ମୋର
ହୋଇଯିବି ଦିନେ ପର
ଜୀବନର ଏଇ ସତ ଗଳ୍ପ ମୋର
ପଢିଲେ ଲାଗଇ ଭାରି କଷ୍ଟକର ॥

କଟିକଟା, ଯାଜପୁର

# ଚଢେଇ



ମେନନ୍ ସାହୁ

କେଉଁ ଏକ ପର୍ବାଣୀର ସମୟ ଗୋପାଳର ମା ପ୍ରମିଳା ତାକୁ ପାଖ ବଜାରକୁ ପଠାଇଥିଲେ କିଛି ଖାଦ୍ୟ ଦ୍ରବ୍ୟ ପ୍ରସ୍ତୁତ ସମାଗ୍ରୀ ପାଇଁ । ଗୋପାଳ କହିଲେ ଏକଦମ୍ ସାଧା ସିଧା ଯୁବକ ଟିଏ ଯାହାର ବୟସ ଏଇ ଯୋଡା କୋଡ଼ିଏକୁ ପଚଶି । ଶାନ୍ତ ସରଳ ସ୍ୱଭବ ସହିତ ମୁହଁରେ ସବୁବେଳେ ହସ ଥାଏ ତାର ଆଖପାଖ ପ୍ରାୟ ଗାଆଁରେ ସେ ପରିଚତ। ତାକୁ କେହି କେହି ଗୁଗଲ ବୟ ମଧ କୁହନ୍ତି। ଏହାର କାରଣ ତା ପାଖରେ ଆମେ ଆମ ଅଞ୍ଚଳର ବହୁ ଜଣାଅଜଣା  ତଥ୍ୟ ପାଇଥାଉ ଖାଲି ଆମ ସମ୍ପର୍କୀତ ନୁହେଁ ଦେଶ ବିଦେଶର ବହୁ ତଥ୍ୟ ମଧ ତାର ମସ୍ତିଷ୍କରେ ଥାଏ। କାହାର କଣ ସମସ୍ୟା ହୋଇଥିଲେ ଗୋପାଳ ହିଁ ତାକୁ ଅତି ସହଜରେ ସମାଧାନ କରିଦେଇଥାଏ  । ତେଣୁ ତାକୁ ସମସ୍ତେ ଗୁଗଲ ବୟ ବୋଲି ଡାକନ୍ତି। ଇତିହାସ ବିଷୟରେ ପି. ଜି କରି ଏବେ ସମାଜସେବାରେ ମନ ଦେଇଛି । ମନରେ ତାର ଅନେକ ଆଶା ଏକ ସୁସ୍ଥ ସାମାଜ ପାଇଁ। ତେଣୁ ବସଷ୍ଟାଣ୍ଡ ଠାରୁ ରେଲୱେ ଷ୍ଟେସନ ଯେଉଁଠାକୁ ଗଲେ କିଛି ନା କିଛି ସାମାଜିକ ମଙ୍ଗଳ ତଥା ପରିବର୍ତ୍ତନ ପାଇଁ ବାର୍ତ୍ତା ଦେଇଥାଏ ।  କେହି କେହି ଗ୍ରହଣ କରନ୍ତି ତ କେହି କେହି ହସରେ ଉଡେଇ ଦିଅନ୍ତି ତାର କଥା ଶୁଣି । ତେବେ ଏଥିପାଇଁ ସେ କେବେ ମନ ଦୁଃଖ କରେନ ବରଂ ନିଜର ଏହି ସଂକଳ୍ପକୁ ମନରେ ରଖି ଆଗକୁ ବଢେ। ବଜାରରୁ ବିରି, ସୁଜି, ମଟର, ପନପରିବା, ତେଲ ଆଦି କେତେ କଣ ଧରି ଘର ବାହୁଡ଼ା ହେଉଥାଏ ଗୋପାଳ। ବାଟରେ ଅନେକ କଥା ଭାବୁଚ ସେ। ଉପରକୁ ଚାହୁଁଛି ଦେଖୁଚ ଏଇ ଧଳା ନୀଳ ମିଶା ଆକାଶକୁ ତାର କିଛି ପରିବର୍ତ୍ତନ ନାହିଁ। ପିଲାଦିନରୁ ସେ ଆକାଶ କୁ ଯେମିତି ଦେଖିଛି ତାହା ଆଜି ମଧ ଠିକ୍ ସେମିତି ଆକାଶ  କିଛି ପରିବର୍ତ୍ତନ ନାହିଁ । ହେଲେ ତା ତଳେ ଆଶ୍ରୟ ନେଇଥିବା ମଣିଷମାନଙ୍କ ମଧରେ ଏତେ ପରିବର୍ତ୍ତନ କଣ ପାଇଁ। ପରିବର୍ତ୍ତନ ହୁଅ ହେଲେ ଯେଉଁ ପରିବର୍ତ୍ତନରେ ସମାଜର ମଙ୍ଗଳ, ପରିବାରର ମଙ୍ଗଳ, ଦେଶର ମଙ୍ଗଳ ହେବ ସେହି ପ୍ରକାର ପରିବର୍ତ୍ତନ ହୁଅ ତା ନ ହୋଉ ଗର୍ବ, ଅହଙ୍କାରରେ ବୁଡି ଆଦର୍ଶ ଠାରୁ ଦୂରରେ

ରହିଲେ ଲାଭ କଣ? ଏମିତି ଅନେକ କଥା ଭାବି ଭାବି ରାସ୍ତା କଡରେ ଚାଲୁଛି ଗୋପାଳ। ହଠାତ କେଉଁଠୁ ଗୋଟେ ସୁନ୍ଦର ଚଢେଇ ଆସି ତାକୁ ଥଣ୍ଟରେ ଆଘାତ କରିବାକୁ ଲାଗିଲା। ଆଘାତ କରୁଥିବା ସମୟରେ ଗୋପାଳ ଚଢେଇଟିକୁ ହାତରେ ଠେଲି ଦେଇ ଉକ୍ତ ଚାଲୁଥିବା ସ୍ଥାନରୁ ଆଉ ଏକ ସ୍ଥାନକୁ ଚାଲିଗଲା। ଠିକ୍ ଏହି ସମୟରେ ଏକ ମାଲବାହୀ ଗାଡି ଆସି ସେଇ ଚଡେଇ ଟିକୁ ଧକ୍କା ଦେଲା ଏବଂ ଚଡେଇଟିର ମୃତ୍ୟୁ ହେଲା। କିନ୍ତୁ ପରିସ୍ଥିତି ଯେମିତି ସେମିତି କିଛି ହାଲ୍‌ଗୋଲ୍ କିମ୍ବା କୌଣସି ପ୍ରକାରର ଷ୍ଟ୍ରାଇକ୍ ନାହିଁ । ହଁ ଅବଶ୍ୟ ଏଇଟା ଏକ ମଣିଷର ମୃତ୍ୟୁ ହୋଇଥିଲେ ଏସବୁର ଆବଶ୍ୟକ ପଡିଥାନ୍ତା କିନ୍ତୁ ଚଡେଇଟି ତା'ର କିଏ ଅଛି ଯେ ଏସବୁ କରିବ। ଏ ସମୟରେ ଗୋପାଳ ଭାବିଛି ଯଦି ସେଇ ଚଢେଇ ଆସି ତାକୁ ଆଘାତ ଦେଇନଥାନ୍ତା ତେବେ ଆଜି ସେ ଚଢେଇ ଜାଗାରେ ଗୋପାଳ ମରଣର ପଲଙ୍କ ଉପରେ ଶୋଇଥାନ୍ତା । ହୃଦୟ ତା'ର ଯେମିତି କଣ ହୋଇ ଉଠିଲା। ପକ୍ଷୀଟି ଭଙ୍ଗା ଡେଣା ସହିତ ରକ୍ତ ଜୁଡୁବୁଡୁ ହୋଇ ପଡିଥିବାର ସେଇ ଦୃଶ୍ୟକୁ ଦେଖି ଗୋପାଳ ଆଖିରୁ ଲୁହ ଧାର ବୋହିଗଲା। ସାମାନ୍ୟ ଜୀବନ ଥିଲା ସେଇ ଚଢେଇ ପ୍ରାଣରେ । ଭୂମିରେ ଛଟପଟ ହୋଇ ବାଡ଼େଇ ହେଉଥାଏ ଯେମିତି କାହାକୁ ଆକୁଳ ବିନତୀ ହେଉଛି ମତେ ପାଣି ଟିକେ ଦିଅ ମତେ ଡାକ୍ତରଖାନାକୁ ନେଇଯାଅ । ଏ ସୁନ୍ଦର ପୃଥିବୀରେ ମୋତେ ଆଉ କିଛି ଦିନ ବଞ୍ଚିବାର ଅଛି । କେହି ତ ଟିକେ ମୋତେ ଏଇ ଯନ୍ତ୍ରଣାରୁ ରକ୍ଷା କର। ଏତିକି ବେଳେ ଗୋପାଳ ଦୌଡ଼ି ଯାଇ ସେଇ ଚଢେଇ ଛୁଆଟିକୁ ନିଜ ହାତରେ ଧରି ଭୂମିରୁ ଉଠାଇ ଆଣିଲା ନିଜ ଦୁଇ ହାତ ପାପୁଲିରେ ଚଢେଇ ଟିକୁ ଧରିଥାଏ । ଗୋପାଳ ଆଖିରୁ ଦୁଇ ଟୋପା ଲୁହ ସେଇ ଚଢେଇ ଥଣ୍ଟ ଟିରେ ଲାଗିଲା। ଲବଣ ଯୁକ୍ତ ପାଣି ପାଇ ସତେ ଯେମିତି ସେ ମୁକ୍ତି ପାଇଗଲା । ତା'ର ସେ ଯନ୍ତ୍ରଣାରୁ ସବୁଦିନ ପାଇଁ ସେ ମୁକ୍ତ ହେଇଗଲା। ଦେଖିଲେ ଲାଗୁଥିଲା ସତେ ଯେମିତି ନୀଳ ଆକାଶକୁ ଚାହିଁ ରହିଥିଲା ତା'ର ସେଇ ଅଶ୍ରୁଭରା ଦୁଇ ଆଖି । ଅକାଶରେ ଅନେକ ଚଢେଇ ଉଡୁଥାନ୍ତି ସେମାନଙ୍କ ମଧ୍ୟରେ ତା'ର ବାପା, ମା, ଭାଇ, ଭଉଣୀ ମାନେ ଅଛନ୍ତି। ଚଢେଇ ଶେଷ ନିଶ୍ୱାସ ନେଉଥିବା ସମୟରେ ମଧ୍ୟ କାହାକୁ ନାଁ ଧରି ଡାକ ପାରିଲାନି। ସେମିତି ସେମାନଂକୁ ଚାହିଁ ଜୀବନର ଶେଷ ନିଶ୍ୱାସ ତ୍ୟାଗ କରିଛି ସେ । ତା' ପରେ ଚଡେଇଟିକୁ ଧରି ଗୋପାଳ ସିଧା ନିଜ ଗାଁର ଶେଷରେ ଥିବା ଏକ ଆମ୍ବ ବଗିଚାକୁ ନେଇଛି । ସେଠି ସେଇ ମୃତ୍ୟୁ ଚଢେଇକୁ ହାତରେ ଧରି କେତେକଥା ଭାବିଛି । ଏ ସଂସାରରେ ଏମିତି ଅନେକ ପକ୍ଷୀ ଅଛନ୍ତି ଯେଉଁମାନେ ଏମିତି ଅସହାୟ ଅବସ୍ଥାରେ ନିଜର ଜୀବନ ହାରୁଛନ୍ତି । କିଏ ଶିକାର ମାଧ୍ୟମରେ ତ ଆଉ କିଏ

ଗାଡି ଧକ୍କାରେ, କଏ ବିଦ୍ୟୁତ ତାର ଖୁଣ୍ଟିରେ ତ ଆଉ କଏ ବଡ ବଡ ଟାୱାର ଯୋଗୁ ହଉଥିବା ବିକିରଣ **(Radiation)** ମାଧ୍ୟମରେ । ଏହିପରି ପ୍ରତ୍ୟେକ ଦିନ କେତେ ଯେ ପକ୍ଷୀ ନଜର ଜୀବନ ହାରୁଛନ୍ତି ତା' ର ହିସାବ ନାହିଁ ସମୟ ଥିଲା ଯେତେବେଳେ ଘଣ୍ଟାର ପ୍ରଚଳନ ଲୋକମାନେ ଜାଣିନଥିଲେ ସେହି ସମୟରେ ଏହି ପକ୍ଷୀମାନେ ହିଁ ମଣିଷ ସଭ୍ୟତାକୁ ସକାଳର ପରିଚୟ ଦେଉଥିଲା । ଯିଏ ଦିନେ ମଣିଷ ସମାଜର ଦିନ ଆରମ୍ଭ କରାଉଥିଲା ଆଜି ସେହି ମନୁଷ୍ୟମାନଙ୍କ ଦ୍ୱାରା ପକ୍ଷୀମାନଙ୍କର ଏମିତି ଅବସ୍ଥା । ଯେଉଁ ପକ୍ଷୀମାନଙ୍କର କୁହୁକୁହୁ, ଚରିମିରି, ଚିଁ ଚିଁ, ଶବ୍ଦରେ ସାରା ସଂସାର ଝୁମି ଉଠୁଥିଲା ଆଜି ତା'ର କ୍ରନ୍ଦନ ଶବ୍ଦରେ ଏ ସଂସାର ଉତ୍ସବ ପାଳୁଛି । ଯେଉଁ ମଣିଷ ସମାଜକୁ ନିଜର ପରମ ବନ୍ଧୁ ଭାବି ଚଢେଇ ଦିନେ ତା ଘର ଅଗଣାରେ ବସୁଥିଲା ସେଇ ମନୁଷ୍ୟ ଆଜି ତା'ର ଶତ୍ରୁ ସାଜିଛି । ସେଇଠୁ ଗୋପାଳ ଫେରିଛି ଏଥିପାଇଁ ସେ ଆନ୍ଦୋଳନ କରିଚ ଚଢେଇମାନଙ୍କର ସୁରକ୍ଷିତ ଓ ନିରାପଦ ବ୍ୟବସ୍ଥା ପାଇଁ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଛି। ବନ ବିଭାଗ ପାଖକୁ ଯାଇଛି ସେଠି ଏହି ଚଡେଇମାନଙ୍କର ସୁରକ୍ଷା ପାଇଁ ଦାବି କରିଛି ବନ ବିଭାଗ ପ୍ରତିଶ୍ରୁତି ଦେଇ ମଧ୍ୟ କୌଣସି କାର୍ଯ୍ୟ କଲେ ନାହିଁ । ଆଧୁନିକ ଜନ୍ତ୍ର ଉଦ୍ଭାବନ ଫଳରେ ଯେଉଁ ରେଡିଏସନ ବିସ୍ତାର ହେଉଛି ସେଥିପାଇଁ ବହୁ ଟେଲିକମ କମ୍ପାନୀମାନଙ୍କୁ ଯାଇଛି ସେମାନଂକୁ ବୁଝାଇଛି ଆପଣଙ୍କ ବ୍ୟବସାୟ ବଢିବା ଉଦ୍ଦେଶ୍ୟରେ ଯେଉଁ ବଡ ବଡ ଟାୱାର ମାନ ବସାଇଛନ୍ତି ସେଥିରେ ଜୀବଜଗତରେ କେତେ କ୍ଷତି ହେଉଛି ବିଶେଷ ଭାବରେ ପକ୍ଷୀ ମାନଙ୍କର। ହେଲେ ସେଠି ମଧ୍ୟ ନିରାଶ। ରାଗରେ କେତୋଟି ଟାୱାରକୁ ଭାଙ୍ଗି ଥିଲେ ମଧ୍ୟ ଏଥିପାଇଁ ଗୋପାଳକୁ କେତେ ମାସ ଜେଲ ଆଉ କେତେ ଟଙ୍କା ଜୋରିମାନା ମଧ୍ୟ ହୋଇଛି । ଜେଲ ରୁ ଫେରି ସେ ନିରବ ରହିନାହିଁ ପୁଣି ଏହି ପକ୍ଷୀ ମାନଙ୍କୁ ନ୍ୟାୟ ଦବା ପାଇଁ ସେ ବିଦ୍ୟୁତ ବିଭାଗର କର୍ମଚାରୀ ମାନଙ୍କ ପାଖକୁ ଯାଇଚ ବିଦ୍ୟୁତ୍ ତା 'ର ଗୋଡିକୁ ଏମିତି ଖୋଲା ଭାବରେ ନ ଛାଡ଼ି ତାକୁ କଭର ମାଧ୍ୟମରେ ପରିଚାଳିତ ପାଇଁ ଅନୁରୋଧ କରିଛି ସେଠି ମଧ୍ୟ କହି କିଛି ଲାଭ ହେଲା ନାହିଁ ଆଗରୁ ବିଦ୍ୟୁତ ତାର ରେ ଯେମିତି ପକ୍ଷୀ ମରୁଥିଲେ ଏବେ ମଧ୍ୟ ସେମିତି ମରୁଛନ୍ତି। କିଛି ଦିନ ବିତି ଯାଇଛି କିନ୍ତୁ ଗୋପାଳର ଏହି ଆନ୍ଦୋଳନ ଥମି ନାହିଁ ପୂର୍ବ ପରି ଏବେ ମଧ୍ୟ ସେମିତି ପକ୍ଷୀ ମାନଙ୍କର ସୁରକ୍ଷା ପାଇଁ ସବୁଆଡ଼େ ସଚେତନ କରାଉଛି। ଆବଶ୍ୟକ ସ୍ଥଳେ ସେ ଘର ଘର ଯାଇ ମଧ୍ୟ ଏ ସମ୍ପର୍କରେ ଅବଗତ କରାଉଛି।

ଦୀର୍ଘ ପାଞ୍ଚ ବର୍ଷର ଆନ୍ଦୋଳନ ପରେ ହଠାତ୍ ଦିନେ ଶୁଣିବାକୁ ପାଇଛି ଓଡ଼ିଶାର ରାଜଧାନୀ ଭୁବନେଶ୍ୱରକୁ ଭାରତର ମାନ୍ୟବର ରାଷ୍ଟ୍ରପତି ଆସୁଛନ୍ତି ଏବଂ ଏହି ସମୟରେ ବିଦ୍ୟୁତ ତାର ରେ ଜଳ ଗୋଟିଏ ପକ୍ଷୀ ରାସ୍ତା କଡରେ ମରି ପଡିଛି ଗୋପାଳ ତାକୁ ରାସ୍ତାରୁ ଉଠାଇଛି ଦୁଇ ହାତ ଯୋଡା ପାପୁଲିରେ ତାକୁ ଧରି ରାଷ୍ଟ୍ରପତି ଆସିଥିବା ସ୍ଥାନକୁ ଯାତ୍ରା କରିଛି। ମଲା ପକ୍ଷୀଟିକୁ ହାତ ଧରି ଯାଉଥିବାରୁ ଲୋକମାନେ ଦେଖି ଆଶ୍ଚର୍ଯ୍ୟ ହେଉଛନ୍ତି। କଏ କେତେ ଜଣ ପ୍ରଶ୍ନ ମଧ୍ୟ କରିଛନ୍ତି ହେଲେ ଗୋପାଳ କାହାକୁ କିଛି ଉତ୍ତର ନ ଦେଇ ସେମିତି ଚାଲିଛି। କାରଣ ପୂର୍ବରୁ ଏହି ପକ୍ଷୀ ମାନଙ୍କ ପାଇଁ ଏ ସମାଜକୁ କହି କହି ତାର ଆଉ ଧୈର୍ଯ୍ୟ ନାହିଁ କାହାକୁ କିଛି କହିବା ପାଇଁ। ସିଧା ପହଁଞ୍ଚିଛି ରାଷ୍ଟ୍ରପତି ଉପସ୍ଥିତ ଥିବା ସେଇ ସଭାରେ। ରାଷ୍ଟ୍ରପତି ଅଭିଭାଷଣ ଦେଉଥିବା ସମୟରେ ସେ ସଭାମଞ୍ଚକୁ ଅଗ୍ରସର ହୋଇଛି । ଏଥିପାଇଁ ରାଷ୍ଟ୍ରପତିଙ୍କ ଅଙ୍ଗରକ୍ଷକଙ୍କ ଠାରୁ ମାଡ ମଧ୍ୟ ଖାଇଛି । ଅବଶ୍ୟ ଶେଷରେ ମଞ୍ଚକୁ ଯାଇ ସେହି ମଲା ପକ୍ଷୀଟିକୁ ରାଷ୍ଟ୍ରପତି ମହୋଦୟଙ୍କ ହାତରେ ଦେଇ କାନ୍ଦି କାନ୍ଦି କହିଛି  ଏହା ମୋ ରାଜ୍ୟ ତରଫରୁ ଆପଣଙ୍କୁ ଭେଟି । ଆଉ କହିଛି ଏଇ ପକ୍ଷୀଟିର ବୁଢ଼ା ବାପା ମା ଦୁଃଖୀ ପତ୍ନୀ ଆଉ ଛୋଟ ଛୋଟ ପିଲା ଦୁଇଟି ଅଛନ୍ତି କିନ୍ତୁ ସେମାନେ ଜାଣି ନାହାଁନ୍ତି ଏହି ପକ୍ଷୀ ମାତ୍ର କିଛି ଘଣ୍ଟା ପୂର୍ବରୁ ମୃତ୍ୟୁକୁ ବରଣ କରି ସାରିଛି । ଆପଣ ହେଉଛନ୍ତି ଏଇ ଅଖଣ୍ଡ ଭାରତର ଏକ ବିଶାଳ ବୃକ୍ଷ ଯାହାର ଡାଳରେ ଏ ସାରା ଭାରତବାସୀ ଆଶ୍ରୟ ନେଇଛନ୍ତି ତେଣୁ ଆପଣଙ୍କୁ ଲୋକମାନେ ସମ୍ମାନ କରନ୍ତି ଆପଣଙ୍କ ଆଦେଶରେ ସାରା ଦେଶ ଚାଲେ। ତେଣୁ ଏଇ ବିରାଟ ସଭାରେ ଥରେ ଆପଣ କାହାକୁ ଦାୟିତ୍ୱ ଦିଅନ୍ତୁ କି ଏଇ ପକ୍ଷୀଟିର ଘରକୁ ଯାଇ ଏହି ଖବରଟି ତା ପରିବାର ଆଗରେ ଦେବେ। ଆଉ କହିଦେବେ ପରିବାରର ସୁଖ ପାଇଁ ଏ ସମାଜକୁ ସ୍ନେହ,ପ୍ରେମ ସାଉଁଣ୍ଟିବାକୁ ଯାଇ ଏ ନିଷ୍ଠୁର ମାନବ ସମାଜ ନିଜ  ସୁଖ  ପାଇଁ ତାକୁ ବଳି ଚଢାଇ ଦେଇଛି  । ଏତିକିବେଳେ ସମସ୍ତେ ପୁରା ନିରବରେ ସବୁ ଶୁଣିଥାନ୍ତି ସମସ୍ତଙ୍କ ମୁଣ୍ଡ ତଳକୁ ହୋଇ ଯାଇଥାଏ ଠିକ୍ ଏହି ସମୟରେ ଅନନ୍ତ ଗଗନ ରେ ଅସଂଖ୍ୟ ପକ୍ଷୀ ମାନଙ୍କର ସମାବେଶ ଦେଖିବାକୁ ମିଳିଥିଲା ଯାହା ଆଗରୁ କେବେ ଦେଖାଯାଇ ନ ଥିଲା । ଲାଗୁଥିଲା ସତେ ଯେପରି ଆଜି ପକ୍ଷୀ ମାନଙ୍କର ସଭା ହେଉଛି ଏବଂ ମଣିଷ ସମାଜକୁ ଦୋଷ ଆରୋପିତ କରି  ଡକା ହୋଇଛି ।

ପର୍ଜଙ୍ଗ, ଢେଙ୍କାନାଳ

# ନୀରବିତ ପ୍ରେମ

ରୋଜାଲିନ୍ ମିଶ୍ର

ଏମିତି ନୀରବତାରେ କଟିଯାଉ
ଆମ ଭବିଷ୍ଯ କ୍ଷଣ,
ଏ ଭିଜା ମାଟି ବାସ୍ନାରେ ବି
ମହୁ ଟୋପେ ଝରେଇ ଦେଲା
ଏ ବୈଶାଖୀ ପବନ ।।
ଏ ନୀରବ ଦୀର୍ଘଶ୍ୱାସରେ
ଭୁରି ଭୁରି ଲାଗେ ଆଜି ମନ, ପ୍ରାଣ,
ବେନାମୀ ସମ୍ପର୍କର ସରଳରେଖାରେ
ବିନ୍ଦୁ ବିନ୍ଦୁ ହୋଇ ଦିଶେ
ଚେନାଏ ଜ୍ୟୋତ୍ସ୍ନା ଆଉ
ଧାରେ ଆଭ୍ରମୟ ଜହ୍ନ ।।
ଶେଷରେ ମୁହଁ ଖୋଲି
ସ୍ୱୀକାର କରି ନେବାକୁ ହେବ ଯେ
ବ୍ୟର୍ଥତାରେ କଟିବ
ଆମ ଆନୁଗତ୍ୟର ଦିନ,
ଆଉ ଏବେ ମୁଁ
ଶୂନ୍ୟ ବୁକୁ ନେଇ ଖୋଜିବୁଲେ
କୁଆଡ଼େ ହଜିଗଲା ସେଇ ପ୍ରେମସତ୍ତା
ସେଇ ସରସ ନିର୍ମଳ ବିଶ୍ୱାସ
ଆଉ ସେଇ ଆମାୟିକ ଆକର୍ଷଣର ବନ୍ଧନ ।।

ଗ୍ରା/ପୋ- ଆଗଲପୁର (ରାଜ)
ଜି-ବଲାଙ୍ଗିର

# ଆମେ ଦୁହେଁ



ପ୍ରମୋଦ ବେହେରା

କଥାକୁ କଥାରେ ରଖି
ତୁମେରହିଗଲ ତୁମ କଥାରେ
ନାଁ ଥିଲା ଆମ ଭିତରେ ଦ୍ଵନ୍ଦ
ନାଁ ଥିଲା ଅଭିମାନ
ନାଁ ଥିଲା ଅବିଶ୍ବାସ
ସବୁ ଥାଇ କିଛି ନ ଥିଲା ଭଳି
ଆମେ ଆଜି ଅଭିନ୍ନ।
ସଭିଙ୍କ ପାଇଁ ବଳି ପଡିଗଲା
ଆମର କିଛି ଅକୁହା କଥା
ସହ୍ୟ କରିହୁଏ ନାହଁ
କି କାହାକୁ କହିବାକୁ ସାହାସ ନ ଥାଏ
ତଥାପି
ଜୀବନକୁ ସମୟ ସହ
ସମାଜରେ ସଜାଡିବାକୁ ହୁଏ
ଏଇ ସଂସାରରେ
ଆମର ମନରେ ଟିକଏ ହେଲେ
ଦୁଃଖ କି ଅବଶୋଷ ନାହିଁ
ତଥାପି
ନଦୀର ସୁଅ ଭଳି
ବହି ଗଲେ ଜୀବନ ।

ମାଛିପଡ଼ା, ନୟାଗଡ଼

# ଏକ ଅପୂର୍ଣ୍ଣ ପ୍ରେମ କାହାଣୀ

ତ୍ରିଲୋଚନ ସାହୁ(ମୁନା)

ସମୟ ରାତ୍ରି ୧୨ ଟା ମୋବାଇଲ୍ ର ଆଲାର୍ମ୍ ଟୋନ ବାଜି ଉଠିଲା ସବୁବର୍ଷ ପରି ସେହି ବରଷ  ସୁଇଟି କୁ ଜନ୍ମ ଦିନ ର ଶୁଭେଚ୍ଛା ମେସେଜ କରି ଶୋଇ ପଡିଲେ ରାତ୍ରି ୧୨ ଟା ଆଗରୁ ସେପରି ବି ତାଙ୍କୁ ନିଦ ଆସୁନ ଥାଏ ,,,ସେଇ ଅଭିନନ୍ଦନ ବାର୍ତ୍ତା ଦେବାପାଇଁ  । ସକାଳୁ ଦେଖି ଲେ ମସେଜ୍ ରେ ଦୁଇଟି ଟିକ୍ ପଡି ଯାଇଛି କିନ୍ତୁ କୌଣସି reply ଆସିନ

କିନ୍ତୁ ମନ ଦୁଃଖ କଲେ ନାହିଁ ଅର୍ଣ୍ଣବ୍ କାରଣ ଜାଣି ଥିଲେ swety ତାଙ୍କୁ reply ନ କଲେ ମଧ୍ଯ ହୃଦୟ ଭିତରୁ ତାଙ୍କୁ ନିଶ୍ଚୟ ଧନ୍ୟବାଦ୍ ଜଣାଇ ସାରିଛନ୍ତି । ସୁଇଟି ଙ୍କ ବାହା ହେବା ଦିନଠୁ ତାକୁ କେବେ ମଧ୍ଯ ଦେଖି ନାହାନ୍ତି  ଅର୍ଣ୍ଣବ କେବଳ ନିଜ ହୃଦୟ ଭିତରେ ଆଙ୍କି ହୋଇ ଥିବା ତାଙ୍କ ପ୍ରିୟତମା ସୁଇଟି  ର ଚିତ୍ର ଦେଖନ୍ତି ଅର୍ଣ୍ଣବ ।ଥରେ ଥରେ ତାଙ୍କ ଆଖିରୁ ଦୁଇ ଧାର ଲୁହ ବୋହି ପଡେ । ସମୟ ବଦଳ ଯାଇଛି କିନ୍ତୁ ବଦଳ ନାହିଁ ତାଙ୍କ ଭଲ ପାଇବା, କେବେ ଦେଖା ହେବ ନା ହେବ ନାହିଁ ତାଙ୍କ ପ୍ରିୟତମା ସହିତ ସେ ଜାଣି ନାହାନ୍ତି କିନ୍ତୁ ସୁଇଟି କୁ କେବଳ ଥରୁ ଦେଖିବାର ଅଭିଳାଷ ଆଜି ବାରି ହୋଇ ପଡେ ତାଙ୍କ ଆଖିରୁ ,,,,,,,,,,,,

ଭାସି ଆସୁଛି  ଆଖି ଆଗରେ ସେଇ ଚିତ୍ର ଦୀର୍ଘ ୭ ବର୍ଷ ତଳର କଥା ସେଦିନ କଲେଜ୍ ଯାଇଥାନ୍ତି ଅର୍ଣ୍ଣବ କଲେଜ୍ ରେ ବନ୍ଧୁ ଙ୍କ ଗହଳ ରେ ହସ ଖୁସି ରେ ସମୟ ବିତୁଥାଏ । ସେତେ ବେଳେ ତାଙ୍କର ଦେଖା ହୁଏ ନିର୍ମଳା ସହିତ ନିର୍ମଳା ଙ୍କ ଠାରୁ  କଲେଜ୍ ନୋଟ ନେବା ପାଇଁ ନିର୍ମଳା ଙ୍କ ମୋବାଇଲ୍ ନମ୍ବର ସଂଗ୍ରହ  କରି ନିଅନ୍ତି ଅର୍ଣ୍ଣବ, କିଛି ଦିନ ହେଲାଣି କଲେଜ୍ ଯାଇ ନାହାନ୍ତି ଅର୍ଣ୍ଣବ ନିର୍ମଳା ଙ୍କୁ ଫୋନ୍ କରି ପଚାରନ୍ତି କଲେଜ୍ କଥା କଲେଜ୍ କୁ ଗଲେ ନିର୍ମଳା ସହିତ କଥା ବାର୍ତ୍ତା ମଧ୍ଯ କରନ୍ତି ଏତିକି ଭିତରେ ନିର୍ମଳା ସହିତ ତାଙ୍କର ବନ୍ଧୁତା ହୋଇ ଯାଏ । ଦିନେ ଦେଖିଲେ ଗୋଟିଏ ସୁନ୍ଦର ଝିଅ ନିର୍ମଳା ସହିତ ଗପ

କରୁଛି । ସତେ ଯେପରି ସର୍ଗ ରୁ ଓହ୍ଲାଇ ଆସିଛି ମେନକା, ଆଃ କ ସୁନ୍ଦର ଓଠ ! ସତେ ଯେପରି ଓଠରୁ ଝରି ପଡୁଛି ମିଠା ମିଠା ଶବ୍ଦ । ସେଇ ଝିଅ କୁ ଦେଖି ଅର୍ଣ୍ଣବ ଛାତିର ହୃତସ୍ପନ୍ଦନ ଆଜି ତୀବ୍ରତା ହୋଇ ପଡ଼ିଛି ,,,,,ଅର୍ଣ୍ଣବ ଜାଣି ପାରୁ ନାହାଁନ୍ତି। ସେଇ ଝିଅ କୁ ଯେତେ ଦେଖିଲେ ତାଙ୍କର ଆଖି ପୁରୁନ ବାରମ୍ବାର ଦେଖିବା ପାଇଁ ଇଚ୍ଛା ହଉଛି କଣ ଏହା ପ୍ରେମ ରୋଗ ର ଲକ୍ଷଣ ନୁହେଁ ତ **???** କଲେଜ୍ ରେ ଏତେ ଝିଅ ଅଛନ୍ତି କିନ୍ତୁ ସେଇ ଝିଅ କୁ ଦେଖି ତାଙ୍କର ହୃତ୍ ସ୍ପନ୍ଦନ ବଢି ଯାଉଛି କାହିଁକି **???**

ଏହିପରି ସେଇ ଝିଅ କୁ ଦେଖି ଦିନ ବିତି ଚାଲିଥାଏ । ଏହିପରି ଚାଲି ଗଲା କିଛି ଦିନ ସେ କ୍ଲାସ ରେ ବସିବା ବେଳେ ସେଇ ଝିଅ କୁ ନିରୀକ୍ଷଣ କରୁ ଥାନ୍ତି ଅର୍ଣ୍ଣବ । ସେଇ ଝିଅ ଏକା ବସେ ବେଶୀ କାହା ସହିତ କଥା ବାର୍ତ୍ତା ହୁଏ ନାହିଁ ,,,,ଏହି ଗୁଣ ଅର୍ଣ୍ଣବ ଆହୁରି ଟାଣି ନେଇ ଯାଏ ସେଇ ଝିଅ ପାଖକୁ । ଦିନେ ଅର୍ଣ୍ଣବ ଫୋନ କରନ୍ତି ନିର୍ମଳା ଙ୍କୁ ଏବଂ ସେଇ ଝିଅ ବିଷୟ ରେ ପଚାରନ୍ତି ,,,,ନିର୍ମଳା ଠାରୁ ଜାଣିବାକୁ ପାଆନ୍ତି ସେ ଝିଅ ର ନାମ ସୁଇଟି ବୋଲି, ଅର୍ଣ୍ଣବ ଙ୍କ ଇଚ୍ଛା ହୁଏ ସେଇ ଝିଅ ସହିତ ବନ୍ଧୁତା କରିବାପାଇଁ । ସେଇ ଝିଅର ମୋବାଇଲ୍ ଦେବା ପାଇଁ ଅନୁରୋଧ କରନ୍ତି ନିର୍ମଳା ଙ୍କୁ କିନ୍ତୁ ନିର୍ମଳା ମନା କରି ଦିଅନ୍ତି କେମିତି ବା ଅନ୍ୟ କୋଉ ଝିଅ ର ନମ୍ବର ଏକ ଅଜଣା ପୁଅକୁ ଦେଇ ଦେବେ । ନିର୍ମଳା କୁହନ୍ତି ମୁଁ ପ୍ରଥମେ ତାକୁ ପଚାରିବି ଓ ତୁମକୁ ନମ୍ବର ଦେବି । କିଛି ଦିନ ପରେ ନିର୍ମଳା ଙ୍କ ନମ୍ବର ରୁ କଲ୍ ଆସେ ଅର୍ଣ୍ଣବ ପାଖକୁ ,,,,,

ନିର୍ମଳା: ହେଲୋ ମୁ ନିର୍ମଳା କହୁଛି ଅର୍ଣ୍ଣବ ତୁମେ କଣ ପାଇଁ ସେ ଝିଅ ର ନମ୍ବର ମାଗୁଛ। ତାକୁ ମୁଁ କହିଲି "ତୋ ନମ୍ବର ମୋର ଅର୍ଣ୍ଣବ ବୋଲି ଜଣେ ସାଙ୍ଗ ମାଗୁଛନ୍ତି ବୋଲି"' ସେ କହିଲା "କଣ ପାଇଁ ମାଗୁଛନ୍ତି ତାଙ୍କୁ ପଚାରିବୁ କିନ୍ତୁ ନମ୍ବର ଦବୁନି ",,,,,,

ଅର୍ଣ୍ଣବ: ତାକୁ କହିବ ମୁଁ ତା ସହ ବନ୍ଧୁତା କରିବା ପାଇଁ ଚାହୁଁଛି ।

ଫୋନ ରଖି ଦିଅନ୍ତି ନିର୍ମଳା ଏବଂ ଆର ଦିନ ସୁଇଟି ଙ୍କ ଫୋନ୍ ନମ୍ବର ଦିଅନ୍ତି ଅର୍ଣ୍ଣବ କୁ ଏବଂ କହନ୍ତି ତାକୁ ଫୋନ କରିବନି କେବଳ ମେସେଜ କରିବ,,,,,,,

ଅର୍ଣ୍ଣବ ସେଇ ଝିଅ କୁ ଆରଦିନ ସକାଳୁ ଗୋଟେ ଗୁଡ଼ ମର୍ଣିଙ୍ଗ ମେସେଜ କରନ୍ତି ଓ କଛି friendship ମେସେଜ କରନ୍ତି।କନ୍ତୁ କୌଣସି reply ଆସେ ନାହିଁ ।

ଦିନେ ଅର୍ଣ୍ଣବ ଟିଭି ଦେଖୁ ଥାନ୍ତି ହଠାତ ତାଙ୍କ ମୋବାଇଲ ବାଜି ଉଠିଲ୍ ଅର୍ଣ୍ଣବ ଦେଖନ୍ତି ତ ସୁଇଟି କଲ୍ କରିଛନ୍ତି । ଅର୍ଣ୍ଣବ ଙ୍କୁ ଆନନ୍ଦ ଲ୍ଗିଲ୍ ,ଭୟ୍ ମଧ୍ୟ ଲଗୁ ଥାଏ ହାତ ଥରି ଉଠିଲ୍ ମୋବାଇଲ ର ସବୁଜିମା ରିସିଫ୍ ବଟନ୍ ଉପରେ ଟଚ୍ କଲେ ,,,,ସୁଇଟି ପଗ୍ଗରିଲେ କଣ ପାଇଁ ମୋ ସହ ବନ୍ଧୁତା କରିବାକୁ ଗ୍ହୁଁଛ ??,,ମୁଁ କୌଣସି ପୁଅ ଙ୍କ ସହ ବନ୍ଧୁତା କରେ ନାହିଁ ,,,ମତେ ଆଉ ଫୋନ କରିବନ,,,ଅର୍ଣ୍ଣବ କୁହନ୍ତି "ମୁଁ କେବଳ ତୁମ ସାଥେ ବନ୍ଧୁତା କରିବା ପାଇଁ ଗ୍ହୁଁଛି ଆଉ କଛି ନୁହଁ ।ତୁମ ଇଚ୍ଛା ବିରୁଦ୍ଧ ରେ ମୁଁ ତୁମ କୁ ଫୋନ୍ କରିବିନ ଯଦି ତୁମେ ମୋ ସହ ବନ୍ଧୁତା କରିବାକୁ ଇଚ୍ଛା କରୁ ନାହଁ ତାହେଲେ ଠିକ୍ ଅଛି ।" କହି ଫୋନ୍ କାଟି ଦିଅନ୍ତି ଅର୍ଣ୍ଣବ, କନ୍ତୁ କଛି ଦିନ ପରେ ପୁଣି call ଆସେ ସୁଇଟି ଙ୍କ ନମ୍ବର ରୁ ସେ କୁହନ୍ତି ମୁଁ ତୁମ ସହ ବନ୍ଧୁତା କରିବା ପାଇଁ ରାଜି, ଅନ୍ୟ ପୁଅ ହୋଇ ଥିଲେ ମୋ ନମ୍ବର୍ କୁ ବାରମ୍ବାର ଫୋନ କରିଥାନ୍ତା ହଇରାଣ କରି ଥାନ୍ତା କନ୍ତୁ ତୁମେ ସେପରି କରି ନାହଁ ତେଣୁ ମୁଁ ଭ୍ବିଲି ତୁମେ ନଶ୍ଚୟ ଭଲ ପିଲ୍ ହୋଇ ଥିବ ,ତେଣୁ ମୁଁ ମୋର ନଷ୍ପତି ପରିବର୍ତ୍ତନ କଲି ଓ ତୁମ ସଂଗେ ବନ୍ଧୁତା କରିବା ପାଇଁ ନଷ୍ପତି ନେଲି ଆଜି ଦିନଠୁ ଆମେ ବନ୍ଧୁ ।

ଏମିତି ହସ ଖୁସି ରେ ବେଶ ଗଡ଼ି ଗ୍ଲୁ ଥାଏ ଦିନ ପରେ ଦିନ । ଦିନେ ସୁଇଟି ଙ୍କ ଭେଟ ହୁଏ ଅର୍ଣ୍ଣବ ର ପଡୋଶୀ ଘରର ର ଏକ ଝିଅ ସହିତ, ସେ ଅର୍ଣ୍ଣବ ବିଷୟରେ ସେଇ ଝିଅ ଙ୍କୁ ପଗ୍ଗରନ୍ତି ଏବଂ ଜାଣିବାକୁ ପାଆନ୍ତି ଯେ ଅର୍ଣ୍ଣବ ଭଲ ପିଲ୍ ତାଙ୍କ ଗାଁ ଲ୍ଗେକେ ମଧ୍ୟ ଅର୍ଣ୍ଣବ କୁ ବହୁତ୍ ଭଲ ପାଆନ୍ତି ।ଏହି କଥା ଶୁଣି ସୁଇଟି ବହୁତ୍ ଖୁସି ହୋଇ ଯାଆନ୍ତି । କାରଣ ସେ ବି ଅଳ୍ପ ସମୟ ଭିତରେ ଅର୍ଣ୍ଣବ କୁ ଯେତିକ ଜାଣିଛନ୍ତି ,,ସେ ଏକ ଭଲ ପିଲ୍ ସଭିଙ୍କ ଠୁ ବେଶ୍ ଅଲଗା ତାର ଗ୍ଲି ଚଲଣି କଥା ବାର୍ତ୍ତା ଅନ୍ୟଠୁ ବେଶ୍ ଭଲ।

ଧିରେ ଧିରେ ଅର୍ଣ୍ଣବ ଙ୍କୁ ଭଲ ପାଇ ବସନ୍ତି ,,,,କନ୍ତୁ ସେ ଝିଅ ଟିଏ ହୋଇ ବା କୁହନ୍ତେ କପରି ?? ସେ କହି ପାରନ୍ତି ନାହିଁ । ଦୁହିଁଙ୍କ ସମ୍ପର୍କ ଧିରେ ଧିରେ ଆହୁରି ନବିଡ଼ ହୋଇଯାଏ । ଦୁହେଁ ବେଷ୍ଟ ଫ୍ରେଣ୍ଡ୍ ହୋଇ ଯାଆନ୍ତି । ଦୁହେଁ ଦୁହିଁଙ୍କ ସୁଖ ଦୁଃଖ ର

ଭାଗିଦାରୀ ହୁଅନ୍ତି ଦୁଃଖ, ଖୁସି ସବୁ ପରସ୍ପର ମଧ୍ୟରେ ବାଣ୍ଟନ୍ତି । ଏତିକ ଭିତରେ ଅର୍ଣ୍ଣବ ମଧ୍ୟ ଭଲ ପାଇ ଯାଇଥାନ୍ତି ସୁଇଟି ଙ୍କୁ କିନ୍ତୁ ମନ କଥା କହିବା ପାଇଁ ତାଙ୍କୁ ସାହସ ହେଉନଥାଉ ଥାଏ ।ତାଙ୍କ ମନରେ ଭୟ ଥାଏ ସେ ଯଦି ସୁଇଟି ଙ୍କୁ ମନ କଥା କହି ଦିଅନ୍ତି ତେବେ ତାଙ୍କ ବନ୍ଧୁତ୍ୱ ହୁଏ ତା ଭାଙ୍ଗି ବି ଯାଇପାରେ । ସେ ଦିନ ଥାଏ ଡିସେମ୍ବର ନ ତାରିଖ ମନରେ ସାହସ ଭରି ମନ କଥା ଖୋଲି କହି ଦିଅନ୍ତି ସୁଇଟି ଙ୍କୁ । ସୁଇଟି ମାତ୍ର ୫ ମିନଟ୍ ସମୟ ମାଗନ୍ତି ଭାବିବାକୁ ଏବଂ ହଁ ଭରି ଦିଅନ୍ତି । ଦୁହିଁଙ୍କ ଜୀବନ ବନ୍ଧୁତ୍ୱ ର ପୃଷ୍ଠା ରେ ଯୋଡ଼ି ହୋଇ ଯାଏ ପ୍ରେମ ର କିଛି ପୃଷ୍ଠା ।ଦୁହେଁ ଦୁହିଁଙ୍କୁ ବହୁତ୍ ଭଲ ପାଆନ୍ତି ତାଙ୍କ ଭଲ ପାଇବା ରେ ନିଷ୍ଠା, ସତ୍ୟତା, ନିଃସ୍ୱାର୍ଥ ଭଲ ପାଇବା, ନ ଥାଏ କିଛି ପାଇବାର ଆଶା, ଅର୍ଣ୍ଣବ୍ ଙ୍କ ପ୍ରତି ଜନ୍ମ ଦିନରେ କିଛି ଉପହାର ଦିଅନ୍ତି ସୁଇଟି ଏବଂ ଅର୍ଣ୍ଣବ ଙ୍କ ମନ ପସନ୍ଦ ର ଖାଇବା ଜିନିଷ ନିଜ ହାତରେ ତିଆରି କରି ଆଣି ଦିଅନ୍ତି ଅର୍ଣ୍ଣବଙ୍କୁ ।

ଏମିତି ବେଶ୍ କିଛି ଦିନ ଖୁସି ରେ ଗଲା ପରେ ଏକ ବଜ୍ର ପଡ଼ିଲା ଦୁହିଁଙ୍କ ଜୀବନରେ । ସୁଇଟି ଙ୍କ ବାହାଘର ପାଇଁ ପ୍ରସ୍ତାବ ପଡ଼ିଲାଣି ଅନ୍ୟ କାହାକୁ କେମିତି ବା ବିବାହ କରି ପାରିବେ ସୁଇଟି । ତାଙ୍କ ଘରେ ଅର୍ଣ୍ଣବ ର କଥା କହିଲେ କିନ୍ତୁ ଘରେ ରାଜି ହେଲେ ନାହିଁ କାରଣ ଦୁହିଁଙ୍କ ଜାତି ଅଲଗା ତେଣୁ ଘର ଲୋକ ବୁଝନ୍ତେ ବା କିପରି ତେଣୁ କଣ କରିବେ ଦୁହେଁ କିଛି ଭାବି ପାରିଲେ ନାହିଁ । ଦିନେ ଦୁହେଁ ନିଷ୍ପତି ନେଲେ ସେମାନେ ଅଲଗା ହୋଇ ଯିବେ ପିତା ମାତା ଙ୍କ ଖୁସି ପାଇଁ...ଦୁହି ପରିବାର ପାଇଁ ,,,, କାରଣ ଯଦି ବି କୋର୍ଟ ମେରେଜ୍ କରି ନିଅନ୍ତି ଦୁହେଁ ତ ଖୁସି ପାଇଯିବେ କିନ୍ତୁ ସମାଜ ତାଙ୍କୁ ସିକୃତି ଦେବ ନାହିଁ। ନିଜ ପରିବାର ଲୋକେ ମଧ୍ୟ ମୁଣ୍ଡ ଟେକି ସମାଜ ରେ ଆଉ ଚାଲି ପାରିବେ ନାହିଁ । ତେଣୁ ନିଜ ପରିବାର ପାଇଁ ନିଜ ଭଲପାଇବାକୁ ତ୍ୟାଗ କରିବାକୁ ନିଷ୍ପତି ନେଲେ ଦୁହେଁ । ସେତେ ବେଳେ ପ୍ରତେକ ମୁହୂର୍ତ୍ତ ବହୁତ୍ କଷ୍ଟ ରେ କଟୁଥିଲା ,,,, ଲାଗୁ ଥିଲା ଯଦି ଏଇ ଜାତି ଭେଦ ନ ଥାନ୍ତା ତେବେ ତାଙ୍କୁ ଭଲ ପାଇବା କୁ ହରେଇବାକୁ ପଡିନ ଥାନ୍ତା । ଭଗବାନ ଙ୍କୁ ଡାକୁ ଥାନ୍ତି ଅର୍ଣ୍ଣବ୍ ,,,,ଆଖିରୁ ବହି ପଡୁ ଥାଏ ଝର ଝର ଲୁହ ,,,,ଲୁହ ନୁହେଁ ସେତ ରକ୍ତ ,,,,,,ସେଇ ଦିନ ଠୁ ଦୁହେଁ ଅଲଗା ହୋଇ ଯାଇଛନ୍ତି । ଖାଲି ଶରୀର ଅଲଗା ହୋଇ ଯାଇଛି କିନ୍ତୁ ଦୁହିଙ୍କ ଆତ୍ମା ତ ଗୋଟିଏ । ଆତ୍ମା କଣ ଅଲଗା ହୋଇ ପାରିବ। ଶ୍ରୀକୃଷ୍ଣ ଓ ରାଧା ଙ୍କ ପରି ଅଧୁରା ରହି ଯାଏ ସୁଇଟି ଓ ଅର୍ଣ୍ଣବ ଙ୍କ ପ୍ରେମ କାହାଣୀ ।

ଏହାରି ଭିତରେ ଅନ୍ୟ ଜାଗାରେ ବିବାହ ଠିକ୍ ହୋଇ ସୁଇଟି ଗ୍ଲଲି ଯାଇଛନ୍ତି ଶାଶୁ ଘରକୁ। ଅର୍ଣ୍ଣବ ଆଜି ଏକା ଇଚ୍ଛା ନାହିଁ ଅନ୍ୟ କାହାକୁ ବିବାହ କରିବା ପାଇଁ ,,,,,,,

ସୁଇଟି ଙ୍କ ଦେଇଥିବା କେତୋଟି ଜିନଷ କୁ ଆଜି ନଜ ପାଖରେ ରଖିଛନ୍ତି ଅର୍ଣ୍ଣବ । ସେଇ ଜିନଷ ସବୁ ସାଇତି ରଖିଛନ୍ତି । ସେଇ ଜିନଷ କୁ ଦେଖିଲେ ବେଳେ ବେଳେ ତାଙ୍କ ଆଖିରୁ ଲୁହ ପଳେଇ ଆସେ ହେଲେ ,,,ନଜ ମନକୁ ବୁଝେଇ ନଅନ୍ତି ଅର୍ଣ୍ଣବ ,,,ସେଇ ଅଭୁଲା ଦିନ କୁ ମାନେ ପକାଇ ଆଜି ବଞ୍ଚି ରହିଛନ୍ତି । ସୁଇଟି ଙ୍କ ପାଇଁ ଆଜି ବି ତାଙ୍କ ହୃଦୟ ରେ ରହିଛି ପ୍ରଚୁର ଭଲପାଇବା । ସେ କେବେ ଭୁଲି ନାହାଁନ୍ତି ସୁଇଟି ର ଜନ୍ମ ଦିନକୁ ଖାଲି ସେଇ ଜନ୍ମ ଦିନରେ କେବଳ ଗୋଟିଏ ଶୁଭେଚ୍ଛା ମେସେଜ କରନ୍ତି ଅର୍ଣ୍ଣବ,,,,,,,

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com

ହ୍ୱାଟସଆପ୍ ନଂ-9594993733

# ଭାବନା

ସତ୍ୟରଞ୍ଜନ ଘିଓ୍ୱାଲ

ମନ ର ଭାବନା କୁ
କାଗଜ ରେ ଲେଖିବାର ପ୍ରୟାସ ଯେ ମୋର,,
କାଳୀ କାଗଜ ଯେ
ଲାଗନ୍ତି ମୋର ହୃଦୟ ରୁ ଅତି ଆପଣାର !
ଅନ୍ତର୍ନିହିତ ଭାବର
କେତେ ସୃଷ୍ଟି ହୁଏ ଯେ ସେହି ଭାବନା,,
କେବେ କେବେ
ତାହା ବାସ୍ତବ ତ ଆଉ କେବେ ପରିକଳ୍ପନା !
ଶ୍ରୁତି ମଧୁର କବିତା
କୁ ପଢି କେହି ଘେନଆସେ ପୁରସ୍କାର ତ
କେହି ବେଦନା
ଏହି କବିତା ଯେ ମୋର ଉତ୍ସାହ ର ସମ୍ଭାବନା !

# ହିପ୍ ହିପ୍ ହୁରେ



ରଞ୍ଜନ କୁମାର ବ୍ରହ୍ମା

ଆସ ଚଲାଇବା ସାଇକଲ
ସ୍ୱାସ୍ଥ୍ୟଟି ରହିବ ଭାରି ଭଲ ।

ଦୁର୍ଘଟଣା ମୋତେ ନାହିଁ ଭୟ
ଖର୍ଚ୍ଚ ବଞ୍ଚିଯିବ ରଖ ଲୟ ।

ସାଇକଲ ପମ୍ପ ପାଖେ ରଖ
ଭୟ ନାହିଁ ତିଳେ ମନେରଖ ।

ସାଇକେଲ ମଜା ଯିଏ ଜାଣେ
ଦୁନଆ ନିଶ୍ଚୟ ସିଏ ଜିଣେ ।

ହାତ ବନ୍ଧ ଯଦି ପାଖେ ଅଛି
ମାଡିଗଲ ପାଦେ ବଳକଷି ।

ତା'ଠୁ ଅଧିକା ଅଳପ ଦୂର
ସାଇକଲେ ହେବା ଅଗ୍ରସର ।

ଆପେ ପାଇଯିବା ଆମ ଭାଗ
ଯାନେ ଦୂରଯାତ୍ରା ସଦା ଲାଭ ।

ସାଇକଲ ହିପ୍ ହିପ୍ ହୁରେ
ନିର୍ମାତାଙ୍କୁ ମୁଁ ଭକତି କରେ ।

ଶିକ୍ଷକ, ଚକଟୀ ଗଡ଼, ଗଞ୍ଜାମ

# ଆଞ୍ଚଳିକ

# ପଥର୍



ସନୟ ଭୂଷଣ ମେହେର (ମିନ କଂସ)

ଦେଖତ ହୋ ଭାଇ ରଂଗିନ୍ ଦୁନଆଁ
ଦିଶୁଛେ କେଂତା ଅଏନ୍,
ଧର୍ ଆକାଶ୍ ସାଗରର୍ ଲହଡା
ପାଉଛେ କେତେ ମାଏନ୍,
ଝରେନ୍ ଅଉଛେ ଝରି
ଛାଏଁ ଦେଖା ପାନ ଭିତରେ ପଥର୍
ମନକେ ଦଉଛେ ଘାରି ।।
ବେଲ୍ ଦେବତାର୍ ଟାନୁଆ କରିନ୍
ପଡଲେ ନଦିର୍ ବାଲି,
ଖୁଦ୍ ମୁଗ୍ ଲେଖେଁ ପଥର୍ ମାନନେ
ତେଜଟା ଝକସି ଝଲି,
ଏଂତା ମାରସି ଚକ
ନୁଆଁହେଇ ଯିଏ ଦେଖବା ସତେରେ
ସୁନା ବଲି ହେବା ଫିକ ।।
ପଥରର୍ ବଲେ ପାହାଡ୍ ଡଂଗର୍
ହେଇଛେ ତ କୁଚ କୁଚ,
ଦୁଖ୍ ଭର୍ ମନ୍ ଦେଖି ଦେଲେ ଘାଏ
ମନକେ ନେସିରେ ଘିଚ,
ତାର୍ ବଲେ ମାଁ ମାଟ.
ଗଛଲତା ସଥେଁ ରହିଛନ୍ ଥାବେ
ସେ ତ ଆଏ ମେର୍-ଖୁଟି ।।

ରେହେବାର୍ ବାସ୍ ଗାଧୁଆ ଘାଟଥିଁ
ଭ୍ବ୍ ତାର୍ ସବୁ ଦିନେ,
ଉସତ୍ ମନଟା କିଁଦରି ଯାଏସି
ଦେଖ୍ ତ ଗା ତାର୍ ବିନେ
ମନ୍ ଦେଇ ଟିକେ ଶୁନ୍
ଦେବି ଦେବତାର୍ ମୁରତି ବାହାରେ
ଆର୍ ବି ଭରିଚେଁ ଗୁନ୍ ।।
ଇ ପଥର୍ ବଲେ ସ୍ରମଚଁଦର୍ ହୋ
ସେତୁବଁଧ୍ ଦେଲେ ବାଁଧ
ହେଲା ଭ୍ବୁଥିଲା ଦଶ୍ ମୁଡିଆ ଗା
ଧରିଦେଲା ଟାନେ ସଁଧ୍,
କେତେ କହେମା ହୋ କହ
ତାର୍ ବଲେ ଲଁକା ଖାର୍ ହେଇଗଲା
ଝରଲା ଆଁଖିର୍ ଲହ ।।
ଫେର୍ ଭି ଦେଖତ ସୁନାରୁପା ସାଂଗେ
ମସତେଁ ପାଏସି ଠାନ୍
ଗଢଲାବାଲାରେ ଛିନହିଛେ ତାହାକେ
କେତେ ଅଛେ ତାର୍ ମାନ୍,
କହୁଛେ ସନୟ ଥାକ
ଯେତେ ଦେଖୁଥିଲେ ନାଇଁ ଲାଗେ ଚଟା
ବତରେ ମାରସି ଝଁକ ।।

ସାଇପାଲି, ବେଜେପୁର, ବରଗଡ଼

# କଥାନ--ମାଆଁର୍ ପନତ୍



ବାଙ୍କାବିହାରି ମହାକୁର

ଚଏତୁ ଆରୁ ତାର୍ ମାଆଁ ଗୁଟେ ଗାଆଁଥି ରହୁ ଥାଆନ୍ । ପରର୍ ଘରେ କାମ୍'ବୁତା କରି ଯେତ୍'କ କମାଉ ଥିଲ୍ ,ସେଥି ଦୁହେଁ ଗହକଥି ଦିନ୍ ବିତାଉଥାଆନ୍ । ଚଏତୁ ଗଁଚେଟେ ହେଇଥିଲ୍ ବେଲ୍'କେ ତାର୍ ବୁଆ ଆରେ ପାରିଲେ ଯାଇଥିଲ୍ନ। ସେ ବୁଆ କାନା ଆରୁ କେନ୍'ତାଟା ଯେ ସୋର୍ ବି ନ ପାଇଥାଇ ନ ।ଇହାଦେ ତାର୍ ସଁସାର୍ କହେଲେ ସେ ଆରୁ ତାର୍ ମାଆଁ ।ମାଆଁର୍ ପନତ୍ ତାକେ ଏତ୍'କ ଗହକ ଦେଇଥିଲ୍ ଯେ ସେ କେଭେଁ ବୁଆର୍ ଚେହେର୍ କେ ନ ହେତାଇ କ ଜିବନ୍'ଥି କେହେନ୍'ସି ଦରବ୍'ର କମି ତାର୍ ନ ରହି ।ତାର୍ ମାଆଁ ପରର୍ ଘରେ ଭୁତିକରି ଚଏତୁର୍ ସବୁ ସପନ୍'କେ ପୁର୍ କରିଛେ ଆରୁ ନଜେ ଭୁକ୍'ଉପାସେ ରହି ତାକେ ପେଟ୍'ପୁର୍ ଖୁଆଇଛେ । ଚଏତୁକେ ପାଠ୍ ପଢାଇ ଅଏନ୍ ମୁନୁସ୍'ଟେ ଗଢ୍'ବାକେ ତାର୍ ମାଆଁ କେତ୍'ନ ସପନ୍ ସଜାଇଛେ ।ନଜେ ଚର୍'ହା ପିଁଧନ୍'ଉଢନ୍ କରି ପୁଅକେ ଯତନେ ସଜାଇ ରଖିଥାଆନ୍ ଆରୁ ତାର୍ ଦିହ୍ ନସ୍'ଲେ ଦିନ୍'ର୍ତ୍ ସେବାକରି ମାହାପୁରୁକେ କେତ୍'ନ ଗୁହାରୀ କରୁଥେଲ୍ ।

ଚଏତୁ ଯେତ୍'କ ସରଲ୍ ହେତ୍'କ କର୍'ମଠ୍ ପିଲ୍ ଆଏ । ହେତିର୍ ଲ୍ଗି ସେ ତାର୍ ପଢାକେ ନଜର୍ ଆଏତେ ରଖି ସବୁ ବଛର୍ ବର୍କସ୍ ନଁବର୍ ରଖି ପାସ୍ କରୁଥେଲ୍ ।କଲେଜ୍ ପାଠ୍ ପଢା ଉତାରୁ ଗୃକରି ଗୁଟେ ପାଏଲ୍ । ଗୃକରି ପାଏବାର୍ ଜାନ କରି ଚଏତୁର୍ ମାଆଁ ଗୁର୍ଦୁଟେ ଗହକ ହେଲ୍ ଆରୁ ମାହାପୁରୁକେ କୁଟିଏ ମୁଡିଆ ମାଏଲ୍ । ମୋର୍ ପନତ୍'ର ମୁଲ ରଖ୍'ଲୁ କହି ଚଏତୁକେ ମନର୍ କଥା କହେଲ୍ । ଚଏତୁର୍ ମାଆଁ କହେଲ୍, ବାପରେ ତୁଇ ସହର୍' ଘର୍'ଗୁଟେ ଭଡା ନେଇକରି ରହି ପକାବୁ । ସବୁ ଦିନ୍ ଗାଡିମଟର୍'ଥି କେତେଁ ଯିବାଆଏବା କର୍'ବୁ । ହେନ୍'ତି ତ ଆମର୍ ଗାଆଁଠାନୁ ସହର୍'କେ ବନେ ବାଟ୍ ହେଉଛେଁ । ମାଆଁ

କଥାନେ ଚଏତୁ ରାଜି ନ ହେଇ ଉଲ୍'ଟିଆ କହେଲା, ମାଆଁଗୋ ମୁଇଁ ସହରରେ ଏକ୍' ରହେଁ ଯଦିର୍ ମାଆଁପୁଅ ଦୁହେଁ ରହେମା ବଏଲେ ଘର୍ ଠିକ୍ କର୍'ବି ।

ଚଏତୁର୍ ମାଆଁ କହେଲା,ନାଇଁରେ ବାପ ଇ ବଏସେ ମୁଇଁ ଆରୁ କେଁ ସହର୍'କେ ଯିମି ଇ ଗାଆଁର୍ ମାଏଟ୍ ପବନ୍'ଥି ମୋର୍ ଜିବନ୍ ବିତାଇ ଦେବି ।ଚଏତୁ ତହେଁରୁ କହେଲା, ତୁଇ ଯେନ୍'ନେ ରହେବୁ ମୁଇଁ ତୋର୍ ପନତ୍ ଢାଁପି ହେଇ ରହିଯିମି ମୋତେ ଆରୁ ସେ ସହର୍ କଥା କେଭେଁ ନ କହେବୁ । ତାର୍ ମାଆଁ କହେଲା, ତୋର୍ ଇଛା ତତେ ଯେନ୍'ଟା ଅଏନ୍ ଲାଗୁଛେ ତୁଇ ସେଟା କରିପକା । ତେହେଁରୁ ଚଏତୁ ଗାଆଁ ଘରେ ରହି ସହର୍'ର ଗ୍ରୁକରିଠାନ୍'କେ ଯିବାଆଏବା କଲା ।

କଛି ବଛର୍ ନଉକରି କଲା ଉତାରୁ ସେ ଦର୍'କାର୍ ଥିବାର୍ ଦରବ୍ ଯେତେଁ ସାଉଁଟି ପକାଲା। ଇହାଦେ ସେ ନଜର୍ ଫଟ୍'ଫଟିଥି ସହରକେ ଯାଉଛେ ।ଗାଆଁଥି ପକାଘର୍ ଦି ବଖର୍ ବନାଇ ହଁସିଖୁସିଥି ମାଆଁପୁଅ ରହେଲେ । ଚଉତୁର୍ ବିହା ହେବାର୍ ସମିଆ ହେଲାକେ ତାର୍ ମାଆଁ କୁହାବୁଲା କରି ବିହା କରିଦେଲା । ଚଏତୁ ଆରୁ ତାର୍ ମାହେଜି କଲ୍'କଲି ମାଆଁକେ ହର୍ମିଷା ଧିଆନ୍ ହେଉଥାଆନ୍ । ଖିଆପିଆ, ମାଖନ୍'ଘସନ୍ ସବୁଥିରେ କଲ୍'କଲି ନଜର୍ ମାଆଁ ଲେଖେନ୍ କରୁଥାଏ। ବିହା ବଛରେ ପୁର୍'ଲା ଉତାରୁ ଚଏତୁର୍ ମାଏଝି କଲ୍'କଲି ଚଏତୁକେ ଶିଖାଇ ମତାଇ ଭିନେ ହେବାକେ କହେଲା । ଚଏତୁ କଲ୍'କଲିର୍ କଥାକେ ଧିଆନ୍ ନ ଦେଇ ତାର୍ କବାର୍ କରୁଥାଏ । ଚଏତୁ ଗଲା ଉତାରୁ ତାର୍ ମାଆଁ ସାଁଗେ ଚୁଛା କଥାରେ କଲ୍'କଲି କଲି କରି ବସ୍'ଲା । ଖାଇବା ପିଇବାକେ ନ ଦେଇ ବଡା ଗୁଲ୍'ଗୁଲା କରି ବସେଲା । ଚଏତୁର୍ ମାଆଁ ଚୁପ୍'ଚାପ୍ ସବୁ ସହି ଯାଇକରି ଆଖିର୍ ପାନକେ ଆଖିଥୁଁ ମାରି ଦିଏ । ବହୋଟା ଆଏଜ୍ ନହେଲେ ବି କାଏଲ୍ ବୁଝ୍'ବା ବଲି ମନ୍'କେ ବୁଝାସି ଆରୁ ପୁଅକେ ଇ ବାବଦେ କଛି ନ କହେ ।ଚଏତୁ ଇ ସବୁକେ ଜାନକରି ବଢେଟେ ଗୁଲ୍'ଗୁଲା ହେଲା ଆରୁ ଶେସେଁ ମାଏଝିକେ ଧରି ସହରେ ଯାଏକରି ରହେଲା ।

ଇଆଡେ ଚଏତୁର୍ ମାଆଁ ପୁ ବୋହକେ ହେତାଇ କରି ଦିନ୍'କେ ଅଛ୍'ରେ ଲେଖେନ୍ କଁଦାବବା କରି କଲାକାଠ୍ ପଡିଗଲାନ ।ଚଏତୁ ସହରେ କାମ୍'ବୁତା କରି କୁଟୁମ୍ ଚଲାଲା । ତାର୍ ମାଏଝି ଗହକନେ ରହେଲା । ମାଆଁଟା ଗୁଲ୍'ଗୁଲା ହେଇ ଦିନ୍ ବିତାଲା ।

କଛି ମାସ୍ ଉତାରୁ ଚଏତୁର୍ ଦିହ୍ ବିଗ୍‌ଡଲାକେ ହସ୍'ପିଟାଲ୍'ଥି ଭର୍ତ୍ତି ହେବାକେ ପଡ୍'ଲା । ଛଁଚ ରଖିଥିଲା ସବୁ ପଏସା ସଏଲା ଉତାରୁ ବି ସେ ଠିକ୍ ନ ହେଲା । ଇ କଥାକେ ଦେଖିକରି କଲ୍'କଲି ଆଏଉପେ ନ ପାଇକରି ଚଏତୁକେ ଏକଲା ଛାଡିକରି ତାର୍ ମାଆଁ ଘର୍'କେ ପଲାଲା । ସେ ଭବ୍'ଲା ଚଏତୁ ଆରୁ ଭଲ୍ ନ ହିଏ କ ରୁଜ୍'ଗାର୍ କରି କୁଟୁମ୍ ପୁସି ନ ପାରେ ଇନୋ ରହିକରି ଆରୁ କେଁ ଲାଭ୍ ।

ଚଏତୁର୍ ଦିହ୍ ନଶା ଖବର୍ ପାଏକରି ତାର୍ ମାଆଁ ପୁ କେ ଦେଖ୍'ବାର୍ ଲାଗି ହସ୍'ପିଟାଲ୍'କେ ଆଏଲା ଆରୁ ଚଏତୁର୍ ହାଲତ୍ ଦେଖିକରି ଅଛ୍'ରେ କାଁଦି ତୁ ପଡ୍'ଲା । ଚଏତୁ ବି ତାର୍ ମାଆଁକେ ଦେଖିକରି ଛୁଆଁ ଲେଖେନ୍ ଘଡେ କାଁଦଲା । ତେହେଁରୁ ଚଏତୁର୍ ମାଆଁ କହେଲା ମୁଇଁ ଜିଁ ଥିବାର୍ ତକ୍ ତୋର୍ କଛି ନ ହିଏରେ ପୋ...ମୁଇଁ ଆଏଲି ନ ତୁଇ ଆରୁ କଛି ନ ଭବ । ସବୁ ଠିକ୍ ହେଇଯିବା ତୁଇ ଦେଖୁଥା । ସତ୍'କୁସତ୍ ଦିନାଦୁ ତାର୍ ମାଆଁ ଯତ୍'ନାଲା ଉତାରୁ ଚଏତୁ ବନେ ହେଇଗଲା । ତହେଁରୁ ତାର୍ ମାଆଁକେ କହେଲା ମାଆଁ ଗୋ ଚାଲ୍ ଆମେ ଫେର୍ ଗାଆଁକେ ଫିରିଯିମା । ତୋର୍ ପନତ୍ ଛଏର୍ ତଲେ ମୋର୍ ଜିବନ୍'କେ ଉଲେଁଦୁଲେଁ ବିତାଇଦେମି । ମାଆଁର୍ ସାହାର୍ ଥିଲେ କେହେନ୍'ସି ବି ଦୁଖ୍ ପାସ୍'କେ ନ ଆସିପାରେ । ମାଆଁପୋ ଖୁସିଖୁସିନେ ସହରୁଁ ଗାଆଁକେ ଫିରିଗଲେ ।

ବୁରୁବୁଡା ବୀରମହାରାଜପୁର ସୁବର୍ଣ୍ଣପୁର

# ଆମର ହକଁ



ଏମ୍. ବିଜୟ କୁମାର

ଆମର ହକଁ ଛଡାଇ ଆନମା
ମାଗଲେ କିଁଏ ହେନତେଇ
ନାଇ ଦେଇ ଦିଏ
ହରଲ୍ ଅଧିକାରକେ
କଏ ମାହାଲିଆ ନାଇ ଫିର୍‌ଏ
ଖୁଟ ବଗ ଲେଖେଁ ଜୁଗି
ମଗନହା ଜେ ଭିକ ମାଗମା
ହକ ନୁହେଁସେ ଭିକ କାହାର
ଦଜାଥୁ ନାଇ ମିଲେ
ଭିକ ନୁହେଁସେ
ଆମର ପେଟର ଭୋକ
ଲଢି ଭିଢି ଛଡାଇ ଆନଲେ
ଆମର ହଁକ ପାଏମା
ହକ ରକତ ଇଜତ ମହତ
ସ୍ୱାଭିମାନ ମାନ ସନମାନ
ଆଏ ସବୁ କଛି
ସତ ସିଖଖାନେ ଗତି-ମୁକତି
ନୂଆ ଦିସା ପାରମୁ ରଚ
କେତେ ଦିନ ଆର ଚୁପ ରହେମା
ଛଡାଲ୍ ହଁକ ଛଡେଇ ଆନମା
ଖାଏଲ୍ ଭତେ ଧୁଇଲ ଝିଟା
ଆହାଲେ୍‌ତ ନାଇ ଆଖିର କୁଟା
ଉପରେ ର୍‌ମ ର୍‌ମ ପେଟେ ପାପ

ଭଲଲୋ୍କ ବିଲେଇ ତମେ କାଲସାପ
ଉଡି ଆଏଲ୍ କୁଆ
ଆମକେ ସାସାନ କରବା
ବାଘକେ ଟୁପା ଢାପି
ବିଲେଇ କାଁ ରଜା ହେବ
ଭିନ ଭିନ ହେଇ ଅଲଗେ
ଅଲଗେ ଏକଲ୍ ମରୁଛୁ
ମରନ ଦସାକେ ଜାନସୁନ
ଉପଭୋ୍ଗ କରୁଛୁ
ଆଦିବାସୀ ମରୁଛେ
ଜଗଲ ଜମିନ ପାଏନେ
ଦଲିତ ମରୁଛେ
ଘୁରନା ଭେଦ ଜେନେ
ଧରମ ବଦଲେଇ କଏ ମରୁଛେ
ଦଗାଁ ହନା କଟାନେ
ପଛୁଆ ମରୁଛେ
ପଛୁଆଲ ହେଇ ହେଲୁଆନେ
ଇ ମାଏଟର୍ କଟା
ଲୋ୍କ ଆମେ ସଭୁ
ଗୁମନା ହେଲେ ଭଗଭଗଥି ମରବୁ
ଜାଏଲକେ ଛାଡ ସମଜଥି ଜୁଡ
ସଭ ବନ୍ଧନକେଛିଡରେ ଛିଡ
ସାମାଜିକ-ଅର୍ଥନୈତିକ
ମୁକତି ପାଏମା
ଆମର ହକ
ଛଡାଇ ଆନମା

ରେମନଁଡା, ସଇଁନ୍ତଲ୍, ବଲ୍ଙ୍ଗୀର

# ଶିଶୁ ବିଭାଗ



# ଖଜୁରୀ ଗଛର କ ଗୁଣ ଗାଇବି



ଡ଼ଃ ରଞ୍ଜିତ କୁମାର ସାହୁ

"ଖଜୁରୀ ଗଛର କ ଗୁଣ ଗାଇବି, ମୂଳରୁ ପାହାଚ ପାହାଚ; ଏ ନଦିଆ କେବେ ମଧ୍ୟ ସୁଧୁରିବ ନାହିଁ, " ବାଡି ଆଡୁ ଶୁଭିଲା ଆଇଙ୍କର ନିତିଦିନିଆ ଚଡି ଚଡି ହେବାର ଶବ୍ଦ । ଆଇର ସବୁଦିନର ଗଞ୍ଜଣା ଦେହ ସୁହା ହେଇଗଲାଣି ନଦିଆର । ନଦିଆ ଗାଈ ଗୁହାଳରେ କାମ କରେ । ଆଜି ଗୁହାଳ ଛପର କଲା ବେଳେ କଛିଟା ଖଜୁରୀ ବାହୁଙ୍ଗା କୁ ଅଡୁଆରେ ରଖିକ ଭୁଲି ଯାଇଛି ଯାହା ଦେଖିକ ଆଇ ଚଡି ଯାଇଛନ୍ତି । ଗାଁଆ ସାରା ଏବେ ବିଭିନ୍ନ ଉନ୍ନତ ପ୍ରଜାତିର ଗାଈ ସବୁ ପାଳନ କରା ଗଲାଣି, କିନ୍ତୁ ଆଇର ଜିଦ୍ଦି ଯୋଗୁଁ ଘରେ ଏବେବି ଦେଶୀ ଗାଈ ଦିଟା ଅଛନ୍ତି । ସେହି ଦୁଇଟା ଦେଶୀ ଗାଈଙ୍କୁ କେବଳ ନଦିଆ ସମ୍ଭାଳ ପାରେ । ତେଣୁ ବାଧ୍ୟତାମୂଳକ ତାକୁ କାମରେ ଲଗେଇବାକୁ ହୁଏ ଆଇଙ୍କୁ । ଆଇ ସକାଳ ସଞ୍ଜ ହେଲେ ନଦିଆକୁ ନିଜର ସେ ଢଙ୍ଗ ଭରା ଶୈଳୀରେ ଦି ଚାରି ପଦ ନିଶ୍ଚୟ ଶୁଣାନ୍ତି ।

ଖଜୁରୀ ପଦ ଶୁଣିକ ମଣ୍ଟୁର ମନେ ପଡିଗଲା ଗାଆଁର ପୋଖରୀ ହିଡରେ ଥିବା ଖଜୁରୀ କୋଳ ଗଛ କଥା । ବାପା ବଜାରରୁ ଆଣୁଥିବା ଖଜରା ଭଳି ନୁହେଁ ତାହାର ଫଳ । ବହୁତ ଥର ବାପାଙ୍କୁ ପଚାରିଛି ମଣ୍ଟୁ ଖଜୁରୀ ଗଛରେ କାହିଁକି ବଜାରରେ ମିଳୁଥିବା ଖଜରା ହୁଏ ନାହିଁ କିନ୍ତୁ ବାପା ସଠିକ ଉତ୍ତର ଦେଇ ପାରି ନାହାନ୍ତି ? କେବଳ କହିଛନ୍ତି, "ଖଜରା ପ୍ରତି କାହାର ଏଲର୍ଜି ହୁଏ ନାହିଁ । ଏହାକୁ ବିଭିନ୍ନ ମିଠେଇ ଏବଂ ବ୍ୟଞ୍ଜନରେ ବ୍ୟବହାର କରା ଯାଏ ଏବଂ ଏମିତିରେ ମଧ୍ୟ ଖିଆ ଯାଏ । ଶୁଣିବାକୁ ଅଜବ ଲାଗେ କିନ୍ତୁ ପୃଥିବୀରେ ଯେତିକି ଚାଷ ଜମି ଅଛି ସେଥିରୁ ପ୍ରାୟ **3** ଶତକଡ଼ା ଜମିରେ ଖଜୁରୀ ଉତ୍ପାଦନ ହୁଏ । ଏଥିରେ ପ୍ରଚୁର ଶର୍କରା ସହିତ ବିଭିନ୍ନ ଧାତବ ଯେମିତିକି ପୋଟାସିୟମ, ମ୍ୟାଗନେସିୟମ, କାଲସିଅମ ଥାଏ ଏବଂ ବହୁତ କମ ପରିମାଣରେ ସୋଡିୟମ ଥାଏ ଯାହା

ଉପକାରୀ । ଏଥିରେ ତନ୍ତୁ ମଧ୍ୟ ଥାଏ ଯାହା ପାଚନରେ ସହାୟକ ହୁଏ ଏବଂ ପୃଷ୍ଟିସାର ମଧ୍ୟ ଥାଏ । ଏହା ମିଠା ଲାଗିଲେ ମଧ୍ୟ ମଧୁମେହ ରୋଗୀଙ୍କ ପାଇଁ ଉପକାରୀ । ଖଜୁରୀ ଗଛଟି ଆମକୁ କହାତି ସାଧାରଣ ଲାଗିଲେ ମଧ୍ୟ ଏହା ଉଷ୍ଣ ମରୁଭୂମି ଅଞ୍ଚଳର ଲୋକପ୍ରିୟ ଗଛ କାରଣ ଏହି ଗଛଟି ହିଁ ସେଠି ତିଷ୍ଠି ପାରେ ଏବଂ ଏହାର ଫଳ ସେଠାର ଜୀବନର ଆଧାର ସାଜେ ।"

ମଣ୍ଟୁ ବାପାଙ୍କୁ ପଚାରି ଥିଲା, "ଯଦି ସେହି ଖଜୁର ଏଠି ହେଉନାହିଁ ତାହା ହେଲେ ଆମେ ଖଜୁରୀ କୋଳ ଗଛ କାହିଁକି ଲଗାଯାଉଛେ? ଏହି କୋଳ ତ ଛୋଟ ଛୋଟ ଆଉ ବହୁତ ଉପରେ ମଧ୍ୟ, ଖାଇବାକୁ ସୁଆଦିଆ ହେଲେ କଣ ହେବ?" ବାପା କଜର କାମରେ ବ୍ୟସ୍ତ ଥିବାରୁ ଆଉ ଆଲୋଚନା କଲେ ନାହିଁ ।

କଛି ଭାବିକ ଚାଲିଗଲା ମଣ୍ଟୁ ଗାଆଁର ପୋଖରୀ ଆଡକୁ । ବେଳ ବୁଡି ଆସୁଥାଏ, କେହି କୁଆଡେ ଦେଖା ଯାଉ ନଥିଲେ । ପୋଖରୀ କୂଳରେ ଖଜୁରୀ ଗଛ ପାଖକୁ ଯାଉ ଯାଉ ମଣ୍ଟୁ ଆଖିରେ ପଡିଗଲା ଖଜୁରୀ ବାହୁଙ୍ଗାରେ ଅନେକ ବାଇ ଚଢେଇ ବସା ସବୁ ଝୁଲୁଥିଲା ଆଉ ସେଥରେ ସୁନ୍ଦର ବାଇ ଚଢେଇ ସବୁ କଚରି ମିଚରି ହେବାକୁ ଲାଗିଥିଲେ । ମନ୍ତ୍ରମୁଗ୍ଧ ହୋଇ ଚାହିଁ ରହିଲା ମଣ୍ଟୁ। ସେତିକ ବେଳେ ପାଖ ବିଲରୁ ଦନେଇ ଆସିଲା ପୋଖରୀରେ ମୁଁହ ହାତ ଧୋଇବାକୁ । ମଣ୍ଟୁକୁ ଦେଖିକ ପଚାରିଲା, "ମଣ୍ଟୁ ବାବୁ କଣ ଦେଖୁଛନ୍ତି?"

ମଣ୍ଟୁ ଉତ୍ତର ଦେଲା," ଦେଖୁଛି କେମିତି ଏହି ଗଛରେ ସବୁ ବାହୁଙ୍ଗା ଅଛି କନ୍ତୁ ଅନ୍ୟ ଗଛରେ ନାହିଁ । ଅନ୍ୟ ଗଛ ଏତେ ଘଞ୍ଚ ହେଇନ କାହିଁକ?"

ଦନେଇ ଉତ୍ତର ଦେଲା, "ଏହି ଖଜୁରୀ ଗଛ ବହୁତ ପୁରୁଣା । ଏଥିରେ ବାଇ ଚଢେଇ ବସା ଥିବାରୁ ଏହାର ବାହୁଙ୍ଗା କେହି ଭାଙ୍ଗନ୍ତି ନାହିଁ ଏବଂ ଅନ୍ୟ ଗଛର ବାହୁଙ୍ଗା ସବୁ ବାହାର କରି ନଅନ୍ତି?"

"କଣ ପାଇଁ?" ମଣ୍ଟୁ ପଚାରିଲା ।

"ଏହାର ପତ୍ରରୁ ଝୁଡି ତିଆରି ହୁଏ, ବିଭିନ ପ୍ରକାର ବସ୍ତୁ ତିଆରି ହୁଏ ଏବଂ ଝାଡୁ ମଧ୍ଯ ତିଆରି ହୁଏ?"

ଆଛା, ଆଉ କଣ କଣ ସବୁ ହୁଏ?" ମଣ୍ଟୁ ପଚରିଲା I

"ମୁଁ ଏତେ କଥା ଜାଣିନ  କନ୍ତୁ ଆମ ଗାଆଁ ବଇଦ ଥରେ କହୁଥିଲେ ଗଛର ବିଭିନ୍ନ ଅଙ୍ଗରୁ ସେ ଔଷଧ ତିଆରି କରନ୍ତି I ମୋର ଏତେ ଜାଣିବାର  ନାହିଁ ମଧ୍ଯ I ମୁଁ ତ ଏଥିରେ ଖୁସି ଏହି ଖଜୁରୀ ଗଛ ଅଛି,  ସବୁ ବାଇ ଚଢେଇ ରହୁଛନ୍ତି I ଏହାର ଫଳ ଖାଇବାକୁ ବହୁତ ଚଢେଇ ଆସନ୍ତି ମଧ୍ଯ ଆଉ ଛେଳ ସବୁ ମଧ୍ଯ ବେଳେ ବେଳେ ଖାଆନ୍ତି I ତେଣୁ ଏହି ଗଛ ଥିବା ଯୋଗୁଁ ଆମ ପରିବେଶ ମନୋରମ  ହେଇଛି, ଆଉ ମୁଁ ସେଥିରେ ଖୁସି I  ବେଳେ ବେଳେ ଏହାର ରସରୁ ଗୁଡ ତିଆରି  ହୁଏ ଯାହା ମୋତେ ଭଲ ଲାଗେ, "ଦନେଇ କହିକ ଗ୍ଲାଲି ଗଲା I

ମଣ୍ଟୁ ମନକୁ ମନ ଭାବିବାକୁ ଲାଗିଲା, "ସତରେ ଖଜୁରୀ ଗଛଟି କେବଳ ମଣିଷର ନୁହେଁ ଅନ୍ୟ ଜୀବ ମାନଙ୍କର ଉପକାର ମଧ୍ଯ କରୁଛି, ମୂଳରୁ ପାହାଚ ପାହାଚ ହେଲେ କଣ ହେଲା!"

୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ଗ୍ଲାରଲୋଟସଭିଲେ, ଭିର୍ଜିନଆ, ଯୁକ୍ତରାଷ୍ଟ୍ର ଆମେରିକା

# ବିଲୁଆର ବାହାଘର




ପ୍ରକାଶ କୁମାର ଗୁନ୍ଦ

ବିଲୁଆନନାର ବାହାଘର ଆଜି
ଗୀତ ଗାଉଅଛି ଛେଳ
ବରଯାତ୍ରୀ ସବୁ ଯିବା ପାଇଁ ପଶ୍ୱ
ଏକାଠି ହେଲେଣି ମେଳ ।।
ଯୋଡି ମହୁରୀରେ ବଣ ମୁଲକଟା
ଗହଳ ଚହଳ ଶୁଭେ
ମୁରବି ପଣରେ ବାଘ ଭାଲୁ ହାତୀ
ଗ୍ଭଲୁଛନ୍ତି ଆଗେ ଆଗେ ।।
ଶଙ୍ଖ ଫୁଙ୍କୁଅଛି ଶାଳଆପାତିନୀ
ହୁଳହୁଳ ଦିଏ ବେଙ୍ଗ
ବାଣ ଫୁଟାନ୍ତିରେ କଇଁଛ ଠେକୁଆ
କାନେ ହାତ ଦିଏ ଚେଙ୍ଗ ।।
ପାଲିଙ୍କିରେ ଚଢି ବିଲୁଆ ନନାଟି
ହସୁଅଛି କରି କରି
ଗୀତ ତାଳେ ତାଳେ ଶୁଆ ଶାରୀ ବଣି
ନାଚୁଛନ୍ତି ମନ ଭରି ।।

ବାହାବେଦୀ ଆଡେ ହୋଇଅଛି ସଜ
ପୁରୋହିତ ହନୁ ଅଜା
ରୋଷେଇ ଶାଳରୁ ବାସେନା ହଉଛି
ରୋହି ଭକୁରର ଭଜା ।।
ବର ଆସିଗଲ୍ ବନ୍ଦାପନା ହେବ
କୋଇଲି ଧରିଛି ଥାଳ
ଖୋଜା ପଡିଲ୍‌ଣି କୁଆଡ଼େ ଗଲ୍ ସେ
ବିଲୁଆ ନନାର ଶାଳୀ. ।।
ଭୋଜିଭାତ ସବୁ ଖାଇ ମଉଜରେ
କରନ୍ତି ସଭିଏଁ ମଜା
ବର କନଆଁକୁ ଆଶିଷ ଦେବାକୁ
ଆସିଛନ୍ତି ସିଂହ ରଜା ।।

ଜୟପୁର ଶାସନ ପିପିଲି ପୁରୀ



# କୁନୀର ବିଚିତ୍ର ପ୍ରଶ୍ନ ଓ ସୌରଭବାବୁଙ୍କ ସରଳ ଉତ୍ତର



ଶକୁନ୍ତଳା ପରିଡ଼ା

ପଲ୍ଲୀ ନାମକ ଗୋଟିଏ ଛୋଟିଆ ଗାଁ, ଆଉ ସେ ଛୋଟିଆ ଗାଁରେ ଗୋଟିଏ ସୁନ୍ଦର, ସୁଶୀଳ ଓଛୋଟିଆ ପରିବାର ହେଉଛି ସୌରଭବାବୁଙ୍କର। ପରିବାର କହିଲେ ସୌରଭବାବୁ ଆଉ ତାଙ୍କ ପତ୍ନୀ ପଦ୍ମାବତୀ ଆଉ ତାଙ୍କର ଗୋଟିଏ ମାତ୍ର ଗେହ୍ଲୀ ଝିଅ କୁନୀ।

କୁନୀ ରୂପରେ ଯେମିତି ଗୁଣରେ ସେମିତି ଆଉ ପ୍ରଚଣ୍ଡ ବୁଦ୍ଧି ତାର, ବୟସରେ ସେ ବହୁତ ଛୋଟ ହେଲେ ବିଗ୍ଭର ଶକ୍ତି ଆଉ ସବୁକଥାକୁ ସହଜ ଆଉ ସରଳରେ ବୁଝିବାରେ ସେ ପାରଙ୍ଗମ ହେଲେ ତା ମନକୁ ଗୋଟିଏ ଅଜବ ପ୍ରଶ୍ନ ତାକୁ ବିଚଳିତ କରିଦେଇଛି ଯାହାର ଉତ୍ତର ସେ ବହୁତ ଦିନ ହବ ଖୋଜି ପାଉନି। ହଠାତ୍ ଦିନେ ଅନ୍ଧାର କୋଠରୀରେ ସେ ଏକୁଟିଆ ବସି ସେ ବିଚିତ୍ର ପ୍ରଶ୍ନର ଉତ୍ତର ଖୋଜୁଥାଏ ମୁଁ କିଏ**?**, ମୋର ଅସ୍ତିତ୍ୱ କଣ**?**, ମୁଁ ଏ ଦୁନିଆକୁ କାହିଁକି ଆସିଛି**?**। ଠିକ୍ ସେହି ସମୟରେ ସୌରଭବାବୁ ଧାଇଁ ଆସି ଲାଇଟ୍ ଅନ୍ କରି କୁନୀକୁ କହିବାକୁ ଲାଗିଲେ କଣ ଖୁଣ୍ଟଟା ପରି ବସି ଭାବୁଛୁ ଏ ଅନ୍ଧାର କୋଠରୀ ଭିତରେ, କୁନୀ କିଛି ସମୟ ନୀରବ ରହି ସୌରଭବାବୁଙ୍କୁ ପଗ୍ଭରିଲା ବାପା ଆମେ କିଏ**?**, ଆମେ ଏ ଦୁନିଆକୁ କାହିଁକି ଆସିଛେ**?**, ଆଉ ଆମର ଅସ୍ତିତ୍ୱ କଣ**?**

ସୌରଭବାବୁ ଟିକେ ହସିଦେଇ କୁନୀର ମୁଣ୍ଡକୁ ଆଉଁସି ଦେଇ କହିଲେ ତୋ ମୁଣ୍ଡକୁ ଏମିତି ପ୍ରଶ୍ନ କଉଠୁ ଆସୁଛି ହେଲେ କୁନୀ କିଛି ଶୁଣିବାକୁ ପ୍ରସ୍ତୁତ ନଥାଏ। ତା ମନ ଭିତରେ ଗ୍ଭଲିଥିବା ପ୍ରଶ୍ନକୁ ସେ ବାରମ୍ବାର ବାରମ୍ବାର ସୌରଭବାବୁଙ୍କୁ ପଗ୍ଭରୁଥାଏ ବାପା କୁହ  ଆମେ କିଏ**?**, ଆମେ ଏ ଦୁନିଆକୁ କାହିଁକି ଆସିଛେ**?**, ଆଉ ଆମର ଅସ୍ତିତ୍ୱ କଣ**?**।

ହେଲେ ସୌରଭବାବୁ କୁନୀର ପ୍ରଶ୍ନରେ ବିଚଳିତ ନ ହୋଇ ଖୁବ୍ ସୁନ୍ଦର ଆଉ ସରଳ ଭାବରେ କୁନୀକୁ ବୁଝାଇ କହିଲେ ଆମେ ହେଉଛି ଭଗବାନଙ୍କ ଅଂଶ,ଆମର ଅସ୍ତିତ୍ୱ ତାଙ୍କ ବିନା କିଛି ନୁହଁ, ଆଉ ଆମକୁ ସେ କିଛି ଭଲ କାମ କରିବା ପାଇଁ ଏ ଦୁନିଆକୁ ଆଣିଛନ୍ତି। କୁନୀ ଟିକେ ନିରବ ରହି ସୌରଭବାବୁଙ୍କୁ ପଚାରିଲା ବାପା ଏ ଭଗବାନ କିଏ?

ସୌରଭବାବୁ ଟିକେ ହସିଦେଇ କୁନୀକୁ କୋଳରେ ବସାଇ କହିଲେ ଭଗବାନ ହେଉଛନ୍ତି ସୃଷ୍ଟିକର୍ତ୍ତା ଯିଏ କି ଆମମାନଙ୍କୁ ତିଆରି କରିଛନ୍ତି ଯେମିତି ଆମେ ତତେ ତିଆରି କରିଛୁ। ସେ ହେଉଛନ୍ତି ଭଗବାନ ଯାହାଙ୍କୁ ତୋ ମାଆ ପଦ୍ମାବତୀ ସକାଳ, ସଞ୍ଜରେ ପୂଜା କରେ ଆମ ଠାକୁର ଘରେ। ହେଲେ କୁନୀ ପୁଣି ପଚାରିବାକୁ ଲାଗିଲା ବାପା ତମେ ଆଉ ମାଆ ମତେ ତିଆରି କରିଛ ହେଲେ ମୁଁ ତ ତମ ମାନଙ୍କୁ ଦେଖିପାରୁଛି ହେଲେ ଭଗବାନ ତ ଏ ଦୁନିଆଜାକର ଲୋକମାନଙ୍କୁ ତିଆରି କରିଛନ୍ତି ତାଙ୍କୁ କାହିଁ ଆମେ ଦେଖିପାରୁନୁ, କୁନୀର ଏହି ପ୍ରଶ୍ନ ସୌରଭବାବୁଙ୍କୁ ଟିକେ ଅଡୁଆରେ ପକେଇଦେଇଛି ସେ ଏବେ କୁନୀକୁ କଣ ଉତ୍ତର ଦେବେ ଜାଣିପାରୁନାହାନ୍ତି ତେଣୁ ସେ କିଛି ସମୟ ଚୁପ୍ ରହିବା ପରେ କହିବାକୁ ଲାଗିଲେ ଭଗବାନ ହେଉଛନ୍ତି ଗୋଟିଏ ଅଦୃଶ୍ୟ ଶକ୍ତି ଯାହାଙ୍କୁ ଦେଖି ହୁଏନି କିନ୍ତୁ ଅନୁଭବ କରି ହୁଏ। ଯେମିତିକି ସୂର୍ଯ୍ୟ ଯାହାଙ୍କୁ ଆମେ ଭଲକରି ଦେଖିପାରୁନା କିନ୍ତୁ ତାଙ୍କର ପ୍ରଚଣ୍ଡ କିରଣକୁ ଅନୁଭବ କରିପାରୁ।

କୁନୀ ଟିକେ ମୁଣ୍ଡ ହଲେଇ କହିଲା ଓହୋ ଏମିତିକି ଆଉ ସୌରଭବାବୁ କହିଲେ ହଁ ଏମିତି, ଏବେ କୁନୀ ତାର ସବୁ ପ୍ରଶ୍ନର ଉତ୍ତର ପାଇଗଲା ଆଉ ଖୁସିରେ ବାପାଙ୍କ କୋଳରୁ ଉଠିପଡି ସାଙ୍ଗମାନଙ୍କ ସହ ଖେଳିବାକୁ ଚାଲିଗଲା।

ଆଉ ଏହି ଥିଲା କୁନୀର ବିଚିତ୍ର ପ୍ରଶ୍ନ ଓ ସୌରଭବାବୁଙ୍କ ସରଳ ଉତ୍ତର।

ଡାହାଣୀଖିଆ (ଗାରେଇ), ନାଉଗାଁ, ଜଗତସିଂହପୁର

# ଗାଁ ଜୀବନ ଓ ପ୍ରକୃତି



ନୀଳମାଧବ ସାହୁ

ଗ୍ରୀଷ୍ମଋତୁ ନ ଆସୁଣୁ ଖରା ପ୍ରବଳ ହେଲାଣି | ପିଲାମାନଙ୍କ ସକାଳୁଆ ବିଦ୍ୟାଳୟ ଆରମ୍ଭ ହୋଇଯାଇଥାଏ | ଏହି ବର୍ଷ ଶୀଘ୍ର ଖରା ଛୁଟି ହେଇଯିବ | ଟୁନ ଖରା ଛୁଟିହେଲେ ଜେଜେ ମା' ପାଖକୁ ବୁଲି ଯିବ | ସବୁବେଳେ ସହରରେ ରହି ବିରକ୍ତ ହୋଇଗଲାଣି | "ଜେଜେ ମା', ମୁଁ ଏହି ଖରା ଛୁଟିରେ ଗାଁକୁ ଯାଉଛି", ଟୁନ ତା' ଜେଜେ ମା'କୁ ଟେଲିଫୋନ କରି କହିଲା | ଜେଜେ ମା' ବି ଖୁସିରେ ତା' ନାତୁଣୀ ପାଇଁ ବହୁତ କିଛି ପ୍ରକାରର ବ୍ୟଞ୍ଜନ ବନେଇବ ବୋଲି ଲାଗିପଡ଼ିଲା ତା' କାମରେ |

କିଛିଦିନ ପରେ ଟୁନ ଗାଁକୁ ବାହାରିପଡିଲା | ଗାଡ଼ିରେ ବସି ରାସ୍ତା କଡରେ ଥିବା ଜଙ୍ଗଲକୁ ଦେଖୁଥିଲା ଓ ଜଙ୍ଗଲ ରାସ୍ତାର ସୁନ୍ଦରତାକୁ ଅନୁଭବ କରୁଥିଲା | କିଛି ଘଣ୍ଟାର ବସଯାତ୍ରା ପରେ ସେ ଗାଁରେ ପହଂଚଗଲା | ସମୟ ବାରଟା ବାଜିଯାଇଥାଏ | ଟୁନ ଘରକୁ ପହଂଚୁ ପହଂଚୁ "କଣ ଅଛି ଖାଇବାକୁ ଦେଲୁ ଜୋର ଭୋକ ଲାଗିଲାଣି", ତା' ଜେଜେ ମା' କୁ କହିଲା| ଜେଜେ ମା' ବି ପଖାଳ, ଶାଗ ଭଜା, ଟମାଟ ପୋଡା ଓ ବଡ଼ିଚୁରା ବନେଇକି ରଖିଥିଲା | "ଶାଗ ଆଉ ପନପରିବା ସବୁ କେଉଁଠୁ ଆଣୁ ?", ଟୁନ ତା' ଜେଜେ ମା'କୁ ପଚାରିଲା | ଜେଜେ ମା' କହିଲା, "ଆମ ବାଡ଼ିରେ ଶାଗ ଓ ପରିବା ସବୁ ଅଛି | ମୋର ତ କିଛି କାମ ନାହିଁ କଣ ଆଉ କରିବି ନିଜ ପାଇଁ ଟିକେ ସବୁଜ ଓ ତାଜା ପରିବା ଫଳାଉଛି ବାଡ଼ିରେ |"



ଖାଇ ସାରିବା ପରେ ଟିକେ ସମୟ ବିଶ୍ରାମ ନେଲା ଟୁନ । ତା'ପରେ ବାହାରିପଡିଲା ବାଡିକୁ ଜେଜେ ମା'ର ପରିବା ଗଛ ଦେଖିବାକୁ । ସେଠି ସେ ଦେଖିଲା ତା' ଜେଜେ ମା' ଧନିଆ ଶାଗ, ଖସୋଡା ଶାଗ, ଭେଣ୍ଡି, ଅଳଡ଼ି, ଦେଶୀଆଳୁ, ବିଲାତି ବାଇଗଣ, ବାଇଗଣ, ଲଙ୍କା, ଅମୃତ ଭଣ୍ଡା, କଦଳୀ, ସଜନା ଓ କଖାରୁ ଇତ୍ୟାଦି ସବୁ ଲଗାଇଛି । ତା' ଜେଜେ ମା' ତାପରେ ପରିବା ବାଡ଼ରେ ପାଣି ଦେବାପାଇଁ ବାହାରିଗଲା । ତା' ସାଙ୍ଗରେ ଟୁନ ବି ବାହାରି ପଡିଲା ଓ କହିଲା, "ଆଜି ଗଛରେ ମୁଁ ପାଣି ଦେବି ।" ବାଡ଼ିରେ ପାଣି ଦେବା ସହ ଜେଜେ ମା'ଠୁ ବାଡ଼ି ବଗିଚା ଓ ପରିବା ଗଛ ବିଷୟରେ ଟୁନ ଜାଣିଲା ।

ଜେଜେ ମା' ତା' ବାଡ଼ିରେ କୌଣସି ବି କୀଟନାଶକ ରାସାୟନିକ ଔଷଧ ବ୍ୟବହାର କରୁନଥିଲା । ଘରର ଶୁଖିଲା ଫୁଲ, ପରିବାଚୋପା ଓ ଗାଈ ଗୋବରକୁ ବ୍ୟବହାର କରି ଜୈବିକ ସାର ପ୍ରସ୍ତୁତ କରୁଥିଲା । ସେଗୁଡିକୁ ହିଁ ନିଜ ବାଡ଼ିରେ ପରିବା ଗଛ ପାଇଁ ବ୍ୟବହାର କରୁଥିଲା । ଜେଜେ ମା' କହୁଥିଲା ବାଡ଼ିର ପରିବା ଦେହ ପାଇଁ ଉପଯୋଗୀ ଅଟେ ଓ ଭିଟାମିନ ବି ମିଳେ । ଏଥିରେ କେମିକାଲ ନଥାଏ ଓ ତାଜା ତାଜା ତଟକା ପନିପରିବା ଯେତେବେଳେ ଦରକାର ସେତେବେଳେ ମିଳିଯାଏ । ନହେଲେ ଆଜିକାଲିର ପନିପରିବା ବିନା ରାସାୟନିକ ପଦାର୍ଥରେ କିଏ ଦେବ । ଟୁନ ବି ଜେଜେ ମା'ର କଥାକୁ ଠିକଭାବେ ବୁଝିପାରିଲା ।




ତା' ପର୍ ଦିନ ଟୁନ ବାହାରିପଡିଲା ଗାଁ ବୁଲିବାକୁ | ଜେଜେ ମା' ସକାଳୁ ସକାଳୁ ଗାଧୋଇ ତୁଳସୀ ଗଛ ମୂଳେ ମୁଣ୍ଡିଆ ମାରୁଥାଏ | ସେହିଭଳ ଅନ୍ୟ କେତେକ ସ୍ତ୍ରୀ ଲୋକ ବି ବର ଗଛ, ଓସ୍ତ ଗଛ, ଅଁଳା ଗଛ ଓ ନମ ଗଛକୁ ପୂଜା କରୁଥିବାର ଦେଖିଲା | ଲୋକମାନେ ବିଭିନ୍ନ ପ୍ରକାରର ଔଷଧୀୟ ଗଛକୁ ବାଡ଼ିରେ ଲଗାଉଥିଲେ | ସହରର ଗାଡି ମୋଟର ଶବ୍ଦ ସହ ଦୂଷିତ ବାୟୁ ଓ ଧୂଳ ଅପେକ୍ଷା ସକାଳର ଶାନ୍ତ ବାତାବରଣ ତାକୁ ଭଲଲାଗିଲା | ଶଗଡ଼ ଗାଡିର କେଁ କଟକଟ ଶବ୍ଦ ସହ କୃଷକର କ୍ଷେତକୁ ଯିବା ଦୃଶ୍ୟ ବହୁତ ଦିନ ପରେ ଦେଖିଲା | ଗାଁ ର ଶୁଦ୍ଧ ପବନକୁ ଉପଭୋଗ କରି ପହଂଚଗଲା ଗାଁ' ମନ୍ଦିରରେ ତା'ପରେ ପାଖରେ ଥିବା ଆମ୍ବ ତୋଟାରେ | ସେଠାରେ ବିଭିନ୍ନ ପ୍ରଜାତିର ଆମ୍ବ ଦେଖିବାକୁ ପାଇଲା ଯେଉଁଗୁଡ଼ାକ କ ସହରରେ ଦେଖାଯାଏ ନାହିଁ | ସହରରେ କେବେଳ କେତେକ ପ୍ରଜାତିର ଆମ୍ବ ବିକ୍ରି ହେଉଥିଲା | ତେଣୁ ସେ ଜେଜେ ମା'କୁ ସବୁ ଆମ୍ବ ବିଷୟରେ ପଚ୍ଚରିଲା, ଜେଜେ ମା' ସବୁ ଆମ୍ବ ଓ ତାର ସଂରକ୍ଷଣ ବିଷୟରେ ବୁଝେଇଲା | ଗାଁ'ଟା ସକାଳୁ ସକାଳୁ ପୁରା ଚଳଚଂଚଳ ଲାଗୁଥିଲା, ସମସ୍ତେ ସମସ୍ତଙ୍କ କାମରେ ଲାଗିପଡ଼ିଥିଲେ | ବିଭିନ୍ନ ପ୍ରକାରର ଗଛଲତା ସାଙ୍ଗକୁ ରଙ୍ଗ ବିରଙ୍ଗ ପ୍ରଜାପତି ଓ ଚଢେଇ ଦେଖି କୁନ ବହୁତ ଖୁସି ହେଲା | ସନ୍ଧ୍ୟା ସମୟରେ ନଦୀପଠା ଓ ଖେଳ ପଡିଆରେ ପିଲାଏ ଖେଳୁଥିଲେ | ନଦୀ କୂଳରେ ସୂର୍ଯ୍ୟ ଅସ୍ତ, ମାଛ ଧରାଳୀର ଡଙ୍ଗାରେ ଗାଁ କୁ ଫେରିବା ଓ ଗାଇଗୋଠର ହମ୍ବାରଡି ଇତ୍ୟାଦି ସବୁକୁ ଉପଭୋଗ କଲା |



ଗାଁର ପ୍ରାକୃତିକ ଦୃଶ୍ୟ, ପୋଷଣୀୟ ଗ୍ଲିଚଳଣୀ, ପ୍ରାକୃତିକ ଓ ଜଙ୍ଗଲଜାତ ପଦାର୍ଥର ସୁବିନଯୋଗ, ଗୃଷ କାମ ଓ ଲୋକମାନଙ୍କ ଅନ୍ୟ ଜୀବିକାନର୍ବାହ କାର୍ଯ୍ୟ ଯେପରିକ କୁମ୍ଭାରର ମାଟିରେ ବିଭିନ୍ନ ପଦାର୍ଥ ଗଢିବା, ତଣ୍ଟିର ଲୁଗା ବୁଣିବା, ବାଉଁଶରେ ଓ କାଠରେ ବିଭିନ୍ନ ଜିନଷ ବନାଇବା ଇତ୍ୟାଦିକୁ ଅନୁଧାନ କଲ୍ | ତାକୁ ଗାଁ'ରୁ ସହରକୁ ଯିବାକୁ ଇଛା ହେଉନଥାଏ | ଏପଟେ ଖର୍ ଛୁଟି ସରି ଆସୁଥାଏ | ଶେଷରେ ଗାଁ'ରେ ରଜ ମନାଇ ଖୁବ ଅନୁଭୂତି ସହ ସହରକୁ ବାପା ଓ ମା'ଙ୍କ ପାଖକୁ ଫେରିଲ୍ | ନଜ ଅନୁଭୂତି ବିଷୟରେ ସବୁ ସାଙ୍ଗମାନଙ୍କୁ ଜଣାଇଲ୍ | ସମସ୍ତେ ଗାଁର ପ୍ରାକୃତିକ ଦୃଶ୍ୟ ଓ ଗ୍ଲିଚଳଣୀ ବିଷୟରେ ଜାଣିବାକୁ ପାଇଲେ | ପରିବେଶ ଦୃଷ୍ଟିରୁ ସହର ଠାରୁ ଗାଁ କପରି ଭଲ ତାହା ବି ଜାଣିଲେ|

ସମରଝୋଳ, ଗଂଜାମ, ଓଡିଶା

# ସାହିଲ ଆମ ସୁନା ପିଲା



ଆଲୋକ କୁମାର ପଣ୍ଡା

ସାହିଲ ତ ସୁନା ପିଲାଟି
ଅଟେ ସଭିଙ୍କ ପ୍ରିୟ,
ପାଠରେ ଅଟଇ ପ୍ରବୀଣ
ରଖେ ସତ୍ୟରେ ଲୟ ।

କାହା ମନେ ବ୍ୟଥା ଦିଏନା
ଗୁରୁ ଭକତ ସିଏ,
ସମୟକୁ ନଷ୍ଟ କରେନା
ତା'ର ସୁଗୁଣ ଇଏ ।

ପାଠବେଳେ ପାଠ ଖେଳର
ବେଳେ ଖେଳଇ ଖେଳ,
ବହି ପ୍ରିୟ ସାଥୀ ତାହାର
ନାହିଁ କୁସଙ୍ଗ ମେଳ ।

ଦୁଃଖୀ ରୋଗୀ ଦେଖି ଖଟେଇ
ହେବା ନାହିଁ ଜାତକେ,
ପିତାମାତା ଗୁରୁଜନଙ୍କ
କଥା ଘେନେ ମସ୍ତକେ ।

ଦୟାଶୀଳ ପୁଣି ପରୋପ-
କାରୀ ଅଟେ ସାହିଲ,
ଗାନ୍ଧି ଗୋପବନ୍ଧୁ ଆଦର୍ଶେ
ସଦା ଅଛି ସେ ଭୋଳ ।

ଜାତି ଧର୍ମ ବର୍ଣ୍ଣ ଭେଦରୁ
ରହେ ସଦା ସେ ଦୂରେ,
ମହାଭାରତୀୟ ଚେତନା
ଅଛି ତା' ଟିକ ସ୍ୱରେ ।

ରାଗ ଦ୍ୱେଷ ଛନ୍ଦ କପଟ
ନାହିଁ ଜମା ତା' ପାଖେ,
କର୍ତ୍ତବ୍ୟ ପାଳନେ ନିୟମ
ବଦ୍ଧ ନଇତି ସୁଖେ ।

ସମୟର ସଦୁପଯୋଗ
କରି ଆଚରି ଧର୍ମ,
ସଭିଙ୍କୁ ଆପଣା ବିଚାରି
କରିଥାଏ ସୁକର୍ମ ।

ଠାକୁର କରନ୍ତୁ ସୁଦୟା
ଢାଳ କରୁଣାଶିଷ,
ଧରଣୀ ବକ୍ଷରେ ସାହିଲ
ରଖୁ ବିମଳ ଯଶ ।

ଶିକ୍ଷକ, କପସିପାଲି ଆଶ୍ରମ ବିଦ୍ୟାଳୟ,ବଲାଙ୍ଗୀର

# ଚିତ୍ର



ରିୟାନ୍ସ ପଣ୍ଡା



ଷ୍ଟାଣ୍ଡର୍ଡ ୧, ରବୀନ୍ଦ୍ର ଭାରତୀ ଗ୍ଲୋବାଲ ସ୍କୁଲ୍,
ବାଙ୍ଗାଲୋର

# ଅପ୍ରେଲ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୪/୨୦୨୧ | ଉତ୍କଳ ଦିବସ |
| ୦୨/୦୪/୨୦୨୧ | ଗୁଡ ଫ୍ରାଇଡେ, ପଞ୍ଚୁ ଦୋଳ |
| ୦୫/୦୪/୨୦୨୧ | ବୃହସ୍ପତି ଚଳନ |
| ୦୭/୦୪/୨୦୨୧ | ପାପମୋଚନୀ ଏକାଦଶୀ |
| ୦୯/୦୪/୨୦୨୧ | ବାରଣୀ ସ୍ନାନ |
| ୧୦/୦୪/୨୦୨୧ | ସୁହୀ ଚତୁର୍ଦ୍ଦଶୀ |
| ୧୨/୦୪/୨୦୨୧ | ମଧୁ ଅମାବାସ୍ୟା |
| ୧୩/୦୪/୨୦୨୧ | ତେଲୁଗୁ ନୂତନ ବର୍ଷ, ସୃଷ୍ଟ୍ୟାରମ୍ଭ ଦିବସ ଓ ସମ୍ବତ୍ ୨୦୨୮ ପ୍ରବେଶ |
| ୧୪/୦୪/୨୦୨୧ | ମହାବିଷୁବ ପଣା ସଂକ୍ରାନ୍ତି, ହନୁମନ ଜୟନ୍ତୀ |
| ୨୦/୦୪/୨୦୨୧ | ବାସନ୍ତୀକ ଶ୍ରୀଦୁର୍ଗାଦେବ୍ୟାଃ ମହାଷ୍ଟମୀ ପୂଜା, ଅଶୋକାଷ୍ଟମୀ ଓ ଶ୍ରୀ ଲିଙ୍ଗରାଜ ଦେବଙ୍କର ରଥଯାତ୍ରା |
| ୨୧/୦୪/୨୦୨୧ | ଶ୍ରୀ ରାମ ନବମୀ |
| ୨୨/୦୪/୨୦୨୧ | ବାସନ୍ତୀକ ଦଶହରା ଓ ସୁଦଶା ବ୍ରତ |
| ୨୫/୦୪/୨୦୨୧ | ଅନଙ୍ଗ ତ୍ରୟୋଦଶୀ |
| ୨୬/୦୪/୨୦୨୧ | ହିଙ୍ଗୁଳା ଯାତ୍ରା ଓ ପୂର୍ଣ୍ଣିମାର ଚନ୍ଦ୍ରପୂଜା |
| ୨୭/୦୪/୨୦୨୧ | ଚୈତ୍ର ପୂର୍ଣ୍ଣିମା |
| ୨୮/୦୪/୨୦୨୧ | ମଧୁବାବୁଙ୍କ ଜୟନ୍ତୀ |

# ଚନ୍ଦ କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com

## ମାର୍ଚ୍ଚ ମାସର ବିଜେତାଙ୍କ ନାମ



ସହଳ ସକାଳେ କ୍ଷେବା ବେଳେ

ଉଚ୍ଛନ୍ନ ଗୃଷୀର ଚଉ

ଘରଣୀ ଗୃଣୀ ତା ସ୍ୱାମୀ ମନଜାଣି

ବାଢିଦିଏ ବାସିଭାତ ।
ତା ସାଥେ ଶୁଖୁଆ ପୋଡା
ଗରୀବ ଦୁଃଖୀର ପୁରି ପଲଉ ସେ
ଆଉ କସ ଅବା ଲୋଡା?
ପରିବା ଧନୀଙ୍କ ପାଇଁ
ପ୍ରକାର ପ୍ରକାର ଶୁଖୁଆ ବ୍ୟଞ୍ଜନ
ଘରଣୀ ତା ଦିଏ ଥୋଇ ।

ବିଜେତା: ସୁମିତ୍ରା ପଣ୍ଡା, ଶ୍ରୀ ବିହାର, ପଟିଆ, ଭୁବନେଶ୍ୱର

ତାମ୍ପେଡ଼ା ଶୁଖୁଆ, ଇଲିସି ଶୁଖୁଆ,
ଶୁଖା ଚୁନା ମାଛ ରାଇ,
ପତର ପୋଡା କ ଝୋଳ ତରକାରୀ,
ଥପ ଥପ ଲାଳ ଯାଏ ବୋହି,
ଛାଡ଼ଖାଇ ଦିନ ବଢଇ ଗୃହିଦା,
କାର୍ତ୍ତିକ ମାସର ଅଲଣା ପାଟି,
ବାସନା ରେ ପେଟ ପୁରି ଯାଏ ଖାଲି,
ଭାତ ସରିଯାଏ ଥାଳ କୁ ଗୃଟି।

ବିଜେତା: ମୀନାକ୍ଷି ପାଢୀ, ଥାନେ, ମହାରାଷ୍ଟ୍ର

ଶୁଖୁଆ ତୁ ଭାରି ବଢିଆ
ପଖାଳ ସାଙ୍ଗେ ତୁ ସୁଆଦିଆ
ମାସ ମଧ୍ୟେ ଶ୍ରେଷ୍ଠ ମାର୍ଗଶୀର
ତହିଁରେ ପଡେ ତୋ ପୂଜା
କାଞ୍ଜୀ ଅଁଳାରେ ତୁ
ହେଉ ଷଠି ଦେବୀ ।

କୀର୍ତ୍ତି ଦେବୀ, ସିଭିଲ୍ ଟାଉନ୍ ସିପ୍, ରାଉରକେଲା

ନୀଳ ଜଳରାଶି ସାଗର ମଧ୍ୟରେ
ବିଚରଣ କରୁଥାନ୍ତି ନିରନ୍ତର
ମତ୍ସ୍ୟଜୀବିମାନେ ବନ୍ଦିକରି ଜାଲେ
ସପନ ଭାଙ୍ଗନ୍ତି କରି ଚୁରମାର
ଶୁଷ୍କକରି ତାଙ୍କୁ ଅଖାରେ ପୁରାଇ
ରପ୍ତାନୀ କରନ୍ତି ହାଟବଜାର
ଖାଉଟି କଣନ୍ତି ମହା ଆନନ୍ଦରେ
ଦେଶବିଦେଶ ସବୁଠି ଯାଙ୍କ ଆଦର ।

ବାଙ୍କାବିହାରି ମହାକୁର, ବୁରୁବୁଡା ବୀରମହାରାଜପୁର ସୁବର୍ଣ୍ଣପୁର

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – vedantimagazine@gmail.com

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତି ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁ www.vedantimagazine.com visit କରନ୍ତୁ ।

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**